# ଓଡ଼ିଶା
# ଭାରତ ଇତିହାସ

ନୂତନ ସିଲେବସ୍ ଅନୁସାରେ ଲିଖିତ

ତରୁଣ

# ଭାରତ ଇତିହାସ

( ଅଷ୍ଟମ ଓ ନବମ ଶ୍ରେଣୀ ନିମନ୍ତେ )

# HISTORY OF INDIA

FOR

**CLASSES VIII & IX**

ସଂଶୋଧିତ ସଂସ୍କରଣ

**1940**

[illegible] [illegible]

# ସୂଚିପତ୍ର

## ପ୍ରଥମ ଭାଗ


| ବିଷୟ | ପୃଷ୍ଠାଙ୍କ |
|---|---|
| ପ୍ରଥମ ଅଧ୍ୟାୟ—ଭାରତବର୍ଷର [illegible] | ୧ |
| ଦ୍ୱିତୀୟ ଅଧ୍ୟାୟ—ଭାରତର ଆଦିମ ଅଧିବାସୀ | ୧୧ |
| ତୃତୀୟ ଅଧ୍ୟାୟ—ଆର୍ଯ୍ୟଜାତି | ୧୭ |
| ଚତୁର୍ଥ ଅଧ୍ୟାୟ—ରାମାୟଣ ଓ ମହାଭାରତ | ୨୮ |
| ପଞ୍ଚମ ଅଧ୍ୟାୟ—ଜୈନଧର୍ମ ଓ ବୌଦ୍ଧଧର୍ମ | ୩୨ |
| ଷଷ୍ଠ ଅଧ୍ୟାୟ—ପ୍ରାଚୀନ ଭାରତର ଅବସ୍ଥା | ୪୨ |
| ସପ୍ତମ ଅଧ୍ୟାୟ—ମୌର୍ଯ୍ୟ ସାମ୍ରାଜ୍ୟ | ୫୨ |
| ଅଷ୍ଟମ ଅଧ୍ୟାୟ—ମୌର୍ଯ୍ୟ ସାମ୍ରାଜ୍ୟର ପତନ ପରେ ଭାରତର ଅବସ୍ଥା | ୬୩ |
| ନବମ ଅଧ୍ୟାୟ—କୁଶାଣ ସାମ୍ରାଜ୍ୟ | ୬୯ |
| ଦଶମ ଅଧ୍ୟାୟ—ଗୁପ୍ତସାମ୍ରାଜ୍ୟ | ୭୨ |
| ଏକାଦଶ ଅଧ୍ୟାୟ—ହର୍ଷବର୍ଦ୍ଧନ | ୭୮ |
| ଦ୍ୱାଦଶ ଅଧ୍ୟାୟ—ହର୍ଷଙ୍କ ପରେ ଉତ୍ତର ଓ ଦକ୍ଷିଣ ଭାରତର ଅବସ୍ଥା | ୮୪ |
| ତ୍ରୟୋଦଶ ଅଧ୍ୟାୟ—ହିନ୍ଦୁଯୁଗର ସମାଜ, ଧର୍ମ ଓ ସଭ୍ୟତା | ୯୬ |
| ଚତୁର୍ଦ୍ଦଶ ଅଧ୍ୟାୟ—ଭାରତରେ ଇସଲାମ ଧର୍ମର ପ୍ରଚାର | ୧୦୩ |
| ପଞ୍ଚଦଶ ଅଧ୍ୟାୟ—ଭାରତରେ ମୁସଲମାନ ( ତୁର୍କୀ-ଅଫଗାନ ) | ୧୧୫ |
| ଷୋଡ଼ଶ ଅଧ୍ୟାୟ—ମୋଗଲ ରାଜ୍ୟ ସମୟର ଭାରତର ରାଜନୈତିକ ଅବସ୍ଥା | ୧୩୩ |
| ସପ୍ତଦଶ ଅଧ୍ୟାୟ—ମୋଗଲ ସାମ୍ରାଜ୍ୟ ପ୍ରତିଷ୍ଠା | ୧୪୪ |


KEDAR PRASAD

| ବିଷୟ | ପୃଷ୍ଠାଙ୍କ |
|---|---|
| ଅଷ୍ଟାଦଶ ଅଧ୍ୟାୟ—ମୋଗଲ ସାମ୍ରାଜ୍ୟର ପୁନଃ ପ୍ରତିଷ୍ଠା | ୧୫୩ |
| ଉନବିଂଶ ଅଧ୍ୟାୟ—ମୋଗଲ ସାମ୍ରାଜ୍ୟର ପତନ—ମରହଟ୍ଟା ଜାତିର ଅଭ୍ୟୁତ୍ଥାନ | ୧୭୭ |

## ଦ୍ୱିତୀୟ ଭାଗ

| | |
|---|---|
| ପ୍ରଥମ ଅଧ୍ୟାୟ—ଭାରତକୁ ଜଳପଥ ଆବିଷ୍କାର ଓ ଇଉରୋପୀୟ ଜାତିମାନଙ୍କର ଭାରତକୁ ଆଗମନ | ୧୯୧ |
| ଦ୍ୱିତୀୟ ଅଧ୍ୟାୟ—ଭାରତରେ ଇଂରେଜ ସାମ୍ରାଜ୍ୟ ସ୍ଥାପନ | ୧୯୭ |
| ତୃତୀୟ ଅଧ୍ୟାୟ—ୱାରେନ୍ ହେଷ୍ଟିଙ୍ଗ୍ସ, ପ୍ରଥମ ଗଭର୍ଣ୍ଣର—ଜେନେରାଲ | ୨୧୨ |
| ଚତୁର୍ଥ ଅଧ୍ୟାୟ—ମରହଟ୍ଟା ଶକ୍ତିର ଅବସାନ ଓ ଶିଖ ଶକ୍ତି | ୨୨୨ |
| ପଞ୍ଚମ ଅଧ୍ୟାୟ—ବ୍ରହ୍ମ, ଆସାମ ଓ ସୈନ୍ଧବ ଉପତ୍ୟକାରେ ଇଂରେଜ ଆଧିପତ୍ୟ ପ୍ରତିଷ୍ଠା | ୨୩୮ |
| ଷଷ୍ଠ ଅଧ୍ୟାୟ—ଶିଖଶକ୍ତିର ପତନ ଓ ସିପାହୀ ବିଦ୍ରୋହ | ୨୪୭ |
| ସପ୍ତମ ଅଧ୍ୟାୟ—ଭାରତରେ ଇଂରେଜ ସରକାରଙ୍କ ଶାସନ ପ୍ରତିଷ୍ଠା | ୨୬୦ |
| ଅଷ୍ଟମ ଅଧ୍ୟାୟ—ଭାରତରେ ଜାତୀୟ ଜାଗରଣ | ୨୬୭ |
| ନବମ ଅଧ୍ୟାୟ—ଭାରତରେ ସ୍ୱାୟତ୍ତ-ଶାସନ ପ୍ରତିଷ୍ଠା | ୨୭୭ |
| ଦଶମ ଅଧ୍ୟାୟ—ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ | ୨୯୩ |
| ପରିଶିଷ୍ଟ—ଭାରତର ଶାସନ ପ୍ରଣାଳୀ | ୩୦୩ |
| ଭାରତର ବର୍ତ୍ତମାନ ଅବସ୍ଥା | ୩୧୦ |

# ତରୁଣ

# ଭାରତ ଇତିହାସ

## ପ୍ରଥମ ଅଧ୍ୟାୟ

**ଭାରତବର୍ଷ**—ଭାରତବର୍ଷ ଆମ୍ଭମାନଙ୍କର ଜନ୍ମଭୂମି ଓ ମାତୃ ସମାନ । କୁମାରିକାଠାରୁ ହିମାଳୟ ପର୍ଯ୍ୟନ୍ତ ବିସ୍ତୃତ ଏହି ବିଶାଳ ଭୂଖଣ୍ଡ ବହୁ ପ୍ରାଚୀନ କାଳରୁ ଭାରତବର୍ଷ ନାମରେ ଅଭିହିତ ହୋଇ ଆସୁଛି । ମହାଭାରତ ବର୍ଣ୍ଣିତ ଦୁଷ୍ମନ୍ତ ଓ ଶକୁନ୍ତଳାଙ୍କ ପୁତ୍ର ଦିଗ୍‌ବିଜୟୀ ଭରତଙ୍କ ନାମାନୁସାରେ ଏ ଦେଶର ନାମ ଭାରତ ବା ଭାରତବର୍ଷ ହେଲା ବୋଲି ପଣ୍ଡିତମାନଙ୍କର ମତ । ପ୍ରାଚୀନ ଯୁଗର ଅସଂଖ୍ୟ ମୁନିଋଷି, କବି, ଧର୍ମ-ପ୍ରଚାରକ ପୁଣ୍ୟଭୂମି ଭାରତର ମହିମା କୀର୍ତ୍ତନ କରି ଧନ୍ୟ ହୋଇଛନ୍ତି । ଭାରତବର୍ଷର ଅନ୍ୟ ନାମ ହିନ୍ଦୁସ୍ଥାନ । 'ସିନ୍ଧୁ' ରୁ 'ହିନ୍ଦୁ' ଶବ୍ଦ ଉତ୍ପନ୍ନ । ମିସରର ପ୍ରସିଦ୍ଧ ନୀଳ ନଦୀ ପରି ସିନ୍ଧୁ ନଦୀ ଭାରତ ଇତିହାସକୁ ଯୁଗ ଯୁଗ ଧରି ପ୍ରଭାବିତ କରିଅଛି । ସିନ୍ଧୁ ଉପତ୍ୟକାହିଁ ପୃଥିବୀବିଖ୍ୟାତ ବୈଦିକ ଆର୍ଯ୍ୟମାନଙ୍କର ଲୀଳାଭୂମି ଥିଲା । ପରବର୍ତ୍ତୀକାଳରେ ବୈଦେଶିକମାନେ ଭାରତକୁ ଆସି ପ୍ରଥମେ ପୁରାଣପ୍ରସିଦ୍ଧ ଏହି ନଦୀ କୂଳରେ ଆଶ୍ରୟ ଲାଭ କରି ଧନ୍ୟ ହୋଇଥିଲେ । ଏହାର ନାମହିଁ ସର୍ବପ୍ରଥମେ ଭାରତ ବାହାରେ ଥିବା ଦେଶମାନଙ୍କରେ ବିଦିତ ଥିଲା । ପୃଥିବୀର ଏକ ପ୍ରାଚୀନତମ ସଭ୍ୟ ଦେଶ ମେସୋପଟାମିୟାର ଅଧିବାସୀମାନେ ଏହାକୁ 'ହିନ୍ଦୁ' ବୋଲି କହୁଥିଲେ । ପାରସିକମାନଙ୍କର ବହୁ ପ୍ରାଚୀନ ଧର୍ମଗ୍ରନ୍ଥ


ଭାରତବର୍ଷ
(ନଦୀ ଓ ପର୍ବତ)
ଆରବ
ସାଗର
ବଙ୍ଗୋପସାଗର
ଭାରତ ମହାସାଗର

'ଜେନ୍ଦ୍-ଅଭେସ୍ତା'ରେ ମଧ ଏହା ହିନ୍ଦୁ ନାମରେ ବର୍ଣ୍ଣିତ ହୋଇଛି । ତେଣୁ ସିନ୍ଧୁବିଧୌତ ପ୍ରଦେଶ ଓ କାଳକ୍ରମେ ସମଗ୍ର ଭାରତବର୍ଷ ହିନ୍ଦୁ ଦେଶ ବା ହିନ୍ଦୁସ୍ଥାନ ନାମ ଧାରଣ କଲା । ଗ୍ରୀକ୍‌ମାନେ ସିନ୍ଧୁ ବା ହିନ୍ଦୁକୁ ଇଣ୍ଡସ୍ ବୋଲି କହୁଥିଲେ । ସେଥିରୁ ଇଂରେଜି 'ଇଣ୍ଡିଆ' ଶବ୍ଦ ଉତ୍ପନ୍ନ ହେଲା । ବର୍ତ୍ତମାନ ଯୁଗରେ ଏହା ପୃଥିବୀର ନାନା ଦେଶରେ 'ଇଣ୍ଡିଆ' ନାମରେ ପରିଚିତ ।

**ଭାରତବର୍ଷର ଅବସ୍ଥିତି**—ଭାରତବର୍ଷ ବିଶାଳ ଏସିଆ ମହାଦେଶର ଦକ୍ଷିଣରେ ଅବସ୍ଥିତ ତିନୋଟି ଉପଦ୍ୱୀପ ମଧ୍ୟରେ ସର୍ବ ପ୍ରଧାନ । ଏହାର ଦକ୍ଷିଣାଂଶ ତ୍ରିଭୁଜ ଆକାରରେ ଭାରତ ମହାସାଗରରେ ପ୍ରବେଶ କରିଅଛି । ଏହାର ଉତ୍ତର ସୀମାରେ ଚିରତୁଷାରାଚ୍ଛନ୍ନ ପୃଥିବୀର ଉଚ୍ଚତମ ହିମାଳୟ ପର୍ବତଶ୍ରେଣୀ ବିଦ୍ୟମାନ । ଏହା ଭାରତକୁ ତିବ୍ବତ ଓ ଚୀନ ଦେଶଠାରୁ ପୃଥକ କରି ରଖିଛି । ଏହାର ଉତ୍ତର-ପଶ୍ଚିମରେ ହିନ୍ଦୁକୁଶ, କାରାକୋରମ୍, ସୁଲେମାନ, ଖିରଥର ପ୍ରଭୃତି ପର୍ବତଶ୍ରେଣୀ ବିଦ୍ୟମାନ । ଉତ୍ତର-ପୂର୍ବରେ ଆସାମର ପର୍ବତ ଶ୍ରେଣୀ ଏହାକୁ ବ୍ରହ୍ମ-ଦେଶଠାରୁ ବିଚ୍ଛିନ୍ନ କରିଅଛି । ପଶ୍ଚିମରେ ଆରବ ସାଗର ଓ ପୂର୍ବରେ ବଙ୍ଗୋପସାଗର ପ୍ରାକୃତିକ ପରିଖା ରୂପେ ଏ ଦେଶକୁ ବେଷ୍ଟନ କରି ଅଛନ୍ତି । ଦକ୍ଷିଣରେ ଭାରତ ମହାସାଗର ଏହାର ଚରଣ ଧୌତ କରୁଅଛି ।

**ପ୍ରାକୃତିକ ବିଭାଗ**—ଭାରତର ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ପ୍ରାକୃତିକ ଗଠନ ଦେଖିବାକୁ ମିଳେ । ଭାରତକୁ ତିନୋଟି ପ୍ରଧାନ ପ୍ରାକୃତିକ ବିଭାଗରେ ବିଭକ୍ତ କରାଯାଇପାରେ—(୧) ହିମାଳୟ ପ୍ରଦେଶ, (୨) ସୈନ୍ଧବ-ଗାଙ୍ଗେୟ ଉପତ୍ୟକା, (୩) ଦାକ୍ଷିଣାତ୍ୟ ମାଳଭୂମି ।

(୧) ଉତ୍ତରରେ ହିମାଳୟ ପର୍ବତ ଶ୍ରେଣୀ ଦୁର୍ଭେଦ୍ୟ ପ୍ରାଚୀର ରୂପେ ଅବସ୍ଥିତ ଥାଇ ଭାରତକୁ ଚିରକାଳ ଉତ୍ତର ଦିଗରୁ ଆଗତ

ଶତ୍ରୁମାନଙ୍କ ହସ୍ତରୁ ରକ୍ଷା କରି ଆସିଅଛି । ଏହାର ଅଧିକାଂଶ ଉଚ୍ଚସ୍ଥାନ ମନୁଷ୍ୟ ବାସର ଅନୁପଯୋଗୀ ଏବଂ ମାନବ ଚକ୍ଷୁର ଅନ୍ତରାଳରେ ରହିଅଛି । ଏହାର ପାଦ ଦେଶରେ ଯେଉଁ ଜବଡ଼ ଜଙ୍ଗଲପରିବେଷ୍ଟିତ ଅଞ୍ଚଳ ଅଛି ତାହାର ନାମ 'ତରାଇ' । କାଶ୍ମୀର, ଘରୱାଲ, ନେପାଳ, ଭୁଟାନ, ସିକିମ ପ୍ରଭୃତି ପାର୍ବତ୍ୟ ରାଜ୍ୟମାନ ଏହି ବିଭାଗରେ ଅବସ୍ଥିତ ।

(୨) ହିମାଳୟ ପର୍ବତ ଶ୍ରେଣୀରୁ ଉତ୍ପନ୍ନ ବ୍ରହ୍ମପୁତ୍ର, ଗଙ୍ଗା, ସିନ୍ଧୁ ପ୍ରଭୃତି ସୁଦୀର୍ଘ ନଦୀ ଓ ସେମାନଙ୍କର ଶତ ଶତ ଉପନଦୀ ବର୍ଷା ଋତୁରେ ପ୍ରଚୁର ବର୍ଷା ଓ ଗ୍ରୀଷ୍ମ ଋତୁରେ ବରଫ ତରଳିବା ଯୋଗୁଁ ପ୍ରାୟ ବର୍ଷ ତମାମ ଜଳପୂର୍ଣ୍ଣ ଥାନ୍ତି । ସେମାନଙ୍କ ଯୋଗୁଁ ପଞ୍ଜାବଠାରୁ ଆସାମ ପର୍ଯ୍ୟନ୍ତ ବିସ୍ତୃତ ସୈନ୍ଧବ-ଗାଙ୍ଗେୟ ଉପତ୍ୟକା ସୁଜଳା, ସୁଫଳା ଓ ଶସ୍ୟଶ୍ୟାମଳା ହୋଇଅଛି । ଏହା ପୃଥିବୀର ଗୋଟିଏ ଉର୍ବରତମ ଓ ବହୁ ଜନାକୀର୍ଣ୍ଣ ଅଞ୍ଚଳ । ଏହା ପରବର୍ତ୍ତୀ କାଳରେ ଆର୍ଯ୍ୟାବର୍ତ୍ତ ନାମରେ ଅଭିହିତ ହୋଇଥିଲା । ଏଠାରେ ବାରମ୍ବାର ବହୁ ସାମ୍ରାଜ୍ୟ ସ୍ଥାପିତ ହୋଇଛି । ଏହି ନଦୀଗୁଡ଼ିକ ଜଳପୂର୍ଣ୍ଣ ଓ ସୁନାବ୍ୟ ଥିବାରୁ ସେମାନଙ୍କ କୂଳରେ ବହୁ ନଗର, ପ୍ରସିଦ୍ଧ ବାଣିଜ୍ୟ କେନ୍ଦ୍ର ଓ ତୀର୍ଥ ବିଦ୍ୟମାନ ।

(୩) ଭାରତର ମଧ୍ୟଭାଗରେ ବିନ୍ଧ୍ୟାଚଳ ଦଣ୍ଡାୟମାନ । ଏହାର ଦକ୍ଷିଣରେ ନୀଳଗିରି ପର୍ଯ୍ୟନ୍ତ ବିସ୍ତୃତ ପ୍ରକାଣ୍ଡ ମାଳଭୂମି ଦାକ୍ଷିଣାତ୍ୟ ବା ଦକ୍ଷିଣାପଥ ନାମରେ ଅଭିହିତ ହୁଏ । ଏହି ମାଳଭୂମିର ପୂର୍ବରେ ପୂର୍ବଘାଟ (ମହେନ୍ଦ୍ର) ଓ ପଶ୍ଚିମରେ ପଶ୍ଚିମଘାଟ (ସହ୍ୟାଦ୍ରି) ନାମକ ଦୁଇଟି ପର୍ବତମାଳା ବିଦ୍ୟମାନ । ପଶ୍ଚିମଘାଟ ଓ ଆରବସାଗର ମଧ୍ୟରେ ସଙ୍କୀର୍ଣ୍ଣ ସମତଳ ଭୂମି ଏବଂ ପୂର୍ବଘାଟ ଓ ବଙ୍ଗୋପସାଗର ମଧ୍ୟରେ ଅଳ୍ପ ପରିସର ନିମ୍ନଭୂମି ଦୃଷ୍ଟିଗୋଚର ହୁଏ । ଏହି ମାଳଭୂମି ସାଧାରଣତଃ ପଶ୍ଚିମରୁ ପୂର୍ବକୁ କ୍ରମନିମ୍ନ । ନର୍ମଦା ଓ ତାପ୍ତୀ ବ୍ୟତୀତ ମହାନଦୀ, ଗୋଦାବରୀ, କୃଷ୍ଣା, କାବେରୀ ପ୍ରଭୃତି ଏହାର ଅନ୍ୟାନ୍ୟ

ପ୍ରଧାନ ନଦୀଗୁଡ଼ିକ ପୂର୍ବାଭିମୁଖୀ ହୋଇ ବଙ୍ଗୋପସାଗରରେ ପଡ଼ିଛନ୍ତି । ଏହାର ନଦୀଗୁଡ଼ିକ ହିମାଳୟନିସୃତ ନଦୀମାନଙ୍କ ପରି ସର୍ବଦା ଜଳପୂର୍ଣ୍ଣ ନ ଥାଏ । ଏମାନଙ୍କର ଉପତ୍ୟକାଗୁଡ଼ିକ ପାର୍ବତ୍ୟ ଓ କଙ୍କରମୟ ହୋଇଥିବାରୁ ସୈନ୍ଧବ-ଗାଙ୍ଗେୟ ଉପତ୍ୟକା ଅପେକ୍ଷା ଏଗୁଡ଼ିକ ଅଳ୍ପ ଜନାକୀର୍ଣ୍ଣ ଓ ଅପେକ୍ଷାକୃତ ଅନୁନ୍ନତ । ଆମ୍ଭମାନଙ୍କର ଜନ୍ମଭୂମି ଉତ୍କଳପ୍ରଦେଶ ଏହି ଦାକ୍ଷିଣାତ୍ୟ ମାଳଭୂମିର ଗୋଟିଏ ଅଂଶ । ଏହାର ପଶ୍ଚିମାଂଶ ପୂର୍ବଘାଟ ପର୍ବତମାଳାର ଶାଖା ପର୍ବତମାନଙ୍କ ଦ୍ୱାରା ପରିପୂର୍ଣ୍ଣ ଓ ଉପକୂଳ ପ୍ରଦେଶ ସମତଳ । ଭାରତର ଦକ୍ଷିଣରେ ଅବସ୍ଥିତ ସିଂହଳଦ୍ୱୀପ ଓ ପୂର୍ବରେ ଅବସ୍ଥିତ ବ୍ରହ୍ମଦେଶ ରାଜନୈତିକ ହିସାବରେ ଭାରତଠାରୁ ବିଚ୍ଛିନ୍ନ ହୋଇଥିଲେ ମଧ୍ୟ ପ୍ରାଚୀନ କାଳରୁ ଭାରତ ସହିତ ଏହି ଦୁଇଟି ରାଜ୍ୟ ଧର୍ମ, ଶିକ୍ଷା ଓ ସଭ୍ୟତାର ନିଗଢ଼ ବନ୍ଧନରେ ଆବଦ୍ଧ ।

**ପରିସ୍ଥିତିର ଇତିହାସ ଉପରେ ପ୍ରଭାବ**—ପ୍ରତ୍ୟେକ ଦେଶର ଇତିହାସ ସେ ଦେଶର ଭୌଗୋଳିକ ଅବସ୍ଥିତି ଉପରେ ନିର୍ଭର କରେ । ପର୍ବତଶ୍ରେଣୀ, ସମୁଦ୍ର, ନଦୀ, ଅରଣ୍ୟ, ଅଗ୍ନେୟଗିରି, ମରୁଭୂମି ଓ ଜଳବାୟୁ ଦ୍ୱାରା ଦେଶର ଅତୀତ ତଥା ବର୍ତ୍ତମାନ ଘଟଣାବଳୀ ପ୍ରଭାବିତ ହୋଇଥାଏ । ଭୌଗୋଳିକ ଅବସ୍ଥିତିର ପାର୍ଥକ୍ୟ ଯୋଗୁଁ ବିଭିନ୍ନ ଦେଶର ଇତିହାସର ଧାରା ଓ ଲୋକମାନଙ୍କର ଜୀବନ ଯାପନ ପ୍ରଣାଳୀ ବିଭିନ୍ନ ଆକାର ଧାରଣ କରିଥାଏ । ମରୁଭୂମିପ୍ରଧାନ, ଦୁର୍ଭେଦ୍ୟ ପର୍ବତମାଳା ଓ ଅରଣ୍ୟାନୀପରିପୂର୍ଣ୍ଣ ଆଫ୍ରିକା ମହାଦେଶର ବିଶେଷ ପ୍ରାକୃତିକ ଆକର୍ଷଣ ନ ଥିବାରୁ ତାହାର ଅଧିକାଂଶ ବହୁକାଳ ପର୍ଯ୍ୟନ୍ତ ସଭ୍ୟ ମାନବମାନଙ୍କ ଦ୍ୱାରା ଅଧିକୃତ ହୋଇ ନ ଥିଲା । ମରୁଭୂମିପୂର୍ଣ୍ଣ ଅଷ୍ଟ୍ରେଲିଆ, ଚିରତୁଷାରାଚ୍ଛନ୍ନ ସାଇବେରିଆ ଅଞ୍ଚଳ ଏବଂ ମେରୁପ୍ରଦେଶ ବହୁ କାଳ ମାନବ ଚକ୍ଷୁର ଅନ୍ତରାଳରେ ଥିଲା । ବ୍ରିଟିଶ ଓ ଯାପାନ

ଦ୍ୱୀପପୁଞ୍ଜର ଅବସ୍ଥିତି ଉକ୍ତ ଦୁଇ ରାଜ୍ୟକୁ ଏପରି ଶକ୍ତିଶାଳୀ କରିଛି । ଦେଶର ଅନୁକୂଳ ପ୍ରାକୃତିକ ପରିସ୍ଥିତି ଓ ନୈସର୍ଗିକ ସମ୍ପଦ ଦେଶର ଶିକ୍ଷା ସଭ୍ୟତାରେ, ବିକାଶ ଓ ବିଭବ ବୃଦ୍ଧିରେ ଯଥେଷ୍ଟ ସାହାଯ୍ୟ କରେ । ସେଥିପାଇଁ ବହୁ ନଦନଦୀବିଧୌତ ଗାଙ୍ଗେୟ ଉପତ୍ୟକା, ନୀଳନଦୀ-ପ୍ଲାବିତ ମିସର, ଇଉଫ୍ରେଟିସ ଓ ଟାଇଗ୍ରିସ ପ୍ରବାହିତ ମେସୋପଟାମିଆ ଏବଂ ନଦୀପୂର୍ଣ୍ଣ ଚୀନର ପୂର୍ବଭାଗ ସର୍ବପ୍ରଥମେ ପୃଥିବୀର ଶିକ୍ଷା ସଭ୍ୟତାର ଲୀଳାଭୂମି ହୋଇଥିଲା ।

ଇତିହାସ ଉପରେ ପରିସ୍ଥିତିର ପ୍ରଭାବ କେତେ ପ୍ରବଳ ତାହା ଭାରତ ଇତିହାସରେ ସ୍ପଷ୍ଟ ପ୍ରତିପାଦିତ ହୁଏ । ଭାରତର ଉତ୍ତର-ପଶ୍ଚିମରେ ଥିବା ଖାଇବାର, ବୋଲାନ୍ ଓ ଗୋମାଲ ପ୍ରଭୃତି କେତୋଟି ସଙ୍କୀର୍ଣ୍ଣ ଗିରିପଥରେ ମଧ୍ୟଏସିଆରୁ ଦ୍ରାବିଡ଼, ଆର୍ଯ୍ୟ, ପାରସିକ, ଗ୍ରୀକ୍, ଶକ, ପହ୍ଲବ, ହୂଣ, ତୁର୍କ, ଆଫଗାନ, ମଙ୍ଗୋଲ ପ୍ରଭୃତି ଜାତିମାନେ କ୍ରମାନ୍ୱୟରେ ଭାରତକୁ ଆସି ଏଠାରେ ନିଜ ନିଜର କ୍ଷମତା ଓ ଶିକ୍ଷା ସଭ୍ୟତା ବିସ୍ତାର କରିଥିଲେ । ଏହି ଗିରିପଥମାନଙ୍କ ଯୋଗୁଁ ଭାରତ ଇତିହାସର ଧାରା ବାରମ୍ବାର ପରିବର୍ତ୍ତିତ ହୋଇଅଛି । ଏଗୁଡ଼ିକ ନ ଥିଲେ ଭାରତର ଇତିହାସ ଭିନ୍ନ ଆକାର ଧାରଣ କରିଥାନ୍ତା । ଭାରତର ଉତ୍ତର ସୀମାରେ ହିମାଳୟ ପର୍ବତ ନୈସର୍ଗିକ ପ୍ରାଚୀର ସ୍ୱରୂପ ଥିବାରୁ ଉତ୍ତର ଦିଗରୁ ଭାରତ କୌଣସି କାଳରେ ଶତ୍ରୁଦ୍ୱାରା ଆକ୍ରାନ୍ତ ହୋଇ ନାହିଁ । ଦକ୍ଷିଣରେ ବିଶାଳ ସମୁଦ୍ରଦ୍ୱାରା ବେଷ୍ଟିତ ଓ ସୁରକ୍ଷିତ ହୋଇଥିବାରୁ ବହୁକାଳ ପର୍ଯ୍ୟନ୍ତ ଆରବୀୟମାନଙ୍କ ବ୍ୟତୀତ ଅନ୍ୟ କୌଣସି ଜାତି ସମୁଦ୍ର-ପଥରେ ଭାରତ ଆକ୍ରମଣ କରି ନ ଥିଲେ । କିନ୍ତୁ ଭାସ୍କୋଡ଼ାଗାମାଙ୍କଦ୍ୱାରା ଭାରତ ଓ ଇଉରୋପ ମଧ୍ୟରେ ଜଳପଥ ଆବିଷ୍କୃତ ହେବା ପରେ ବିଭିନ୍ନ ଇଉରୋପୀୟ ଜାତି ସମୁଦ୍ର ପଥରେ ଭାରତକୁ ଆସି ଏଠାରେ ନିଜ-ନିଜର ପ୍ରାଧାନ୍ୟ ପ୍ରତିଷ୍ଠା କରିବାକୁ ଚେଷ୍ଟା କଲେ । ଶେଷରେ

ଇଂରେଜମାନେ ଅନ୍ୟମାନଙ୍କୁ ପରାସ୍ତ କରି ଭାରତ ଅଧିକାର କଲେ । ସମୁଦ୍ରରେ ଯାପାନର ଆଧିପତ୍ୟ ବିସ୍ତାର ଭବିଷ୍ୟତରେ ଭାରତ ପକ୍ଷେ ବିପଦସୂଚକ । ବର୍ତ୍ତମାନ ଯୁଗରେ ସମୁଦ୍ରକୂଳବର୍ତ୍ତୀ ପ୍ରଦେଶମାନଙ୍କରେ ବୈଦେଶିକ ଆକ୍ରମଣର ଭୟ ବଢ଼ିଯାଇଛି ।

ସୁଖ, ସ୍ୱାଚ୍ଛନ୍ଦ୍ୟ ଓ ପ୍ରାଚୁର୍ଯ୍ୟହିଁ ସାହିତ୍ୟ ଓ କଳାର ବିକାଶ ପଥରେ ପ୍ରଧାନ ସହାୟକ । ସିନ୍ଧୁ-ଗାଙ୍ଗେୟ ପ୍ରଦେଶ ବିଶେଷ ଉର୍ବର ଓ ଶସ୍ୟଶାଳୀ ଥିବାରୁ ସମଗ୍ର ଭାରତରେ ପ୍ରଥମେ ଏଠାରେ ଶିକ୍ଷା ଓ ସଭ୍ୟତା ବିକାଶ ଲାଭ କରିଥିଲା । ଖାଦ୍ୟାଭାବମୁକ୍ତ ସପ୍ତସିନ୍ଧୁ ପ୍ରଦେଶର ମୁନି ଋଷିମାନେ ବୈଦିକ ମନ୍ତ୍ରମାନ ରଚନା କରି ସେଗୁଡ଼ିକ ମୁକ୍ତ ପ୍ରାଣରେ ଓ ଉଚ୍ଚସ୍ୱରରେ ଗାନ କରୁଥିଲେ । ଉକ୍ତ ପ୍ରଦେଶ ରାଜପୁତାନା ପରି ଶୁଷ୍କ ମରୁଭୂମି ହୋଇଥିଲେ ବିଶ୍ୱବିଖ୍ୟାତ ବୈଦିକ ଗାନମାନଙ୍କର ରଚନା ସମ୍ଭବପର ହୋଇ ନ ଥାନ୍ତା । ପ୍ରାକୃତିକ ବିଭବ ଓ ଗମନାଗମନର ସୁବିଧା ଥିବାରୁ ଉତ୍ତରଭାରତରେ ଅନେକ ସମୃଦ୍ଧିଶାଳୀ ଓ ଶକ୍ତିଶାଳୀ ସାମ୍ରାଜ୍ୟ ପ୍ରତିଷ୍ଠିତ ହୋଇଥିଲା । ରାଜପୁତାନା ମରୁଭୂମିରେ ଖାଦ୍ୟସାମଗ୍ରୀ ଓ ଜଳର ବିଶେଷ ଅଭାବ ଥିବାରୁ ସେଠାର ଲୋକମାନଙ୍କୁ ଉଦର ପୋଷଣ କରିବାପାଇଁ ବହୁ କ୍ଳେଶ ସହ୍ୟ କରି ଅକ୍ଳାନ୍ତ ପରିଶ୍ରମ କରିବାକୁ ପଡ଼େ । ସେଥିପାଇଁ ସେମାନେ ବିଶେଷ ପରିଶ୍ରମୀ, ଅଧ୍ୟବସାୟୀ, ସହିଷ୍ଣୁ, ସାହସୀ ଓ ବୀର ହୋଇ ପାରିଥିଲେ । ମଧ୍ୟଯୁଗର ଭାରତ ଇତିହାସ ରାଜପୁତ ଜାତିର ବୀରତ୍ୱ ଓ ଗୌରବ ଗାଥାରେ ପରିପୂର୍ଣ୍ଣ । ଦାକ୍ଷିଣାତ୍ୟ ମାଳଭୂମି ଅନୁର୍ବର, ପାର୍ବତ୍ୟ ଓ ବନପୂର୍ଣ୍ଣ ଥିବାରୁ ଉତ୍ତର-ଭାରତ ପରି ଦାକ୍ଷିଣାତ୍ୟରେ ଶିକ୍ଷା ସଭ୍ୟତା ଶୀଘ୍ର ବିସ୍ତାର ଲାଭ କରି ପାରି ନ ଥିଲା ଏବଂ ବୈଦେଶିକ ଜାତିମାନେ ସେଠାରେ ସହଜରେ ପ୍ରବେଶ କରିପାରୁ ନ ଥିଲେ । ଏହା ବାରମ୍ବାର ଉତ୍ତରଭାରତରୁ ବିତାଡ଼ିତ ଜାତିମାନଙ୍କର ଆଶ୍ରୟ ସ୍ଥଳ ହୋଇଥିଲା । ଆମ ଜନ୍ମଭୂମି

ଦାକ୍ଷିଣାତ୍ୟ ମାଳଭୂମିର ଗୋଟିଏ ଅଂଶ ହେଲେ ମଧ୍ୟ ଉତ୍ତରଭାରତର ଅତି ନିକଟରେ ଥିବାରୁ ଏହା ଅନେକ ପରିମାଣରେ ଏହାର ଭାଷା, ଶିକ୍ଷା ଓ ସଭ୍ୟତା ଗ୍ରହଣ କରି ଆସୁଅଛି । ତେଣୁ କୌଣସି ଦେଶର ଇତିହାସ ଆଲୋଚନା କରିବା ପୂର୍ବରୁ ସେ ଦେଶର ଭୌଗୋଳିକ ପରିସ୍ଥିତି ସମ୍ୟକ୍ ଭାବରେ ହୃଦୟଙ୍ଗମ କରିବା ଉଚିତ ।

**ଭାରତୀୟ ସଭ୍ୟତାର ବିଶେଷତ୍ୱ—** ପ୍ରାକୃତିକ ସୀମାପରିବେଷ୍ଟିତ ଭାରତବର୍ଷ ଗୋଟିଏ ବିଶାଳ ଦେଶ । ଏହାର କ୍ଷେତ୍ରଫଳ ପ୍ରାୟ ୧୬ ଲକ୍ଷ ବର୍ଗମାଇଲ ଓ ଲୋକସଂଖ୍ୟା ପ୍ରାୟ ୩୫ କୋଟି । ଇଉରୋପରୁ ରୁଷିଆକୁ ବାଦ ଦେଲେ ତାର ଆକାର ଯେତିକି ଆମ ଭାରତର ଆକାର ପ୍ରାୟ ସେତିକି । ଏହାର ଆୟତନ ଓ ଲୋକସଂଖ୍ୟାକୁ ବିଚାର କଲେ ଏହାକୁ ଗୋଟିଏ ଉପମହାଦେଶ (Sub Continent) କୁହାଯାଇ ପାରେ । ଏହା ଗୋଟିଏ ବିଚିତ୍ର ଦେଶ । ଏଠାରେ ନଭସ୍ପର୍ଶୀ ପର୍ବତଶ୍ରେଣୀଠାରୁ ଆରମ୍ଭ କରି ଶତ ଶତ କୋଶ ବିସ୍ତୃତ ଅସଂଖ୍ୟ ନଦନଦୀ-ବିଧୌତ ଚିର ଶସ୍ୟଶ୍ୟାମଳ ସମତଳ କ୍ଷେତ୍ର ବିଦ୍ୟମାନ । କେଉଁଠାରେ ବର୍ଷ ମଧ୍ୟରେ ସର୍ବଦା ଶ୍ରାବଣର ଧାରାପାତ ହେଉଛି ଓ କେଉଁଠାରେ ବର୍ଷ ମଧ୍ୟରେ ଥରେ ବା ଦୁଇଥର ମାତ୍ର ବିନ୍ଦୁପାତ ହେଉଅଛି । କେଉଁ ସ୍ଥାନ ମେରୁପ୍ରଦେଶ ପରି ଶୀତଳ ଓ କେଉଁ ସ୍ଥାନ ବର୍ଷର ଅଧିକାଂଶ ସମୟ ପ୍ରଚଣ୍ଡ ରୌଦ୍ରତାପରେ ଦଗ୍ଧ । ଭାରତର ଏହି ପ୍ରାକୃତିକ ବୈଚିତ୍ର୍ୟ ଯୋଗୁଁ ଏହାର ବିଭିନ୍ନାଞ୍ଚଳର ଅଧିବାସୀମାନଙ୍କର ଶିକ୍ଷା ସଭ୍ୟତାରେ ବୈଚିତ୍ର୍ୟ ଓ ପାର୍ଥକ୍ୟ ପରିଦୃଷ୍ଟ ହୁଏ ।

ଭାରତ ଓଡ଼ିଆ, ବଙ୍ଗାଳୀ, ହିନ୍ଦୁସ୍ଥାନୀ, ପଞ୍ଜାବୀ, ଗୁଜୁରାଟୀ, ତେଲୁଗୁ, ତାମିଲ ପ୍ରଭୃତି ବିଭିନ୍ନ ଭାଷାଭାଷୀ ଏବଂ ହିନ୍ଦୁ, ବୌଦ୍ଧ, ଜୈନ, ମୁସଲମାନ, ଖ୍ରୀଷ୍ଟିୟାନ, ଇହୁଦୀ ଓ ପାରସୀ ପ୍ରଭୃତି ବିଭିନ୍ନ ଧର୍ମାବଲମ୍ବୀମାନଙ୍କର ବାସଭୂମି । ଏହାର କେତେକ ଅଧିବାସୀ ଅତି

ପ୍ରାଚୀନକାଳରୁ ସଭ୍ୟ, ଶିକ୍ଷିତ, ଉନ୍ନତ ଓ ଜାଗ୍ରତ ଏବଂ ଅନ୍ୟ କେତେକ ଅଧିବାସୀ ନିବଡ଼ ଅରଣ୍ୟବାସୀ, ଅସଭ୍ୟ, ଅନୁନ୍ନତ ଓ ଅଶିକ୍ଷିତ । ଭାରତର ଏତେ ବୈଷମ୍ୟ ସତ୍ତ୍ୱେ ଅତି ପ୍ରାଚୀନକାଳରୁ ଭାରତରେ ଶିକ୍ଷା ଓ ସଭ୍ୟତାଗତ ଐକ୍ୟ ପ୍ରତିଷ୍ଠିତ ହୋଇଛି । ଚତୁର୍ଦ୍ଦିଗରେ ନୈସର୍ଗିକ ସୀମାଦ୍ୱାରା ପୃଥକୀକୃତ ଭାରତର ବିଚ୍ଛିନ୍ନ ଭୌଗୋଳିକ ଅବସ୍ଥିତି ଭାରତୀୟ ଶିକ୍ଷା ସଭ୍ୟତାକୁ ଗୋଟିଏ ବିଶିଷ୍ଟତା, ସ୍ୱତନ୍ତ୍ରତା ଓ ଐକ୍ୟ ପ୍ରଦାନ କରିଅଛି । ବିଶାଳ ଭାରତର କୋଟି କୋଟି ଅଧିବାସୀଙ୍କୁ ପ୍ରାଚୀନ ବୈଦିକ ଯୁଗର ଧର୍ମ, ସଭ୍ୟତା ଓ ସଂସ୍କୃତ ଭାଷା ଅଦ୍ୟାବଧି ଅଲକ୍ଷିତ ଭାବରେ ଏକତା ସୂତ୍ରରେ ଅବଦ୍ଧ କରିଅଛି । ଧର୍ମପ୍ରାଣତା, ଭାବପ୍ରବଣତା, ସାରଲ୍ୟ, ପ୍ରାଚୀନତା ପ୍ରତି ଭକ୍ତି, ଉଚ୍ଚ ଆଦର୍ଶର ପୂଜା ପ୍ରଭୃତି ସଦ୍‌ଗୁଣମାନ ବହୁ ପାର୍ଥକ୍ୟ ସତ୍ତ୍ୱେ ପ୍ରତ୍ୟେକ ଭାରତୀୟର ହୃଦୟକୁ ମମତାସୂତ୍ରରେ ବାନ୍ଧି ରଖିଛି । ପ୍ରାଚୀନ ବୈଦିକ ଯୁଗରୁ ଭାରତୀୟ ନୃପତିମାନଙ୍କର ଆସମୁଦ୍ର କ୍ଷିତୀଶ ବା ରାଜଚକ୍ରବର୍ତ୍ତୀ ହେବାର ଅଭିଳାଷ ବହୁବାର ସମଗ୍ର ଭାରତକୁ ଏକ ଶାସନାଧୀନରେ ରଖିବାକୁ ସମର୍ଥ ହୋଇଥିଲା । ପ୍ରାଚୀନ ଯୁଗର ବହୁ ନୃପତି ରାଜଚକ୍ରବର୍ତ୍ତୀର ଚିହ୍ନସ୍ୱରୂପ ଅଶ୍ୱମେଧ, ରାଜସୂୟ, ବାଜପେୟ ପ୍ରଭୃତି ଯଜ୍ଞ କରୁଥିଲେ । ମୌର୍ଯ୍ୟ ସମ୍ରାଟ୍ ଚନ୍ଦ୍ରଗୁପ୍ତ ଓ ବୌଦ୍ଧ ସମ୍ରାଟ୍ ଅଶୋକଙ୍କ ରାଜତ୍ୱରେ ସମଗ୍ର ଭାରତ ଏକଶାସନାଧୀନ ହୋଇଥିଲା । କିନ୍ତୁ ଭାରତର ଏହି ରାଜନୈତିକ ଏକତା ବାରମ୍ବାର ନଷ୍ଟ ହୋଇଥିଲେ ମଧ୍ୟ ଏହାର ଏହି ଧର୍ମ, ସଭ୍ୟତା ଓ ଶିକ୍ଷାଗତ ଏକତା ବହୁ ପ୍ରାଚୀନ ଓ ଜାତିର ଅସ୍ଥିମଜ୍ଜାଗତ । ଏହା ଭାରତର ରାଜନୈତିକ ଏକତା ପ୍ରତିଷ୍ଠା ପାଇଁ ସୁଦୃଢ଼ ଭିତ୍ତିରୂପେ ବାରମ୍ବାର କାର୍ଯ୍ୟ କରି ଆସିଛି ।

ସାଧାରଣତଃ ଆମ୍ଭମାନଙ୍କର ଧାରଣା ଯେ, ପୂର୍ବେ ଭାରତୀୟମାନେ ଅନ୍ୟ ଦେଶ ଓ ଜାତିମାନଙ୍କ ସହିତ କୌଣସି ସମ୍ପର୍କ ପ୍ରତିଷ୍ଠା

କରି ନ ଥିଲେ । କିନ୍ତୁ ଏ ଧାରଣା ସମ୍ପୂର୍ଣ୍ଣ ଭ୍ରାନ୍ତ । ସହସ୍ର ସହସ୍ର କ୍ରୋଶ ବିସ୍ତୃତ ଭାରତର ଉପକୂଳରେ ପୂର୍ବେ ଅସଂଖ୍ୟ ବନ୍ଦର ଥିଲା । ଭାରତୀୟମାନେ ବହୁ ପ୍ରାଚୀନ କାଳରୁ ବିଶାଳ ସାଗର ବକ୍ଷରେ ପୋତ ଚାଳନ କରି ସୁଦୂର ପ୍ରାଚ୍ୟ ଭୂଭାଗର ବିଭିନ୍ନ ଦେଶ ସହିତ ସମ୍ପର୍କ ପ୍ରତିଷ୍ଠା କରିଥିଲେ । ମହାପୁରୁଷ ବୁଦ୍ଧ ଏହି ଦେଶରେ ଜନ୍ମଗ୍ରହଣ କରିଥିଲେ । ଚୀନ, ଯାପାନ, ପୂର୍ବ ଭାରତୀୟ ଦ୍ୱୀପପୁଞ୍ଜ, କାମ୍ବୋଡ଼ିଆ, ଶ୍ୟାମ, ବ୍ରହ୍ମଦେଶର ପ୍ରାୟ ୫୦କୋଟି ଲୋକ ମହାମାନବ ଗୌତମ ପ୍ରଚାରିତ ବୌଦ୍ଧଧର୍ମ ଗ୍ରହଣ କରିଛନ୍ତି । ଜାଭା, ସୁମାତ୍ରା, ବ୍ରହ୍ମଦେଶ, ଶ୍ୟାମ ପ୍ରଭୃତି ଦେଶରେ ଆଜି ପର୍ଯ୍ୟନ୍ତ ଶତ ଶତ ବୌଦ୍ଧ ଓ ହିନ୍ଦୁ କୀର୍ତ୍ତି ବିଦ୍ୟମାନ ରହିଛି । ଭାରତୀୟ ଶିକ୍ଷା ସଭ୍ୟତା ସୁଦୂର ଅତୀତରେ ମଧ୍ୟ ପୃଥିବୀର ସର୍ବାଞ୍ଚଳରେ ନିଜର ପ୍ରଭାବ ବିସ୍ତାର କରିବାର ଅକାଟ୍ୟ ପ୍ରମାଣ ମିଳିଲାଣି । କଥା ସାହିତ୍ୟର ଉତ୍ପତ୍ତି ଏହି ଭାରତବର୍ଷରେ । ପରେ ଇଉରୋପର ଅନ୍ୟାନ୍ୟ ଦେଶ ଏହି ସାହିତ୍ୟକୁ ନିଜର କରି ନେଇଥିଲେ । ଚିକିତ୍ସା, ଗଣିତ, ଜ୍ୟୋତିଷ ପ୍ରଭୃତି ବିଷୟରେ ଭାରତୀୟମାନେ ଅନ୍ୟାନ୍ୟ ଦେଶର ପଥପ୍ରଦର୍ଶକ । ଏହି ଦେଶର ପୁଣ୍ୟଶ୍ଳୋକ ରାଜା ଅଶୋକ ପ୍ରଥମେ ସମଗ୍ର ଜଗତରେ ବିଶ୍ୱଜନୀନ ମୈତ୍ରୀ, ଭ୍ରାତୃଭାବ ଓ ଧର୍ମସାମ୍ୟ ପ୍ରଚାର କରିଥିଲେ ଏବଂ ମାନବ ଓ ପଶୁମାନଙ୍କ ଚିକିତ୍ସା ପାଇଁ ଚିକିତ୍ସାଳୟ ସ୍ଥାପନ କରିଥିଲେ । ପୃଥିବୀର ପ୍ରାଚୀନ ସଭ୍ୟ ଜାତିମାନଙ୍କ ମଧ୍ୟରେ ଭାରତୀୟମାନେ ଅଗ୍ରଗଣ୍ୟ ବୋଲି ବିବେଚିତ ହେଲେଣି । ବ୍ୟାବିଲନ, ମିସର, ଚୀନ ପ୍ରଭୃତି ପ୍ରାଚୀନ ସଭ୍ୟ ଦେଶମାନେ ନିଜର ପ୍ରାଚୀନ ଶିକ୍ଷା ସଭ୍ୟତା ପରିତ୍ୟାଗ କରି ଅନ୍ୟାନ୍ୟ ଜାତିମାନଙ୍କର ଶିକ୍ଷା ସଭ୍ୟତା ଗ୍ରହଣ କଲେଣି । କିନ୍ତୁ ଭାରତୀୟ ସଭ୍ୟତା ସେହି ସୁଦୂର ଅତୀତ କାଳରୁ ଆଜି ପର୍ଯ୍ୟନ୍ତ ସହସ୍ର ସହସ୍ର ବର୍ଷ ମଧ୍ୟରେ ନାନା ଘାତ ପ୍ରତିଘାତ ସହ୍ୟ କରି ମଧ୍ୟ ନିଜର

ଅସ୍ତିତ୍ୱ ରକ୍ଷା କରିବାକୁ ଯେ ସମର୍ଥ ହୋଇଛି ଏହା ଭାରତ ପକ୍ଷେ ବିଶେଷ ଗର୍ବ ଓ ଗୌରବର ବିଷୟ । ଏହାଦ୍ୱାରା ଭାରତୀୟ ସଭ୍ୟତାର ବିଶିଷ୍ଟତା, ସ୍ୱାତନ୍ତ୍ର୍ୟ ଓ ମୌଳିକତା ସ୍ପଷ୍ଟ ପ୍ରତିପାଦିତ ହେଉଅଛି । ଭାରତର ଇତିହାସ ପାଠ କଲେ, ତୁମ୍ଭେମାନେ ତୁମ୍ଭ ପୂର୍ବପୁରୁଷମାନଙ୍କର ସେହି ମହତ୍ ଓ ସନାତନ ଶିକ୍ଷା ସଭ୍ୟତାର କିଞ୍ଚିତ୍ ପରିଚୟ ପାଇବ । ପୂର୍ବ ପୁରୁଷମାନଙ୍କର ଗୌରବଗାଥା ଅନୁଧ୍ୟାନ କରି ତୁମ୍ଭମାନଙ୍କର ହୃଦୟ ଉଦାରତା ଓ ମହତ୍ତ୍ୱରେ ଅନୁପ୍ରାଣିତ ହେବ ।

---

## ଦ୍ୱିତୀୟ ଅଧ୍ୟାୟ

**ଭାରତର ଆଦିମ ଅଧିବାସୀ** —ଭାରତର ଆଦିମ ଅଧିବାସୀମାନେ ଅତି ଅସଭ୍ୟ ଓ ଅନୁନ୍ନତ ଥିଲେ । ସେମାନେ କୃଷି, ଶିଳ୍ପ, ବାଣିଜ୍ୟ ବ୍ୟବସାୟ କିଛି ଜାଣି ନ ଥିଲେ । ସେମାନଙ୍କର କୌଣସି ସାହିତ୍ୟ ନ ଥିଲା । ତାମ୍ର, ଲୌହ ପ୍ରଭୃତି କୌଣସି ଧାତୁର ବ୍ୟବହାର ସେମାନଙ୍କୁ ଜଣା ନ ଥିଲା । ସେମାନେ ଶିକାର କରି ଓ ବନର ଫଳମୂଳ ଖାଇ ଜୀବନ ଧାରଣ କରୁଥିଲେ । ଶିକାର କରିବାପାଇଁ ସେମାନେ ପଥରରେ ନାନାପ୍ରକାର ଅସ୍ତ୍ର ଶସ୍ତ୍ର ନିର୍ମାଣ କରୁଥିଲେ । ପଥରରେ ଅନ୍ୟାନ୍ୟ କେତେକ ବ୍ୟବହାର୍ଯ୍ୟ ପଦାର୍ଥ ମଧ୍ୟ ନିର୍ମିତ ହେଉଥିଲା । କିନ୍ତୁ ଏହି ଅସ୍ତ୍ର ଶସ୍ତ୍ର ଓ ବ୍ୟବହାର୍ଯ୍ୟ ପଦାର୍ଥଗୁଡ଼ିକ ସୁନ୍ଦର ବା ଚିକ୍କଣ ନ ଥିଲା । ପଥରରେ ଏ ସମସ୍ତ ନିର୍ମାଣ କରୁଥିବାରୁ ସେମାନଙ୍କୁ ଐତିହାସିକମାନେ **ପ୍ରାଚୀନ ପ୍ରସ୍ତର ଯୁଗର ଅଧିବାସୀ** ବୋଲି କହନ୍ତି ।

କେତେକାଳ ପରେ ଏ ଦେଶରେ ସେମାନଙ୍କଠାରୁ ଟିକିଏ ଅଧିକ ସଭ୍ୟ ଲୋକେ ବାସ କଲେ । ସେମାନେ ମଧ୍ୟ ପଥରରେ ସୁନ୍ଦର ଅସ୍ତ୍ର ଶସ୍ତ୍ର ଓ ଅନ୍ୟାନ୍ୟ ବ୍ୟବହାର୍ଯ୍ୟ ପଦାର୍ଥମାନ ନିର୍ମାଣ କରୁଥିଲେ ।

କିନ୍ତୁ ସେଗୁଡ଼ିକ ଅଧିକ ସୁନ୍ଦର ଚିକ୍କଣ ଓ ସୁଗଠିତ ଥିଲା । ସେମାନେ ଚକ୍ରରେ ମାଟିର ପାତ୍ର ନିର୍ମାଣ କରୁଥିଲେ, ଜମି ଚାଷ କରୁଥିଲେ ଏବଂ ମୃତ ଲୋକମାନଙ୍କୁ ସୁନ୍ଦର ସୁନ୍ଦର ପ୍ରସ୍ତର ନିର୍ମିତ କବରରେ ସମାଧି ଦେଉଥିଲେ । ସେମାନେ ପର୍ବତ ଗୁମ୍ଫାମାନଙ୍କରେ ଚିତ୍ରମାନ ଖୋଳୁଥିଲେ । ସେଥିରୁ କେତେକ ଅଦ୍ୟାପି ମଧ୍ୟଭାରତ, ମଧ୍ୟପ୍ରଦେଶ ପ୍ରଭୃତିରେ ଦେଖାଯାଏ । ସେମାନଙ୍କ ନିର୍ମିତ ଅସ୍ତ୍ର ଶସ୍ତ୍ର ଏବଂ କବରମାନଙ୍କ ଧ୍ୱଂସାବଶେଷ ବହୁପରିମାଣରେ ଦାକ୍ଷିଣାତ୍ୟରୁ ଆବିଷ୍କୃତ ହୋଇଅଛି । ମୟୂରଭଞ୍ଜର ବୈଦ୍ୟପୁରରୁ ଉକ୍ତ ଯୁଗର ଅନେକ ଅସ୍ତ୍ର ଶସ୍ତ୍ର ମିଳିଛି । ସେମାନଙ୍କୁ ଐତିହାସିକମାନେ **ନୂତନ ପ୍ରସ୍ତର ଯୁଗର ଅଧିବାସୀ** ବୋଲି କହନ୍ତି । ବର୍ତ୍ତମାନ ଛୋଟନାଗପୁର, ଓଡ଼ିଶା ଓ ମଧ୍ୟପ୍ରଦେଶର ପାର୍ବତ୍ୟ ଅଞ୍ଚଳରେ ବାସ କରୁଥିବା କୋହ୍ଲ, ମୁଣ୍ଡା, ଶବର, ସାନ୍ତାଳ ପ୍ରଭୃତି ଅନାର୍ଯ୍ୟ ଜାତିର ଲୋକମାନେ ସେମାନଙ୍କର ବଂଶଧର ରୂପେ ଗୃହୀତ ହୁଅନ୍ତି । ଶବର ପ୍ରଭୃତି ଜାତିର ଉଲ୍ଲେଖ କୌଣସି କୌଣସି ପ୍ରାଚୀନ ବୈଦିକ ମନ୍ତ୍ରରେ ଦେଖାଯାଏ । ତେଣୁ ଆର୍ଯ୍ୟମାନଙ୍କ ଆଗମନ ପୂର୍ବରୁ ସେମାନେ ଏ ଦେଶରେ ବହୁପରିମାଣରେ ବାସ କରୁଥିବା ଅନୁମିତ ହୁଏ ।

**ଦ୍ରାବିଡ଼ ଜାତି**—ଅସଭ୍ୟ ଆଦିମ ଅଧିବାସୀମାନେ ବହୁକାଳ ଭାରତବର୍ଷରେ ବାସ କଲାପରେ ଦ୍ରାବିଡ଼ ନାମକ ଗୋଟିଏ ସଭ୍ୟଜାତି ଉତ୍ତର-ପଶ୍ଚିମ ଗିରିପଥ ମଧ୍ୟ ଦେଇ ଆଜକୁ ପ୍ରାୟ ଛଅ ସାତ ହଜାର ବର୍ଷ ପୂର୍ବେ ଏ ଦେଶକୁ ଆସିଥିଲେ । ବେଲୁଚିସ୍ଥାନରେ 'ବ୍ରାହୁଇ' ନାମକ ଗୋଟିଏ ଭାଷା କଥିତ ହୁଏ । ଦ୍ରାବିଡ଼ମାନଙ୍କ ଭାଷା ସହିତ ଏହାର ବିଶେଷ ସାମଞ୍ଜସ୍ୟ ଥିବାରୁ ଦ୍ରାବିଡ଼ମାନେ ଉତ୍ତର-ପଶ୍ଚିମ ଆଡ଼ୁ ଭାରତକୁ ଆସିଥିବାର ଐତିହାସିକମାନେ ସ୍ଥିର କରିଛନ୍ତି । ସେମାନେ ପ୍ରଥମେ ଉତ୍ତରଭାରତରେ ବାସ କରୁଥିଲେ । କିନ୍ତୁ ପରବର୍ତ୍ତୀକାଳରେ ସେମାନଙ୍କ

ମଧ୍ୟରୁ ଅଧିକାଂଶ ଆର୍ଯ୍ୟମାନଙ୍କ ଦ୍ୱାରା କ୍ରମଶଃ ପରାସ୍ତ ଓ ବିତାଡ଼ିତ ହୋଇ ଦାକ୍ଷିଣାତ୍ୟ ଅଞ୍ଚଳକୁ ପଳାଇଗଲେ । ଆଉ କେତେକ କାଳକ୍ରମେ ଆର୍ଯ୍ୟମାନଙ୍କ ବଶ୍ୟତା ସ୍ୱୀକାର କରି ଉତ୍ତରଭାରତରେ ରହିଗଲେ । ଦକ୍ଷିଣଭାରତରେ ତେଲୁଗୁ, ତାମିଲ, କାନାରିଜ, ମାଲୟାଲମ ଓ ଟୁଲୁ ଭାଷା କହୁଥିବା ଲୋକମାନେ ଦ୍ରାବିଡ଼ମାନଙ୍କର ବଂଶଧର । ଉତ୍କଳରେ ଆର୍ଯ୍ୟଭାଷା ପ୍ରଚଳିତ ଥିଲେ ମଧ୍ୟ କେତେକ ନୀଚଶ୍ରେଣୀୟ ଲୋକ ଦ୍ରାବିଡ଼ମାନଙ୍କଠାରୁ ଉତ୍ପନ୍ନ ବୋଲି ନୃତତ୍ତ୍ୱବିତ୍ ପଣ୍ଡିତମାନେ ସ୍ଥିର କରିଛନ୍ତି । ସେମାନେ ସାଧାରଣତଃ କୃଷ୍ଣକାୟ ଓ ଖର୍ବାକାର ।

**ଦ୍ରାବିଡ଼ମାନଙ୍କର ସଭ୍ୟତା** —ଦ୍ରାବିଡ଼ମାନେ ସଭ୍ୟ ଥିଲେ । ସେମାନେ ନଗର ଓ ଗ୍ରାମାଦି ପ୍ରତିଷ୍ଠା କରୁଥିଲେ । ସେମାନେ କୃଷି, ପଶୁପାଳନ, ଧାତୁଦ୍ରବ୍ୟାଦିର ବ୍ୟବହାର ଓ ନାନାବିଧ ଶିଳ୍ପରେ ଅଭିଜ୍ଞ ଥିଲେ । ସେମାନେ ଯୁଦ୍ଧବିଦ୍ୟାରେ ପାରଗ ଥିଲେ ଓ ନାନାପ୍ରକାର ଅସ୍ତ୍ରଶସ୍ତ୍ର ବ୍ୟବହାର କରୁଥିଲେ । ସେମାନଙ୍କର ସ୍ତ୍ରୀମାନେ ନାନାବିଧ ଅଳଙ୍କାର ଓ ପୋଷାକ ପିନ୍ଧୁଥିଲେ ଏବଂ ବହୁବେଶରେ ସଜ୍ଜିତ ହେଉଥିଲେ । ସେମାନେ ଏକପ୍ରକାର "ଛବିଲିପି" ବ୍ୟବହାର କରୁଥିଲେ । ଗୋଟିଏ ଛବି ବା ଚିହ୍ନ ଗୋଟିଏ ଅକ୍ଷର ବା ଶବ୍ଦକୁ ବୁଝାଉଥିଲା ; ଯଥା—ମାଛର ଚିହ୍ନଦ୍ୱାରା 'ମ', ଖନତିର ଚିହ୍ନଦ୍ୱାରା 'ଖ', ଯବର ଚିହ୍ନଦ୍ୱାରା 'ଯ' ଇତ୍ୟାଦି । ଏହି ପ୍ରକାର ଛବିଲିପି ମିସର, ମେସୋପଟାମିଆ ପ୍ରଭୃତି ଦେଶରେ ମଧ୍ୟ ଅତି ପ୍ରାଚୀନ କାଳରେ ବ୍ୟବହୃତ ହେଉଥିଲା । ସେମାନେ ନଦୀ ଓ ସାଗର ବକ୍ଷରେ ପୋତ ଚଳାଇ ସୁଦୂର ଦେଶମାନଙ୍କରେ ଏବଂ ପୂର୍ବଭାରତୀୟ ଦ୍ୱୀପପୁଞ୍ଜରେ ବାଣିଜ୍ୟ ବ୍ୟବସାୟ କରୁଥିଲେ । ସେମାନଙ୍କର ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ, ପାପ, ପୁଣ୍ୟ ପ୍ରଭୃତି ସମ୍ବନ୍ଧରେ ସ୍ପଷ୍ଟ ଧାରଣା ନ ଥିଲେ ମଧ୍ୟ ସେମାନେ ଈଶ୍ୱର ବିଶ୍ୱାସ କରୁଥିଲେ । ଅମ୍ବା, ଦୁର୍ଗା, ଚଣ୍ଡୀ, ମଙ୍ଗଳା ପ୍ରଭୃତି ନାନାବିଧ ଦେବୀ,

ନାଗ, ଯକ୍ଷ ଓ ଲିଙ୍ଗ ପ୍ରଭୃତିର ପୂଜା କରୁଥିଲେ । ଭୂତ ପ୍ରେତାଦିରେ ସେମାନଙ୍କର ବିଶ୍ୱାସ ଥିଲା । ସେମାନେ ଶବଦାହ କରୁ ନ ଥିଲେ । ଶବଗୁଡ଼ିକ ଜଳ ଭିତରେ ସଜାଇ ମାଟି ଭିତରେ ପୋତି ପକାଉଥିଲେ । ସ୍ତ୍ରୀମାନେ ସମାଜରେ ଉଚ୍ଚ ସ୍ଥାନ ଅଧିକାର କରିଥିଲେ ଓ ମାତୃକୁଳାନୁଯାୟୀ ଧନ ସମ୍ପତ୍ତି ବଣ୍ଟା ହେଉଥିଲା । ସେମାନଙ୍କର ସାହିତ୍ୟ ଉଚ୍ଚ ଧରଣର ଥିଲା । ପରବର୍ତ୍ତୀକାଳରେ ଆର୍ଯ୍ୟମାନଙ୍କର ବୈଦିକ ଧର୍ମ, ସଂସ୍କୃତ ଭାଷା, ଜାତି ବିଭାଗ, ବର୍ଣ୍ଣାଶ୍ରମ ପ୍ରଭୃତି ସେମାନଙ୍କ ମଧ୍ୟରେ ପ୍ରବେଶ କରିଥିଲା । ଆର୍ଯ୍ୟମାନେ ମଧ୍ୟ ସେମାନଙ୍କଠାରୁ ନାନା-ପ୍ରକାର ଦେବଦେବୀ, ଲିଙ୍ଗ, ନାଗ ପ୍ରଭୃତିର ପୂଜା ଗ୍ରହଣ କରିଥିଲେ । ଆର୍ଯ୍ୟ ଓ ଦ୍ରାବିଡ଼ଭାଷାମାନଙ୍କ ମଧ୍ୟରେ ପାର୍ଥକ୍ୟ ଥିଲେ ମଧ୍ୟ ପରିଶେଷରେ ଉଭୟ ଜାତି ମହାଭାରତୀୟ ଶିକ୍ଷା, ସଭ୍ୟତା ଓ ଧର୍ମର ସୁଦୃଢ଼ ବନ୍ଧନରେ ଆବଦ୍ଧ ହୋଇଗଲେ ।

**ସିନ୍ଧୁ ଉପତ୍ୟକା ସଭ୍ୟତା**—ଅଳ୍ପଦିନ ପୂର୍ବେ ସିନ୍ଧୁନଦୀ ତୀରବର୍ତ୍ତୀ ପଞ୍ଜାବର ହରପ୍ପା ଓ ସିନ୍ଧୁପ୍ରଦେଶର ମହେଞ୍ଜୋଦାରୋ ନାମକ ଦୁଇଟି ସ୍ଥାନ ଖୋଳିବାରୁ ପ୍ରଥମେ ହିନ୍ଦୁସ୍ତରର, ତାର କିଛି ତଳକୁ କୁଶାନ ଓ ଗ୍ରୀକ୍‌ସ୍ତରର ଏବଂ ବହୁତ ତଳେ ଅତି ପ୍ରାଚୀନସ୍ତରର ଅନେକ ଧ୍ୱଂସାବଶେଷ ଦେଖାଗଲା । ସବୁ ନିମ୍ନସ୍ତରର ଧ୍ୱଂସାବଶେଷଗୁଡ଼ିକ ପ୍ରାୟ ପାଞ୍ଚ ଛଅ ହଜାର ବର୍ଷ ପୂର୍ବବର୍ତ୍ତୀ । ଏହି ଦୁଇଟି ଭାରତର ଅତି ପ୍ରାଚୀନତମ ନଗର ବୋଲି ଐତିହାସିକମାନେ ସ୍ଥିର କଲେଣି । ଏହି ସ୍ତରରେ ଅନେକ ପ୍ରାଚୀନ ଗୃହ, ମନ୍ଦିର, ପୟଃପ୍ରଣାଳୀ ଓ ସ୍ନାନାଗାରର ମୂଳଭିତ୍ତି ଅଦ୍ୟାପି ରହିଅଛି । ଏତଦ୍‌ବ୍ୟତୀତ ନାନାପ୍ରକାର ଧାତୁନିର୍ମିତ ଅସ୍ତ୍ରଶସ୍ତ୍ର, କାରୁକାର୍ଯ୍ୟଖଚିତ ମାଟି ଓ ଧାତୁର ବାସନ, ସୁନା ଓ ନାନା ରତ୍ନର ଅଳଙ୍କାର, ନାନାବିଧ ମୂର୍ତ୍ତି, କେତେପ୍ରକାର ମୁଦ୍ରା ଓ ମୋହର ପ୍ରଭୃତି ମଧ୍ୟ ମିଳିଛି । ମୋହର ଓ ମୁଦ୍ରାମାନଙ୍କର ଛବିଲିପିରେ ଅନେକ

ଶା, ଭୁବନେଶ୍ୱର


କଥା ଲେଖାହୋଇଛି । ସେଠାରୁ କେତେକ ମୁଦ୍ରା ମିଳିଛି ଯେଉଁଥିରେ କି ପଶୁପତିନାଥ, ନଟରାଜ ଶିବ, ଲିଙ୍ଗ ଓ ଦେବୀଙ୍କର ମୂର୍ତ୍ତି ପଦ୍ମ ଚିହ୍ନମାନ ଅଙ୍କିତ ହୋଇଅଛି । ଏ ସବୁ ଦେଖି ସେହି ପ୍ରାଚୀନ କାଳରେ ମଧ୍ୟ ଆମ ଦେଶରେ ଶିବପୂଜା ଓ ଦେବୀପୂଜା ଚଳୁଥିବାର ପଣ୍ଡିତମାନେ ସ୍ଥିର କଲେଣି । ମାଟି ବାସନ ଓ ଇଟା ତିଆରି ଛୋଟ ଛୋଟ ଘରମାନଙ୍କରୁ ମଲା



ମହେଞ୍ଜୋଦାରୋରୁ ଆବିଷ୍କୃତ ମୋହର

ମଣିଷର ହାଡ଼ ମିଳିଛି । ଏଥିରୁ ଜଣାଯାଏ, ସେମାନେ ଶବଦାହ କରୁ ନ ଥିଲେ । ଏଗୁଡ଼ିକ ଦେଖିଲେ ସ୍ପଷ୍ଟ ଜଣାଯାଏ ଯେ ସିନ୍ଧୁ ଉପତ୍ୟକାର ଲୋକମାନେ ସେହି ପ୍ରାଚୀନ ଯୁଗରେ ମଧ୍ୟ ବିଶେଷ ସଭ୍ୟ ଓ ଉନ୍ନତ ଥିଲେ । ଏହି ଦୁଇଟି ସ୍ଥାନ ଛଡ଼ା ସିନ୍ଧୁ ଉପତ୍ୟକାର ଅନ୍ୟାନ୍ୟ ସ୍ଥାନରେ ସେହି ପ୍ରାଚୀନ ଯୁଗର ଅନେକ ଜିନିଷ ଆବିଷ୍କୃତ ହେଲାଣି ।

ଶିବପୂଜା ବିଶେଷତଃ ଲିଙ୍ଗପୂଜା ଓ ଦେବୀପୂଜାର ପ୍ରଚଳନ, ଛବିଲିପି ଓ ନାନାବିଧ ଅଳଙ୍କାରର ବ୍ୟବହାର ଯୋଗୁଁ ଏହି ଦୁଇଟି ସ୍ଥାନ ସିନ୍ଧୁ ଉପତ୍ୟକାବାସୀ ଦ୍ରାବିଡ଼ମାନଙ୍କର ଦୁଇଟି ପ୍ରାଚୀନତମ ନଗର ବୋଲି ମାର୍ଶାଲ, ମଜୁମଦାର ପ୍ରଭୃତି କେତେକ ପ୍ରସିଦ୍ଧ ଐତିହାସିକ ଅନୁମାନ କରୁଛନ୍ତି । କାରଣ ବୈଦିକ ଆର୍ଯ୍ୟମାନେ ଲିଙ୍ଗପୂଜା ଓ ଦେବୀପୂଜାର ପକ୍ଷପାତୀ ନ ଥିଲେ ।

ଦ୍ରାବିଡ଼ମାନଙ୍କ ପରେ ଆର୍ଯ୍ୟମାନେ ଭାରତକୁ ଆସି ଏଠାରେ ନିଜର ସଭ୍ୟତା ବିସ୍ତାର କରିଥିଲେ । ଭାରତକୁ ଉତ୍ତର ପୂର୍ବଦିଗରୁ ଯେଉଁମାନେ ଆସିଥିଲେ ସେମାନଙ୍କୁ ତିବତୋ-ବର୍ମନ୍ କୁହାଯାଏ । ସେମାନଙ୍କର ବର୍ଣ୍ଣ ହଳଦିଆ, ମୁହଁ ଗୋଲ, ନାକ ଚେପ୍ଟା । କୁକି, ନାଗା, ଲେପ୍‌ଚା, ଭୁଟିଆ ପ୍ରଭୃତି ଅନାର୍ଯ୍ୟ ଜାତିମାନେ ସେମାନଙ୍କର ବଂଶଧର । ଖ୍ରୀ: ପୂ: ୬ଷ୍ଠ ଶତାବ୍ଦୀରେ ପାରସିକମାନେ ଭାରତର ଉତ୍ତର ପଶ୍ଚିମାଞ୍ଚଳ ଅଧିକାର କରି ସେଠାରେ ବସତି ସ୍ଥାପନ କରିଥିଲେ । ମହାବୀର ଅଲେକଜାଣ୍ଡରଙ୍କ ସମୟରୁ ଖ୍ରୀଷ୍ଟୀୟ ଦ୍ୱିତୀୟ ଶତାବ୍ଦୀ ପର୍ଯ୍ୟନ୍ତ ପ୍ରାୟ ସାର୍ଦ୍ଧ ଚୃର ଶତାବ୍ଦୀ ମଧ୍ୟରେ ଗ୍ରୀକ୍‌ମାନେ ଭାରତର ପଶ୍ଚିମାଞ୍ଚଳରେ ବାସ କରିଥିଲେ । ଖ୍ରୀ: ପୂ: ୧ମ ଶତାବ୍ଦୀରୁ ଯଥାକ୍ରମେ ଶକ, କୁଶାନ, ହୁନ ପ୍ରଭୃତି ମଧ୍ୟଏସିଆର ଜାତିମାନେ ସହସ୍ର ସହସ୍ର ସଂଖ୍ୟାରେ ଭାରତରେ ବସବାସ କରିଥିଲେ । କିନ୍ତୁ ଭାରତୀୟ ସଭ୍ୟତା ଓ ଜାତୀୟତା ମଧ୍ୟରେ ସେମାନଙ୍କର ଅସ୍ତିତ୍ୱ ଲୁପ୍ତ ହୋଇଗଲା । ଏହି ପ୍ରକାରେ ଭାରତୀୟ ଆର୍ଯ୍ୟ ଓ ଦ୍ରାବିଡ଼ମାନଙ୍କର ରକ୍ତର ବିଶୁଦ୍ଧତା ଅନେକ ପରିମାଣରେ ନଷ୍ଟ ହୋଇ ଯାଇଛି । ପରିଶେଷରେ ୮ମ ଶତାବ୍ଦୀଠାରୁ ୧୮ଶ ଶତାବ୍ଦୀ ପର୍ଯ୍ୟନ୍ତ ସାର୍ଦ୍ଧ ଏକହଜାର ବର୍ଷ ମଧ୍ୟରେ ମୁସଲମାନମାନେ ଭାରତର ବିଭିନ୍ନ ପ୍ରଦେଶରେ ବସବାସ କରିବାକୁ ଲାଗିଲେ । କିନ୍ତୁ ସେମାନେ ନିଜର ଧର୍ମ ଓ ସଭ୍ୟତା ଅନେକାଂଶରେ ରକ୍ଷା କରିବାକୁ

ସମର୍ଥ ହୋଇଛନ୍ତି । ଭାରତର ବର୍ତ୍ତମାନ ଅଧିବାସୀବୃନ୍ଦ ପ୍ରାୟ ମିଶ୍ରିତ ଓ ବିଶାଳ ଭାରତୀୟ ସମ୍ପ୍ରଦାୟ ନାନାବିଧ ଜାତିର ସମିଶ୍ରଣରେ ଗଠିତ ।

---

## ତୃତୀୟ ଅଧ୍ୟାୟ

**ଆର୍ଯ୍ୟଜାତି**—ଦ୍ରାବିଡ଼ମାନଙ୍କ ପରେ ଆର୍ଯ୍ୟ ନାମକ ଏକ ମହାନ୍, ସୁସଭ୍ୟ ଓ ଉନ୍ନତ ଜାତି ଉତ୍ତର-ପଶ୍ଚିମ ଗିରିପଥମାନଙ୍କ ମଧ୍ୟ ଦେଇ ଭାରତ ଭୂମିରେ ପଦାର୍ପଣ କରିଥିଲେ । ସେମାନେ ସୁଶ୍ରୀ, ଗୌରବର୍ଣ୍ଣ, ଦୀର୍ଘାକୃତି ଓ ଦୀର୍ଘନାସିକାଯୁକ୍ତ ଥିଲେ । ସେମାନଙ୍କର ଆଦିମ ବାସସ୍ଥାନ ସମ୍ବନ୍ଧରେ ପଣ୍ଡିତମାନେ ଭିନ୍ନ ଭିନ୍ନ ମତ ପୋଷଣ କରନ୍ତି । ସ୍ୱର୍ଗୀୟ ବାଳଗଙ୍ଗାଧର ତିଳକଙ୍କ ମତରେ ସେମାନେ ପ୍ରଥମେ ସୁମେରୁ ପ୍ରଦେଶରେ ବାସ କରୁଥିଲେ । ଅନ୍ୟାନ୍ୟ କେତେକଙ୍କ ମତରେ ସେମାନେ ପ୍ରଥମେ କାସ୍ପିୟାନ ହ୍ରଦ କୂଳରେ ବାସ କରୁଥିଲେ । କାଳକ୍ରମେ ଏମାନଙ୍କର ସଂଖ୍ୟା ବୃଦ୍ଧି ହେବାରୁ ପଶୁଚାରଣ, କୃଷି ଓ ବସବାସ କରିବାପାଇଁ ସ୍ଥାନାଭାବ ହେଲା । ତେଣୁ ସେମାନେ ଦଳ ଦଳ ହୋଇ ଇଉରୋପ ଓ ଏସିଆର ବିଭିନ୍ନ ଅଞ୍ଚଳକୁ ଚାଲିଗଲେ । ଇଉରୋପ-ଗାମୀ ଆର୍ଯ୍ୟମାନେ ଆଧୁନିକ ଗ୍ରୀକ, ରୋମାନ୍, ଜର୍ମାନ୍, ଫରାସୀ, ଇଟାଲୀ ଓ ଇଂରେଜ ପ୍ରଭୃତି ଜାତିମାନଙ୍କର ପୂର୍ବପୁରୁଷ । ଏଥିମଧ୍ୟରୁ ଦଳେ ଭାରତ ଆଡ଼କୁ ଅଗ୍ରସର ହେଲେ । କିନ୍ତୁ ସେମାନେ ଭାରତରେ ପ୍ରବେଶ କରିବା ପୂର୍ବରୁ ଦୁଇ ଦଳରେ ବିଭକ୍ତ ହୋଇଥିଲେ । ଏକ ଦଳ 'ଇରାନୀ' ନାମ ଧାରଣ କରି ପାରସ୍ୟ ପ୍ରଭୃତି ଅଞ୍ଚଳରେ ବାସ କଲେ । ଅନ୍ୟମାନେ ଭାରତୀୟ ଆର୍ଯ୍ୟ ( Indo-Aryans ) ନାମ ଧାରଣ କରି ସିନ୍ଧୁ ତୀରରେ ବାସ କଲେ । ତେଣୁ ଇରାନୀମାନଙ୍କ ପ୍ରାଚୀନ ଧର୍ମଗ୍ରନ୍ଥ 'ଜେନ୍ଦ-ଅବେସ୍ତା' ଓ ବେଦବର୍ଣ୍ଣିତ ଦେବଦେବୀ ଓ ପୂଜା-

ପଦ୍ଧତି ମଧ୍ୟରେ ବିଶେଷ ସାମଞ୍ଜସ୍ୟ ଲକ୍ଷିତ ହୁଏ । ଅଙ୍ଗୋରା ନିକଟବର୍ତ୍ତୀ **ବୋଘାଜକୋଇ** ନାମକ ସ୍ଥାନରେ ଅବସ୍ଥିତ ଗୋଟିଏ ପ୍ରାଚୀନ ଶିଳାଲିପିରୁ ଜଣାଯାଏ ଯେ ପ୍ରାୟ ଖ୍ରୀ: ପୂ: ଦୁଇ ହଜାର ବର୍ଷ ପୂର୍ବେ ମେସୋପଟେମିୟା ଅଞ୍ଚଳରେ ଆର୍ଯ୍ୟଜାତିର ଗୋଟିଏ ଶାଖା ବାସ କରୁଥିଲେ । ସେମାନେ ଭାରତୀୟ ଆର୍ଯ୍ୟମାନଙ୍କ ପରି ଇନ୍ଦ୍ର, ମିତ୍ର, ବରୁଣ ଇତ୍ୟାଦି ଦେବତାମାନଙ୍କୁ ପୂଜା କରୁଥିଲେ । ତେଣୁ ମେସୋପଟେମିୟା ଅଞ୍ଚଳରୁ ଆର୍ଯ୍ୟମାନେ ଭାରତକୁ ଆସିଥିବାର କେତେକ ପଣ୍ଡିତ ଅନୁମାନ କରୁଛନ୍ତି । ଶବ୍ଦଶାସ୍ତ୍ର ଆଲୋଚନା କରି ପଣ୍ଡିତମାନେ ସ୍ଥିର କରିଛନ୍ତି ଯେ ଅଦ୍ୟାପି ହିନ୍ଦୁ, ପାରସିକ, ଗ୍ରୀକ, ଜର୍ମାନ, ଇଂରେଜ ପ୍ରଭୃତି ଜାତିମାନେ ପିତାମାତା ପ୍ରଭୃତି ବାଚକ କତିପୟ ଶବ୍ଦ ପ୍ରାୟ ଏକ ଭାବରେ ଉଚ୍ଚାରଣ ଓ ଏକ ଅର୍ଥରେ ବ୍ୟବହାର କରୁଛନ୍ତି । ଏଥିରୁ ଅନୁମାନ ହୁଏ ଉପରୋକ୍ତ ବିଭିନ୍ନ ଜାତିମାନେ ମୂଳ ଆର୍ଯ୍ୟବଂଶସମ୍ଭୂତ ଥିବାରୁ ସେମାନଙ୍କର ଭାଷାରେ ଏପରି ସାମଞ୍ଜସ୍ୟ ରହି ଯାଇଛି ।

**ପଞ୍ଜାବରେ ଆର୍ଯ୍ୟ ନିବାସ**—ଆର୍ଯ୍ୟମାନେ ସର୍ବପ୍ରଥମେ କେବେ ଏ ଦେଶରେ ପଦାର୍ପଣ କଲେ ତାହା ସ୍ଥିରରୂପେ ଜଣାଯାଇ ନାହିଁ । କିନ୍ତୁ ବୌଦ୍ଧଧର୍ମ ଅଭ୍ୟୁଦୟର ବହୁପୂର୍ବରୁ ଆର୍ଯ୍ୟମାନେ ଉତ୍ତର-ଭାରତରେ ବସତି ସ୍ଥାପନ କରିଥିବା ସୁନିଶ୍ଚିତ । ସେମାନେ ଭାରତକୁ ଆସି ପ୍ରଥମେ ସପ୍ତସିନ୍ଧୁ ପ୍ରଦେଶ ( କାବୁଲ ଓ ସରସ୍ୱତୀ ନଦୀଦ୍ୱୟ ମଧ୍ୟବର୍ତ୍ତୀ ପ୍ରଦେଶ ) ବା ଅଧୁନିକ ସୀମାନ୍ତ ପ୍ରଦେଶ ଓ ପଞ୍ଜାବ ଅଧିକାର କରିଥିଲେ । ସେତେବେଳେ ସେମାନେ ଗାନ୍ଧାର, ପୁରୁ, ଯଦୁ, ଭରତ ପ୍ରଭୃତି ଦଳରେ ବିଭକ୍ତ ହୋଇଥିଲେ । ଏମାନଙ୍କ ମଧ୍ୟରେ ଭରତ ଦଳ ଶକ୍ତିଶାଳୀ ଥିଲା ଓ ସେମାନଙ୍କ ନାମାନୁସାରେ ଏହି ଦେଶର ନାମ ପରବର୍ତ୍ତୀକାଳରେ ଭାରତବର୍ଷ ହେଲା ବୋଲି କେତେକଙ୍କର ମତ । ଏହି ବଂଶରେ ସୁଦାସ ନାମକ ଜଣେ ଦିଗ୍‌ବିଜୟୀ ରାଜା ଥିଲେ । ଆର୍ଯ୍ୟମାନେ

ପଞ୍ଜାବ ଅଞ୍ଚଳରେ ଅନାର୍ଯ୍ୟମାନଙ୍କ ସହିତ ବହୁକାଳ ଯୁଦ୍ଧ କରିଥିଲେ । ଅନାର୍ଯ୍ୟମାନେ ଦାସ ବା ଦସ୍ୟୁ ନାମରେ ଅଭିହିତ ହେଉଥିଲେ । ସେମାନଙ୍କ ମଧ୍ୟରୁ କେତେକ ଆର୍ଯ୍ୟମାନଙ୍କର ଅଧୀନତା ସ୍ୱୀକାର କରି ପଞ୍ଜାବରେ ରହିଲେ । ଅନ୍ୟ କେତେକ ପଳାଇଯାଇ ବନ ପର୍ବତରେ ଆଶ୍ରୟ ନେଲେ । ସରସ୍ୱତୀ ଓ ଦୃଷଦ୍‌ବତୀ ନଦୀଦ୍ୱୟର ମଧ୍ୟରେ ଥିବା ପଞ୍ଜାବର ଅଂଶ ପରବର୍ତ୍ତୀକାଳରେ ବ୍ରାହ୍ମଣମାନଙ୍କର ଦେଶ ବା ବ୍ରହ୍ମାବର୍ତ୍ତ ନାମରେ ଅଭିହିତ ହେଲା ।

**ଉତ୍ତରଭାରତରେ ଆର୍ଯ୍ୟ ନିବାସ**—ବହୁକାଳ ପଞ୍ଜାବରେ ରହିବା ପରେ ଆର୍ଯ୍ୟମାନେ କ୍ରମଶଃ ଯମୁନା ଓ ଗଙ୍ଗାନଦୀ ମଧ୍ୟବର୍ତ୍ତୀ ଅଞ୍ଚଳ ଅଧିକାର କଲେ ଓ ସେହି ଦୋଆବରେ କୁରୁକ୍ଷେତ୍ର, ମତ୍ସ୍ୟ, ପଞ୍ଚାଳ ଓ ଶୁରସେନ ନାମକ ଚାରୋଟି ରାଜ୍ୟ ପ୍ରତିଷ୍ଠା କଲେ । ଏହି ନୂତନ ଗଠିତ ରାଜ୍ୟ ଚାରୋଟିର ନାମ ହେଲା 'ବ୍ରହ୍ମର୍ଷି ଦେଶ' ବା ବ୍ରାହ୍ମଣ ଓ ଋଷିମାନଙ୍କର ଦେଶ । ଏହାପରେ ଆର୍ଯ୍ୟମାନେ କ୍ରମଶଃ ଗାଙ୍ଗେୟ ଉପତ୍ୟକାର ପଶ୍ଚିମଭାଗ ଅଧିକାର କରି କୋଶଳ (ଅଯୋଧ୍ୟା), କାଶୀ, ବିଦେହ (ଉତ୍ତର ବିହାର) ପ୍ରଭୃତି ରାଜ୍ୟ ପ୍ରତିଷ୍ଠା କରିଥିଲେ । କାଳକ୍ରମେ ଉତ୍ତରରେ ହିମାଳୟ, ଦକ୍ଷିଣରେ ବିନ୍ଧ୍ୟ, ପୂର୍ବରେ ପ୍ରୟାଗ (ଏଲାହାବାଦ), ପଶ୍ଚିମରେ ସରସ୍ୱତୀ ନଦୀର ମଧ୍ୟବର୍ତ୍ତୀ ପ୍ରଦେଶ 'ମଧ୍ୟଦେଶ' ନାମ ଗ୍ରହଣ କଲା । ଆର୍ଯ୍ୟମାନେ କ୍ରମଶଃ ପରବର୍ତ୍ତୀକାଳରେ ମଗଧ (ଦକ୍ଷିଣ ବିହାର), ଅଙ୍ଗ ( ପୂର୍ବ ବିହାର ) ପୁଣ୍ଡ୍ର (ଉତ୍ତର ବଙ୍ଗ) ,ବଙ୍ଗ (ପୂର୍ବ ବଙ୍ଗ) ଓ କଳିଙ୍ଗ (ଉତ୍କଳର ସମତଳ ଅଞ୍ଚଳ) ଅଧିକାର କରିଥିଲେ । ଖ୍ରୀ: ପୂ: ୬ଷ୍ଠ ଶତାବ୍ଦୀ ପୂର୍ବରୁ କଳିଙ୍ଗ ପ୍ରଦେଶର ନାନା ସ୍ଥାନରେ ଆର୍ଯ୍ୟମାନେ ବସତି ସ୍ଥାପନ କରିଥିବା ମହାଭାରତ, ରାମାୟଣ, ପୁରାଣ ଏବଂ ଜୈନ ଓ ବୌଦ୍ଧ ଗ୍ରନ୍ଥମାନଙ୍କରୁ ଜଣାଯାଏ ।

ପଞ୍ଚନଦ ପ୍ରଦେଶରୁ ଆର୍ଯ୍ୟମାନେ ସେହିପରି ଦକ୍ଷିଣକୁ ଗତି କରି ସିନ୍ଧୁ, ସୌଭିର ( ସିନ୍ଧୁ ନଦୀ ମୁହାଣରେ ଅବସ୍ଥିତ ଥିଲା ), ଅବନ୍ତୀ ( ମାଲବ ), ସୌରାଷ୍ଟ୍ର ( କାଥିଆବାଡ଼ ) ପ୍ରଭୃତିରେ ବାସ କଲେ । ଆର୍ଯ୍ୟମାନେ କ୍ରମଶଃ ନିଜର ରାଜ୍ୟ ବିସ୍ତାର କରି ପରିଶେଷରେ ଉତ୍ତରରେ ହିମାଳୟ, ଦକ୍ଷିଣରେ ବିନ୍ଧ୍ୟ, ପୂର୍ବରେ ବଙ୍ଗୋପସାଗର, ପଶ୍ଚିମରେ ଆରବସାଗର ମଧ୍ୟବର୍ତ୍ତୀ ସମଗ୍ର ଉତ୍ତରଭାରତ ଅଧିକାର କରିଥିଲେ ଏବଂ ଏହା 'ଆର୍ଯ୍ୟାବର୍ତ୍ତ' ନାମରେ ଅଭିହିତ ହେଲା । ଏହା ବ୍ୟତୀତ ଭାରତର ଅନ୍ୟାନ୍ୟ ଅଂଶକୁ ସେମାନେ 'ମ୍ଳେଚ୍ଛଦେଶ' ବୋଲି କହୁଥିଲେ ।

**ଦାକ୍ଷିଣାତ୍ୟରେ ଆର୍ଯ୍ୟ ଉପନିବେଶ**—ବହୁକାଳ ଉତ୍ତରଭାରତରେ ରହିବା ପରେ ସେମାନେ କ୍ରମଶଃ ଦାକ୍ଷିଣାତ୍ୟ ବା ଦକ୍ଷିଣାପଥ ଆଡ଼କୁ ଅଗ୍ରସର ହୋଇଥିଲେ । ଏହି ଆର୍ଯ୍ୟ ଅଧିକାର-ବିସ୍ତୃତି କେତେଜଣ ଋଷି ଓ ବିଜେତୃ କ୍ଷତ୍ରିୟ ରାଜାଙ୍କ ଚେଷ୍ଟାରେ ହୋଇଥିଲା । ସେଠାରେ ସେମାନେ ପ୍ରଥମେ ବିଦର୍ଭ ( ବେରାର ) ଓ ଦଣ୍ଡକ ( ଗୋଦାବରୀ ଉପତ୍ୟକାର ପଶ୍ଚିମାଂଶ ) ରାଜ୍ୟ ସ୍ଥାପନ କରିଥିଲେ । ରାମାୟଣରୁ ଜଣାଯାଏ ଯେ ଅଗସ୍ତି ଋଷି, ଧନୁର୍ବେଦ-କର୍ତ୍ତା ଋଷି-ଜମଦଗ୍ନିଙ୍କ ପୁତ୍ର ପରଶୁରାମ ଓ ଦଶରଥଙ୍କ ପୁତ୍ର ରାମଚନ୍ଦ୍ର ଦାକ୍ଷିଣାତ୍ୟରେ ଆର୍ଯ୍ୟପ୍ରଭାବ ପ୍ରତିଷ୍ଠା କରିଥିଲେ । କିନ୍ତୁ ଆର୍ଯ୍ୟାବର୍ତ୍ତ ଠାରୁ କୁମାରିକା ପର୍ଯ୍ୟନ୍ତ ବିସ୍ତୃତ ସମଗ୍ର ଦାକ୍ଷିଣାତ୍ୟ ଆର୍ଯ୍ୟମାନଙ୍କର ବାସଭୂମି ହୋଇ ପାରି ନ ଥିଲା । ଏହାର ଅଧିକାଂଶ ଜଙ୍ଗଲପୂର୍ଣ୍ଣ ଥିଲା । କେବଳ ସ୍ଥାନେ ସ୍ଥାନେ ଆର୍ଯ୍ୟ ମୁନିଋଷିମାନଙ୍କର ଆଶ୍ରମ ଓ କ୍ଷୁଦ୍ର କ୍ଷୁଦ୍ର ରାଜ୍ୟ ଆର୍ଯ୍ୟବସତିର ପରିଚୟ ଦେଉଥିଲା ।

**ବେଦ**—ଆର୍ଯ୍ୟମାନଙ୍କ ଇତିହାସ ରଚନାପାଇଁ ପ୍ରାଚୀନତମ ଉପାଦାନ ବେଦ । 'ବେଦ' ଶବ୍ଦର ସାଧାରଣ ଅର୍ଥ ଅଲୌକିକ

ଜ୍ଞାନ । ହିନ୍ଦୁମାନଙ୍କ ମତରେ ବେଦ ମନୁଷ୍ୟ ରଚିତ ନୁହେଁ । ବଶିଷ୍ଠ, ବିଶ୍ୱାମିତ୍ର ପ୍ରଭୃତି ତତ୍ତ୍ୱଦର୍ଶୀ ଋଷିମାନେ ଯେଉଁ ଭଗବତ୍ ତତ୍ତ୍ୱ ସକଳ ପ୍ରଚାର କରିଥିଲେ, ସେଗୁଡ଼ିକ ବେଦରେ ଲିପିବଦ୍ଧ ହୋଇଛି । ବେଦ ପୃଥିବୀର ପ୍ରାଚୀନତମ ଗ୍ରନ୍ଥ । ବେଦ ଚାରୋଟି, ଯଥା:—ଋକ୍‌ବେଦ, ସାମବେଦ, ଯଜୁର୍ବେଦ ଓ ଅଥର୍ବବେଦ । ବେଦଚତୁଷ୍ଟୟ ରଚନା କରିବାକୁ ଆର୍ଯ୍ୟ ଋଷିମାନଙ୍କୁ ବହୁ ଶତାବ୍ଦୀ ଲାଗିଥିବ । ଋକ୍‌ବେଦ ଏହି ଚାରୋଟି ବେଦ ମଧ୍ୟରେ ପ୍ରାଚୀନ । ପଞ୍ଜାବରେ ଥିବା ସମୟରେ ଆର୍ଯ୍ୟ-ଋଷିମାନେ ଋକବେଦ ରଚନା କରିଥିଲେ । ପରେ ଅନ୍ୟ ତିନୋଟି ବେଦ ରଚିତ ହୋଇଥିଲା । ଋକ୍‌ବେଦରେ ଆକାଶ, ଅଗ୍ନି, ବାୟୁ ଇତ୍ୟାଦି ଉଜ୍ଜ୍ୱଳ ଓ ସୁନ୍ଦର ପ୍ରାକୃତିକ ବସ୍ତୁମାନଙ୍କର ସ୍ତୁତିମାନ ଲେଖା ହୋଇଛି । ଏହା ଦଶୋଟି ମଣ୍ଡଳରେ ବିଭକ୍ତ ଓ ପ୍ରତ୍ୟେକ ମଣ୍ଡଳର ଶେଷରେ ରଚୟିତା ଋଷିଙ୍କ ନାମ ଦିଆଯାଇଛି । ସାମବେଦର ଅଧିକାଂଶ ଋକବେଦରୁ ଗୃହୀତ, କିନ୍ତୁ ଏହାର ମନ୍ତ୍ରଗୁଡ଼ିକ ଗାନର ଛନ୍ଦରେ ଲିଖିତ । ଯଜୁର୍ବେଦରେ ଋକ୍‌ବେଦରୁ ଗୃହୀତ ଅଂଶ ବ୍ୟତୀତ ଅନେକ ନୂତନ ମନ୍ତ୍ର ମଧ୍ୟ ରହିଛି । ଅଥର୍ବବେଦ ଗୋଟିଏ ସ୍ୱତନ୍ତ୍ର ଗ୍ରନ୍ଥ । ଏଥିରେ ଯାଦୁବିଦ୍ୟା, ବୈଷୟିକ ସିଦ୍ଧିର ଉପାୟ ଓ ନାନାବିଧ ବିପଦରୁ ପରିତ୍ରାଣଲାଭର ମନ୍ତ୍ର ଓ ଉପାୟ ବର୍ଣ୍ଣିତ ହୋଇଅଛି । ବେଦଗୁଡ଼ିକ ପ୍ରଥମେ ଲିଖିତ ନ ହୋଇ ଗୁରୁ ଶିଷ୍ୟ ପରମ୍ପରାରେ ମୁଖସ୍ଥ ହୋଇ ପ୍ରଚଳିତ ହେଉଥିଲା । ତେଣୁ ଏହାର ଅପର ନାମ 'ଶ୍ରୁତି' । ଆର୍ଯ୍ୟଋଷିମାନେ ବିଶାଳ ପ୍ରକୃତିର ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ ବୈଦିକ ମନ୍ତ୍ର ସକଳ ରଚନା କରି ଉଚ୍ଚସ୍ୱରରେ ଗାନ କରୁଥିଲେ । ବିଶ୍ୱବାରା ପ୍ରଭୃତି କେତେକ ବିଦୁଷୀ ରମଣୀ ବେଦର କେତୋଟି ମନ୍ତ୍ର ରଚନା କରିଥିଲେ ।

**ଆର୍ଯ୍ୟମାନଙ୍କର ଧର୍ମ**—ଆର୍ଯ୍ୟମାନେ ପ୍ରକୃତିର ମହାଶକ୍ତିକୁ ଭଗବାନ୍ ବୋଲି ମନେ କରୁଥିଲେ ଓ ପ୍ରକୃତିର ଭିନ୍ନ ଭିନ୍ନ ଶକ୍ତିକୁ ଭିନ୍ନ ଭିନ୍ନ ଦେବତାରୂପେ ଆରାଧନା କରୁଥିଲେ । ବିଷ୍ଣୁ, ରୁଦ୍ର, ଅଗ୍ନି, ଅଶ୍ୱିନୀକୁମାର, ଇନ୍ଦ୍ର (ବୃଷ୍ଟିର ଅଧିପତି), ମରୁତ, ସୋମ, ସୂର୍ଯ୍ୟ, ଊଷା, ବରୁଣ (ଜଳର ଅଧିପତି), ଯମ ( ପରଲୋକର ଅଧିପତି ) ଏମାନଙ୍କର ପ୍ରଧାନ ଆରାଧ୍ୟ ଦେବତା ଥିଲେ । ଏ ସମୟରେ ଉପରୋକ୍ତ ଦେବତାମାନଙ୍କର ମୂର୍ତ୍ତିପୂଜା ପ୍ରଚଳିତ ନ ଥିଲା । କିନ୍ତୁ ଏହି ଦେବତାମାନେ ଏକ ଓ ଅଦ୍ୱିତୀୟ ଜଗଦୀଶ୍ୱରଙ୍କର ନାନାବିଧ ବିକାଶ ବୋଲି ଅବଧୃତ ହେଉଥିଲେ । ସେମାନେ ଦେବତାମାନଙ୍କ ଉଦ୍ଦେଶ୍ୟରେ ସ୍ତବପାଠ ଓ ସେମାନଙ୍କର ତୃପ୍ତି ସାଧନ ନିମିତ୍ତ ଅଗ୍ନିରେ ଘୃତାହୁତି ପ୍ରଦାନ କରୁଥିଲେ । ସ୍ୱାସ୍ଥ୍ୟ, ଶକ୍ତି, ପୁତ୍ର, ପଶୁ, ଶସ୍ୟବୃଦ୍ଧି ନିମିତ୍ତ ସେମାନେ ଦେବତାମାନଙ୍କୁ ଆରାଧନା କରୁଥିଲେ । ସେମାନେ ସତ୍ୟ-ବାକ୍ୟର ମାହାତ୍ମ୍ୟ ବିଶେଷରୂପେ ଉପଲବ୍ଧି କରିଥିଲେ । ପୁଣ୍ୟାତ୍ମାର ସ୍ୱର୍ଗଗମନ ଓ ପାପୀର ଯମାଳୟରେ ଯନ୍ତ୍ରଣାଭୋଗ ବିଷୟ ସେମାନେ ବିଶ୍ୱାସ କରୁଥିଲେ । ବେଦରୁ ଆମ୍ଭେମାନେ ଯେଉଁ ଧର୍ମର ଆଭାସ ପାଉଁ ତାହା ବୈଦିକ ଧର୍ମ । କାଳକ୍ରମେ ଯଜ୍ଞ ବୈଦିକ ଧର୍ମର ପ୍ରଧାନ ଅଙ୍ଗ ହେଲା । ଯଜ୍ଞ ପାଇଁ ନାନାପ୍ରକାର ବେଦୀ ନିର୍ମିତ ହେଉଥିଲା । ପୁରୋହିତମାନେ ବେଦୀ ନିକଟରେ ବୈଦିକ ମନ୍ତ୍ରମାନ ଉଚ୍ଚାରଣ କରି ଦେବଦେବୀଙ୍କ ଉଦ୍ଦେଶ୍ୟରେ ଯଜ୍ଞାଗ୍ନିରେ ଘୃତ, ଦୁଗ୍ଧ ତଣ୍ଡୁଳ ପ୍ରଭୃତି ଆହୁତି ପ୍ରଦାନ କରୁଥିଲେ । ଏହି ପୂଜା ପ୍ରଣାଳୀ ସରଳ ଓ ସହଜ ଥିଲା । ଯଜ୍ଞପରେ ସେମାନେ ଯଜ୍ଞପ୍ରଦତ୍ତ ପଦାର୍ଥମାନଙ୍କର ଅବଶିଷ୍ଟାଂଶକୁ ପ୍ରସାଦ ସ୍ୱରୂପ ସେବନ କରୁଥିଲେ । ପରବର୍ତ୍ତୀକାଳରେ ବୈଦିକ ଧର୍ମ ବହୁ ଆଡ଼ମ୍ବରପୂର୍ଣ୍ଣ ହୋଇଗଲା ଓ ଯଜ୍ଞ ପାଇଁ ପଶୁବଳି ପ୍ରଚଳିତ ହେଲା ।

**ଆର୍ଯ୍ୟମାନଙ୍କର ସମାଜ ଓ ସଭ୍ୟତା**—ଋକ୍‌ବେଦରୁ ଆମ୍ଭେମାନେ ଜାଣିପାରୁଁ ଯେ ଆର୍ଯ୍ୟମାନେ କୃଷିକାର୍ଯ୍ୟ ଓ ଗୋମେଷାଦି ପଶୁପାଳନ କରୁଥିଲେ । କୃଷି କାର୍ଯ୍ୟ ପାଇଁ ଜଳସେଚନର ବ୍ୟବସ୍ଥା ଥିଲା । ଗୋମେଷାଦି ପଶୁ ସେମାନଙ୍କର ପ୍ରଧାନ ସମ୍ପତ୍ତି ଥିଲା । ସେମାନେ ଧାନ୍ୟ ଗୋଧୂମ ଯବାଦି ଚାଷ କରୁଥିଲେ । ସେମାନେ ନାନାବିଧ ଶିଳ୍ପରେ ମଧ୍ୟ ନିପୁଣ ଥିଲେ । ସେମାନେ ନଦୀ ଓ ସମୁଦ୍ରରେ ଜଳଯାତ୍ରା ଓ ବାଣିଜ୍ୟ ବ୍ୟବସାୟ କରୁଥିଲେ । ସ୍ତ୍ରୀମାନେ ବିଦ୍ୟାଚର୍ଚ୍ଚା କରୁଥିଲେ । ବିଦୁଷୀମାନଙ୍କ ମଧ୍ୟରେ ଅପାଲା, ଗାର୍ଗୀ, ବିଶ୍ୱବାରା ପ୍ରଭୃତିଙ୍କର ନାମ ଉଲ୍ଲେଖଯୋଗ୍ୟ । ଋକ୍‌ବେଦରୁ ଜଣାଯାଏ ଯେ ଇନ୍ଦ୍ରସେନା ନାମ୍ନୀ ଋଷିପତ୍ନୀ ଯୁଦ୍ଧରେ ଜୟଲାଭ କରି ଗୋଧନ ଉଦ୍ଧାର କରିଥିଲେ । ଋକ୍‌ବେଦ ରଚନା କାଳରେ ଆର୍ଯ୍ୟମାନଙ୍କ ମଧ୍ୟରେ ଜାତିଭେଦ ପ୍ରଥାର ସୂଚନା ମିଳେ । କାରଣ ବ୍ରାହ୍ମଣ, କ୍ଷତ୍ରିୟ, ତନ୍ତୁବାୟ, ସ୍ୱର୍ଣ୍ଣକାର, ସୂତ୍ରଧାର ଓ ଅନ୍ୟାନ୍ୟ ଜାତିର ବର୍ଣ୍ଣନା ସେଥିରେ ମିଳେ । ଆର୍ଯ୍ୟମାନେ ଏକାନ୍ନବର୍ତ୍ତୀ ପରିବାରରେ ବାସ କରୁଥିଲେ । ସେ କାଳରେ ଜାତିଭେଦ ପ୍ରଥା କଠୋର ନ ଥିଲା । ଉଚ୍ଚବର୍ଣ୍ଣର ଲୋକେ ନିମ୍ନବର୍ଣ୍ଣର କନ୍ୟା ବିବାହ କରି ପାରୁଥିଲେ । ଅବରୋଧ ବା ପରଦା ପ୍ରଥା ଓ ବାଲ୍ୟବିବାହ ବିଶେଷ ଭାବରେ ପ୍ରଚଳିତ ନ ଥିଲା । ସ୍ତ୍ରୀ ଲୋକମାନେ ସମାଜରେ ଉଚ୍ଚ ଆସନ ଅଧିକାର କରିଥିଲେ । ସ୍ତ୍ରୀ ବିନା ସ୍ୱାମୀ କୌଣସି ଯଜ୍ଞ ବା ଧର୍ମାନୁଷ୍ଠାନ କରିପାରୁ ନ ଥିଲେ । ଯୁବତୀ ସ୍ତ୍ରୀମାନେ ନିଜର ମନୋନୀତ ପତିଠାରେ ଆତ୍ମସମର୍ପଣ କରି ପାରୁଥିଲେ । ସତୀଦାହ ନ ଥିଲା । ବିଧବାମାନେ ପୁନର୍ବିବାହ କରି ପାରୁଥିଲେ ।

ଆର୍ଯ୍ୟମାନେ ବଡ଼ ଯୁଦ୍ଧପ୍ରିୟ ଥିଲେ । ଯୁଦ୍ଧରେ ଘୋଟକ, ଶକଟ ବା ରଥ ବ୍ୟବହୃତ ହେଉଥିଲା । ରାଜପୁରୁଷ ଓ ସେନାପତିମାନେ ହସ୍ତୀ

ଉପରେ ବସି ଯୁଦ୍ଧ କରୁଥିଲେ । ଯୁଦ୍ଧରେ ଶିରସ୍ତ୍ରାଣ ( ପଗଡ଼ି ), ବର୍ମ ( ଢାଲ ), ବର୍ଚ୍ଛା, ଖଡ୍ଗ, ଧନୁଶର, ଗଦା ପ୍ରଭୃତି ବ୍ୟବହୃତ ହେଉଥିଲା । ସେମାନେ ସର୍ବଦା ନ୍ୟାୟଯୁଦ୍ଧ କରୁଥିଲେ । ପଳାତକ, ଭୀତ, ଶରଣାଗତ, ଦୁର୍ଦ୍ଦଶାଗ୍ରସ୍ତ ଶତ୍ରୁକୁ ମାରୁ ନ ଥିଲେ । ରାତ୍ରି ଯୁଦ୍ଧ, ଶତ୍ରୁର ପଶ୍ଚାଦ୍ଧାବନ, ଅତର୍କିତ ଆକ୍ରମଣ ଅନ୍ୟାୟ ବୋଲି ବିବେଚିତ ହେଉଥିଲା ।

ଆର୍ଯ୍ୟମାନଙ୍କର ଜୀବନଯାପନ ପ୍ରଣାଳୀ ସରଳ, ଶାନ୍ତିମୟ ଓ ପବିତ୍ର ଥିଲା । ସେମାନେ ବଡ଼ ଧର୍ମପରାୟଣ ଥିଲେ ଓ ପ୍ରତ୍ୟେକ କାର୍ଯ୍ୟ ଧର୍ମବିଧାନାନୁସାରେ କରୁଥିଲେ । ସମାଜରେ ଦୁଷ୍ଟ, ଦସ୍ୟୁ କ୍ୱଚିତ୍ ଦେଖାଯାଉଥିଲେ । ଶିଳ୍ପର ଉନ୍ନତି ପାଇଁ ବିଭିନ୍ନ ଜାତି ମଧ୍ୟରେ ସଂଗଠନ ଥିଲା । ସାଧାରଣତଃ ବିନିମୟ ଦ୍ୱାରା କ୍ରୟ ବିକ୍ରୟ ହେଉଥିଲା । କିନ୍ତୁ 'ନିଷ୍କ' ନାମକ ଗୋଟିଏ ମୁଦ୍ରା ପ୍ରଚଳିତ ଥିବାର ଜଣାଯାଏ । କୃଷି, ସଙ୍ଗୀତ, ବାଦ୍ୟ, ନୃତ୍ୟ, ରଥଦୌଡ଼, ଦ୍ୟୂତକ୍ରୀଡ଼ା, ମୃଗୟା ସେମାନଙ୍କର ପ୍ରଧାନ କ୍ରୀଡ଼ା କୌତୁକ ଥିଲା । ନୀବି (କାଛ), ପରିଧାନ (ଲୁଗା) ଓ ଅଧିବାସ (ଚଦର) ସାଧାରଣ ପୋଷାକ ଥିଲା । ଗହମ, ଯବ, ଧାନ, ନାନାବିଧ ଫଳମୂଳ, ଦୁଗ୍ଧ, ଘୃତ, ମାଂସ ସେମାନଙ୍କର ପ୍ରଧାନ ଖାଦ୍ୟ ଥିଲା । ସେମାନେ ସୋମଲତାର ରସରୁ ପ୍ରସ୍ତୁତ ମଦ୍ୟ ଓ ସୁରା ପାନ କରୁଥିଲେ । ସ୍ୱର୍ଣ୍ଣ, ରୌପ୍ୟ ଓ ରତ୍ନନିର୍ମିତ ନାନାପ୍ରକାର ଅଳଙ୍କାର ସେମାନେ ବ୍ୟବହାର କରୁଥିଲେ । ସେମାନେ ସାଧାରଣତଃ ଶବଦାହ କରୁଥିଲେ । କିନ୍ତୁ ସମୟ ସମୟରେ ଶବକୁ ପୋତି ପକାଉଥିଲେ । ସେମାନେ ଏକପ୍ରକାର ସଂସ୍କୃତ ଭାଷାରେ କଥାବାର୍ତ୍ତା ହେଉଥିଲେ । ଆର୍ଯ୍ୟମାନଙ୍କର ସଭ୍ୟତା ସରଳ ଓ ନିରାଡ଼ମ୍ବର ଥିଲେ ମଧ୍ୟ ଏହାର ଆଦର୍ଶ ଅତି ଉଚ୍ଚ ଥିଲା ।

**ଶାସନ ପ୍ରଣାଳୀ**—ଆର୍ଯ୍ୟମାନେ ଗ୍ରାମମାନଙ୍କରେ ବାସ କରୁଥିଲେ । ପ୍ରତ୍ୟେକ ଗ୍ରାମରେ କେତୋଟି ପରିବାର ବାସ କରୁଥିଲେ ।

ଗ୍ରାମର ମୁଖ୍ୟ ବ୍ୟକ୍ତିର ନାମ 'ଗ୍ରାମଣୀ' ଥିଲା । କେତୋଟି ଗ୍ରାମ ମିଶି ଗୋଟିଏ ବିଷ ବା ବିଷୟ ହେଉଥିଲା ଏବଂ 'ବିଷପତି' ବା 'ବିଷୟପତି' ଏହାର ଶାସକ ଥିଲେ । ପ୍ରତ୍ୟେକ ଦଳରେ ବା ରାଜ୍ୟରେ ଜଣେ ଦଳପତି ବା ରାଜା ଥିଲେ । ରାଜାମାନେ ପ୍ରଧାନ ପୁରୋହିତ, ସେନାପତି ଓ ଯଜ୍ଞରକ୍ଷକଙ୍କର କାର୍ଯ୍ୟ କରୁଥିଲେ । ରାଜା ମନ୍ତ୍ରୀସଭା, ସେନାନୀ ପ୍ରଭୃତି କର୍ମଚାରୀଙ୍କ ସହାୟତାରେ ଓ 'ସଭା' 'ସମିତି' ପ୍ରଭୃତି ଗଣତନ୍ତ୍ରମୂଳକ ଅନୁଷ୍ଠାନର ମତାନୁଯାୟୀ ଶାସନ କାର୍ଯ୍ୟ ଚଳାଉଥିଲେ । ରାଜପଦ ପ୍ରାୟ ପୁରୁଷାନୁକ୍ରମିକ ଥିଲା । କିନ୍ତୁ ରାଜା ଅତ୍ୟାଚାରୀ ବା ନିଷ୍ଠୁର ହେଲେ ପଦଚ୍ୟୁତ ହେଉଥିଲେ । ବଳବାନ୍ ରାଜାମାନେ ପ୍ରତିବେଶୀ ରାଜ୍ୟମାନ ଜୟ କରି 'ସମ୍ରାଟ୍' ବା 'ଏକରାଟ୍' ଉପାଧି ଗ୍ରହଣ କରୁଥିଲେ ଓ ନିଜର କ୍ଷମତା ପ୍ରଦର୍ଶନ ନିମିତ୍ତ ଅଶ୍ୱମେଧ, ରାଜସୂୟ ଓ ବାଜପେୟ ପ୍ରଭୃତି ଯଜ୍ଞ କରୁଥିଲେ । ରାଜାମାନେ ପ୍ରଜାମାନଙ୍କଠାରୁ ଉତ୍ପନ୍ନ ଶସ୍ୟର କେତେକାଂଶ ଭାଗ ବା ରାଜସ୍ୱ ସ୍ୱରୂପ ନେଉଥିଲେ । ରାଜସ୍ୱ ଅସୁଲ କରିବା ପାଇଁ 'ଭାଗଦୁହ' ନାମକ କର୍ମଚାରୀ ଥିଲେ । ପ୍ରଜାପାଳନ ଓ ସୁଶାସନ ରାଜଧର୍ମର ପ୍ରଧାନ ଆଦର୍ଶ ଥିଲା । ସ୍ଥାନେ ସ୍ଥାନେ ଗୋଷ୍ଠୀଶାସନ ଓ ଗଣତନ୍ତ୍ର ମଧ୍ୟ ପ୍ରଚଳିତ ଥିଲା ।

**ବର୍ଣ୍ଣାଶ୍ରମ**—ପ୍ରଥମେ ଆର୍ଯ୍ୟମାନଙ୍କ ମଧ୍ୟରେ ଜାତିବିଭାଗ ନ ଥିଲା, କିନ୍ତୁ କାଳକ୍ରମେ ବର୍ଣ୍ଣ ଓ ଆଶ୍ରମ ବୈଦିକ ଆର୍ଯ୍ୟ ସମାଜର ପ୍ରଧାନ ଅଙ୍ଗ ହେଲା । ଋକ୍‌ବେଦରେ ବ୍ରାହ୍ମଣ, ରାଜନ୍ୟ (କ୍ଷତ୍ରିୟ), ବିଶ୍ (ବୈଶ୍ୟ) ଓ ଶୂଦ୍ର ଏହି ଚତୁର୍ବର୍ଣ୍ଣ ବା ଚାରୋଟି ଜାତିର ଉଲ୍ଲେଖ ଦେଖାଯାଏ । ପ୍ରଥମେ ଲୋକମାନେ ଗୁଣ କର୍ମର ବିଭାଗ ଅନୁସାରେ ବିଭିନ୍ନ ଜାତିଭୁକ୍ତ ହେଉଥିଲେ । କିନ୍ତୁ କାଳକ୍ରମେ ଜାତିବିଭାଗ ବଂଶ ପରମ୍ପରାଗତ ଓ କଠୋର ହୋଇଗଲା । କ୍ରମଶଃ ବୃତ୍ତି ବ୍ୟବସାୟମାନ ଜଟିଳ ଓ ବହୁସଂଖ୍ୟକ ହୋଇଯିବାରୁ ବହୁ ଉପଜାତିର ମଧ୍ୟ ସୃଷ୍ଟି

ହେଲା । ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟ ଏହି ତିନିବର୍ଣ୍ଣର ବେଦାଧ୍ୟୟନ ଓ ଯାଗଯଜ୍ଞରେ ଅଧିକାର ଥିଲା । ତେଣୁ ସେମାନେ ଦ୍ୱିଜ ନାମରେ ଅଭିହିତ ହେଉଥିଲେ । ଏସ୍ଥଳେ ହୀନ ଶୂଦ୍ରଗଣ 'ଏକଜ' ନାମ ଗ୍ରହଣ କଲେ । ଜାତିବିଭାଗ ଯୋଗୁଁ ବ୍ୟବସାୟ ବାଣିଜ୍ୟ ଭଲ ଚଳିଲା ଓ ଲୋକମାନଙ୍କର ଆର୍ଥିକ ଅବସ୍ଥା ଭଲ ହେଲା ସତ୍ୟ, କିନ୍ତୁ ଏହାଦ୍ୱାରା ଅସବର୍ଣ୍ଣ-ବିବାହ, ଅସବର୍ଣ୍ଣ-ଭୋଜନ ନିଷିଦ୍ଧ ହେଲା । ଅସ୍ପୃଶ୍ୟତା ଓ ଉଚ୍ଚ ନୀଚ ଭେଦଭାବ ସମାଜରେ ପ୍ରବଳ ହେଲା । ତେଣୁ ହିନ୍ଦୁସମାଜ ବହୁ କ୍ଷୁଦ୍ର କ୍ଷୁଦ୍ର ଗୋଷ୍ଠୀରେ ବିଭକ୍ତ ହୋଇ ନିଜର ଏକତା ହରାଇଲା ।

ଉଚ୍ଚ ଶ୍ରେଣୀର ଆର୍ଯ୍ୟମାନଙ୍କର ଜୀବନ ଚାରୋଟି ଆଶ୍ରମରେ ବିଭକ୍ତ ହୋଇଥିଲା । ପ୍ରଥମତଃ ବ୍ରହ୍ମଚର୍ଯ୍ୟାଶ୍ରମରେ ବ୍ରହ୍ମଚର୍ଯ୍ୟ ଅବଲମ୍ବନ କରି ଗୁରୁଗୃହରେ ବିଦ୍ୟାଭ୍ୟାସ କରିବା; ଦ୍ୱିତୀୟତଃ ଗୁରୁଗୃହରୁ ଆସି ଗୃହସ୍ଥାଶ୍ରମରେ ବିବାହ କରି ଗୃହସ୍ଥର କାର୍ଯ୍ୟ କରିବା; ତୃତୀୟତଃ ବାନପ୍ରସ୍ଥାଶ୍ରମରେ ବନକୁ ପ୍ରସ୍ଥାନ କରି ତପସ୍ୟା କରିବା; ଚତୁର୍ଥତଃ ଯତିବ୍ରତାଶ୍ରମରେ ଯତି ବେଶରେ ପରମାତ୍ମାଙ୍କ ଧ୍ୟାନରେ ନିମଗ୍ନ ରହିବା । ଏହି ଆଶ୍ରମଧର୍ମଯୋଗୁଁ ଆର୍ଯ୍ୟମାନେ ସଂଯତ, ଶୃଙ୍ଖଳାବଦ୍ଧ, ସରଳ, ପବିତ୍ର ଓ ଦୀର୍ଘାୟୁ ହେଉଥିଲେ ।

**ବୈଦିକ ସାହିତ୍ୟ**—ବେଦ ଚତୁଷ୍ଟୟର ଟୀକାରୂପ ଗଦ୍ୟ-ଭାଗ ବ୍ରାହ୍ମଣ ନାମରେ ଅଭିହିତ ହୁଏ । ଏ ଗୁଡ଼ିକ ବେଦପରେ ଋଷିମାନଙ୍କ-ଦ୍ୱାରା ରଚିତ । ବୈଦିକ ମନ୍ତ୍ରମାନଙ୍କର ବ୍ୟାଖ୍ୟା, ମନ୍ତ୍ରରଚନାର ଉଦ୍ଦେଶ୍ୟ, ମନ୍ତ୍ର ବ୍ୟବହାରର ଉପଯୁକ୍ତ ସମୟ, ଯଜ୍ଞର ବିସ୍ତୃତ ବିବରଣୀ ଓ ଯାଜକମାନଙ୍କର କର୍ତ୍ତବ୍ୟ ସମ୍ବନ୍ଧରେ ଏଥିରେ ଅନେକ ବିଷୟ ଲିଖିତ ଅଛି । ବ୍ରାହ୍ମଣ ରଚନା ସମୟରେ ପୁରୋହିତ-ପ୍ରଧାନ ଆଡ଼ମ୍ବରପୂର୍ଣ୍ଣ ହୋମବିଧିଯୁକ୍ତ ଯଜ୍ଞ-ଅନୁଷ୍ଠାନ ଧର୍ମର ପ୍ରଧାନ ଅଙ୍ଗ ବୋଲି ବିବେଚିତ ହେଉଥିଲା । ଆରଣ୍ୟକ ଓ ଉପନିଷଦ୍‌ମାନଙ୍କର

ବେଦ ସହିତ ଘନିଷ୍ଠ ସମ୍ବନ୍ଧ ଅଛି । ବାନପ୍ରସ୍ଥାବଲମ୍ବୀମାନଙ୍କ ଧର୍ମଚର୍ଚ୍ଚା ଉଦ୍ଦେଶ୍ୟରେ ଲିଖିତ ଗ୍ରନ୍ଥମାନ 'ଆରଣ୍ୟକ' ନାମରେ ଅଭିହିତ ହେଉଥିଲା । ଉପନିଷଦ୍‌ରେ ତତ୍ତ୍ୱଜ୍ଞାନ ବିବୃତ ହୋଇଅଛି । ଜୀବର ପୁନର୍ଜନ୍ମ ଓ ଈଶ୍ୱରତତ୍ତ୍ୱ, ସୃଷ୍ଟିତତ୍ତ୍ୱ ପ୍ରଭୃତି ସମ୍ବନ୍ଧରେ ଏଥିରେ ବର୍ଣ୍ଣିତ ହୋଇଅଛି । ଉପନିଷଦ୍‌ମାନଙ୍କରୁ ପରବର୍ତ୍ତୀକାଳରେ ଅନେକ ଦାର୍ଶନିକ ମତର ସୃଷ୍ଟି ହୋଇଅଛି । ଦର୍ଶନମାନଙ୍କ ମଧ୍ୟରେ ଗୌତମଙ୍କ ନ୍ୟାୟ, କଣାଦଙ୍କ ବୈଶେଷିକ, କପିଳଙ୍କ ସାଙ୍ଖ୍ୟ, ପାତଞ୍ଜଳଙ୍କ ଯୋଗ, ଜୈମିନିଙ୍କ ପୂର୍ବ ମୀମାଂସା ଓ ବ୍ୟାସଙ୍କ ଉତ୍ତର ମୀମାଂସା ବା ବେଦାନ୍ତ ଏହି ଷଡ଼୍‌ଦର୍ଶନ ପ୍ରସିଦ୍ଧ । ଏତଦ୍‌ବ୍ୟତୀତ ଧନୁର୍ବେଦ, ଆୟୁର୍ବେଦ, ଗନ୍ଧର୍ବବେଦ ଓ ଅର୍ଥଶାସ୍ତ୍ର ନାମକ ଗୋଟିଏ ଉପବେଦ ଅଛି ।

ବେଦ, ବ୍ରାହ୍ମଣ ଓ ଉପନିଷଦ୍ ଶ୍ରୁତି ନାମରେ ଅଭିହିତ । ଷଡ଼୍‌ବେଦାଙ୍ଗ (ଶିକ୍ଷା, କଳ୍ପ, ବ୍ୟାକରଣ, ନିରୁକ୍ତ, ଛନ୍ଦ ଓ ଜ୍ୟୋତିଷ), ସୂତ୍ର (କଳ୍ପ, ଗୃହ୍ୟ ଓ ଧର୍ମ), ନାନା-ତନ୍ତ୍ର, ଇତିହାସ, ଅଷ୍ଟାଦଶ ପୁରାଣ ଓ ନୀତିଶାସ୍ତ୍ର ପ୍ରଭୃତିକୁ ମଧ୍ୟ ସ୍ମୃତି ବୋଲାଯାଏ । ଶ୍ରୁତି ଓ ସ୍ମୃତିର ମତରେ ପାର୍ଥକ୍ୟ ଦେଖାଗଲେ ଶ୍ରୁତିହିଁ ପ୍ରାମାଣ୍ୟରୂପେ ଗୃହୀତ ହୁଏ ।

**ମନୁ ସଂହିତା**—ଧର୍ମ, ଆଚାର, ବ୍ୟବହାର ଓ ରାଜନୀତି ବିଷୟରେ ମନୁ, ଯାଜ୍ଞବଲ୍କ୍ୟ, ପରାଶର, ବ୍ୟାସ, ବଶିଷ୍ଠ, ଗୌତମ ପ୍ରଭୃତି ଋଷିମାନେ ଧର୍ମସଂହିତାମାନ ରଚନା କରିଥିଲେ । ଏମାନଙ୍କ ମଧ୍ୟରେ ମନୁସଂହିତା ହିନ୍ଦୁମାନଙ୍କର ପରମ ପବିତ୍ର ଗ୍ରନ୍ଥ । ଏଥିରେ ପାଞ୍ଚଟି ବିଷୟ (୧) ଧର୍ମ ଓ ଧର୍ମର ଲକ୍ଷଣ, (୨) ଆଚାର, (୩) ବ୍ୟବହାର (ରାଜଧର୍ମ ଓ ପ୍ରଜାପାଳନ ବିଧି), (୪) ପ୍ରାୟଶ୍ଚିତ୍ତ, (୫) କର୍ମଫଳ ଓ ଦାର୍ଶନିକ ବିଚାର ବିସ୍ତୃତ ଭାବରେ ବର୍ଣ୍ଣିତ ହୋଇଅଛି । ଏଥିରେ ଜାତିଭେଦର ପୂର୍ଣ୍ଣ ବିକାଶ ପରିଲକ୍ଷିତ ହୁଏ ।

## ଚତୁର୍ଥ ଅଧ୍ୟାୟ

# ରାମାୟଣ ଓ ମହାଭାରତ

ବେଦ ଓ ଉପନିଷଦ୍ ପ୍ରଭୃତି ରଚିତ ହେବାର ବହୁବର୍ଷ ପରେ ରାମାୟଣ ଓ ମହାଭାରତ ନାମକ ଦୁଇଟି ମହାକାବ୍ୟ ସଂସ୍କୃତ ଭାଷାରେ ଲିଖିତ ହୋଇଥିଲା । ମହାକବି ବାଲ୍ମୀକି ରାମାୟଣ ଏବଂ ମହାକବି ବେଦବ୍ୟାସ ମହାଭାରତ ରଚନା କରିଥିଲେ । ମହାଭାରତ ରାମାୟଣ ଅପେକ୍ଷା ବଡ଼ ଗ୍ରନ୍ଥ । ରାମାୟଣ ସାତ କାଣ୍ଡ ବା ଭାଗ ଏବଂ ମହାଭାରତ ଅଠର ପର୍ବ ବା ଭାଗରେ ବିଭକ୍ତ । ଏ ଦୁଇଟି ମହାକାବ୍ୟରେ ବ୍ୟବହୃତ ସଂସ୍କୃତ ଭାଷା ବୈଦିକ ସଂସ୍କୃତ ଭାଷାଠାରୁ ଅନେକାଂଶରେ ପୃଥକ୍ । ଏ ଦୁଇଟି ଗ୍ରନ୍ଥ ଖ୍ରୀଷ୍ଟପୂର୍ବ ପଞ୍ଚମ ଶତାବ୍ଦୀ ଏବଂ ଖ୍ରୀଷ୍ଟୀୟ ଦ୍ୱିତୀୟ ଶତାବ୍ଦୀ ମଧ୍ୟରେ ରଚିତ ବୋଲି ପଣ୍ଡିତମାନେ ଅନୁମାନ କରନ୍ତି ।

**ରାମାୟଣ**—ରାମଚନ୍ଦ୍ରଙ୍କ ଜୀବନଚରିତ ରାମାୟଣର କଥାବସ୍ତୁ । ବୈଦିକଯୁଗରୁ କୋଶଳ ରାଜ୍ୟ ଉତ୍ତରଭାରତରେ ପ୍ରସିଦ୍ଧି ଲାଭ କରିଥିଲା । ପ୍ରଥମେ ଅଯୋଧ୍ୟା ଓ ପରେ ଶ୍ରାବସ୍ତି ଏହାର ରାଜଧାନୀ ହେଲା । ଏଠାରେ ସୂର୍ଯ୍ୟବଂଶୀୟ ରାଜାମାନେ ବହୁଶତାବ୍ଦୀ ଧରି ରାଜତ୍ୱ କରିଥିଲେ । ଦଶରଥଙ୍କ ଜ୍ୟେଷ୍ଠପୁତ୍ର ରାମଚନ୍ଦ୍ର ଏହି ବଂଶର ବିଖ୍ୟାତ ରାଜା ଥିଲେ । ଆଦିକବି ବାଲ୍ମୀକି ରାମାୟଣ ମହାକାବ୍ୟରେ ରାମଙ୍କର କୀର୍ତ୍ତି ଅକ୍ଷୟ କରି ଯାଇଛନ୍ତି । ରାମାୟଣରେ ରାମଙ୍କର ବାଲ୍ୟଜୀବନ, ହରଧନୁଭଙ୍ଗ କରି ବିଦେହରାଜ ଜନକଙ୍କ କନ୍ୟା ସୀତାଙ୍କୁ ବିବାହ, ପିତୃସତ୍ୟ ପାଳନ-ପାଇଁ ଯୁବରାଜ ରାମଚନ୍ଦ୍ରଙ୍କର ଚତୁର୍ଦ୍ଦଶ ବର୍ଷ ବନଗମନ, ସୀତା ଓ ଲକ୍ଷ୍ମଣଙ୍କର ରାମଚନ୍ଦ୍ରଙ୍କ ସହ ବନଗମନ, ଗୋଦାବରୀ ତୀରବର୍ତ୍ତୀ ପଞ୍ଚବଟୀ ବନରେ ଥିବା ସମୟରେ ଲଙ୍କାର ଅସୁରରାଜା ରାବଣଙ୍କ ଦ୍ୱାରା ଜାନକୀହରଣ, ସୀତାଙ୍କୁ ଉଦ୍ଧାର କରିବାପାଇଁ ରାମଙ୍କର ବାନରପତି ସୁଗ୍ରୀବ

ଓ ରାବଣଭ୍ରାତା ବିଭୀଷଣଙ୍କ ସହିତ ମିତ୍ରତା ସ୍ଥାପନ, ଲଙ୍କା ଆକ୍ରମଣ ପାଇଁ ସେତୁବନ୍ଧ ନିର୍ମାଣ, ରାବଣଙ୍କୁ ସବଂଶରେ ମାରି ସୀତାଙ୍କ ଉଦ୍ଧାର, ରାମଙ୍କର ଅଯୋଧ୍ୟାକୁ ପ୍ରତ୍ୟାବର୍ତ୍ତନ, ରାମଙ୍କର ଦୀର୍ଘକାଳ ରାଜ୍ୟଶାସନ, ପ୍ରଜାମାନଙ୍କ ମନସ୍ତୁଷ୍ଟି ନିମିତ୍ତ ପ୍ରାଣପ୍ରିୟା ସୀତାଙ୍କର ନିର୍ବାସନ, ବାଲ୍ମୀକି ଆଶ୍ରମରେ ସୀତାଙ୍କର ଆଶ୍ରୟ ଓ ସେଠାରେ ତାଙ୍କର ଲବକୁଶ ନାମକ ଦୁଇଟି ପୁତ୍ର ଲାଭ, ଲବକୁଶଙ୍କଦ୍ୱାରା ରାମଙ୍କ ସଭାରେ ବାଲ୍ମୀକି ରଚିତ ରାମାୟଣ ଗାୟନ ଓ ସୀତାଙ୍କ ଭୂପ୍ରବେଶ ବର୍ଣ୍ଣିତ ହୋଇଅଛି । ରାମଚନ୍ଦ୍ରଙ୍କ ପରେ ଏହି ବଂଶରେ ୫୧ ଜଣ ରାଜା ରାଜତ୍ୱ କରିଥିଲେ । ପ୍ରସେନଜିତ୍ ଏହି ବଂଶର ଶେଷ ରାଜା । ରାମଚନ୍ଦ୍ରଙ୍କୁ ହିନ୍ଦୁମାନେ ଭଗବାନଙ୍କ ଅବତାର ରୂପେ ପୂଜା କରନ୍ତି ।

**ମହାଭାରତ**—ଏଥିରୁ ଜଣାଯାଏ ଯେ ଚନ୍ଦ୍ରବଂଶୀୟ ରାଜାମାନେ ବହୁକାଳ କୁରୁରାଜ୍ୟର ରାଜଧାନୀ ହସ୍ତିନାପୁରରେ ରାଜତ୍ୱ କରିଥିଲେ । ଏହି ବଂଶର ଜଣେ ରାଜାଙ୍କର ଧୃତରାଷ୍ଟ୍ର ଓ ପାଣ୍ଡୁ ନାମକ ଦୁଇପୁତ୍ର ଥିଲେ । ପାଣ୍ଡୁଙ୍କର ଯୁଧିଷ୍ଠିର, ଭୀମ, ଅର୍ଜ୍ଜୁନ, ନକୁଳ ଓ ସହଦେବ ନାମକ ପଞ୍ଚପୁତ୍ର ପାଣ୍ଡବ ନାମରେ ଏବଂ ଧୃତରାଷ୍ଟ୍ରଙ୍କର ଦୁର୍ଯ୍ୟୋଧନ, ଦୁଃଶାସନ ପ୍ରଭୃତି ଶତପୁତ୍ର କୌରବ ନାମରେ ଅଭିହିତ । ଧୃତରାଷ୍ଟ୍ର ଜ୍ୟେଷ୍ଠ ହୋଇ ମଧ୍ୟ ଜନ୍ମାନ୍ଧ ଥିବାରୁ କନିଷ୍ଠ ଭାଇ ପାଣ୍ଡୁ ରାଜା ହୋଇଥିଲେ । ପାଣ୍ଡୁଙ୍କ ମୃତ୍ୟୁରେ କୌରବମାନେ ସମଗ୍ର ରାଜ୍ୟ ଅଧିକାର କଲେ । ତେଣୁ ପାଣ୍ଡବମାନେ ଯମୁନାତୀରରେ 'ଇନ୍ଦ୍ରପ୍ରସ୍ଥ' ନାମକ ନୂତନ ନଗର ନିର୍ମାଣ କରି ଗୋଟିଏ ନୂତନ ରାଜ୍ୟ ସ୍ଥାପନ କରିଥିଲେ । ପାଣ୍ଡବମାନେ ବଡ଼ ଶାନ୍ତ ଶିଷ୍ଟ ଥିଲେ ଓ ଜ୍ୟେଷ୍ଠ ପୁତ୍ର ଯୁଧିଷ୍ଠିର ଧର୍ମର ଅବତାର ସ୍ୱରୂପ ଥିଲେ । କିନ୍ତୁ କୌରବମାନେ ଦୁଷ୍ଟ, କପଟୀ ଓ ପରଶ୍ରୀକାତର ଥିଲେ । ଜ୍ୟେଷ୍ଠକୌରବ ଦୁର୍ଯ୍ୟୋଧନ ଅତି ଦୁର୍ବୁଦ୍ଧି ଥିଲେ ଓ ପାଣ୍ଡବମାନଙ୍କର ଅନିଷ୍ଟ କରିବାପାଇଁ ସର୍ବଦା ଚେଷ୍ଟା

କରୁଥିଲେ । ପାଣ୍ଡବମାନଙ୍କ ଐଶ୍ୱର୍ଯ୍ୟରେ ଈର୍ଷାନ୍ୱିତ ହୋଇ ସେମାନଙ୍କୁ କପଟ ଦ୍ୟୂତକ୍ରୀଡ଼ାରେ ହରାଇଥିଲେ । ଏହା ଫଳରେ ସେମାନେ ଦ୍ୱାଦଶ ବର୍ଷ ବନବାସ ଓ ଏକବର୍ଷ ଅଜ୍ଞାତବାସ କଲେ । ତେରବର୍ଷ ପରେ ସେମାନେ ବନରୁ ଫେରି ନିଜର ରାଜ୍ୟ ପ୍ରାର୍ଥନା କଲେ । କିନ୍ତୁ ଦୁର୍ଯ୍ୟୋଧନ ବିନାଯୁଦ୍ଧରେ ସୂଚ୍ୟଗ୍ରଭୂମିଖଣ୍ଡ ଦେବେ ନାହିଁ ବୋଲି କହିଲେ । ତେଣୁ କୌରବ ଓ ପାଣ୍ଡବମାନଙ୍କ ମଧ୍ୟରେ ୧୮ ଦିନ କାଳ ଭୀଷଣ ଯୁଦ୍ଧ ହୋଇଥିଲା । ଯୁଦ୍ଧରେ ଭାରତର ଅଧିକାଂଶ ରାଜା ପାଣ୍ଡବ ଅବା କୌରବ ପକ୍ଷ ଗ୍ରହଣ କରିଥିଲେ । ପାଣ୍ଡବମାନେ ତତ୍‌କାଳୀନ ଭାରତର ଭାଗ୍ୟବିଧାତା ମହାପୁରୁଷ ଶ୍ରୀକୃଷ୍ଣଙ୍କ ସହାୟତାରେ ଜୟଲାଭ କଲେ । କୌରବମାନେ ନିହତ ହେଲେ । ଯୁଦ୍ଧ ଶେଷରେ ଯୁଧିଷ୍ଠିର ହସ୍ତିନାପୁରର ରାଜା ହେଲେ । ରାମଚନ୍ଦ୍ରଙ୍କ ପରି ଶ୍ରୀକୃଷ୍ଣ ମଧ୍ୟ ଭଗବାନଙ୍କ ଅବତାର ରୂପେ ଗଣ୍ୟ ହୁଅନ୍ତି । ଏତଦ୍‌ବ୍ୟତୀତ ମହାଭାରତରେ ନଳଦମୟନ୍ତୀ ଚରିତ, ସାବିତ୍ରୀ ଓ ଶକୁନ୍ତଳା ଉପାଖ୍ୟାନ ପ୍ରଭୃତି ଶତ ଶତ ସୁନ୍ଦର ଗଳ୍ପ ଲିଖିତ ହୋଇଛି ।

**ରାମାୟଣ ଓ ମହାଭାରତରେ ବର୍ଣ୍ଣିତ ଭାରତର ରାଜନୈତିକ ଓ ସାମାଜିକ ଅବସ୍ଥା**—ରାମାୟଣ ରାମଙ୍କ ଜୀବନ ବୃତ୍ତାନ୍ତ ଓ ମହାଭାରତ କୁରୁକ୍ଷେତ୍ର ଯୁଦ୍ଧର ଇତିହାସ ହେଲେ ମଧ୍ୟ ସେଥିରୁ ପ୍ରାଚୀନ ଭାରତର ଇତିହାସ, ସମାଜବିଧି, ଶାସନପ୍ରଣାଳୀ ଓ ଧର୍ମ ସମ୍ବନ୍ଧରେ ଅନେକ ବିଷୟ ଜଣାଯାଏ । ରାମାୟଣରେ ଦାକ୍ଷିଣାତ୍ୟର ଲୋକମାନେ ଅସଭ୍ୟ, ଅନୁନ୍ନତ (ଅସୁର, ବାନର, ଭଲ୍ଲୁକ) ରୂପେ ବର୍ଣ୍ଣିତ ହୋଇଛନ୍ତି । ତେଣୁ ଉକ୍ତ ଯୁଗରେ ଆର୍ଯ୍ୟ ସଭ୍ୟତା ଦାକ୍ଷିଣାତ୍ୟରେ ବିସ୍ତାର ଲାଭ କରି ନ ଥିବାର ମନେହୁଏ । କିନ୍ତୁ ମହାଭାରତ ସମୟକୁ ଦକ୍ଷିଣ ଭାରତ ଅନେକ କ୍ଷୁଦ୍ର କ୍ଷୁଦ୍ର ସୁଶାସିତ ରାଜ୍ୟରେ ବିଭକ୍ତ ହୋଇଥିଲା । ଶାସନପ୍ରଣାଳୀ ସାଧାରଣତଃ ରାଜତନ୍ତ୍ରମୂଳକ

ଥିଲା । ରାଜାମାନେ ମନ୍ତ୍ରୀ-ସଭାର ପରାମର୍ଶାନୁଯାୟୀ ରାଜ୍ୟଶାସନ କରୁଥିଲେ । ରାଜପଦର ଆଦର୍ଶ ଅତି ଉଚ୍ଚ ଥିଲା । ଗ୍ରାମପଞ୍ଚାୟତ ପ୍ରଥା ପ୍ରଚଳିତ ଥିଲା । ପ୍ରଜାମାନେ ଉତ୍ପନ୍ନ ଶସ୍ୟର ଏକଷଷ୍ଠାଂଶ ରାଜସ୍ୱ ସ୍ୱରୂପ ଦେଉଥିଲେ । ରାଜ୍ୟର ଅବସ୍ଥା ଲକ୍ଷ୍ୟ କରିବା ପାଇଁ ଗୁପ୍ତଚର ସବୁ ନିଯୁକ୍ତ ହେଉଥିଲେ । ନଗର ଓ ଗ୍ରାମରେ ପ୍ରହରୀର ବ୍ୟବସ୍ଥା ଥିଲା । ଦସ୍ୟୁ ଓ ତସ୍କରମାନଙ୍କ ହସ୍ତରୁ ପ୍ରଜାମାନଙ୍କୁ ରକ୍ଷା କରିବା ରାଜକର୍ମଚାରୀ-ମାନଙ୍କର ପ୍ରଧାନ କର୍ତ୍ତବ୍ୟ ଥିଲା । ଦୁର୍ଭିକ୍ଷ ସମୟରେ ପ୍ରଜାଙ୍କୁ ସାହାଯ୍ୟ ଦିଆ ଯାଉଥିଲା । କୃଷିର ଉନ୍ନତି ପାଇଁ ରାଜା ଯଥାସାଧ୍ୟ ସାହାଯ୍ୟ କରୁଥିଲେ । ବିଚାର ବ୍ୟବସ୍ଥା ସନ୍ତୋଷଜନକ ଥିଲା । ଅନାଥ, ବିଧବା, ଦରିଦ୍ର-ବ୍ରାହ୍ମଣ, ରୋଗାର୍ତ୍ତମାନଙ୍କର ଭରଣପୋଷଣ ପାଇଁ ରାଜକୋଷରୁ ଅର୍ଥ ପ୍ରଦତ୍ତ ହେଉଥିଲା । ରାଜ୍ୟରକ୍ଷା ଓ ଆତ୍ମରକ୍ଷା ନିମିତ୍ତ ରାଜା ଚତୁରଙ୍ଗବଳ ଓ ନୌବାହିନୀ ରଖୁଥିଲେ । ପ୍ରବଳ ରାଜାମାନେ ଭାରତର ଆସମୁଦ୍ର କ୍ଷିତୀଶ ବା ସମ୍ରାଟ୍ ହେବାକୁ ଚେଷ୍ଟା କରୁଥିଲେ ଏବଂ ନିଜର କ୍ଷମତା ପ୍ରଦର୍ଶନ ନିମିତ୍ତ ଅଶ୍ୱମେଧ ଓ ରାଜସୂୟାଦି ଯଜ୍ଞାନୁଷ୍ଠାନ କରୁଥିଲେ ।

ଉଭୟ ଗ୍ରନ୍ଥରୁ ଜଣାଯାଏ ଯେ ସମାଜରେ ଜାତିବିଭାଗ ପୂର୍ଣ୍ଣ ଭାବରେ ପ୍ରତିଷ୍ଠିତ ହୋଇଥିଲା । ମଧ୍ୟେ ମଧ୍ୟେ ସାମାଜିକ ପ୍ରାଧାନ୍ୟ ଲାଭ ପାଇଁ କ୍ଷତ୍ରିୟ ଓ ବ୍ରାହ୍ମଣମାନଙ୍କ ମଧ୍ୟରେ ବିବାଦ ହେଉଥିଲା । କ୍ଷତ୍ରିୟ-ମାନେ ନାନାପ୍ରକାର ଯୁଦ୍ଧ ଜାଣିଥିଲେ, କିନ୍ତୁ ଅନ୍ୟାୟ ଯୁଦ୍ଧ କରୁ ନ ଥିଲେ । ଯୁଦ୍ଧରେ ମଲେ ସ୍ୱର୍ଗପ୍ରାପ୍ତି ହୁଏ, ଏ ଧାରଣା ବଦ୍ଧମୂଳ ଥିଲା । ରାମ, ଲକ୍ଷ୍ମଣ, ରାବଣ, ଭୀଷ୍ମ, ଦ୍ରୋଣ, କର୍ଣ୍ଣ, ଅର୍ଜ୍ଜୁନ, ଭୀମ ପ୍ରଭୃତି ଅସାମାନ୍ୟ ବୀରମାନଙ୍କର ରଣନୈପୁଣ୍ୟ, ଅଦ୍ଭୁତ ବିକ୍ରମ ଓ ସାହସର କାହାଣୀ ପାଠକଲେ ସ୍ପଷ୍ଟ ଜଣାଯାଏ ଯେ, ସେ ଯୁଗରେ ଭାରତରେ ଯୁଦ୍ଧବିଦ୍ୟା ବିଶେଷ ଉତ୍କର୍ଷ ଲାଭ କରିଥିଲା । ବ୍ରାହ୍ମଣମାନେ ଯଜନ-ଯାଜନାଦି କାର୍ଯ୍ୟରେ ନିଯୁକ୍ତ ଥିଲେ ଓ କର ଦେଉ ନ ଥିଲେ ।

ସ୍ତ୍ରୀମାନେ ଶିକ୍ଷିତା ଥିଲେ । ସେମାନେ ସତୀ, ପତିପରାୟଣା ଥିଲେ । ବହୁସ୍ତ୍ରୀବିବାହ, ସ୍ୱୟମ୍ବର, ସତୀଦାହ ଓ ବିଧବାବିବାହ ପ୍ରଚଳିତ ଥିଲା । ଉଚ୍ଚବର୍ଣ୍ଣର ଲୋକେ ନୀଚବର୍ଣ୍ଣର ସ୍ତ୍ରୀ ବିବାହ କଲେ ଦୋଷ ହେଉ ନ ଥିଲା । ସାଧାରଣତଃ ଲୋକେ ଆଶ୍ରମଧର୍ମ ପାଳନ କରୁଥିଲେ ।

ବୈଦିକଧର୍ମ ସମାଜରେ ପୂର୍ବପରି ପ୍ରଚଳିତ ଥିଲା । ଏତଦ୍-ବ୍ୟତୀତ ବ୍ରହ୍ମା, ଦୁର୍ଗା, କାର୍ତ୍ତିକ, ଗଣେଶ, ପାର୍ବତୀ, ବିଷ୍ଣୁ ପ୍ରଭୃତି ଅନେକ ନୂତନ ଦେବଦେବୀ ପୂଜିତ ହେବାକୁ ଲାଗିଲେ । ଉପବାସ, ଇନ୍ଦ୍ରିୟସଂଯମ, କଠୋରତପସ୍ୟା, ତୀର୍ଥପର୍ଯ୍ୟଟନ, ଦାନ ପ୍ରଭୃତି ଧର୍ମ-ସାଧନର ପ୍ରଧାନ ଅଙ୍ଗ ବୋଲି ବିବେଚିତ ହେଉଥିଲା ଓ ଜ୍ଞାନୀ ଲୋକ-ମାନେ ଏଗୁଡ଼ିକ ଅବଲମ୍ବନ କରୁଥିଲେ । ସାଧାରଣ ଲୋକେ ଯାଗ ଯଜ୍ଞ, ଉତ୍ସବ, ଦେବଦେବୀ ପୂଜାଦି କରୁଥିଲେ । ସମାଜରେ ଆଚାର-ବ୍ୟବହାର, ଖାଦ୍ୟାଖାଦ୍ୟ ସମ୍ବନ୍ଧରେ କଠୋର ନିୟମମାନ ଥିଲା ।

**ଗୀତା** —ଦ୍ୱାରକାର ଯାଦବ-ଅଧିପତି ଶ୍ରୀକୃଷ୍ଣ କୁରୁକ୍ଷେତ୍ର ଯୁଦ୍ଧର କିଛିଦିନ ପୂର୍ବରୁ ତୃତୀୟ-ପାଣ୍ଡବ ଅର୍ଜ୍ଜୁନଙ୍କୁ ଯେଉଁ ସମସ୍ତ ଆଧ୍ୟାତ୍ମିକ ଉପଦେଶ ଦେଇଥିଲେ ସେଗୁଡ଼ିକ ଗୀତାରେ ସନ୍ନିବିଷ୍ଟ ହୋଇଅଛି । ଈଶ୍ୱରଙ୍କଠାରେ ଆତ୍ମସମର୍ପଣ କରି ନିଷ୍କାମ କର୍ମ କରିବା ଗୀତାର ପ୍ରଧାନ ଶିକ୍ଷା । ଏହା ହିନ୍ଦୁମାନଙ୍କର ପ୍ରଧାନ ଧର୍ମଗ୍ରନ୍ଥ । ଏହା ମହା-ଭାରତର ଗୋଟିଏ ଅଂଶ-ରୂପେ ପରିଗଣିତ ହୁଏ ।

---

## ପଞ୍ଚମ ଅଧ୍ୟାୟ

# ଜୈନଧର୍ମ ଓ ବୌଦ୍ଧଧର୍ମ

ଖ୍ରୀ: ପୂ: ୬ଷ୍ଠ ଶତାବ୍ଦୀ ପୂର୍ବରୁ ଭାରତରେ ଧର୍ମବିଷୟକ ଗୋଟିଏ ପ୍ରବଳ ଆନ୍ଦୋଳନ ଆରମ୍ଭ ହେଲା । ବୈଦିକ ଧର୍ମରେ ଲୋକମାନଙ୍କର

ଅସ୍ଥା ପୂର୍ବାପେକ୍ଷା କମିଗଲା । ବୈଦିକ ଧର୍ମରେ ଆଡ଼ମ୍ବରପ୍ରିୟତା ଓ ଧର୍ମନାମରେ ଶତ ଶତ ଜୀବହତ୍ୟାକୁ ସାଧାରଣ ଲୋକେ ଘୃଣା ଚକ୍ଷୁରେ ଦେଖିବାକୁ ଲାଗିଲେ । ଲୋକମାନେ ବୈଦିକ କ୍ରିୟା କର୍ମମାନଙ୍କର ଦୁର୍ବହ ବ୍ୟୟଭାର ବହନ କରିବାକୁ ଅସମର୍ଥ ହୋଇ ବିରକ୍ତି ପ୍ରକାଶ କରୁଥିଲେ । ବ୍ରାହ୍ମଣମାନେ ବୈଦିକଯୁଗର ଉଚ୍ଚ ଆଦର୍ଶ ଭୁଲି ଯାଇ ଯାଜକାର୍ଯ୍ୟ, ପୌରୋହିତ୍ୟ ଓ ଅନ୍ୟାନ୍ୟ ଉପାୟରେ କେବଳ ଧନ ଲାଭ ପାଇଁ ତତ୍ପର ହେଲେ । ସେମାନଙ୍କ ହସ୍ତରେ ଜନସାଧାରଣଙ୍କର ଶିକ୍ଷାର ଭାର ଥିଲା । ସେମାନଙ୍କର ଏପରି ଅବନତି ହେବାରୁ ଲୋକଶିକ୍ଷା କ୍ରମଶଃ ହୀନ ହେଲା ଓ ସାଧାରଣ ଲୋକେ ବ୍ରାହ୍ମଣମାନଙ୍କ ପ୍ରତି ବୀତଶ୍ରଦ୍ଧ ହେଲେ । ସେତେବେଳକୁ ଭାରତର ବିଭିନ୍ନ ପ୍ରଦେଶରେ ପ୍ରାକୃତ ଭାଷା ବା କଥିତ ଭାଷାମାନଙ୍କର ଉଦ୍ଭବ ହୋଇ ସାରିଥିଲା । କିନ୍ତୁ ଧର୍ମର ସମସ୍ତ ତତ୍ତ୍ୱ ସଂସ୍କୃତଭାଷାରେ ଲିପିବଦ୍ଧ ହୋଇଥିବାରୁ ଜନସାଧାରଣଙ୍କ ପକ୍ଷେ ଦୁର୍ବୋଧ ହୋଇପଡ଼ିଲା । ବ୍ରାହ୍ମଣମାନେ ବିଶେଷତଃ ସଂସ୍କୃତଭାଷା ଶିକ୍ଷା ଓ ଚର୍ଚ୍ଚା କରୁଥିଲେ । ତେଣୁ ଧର୍ମୋପଦେଶ ଓ ଧର୍ମଜ୍ଞାନ ପ୍ରଦାନକୁ ସେମାନେ ନିଜର କୌଳିକ ଅଖଣ୍ଡ ଅଧିକାର ବୋଲି ମନେ କଲେ । ସାଧାରଣ ଲୋକେ ଏ ପ୍ରକାର ମନୋବୃତ୍ତିକୁ ପସନ୍ଦ କଲେ ନାହିଁ । ଜାତି ଜାତି ମଧ୍ୟରେ ବିଦ୍ୱେଷଭାବ ଓ ଜାତିଂଭମାନ କ୍ରମଶଃ ବଢ଼ୁଥିଲା । ସ୍ମୃତିଶାସ୍ତ୍ର-ରଚୟିତାମାନେ ନାନା ବିଷୟରେ ନିମ୍ନଜାତିମାନଙ୍କ ପ୍ରତି କଠୋର ସାମାଜିକ ଦଣ୍ଡର ବ୍ୟବସ୍ଥା କରିଥିଲେ । ଏହାଦ୍ୱାରା ସେମାନଙ୍କ ମନରେ ଅଶାନ୍ତି କ୍ରମଶଃ ବୃଦ୍ଧି ଲାଭ କରୁଥିଲା । ଅସ୍ପୃଶ୍ୟତା ସମାଜରେ ଭୀଷଣ ଆକାର ଧାରଣ କରିଥିଲା ।

ସେ ସମୟରେ ଜ୍ଞାନୀ ଲୋକମାନଙ୍କ ମନରେ ଜୀବନର ଦୁଃଖ, ଦୁଃଖର କାରଣ ଓ ପରିତ୍ରାଣର ଉପାୟ ପ୍ରଭୃତି ବିଷୟରେ ଚିନ୍ତା ପ୍ରବଳ ହୋଇ ଉଠିଲା । ମହାବୀର ଓ ବୁଦ୍ଧଙ୍କ ଆବିର୍ଭାବ ପୂର୍ବରୁ ମଧ୍ୟ ଅନେକ

ଜ୍ଞାନୀ ଲୋକ ସଂସାର ପରିତ୍ୟାଗ କରି ନିର୍ଜନ ବନରେ ବସି ଯୋଗ ଓ ତପସ୍ୟାରେ ପ୍ରବୃତ୍ତ ହେଉଥିଲେ । ଏହି ତାପସମାନେ ପ୍ରାଚୀନ ବୈଦିକ ଋଷିମାନଙ୍କ ପରି ଧର୍ମତତ୍ତ୍ୱ ଚିନ୍ତାରେ ଜୀବନ କଟାଇ ଦେଉଥିଲେ । ଅନ୍ୟ ଏକ ସଂପ୍ରଦାୟ ଧର୍ମମତ ପ୍ରଚାର କରିବା ନିମିତ୍ତ ଦେଶର ଚାରିଆଡ଼େ ବୁଲି ତର୍କ ଓ ଆନ୍ଦୋଳନ କରୁଥିଲେ । ସେମାନେ 'ପରିବ୍ରାଜକ' ନାମରେ ପରିଚିତ ଥିଲେ । ଧର୍ମ ସମ୍ବନ୍ଧରେ ପ୍ରବଳ ଆନ୍ଦୋଳନ ଫଳରେ ଦେଶରେ ନାନା ସଂପ୍ରଦାୟର ଅଭ୍ୟୁଦୟ ହେଲା । କିନ୍ତୁ ଅଧିକାଂଶ ବେଦକୁ ପ୍ରାମାଣ୍ୟରୂପେ ସ୍ୱୀକାର କରୁଥିଲେ । ବୈଶାଳୀର କ୍ଷାତ୍ରବଂଶସମ୍ଭୂତ ମହାବୀର ଓ କପିଳବାସ୍ତୁର କ୍ଷତ୍ରିୟକୁମାର ଗୌତମବୁଦ୍ଧ ହିଁ ପ୍ରଥମେ ବେଦ ଓ ବ୍ରାହ୍ମଣର ଶ୍ରେଷ୍ଠତ୍ୱ ଅସ୍ୱୀକାର କଲେ ଏବଂ ଯଜ୍ଞସାର ଅବନତ ବୈଦିକ ଧର୍ମର ନିନ୍ଦା କରିଥିଲେ । ସେମାନେ ସମାଜର ଉନ୍ନତି ପାଇଁ ଦୁଇଟି ନୂତନ ଉଦାର ଧର୍ମମତ ପ୍ରବର୍ତ୍ତନ କରିଥିଲେ । ସେମାନେ ଜୀବହିଂସା, ଜାତିଭେଦ, ଅସ୍ପୃଶ୍ୟତା, ବେଦ ଓ ବ୍ରାହ୍ମଣଙ୍କର ଘୋର ବିରୋଧୀ ଥିଲେ । ସେମାନେ ଧର୍ମ ସମ୍ବନ୍ଧୀୟ ସାମ୍ୟ ପ୍ରଚାର କରିଥିଲେ । ଏହି ଦୁଇଟି ନୂତନ ଧର୍ମ ସନାତନ ଆର୍ଯ୍ୟ ଧର୍ମଠାରୁ ପ୍ରକୃତ ଧର୍ମତତ୍ତ୍ୱ ନେଇ ପୃଥକ୍ ନ ଥିଲା । କେବଳ ଧର୍ମମାର୍ଗ ନେଇ ସେମାନଙ୍କ ମଧ୍ୟରେ ଯାହା କିଛି ପ୍ରଭେଦ ଥିଲା । ସେମାନଙ୍କର ପ୍ରଚାର ଫଳରେ ବ୍ରାହ୍ମଣପ୍ରଭାବ ହ୍ରାସ ଲାଭ କରିଥିଲା । ସେହି ମହାପୁରୁଷ-ଦ୍ୱୟଙ୍କ ପ୍ରବର୍ତ୍ତିତ ଧର୍ମମତ ଅଦ୍ୟାବଧି ଜଗତରେ ପ୍ରଚଳିତ ଅଛି ।

**ମହାବୀର—**ମହାବୀର ବିହାର ପ୍ରଦେଶସ୍ଥ ବୈଶାଳୀନଗରୀ ନିକଟରେ ଲିଚ୍ଛବି ନାମକ ରାଜବଂଶରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପ୍ରଥମ ନାମ ଥିଲା ବର୍ଦ୍ଧମାନ । ସେ ତିରିଶ ବର୍ଷ ବୟସରେ ବିବାହ କରି ପିତାମାତାଙ୍କ ଜୀବନ କାଳାବଧି ସଂସାରୀ ଥିଲେ ଓ ଗୋଟିଏ କନ୍ୟା ଲାଭ କରିଥିଲେ । ପରେ ତ୍ରୟୋଦଶ ବର୍ଷ କାଳ ସନ୍ନ୍ୟାସୀ ବେଶରେ

ରାଜଗୃହ, ଶ୍ରାବସ୍ତି, ବୈଶାଳୀ ପ୍ରଭୃତି ନାନା ସ୍ଥାନରେ ତତ୍ତ୍ୱଲାଭ କରିବା ପାଇଁ ଭ୍ରମଣ କରିଥିଲେ । ୪୩ ବର୍ଷ ବୟସରେ ସେ କୈବଲ୍ୟ ଲାଭ କରି ଶୁଦ୍ଧ, ବୁଦ୍ଧ, ମୁକ୍ତସ୍ୱଭାବବିଶିଷ୍ଟ, ଜୀନ (ଜିତେନ୍ଦ୍ରିୟ) ହେଲେ ଏବଂ ତାଙ୍କର ନାମ ହେଲା ମହାବୀର । ତାପରେ ସେ ମୃତ୍ୟୁପର୍ଯ୍ୟନ୍ତ ଅଧୁନିକ ବିହାର ଓ ଯୁକ୍ତପ୍ରଦେଶର ନାନା ସ୍ଥାନରେ ଜୈନଧର୍ମ ପ୍ରଚାର କରିଥିଲେ । ୭୨ ବର୍ଷ ବୟସରେ ଖ୍ରୀ: ପୂ. ୫୨୭ରେ ପାଟଣା ଜିଲାର ପାବା ନାମକ ସ୍ଥାନରେ ତାଙ୍କର ଜୀବନ ଲୀଳାର ଅବସାନ ହୋଇଥିଲା । ମୃତ୍ୟୁ ସମୟରେ ତାଙ୍କର ୧୪୦୦୦ ଶିଷ୍ୟ ଥିଲେ ।



ମହାବୀର

**ଜୈନଧର୍ମ**—ମହାବୀର ପ୍ରବର୍ତ୍ତିତ ଧର୍ମର ନାମ ଜୈନଧର୍ମ । ଜୈନ 'ଜୀନ' ଶବ୍ଦରୁ ଉତ୍ପନ୍ନ । ଯେଉଁମାନେ ଅହି-ସଂଯମ ଓ ତପସ୍ୟା ବଳରେ ଦେବଲୋକର ଅସାଧ୍ୟ ପଦ ଉପାର୍ଜ୍ଜନ କରନ୍ତି, ସେମାନେ ଜୀନ, ଅର୍ହତ ବା ତୀର୍ଥଙ୍କର ନାମରେ ପରିଚିତ । ଜୈନମାନଙ୍କ ମତରେ ୨୪ଟି ତୀର୍ଥଙ୍କର ଥିଲେ ଏବଂ ଏ ଧର୍ମର ଆଦିପ୍ରତିଷ୍ଠାତା ଋଷଭ ଦେବ । କିନ୍ତୁ ପାର୍ଶ୍ୱନାଥଙ୍କ ସମୟରୁ ଏହି ଧର୍ମ ଖ୍ୟାତି ଲାଭ କରିଥିଲା । ମହାବୀରଙ୍କ ଚେଷ୍ଟାରେ ଏହି ଧର୍ମ ଭାରତବର୍ଷରେ ପ୍ରଚାରିତ ହୋଇଥିଲା । ଅର୍ହତ ବା ଜୀନମାନଙ୍କର ଉପଦେଶ ପାଳନ; ଜ୍ଞାନଲାଭ ଓ ନୈତିକ ଉନ୍ନତିଦ୍ୱାରା ମୁକ୍ତି ଲାଭ ଏହି ଧର୍ମର ପ୍ରଧାନ ଶିକ୍ଷା । ସଂସାର ସୁଖ ତ୍ୟାଗ କରି କଠୋର

ତପସ୍ୟାଦ୍ୱାରା ଶରୀର ଓ ମନକୁ ଗଭୀର ଦୁଃଖ ଯନ୍ତ୍ରଣା ଦେଲେ ମୁକ୍ତି ଲାଭ ହୁଏ ବୋଲି ସେମାନଙ୍କର ବିଶ୍ୱାସ । ସେମାନେ ଅହିଂସା ନୀତିକୁ କଠୋର ଭାବରେ ପାଳନ କରନ୍ତି । କର୍ମଫଳ ଯୋଗୁଁ ଜୈନମାନେ ପୁନଃ ପୁନଃ ଜନ୍ମଲାଭ ସ୍ୱୀକାର କରନ୍ତି ଓ କ୍ଷୁଦ୍ରାଦପି କ୍ଷୁଦ୍ର ଜୀବର ଜୀବନକୁ ମୂଲ୍ୟବାନ୍ ବୋଲି ଜ୍ଞାନ କରନ୍ତି । ଚେତନ ବା ଅଚେତନ କୌଣସି ବସ୍ତୁକୁ କଷ୍ଟ ଦେବା ସେମାନେ ଅନ୍ୟାୟ ବୋଲି ବିବେଚନା କରନ୍ତି । ସେମାନେ ବେଦକୁ ମାନନ୍ତି ନାହିଁ । ସେମାନଙ୍କର ଧର୍ମଗ୍ରନ୍ଥ ଅଙ୍ଗ, ଉପାଙ୍ଗ, ମୂଳଗ୍ରନ୍ଥ ନାମରେ ପରିଚିତ । ଜୈନମାନେ କାଳକ୍ରମେ ଶ୍ୱେତାମ୍ବର ଓ ଦିଗମ୍ବର ନାମକ ଦୁଇଟି ଦଳରେ ବିଭକ୍ତ ହୋଇଗଲେ । ଆଜିକାଲି ଜୈନମାନେ ଜାତିଭେଦ ମାନନ୍ତି, ହିନ୍ଦୁ ଦେବଦେବୀମାନଙ୍କୁ ପୂଜା କରନ୍ତି ଓ ଧର୍ମକାର୍ଯ୍ୟମାନଙ୍କରେ ବ୍ରାହ୍ମଣ ପୁରୋହିତମାନଙ୍କୁ ନିଯୁକ୍ତ କରନ୍ତି ।

ହଜାରିବାଗ ଜିଲ୍ଲାର ପରେଶନାଥ ପାହାଡ଼, ରାଜପୁତାନାର ଅବୁ ପାହାଡ଼, କାଥିଆବାଡ଼ର ପାଲିତନା ପାହାଡ଼ ଏବଂ ଉତ୍କଳର ଖଣ୍ଡଗିରି ଓ ଉଦୟଗିରିରେ ଜୈନକୀର୍ତ୍ତିମାନ ଦେଖାଯାଏ । ଖଣ୍ଡଗିରି ଓ ଉଦୟଗିରିରେ ଜୈନ ସନ୍ନ୍ୟାସୀମାନଙ୍କ ପାଇଁ ପ୍ରାୟ ୨୦୦୦ ବର୍ଷ ପୂର୍ବେ ଶତ ଶତ ଗୁମ୍ଫା ଖୋଦିତ ହୋଇଥିଲା । ସେଗୁଡ଼ିକ ଆଜି ପର୍ଯ୍ୟନ୍ତ ରହିଛି । ଆଜିକାଲି ଭାରତର ନାନା ସ୍ଥାନରେ ଜୈନମାନେ ଦେଖାଯାନ୍ତି । ସେମାନେ ସାଧାରଣତଃ ବ୍ୟବସାୟୀ ଓ ଧନୀ ।

**ଗୌତମ ବୁଦ୍ଧ**—ଗୌତମ-ବୁଦ୍ଧ ନେପାଳ ରାଜ୍ୟ ଅନ୍ତର୍ଗତ ରୋହିଣୀ ନଦୀତୀରସ୍ଥ କପିଳବାସ୍ତୁ ନାମକ ନଗରରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପିତା ଶୁଦ୍ଧୋଦନ ଶାକ୍ୟବଂଶୀୟ କ୍ଷତ୍ରିୟ ରାଜା ଥିଲେ । ତେଣୁ ଗୌତମ ଶାକ୍ୟସିଂହ ବା ଶାକ୍ୟମୁନି ନାମରେ ପ୍ରସିଦ୍ଧ । ଗୌତମ ବାଲ୍ୟକାଳରୁ ନାନାପ୍ରକାର ବିଦ୍ୟାଶିକ୍ଷା କରିଥିଲେ । ସେ·

ପରେ କ୍ଷତ୍ରିୟଧର୍ମ ଅନୁସାରେ ରାଜ୍ୟପାଳନ କରିବେ ଏହାହିଁ ତାଙ୍କ ପିତାଙ୍କର ଆନ୍ତରିକ ଅଭିଳାଷ ଥିଲା । କିନ୍ତୁ ସେ ସର୍ବଦା ସଂସାର ପ୍ରତି



ଗୌତମ ବୁଦ୍ଧ

ଉଦାସୀନ ରହି ମାନବର ଦୁଃଖ, ଯନ୍ତ୍ରଣାର ପ୍ରତିକାର କରିବା ପାଇଁ ଚିନ୍ତା କରୁଥିଲେ । ପୁତ୍ରର ଏପରି ଚିନ୍ତାଶୀଳତା ଓ ବୈରାଗ୍ୟ ଦେଖି

ଶୁଦ୍ଧୋଦନ ଖୁସି ହେଲେ ଏବଂ ସେ ତାଙ୍କୁ ଯଶୋଧାରା ନାମ୍ନୀ ଗୋଟିଏ ରୂପବତୀ ରମଣୀ ସହିତ ବିବାହ କରିଦେଲେ । ତାଙ୍କୁ ସର୍ବଦା ଭୋଗ ବିଳାସରେ ନିମଜ୍ଜିତ ରଖିବା ପାଇଁ ମଧ୍ୟ ଚେଷ୍ଟା କଲେ । କିନ୍ତୁ କୌଣସି ପ୍ରକାରେ ସେ ପୁତ୍ରର ମନୋଭାବ ପରିବର୍ତ୍ତନ କରିପାରିଲେ ନାହିଁ । ସେ କିଛି କାଳ ସଂସାର ସୁଖ ଭୋଗ ପରେ ଏକଦା ଗଭୀର ରାତିରେ ନବଜାତ ପୁତ୍ର ଓ କଳତ୍ରର ମାୟା ପରିତ୍ୟାଗ କରି ଏବଂ ସଂସାର-ସୁଖରେ ଜଳାଞ୍ଜଳି ଦେଇ ଗୋପନରେ ଗୃହତ୍ୟାଗ କରି ପଳାୟନ କଲେ ।

ଗୃହ ପରିତ୍ୟାଗ କରି ପ୍ରଥମେ ସେ ବୈଶାଳୀନଗରସ୍ଥ ଜଣେ ବ୍ରାହ୍ମଣଙ୍କର ଓ ପରେ ରାଜଗୃହକୁ ଯାଇ ସେଠାରେ ଅନ୍ୟ ଏକ ବ୍ରାହ୍ମଣ ପଣ୍ଡିତଙ୍କର ଶିଷ୍ୟ ହେଲେ । କିନ୍ତୁ କୌଣସିଠାରେ ତାଙ୍କ ମନ ମାନିଲା ନାହିଁ । ଏହାପରେ ସେ ଉରୁବିଲ୍ୱ ନାମକ ସ୍ଥାନରେ ଛଅବର୍ଷକାଳ କଠୋର ତପସ୍ୟାରେ ନିମଗ୍ନ ହୋଇଥିଲେ । କିନ୍ତୁ ତାହା ମଧ୍ୟ ନିରର୍ଥକ ହେଲା । ସର୍ବଶେଷରେ ଗୟା ନିକଟବର୍ତ୍ତୀ ନିରଞ୍ଜନା ନଦୀତୀରରେ ଗୋଟିଏ ଅଶ୍ୱତ୍ଥ ବୃକ୍ଷମୂଳରେ ଧ୍ୟାନମଗ୍ନ ହୋଇ ବସିଲେ ଓ ଦିନେ ହଠାତ୍ ସ୍ୱୀୟ ଅଭିଳଷିତ ମୁକ୍ତିମାର୍ଗର ସନ୍ଧାନ ପାଇଲେ । ସେ ପ୍ରକୃତ ଜ୍ଞାନାଲୋକ ଲାଭ କରିବାରୁ ତାଙ୍କର ନାମ ହେଲା ବୁଦ୍ଧ (ତତ୍ତ୍ୱଜ୍ଞ) । ସେ ସମୟରେ ତାଙ୍କର ବୟସ ୩୭ ବର୍ଷ ହୋଇଥିଲା ।

ଏହାପରେ ବୁଦ୍ଧ ଓ ତାଙ୍କର ଶିଷ୍ୟମାନେ କାଶୀ, କୋଶଳ ଓ ମଗଧ ରାଜ୍ୟର ନାନାସ୍ଥାନରେ ବୁଲି ଏହି ନୂତନଧର୍ମ ପ୍ରଚାର କରିଥିଲେ । ସେମାନେ ସରଳ, ସହଜ କଥିତ ଭାଷାରେ ଧର୍ମମତ ପ୍ରଚାର କରିବାରୁ ଉଚ୍ଚ ନୀଚ ସମସ୍ତ ଶ୍ରେଣୀର ଲୋକେ, ଏପରି କି ସ୍ତ୍ରୀ ଲୋକମାନେ ମଧ୍ୟ ଉକ୍ତ ଧର୍ମପ୍ରତି ଅକୃଷ୍ଟ ହୋଇଥିଲେ । ତାଙ୍କର ଶିଷ୍ୟମାନଙ୍କ ମଧ୍ୟରେ ମଗଧରାଜ ବିମ୍ବିସାର, ଅଜାତଶତ୍ରୁ ଓ କୋଶଳ ରାଜା ପ୍ରସେନ୍‌ଜିତ ପ୍ରସିଦ୍ଧ । ବୁଦ୍ଧଦେବ ଦୀର୍ଘ ୪୩ ବର୍ଷ କାଳ ନିଜର ଧର୍ମମତ ପ୍ରଚାର କରି

୮୦ ବର୍ଷ ବୟସରେ ପ୍ରାୟ ଖ୍ରୀ: ପୂ: ୪୮୪ ଅବ୍ଦରେ ନେପାଳ ଅନ୍ତର୍ଗତ କୁଶୀନଗରରେ ପ୍ରାଣତ୍ୟାଗ କଲେ ।



ବୋଧିଦ୍ରୁମ

**ବୌଦ୍ଧଧର୍ମ**—ମାନବକୁ ଏ ସଂସାରର ଦୁଃଖଯନ୍ତ୍ରଣାରୁ ରକ୍ଷା କରିବା ବୌଦ୍ଧଧର୍ମର ଉଦ୍ଦେଶ୍ୟ । ଏହା ଏକପ୍ରକାର କଠୋର ସଂଯମ ଶିକ୍ଷା । ଏହା ଈଶ୍ୱରଙ୍କର ଅସ୍ତିତ୍ୱ ସ୍ୱୀକାର କରେ ନାହିଁ । ଏହାର ପ୍ରଧାନ ଗୁରୁତ୍ୱ ଉପଦେଶ:—ମାନବ ଦୁଃଖଯନ୍ତ୍ରଣାରେ ପ୍ରପୀଡ଼ିତ ; ବିଷୟ-ସୁଖ-ଲାଳସା ଦୁଃଖର ପ୍ରଧାନ କାରଣ ; ବିଷୟଲାଳସା ପରିତ୍ୟାଗ କଲେ ମନୁଷ୍ୟ ନିର୍ବାଣରୂପ ଶାନ୍ତି ପାଇ ପାରିବ ଓ ନିର୍ବାଣହିଁ ମୋକ୍ଷ । ଯଜ୍ଞ ବା କଠୋର ତପସ୍ୟା ଦ୍ୱାରା ନିର୍ବାଣ ଲବ୍ଧ ହୁଏ ନାହିଁ । ପ୍ରକୃତ ବିଶ୍ୱାସ, ସତ୍ ଉଦ୍ଦେଶ୍ୟ, ସଦାଳାପ, ସଦାଚାର, ସାଧୁଜୀବନ, ସତଚେଷ୍ଟା, ପ୍ରକୃତବସ୍ତୁର ସ୍ମରଣ ଓ ପ୍ରକୃତ ବସ୍ତୁର ଧ୍ୟାନ ରୂପ ଅଷ୍ଟମାର୍ଗ ଦ୍ୱାରା ନିର୍ବାଣ ଲବ୍ଧ ହୁଏ । ନିର୍ବାଣ ଲବ୍ଧ ନ ହେବା ପର୍ଯ୍ୟନ୍ତ ମନୁଷ୍ୟ ବାରମ୍ବାର ସଂସାରରେ ଜନ୍ମଲାଭ କରି ଦୁଃଖ ଯନ୍ତ୍ରଣା ଭୋଗ କରୁଥିବ ।

ବୌଦ୍ଧମାନେ କର୍ମଫଳରେ ବିଶ୍ୱାସ କରନ୍ତି । ବୁଦ୍ଧଙ୍କ ମୃତ୍ୟୁପରେ ତାଙ୍କର ଉପଦେଶାବଳୀ ରାଜା ଅଜାତଶତ୍ରୁଙ୍କ ରାଜତ୍ୱରେ ରାଜଗୃହରେ ଅନୁଷ୍ଠିତ ଗୋଟିଏ ଧର୍ମ ସଭା ଦ୍ୱାରା ତ୍ରିପିଟକ ନାମକ ଗ୍ରନ୍ଥରେ ଲିଖିତ ହୋଇଥିଲା । ତ୍ରିପିଟକ ୩ ଭାଗରେ ବିଭକ୍ତ, ଯଥା:—ସୂତ୍ର, ବିନୟ, ଅଭିଧର୍ମ । ସୂତ୍ରପିଟକରେ ବୁଦ୍ଧଙ୍କର କଥୋପକଥନ, ବିନୟପିଟକରେ ବୌଦ୍ଧ-ଭିକ୍ଷୁମାନଙ୍କର ପାଳନୀୟ ନିୟମାବଳୀ ଓ ଅଭିଧର୍ମରେ ଏହି ଧର୍ମର ନିଗୂଢ଼ ତତ୍ତ୍ୱମାନ ଲିପିବଦ୍ଧ ହୋଇ ରହିଅଛି ।

ବୌଦ୍ଧ ଧର୍ମକୁ ହିନ୍ଦୁଧର୍ମର ଗୋଟିଏ ଶାଖା ବୋଲି କୁହାଯାଇପାରେ ; କାରଣ, ଧର୍ମର ମୂଳନୀତି ସମ୍ବନ୍ଧରେ ଉଭୟ ଧର୍ମ ମଧ୍ୟରେ ବିଶେଷ ପାର୍ଥକ୍ୟ ନାହିଁ । ବୌଦ୍ଧମାନେ ହିନ୍ଦୁମାନଙ୍କ ପରି କର୍ମଫଳ ଓ ପୁନର୍ଜନ୍ମରେ ବିଶ୍ୱାସ କରନ୍ତି । ମୋକ୍ଷଲାଭ ଉଭୟ ଧର୍ମରହିଁ ଉଦ୍ଦେଶ୍ୟ । ହିନ୍ଦୁମାନେ ଏହାକୁ ମୁକ୍ତି ଓ ବୌଦ୍ଧମାନେ ଏହାକୁ ନିର୍ବାଣ କହନ୍ତି । ବୁଦ୍ଧଙ୍କର ଭିକ୍ଷୁସଂଘ ତାଙ୍କ ପୂର୍ବରୁ ଥିବା ହିନ୍ଦୁ ସନ୍ନ୍ୟାସୀ ସଂଘର

ରୂପାନ୍ତର ମାତ୍ର । ତଥାପି ଉଭୟ ଧର୍ମ ମଧ୍ୟରେ କେତେକ ପାର୍ଥକ୍ୟ ପରିଦୃଷ୍ଟ ହୁଏ । ବୌଦ୍ଧମାନେ ବେଦ ଓ ବ୍ରାହ୍ମଣମାନଙ୍କର ପ୍ରାଧାନ୍ୟ ସ୍ୱୀକାର କରନ୍ତି ନାହିଁ । ସେମାନେ ଯାଗଯଜ୍ଞର ଘୋର ବିରୋଧୀ ; ଅହିଂସା ଓ ଜୀବଦୟା ସେମାନଙ୍କ ଧର୍ମର ପ୍ରଧାନ ଅଙ୍ଗ । ଜାତିଭେଦ ବା ଅସ୍ପୃଶ୍ୟତା ସେମାନେ ସ୍ୱୀକାର କରନ୍ତି ନାହିଁ । ସବୁ ଶ୍ରେଣୀର ଲୋକ ଜ୍ଞାନପଥର ଅଧିକାରୀ ବୋଲି ସେମାନେ ବିଶ୍ୱାସ କରନ୍ତି ଓ ସ୍ୱଧର୍ମକୁ ମାନବ ସମାଜରେ ପ୍ରଚାର କରିବା ପ୍ରଧାନ କର୍ତ୍ତବ୍ୟ ବୋଲି ମନେ କରନ୍ତି । ହିନ୍ଦୁମାନେ ନିଜ ଧର୍ମପ୍ରଚାରର ପକ୍ଷପାତୀ ନ ଥିବାରୁ ଏହା ଭାରତ ମଧ୍ୟରେ ସୀମାବଦ୍ଧ । କିନ୍ତୁ ବୌଦ୍ଧଧର୍ମ ସୁଗଠିତ ଭିକ୍ଷୁ-ସଂଘଦ୍ୱାରା ପ୍ରଚାରିତ ହେବାରୁ ପୃଥିବୀର ନାନାସ୍ଥାନରେ ବିସ୍ତାର ଲାଭ କରିଥିଲା

ବୁଦ୍ଧଙ୍କ ମୃତ୍ୟୁପରେ ଏହି ଧର୍ମ ଅଶୋକଙ୍କ ପ୍ରଗାଢ଼ ପରିଶ୍ରମ ଓ କନିଷ୍କଙ୍କ ଯତ୍ନରେ ଭାରତ ଓ ଭାରତ ବାହାରେ ନାନା ରାଜ୍ୟରେ ବ୍ୟାପି ଯାଇଥିଲା । ଭାରତର ନାନାସ୍ଥାନରେ ବୌଦ୍ଧ ଭିକ୍ଷୁ ଓ ଭିକ୍ଷୁଣୀମାନଙ୍କର ରହିବା ପାଇଁ ଶତ ଶତ ବୌଦ୍ଧ ବିହାର, ଗୁମ୍ଫା, ମଠ ନିର୍ମିତ, ବୌଦ୍ଧ ଧର୍ମର ଉପଦେଶମାନ ଖୋଦିତ ଏବଂ ବୌଦ୍ଧ ଚୈତ୍ୟ, ସ୍ତମ୍ଭ ଓ ସ୍ତୂପମାନ ପ୍ରତିଷ୍ଠିତ ହୋଇଥିଲା । ଉତ୍କଳର ଧଉଳି, ଲଳିତଗିରି, ରତ୍ନଗିରି, ନରଜ ପ୍ରଭୃତି ସ୍ଥାନରେ ଅନେକ ବୌଦ୍ଧକୀର୍ତ୍ତି ଅଦ୍ୟାପି ବିଦ୍ୟମାନ ରହିଛି । କନିଷ୍କଙ୍କ ରାଜତ୍ୱକାଳରେ ଏହି ଧର୍ମ ହୀନଯାନ ଓ ମହାଯାନ ନାମକ ଦୁଇଟି ସଂପ୍ରଦାୟରେ ବିଭକ୍ତ ହୋଇଗଲା । ପରବର୍ତ୍ତୀ କାଳରେ ଏହା ନାନା ଶାଖାପ୍ରଶାଖାରେ ବିଭକ୍ତ ହୋଇ ସନାତନ ହିନ୍ଦୁଧର୍ମରେ ଅଙ୍ଗୀଭୂତ ହୋଇଗଲା । କନିଷ୍କଙ୍କ ପରେ ହର୍ଷବର୍ଦ୍ଧନଙ୍କ ପରି କେତେକ ଭାରତୀୟ ରାଜା ଏହି ଧର୍ମର ରକ୍ଷା ପାଇଁ ଯତ୍ନ କରିଥିଲେ ମଧ୍ୟ ବିଶାଳ ଭାରତର ଶତ ଶତ ନୃପତି ପ୍ରାଚୀନ ବ୍ରାହ୍ମଣ୍ୟଧର୍ମର ପୃଷ୍ଠପୋଷକ ହେବାରୁ ଏହା କ୍ରମଶଃ ମ୍ରିୟମାଣ ହୋଇଗଲା । ଏହି ଧର୍ମର ନୈତିକ ଅବନତି


ଏହାର ଲୋପର ପଥ ପରିଷ୍କାର କରିଦେଲା । ପରିଶେଷରେ କୁମାରିଲ, ଶଙ୍କର, ରାମାନୁଜ ପ୍ରଭୃତି ବ୍ରାହ୍ମଣ ପଣ୍ଡିତମାନଙ୍କର ପ୍ରବଳ ପ୍ରଚାର ଫଳରେ ଏହି ଧର୍ମ ଭାରତରୁ ଲୁପ୍ତ ହୋଇଗଲା । ତଥାପି ହିନ୍ଦୁମାନେ ବୁଦ୍ଧଙ୍କୁ ଅବତାର ବୋଲି ଗ୍ରହଣ କରିନେଲେ । ବୁଦ୍ଧ ଯେ ପୃଥିବୀର ଜଣେ ଅଦ୍ୱିତୀୟ ମହାପୁରୁଷ ଏଥିରେ ସନ୍ଦେହ ନାହିଁ । ବୌଦ୍ଧଧର୍ମ ଭାରତରୁ ବିଲୁପ୍ତ ହୋଇଥିଲେ ମଧ୍ୟ ଅଦ୍ୟାପି ଜାପାନ, ଚୀନ, ଇଣ୍ଡୋଚାଇନା, ଶ୍ୟାମ, ବ୍ରହ୍ମଦେଶ ଓ ସିଂହଳ ପ୍ରଭୃତି ରାଜ୍ୟରେ ପ୍ରାୟ ପଚିଶକୋଟି ଲୋକ ଏହି ଧର୍ମାବଲମ୍ବୀ ଅଟନ୍ତି ।

---

## ଷଷ୍ଠ ଅଧ୍ୟାୟ

## ପ୍ରାଚୀନ ଭାରତର ଅବସ୍ଥା

ଖ୍ରୀ: ପୂ: ୭ମ ଶତାବ୍ଦୀଠାରୁ ବୌଦ୍ଧ ଓ ଜୈନଗ୍ରନ୍ଥ, କିମ୍ବଦନ୍ତୀ, ପୁରାଣ, ସଂହିତା, ନାଟକ ପ୍ରଭୃତିରୁ ଭାରତର ଧାରାବାହିକ ଇତିହାସ ମିଳେ । ବୌଦ୍ଧଗ୍ରନ୍ଥ ପାଠରୁ ଜଣାଯାଏ ଯେ ସେତେବେଳେ ଭାରତର ଅଧିକାଂଶ ଅଞ୍ଚଳ ଅରଣ୍ୟପୂର୍ଣ୍ଣ ଥିଲା ଏବଂ ଆର୍ଯ୍ୟାବର୍ତ୍ତରେ ୧୬ଟି ସମୃଦ୍ଧ ଜନପଦ ଥିଲା, ଯଥା:—ଗାନ୍ଧାର (ଉତ୍ତର-ପଶ୍ଚିମ ସୀମାନ୍ତ ପ୍ରଦେଶ) କୁରୁକ୍ଷେତ୍ର, ଶୂରସେନ, ପଞ୍ଚାଳ, ମତ୍ସ୍ୟ, କୋଶଳ (ଅଯୋଧ୍ୟା), କାଶୀ, ବିଦେହ ( ବିହାରର ଉତ୍ତରାଂଶ ), ବୈଶାଳୀ, ମଗଧ ( ବିହାରର ଦକ୍ଷିଣାଂଶ ), ଅଙ୍ଗ ( ବିହାରର ପୂର୍ବାଂଶ ), ବଙ୍ଗ, କଳିଙ୍ଗ, ବତ୍ସ, ଅବନ୍ତୀ (ମାଳବ) ଓ ସୌରାଷ୍ଟ୍ର (କାଥିଆବାଡ଼) ଏହି ରାଜ୍ୟମାନଙ୍କ ମଧ୍ୟରୁ କେତେକ ବଳିଷ୍ଠ ରାଜବଂଶଦ୍ୱାରା ଶାସିତ ହେଉଥିଲା ଓ କେତେକ ରାଜ୍ୟରେ ଗଣତନ୍ତ୍ର ଶାସନ ପ୍ରଚଳିତ ଥିଲା । ସେଠାରେ କୌଣସି ରାଜା ରାଜତ୍ୱ କରୁ ନ ଥିଲେ । ଏପରି ଶାସନକୁ 'ଗଣ' ବା




'ସଂଘ' ଶାସନ ବୋଲି କହୁଥିଲେ । ରାଜ୍ୟ ଶାସନ ପାଇଁ ଗୋଟିଏ 'ପରିଷଦ' ଥିଲା । ରାଜ୍ୟର ମୁଖ୍ୟ ଲୋକ ବା 'ଗଣଜ୍ୟେଷ୍ଠ' ଏହି ପରିଷଦ ସାହାଯ୍ୟରେ ଶାସନ କାର୍ଯ୍ୟ କରୁଥିଲେ । ଯେଉଁ ପ୍ରକାଣ୍ଡ ଯୁଦ୍ଧରେ

ଶାସନ ସମ୍ବନ୍ଧୀୟ ଆଲୋଚନା ହେଉଥିଲା ତାକୁ 'ସଂସ୍ଥାଗାର' (Assembly hall) କୁହା ଯାଉଥିଲା । ଅଧିକ ସଂଖ୍ୟକ ଲୋକ ଯେଉଁ ବିଷୟରେ ମତ ଦେଉଥିଲେ ତାହା ଗୃହୀତ ହେଉଥିଲା । ସେକାଳର ଗଣତନ୍ତ୍ର-ଶାସିତ ରାଜ୍ୟମାନଙ୍କ ମଧ୍ୟରେ 'ମାଲବଗଣ', ବିହାରର 'ଲିଚ୍ଛବିଗଣ' ଓ କପିଳବାସ୍ତୁର 'ଶାକ୍ୟଗଣ' ପ୍ରଧାନ ଥିଲା । ସେତେବେଳେ ଭାରତରେ କେହି ଚକ୍ରବର୍ତ୍ତୀ ରାଜା ନ ଥିଲେ । ରାଜାମାନଙ୍କ ମଧ୍ୟରେ ରାଜ୍ୟ ବିସ୍ତାର ପାଇଁ ସର୍ବଦା ଯୁଦ୍ଧ ବିଗ୍ରହ ଲାଗିଥିଲା । ଦାକ୍ଷିଣାତ୍ୟ ସମ୍ବନ୍ଧରେ ବିଶେଷ କିଛି ଜଣାଯାଏ ନାହିଁ । ତେବେ ଦାକ୍ଷିଣାତ୍ୟର ଅନ୍ଧ୍ର, କଳିଙ୍ଗ ଓ ଦ୍ରାବିଡ଼ ପ୍ରଭୃତି ରାଜ୍ୟର ଉଲ୍ଲେଖ ଦେଖାଯାଏ । ଉତ୍ତର-ଭାରତର ଏହି ଷୋଡ଼ଶ ଜନପଦ ମଧ୍ୟରେ କୋଶଳ ଓ ମଗଧ ରାଜ୍ୟ ପ୍ରତିପତ୍ତିଶାଳୀ ଥିଲେ ।

**କୋଶଳ ରାଜ୍ୟ**—କୋଶଳ ପ୍ରଥମେ ପ୍ରାଧାନ୍ୟ ଲାଭ କରିଥିଲା । ଏଠାରେ ଇକ୍ଷ୍ୱାକୁ ବଂଶୀୟ ରାଜାମାନେ ରାଜତ୍ୱ କରୁଥିଲେ । ପ୍ରଥମେ ଅଯୋଧ୍ୟା ଓ ପରେ ଶ୍ରାବସ୍ତି ଏହାର ରାଜଧାନୀ ହେଲା । ବୁଦ୍ଧ-ଦେବଙ୍କ ସମସାମୟିକ କୋଶଳରାଜ ପ୍ରସେନ୍‌ଜିତ୍ ବିଶେଷ କ୍ଷମତାଶାଳୀ ଥିଲେ । ସେ ମଗଧ ରାଜା ବିମ୍ବିସାର ଓ ଅଜାତଶତ୍ରୁଙ୍କ ସହିତ ବହୁକାଳ ଯୁଦ୍ଧ କରିଥିଲେ, କିନ୍ତୁ ଅଜାତଶତ୍ରୁଙ୍କ ଦ୍ୱାରା ପରାସ୍ତ ହୋଇଥିଲେ । ତାଙ୍କ ପରେ ତାଙ୍କ ପୁତ୍ର ବିରୁଧକ ରାଜା ହେଲେ । ସେ ଅତ୍ୟନ୍ତ ଅତ୍ୟାଚାରୀ ଓ ଦୁର୍ଦ୍ଦାନ୍ତ ଥିଲେ ଏବଂ ଶାକ୍ୟ ବଂଶର ଉଚ୍ଛେଦ ସାଧନ କରିଥିଲେ । ତାଙ୍କ ପରେ କୋଶଳ କ୍ରମଶଃ ଦୁର୍ବଳ ହେବାରୁ ମଗଧ ରାଜ୍ୟଭୁକ୍ତ ହୋଇଗଲା ।

**ମଗଧର ଅଭ୍ୟୁତ୍ଥାନ**—ମଗଧ ରାଜ୍ୟ ପ୍ରଥମେ ଆଧୁନିକ ପାଟଣା ଓ ଗୟା ଜିଲ୍ଲାକୁ ନେଇ ଗଠିତ ହୋଇଥିଲା । ଏହାର ଉତ୍ତରରେ ଗଙ୍ଗା ଓ ଦକ୍ଷିଣରେ ଛୋଟନାଗପୁରର ପର୍ବତଶ୍ରେଣୀ ବିଦ୍ୟମାନ ଥିଲା । ଖ୍ରୀ: ପୂ: ୬ଷ୍ଠ ଶତାବ୍ଦୀରେ ଏହା ସମଗ୍ର ଭାରତରେ

ପ୍ରାଧାନ୍ୟ ଲାଭ କଲା ଓ କେତେ ଶତାବ୍ଦୀ ପର୍ଯ୍ୟନ୍ତ ମଗଧର ଇତିହାସହିଁ ଭାରତର ଇତିହାସ ହେଲା । ମହାଭାରତ ଯୁଗରେ ଏହା ଗୋଟିଏ ପ୍ରସିଦ୍ଧ ରାଜ୍ୟ ଥିଲା । ଏଠାର ରାଜା ଜରାସନ୍ଧ ବିଶେଷ କ୍ଷମତାଶାଳୀ ଥିଲେ; କିନ୍ତୁ ପାଣ୍ଡବମାନଙ୍କ ଦ୍ୱାରା ନିହତ ହୋଇଥିଲେ । ସେତେବେଳେ ଗିରିବ୍ରଜ ତାହାର ରାଜଧାନୀ ଥିଲା । ଜରାସନ୍ଧଙ୍କ ପରେ ୨୮ ଜଣ ରାଜା ମଗଧରେ ରାଜତ୍ୱ କରିଥିଲେ ।

ପ୍ରାୟ ଖ୍ରୀ: ପୂ: ୭ମ ଶତାବ୍ଦୀ ଶେଷରେ ଶିଶୁନାଗ ନାମକ ମଗଧର ଜଣେ ସେନାପତି ବିଦ୍ରୋହୀ ହୋଇ ପ୍ରଜାପୀଡ଼କ ମଗଧରାଜଙ୍କୁ ସିଂହାସନଚ୍ୟୁତ କରି ନିଜେ ମଗଧର ରାଜା ହୋଇ ପଡ଼ିଲେ । ତାଙ୍କ ବଂଶକୁ ଶିଶୁନାଗବଂଶ କୁହାଯାଏ । ଏହି ବଂଶର ପଞ୍ଚମ ରାଜା ବିମ୍ବିସାର ବିଶେଷ କ୍ଷମତାଶାଳୀ ଥିଲେ ଓ ତାଙ୍କର ରାଜତ୍ୱରେହିଁ ମଗଧର ପ୍ରକୃତ ଆଧିପତ୍ୟ ପ୍ରତିଷ୍ଠିତ ହେଲା । କେତେକ ତାଙ୍କୁ ହର୍ଯ୍ୟଙ୍କ ବଂଶର ପ୍ରଥମ ରାଜା ବୋଲି ମଧ୍ୟ କହନ୍ତି । ସେ ଅଙ୍ଗ ବା ଆଧୁନିକ ଭାଗଲପୁର ଅଞ୍ଚଳ ଜୟକରି ମଗଧ ସହିତ ମିଶାଇ ଦେଇଥିଲେ । ସେ କୋଶଳର ରାଜା ପ୍ରସେନ୍‌ଜିତଙ୍କ ଭଉଣୀ କୋଶଳ ଦେବୀଙ୍କୁ ବିବାହ କରି କାଶୀ ରାଜ୍ୟର କେତେକାଂଶ ଯୌତୁକ ସ୍ୱରୂପ ପାଇଥିଲେ । ସେ ରାଜଗୃହ (ଆଧୁନିକ ରାଜଗିର) ନାମକ ସ୍ଥାନରେ ମଗଧର ରାଜଧାନୀ ପ୍ରତିଷ୍ଠା କରିଥିଲେ । ମହାବୀର ଓ ବୁଦ୍ଧଦେବ ତାଙ୍କ ରାଜତ୍ୱରେ ନିଜ ନିଜ ଧର୍ମ ପ୍ରଚାର କରିଥିଲେ । ବିମ୍ବିସାର ରାଜଗୃହ ନଗରୀରେ ବୁଦ୍ଧଦେବଙ୍କ ଦ୍ୱାରା ସମ୍ଭବତଃ ବୌଦ୍ଧଧର୍ମରେ ଦୀକ୍ଷିତ ହୋଇଥିଲେ ।

**ଅଜାତଶତ୍ରୁ**—କିମ୍ବଦନ୍ତୀରୁ ଜଣାଯାଏ ଯେ ଅଜାତଶତ୍ରୁ ରାଜ୍ୟ ଲୋଭରେ ନିଜ ପିତା ବିମ୍ବିସାରଙ୍କୁ ପଦଚ୍ୟୁତ ଓ କାରାରୁଦ୍ଧ କରି ମଗଧ ସିଂହାସନ ଅଧିକାର କରିଥିଲେ । ସେ ବନ୍ଦୀଶାଳାରେ ପ୍ରାଣତ୍ୟାଗ କରିଥିଲେ । ଅଜାତଶତ୍ରୁ ଶିଶୁନାଗବଂଶର ଶ୍ରେଷ୍ଠ ରାଜା । ସେ ପ୍ରସେନ୍‌ଜିତଙ୍କୁ

ଯୁଦ୍ଧରେ ପରାସ୍ତ କରି କୋଶଳ ରାଜ୍ୟ ଅଧିକାର କରିଥିଲେ ଓ ତାଙ୍କର କନ୍ୟାକୁ ବିବାହ କରିଥିଲେ । ସେ ଗଙ୍ଗାର ଉତ୍ତର ତୀରବର୍ତ୍ତୀ ମିଥିଳା ରାଜ୍ୟର ଲିଚ୍ଛବିଗଣଙ୍କୁ ପରାସ୍ତ କରି ଉକ୍ତ ରାଜ୍ୟ ମଧ୍ୟ ଅଧିକାର କରିଥିଲେ । ଲିଚ୍ଛବିମାନଙ୍କର ବିଦ୍ରୋହ ଦମନ କରିବା ନିମିତ୍ତ ସେ ଗଙ୍ଗା ଓ ସୋଣ ନଦୀର ମିଳନ ସ୍ଥାନରେ ଗୋଟିଏ ସୁଦୃଢ଼ ଦୁର୍ଗ ନିର୍ମାଣ କରିଥିଲେ । ସେ ପିତାଙ୍କ ପରି ବୌଦ୍ଧଧର୍ମ ଗ୍ରହଣ କରିଥିବାର ଅନୁମାନ କରାଯାଏ । ତାଙ୍କ ରାଜତ୍ୱରେ ମଗଧର ସୀମା ଛୋଟନାଗପୁରଠାରୁ ହିମାଳୟର ପାଦଦେଶ ପର୍ଯ୍ୟନ୍ତ ବିସ୍ତୃତ ହୋଇଥିଲା ।

ତାଙ୍କ ପରେ ଉଦୟୀ ବା ଉଦୟ ମଗଧର ରାଜା ହେଲେ । ସେ ଅଜାତଶତ୍ରୁଙ୍କ ଦ୍ୱାରା ନିର୍ମିତ ଦୁର୍ଗ ନିକଟରେ ପାଟଳୀପୁତ୍ର ବା କୁସୁମପୁର ନାମକ ନଗର ନିର୍ମାଣ କରିଥିଲେ । ଏହା ପରେ ବିଶାଳ ମଗଧ ସାମ୍ରାଜ୍ୟର ରାଜଧାନୀରୂପେ ସମଗ୍ର ଭାରତରେ ଖ୍ୟାତି ଲାଭ କରିଥିଲା ।

**ଡେରାୟୁସଙ୍କ ଭାରତ ଆକ୍ରମଣ**—ଭାରତରେ ମଗଧ ସାମ୍ରାଜ୍ୟର ଅଭ୍ୟୁଦୟ ସମୟରେ ପ୍ରାୟ ଖ୍ରୀ: ପୂ: ୬ଷ୍ଠ ଶତାବ୍ଦୀରେ ପାରସ୍ୟରେ ଗୋଟିଏ ଶକ୍ତିଶାଳୀ ସାମ୍ରାଜ୍ୟ ପ୍ରତିଷ୍ଠିତ ହୋଇଥିଲା । ପାରସ୍ୟର କ୍ଷମତାଶାଳୀ ରାଜା ପ୍ରଥମ ଡେରାୟୁସ (ଖ୍ରୀ: ପୂ: ୫୨୨-୪୮୬) ଭାରତ ଆକ୍ରମଣ କରି ସିନ୍ଧୁ ନଦୀ ତୀରବର୍ତ୍ତୀ ପ୍ରଦେଶ ଅଧିକାର କରିଥିଲେ । ଗାନ୍ଧାର (ସୀମାନ୍ତପ୍ରଦେଶ), ପଞ୍ଜାବ ଓ ସିନ୍ଧୁପ୍ରଦେଶ ତାଙ୍କର ସାମ୍ରାଜ୍ୟଭୁକ୍ତ ହୋଇଥିଲା । ସେ ଭାରତୀୟ ରାଜ୍ୟର ଶାସନ ପାଇଁ ଜଣେ ଶାସନକର୍ତ୍ତା ନିଯୁକ୍ତ କରିଥିଲେ । ଏହା ତାଙ୍କ ସାମ୍ରାଜ୍ୟର ଗୋଟିଏ ଶ୍ରେଷ୍ଠ ଅଂଶ ଥିଲା ଏବଂ ଏଠାରୁ ପ୍ରଚୁର ଧନରତ୍ନ କର ସ୍ୱରୂପ ଆଦାୟ ହେଉଥିଲା । ଭାରତୀୟ ସୈନ୍ୟମାନେ ପାରସ୍ୟ ସମ୍ରାଟଙ୍କ ସପକ୍ଷରେ ଗ୍ରୀକ୍‌ମାନଙ୍କ ବିରୁଦ୍ଧରେ ଯୁଦ୍ଧ କରିଥିଲେ । ଐତିହାସିକ ଯୁଗରେ ଏହା ଭାରତର ପ୍ରଥମ ବୈଦେଶିକ ଆକ୍ରମଣ ।

**ନନ୍ଦବଂଶ**—ଖ୍ରୀ: ପୂ: ୫ମ ଶତାବ୍ଦୀରେ ନନ୍ଦବଂଶୀୟ ମହାପଦ୍ମ ନନ୍ଦ ବା ମହାପଦ୍ମ ଉଗ୍ରସେନ ଶିଶୁନାଗ ବଂଶ ଉନ୍ମୂଳିତ କରି ମଗଧରେ ନନ୍ଦରାଜତ୍ୱ ପ୍ରତିଷ୍ଠା କରିଥିଲେ । ନନ୍ଦମାନେ ଶୁଦ୍ର ବଂଶୀୟ ବୋଲି ପୁରାଣମାନଙ୍କରୁ ଜଣାଯାଏ । ମହାପଦ୍ମ ଉତ୍ତର-ଭାରତର କ୍ଷତ୍ରିୟ ରାଜାମାନଙ୍କୁ ପରାସ୍ତ କରିଥିଲେ ଏବଂ କଳିଙ୍ଗ ବା ଆଧୁନିକ ଓଡ଼ିଶା ପ୍ରଦେଶର ସମତଳ ଅଂଶ ଜୟ କରିଥିଲେ । ସେ କଳିଙ୍ଗ ଜୟ କରି କଳିଙ୍ଗ-ଜିନାସନ ସ୍ୱ ରାଜଧାନୀ ପାଟଳୀପୁତ୍ରକୁ ନେଇ ଯାଇଥିଲେ । ସେ କଳିଙ୍ଗର ରାଜଧାନୀ ନିକଟରୁ ଗୋଟିଏ ପ୍ରଣାଳୀ ଖୋଲାଇଥିଲେ, କିନ୍ତୁ ତାହା ସମ୍ପୂର୍ଣ୍ଣ କରି ପାରି ନ ଥିଲେ । ପୁରାଣମାନଙ୍କରେ ତାଙ୍କୁ ଏକରାଟ୍ ବା ଏକଛତ୍ରାଧିପତି ବୋଲି ବର୍ଣ୍ଣନା କରାଯାଇଛି । ତାଙ୍କର ପ୍ରକାଣ୍ଡ ସେନା ଥିଲି ଓ ଭଣ୍ଡାର ଧନରତ୍ନରେ ପୂର୍ଣ୍ଣ ଥିଲି । ତାଙ୍କ ପରେ ତାଙ୍କର ଆଠ ଗୋଟି ପୁତ୍ର କ୍ରମାନ୍ୱୟରେ ରାଜତ୍ୱ କରିଥିଲେ । ତେଣୁ ନନ୍ଦମାନଙ୍କୁ 'ନବନନ୍ଦ' ବୋଲି କୁହାଯାଏ । ସେମାନେ ପ୍ରାୟ ଏକ ଶତାବ୍ଦୀ (କେତେଙ୍କ ମତରେ ୯୧ ବର୍ଷ) ରାଜତ୍ୱ କରିଥିଲେ । ନନ୍ଦ ସାମ୍ରାଜ୍ୟ ହିମାଳୟଠାରୁ ବିନ୍ଧ୍ୟଗିରି ପର୍ଯ୍ୟନ୍ତ ଓ ଆସାମଠାରୁ ପଞ୍ଜାବ ପର୍ଯ୍ୟନ୍ତ ବିସ୍ତୃତ ଥିଲି । ନନ୍ଦମାନେ ବିଶେଷ ଅତ୍ୟାଚାରୀ ଓ ଅର୍ଥଲୋଭୀ ଥିଲେ । ତେଣୁ ଦେଶରେ ଘୋର ଅଶାନ୍ତି ଓ ଅସନ୍ତୋଷ ବ୍ୟାପିଗଲା । ଚାଣକ୍ୟ ବା କୌଟିଲ୍ୟ ନାମକ ଜଣେ ବିଚକ୍ଷଣ ରାଜନୀତିଜ୍ଞ ବ୍ରାହ୍ମଣ ଦକ୍ଷତାର ସହିତ ଗୋଟିଏ ପ୍ରବଳ ବିଦ୍ରୋହ ଚଳାଇ ନନ୍ଦବଂଶ ଉଚ୍ଛେଦ କଲେ ଓ ଚନ୍ଦ୍ରଗୁପ୍ତଙ୍କୁ ମଗଧ ରାଜ୍ୟର ଅଧୀଶ୍ୱର କରାଇଥିଲେ । ଶେଷ ନନ୍ଦରାଜ ଧନନନ୍ଦଙ୍କ ରାଜତ୍ୱରେ ଗ୍ରୀକ୍ ବୀର ଅଲେକ୍‌ଜାଣ୍ଡାର ଖ୍ରୀ: ପୂ: ୩୨୬ରେ ଭାରତ ଆକ୍ରମଣ କରିଥିଲେ ।

**ମହାବୀର ଆଲେକ୍‌ଜାଣ୍ଡାରଙ୍କ ଭାରତ ଆକ୍ରମଣ**—ଅଲେକ୍‌ଜାଣ୍ଡାର ଗ୍ରୀସ ଅନ୍ତର୍ଗତ ମାସିଡନ୍ ନାମକ ଏକ କ୍ଷୁଦ୍ର ରାଜ୍ୟର

ରାଜା ଫିଲିପ୍‌ଙ୍କର ପୁତ୍ର ଥିଲେ । ସେ ବାଲ୍ୟକାଳରୁ ଅତ୍ୟନ୍ତ ବୁଦ୍ଧିମାନ୍, ସାହସୀ ଓ ଉଚ୍ଚାଭିଳାଷୀ ଥିଲେ । ମାସିଡନର ରାଜା ହେବାକ୍ଷଣି ସେ ବିଶାଳ ସାମ୍ରାଜ୍ୟ ପ୍ରତିଷ୍ଠା କରିବା ଉଦ୍ଦେଶ୍ୟରେ ଦିଗ୍‌ବିଜୟରେ ବହିର୍ଗତ




ମହାବୀର ଅଲେକ୍‌ଜାଣ୍ଡାର

ହେଲେ । ଖ୍ରୀ: ପୂ: ୩୩୦ ରେ ସେ ପାରସ୍ୟ ସାମ୍ରାଜ୍ୟ ଧ୍ୱଂସ କରି ଭାରତ ଅଭିମୁଖରେ ସୈନ୍ୟ ଚଳାଇଲେ । ସେ ଅଫଗାନିସ୍ତାନ ଓ ସୀମାନ୍ତ ପ୍ରଦେଶର ପାର୍ବତ୍ୟ ଜାତିମାନଙ୍କୁ ପରାସ୍ତ କରି ଖ୍ରୀ: ପୂ: ୩୨୭ରେ

ପଞ୍ଜାବରେ ପଦାର୍ପଣ କଲେ । ସେତେବେଳେ ପଞ୍ଜାବ କ୍ଷୁଦ୍ର କ୍ଷୁଦ୍ର ରାଜ୍ୟରେ ବିଭକ୍ତ ଥିଲା । ସେ ଅଟକ ନିକଟରେ ସିନ୍ଧୁନଦୀ ପାରହୋଇ ତକ୍ଷଶୀଳା ଆକ୍ରମଣ କଲେ । ସିନ୍ଧୁ ଓ ଝେଲମ୍ ନଦୀଦ୍ୱୟର ମଧ୍ୟବର୍ତ୍ତୀ ପ୍ରଦେଶର ଶାସନକର୍ତ୍ତା ତକ୍ଷଶୀଳାର ରାଜା ଅମ୍ଭି ତାଙ୍କ ନିକଟରେ ଆତ୍ମସମର୍ପଣ କରିଥିଲେ ଏବଂ ତାଙ୍କୁ ଅର୍ଥ ଓ ସୈନ୍ୟ ସାହାଯ୍ୟ ଦେଇଥିଲେ । ତତ୍ପରେ ସେ ଝେଲମ୍ ଓ ଚେନାବ୍ ନଦୀଦ୍ୱୟର ମଧ୍ୟବର୍ତ୍ତୀ ରାଜ୍ୟ ଆକ୍ରମଣ କରିବାକୁ ଉଦ୍ୟତ ହେଲେ । ପୁରୁ ନାମକ ଜଣେ କ୍ଷମତାଶାଳୀ ରାଜା ଏହି ରାଜ୍ୟର ଶାସନକର୍ତ୍ତା ଥିଲେ । ସେ ଅନ୍ୟ ପରି ବିଦେଶୀଙ୍କ ଅଧୀନତା ସ୍ୱୀକାର ନ କରି ଝେଲମ୍‌ନଦୀ ନିକଟରେ ଗ୍ରୀକ୍‌ବୀରଙ୍କର ପଥ ଅବରୋଧ କଲେ । ଉଭୟ ପକ୍ଷ ମଧ୍ୟରେ ତୁମୁଳ ଯୁଦ୍ଧ ହେଲା । ଏହି ଯୁଦ୍ଧକୁ **ହାଇଡସ୍‌ପସ୍** ଯୁଦ୍ଧ କହନ୍ତି । ପୁରୁ ରାଜାଙ୍କର ଚିରଶତ୍ରୁ ତକ୍ଷଶୀଳା ନୃପତି ଅମ୍ଭି ପ୍ରତିଶୋଧ ନେବା ଉଦ୍ଦେଶ୍ୟରେ ଗ୍ରୀକ୍‌ବୀରଙ୍କୁ ସକଳ ପ୍ରକାର ସାହାଯ୍ୟ ପ୍ରଦାନ କରିଥିଲେ । ସେ ସମୟରେ ପ୍ରବଳ ବର୍ଷା ହେତୁ ଯୁଦ୍ଧକ୍ଷେତ୍ର ବଡ଼ ପିଚ୍ଛିଳ ହୋଇଥିଲା ଓ ତାଙ୍କର ସୈନ୍ୟମାନେ ଯଥାବିଧି ଯୁଦ୍ଧ ଚଳାଇ ପାରିଲେ ନାହିଁ । ଏତେ ବାଧାବିଘ୍ନ ଓ ଅମ୍ଭିଙ୍କର ଶତ୍ରୁତା ପ୍ରତି ଭ୍ରୂକ୍ଷେପ ନ କରି ପୁରୁ ଶେଷ ପର୍ଯ୍ୟନ୍ତ ପ୍ରବଳ ଭାବରେ ଯୁଦ୍ଧ କଲେ । ଯୁଦ୍ଧ ଅବସ୍ଥାରେ ସେ ଦେହର ନଅଟି ସ୍ଥାନରେ ଆଘାତ ପ୍ରାପ୍ତ ହୋଇଥିଲେ ଏବଂ ଶେଷରେ ପରାଜିତ ହେଲେ । କିନ୍ତୁ ଅଲେକ୍‌ଜାଣ୍ଡାର ତାଙ୍କର ଅସାମାନ୍ୟ ସାହସ ଓ ବୀରତ୍ୱରେ ମୁଗ୍ଧ ହୋଇ ତାଙ୍କୁ ତାଙ୍କ ରାଜ୍ୟ ପ୍ରତ୍ୟର୍ପଣ କରିଥିଲେ । ଗ୍ରୀକ୍‌ବୀର ଯୁଦ୍ଧକ୍ଷେତ୍ରରେ ନିଜର ବିଜୟକୀର୍ତ୍ତି ସ୍ୱରୂପ ଦୁଇଟି ନଗର ନିର୍ମାଣ କରିଥିଲେ ।

ଏହାପରେ ସେ ଦକ୍ଷିଣ-ପୂର୍ବ ଦିଗକୁ ଗତିକରି ହାଇଫାସିସ (ବିଆସ) ନଦୀ ପର୍ଯ୍ୟନ୍ତ ଅଗ୍ରସର ହୋଇଥିଲେ । ସେଠାରେ ସେ ମଗଧ ଜୟ



କରିବାର ଅଭିଳାଷ ପ୍ରକାଶ କରିଥିଲେ । କିନ୍ତୁ ତାଙ୍କର ସୈନ୍ୟମାନେ ବହୁକାଳ ଘରଦ୍ୱାର ଛାଡ଼ି ବିଦେଶରେ ଯୁଦ୍ଧ କରିଥିବାରୁ କ୍ଳାନ୍ତ ହୋଇଥିଲେ । ଅଭି ମଧ୍ୟ ଭାରତୀୟମାନଙ୍କ ବୀରତ୍ୱ ଓ ନନ୍ଦମାନଙ୍କର ପ୍ରବଳ ପରାକ୍ରମର କଥା ଶୁଣି ସେମାନଙ୍କ ହୃଦୟରେ ଭୟର ସଞ୍ଚାର ହେଲା । ସୈନ୍ୟମାନେ ଯୁଦ୍ଧ କରିବାକୁ ଅସ୍ୱୀକୃତ ହେବାରୁ ଅଲେକ୍‌ଜାଣ୍ଡାର ବାଧ୍ୟ ହୋଇ ସିନ୍ଧୁନଦୀ ମୁହାଣରୁ ବେଲୁଚିସ୍ଥାନ ମଧ୍ୟ ଦେଇ ବହୁ ସୈନ୍ୟସହ ସ୍ୱଦେଶକୁ ଫେରିଗଲେ । ଫେରି ଯିବାବେଳେ ସିନ୍ଧୁନଦୀ କୂଳରେ ବାସ କରୁଥିବା କେତେକ ଜାତି ତାଙ୍କ ସହିତ ଭୀଷଣ ଯୁଦ୍ଧ କରିଥିଲେ । ସେ ସ୍ୱଦେଶରୁ ନୂତନ ସେନା ଆଣି ପୁନର୍ବାର ଭାରତ ଆକ୍ରମଣ କରିବାର ଆଶା ପୋଷଣ କରିଥିଲେ । କିନ୍ତୁ ପଥରେ ସେ ଆଧୁନିକ ବାଗ୍‌ଦାଦ୍ ସହରର ନିକଟବର୍ତ୍ତୀ ବାବିଲନ୍ ନାମକ ସ୍ଥାନରେ ଖ୍ରୀ: ପୂ: ୩୨୩ ରେ ୩୩ବର୍ଷ ବୟସରେ ପ୍ରାଣତ୍ୟାଗ କଲେ । ସେ ଅଳ୍ପକାଳ ଜୀବିତ ଥିଲେ ମଧ୍ୟ ଯେଉଁ ଅସାଧାରଣ ସାହସ, ବୀରତ୍ୱ ଓ ଶୌର୍ଯ୍ୟ ପ୍ରକାଶ କରିଥିଲେ, ତାହା ପୃଥିବୀର ଇତିହାସରେ ବିରଳ । ମୃତ୍ୟୁପରେ ତାଙ୍କର ବିରାଟ ସାମ୍ରାଜ୍ୟ ତାଙ୍କର ସେନାପତିମାନଙ୍କ ମଧ୍ୟରେ ବିଭକ୍ତ ହୋଇଥିଲା । ସେଲ୍ୟୁକସ୍ ନାମକ ତାଙ୍କର ଜଣେ ସେନାପତି ବ୍ୟାକ୍‌ଟ୍ରିୟା, ପଞ୍ଜାବ ପ୍ରଭୃତି ରାଜ୍ୟର ଶାସନକର୍ତ୍ତା ହେଲେ । କିନ୍ତୁ ମୌର୍ଯ୍ୟ ଚନ୍ଦ୍ରଗୁପ୍ତଙ୍କଦ୍ୱାରା ଯୁଦ୍ଧରେ ପରାଜିତ ହେବାରୁ ସେ ଉକ୍ତ ରାଜ୍ୟମାନ ତାଙ୍କ ହସ୍ତରେ ଅର୍ପଣ କଲେ । ଭାରତରୁ ଗ୍ରୀକ୍ କ୍ଷମତା ଲୁପ୍ତ ହେଲା । ଅଲେକ୍‌ଜାଣ୍ଡାରଙ୍କ ଅନ୍ୟ ନାମ ସିକନ୍ଦର । ସେ ଭାରତରେ ପ୍ରଥମ ଇଉରୋପୀୟ ବିଜେତା ।

**ଆଲେକ୍‌ଜାଣ୍ଡାରଙ୍କ ଆକ୍ରମଣର ଫଳ** —ଅଲେକ୍‌ଜାଣ୍ଡାରଙ୍କ ମୃତ୍ୟୁ ସଙ୍ଗେ ସଙ୍ଗେ ପଞ୍ଜାବରୁ ଗ୍ରୀକ୍-ଆଧିପତ୍ୟ ଲୁପ୍ତ ହୋଇଗଲା । ଭାରତର ବିଶାଳ ପ୍ରାଚୀନ ସାହିତ୍ୟରେ ଏହି ମହାବୀରଙ୍କ ସମ୍ବନ୍ଧରେ ବିଶେଷ ସୂଚନା ମିଳେ ନାହିଁ । ତାଙ୍କ ଆକ୍ରମଣର ତତ୍କାଳୀନ

କୌଣସି ପ୍ରଭାବ ନ ଥିଲେ ମଧ୍ୟ ପରବର୍ତ୍ତୀ କାଳରେ ଏହା ବିଶେଷ ଫଳପ୍ରଦ ହୋଇଥିଲା । ଏହା ଫଳରେ ଦୁଇ ପ୍ରାଚୀନ ସଭ୍ୟ ଦେଶ ଗ୍ରୀସ୍ ଓ ଭାରତ ମଧ୍ୟରେ ତିନୋଟି ସ୍ଥଳପଥ ଓ ଗୋଟିଏ ଜଳପଥ ଆବିଷ୍କୃତ ହେବାରୁ ଦୁଇ ରାଜ୍ୟ ମଧ୍ୟରେ ଘନିଷ୍ଠ ସମ୍ବନ୍ଧ ସ୍ଥାପିତ ହେଲା । ଭାରତର ଉତ୍ତର-ପଶ୍ଚିମ ସୀମାନ୍ତରେ କେତୋଟି ଗ୍ରୀକ୍‌ରାଜ୍ୟ ପ୍ରତିଷ୍ଠିତ ହେବାରୁ ଭାରତୀୟ ଓ ଗ୍ରୀକ୍‌ମାନଙ୍କ ମଧ୍ୟରେ ଶିକ୍ଷା ସଭ୍ୟତାର ଆଦାନ ପ୍ରଦାନ ହେଲା । କାଳକ୍ରମେ ଅନେକ ଗ୍ରୀକ୍ ବୌଦ୍ଧ ଓ ହିନ୍ଦୁଧର୍ମ ଗ୍ରହଣ କରି ଧର୍ମର ଉନ୍ନତି ନିମିତ୍ତ ନାନାବିଧ କୀର୍ତ୍ତି ନିର୍ମାଣ କରିଥିଲେ । ଗ୍ରୀକ୍‌ମାନେ ଭାରତରୁ ଦର୍ଶନ, ଗଣିତ ସମ୍ବନ୍ଧରେ ଅନେକ ବିଷୟ ଶିକ୍ଷା କରିଥିଲେ । ପଞ୍ଜାବ ଅଞ୍ଚଳରେ ଗ୍ରୀକ୍ ଶିକ୍ଷା ଓ ସଭ୍ୟତାର ପ୍ରଭାବ ପଡ଼ିଥିଲା ଏବଂ ଗାନ୍ଧାର ଶିଳ୍ପ ଗ୍ରୀକ୍‌ଶିଳ୍ପ ଦ୍ୱାରା ସଂପୂର୍ଣ୍ଣରୂପେ ପ୍ରଭାବିତ ହୋଇଥିବାର ଜଣାଯାଏ ।

---

## ସପ୍ତମ ଅଧ୍ୟାୟ

## ମୌର୍ଯ୍ୟ ସାମ୍ରାଜ୍ୟ

**ମୌର୍ଯ୍ୟ ସାମ୍ରାଜ୍ୟପ୍ରତିଷ୍ଠାତା ଚନ୍ଦ୍ରଗୁପ୍ତ**—ପୁରାଣମାନଙ୍କ ମତରେ ଚନ୍ଦ୍ରଗୁପ୍ତ ନନ୍ଦବଂଶୀୟ ଜନୈକ ରାଜାଙ୍କର ମୁରାନାମ୍ନୀ ଏକ ଦାସୀର ଗର୍ଭଜାତ ପୁତ୍ର । ତେଣୁ ତାଙ୍କଦ୍ୱାରା ପ୍ରତିଷ୍ଠିତ ବଂଶର ନାମ ମୌର୍ଯ୍ୟବଂଶ । ବୌଦ୍ଧଗ୍ରନ୍ଥରୁ ଜଣାଯାଏ ଯେ ମଗଧର ପିପ୍ପଳିବନରେ ମୌରୀୟ ବା ମୌର୍ଯ୍ୟ ନାମକ ଗୋଟିଏ କ୍ଷତ୍ରିୟ ଜାତି ବାସ କରୁଥିଲେ । ଚନ୍ଦ୍ରଗୁପ୍ତ ସେହି ଜାତିର ପ୍ରଥମ କ୍ଷମତାଶାଳୀ ରାଜା ଥିବାରୁ ଏହି ବଂଶର ନାମ **ମୌର୍ଯ୍ୟବଂଶ** ହେଲା ।

ନନ୍ଦବଂଶୀୟ ଶେଷରାଜାଙ୍କ ରାଜତ୍ୱକାଳରେ ଚନ୍ଦ୍ରଗୁପ୍ତ ବିଦ୍ରୋହୀ ହୋଇ ନିର୍ବାସିତ ହୋଇଥିଲେ । ନନ୍ଦ ରାଜାଙ୍କ ଅତ୍ୟାଚାର ଓ

ପ୍ରପୀଡ଼ନରେ ମଗଧର ପ୍ରଜାମାନେ ଭୀତ୍ୟକ୍ତ ଓ ଅସନ୍ତୁଷ୍ଟ ଥିଲେ । ତକ୍ଷଶୀଳାର ଚାଣକ୍ୟ ବା କୌଟିଲ୍ୟ ନାମକ ଜଣେ ବିଚକ୍ଷଣ ବ୍ରାହ୍ମଣ ପଣ୍ଡିତ ନନ୍ଦରାଜାଙ୍କଦ୍ୱାରା ଅପମାନିତ ହୋଇଥିଲେ । ସେ ନନ୍ଦ ରାଜାଙ୍କ ଅପମାନର ପ୍ରତିଶୋଧ ନେବାପାଇଁ ଅଟଳ ପ୍ରତିଜ୍ଞା କରିଥିଲେ । ଚନ୍ଦ୍ରଗୁପ୍ତ ଏକଦଳ ସୈନ୍ୟ ସଂଗ୍ରହ କରି ଚାଣକ୍ୟଙ୍କ ନୀତି କୌଶଳରେ ନନ୍ଦବଂଶ ଉନ୍ମୂଳିତ କରି ଖ୍ରୀ: ପୂ: ୩୨୨ରେ ମଗଧରେ ମୌର୍ଯ୍ୟବଂଶ ପ୍ରତିଷ୍ଠା କରିଥିଲେ । ଚାଣକ୍ୟଙ୍କ ବୁଦ୍ଧିକୌଶଳ ଯୋଗୁଁହିଁ ବିଶାଳ ମୌର୍ଯ୍ୟସାମ୍ରାଜ୍ୟ ପ୍ରତିଷ୍ଠା ସମ୍ଭବପର ହୋଇଥିଲା ।

ଅଲେକଜାଣ୍ଡାରଙ୍କ ମୃତ୍ୟୁ ସଂବାଦ ପାଇ ଚନ୍ଦ୍ରଗୁପ୍ତ କେତେକ ପାହାଡ଼ିଆ ସୈନ୍ୟଙ୍କ ସାହାଯ୍ୟରେ ପଞ୍ଜାବରୁ ଗ୍ରୀକ୍‌ମାନଙ୍କୁ ତଡ଼ିଦେଇ ଭାରତକୁ ବିଦେଶୀମାନଙ୍କ ପରାଧୀନତାରୁ ମୁକ୍ତ କଲେ । ଅଳ୍ପଦିନ ମଧ୍ୟରେ ସେ ବଙ୍ଗଠାରୁ ଅଫଗାନିସ୍ଥାନ ପର୍ଯ୍ୟନ୍ତ ବିସ୍ତୃତ ବିଶାଳ ସାମ୍ରାଜ୍ୟର ଅଧୀଶ୍ୱର ହେଲେ । ସିକନ୍ଦରଙ୍କ ମୃତ୍ୟୁର କିଛିକାଳ ପରେ ତାଙ୍କର ସେନାପତି ସେଲ୍ୟୁକସ୍ ଅଲେକଜାଣ୍ଡାରଙ୍କଦ୍ୱାରା ବିଜିତ ପଞ୍ଜାବ ପ୍ରଦେଶକୁ ପୁନର୍ବାର ଅଧିକାର କରିବା ପାଇଁ ଚେଷ୍ଟା କଲେ । କିନ୍ତୁ ସେ ଚନ୍ଦ୍ରଗୁପ୍ତଙ୍କଦ୍ୱାରା ସମ୍ପୂର୍ଣ୍ଣ ରୂପେ ପରାସ୍ତ ହୋଇ ସନ୍ଧି କରିଥିଲେ । ଖ୍ରୀ: ପୂ: ୩୦୫ରେ ସନ୍ଧି ଫଳରେ ସେଲ୍ୟୁକସ୍ ୫୦୦ ହସ୍ତୀ ପାଇ ନିଜ କନ୍ୟା ହେଲେନାଙ୍କୁ ଅର୍ପଣକଲେ ଓ ଆଧୁନିକ ଅଫଗାନିସ୍ଥାନ ଓ ବେଲୁଚିସ୍ଥାନ ପ୍ରଭୃତି ରାଜ୍ୟ ଚନ୍ଦ୍ରଗୁପ୍ତଙ୍କୁ ଛାଡ଼ି ଦେଇଥିଲେ । ସେ ମୌର୍ଯ୍ୟ ରାଜସଭାକୁ ମେଗାସ୍ଥିନିସ ନାମକ ଗ୍ରୀକ୍ ଦୂତଙ୍କୁ ପଠାଇଥିଲେ । ଏହି ସନ୍ଧି ଫଳରେ ମୌର୍ଯ୍ୟ ସାମ୍ରାଜ୍ୟ ହିନ୍ଦୁକୁଶ ପର୍ଯ୍ୟନ୍ତ ବିସ୍ତୃତ ହୋଇଥିଲା । ତାଙ୍କ ସାମ୍ରାଜ୍ୟ ହିନ୍ଦୁକୁଶଠାରୁ ଆସାମ ଓ ହିମାଳୟଠାରୁ ନର୍ମଦା ନଦୀ ପର୍ଯ୍ୟନ୍ତ ବିସ୍ତୃତ ଥିଲା । ମହୀଶୂରରେ ପ୍ରଚଳିତ କିମ୍ବଦନ୍ତୀରୁ ଜଣାଯାଏ ଯେ, ସେ ସେଠାରେ ତାଙ୍କର ଶେଷ ଜୀବନ କଟାଇଥିଲେ । ତାଙ୍କ ପୂର୍ବରୁ ଅନ୍ୟ କୌଣସି ଭାରତୀୟ ନୃପତି

ଏତେ ବିଶାଳ ସାମ୍ରାଜ୍ୟ ଶାସନ କରୁଥିବାର ଜଣାଯାଏ ନାହିଁ । ସେ ଭାରତରେ ପ୍ରଥମେ ବିଶାଳ ସାମ୍ରାଜ୍ୟ ପ୍ରତିଷ୍ଠା କରିଥିଲେ । କିନ୍ତୁ ତାଙ୍କ ରାଜତ୍ୱରେ କଳିଙ୍ଗ ବା ଆମ୍ଭମାନଙ୍କ ଜନ୍ମଭୂମି ଉତ୍କଳ ପ୍ରଦେଶ ସ୍ୱାଧୀନ ଥିଲା । ସେ ୨୪ ବର୍ଷ ରାଜତ୍ୱ କରି ଖ୍ରୀ: ପୂ: ୨୯୮ ଅବ୍ଦରେ ପ୍ରାଣତ୍ୟାଗ କରିଥିଲେ ।

**ମେଗାସ୍ଥିନିସ୍‌ଙ୍କ ଭାରତ ବିବରଣ**—ଗ୍ରୀକ୍‌ଦୂତ ମେଗାସ୍ଥିନିସ୍ ଖ୍ରୀ: ପୂ: ୩୦୨ରୁ ପ୍ରାୟ ୫ ବର୍ଷ କାଳ ମୌର୍ଯ୍ୟ ରାଜସଭାରେ ରହି ତତ୍‌କାଳୀନ ଭାରତ ସମ୍ବନ୍ଧରେ ଅନେକ ବିଷୟ ଲେଖିଥିଲେ । ତାଙ୍କ ଗ୍ରନ୍ଥର ଅଧିକାଂଶ ବିଲୁପ୍ତ ହୋଇ ଯାଇଛି । ଯାହା କିଛି ରହିଛି, ସେଥିରୁ ଭାରତର ସମାଜ, ଶାସନ ପ୍ରଣାଳୀ ଓ ଧର୍ମ ସମ୍ବନ୍ଧରେ ଅନେକ ବିଷୟ ଜଣାଯାଏ ।

ମେଗାସ୍ଥିନିସ୍‌ଙ୍କ ମତରେ ଭାରତ ପ୍ରାୟ ଶତାଧିକ କ୍ଷୁଦ୍ର ରାଜ୍ୟରେ ବିଭକ୍ତ ଥିଲା । ଏହି ରାଜ୍ୟମାନଙ୍କ ମଧ୍ୟରେ ମଗଧ ସାମ୍ରାଜ୍ୟ ସର୍ବାପେକ୍ଷା ସମୃଦ୍ଧ, ବିଶାଳ ଓ କ୍ଷମତାଶାଳୀ ଥିଲା । ମଗଧ ସମ୍ରାଟଙ୍କର ୬ ଲକ୍ଷ ପଦାତି, ୩୬ ହଜାର ହସ୍ତୀ, ୩୦ ହଜାର ଅଶ୍ୱାରୋହୀ, ୨୪ ହଜାର ରଥାରୋହୀ ଓ ବହୁସଂଖ୍ୟକ ନୌସୈନ୍ୟ ଥିଲେ । ଏହାର ରାଜଧାନୀ ପାଟଳୀପୁତ୍ର ଅତି ସୁନ୍ଦର ଓ ସୁଦୃଢ଼ ସହର ଥିଲା । ଏହାର ଦୈର୍ଘ୍ୟ ପ୍ରାୟ ୫ କୋଶ ଓ ପ୍ରସ୍ଥ ୧ କୋଶ ଥିଲା । ଏହା ଏକଦିଗରେ ଗଙ୍ଗା, ଅନ୍ୟ ଦିଗରେ ଶୋଣ ନଦୀଦ୍ୱାରା ସୁରକ୍ଷିତ ଥିଲା । ଏହାର ଚତୁର୍ଦ୍ଦିଗରେ କାଷ୍ଠମୟ ପ୍ରାଚୀର ଓ ବିଶାଳ ପରିଖା ବିଦ୍ୟମାନ ଥିଲା । ମଗଧ ରାଜ୍ୟର ପୂର୍ବ ଦକ୍ଷିଣରେ ଥିବା କଳିଙ୍ଗ ରାଜ୍ୟ ବିଶେଷ ସମୃଦ୍ଧିଶାଳୀ ଓ ଶକ୍ତିଶାଳୀ ଥିଲା । ପଶ୍ଚିମରେ ଗୁଜରାଟ, ଦକ୍ଷିଣରେ ଅନ୍ଧ୍ର ଓ ପାଣ୍ଡ୍ୟରାଜ୍ୟ ବିଶେଷ ବଳଶାଳୀ ଥିଲେ । ଭାରତର ନାନା ସ୍ଥାନରେ ଅନେକଗୁଡ଼ିଏ ଛୋଟ ଛୋଟ ଗଣତନ୍ତ୍ର ରାଜ୍ୟ ଥିଲା । ଭାରତବାସୀମାନେ ଦାର୍ଶନିକ, କୃଷକ, ଗୋପାଳ, ଶିଳ୍ପୀ, ଯୋଦ୍ଧା, ରାଜକର୍ମଚାରୀ ଓ ରାଜସଚିବ ଏହି ସାତ

ଭାଗରେ ବିଭକ୍ତ ହୋଇଥିଲେ । ଭାରତୀୟମାନେ ସରଳ ଓ ସତ୍ୟବାଦୀ ଥିଲେ । ସେମାନେ ବିଶେଷ ପାନାସକ୍ତ ନ ଥିଲେ । ସ୍ତ୍ରୀ ଲୋକମାନଙ୍କର ସମାଜରେ ସମ୍ମାନ ଥିଲା । ସତୀଦାହ ଓ ବହୁଦାରପରିଗ୍ରହ ପ୍ରଥା ପ୍ରଚଳିତ ଥିଲା । ଅସବର୍ଣ୍ଣ ବିବାହ ଚଳୁ ନ ଥିଲା । ଭାରତରେ ଦାସତ୍ୱ ପ୍ରଥା ନ ଥିବାରୁ ଗ୍ରୀକ୍‌ଦୂତ ବିଶେଷ ପ୍ରଶଂସା କରିଛନ୍ତି । ଦାର୍ଶନିକମାନେ ବ୍ରାହ୍ମଣ ଓ ଶ୍ରମଣ ଦୁଇଭାଗରେ ବିଭକ୍ତ ହୋଇଥିଲେ । ସେ ବ୍ରାହ୍ମଣମାନଙ୍କର ନିସ୍ପୃହଭାବ, ଉଦାରତା ଓ ପାଣ୍ଡିତ୍ୟରେ ମୁଗ୍ଧ ହୋଇଥିଲେ ।

ଦେଶର ଶାସନଭାର ରାଜାଙ୍କ ହସ୍ତରେ ନ୍ୟସ୍ତ ଥିଲା । ସେ ଭିନ୍ନ ଭିନ୍ନ ବିଭାଗର ପରିଚାଳନା ନିମିତ୍ତ ଅନେକଗୁଡ଼ିଏ କର୍ମଚାରୀ ନିଯୁକ୍ତ କରିଥିଲେ ଓ ରାଜା ନିଜେ ସେମାନଙ୍କ କାର୍ଯ୍ୟର ତତ୍ତ୍ୱାବଧାନ କରୁଥିଲେ । ରାଜା ବ୍ରାହ୍ମଣମନ୍ତ୍ରୀମାନଙ୍କ ପରାମର୍ଶ ଅନୁସାରେ ଶାସନ ଓ ବିଚାର କାର୍ଯ୍ୟ ପରିଚାଳନ କରୁଥିଲେ । ଦେଶର ଅବସ୍ଥା ଓ ରାଜକର୍ମଚାରୀମାନଙ୍କର କାର୍ଯ୍ୟକଳାପ ଜାଣିବା ପାଇଁ ଅସଂଖ୍ୟ ଗୁପ୍ତଚର ନିଯୁକ୍ତ ହୋଇଥିଲେ । ୬ଟି ପଞ୍ଚାୟତ ବା ସଭା ହସ୍ତରେ ଯଥାକ୍ରମେ ହସ୍ତୀ, ଅଶ୍ୱ, ରଥ, ପଦାତି, ନୌସେନା ଓ ସୈନ୍ୟମାନଙ୍କ ପାଇଁ ଅସ୍ତ୍ରଶସ୍ତ୍ର ଓ ଖାଦ୍ୟପେୟ ଆୟୋଜନ କରିବାର ଭାର ଥିଲା । ରାଜଧାନୀ ପାଟଳୀପୁତ୍ରର ଶାସନପାଇଁ ସେହିପରି ୫ଜଣ ସଭ୍ୟବିଶିଷ୍ଟ ୬ଟି ପଞ୍ଚାୟତ ବା ବୋର୍ଡ଼ ଥିଲା । ଏହି ଛଅଟି ବୋର୍ଡ଼ ହାତରେ ଯଥାକ୍ରମେ ଶିଳ୍ପରକ୍ଷଣ ଓ ଶୌଳ୍ପିକ ପର୍ଯ୍ୟବେକ୍ଷଣ, ଶୁଳ୍କ ଅଦାୟ, ବୈଦେଶିକ ଆଗନ୍ତୁକମାନଙ୍କର ତତ୍ତ୍ୱାବଧାନ, ବାଣିଜ୍ୟ, ଲୋକ ସଂଖ୍ୟାର ହିସାବ, ଶାସନ ଓ ଦ୍ରବ୍ୟର ମୂଲ୍ୟ ନିରୂପଣ ପ୍ରଭୃତିର ଭାର ଅର୍ପିତ ହୋଇଥିଲା । ଶସ୍ୟ କ୍ଷେତ୍ରରେ ଜଳସେଚନ ପାଇଁ ଅନେକ ସ୍ଥାନରେ ପୟଃପ୍ରଣାଳୀ, ପୁଷ୍କରିଣୀ ଓ ଜଳଭଣ୍ଡାରମାନ ନିର୍ମିତ ହୋଇଥିଲା । କୃଷିର ଉନ୍ନତିପାଇଁ ଶାସକଙ୍କର ବିଶେଷ ଦୃଷ୍ଟି ଥିଲା । ଭୂରାଜସ୍ୱ, ଶୁଲ୍କ, ସାମନ୍ତ ରାଜକର, ଖଣିଜକର

ଏବଂ ଏକଚାଟିଆ ବାଣିଜ୍ୟ ଅଧିକାର ପ୍ରଦାନଦ୍ୱାରା ଲବ୍ଧ ଧନ ରାଜାଙ୍କ ଆୟର ପ୍ରଧାନ ପଥ ଥିଲା । ଚୌର୍ଯ୍ୟ ପ୍ରଭୃତି ସାମାନ୍ୟ ଅପରାଧ ପାଇଁ କଠିନ ଦଣ୍ଡର ବ୍ୟବସ୍ଥା ଥିଲା । ତେଣୁ ଚୋରି ପ୍ରଭୃତି ଅପରାଧର ସଂଖ୍ୟା ଅଳ୍ପ ଥିଲା । ଭାରତବର୍ଷରେ ନାନା ଦେବଦେବୀଙ୍କର ପୂଜା ଆରାଧନା ପ୍ରଚଳିତ ଥିଲା ।

**ଅର୍ଥଶାସ୍ତ୍ର**—ଚାଣକ୍ୟଙ୍କ ଅର୍ଥଶାସ୍ତ୍ରରୁ ସେହି ସମୟର ରାଜ୍ୟ-ଶାସନ ପ୍ରଣାଳୀ, ସମାଜ, ଧର୍ମ, ଆଚାର, ବ୍ୟବହାର ପ୍ରଭୃତି ସମ୍ବନ୍ଧରେ ଅନେକ ବିଷୟ ଜଣାଯାଏ । ଏଥିରୁ ଜଣାଯାଏ ଯେ ସେ ସମୟରେ ଦେଶରେ ରାଜତନ୍ତ୍ର ପ୍ରବଳ ଥିଲା । ରାଜା ମନ୍ତ୍ରୀସଭାର ପରାମର୍ଶାନୁଯାୟୀ ରାଜ୍ୟଶାସନ କରୁଥିଲେ । 'ସମାହର୍ତ୍ତା' ରାଜସ୍ୱ ଆଦାୟ କରୁଥିଲେ । 'ସନ୍ନିଧାତା' ଆୟବ୍ୟୟର ହିସାବ ରଖୁଥିଲେ । ସେନାପତି ସୈନ୍ୟ ବିଭାଗ ପରିଚାଳନା କରୁଥିଲେ । ପୁରୋହିତ ଧର୍ମ ସମ୍ବନ୍ଧରେ ବ୍ୟବସ୍ଥା କରୁଥିଲେ । ଯୁବରାଜ ବା ରାଜକୁମାରମାନେ ଶାସନ କାର୍ଯ୍ୟ ସମ୍ବନ୍ଧରେ ତଦନ୍ତ କରୁଥିଲେ । ବିଭିନ୍ନ ବିଭାଗରେ ଅଧ୍ୟକ୍ଷ ଉପାଧିଧାରୀ ଅନେକ କର୍ମଚାରୀ ଥିଲେ । ଦେଶରେ କଡ଼ା ପ୍ରହରାର ବ୍ୟବସ୍ଥା ଥିଲା । ଚୋର, ଡକାୟତମାନେ ଧରା ନ ପଡ଼ିଲେ ପ୍ରହରୀମାନେ ଅପହୃତ ଦ୍ରବ୍ୟ ନିମନ୍ତେ ଦାୟୀ ହେଉଥିଲେ । କୃଷି, ଶିଳ୍ପ ଓ ବାଣିଜ୍ୟର ଉନ୍ନତିପାଇଁ ରାଜାଙ୍କର ବିଶେଷ ଲକ୍ଷ୍ୟ ଥିଲା । ଦୁର୍ଭିକ୍ଷ ସମୟରେ ଖାଦ୍ୟାଭାବ ଦୂର କରିବାପାଇଁ ବିଭିନ୍ନ ସ୍ଥାନରେ ଶସ୍ୟାଗାରମାନ ନିର୍ମିତ ହୋଇଥିଲା । ରାଜା ଉତ୍ପନ୍ନ ଶସ୍ୟର ⅙ ବା ¼ କର ସ୍ୱରୂପ ନେଉଥିଲେ । ଏହାଛଡ଼ା ମାହାସୁଲ, ଖଣିକର, ଏକଚାଟିଆ ଠିକାକର, ଲୁଣକର, ଶିଳ୍ପକରଦ୍ୱାରା ବହୁ ଅର୍ଥ ଆଦାୟ ହେଉଥିଲା । ଗ୍ରାମମାନଙ୍କରେ ପଞ୍ଚାୟତ ଶାସନ ପ୍ରଚଳିତ ଥିଲା । ପଞ୍ଚାୟତ ହସ୍ତରେ ଗ୍ରାମର ଶାନ୍ତିରକ୍ଷା, ଶାସନକାର୍ଯ୍ୟ, ସମ୍ପତ୍ତିରକ୍ଷା ନାବାଳକମାନଙ୍କର ସମ୍ପତ୍ତିର ତତ୍ତ୍ୱାବଧାନ ଓ ସାଧାରଣ


ଅଫିସମାନଙ୍କର ବଣ୍ଟନର ଭାର ନ୍ୟସ୍ତ ଥିଲା । ଗ୍ରାମର ପ୍ରଧାନ କର୍ମଚାରୀର ନାମ ଥିଲା 'ଗ୍ରାମିକ' । 'ନାଗରିକ' ନାମକ କର୍ମଚାରୀ ନଗରର ସମସ୍ତ ବିଷୟର ତତ୍ତ୍ୱ ନେଉଥିଲା । ଦୂର ପ୍ରଦେଶମାନଙ୍କରେ ବିଶ୍ୱବିଦ୍ୟାଳୟ ଥିଲା । ଶାସନ ବଡ଼ କଠୋର ଥିଲା । ସାମାନ୍ୟ ଅପରାଧରେ ହସ୍ତପଦ କାଟିଦେବା ଓ ପ୍ରାଣଦଣ୍ଡ ଦେବାର ବ୍ୟବସ୍ଥା ଥିଲା । ଅର୍ଥଶାସ୍ତ୍ରରେ ନାନା-ପ୍ରକାର କଠୋର ଦଣ୍ଡର ବ୍ୟବସ୍ଥା ଅଛି । ଏମନ୍ତ କଠୋର ଶାସନ ଯୋଗୁଁ ଦେଶରେ ଶାନ୍ତି ଥିଲା । ଚୋରି, ଡକାୟତି, ହତ୍ୟା ପ୍ରଭୃତି ଉପଦ୍ରବ ପ୍ରାୟ ନ ଥିଲା । ସେ ସମୟରେ ବ୍ରାହ୍ମଣ୍ୟ ଧର୍ମହିଁ ଦେଶରେ ପ୍ରବଳ ଥିଲା ଓ ସମାଜରେ ବ୍ରାହ୍ମଣମାନଙ୍କର ପ୍ରାଧାନ୍ୟ ଥିଲା । ଅର୍ଥଶାସ୍ତ୍ରରୁ ସ୍ପଷ୍ଟ ଜଣାଯାଏ ଯେ ମୌର୍ଯ୍ୟ ଶାସନ ପ୍ରଣାଳୀ ଅତି ଉନ୍ନତ ଧରଣର ଥିଲା ।

**ପ୍ରିୟଦର୍ଶୀ ଅଶୋକ**—(ଖ୍ରୀ: ପୂ: ୨୭୩—ଖ୍ରୀ: ପୂ: ୨୩୨) ଚନ୍ଦ୍ରଗୁପ୍ତଙ୍କ ପରେ ବିନ୍ଦୁସାର ମଗଧର ସମ୍ରାଟ୍ ହେଲେ । ସେ କଳିଙ୍ଗ ଓ କାବେରୀ ନଦୀର ଦକ୍ଷିଣରେ ଥିବା ରାଜ୍ୟ ବ୍ୟତୀତ ସମଗ୍ର ଭାରତର ଅଧୀଶ୍ୱର ଥିଲେ । ସିରିଆ ଓ ଇଜିପ୍ଟର ଗ୍ରୀକ୍ ଶାସକମାନେ ତାଙ୍କର ରାଜସଭାକୁ ଦୂତ ପଠାଇଥିଲେ । ସେ ଖ୍ରୀ: ପୂ: ୨୯୮ ରୁ ଖ୍ରୀ: ପୂ: ୨୭୩ ଅବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ତାଙ୍କର ମୃତ୍ୟୁର ଚାରିବର୍ଷ ପରେ ଅଶୋକ ମଗଧର ସିଂହାସନ ଅଧିକାର କରିଥିଲେ । ସିଂହାସନ ପାଇଁ ଭ୍ରାତୃବିବାଦ ଯୋଗୁଁ ଅଶୋକଙ୍କ ସିଂହାସନ ଆରୋହଣରେ ଏପରି ବିଳମ୍ବ ଘଟି ଥିବାର କିମ୍ବଦନ୍ତୀରୁ ଜଣାଯାଏ । ପରିଶେଷରେ ଅଶୋକ ଖ୍ରୀ: ପୂ: ୨୬୯ ରେ ମଗଧ ସିଂହାସନରେ ଅଭିଷିକ୍ତ ହେଲେ ।

**କଳିଙ୍ଗ ଯୁଦ୍ଧ**—କଳିଙ୍ଗଯୁଦ୍ଧ ଅଶୋକଙ୍କ ରାଜତ୍ୱର ତଥା ପୃଥିବୀର ଇତିହାସର ଗୋଟିଏ ପ୍ରସିଦ୍ଧ ଘଟଣା । ଅତି ପ୍ରାଚୀନ କାଳରୁ ଗଙ୍ଗାଠାରୁ ଗୋଦାବରୀ ନଦୀ ପର୍ଯ୍ୟନ୍ତ ବିସ୍ତୃତ ଉତ୍କଳପ୍ରଦେଶ କଳିଙ୍ଗ ନାମରେ ଅଭିହିତ ହେଉଥିଲା । ରାମାୟଣ ଓ ମହାଭାରତ ଯୁଗରେ

କଳିଙ୍ଗ ଧନ, ମାନ, ଶୌର୍ଯ୍ୟ, ବୀର୍ଯ୍ୟ, ଶିଳ୍ପ, ବାଣିଜ୍ୟ ପ୍ରଭୃତିରେ ଭାରତରେ ଖ୍ୟାତି ଲାଭ କରିଥିଲା । କଳିଙ୍ଗର ସମୁଦ୍ର କୂଳରେ ଅନେକ ବନ୍ଦର ଥିଲା ଓ ଏହାର ବ୍ୟବସାୟୀମାନେ ସୁଦୂର ଯବ, ସୁମାତ୍ରା, ବୋର୍ଣ୍ଣିଓ, ସିଂହଳ ପ୍ରଭୃତି ଦ୍ୱୀପରେ, ବ୍ରହ୍ମ ଓ ଶ୍ୟାମ ପ୍ରଭୃତି ଦେଶରେ ବାଣିଜ୍ୟ ଓ ବସତି ସ୍ଥାପନ କରି ଦେଶକୁ ବହୁ ଧନ ରତ୍ନ ଘେନି ଆସୁଥିଲେ । ଖ୍ରୀ: ପୂ: ୭ମ ଓ ୬ଷ୍ଠ ଶତାବ୍ଦୀ ବେଳକୁ କଳିଙ୍ଗରେ ଆର୍ଯ୍ୟ ସଭ୍ୟତା ପ୍ରତିଷ୍ଠିତ ହୋଇ ସାରିଥିଲା । ଅତି ପ୍ରାଚୀନକାଳରୁ ଭାରତର ପ୍ରସିଦ୍ଧ ରାଜାମାନଙ୍କ ସହିତ କଳିଙ୍ଗର ରାଜାମାନେ ବାରମ୍ବାର ଯୁଦ୍ଧ କରିଥିବା ରାମାୟଣ, ଅଷ୍ଟାଦଶ ପୁରାଣ ଓ ବୌଦ୍ଧ ଜାତକମାନଙ୍କରୁ ଜଣାଯାଏ । ନନ୍ଦବଂଶର ଜଣେ ରାଜା କଳିଙ୍ଗ ଜୟ କରିଥିଲେ । କିନ୍ତୁ ତାଙ୍କର କ୍ଷମତା ଅଳ୍ପକାଳସ୍ଥାୟୀ ହୋଇଥିଲା । ମୌର୍ଯ୍ୟ ସମ୍ରାଟ୍ ଚନ୍ଦ୍ରଗୁପ୍ତ ଓ ବିନ୍ଦୁସାରଙ୍କ ରାଜତ୍ୱରେ କଳିଙ୍ଗ ସ୍ୱାଧୀନ ଥିଲା । କଳିଙ୍ଗର ସେତେବେଳେ ବିଶାଳସେନା ଥିଲା ଓ କଳିଙ୍ଗବାସୀମାନେ ସାହସିକ (କଳିଙ୍ଗାଃ ସାହସିକାଃ) ବୋଲି ବହୁକାଳରୁ ଭାରତରେ ପ୍ରସିଦ୍ଧ ଥିଲେ । କି କାରଣରୁ କଳିଙ୍ଗ ଯୁଦ୍ଧ ହେଲା, ତାହା ସ୍ପଷ୍ଟ ଜଣାଯାଏ ନାହିଁ । ଭାରତ ସମ୍ରାଟ୍ ଅଶୋକ ଉତ୍ତର-ଭାରତର ଏହି ଶକ୍ତିଶାଳୀ ରାଜ୍ୟକୁ ଅଧିକାର କରିବାକୁ ଚେଷ୍ଟା କରିବାରୁ ବୋଧହୁଏ ଏହି ଯୁଦ୍ଧ ହୋଇଥିଲା । ଏହି ଯୁଦ୍ଧ ଖ୍ରୀ: ପୂ: ୨୬୧ ଅବ୍ଦରେ ଆରମ୍ଭ ହୋଇଥିଲା । ସେତେବେଳେ କଳିଙ୍ଗରେ ଚେଦି (ଚେତ) ବଂଶୀୟ କୌଣସି ରାଜା ରାଜତ୍ୱ କରୁଥିଲେ । ଭୁବନେଶ୍ୱର ନିକଟବର୍ତ୍ତୀ ତୋଷାଲୀ ନଗର (ଧଉଳି) କଳିଙ୍ଗ ରାଜ୍ୟର ରାଜଧାନୀ ଥିଲା । ଅଶୋକ ଉତ୍ତରଦିଗରୁ କଳିଙ୍ଗ ଆକ୍ରମଣ କରିଥିଲେ । କଳିଙ୍ଗର ରାଜା ଓ ଲୋକମାନେ ଜନ୍ମଭୂମିର ସ୍ୱାଧୀନତା ରକ୍ଷାପାଇଁ ଅଶୋକଙ୍କ ସହିତ ଦୁଇବର୍ଷକାଳ ଭୀଷଣ ଯୁଦ୍ଧ କରିଥିଲେ । ଏହି ଯୁଦ୍ଧରେ କଳିଙ୍ଗର ଦେଢ଼ଲକ୍ଷ ଲୋକ ବନ୍ଦୀ, ଲକ୍ଷେ ଲୋକ ନିହତ, ସହସ୍ର ସହସ୍ର ଲୋକ

ଆହତ ଓ କ୍ଷତ ବିକ୍ଷତ ହୋଇଥିଲେ । ଶତ ଶତ ଗ୍ରାମ, ନଗର ଧ୍ୱସ୍ତ ହୋଇଥିଲା । ଅସଂଖ୍ୟ ଲୋକ ଅନାହାର ଓ ଯନ୍ତ୍ରଣାରେ ପ୍ରାଣତ୍ୟାଗ କରିଥିଲେ । କଳିଙ୍ଗ ଶ୍ମଶାନ ଓ ଜନଶୂନ୍ୟ ହୋଇଗଲା । ଏତେ ଚେଷ୍ଟା କରି ମଧ୍ୟ ଅଶୋକ ସମସ୍ତ କଳିଙ୍ଗ ଅଧିକାର କରି ପାରି ନ ଥିଲେ । ଏହାର ପାର୍ବତ୍ୟ ଅଞ୍ଚଳ ଅବିଜିତ ରହିଲା । ଏହି ଯୁଦ୍ଧରେ ଓଡ଼ିଆମାନଙ୍କର ପୂର୍ବପୁରୁଷମାନେ ଯେଉଁ ଦେଶପ୍ରାଣତା, ସାହସ ଓ ବୀରତ୍ୱ ଦେଖାଇ-ଥିଲେ ତାହାର ଦୃଷ୍ଟାନ୍ତ ଇତିହାସରେ କ୍ୱଚିତ୍ ଦେଖାଯାଏ । ଏହି ଯୁଦ୍ଧର ନୃଶଂସ, ଭୀଷଣ ଦୃଶ୍ୟ ଦେଖି ଓ ଯୁଦ୍ଧଜନିତ ରକ୍ତପାତ, ଦେଶଧ୍ୱଂସ ଏବଂ ଲୋକମାନଙ୍କ ଦୁଃଖଯନ୍ତ୍ରଣା ବିଷୟ ଚିନ୍ତା କରି ଅଶୋକ ବିଶେଷ ଅନୁ-ତାପ କଲେ । ସେ ଶାନ୍ତି ପାଇଁ ସର୍ବଦା ବ୍ୟାକୁଳ ହେଲେ । ଏହା ଫଳରେ ତାଙ୍କ ମନ ବୌଦ୍ଧଧର୍ମର ଅହିଂସାବାଦପ୍ରତି କ୍ରମଶଃ ଆକୃଷ୍ଟ ହେଲା ଓ ପରିଶେଷରେ ସେ ଉପଗୁପ୍ତ ନାମକ ବୌଦ୍ଧସନ୍ନ୍ୟାସୀଙ୍କ ଦ୍ୱାରା ବୌଦ୍ଧଧର୍ମରେ ଦୀକ୍ଷିତ ହେଲେ । ତାଙ୍କର ଚେଷ୍ଟାରେ ଏହି ଧର୍ମ ପୃଥିବୀର ନାନା ଅଞ୍ଚଳରେ



ପ୍ରଚରିତ ହୋଇଥିଲା । ବୌଦ୍ଧଧର୍ମର ଏହି ଅଭୂତପୂର୍ବ ଉନ୍ନତି ପାଇଁ କଳିଙ୍ଗଯୁଦ୍ଧହିଁ ଅନେକ ପରିମାଣରେ ଦାୟୀ ।

**ଅଶୋକ ଓ ବୌଦ୍ଧଧର୍ମ**—ଅଶୋକ ବୌଦ୍ଧଧର୍ମର ଉନ୍ନତି ଓ ପ୍ରଚାରପାଇଁ ଯେପରି ମନପ୍ରାଣ ଢାଳି ଦେଇଥିଲେ, ଅନ୍ୟ କୌଣସି ରାଜା ଅନ୍ୟ କୌଣସି ଧର୍ମ ସକାଶେ ସେପରି କରିଥିବାର ଜଣାଯାଏ ନାହିଁ । ବୌଦ୍ଧ ହେବା ପରେ ଉକ୍ତ ଧର୍ମ ପ୍ରଚାର ତାଙ୍କ ଜୀବନର ମୁଖ୍ୟ କର୍ମ ହେଲା । ସେ ପ୍ରଜାମାନଙ୍କର ନୈତିକ ଓ ଧର୍ମ ବିଷୟକ ଉନ୍ନତି ସାଧନରେ ବଦ୍ଧପରିକର ହେଲେ । ସେ ଭାରତର ବିଭିନ୍ନ ପ୍ରଦେଶରେ ଏବଂ ଭାରତ ବାହାରେ ଥିବା ଅଫଗାନିସ୍ଥାନ, ବ୍ରହ୍ମଦେଶ, ସିଂହଳ, ସିରିଆ, ମାସିଡ଼ନ ଓ ମିସର ପ୍ରଭୃତି ଦୂର ଦୂର ରାଜ୍ୟମାନଙ୍କରେ ଧର୍ମପ୍ରଚାର ନିମିତ୍ତ ଶତ ଶତ ଧର୍ମପ୍ରଚାରକ ପ୍ରେରଣ କରିଥିଲେ । ବୌଦ୍ଧ ଶ୍ରମଣ ବା ଭିକ୍ଷୁ ଓ ଭିକ୍ଷୁଣୀମାନଙ୍କ ରହିବାପାଇଁ ଭାରତର ବିଭିନ୍ନ ସ୍ଥାନରେ ବିହାର ବା ମଠମାନ ପ୍ରତିଷ୍ଠା କରିଥିଲେ ଏବଂ ବିପୁଳ ଅର୍ଥଦାନ କରି ସେମାନଙ୍କୁ ପ୍ରତିପାଳନ କରୁଥିଲେ । ସାଞ୍ଚୀ, ବରହୁତ, ବୁଦ୍ଧଗୟା, ପାଟଳୀପୁତ୍ର, ସାରନାଥ ପ୍ରଭୃତି ସ୍ଥାନରେ ସ୍ତୂପ ଓ ଚୈତ୍ୟମାନ ନିର୍ମିତ ହୋଇଥିଲା । ସେ ବୁଦ୍ଧଙ୍କ ଜନ୍ମସ୍ଥାନ 'ଲୁମ୍ବିନୀ' ଗ୍ରାମରେ ଗୋଟିଏ ସ୍ମୃତିସ୍ତମ୍ଭ ନିର୍ମାଣ କରିଥିଲେ । ପାଟଳୀପୁତ୍ରଠାରୁ ସେଠାକୁ ଯିବାପାଇଁ ଗୋଟିଏ ପଥ ନିର୍ମିତ ହୋଇ ତାହାର ଉଭୟ ପାର୍ଶ୍ୱରେ ସ୍ତମ୍ଭମାନ ସ୍ଥାପିତ ହୋଇଥିଲା । ଲୋକମାନଙ୍କୁ ଶିକ୍ଷା ଦେବାପାଇଁ ପାହାଡ଼, ଗୁମ୍ଫା ଓ ବଡ଼ ବଡ଼ ସ୍ତମ୍ଭମାନଙ୍କରେ ବୌଦ୍ଧଧର୍ମର ଉପଦେଶ ବା ଅନୁଶାସନମାନ ପାଲିଭାଷାରେ ଲିଖିତ ହୋଇଥିଲା । ସୀମାନ୍ତ ପ୍ରଦେଶସ୍ଥ ସାହାବାଜଗିରି, ଯୁକ୍ତପ୍ରଦେଶର କଲସୀ, ଗୁଜରାଟର ଗିର୍ଣ୍ଣାର, ମହାରାଷ୍ଟ୍ରସ୍ଥ ସୁବର୍ଣ୍ଣଗିରି, ଉତ୍କଳର ପୁରୀଜିଲ୍ଲାର ଧଉଳି ପାହାଡ଼, ଗଞ୍ଜାମ-ଜିଲ୍ଲାର ଯୌଗଡ଼ ପର୍ବତ, ଗୟା, ନିଜାମ ରାଜ୍ୟର ମାସ୍କି, ନେପାଳର ଦୁଇଟି ସ୍ଥାନ ଏବଂ ଯୁକ୍ତପ୍ରଦେଶ ଓ ବିହାରର ଅନେକ ସ୍ଥାନରେ ଅଦ୍ୟାପି ଅଶୋକ ଅନୁଶାସନମାନ ଦେଖାଯାଏ । ଏଗୁଡ଼ିକ ତାଙ୍କର ଧର୍ମପରାୟଣତା

ଓ ଜନଳ ଶତ୍ରର ପରଶ୍ରୃଯୁକ୍ତ । ଗୁରୁଜନ, ଶ୍ରମଣ ଓ ବ୍ରାହ୍ମଣମାନଙ୍କପ୍ରତି ଭକ୍ତି, ସନ୍ତତି ଓ ମିତ୍ରମାନଙ୍କ ପ୍ରତି ସ୍ନେହ, ଜୀବପ୍ରତି ଦୟା, ସେବକଜନ ପ୍ରତି ସହାନୁଭୂତି, ଅନ୍ୟ ଧର୍ମାବଲମ୍ବୀ ପ୍ରତି ସଦ୍‌ବ୍ୟବହାର, କାମ କ୍ରୋଧାଦି ରିପୁଦମନ, ମିତବ୍ୟୟିତା, ଦାନଶୀଳତା ଓ ସହିଷ୍ଣୁତାର ଅଭ୍ୟାସ ସରଳ ପବିତ୍ର ଜୀବନ-ଯାପନ ସମ୍ବନ୍ଧରେ ସେ ଅନୁଶାସନମାନଙ୍କରେ ଶିକ୍ଷା ଦେଇଥିଲେ । ଏ ଗୁଡ଼ିକ ଲୋକଙ୍କୁ ବୁଝାଇ ଦେବାପାଇଁ ସ୍ୱତନ୍ତ୍ର କର୍ମଚାରୀମାନେ ନିଯୁକ୍ତ ହୋଇଥିଲେ ।



ଅଶୋକସ୍ତମ୍ଭର ଅଗ୍ରଭାଗ

ସେ ବୌଦ୍ଧ ଧର୍ମଶାସ୍ତ୍ରମାନଙ୍କର ସଂଗ୍ରହ ଓ ଚର୍ଚ୍ଚା କରିବାପାଇଁ ପାଟଳୀପୁତ୍ର-ନଗରରେ ବୌଦ୍ଧସନ୍ନ୍ୟାସୀମାନଙ୍କର ଗୋଟିଏ ସଭା ବସାଇଥିଲେ । ସେ ପ୍ରଜାମାନଙ୍କ ହିତ ଓ ଧର୍ମଭାବ ବୃଦ୍ଧି ନିମିତ୍ତ କୂପ ପୁଷ୍କରିଣୀ ଖନନ, ପଥ ପାର୍ଶ୍ୱରେ ବୃକ୍ଷରୋପଣ, ମନୁଷ୍ୟ ଓ ପଶୁମାନଙ୍କ ପାଇଁ ଚିକିତ୍ସାଳୟ ସ୍ଥାପନ, ପାନ୍ଥଶାଳା ନିର୍ମାଣ, ବିଦ୍ୟାଳୟ ପ୍ରତିଷ୍ଠା,

ପ୍ରଜାମାନଙ୍କର ନୈତିକ ଓ ପାରିବାରିକ ଜୀବନ ପରିଦର୍ଶନ କରିବା ନିମିତ୍ତ ଉପଯୁକ୍ତ କର୍ମଚାରୀ ନିଯୁକ୍ତି, ଧର୍ମ ସମ୍ବନ୍ଧରେ ମୀମାଂସା କରିବାପାଇଁ ସାମୟିକ ସଭା ଅହ୍ୱାନ ପ୍ରଭୃତି ସତ୍‌କାର୍ଯ୍ୟମାନ କରିଥିଲେ । ସେ ନିଜ ପୁତ୍ର ମହେନ୍ଦ୍ର ଓ କନ୍ୟା ସଂଘମିତ୍ରାକୁ ଧର୍ମପ୍ରଚାରପାଇଁ ସିଂହଳ ଦ୍ୱୀପକୁ ପଠାଇ ଥିଲେ । ଶେଷ ଜୀବନରେ ଅଶୋକ ଭିକ୍ଷୁବେଶରେ ବୌଦ୍ଧ ତୀର୍ଥମାନ ପରିଦର୍ଶନ କରିଥିଲେ ଓ ରାଜ୍ୟର ନାନା ସ୍ଥାନରେ ବୁଲି ଲୋକମାନଙ୍କୁ ଧର୍ମ ଉପଦେଶ ଦେଇଥିଲେ । ତାଙ୍କ ପୂର୍ବରୁ ଭାରତର ଅତି ଅଳ୍ପ ଲୋକେ ବୌଦ୍ଧ ଥିଲେ ଏବଂ ବୌଦ୍ଧଧର୍ମ ଅଧୁନିକ ବିହାର ଓ ଯୁକ୍ତପ୍ରଦେଶର କେତେକାଂଶରେ ପ୍ରଚରିତ ହୋଇଥିଲା । ତାଙ୍କ ରାଜତ୍ୱରେ ଏହା ଜାଲନଦୀଠାରୁ ପୂର୍ବରେ ଶ୍ୟାମଦେଶ ପର୍ଯ୍ୟନ୍ତ ଓ ଚୀନ ଦେଶଠାରୁ ଦକ୍ଷିଣରେ ସିଂହଳ ପର୍ଯ୍ୟନ୍ତ ବିସ୍ତୃତ ଭୂଖଣ୍ଡ ବା ଏସିଆ, ଇଉରୋପ ଓ ଅଫ୍ରିକା ତିନୋଟି ମହାଦେଶରେ ପ୍ରଚରିତ ହୋଇଥିଲା । ବୌଦ୍ଧ ଧର୍ମର ଏପରି ଅଭୂତପୂର୍ବ ଉନ୍ନତି ଓ ଶ୍ରୀବୃଦ୍ଧି ସାଧନ କରିଥିବା ହେତୁ ସେ ଅଦ୍ୟାବଧି ସମଗ୍ର ଜଗତରେ ସମ୍ମାନିତ ହେଉଛନ୍ତି ।

**ରାଜ୍ୟଶାସନ ପ୍ରଣାଳୀ**—ଅଶୋକ ଚନ୍ଦ୍ରଗୁପ୍ତଙ୍କ ଶାସନ ପ୍ରଣାଳୀକୁ କିଛିତ୍ ପରିବର୍ତ୍ତନ କରିଥିଲେ । ଚନ୍ଦ୍ରଗୁପ୍ତଙ୍କ ଶାସନ କଠୋର ଥିଲା । କିନ୍ତୁ ଅଶୋକ ବିଶେଷ ଉଦାର, ମହାନୁଭବ, ଦୟାଳୁ, ଧର୍ମପ୍ରାଣ ଓ ପ୍ରଜାବତ୍ସଳ ଥିବାରୁ ତାଙ୍କର ଶାସନ ବିଶେଷ ଲୋକପ୍ରିୟ ଥିଲା । ସେ ଧର୍ମପ୍ରଚାର ଓ ଲୋକଙ୍କର ଧର୍ମ ସମ୍ବନ୍ଧୀୟ ଉନ୍ନତିପାଇଁ 'ଧର୍ମମହାମାତ୍ର' ନାମକ ଅନେକ ନୂତନ କର୍ମଚାରୀ ନିଯୁକ୍ତ କରିଥିଲେ ଓ ଧର୍ମପାଇଁ ଗୋଟିଏ ସ୍ୱତନ୍ତ୍ର ବିଭାଗ ଖୋଲିଥିଲେ । ସାଧାରଣତଃ ରାଜାମାନେ ପ୍ରଜାମାନଙ୍କର ଐହିକ ସୁଖ କାମନା କରନ୍ତି । କିନ୍ତୁ ଅଶୋକ ସ୍ୱୀୟ ପ୍ରଜାମାନଙ୍କୁ ଐହିକ ଓ ପାରତ୍ରିକ ଉଭୟ ସୁଖ ଦେବା ନିମିତ୍ତ ନିଜ ଜୀବନ ଉତ୍ସର୍ଗ କରିଥିଲେ । ତାଙ୍କର ଶିଳାଲେଖମାନଙ୍କରେ ସେ ଲେଖିଛନ୍ତି, "ପ୍ରଜାମାନେ ମୋର

ପୁଅ ପରି । ସେମାନଙ୍କର କୌଣସି ଦୁଃଖ କଷ୍ଟ ନ ହେବାପାଇଁ ମୁଁ ସର୍ବଦା ଯତ୍ନ କରୁଛି । ପ୍ରଜାମାନେ ଯେ କୌଣସି ସମୟରେ ବା ଯେ କୌଣସି ସ୍ଥାନରେ ମୋ ପାଖକୁ ଆସି ମୋତେ ସେମାନଙ୍କର ଅଭାବ ଅସୁବିଧା ଓ ହାତ୍ରି ଗୁହାରି ଜଣାଇ ପାରିବେ । ମୁଁ ସେମାନଙ୍କର ସେବକ । ସେମାନଙ୍କର ଋଣ ପରିଶୋଧ କରିବା ପାଇଁ ମୁଁ ରାଜାରୂପେ ଜନ୍ମଗ୍ରହଣ କରିଛି ।" ରାଜ୍ୟ ଶାସନର ଏପରି ଉଚ୍ଚ ଆଦର୍ଶ ସମଗ୍ର ପୃଥିବୀରେ ମଧ୍ୟ ବିରଳ । ସେ ଶାସନର ସୁବିଧା ନିମିତ୍ତ ନିଜ ସାମ୍ରାଜ୍ୟକୁ ଗୋଟିଏ ଭାଗରେ ବିଭକ୍ତ କରିଥିଲେ ଓ ବିଭିନ୍ନ ବିଭାଗର ରାଜଧାନୀ, ଯଥା:—ତକ୍ଷଶୀଳା, ଉଜ୍ଜୟିନୀ, ସୁବର୍ଣ୍ଣଗିରି ( ମହୀଶୂର ଅନ୍ତର୍ଗତ ), ତୋଷାଳୀରେ ଜଣେ ଲେଖାଏଁ ଶାସନକର୍ତ୍ତା ରଖିଥିଲେ ଓ ନିଜେ ପାଟଳୀପୁତ୍ରରେ ରହୁଥିଲେ । ପ୍ରଜାମାନଙ୍କର ଦୁଃଖ ଦୁର୍ଦ୍ଦଶା ବୁଝିବାପାଇଁ ସମୟ ସମୟରେ ରାଜ୍ୟର ନାନା ସ୍ଥାନରେ ନିଜେ ଗସ୍ତ କରୁଥିଲେ । ଏହିପରି ସୁଖ ଶାନ୍ତିରେ ୪୦ ବର୍ଷ କାଳ ପ୍ରଜାପାଳନ କରି ଦେବପ୍ରିୟ, ପ୍ରିୟଦର୍ଶୀ ରାଜା ଅଶୋକ ଖ୍ରୀ: ପୂ: ୨୩୨ ରେ ପ୍ରାଣତ୍ୟାଗ କଲେ । ସେ ଭାରତର ଜଣେ ଚିରସ୍ମରଣୀୟ ନରପତି ।

---

## ଅଷ୍ଟମ ଅଧ୍ୟାୟ

## ମୌର୍ଯ୍ୟ ସାମ୍ରାଜ୍ୟର ପତନ ପରେ ଭାରତର ଅବସ୍ଥା

ଅଶୋକଙ୍କ ରାଜତ୍ୱରେହିଁ ମୌର୍ଯ୍ୟ ସାମ୍ରାଜ୍ୟର ପତନର ସୂତ୍ରପାତ ହେଲା । ସେ ଭାରତରେ ଧର୍ମରାଜ୍ୟ ପ୍ରତିଷ୍ଠା କରିଥିଲେ ସତ୍ୟ, କିନ୍ତୁ ବିଶାଳ ମୌର୍ଯ୍ୟ ସେନା ଅକର୍ମଣ୍ୟ ହୋଇ ରହିବାରୁ ତାଙ୍କ ମୃତ୍ୟୁ ସଙ୍ଗେ ସଙ୍ଗେ ଦାକ୍ଷିଣାତ୍ୟର ଅନ୍ଧ୍ର, କଳିଙ୍ଗ ଓ ଭାରତର ଅନ୍ୟାନ୍ୟ ରାଜ୍ୟର ରାଜାମାନେ ନିଜ ନିଜର ସ୍ୱାଧୀନତା ଘୋଷଣା କଲେ । ଅଶୋକଙ୍କର

ପ୍ରବଳ ଧର୍ମାନୁରାଗ ଯୋଗୁଁ ବ୍ରାହ୍ମଣ୍ୟ ଧର୍ମାବଲମ୍ବୀ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ଓ ବିଦ୍ରୋହଭାବ ପ୍ରକାଶିତ ହୋଇଥିଲା । ଅଶୋକଙ୍କ ବଂଶଧରମାନେ ଦୁର୍ବଳ ଥିଲେ ଓ ବିଶାଳ ସାମ୍ରାଜ୍ୟ ରକ୍ଷା କରିବାପାଇଁ ଏକାନ୍ତ ଅସମର୍ଥ ଥିଲେ । ତେଣୁ ଅଶୋକଙ୍କ ମୃତ୍ୟୁର ୫୦ ବର୍ଷ ମଧ୍ୟରେ ଏହା ଖଣ୍ଡ ବିଖଣ୍ଡିତ ହୋଇଗଲା ।

**ସୁଙ୍ଗବଂଶ ବା ମିତ୍ରବଂଶ**—ପୁଷ୍ୟମିତ୍ର ବା ପୁଷ୍ପମିତ୍ର ନାମକ ଜଣେ ବ୍ରାହ୍ମଣ ସେନାପତି ଶେଷ ମୌର୍ଯ୍ୟ ରାଜା ବୃହଦ୍ରଥଙ୍କୁ ହତ୍ୟା କରି ଖ୍ରୀ: ପୂ: ୧୮୫ ଅବ୍ଦରେ ମଗଧର ରାଜା ହେଲେ । ତାଙ୍କ ଦ୍ୱାରା ପ୍ରତିଷ୍ଠିତ ବଂଶର ନାମ ସୁଙ୍ଗବଂଶ ବା ମିତ୍ରବଂଶ । ପୁଷ୍ୟମିତ୍ର ଜଣେ କ୍ଷମତାଶାଳୀ ରାଜା ଥିଲେ । ତାଙ୍କ ରାଜତ୍ୱରେ ଗ୍ରୀକ୍ ରାଜା ମିନେଣ୍ଡର ସୈନ୍ୟବଳ ଭଦଡ଼୍ୟକା, ମଥୁରା, ରାଜପୁତାନାର କେତେକାଂଶ ଜୟ କରି ସାକେତ (ଅଯୋଧ୍ୟା) ପର୍ଯ୍ୟନ୍ତ ଅଗ୍ରସର ହୋଇଥିଲେ । କିନ୍ତୁ ସେ ପୁଷ୍ୟମିତ୍ରଙ୍କ ଦ୍ୱାରା ସମ୍ପୂର୍ଣ୍ଣରୂପେ ପରାସ୍ତ ହୋଇ କାବୁଲକୁ ପଳାୟନ କଲେ । ପୁଷ୍ୟମିତ୍ରଙ୍କ ରାଜ୍ୟ ପୂର୍ବରେ ବଙ୍ଗଳା, ପଶ୍ଚିମରେ ପଞ୍ଜାବ ଓ ରାଜପୁତାନା, ଉତ୍ତରରେ ହିମାଳୟ ଓ ଦକ୍ଷିଣରେ ନର୍ମଦା ପର୍ଯ୍ୟନ୍ତ ବିସ୍ତୃତ ଥିଲା । ସେ ନିଜର ଆଧିପତ୍ୟ ପ୍ରକାଶ ଓ ବ୍ରାହ୍ମଣ୍ୟ ଧର୍ମର ପୁନରୁଦ୍ଧାର କରିବା ପାଇଁ ଦୁଇଟି ଅଶ୍ୱମେଧ ଯଜ୍ଞ କରିଥିଲେ । ପ୍ରସିଦ୍ଧ ବୈୟାକରଣ ପାତଞ୍ଜଳି ତାଙ୍କର ସମସାମୟିକ ଥିଲେ । ତାଙ୍କ ପରେ ତାଙ୍କ ପୁତ୍ର ଅଗ୍ନିମିତ୍ର ରାଜା ହେଲେ । ସେ ପିତାଙ୍କ ପରି ଜଣେ ବୀର ଥିଲେ । ତାଙ୍କ ରାଜତ୍ୱରେ ବିଦିଶାନଗରୀ ରାଜନୀତି, ଧର୍ମ ଓ ଶିଳ୍ପର ଗୋଟିଏ ପ୍ରଧାନ କେନ୍ଦ୍ର ଥିଲା । ତାଙ୍କ ଚରିତ ଅବଲମ୍ବନ କରି କାଳିଦାସ 'ମାଳବିକାଗ୍ନିମିତ୍ର' ନାଟକ ରଚନା କରିଥିଲେ । ତାଙ୍କ ପରେ ଏହି ବଂଶ ଦୁର୍ବଳ ହୋଇପଡ଼ିଲା ; ମିତ୍ରମାନେ ୧୧୨ ବର୍ଷ କାଳ ରାଜତ୍ୱ କରିଥିଲେ । ଶେଷ ସୁଙ୍ଗ ନୃପତି ତାଙ୍କର ବ୍ରାହ୍ମଣ ମନ୍ତ୍ରୀ ବାସୁଦେବ କାଣ୍ୱ କର୍ତ୍ତୃକ ନିହତ ହୋଇଥିଲେ ।

**କାଣ୍ୱ ବଂଶ** —ବାସୁଦେବ କାଣ୍ୱ ପ୍ରଭୃତି ଏହି ବଂଶର ୪ ଜଣ ରାଜା ଖ୍ରୀ: ପୂ: **୭୨** ଅବ୍ଦ ଠାରୁ ୪୫ ବର୍ଷ ପର୍ଯ୍ୟନ୍ତ ମଗଧରେ ରାଜତ୍ୱ କରିଥିଲେ । ଅନ୍ଧ୍ରବଂଶୀୟ ଜଣେ ରାଜା ଏହି ବଂଶ ଧ୍ୱଂସ କରି ମଗଧ ଅଧିକାର କରିଥିଲେ ।

**ଆନ୍ଧ୍ର ସାତବାହନ ରାଜ୍ୟ** —ଅନ୍ଧ୍ର ଜାତି ଅତି ପ୍ରାଚୀନ । ମହାଭାରତ ଓ ଐତରେୟ ବ୍ରାହ୍ମଣ ଗ୍ରନ୍ଥରେ ଏମାନଙ୍କର ଉଲ୍ଲେଖ ଅଛି । ଗୋଦାବରୀ ଓ କୃଷ୍ଣାନଦୀ ମଧ୍ୟବର୍ତ୍ତୀ ପ୍ରଦେଶରେ ସେମାନଙ୍କର ଅଧିପତ୍ୟ ଥିଲା । ସେମାନେ ବହୁକାଳରୁ ଦାକ୍ଷିଣାତ୍ୟରେ କ୍ଷମତାଶାଳୀ ଥିଲେ ଓ ମୌର୍ଯ୍ୟ ସମ୍ରାଟମାନଙ୍କର ନାମ ମାତ୍ର ଅଧୀନତା ସ୍ୱୀକାର କରିଥିଲେ । ଅଶୋକଙ୍କ ମୃତ୍ୟୁପରେ ସେମାନେ ସ୍ୱାଧୀନ ହୋଇଗଲେ । ସିମୁକ ନାମକ ଜଣେ ଲୋକ ପ୍ରାୟ ଖ୍ରୀ: ପୂ: ୨୩୦ ଅବ୍ଦରେ ଅନ୍ଧ୍ର ସାତବାହନ ବଂଶ ପ୍ରତିଷ୍ଠା କରିଥିଲେ । ସେମାନେ ବଙ୍ଗୋପସାଗରଠାରୁ ଆରବ ସାଗର ପର୍ଯ୍ୟନ୍ତ ଓ ନର୍ମଦାଠାରୁ ତୁଙ୍ଗଭଦ୍ରା ପର୍ଯ୍ୟନ୍ତ ବିସ୍ତୃତ ଭୂଖଣ୍ଡ ଶାସନ କରୁଥିଲେ । ହାଲ, ଗୌତମୀପୁତ୍ର ଶ୍ରୀସାତକର୍ଣ୍ଣୀ ଓ ଯଜ୍ଞଶ୍ରୀ ସାତକର୍ଣ୍ଣୀ ଏହି ବଂଶର ଶ୍ରେଷ୍ଠ ରାଜା । ହାଲ ଜଣେ ସାହିତ୍ୟରସିକ ରାଜା ଥିଲେ । ଗୌତମୀପୁତ୍ର ଓ ଯଜ୍ଞଶ୍ରୀ ଗୁଜରାଟ ଓ ଉଜ୍ଜୟିନୀର ଶକରାଜାମାନଙ୍କ ସହିତ ପ୍ରବଳ ଯୁଦ୍ଧ ଚଳାଇ ନିଜ ମାତୃଭୂମିକୁ ସେମାନଙ୍କ ହସ୍ତରୁ ରକ୍ଷା କରିଥିଲେ । ଶ୍ରୀଧାନ୍ୟକଟକ (ଅମରାବତୀ), ପ୍ରତିଷ୍ଠାନ (ପୈଠାନ), ଅନ୍ଧ୍ର ରାଜ୍ୟର ଦୁଇଟି ପ୍ରସିଦ୍ଧ ରାଜଧାନୀ ଥିଲା । ଯଜ୍ଞଶ୍ରୀଙ୍କ ପରେ ଏହି ବଂଶ ଦୁର୍ବଳ ହୋଇ ପଡ଼ିଲା । ଶକ, କୁଶାନ, ପହ୍ଲବ ପ୍ରଭୃତି ବିଦେଶୀ ଜାତି-ମାନଙ୍କର ଘନ ଘନ ଆକ୍ରମଣ ଗଙ୍ଗ, କଦମ୍ବ ଓ ବକାଟକ ପ୍ରଭୃତି ରାଜବଂଶମାନଙ୍କ ବିଦ୍ରୋହ ଯୋଗୁଁ ଅନ୍ଧ୍ର ରାଜ୍ୟ ଖଣ୍ଡ ବିଖଣ୍ଡ ହୋଇଗଲା ।

ଅନ୍ଧ୍ର ରାଜତ୍ୱରେ ବୌଦ୍ଧ ଓ ବ୍ରାହ୍ମଣ୍ୟ ଉଭୟ ଧର୍ମର ଉନ୍ନତି ହୋଇଥିଲା । ଅନ୍ଧ୍ର ରାଜାମାନଙ୍କଦ୍ୱାରା ନିର୍ମିତ ଅନେକ କୀର୍ତ୍ତି ଅମରାବତୀ,


ନାଗାର୍ଜୁନକୋଣ୍ଡା, ନାସିକ୍, ଏଲୋରା, ଅଜନ୍ତା ପ୍ରଭୃତି ସ୍ଥାନରେ ଦେଖାଯାଏ । ଅନ୍ଧ୍ର ରାଜ୍ୟରେ ସମୃଦ୍ଧିଶାଳୀ ଅନେକ ବନ୍ଦର ଥିଲା । ସେଠାରେ ବଣିକମାନେ ସମୁଦ୍ର ପାର ହୋଇ ପାରସ୍ୟ, ଆରବ, ଆଫ୍ରିକା ଉପକୂଳସ୍ଥ ରାଜ୍ୟ ଓ ସୁଦୂର ରୋମାନ ସାମ୍ରାଜ୍ୟରେ ବାଣିଜ୍ୟ କରୁଥିଲେ । ଅଜକାଲି ନାନାପ୍ରକାର ଅନ୍ଧ୍ର ମୁଦ୍ରା ମିଳେ । ତେଲୁଗୁ-ମାନେ ଅନ୍ଧ୍ରମାନଙ୍କର ବଂଶଧର ବୋଲି ପରିଚୟ ଦିଅନ୍ତି ।

**କଳିଙ୍ଗ ସମ୍ରାଟ୍ ଖାରବେଳ**—ଅଶୋକଙ୍କ ପୂର୍ବରୁ ଓ ତାଙ୍କ ସମୟରେ କଳିଙ୍ଗରେ ଚେଡବଂଶୀ ରାଜାମାନେ ରାଜତ୍ୱ କରୁ-ଥିଲେ । ତାଙ୍କ ମୃତ୍ୟୁ ପରେ କଳିଙ୍ଗର ଚେତରାଜ ପୁନର୍ବାର ସ୍ୱାଧୀନ ହେଲେ । ଏହି ବଂଶର ପଞ୍ଚମରାଜା ଖାରବେଳ ଦିଗ୍‌ବିଜୟୀ ସମ୍ରାଟ୍ ଥିଲେ । ସେ ରାଜତ୍ୱର ଦ୍ୱିତୀୟ ବର୍ଷରେ ଅନ୍ଧ୍ରରାଜ ସାତକର୍ଣ୍ଣୀଙ୍କୁ ଅତର୍କିତ ଭାବରେ ଆକ୍ରମଣ କରି ପରାସ୍ତ କରିଥିଲେ । ସେ ଦାକ୍ଷିଣାତ୍ୟରେ ରାଷ୍ଟ୍ରିକ, ଭୋଜକ ଓ ମୂଷିକ ରାଜ୍ୟ ମଧ୍ୟ ଜୟ କରିଥିଲେ । ସୁଦୂର ପାଣ୍ଡ୍ୟ ରାଜ୍ୟର ରାଜା ତାଙ୍କର ଅଧୀନତା ସ୍ୱୀକାର କରିଥିଲେ । ଅଶୋକଙ୍କ କଳିଙ୍ଗ ବିଜୟର ପ୍ରତିଶୋଧ ନେବା ନିମିତ୍ତ ସେ ଅଙ୍ଗମଗଧର ରାଜା 'ବୃହସ୍ପତି ମିତ୍ର'ଙ୍କୁ ପରାସ୍ତ କରିଥିଲେ । (କେହି କେହି ବୃହସ୍ପତି ମିତ୍ର ଓ ପୁଷ୍ୟମିତ୍ର ଏକ ବୋଲି ମତ ପ୍ରକାଶ କରନ୍ତି ।) ବିଜୟର ଚିହ୍ନ ସ୍ୱରୂପ ସେ ପାଟଳୀପୁତ୍ରରୁ ନନ୍ଦରାଜାଙ୍କଦ୍ୱାରା ନୀତ କଳିଙ୍ଗ ଜିନମୂର୍ତ୍ତି ସ୍ୱ ରାଜଧାନୀକୁ ଫେରାଇ ଆଣିଥିଲେ । ସୁଦୂର ମଥୁରା ଓ ଉତ୍ତରାପଥ (ପଞ୍ଜାବ ଅଞ୍ଚଳ)ରେ ମଧ୍ୟ ତାଙ୍କର ବିଜୟ ପତାକା ଉଡ଼ିଥିଲା । ସେ ପ୍ରାୟ ସମଗ୍ର ଭାରତ ଜୟ କରିଥିଲେ । ତାଙ୍କ ପରି ଦିଗ୍‌ବିଜୟୀ ସମ୍ରାଟ୍ ଭାରତରେ କ୍ୱଚିତ ଦେଖାଯାନ୍ତି । ସେ ଯେପରି ବୀର ସେହିପରି ଧର୍ମପରାୟଣ, ବଦାନ୍ୟ ଓ ପ୍ରଜାବତ୍ସଳ ଥିଲେ । ସେ ରାଜା ହେବା ମାତ୍ରେ ସ୍ୱୀୟ ରାଜଧାନୀ କଳିଙ୍ଗ ନଗରର ବାତବିହତ ଅନେକ ଗୋପୁର, ପ୍ରାକାର,

ଉଦ୍ୟାନ, ମନ୍ଦିର ଇତ୍ୟାଦିର ସଂସ୍କାର କରିଥିଲେ । ସେ ପ୍ରଜାମାନଙ୍କ ହିତନିମନ୍ତ୍ରେ ସ୍ୱୀୟ ରାଜଧାନୀପର୍ଯ୍ୟନ୍ତ ଗୋଟିଏ ପ୍ରଣାଳୀ ଖୋଳାଇଥିଲେ ।

ଖାରବେଳ ଜୈନଧର୍ମାବଲମ୍ବୀ ଥିଲେ ଏବଂ ଜୈନ ମୁନି ଋଷି ଓ ତାପସମାନଙ୍କର ନିବାସ ନିମିତ୍ତ ଖଣ୍ଡଗିରି ଓ ଉଦୟଗିରିରେ ପ୍ରାୟ ୧୨୦ଟି ଗୁମ୍ଫା ଖୋଳାଇଥିଲେ । ସେଗୁଡ଼ିକର କାରୁକାର୍ଯ୍ୟ ଓ ଗଠନ ପ୍ରଣାଳୀ ଅତି ଚମତ୍କାର । ଆଜି ପର୍ଯ୍ୟନ୍ତ ସେଥିମଧ୍ୟରୁ ଅଧିକାଂଶ ଅକ୍ଷୁର୍ଣ୍ଣ ରହି ତାଙ୍କର ମହିମା ଗାନ କରୁଛନ୍ତି । ସେ ଜୈନ ହେଲେ ହେଁ ଅନ୍ୟ ଧର୍ମାବଲମ୍ବୀମାନଙ୍କ ପ୍ରତି ଭକ୍ତି ଓ ଶ୍ରଦ୍ଧା ପ୍ରଦର୍ଶନ କରୁଥିଲେ ଏବଂ ସକଳ ପ୍ରକାର ଦେବାୟତନ ସଂସ୍କାର କରାଇଥିଲେ । ଏଥିରୁ ତାଙ୍କର ଉଦାରତା ଓ ସାମ୍ୟଭାବ ସ୍ପଷ୍ଟ ଜଣାଯାଏ । ସେ ୧୦ ବର୍ଷ କାଳ ରାଜତ୍ୱ କରିଥିଲେ । ତାଙ୍କ ରାଜତ୍ୱର ବିସ୍ତୃତ ବିବରଣ ଉଦୟଗିରିର ହାତୀ ଗୁମ୍ଫାରେ ପାଲିଭାଷାରେ ଲେଖା ହୋଇ ଆଜିପର୍ଯ୍ୟନ୍ତ ରହିଅଛି । ଏହା ଭାରତର ଗୋଟିଏ ଅଦ୍ୱିତୀୟ ଶିଳାଲେଖ । ଖାରବେଳ ଭାରତର ସ୍ୱନାମଧନ୍ୟ ନରପତିମାନଙ୍କ ମଧ୍ୟରେ ଏକତମ ।

**ଗ୍ରୀକ୍**—ଅଶୋକଙ୍କ ମୃତ୍ୟୁପରେ ଭାରତର ସୀମାନ୍ତରେ ଗ୍ରୀକ୍-ମାନେ କ୍ଷମତାଶାଳୀ ହୋଇ ଉଠିଲେ । ବକ୍ଟ୍ରିୟା (ହିନ୍ଦୁକୁଶ ନିକଟବର୍ତ୍ତୀ ରାଜ୍ୟ)ର ଗ୍ରୀକ୍ ରାଜା 'ଡେମେଟ୍ରିୟାସ୍' ପଞ୍ଜାବ ଓ ସିନ୍ଧୁପ୍ରଦେଶ ଅଧିକାର କରିଥିଲେ । ତାଙ୍କ ପରେ ଗ୍ରୀକ୍ ରାଜା 'ମିନେଣ୍ଡାର' ସାକେତ ପର୍ଯ୍ୟନ୍ତ ଅଗ୍ରସର ହୋଇ ପୁଷ୍ୟମିତ୍ରଙ୍କ ଦ୍ୱାରା ପରାସ୍ତ ହେବାରୁ ସ୍ୱଦେଶକୁ ଫେରିଗଲେ । ଶକଳ ( ପଞ୍ଜାବର ଶିଆଲକୋଟ ) ତାଙ୍କର ରାଜଧାନୀ ଥିଲା । ମିନେଣ୍ଡାର ବୌଦ୍ଧ ଧର୍ମରେ ଦୀକ୍ଷିତ ହୋଇଥିଲେ । 'ହେଲି-ଓଡୋରାସ୍' ନାମକ ତକ୍ଷଶିଳାର ଜଣେ ଗ୍ରୀକ୍‌ରାଜା ପ୍ରାୟ ଖ୍ରୀ: ପୂ: ୧୪୦ ଅବ୍ଦରେ ବିଦିଶା ନଗରୀ ନିକଟରେ ବାସୁଦେବଙ୍କ ନିମିତ୍ତ ଗୋଟିଏ ସ୍ତମ୍ଭ ନିର୍ମାଣ କରିଥିଲେ । ସୀମାନ୍ତ ପ୍ରଦେଶ ଓ ପଞ୍ଜାବର



ହେଲିଓଡୋରାସ୍‌ଙ୍କ ନିର୍ମିତ ଗରୁଡ଼ସ୍ତମ୍ଭ

ନାନାସ୍ଥାନରେ ଗ୍ରୀକ୍‌ମାନେ ବସତି ସ୍ଥାପନ କରିଥିଲେ । କିନ୍ତୁ କାଳକ୍ରମେ ସେମାନେ ନିଜ ଧର୍ମ ଓ ସଭ୍ୟତା ଭୁଲିଯାଇ ବୌଦ୍ଧ ଓ ହିନ୍ଦୁଧର୍ମରେ ଦୀକ୍ଷିତ ହୋଇ ଭାରତୀୟମାନଙ୍କ ସଙ୍ଗରେ ମିଶିଗଲେ । ସେମାନଙ୍କୁ ଭାରତୀୟମାନେ ପ୍ରଥମେ ଯବନ ବୋଲି କହୁଥିଲେ । ଶକମାନଙ୍କର ପ୍ରବଳ ଆକ୍ରମଣ ଫଳରେ ଗ୍ରୀକ୍‌ମାନଙ୍କର ରାଜ୍ୟ ଓ ପ୍ରାଧାନ୍ୟ ନଷ୍ଟ ହେଲା ।

**ଶକ**—ଖ୍ରୀ: ପୂ: ପ୍ରଥମ ଶତାବ୍ଦୀରେ ଶକମାନେ ମଧ୍ୟ ଏସିଆରୁ ଆସି ଭାରତରେ ପ୍ରବେଶ କରିଥିଲେ । ସେମାନେ ଭାରତର ଉତ୍ତରପଶ୍ଚିମ ଭାଗରେ ନିଜର ଆଧିପତ୍ୟ ପ୍ରତିଷ୍ଠା କରିଥିଲେ । ତକ୍ଷଶୀଳା, ମଥୁରା, ଉଜ୍ଜୟିନୀ, ଭୃଗୁକଚ୍ଛ ପ୍ରଭୃତି ସ୍ଥାନରେ ଶକରାଜାମାନେ ବହୁକାଳ ରାଜତ୍ୱ କରିଥିଲେ । ସେମାନଙ୍କ ମଧ୍ୟରେ ସୌରାଷ୍ଟ୍ରର ଶକରାଜ 'ନହପାନ' ଓ ଉଜ୍ଜୟିନୀର ଶକକ୍ଷତ୍ରପ 'ରୁଦ୍ରଦମନ' ପ୍ରସିଦ୍ଧ । ରୁଦ୍ରଦମନ ଅନ୍ଧ୍ରମାନଙ୍କର କ୍ଷମତା ଧ୍ୱଂସ କରିଥିଲେ । କିନ୍ତୁ ସେ ହିନ୍ଦୁଧର୍ମ ଗ୍ରହଣ କରିଥିଲେ ଓ ସଂସ୍କୃତ ଭାଷାର ଉନ୍ନତି ପାଇଁ ବିଶେଷ ଚେଷ୍ଟା କରିଥିଲେ । ଗୁପ୍ତବଂଶର ସମ୍ରାଟମାନେ ଶକମାନଙ୍କର

କ୍ଷମତା ଧ୍ୱଂସ କରିଥିଲେ । ଶକମାନେ କାଳକ୍ରମେ ବ୍ରାହ୍ମଣ୍ୟଧର୍ମ ଗ୍ରହଣ କରି ହିନ୍ଦୁ ସମାଜରେ ମିଶିଯାଇଥିଲେ । ପାର୍ଥୀୟ ରାଜାମାନଙ୍କ ମଧ୍ୟରେ 'ଗଣ୍ଡଫରସ୍' ପ୍ରସିଦ୍ଧ ଥିଲେ । ସେ ଯିଶୁଖ୍ରୀଷ୍ଟଙ୍କ ସମସାମୟିକ ଥିଲେ ।

———————

# ନବମ ଅଧ୍ୟାୟ

## କୁଶାଣ ସାମ୍ରାଜ୍ୟ

ମଧ୍ୟଏସିଆର ଇଉଚି ନାମକ ଏକ ଜାତି କାଳକ୍ରମେ ଅନ୍ୟ ଜାତିଦ୍ୱାରା ବିତାଡ଼ିତ ହୋଇ ଭାରତାଭିମୁଖରେ ଅଗ୍ରସର ହେଲେ ଏବଂ ହିନ୍ଦୁକୁଶର ଉତ୍ତରରେ ପାଞ୍ଚଟି ଶାଖାରେ ବିଭକ୍ତ ହୋଇ ପାଞ୍ଚଟି ରାଜ୍ୟ ସ୍ଥାପନ କରିଥିଲେ । ଏହି ପାଞ୍ଚ ଶାଖା ମଧ୍ୟରୁ କୁଶାଣ ଗୋଟିଏ ଶାଖା । କୁଶାଣରାଜ ପ୍ରଥମ କଡ଼ଫିସ ବା କାଡ଼ଫାଇସେସ୍ ଏହି ପାଞ୍ଚଟି ରାଜ୍ୟ ଅଧିକାର କରି ବିଶାଳ କୁଶାଣ ସାମ୍ରାଜ୍ୟ ସ୍ଥାପନ କରିଥିଲେ । ସେ କାବୁଲ ଓ ଗାନ୍ଧାର ରାଜ୍ୟ ଜୟ କରି ଝେଲମ୍ ନଦୀ ପର୍ଯ୍ୟନ୍ତ ରାଜ୍ୟ ବିସ୍ତାର କରିଥିଲେ । ତାଙ୍କ ପରେ ତାଙ୍କ ପୁତ୍ର ହିମକଡ଼ଫିସ ( ୨ୟ କାଡ଼ଫାଇସେସ୍ ) ବାରାଣସୀ ପର୍ଯ୍ୟନ୍ତ ଜୟ କରିଥିଲେ । କିନ୍ତୁ ସେ ଚୀନ୍ ସାମ୍ରାଟଙ୍କ ଦ୍ୱାରା ପରାସ୍ତ ହୋଇଥିଲେ । ସେ ଶୈବୋପାସକ ଥିଲେ ଓ ତାଙ୍କର ମୁଦ୍ରାମାନଙ୍କରେ ଶିବଙ୍କର ମୂର୍ତ୍ତି ଦେଖାଯାଏ ।

**କନିଷ୍କ**—କନିଷ୍କ କୁଶାଣ ବଂଶର ଶ୍ରେଷ୍ଠ ରାଜା । ସେ ୭୮ ଖ୍ରୀଷ୍ଟାବ୍ଦରେ ରାଜା ହୋଇ ଶକାବ୍ଦ ଚଳାଇଥିବାର କେତେକ ପଣ୍ଡିତ ଅନୁମାନ କରନ୍ତି । ସେ ଚୀନ ସମ୍ରାଟଙ୍କୁ ଓ ପାଟଳୀପୁତ୍ରର ରାଜାଙ୍କୁ ପରାସ୍ତ କରିଥିଲେ । ଉତ୍କଳର ନାନାସ୍ଥାନରୁ ଶତ ଶତ କୁଶାଣମୁଦ୍ରା ମିଳିଅଛି । ତେଣୁ ସେ ଉତ୍କଳ ମଧ୍ୟ ଜୟ କରିଥିବାର ଅନୁମିତ ହୁଏ । ମୃତ୍ୟୁ ସମୟରୁ

ତାଙ୍କର ସାମ୍ରାଜ୍ୟ ପୂର୍ବରେ ବଙ୍ଗଦେଶଠାରୁ ପଶ୍ଚିମରେ ଅଲଟାଇ ପର୍ବତ ପର୍ଯ୍ୟନ୍ତ ବିସ୍ତୃତ ଥିଲା । ପୁରୁଷପୁର ବା ଆଧୁନିକ ପେଶୱାର ତାଙ୍କ ସାମ୍ରାଜ୍ୟର ରାଜଧାନୀ ଥିଲା । ତାଙ୍କ ସାମ୍ରାଜ୍ୟ ମୌର୍ଯ୍ୟ ସାମ୍ରାଜ୍ୟଠାରୁ ମଧ୍ୟ ବଡ଼ ଥିଲା ।




କନିଷ୍କଙ୍କ ମୁଦ୍ରାମାନଙ୍କରୁ ଜଣାଯାଏ ଯେ ସେ ପ୍ରଥମେ ଶୈବ ଥିଲେ ; କିନ୍ତୁ ପରେ ବୌଦ୍ଧଧର୍ମ ଗ୍ରହଣ କରିଥିଲେ । ଅଶୋକଙ୍କ ପରି ସେ ବୌଦ୍ଧଧର୍ମର ଉନ୍ନତି ଓ ପ୍ରଚାରପାଇଁ ଯତ୍ପରୋନାସ୍ତି ଚେଷ୍ଟା କରିଥିଲେ । ସେ ପୁରୁଷପୁରରେ ଅପୂର୍ବ କାରୁକାର୍ଯ୍ୟଶୋଭିତ ଗୋଟିଏ ବିଶାଳ ଚୈତ୍ୟ ନିର୍ମାଣ କରିଥିଲେ । ସେ ବୌଦ୍ଧଧର୍ମ ସମ୍ବନ୍ଧରେ ଆଲୋଚନା କରିବାପାଇଁ ଚତୁର୍ଥ ବୌଦ୍ଧସଭା ଆହ୍ୱାନ କରିଥିଲେ । ତାଙ୍କ ସମୟରେ ବୌଦ୍ଧମାନେ ହୀନଯାନ ଓ ମହାଯାନ ଦୁଇ ସମ୍ପ୍ରଦାୟରେ ବିଭକ୍ତ ହୋଇଗଲେ । କନିଷ୍କଙ୍କ ଧର୍ମଗୁରୁ ନାଗାର୍ଜ୍ଜୁନ ମହାଯାନ-ପନ୍ଥାର ପ୍ରବର୍ତ୍ତକ ଥିଲେ । ହୀନଯାନ-ପନ୍ଥୀମାନେ ବୁଦ୍ଧଙ୍କର ମୂର୍ତ୍ତି ପୂଜା କରୁ ନ ଥିଲେ । କେବଳ ଧର୍ମଚକ୍ର, ବୋଧିଦ୍ରୁମ, ପଦଚିହ୍ନ ପ୍ରଭୃତି ପୂଜା କରୁଥିଲେ । ମହାଯାନୀମାନେ ବୁଦ୍ଧ ଓ ବୋଧିସତ୍ତ୍ୱମାନଙ୍କର ନାନାପ୍ରକାର ମୂର୍ତ୍ତି ଗଠନ କରି ପୂଜା କରିବାକୁ ଆରମ୍ଭ କଲେ ଓ ବୌଦ୍ଧଧର୍ମରେ ଫସ୍ତୁଉଭାଷା ପୁନର୍ବାର ସ୍ଥାନ ପାଇଲା । କନିଷ୍କଙ୍କ ସାହାଯ୍ୟରେ ମହାଯାନ ବୌଦ୍ଧଧର୍ମ କାଶ୍ମୀର,

ଅଫଗାନିସ୍ଥାନ, ମଧ୍ୟଏସିଆ, ଚୀନ୍, ତିବ୍ବତ ପ୍ରଭୃତି ଅଞ୍ଚଳରେ ବ୍ୟାପି ଯାଇଥିଲା । ସେ କନିଷ୍କଙ୍କର ଉଦ୍ଦେଶ୍ୟ ଭକ୍ତି ପ୍ରକାଶ କରାଇଥିଲେ । ସେ ବୌଦ୍ଧଧର୍ମର ପ୍ରସାର ପାଇଁ ନିଜ ସାମ୍ରାଜ୍ୟର ନାନାସ୍ଥାନରେ ଅନେକ ସ୍ତୂପ, ବିହାର, ଚୈତ୍ୟ, ସ୍ତମ୍ଭ ପ୍ରଭୃତି ନିର୍ମାଣ କରିଥିଲେ ।

କନିଷ୍କ ଯେପରି ମହାବୀର ସେହିପରି ବିଦ୍ୟୋତ୍ସାହୀ ନରପତି ଥିଲେ । ପ୍ରସିଦ୍ଧ ବୌଦ୍ଧଦାର୍ଶନିକ ନାଗାର୍ଜ୍ଜୁନ, ବୈଦ୍ୟରାଜ ଚରକ, କବିବର ଅଶ୍ୱଘୋଷ ଓ ପଣ୍ଡିତ ବସୁମିତ୍ର ତାଙ୍କ ସଭାକୁ ଅଳଙ୍କୃତ କରୁଥିଲେ । କନିଷ୍କଙ୍କର ପୋଷକତା ଲାଭ କରି ସଂସ୍କୃତ-ସାହିତ୍ୟ ବିଶେଷ ଉନ୍ନତି ଲାଭ କରିଥିଲା । କନିଷ୍କଙ୍କ ପରେ ବସିଷ୍କ, ହୁବିଷ୍କ ଓ ବାସୁଦେବ ପ୍ରଭୃତି କୁଶାଣବଂଶୀୟ ରାଜାମାନେ ରାଜତ୍ୱ କରିଥିଲେ । କୁଶାଣମାନେ କ୍ରମଶଃ ଭାରତୀୟ ଧର୍ମ ଓ ସଭ୍ୟତା ଗ୍ରହଣ କରି ଭାରତୀୟମାନଙ୍କ ସହିତ ମିଶିଗଲେ । ବାସୁଦେବ ନାମରୁ ପରିଷ୍କାର ଜଣାଯାଏ ଯେ, ସେମାନେ କୌଳିକ ନାମ ପର୍ଯ୍ୟନ୍ତ ପରିତ୍ୟାଗ କରି ହିନ୍ଦୁନାମ ଗ୍ରହଣ କରିଥିଲେ ।

---

## ଦଶମ ଅଧ୍ୟାୟ

## ଗୁପ୍ତ ସାମ୍ରାଜ୍ୟ

**ପ୍ରଥମ ଚନ୍ଦ୍ରଗୁପ୍ତ**—ଚତୁର୍ଥ ଶତାବ୍ଦୀର ପ୍ରଥମ ଭାଗରେ ଗୁପ୍ତ ନାମକ ଜଣେ ଲୋକ ଗାଙ୍ଗେୟ ଉପତ୍ୟକାରେ ଗୋଟିଏ କ୍ଷୁଦ୍ର ରାଜ୍ୟ ସ୍ଥାପନ କରିଥିଲେ । ଏହି ବଂଶର ତୃତୀୟ ରାଜା ପ୍ରଥମ ଚନ୍ଦ୍ରଗୁପ୍ତ କ୍ଷମତାଶାଳୀ ହୋଇ ୩୨୦ ଖ୍ରୀଷ୍ଟାବ୍ଦରେ 'ଗୁପ୍ତାବ୍ଦ' ନାମକ ନୂତନ ଅବ୍ଦ ପ୍ରବର୍ତ୍ତନ କଲେ । ସେ ମିଥିଳାର ଲିଚ୍ଛବି ରାଜକନ୍ୟା କୁମାରୀଦେବୀଙ୍କୁ ବିବାହ କରିଥିଲେ ଏବଂ ଲିଚ୍ଛବିମାନଙ୍କ ସହାୟତାରେ ନିଜର କ୍ଷମତା

ବୃଦ୍ଧି କରିଥିଲେ । ସେ ଗାଙ୍ଗେୟ ଉପତ୍ୟକାର କେତେକ ରାଜାଙ୍କୁ ପରାଜୟ କରି 'ମହାରାଜାଧିରାଜ' ଉପାଧି ଗ୍ରହଣ କରିଥିଲେ । ସେ ଖ୍ରୀ: ଅ: ୩୨୦ରୁ ୧୦ ବର୍ଷ ରାଜତ୍ୱ କରିଥିଲେ । ପାଟଳୀପୁତ୍ର ତାଙ୍କର ରାଜଧାନୀ ଥିଲା ।

**ସମୁଦ୍ରଗୁପ୍ତ** (ଖ୍ରୀ: ଅ: ୩୩୦—୩୭୫)—ଚନ୍ଦ୍ରଗୁପ୍ତଙ୍କ ପରେ ତାଙ୍କ ପୁତ୍ର ସମୁଦ୍ରଗୁପ୍ତ ରାଜା ହୋଇଲେ । ସେ ଜଣେ ବିଖ୍ୟାତ ଯୋଦ୍ଧା ଓ ଦିଗ୍‌ବିଜୟୀ ସମ୍ରାଟ୍ ଥିଲେ । ଗାଙ୍ଗେୟ ଉପତ୍ୟକାର ସମସ୍ତ ରାଜବଂଶକୁ ନିର୍ମୂଳ କରି ସେ ଭାରତର ଅନ୍ୟାନ୍ୟ ରାଜ୍ୟ ଜୟ କରିବାକୁ ବାହାରିଲେ । ରାଜଧାନୀରୁ ବାହାରି ସେ ଭାରତର ପୂର୍ବ ଉପକୂଳରେ ଥିବା କୋଶଳ, ମହାକାନ୍ତାର, କଳିଙ୍ଗ ପ୍ରଭୃତି ରାଜ୍ୟ ଜୟ କରି କାଞ୍ଚୀରେ ପହଞ୍ଚିଲେ । କାଞ୍ଚୀର ରାଜା ବିଷ୍ଣୁଗୋପ ତାଙ୍କଦ୍ୱାରା ପରାସ୍ତ ହୋଇଥିଲେ । ସେଠାରୁ



ସମୁଦ୍ରଗୁପ୍ତ

ସେ ଉତ୍ତରକୁ ଆସି ମାଳବ ଅଞ୍ଚଳର ଶକ କ୍ଷତ୍ରପମାନଙ୍କୁ ପରାସ୍ତ କରିଥିଲେ । ସେ ରାଜପୁତାନାର ଆର୍ଯ୍ୟାବର୍ତ୍ତ, ପଞ୍ଜାବ ଓ ସୀମାନ୍ତ ଅଞ୍ଚଳର ଶକ, କୁଷାଣ, ପାରସିକ, ମୁରୁଣ୍ଡ ପ୍ରଭୃତି ବୈଦେଶିକ ଜାତିମାନଙ୍କୁ ପରାସ୍ତ କରିଥିଲେ । ପୂର୍ବରେ କାମରୂପ (ଆସାମ), ସମତଟ (ବଙ୍ଗ), ନେପାଳ ପ୍ରଭୃତି ରାଜ୍ୟର ରାଜାମାନେ ତାଙ୍କର ଅଧୀନତା ସ୍ୱୀକାର କରିଥିଲେ । ସେ ବିଜିତ ରାଜ୍ୟମାନଙ୍କ ମଧ୍ୟରୁ କେତେକ ଅଧିକାର କରିଥିଲେ ଏବଂ ଅନ୍ୟମାନଙ୍କଠାରୁ ବହୁ ଧନରତ୍ନ ଉପହାର ସ୍ୱରୂପ ପାଇ ସେମାନଙ୍କୁ ନିଜ ଅଧୀନରେ କରଦ ରାଜ୍ୟ ରୂପେ ରଖିଥିଲେ । ସେ ଅତି ଅଳ୍ପକାଳ ମଧ୍ୟରେ ସମଗ୍ର ଆର୍ଯ୍ୟାବର୍ତ୍ତ ଓ ଦାକ୍ଷିଣାତ୍ୟର ଏତେଗୁଡ଼ିଏ ରାଜ୍ୟ ଜୟ କରିଥିବାରୁ ତାଙ୍କୁ ପାଶ୍ଚାତ୍ୟ

ଐତିହାସିକମାନେ 'ଭାରତୀୟ ନେପୋଲିଅନ' ଆଖ୍ୟା ପ୍ରଦାନ କରିଛନ୍ତି । ତାଙ୍କ ଦ୍ୱାରା ଅଧିକୃତ ସାମ୍ରାଜ୍ୟ ଆସାମଠାରୁ ସୀମାନ୍ତପ୍ରଦେଶ ଓ ହିମାଳୟଠାରୁ ନର୍ମଦା ନଦୀ ପର୍ଯ୍ୟନ୍ତ ବିସ୍ତୃତ ଥିଲା । ସେ ଦିଗ୍‌ବିଜୟର ଚିହ୍ନସ୍ୱରୂପ ଗୋଟିଏ ଅଶ୍ୱମେଧଯଜ୍ଞ କରିଥିଲେ । ତାଙ୍କଦ୍ୱାରା ବ୍ରାହ୍ମଣ୍ୟଧର୍ମର ବିଶେଷ ଶ୍ରୀବୃଦ୍ଧି ସାଧିତ ହୋଇଥିଲା । ତଥାପି ସେ ବୌଦ୍ଧଧର୍ମ ପ୍ରତି ଅନାସ୍ଥା ପ୍ରଦର୍ଶନ କରୁ ନ ଥିଲେ । କାରଣ ସେ ସିଂହଳର ବୌଦ୍ଧରାଜା ମେଘବର୍ଣ୍ଣଙ୍କୁ ଗୟାସ୍ଥିତ ବୋଧିଦ୍ରୁମ ନିକଟରେ ଗୋଟିଏ ବୌଦ୍ଧମଠ ନିର୍ମାଣ କରିବାକୁ ଅନୁମତି ଦେଇଥିଲେ । ଅଉମଧ ବୌଦ୍ଧକବି 'ବସୁବନ୍ଧୁ' ତାଙ୍କର ସଭାକବି ଥିଲେ । ସେ କବି ଓ ସଙ୍ଗୀତଜ୍ଞ ମଧ୍ୟ ଥିଲେ । ତାଙ୍କର ଗୋଟିଏ ମୁଦ୍ରାରେ ସେ ବୀଣା ବଜାଉଥିବାର ଜଣାପାଏ । ତାଙ୍କ ରାଜତ୍ୱର ବିସ୍ତୃତ ବିବରଣ ଏଲାହାବାଦରେ ଥିବା ଗୋଟିଏ ଅଶୋକ ସ୍ତମ୍ଭରେ ସଂସ୍କୃତ ଭାଷାରେ ଲିଖିତ ହୋଇ ରହିଅଛି ।

**ଦ୍ୱିତୀୟ ଚନ୍ଦ୍ରଗୁପ୍ତ ବା ବିକ୍ରମାଦିତ୍ୟ** (ଖ୍ରୀ: ଅ: ୩୭୫ — ୪୧୩)— ସମୁଦ୍ରଗୁପ୍ତଙ୍କ ପରେ ତାଙ୍କ ପୁତ୍ର ଦ୍ୱିତୀୟ ଚନ୍ଦ୍ରଗୁପ୍ତ ରାଜା ହେଲେ । ସେ ମାଳବ ଓ ସୌରାଷ୍ଟ୍ର (କାଥିଆବାଡ଼) ପ୍ରଦେଶର ଶକମାନଙ୍କ କ୍ଷମତା ଧ୍ୱଂସ କରି 'ଶକାରି' ଉପାଧି ଧାରଣ କରିଥିଲେ । ଭାରତକୁ ବିଦେଶୀ ଶକମାନଙ୍କର ପରାଧୀନତା-ପାଶରୁ ମୁକ୍ତ କରିଥିବାରୁ ସେ ଭାରତର ଜଣେ ଚିରସ୍ମରଣୀୟ ନୃପତି ବୋଲି ଗଣ୍ୟ ହୁଅନ୍ତି । ବିଶେଷ କ୍ଷମତାଶାଳୀ ଥିବାରୁ




ବିକ୍ରମାଦିତ୍ୟ

'ବିକ୍ରମାଦିତ୍ୟ' ଉପାଧି ଗ୍ରହଣ କରିଥିଲେ । ତାଙ୍କ ସମ୍ବନ୍ଧରେ ଭାରତର ସର୍ବାଞ୍ଚଳରେ ନାନାବିଧ କିମ୍ବଦନ୍ତୀ ଅଦ୍ୟାପି ପ୍ରଚଳିତ ଅଛି । କିମ୍ବଦନ୍ତୀରୁ ଜଣାଯାଏ ଯେ ସେ ଜଣେ ସାହିତ୍ୟାନୁରାଗୀ ରାଜା ଥିଲେ ଓ କାଳିଦାସ ବରାହମିହିର, ଘଟକର୍ପର, ଧନ୍ୱନ୍ତରୀ, କ୍ଷପଣକ, ଶଙ୍କୁ, ଅମରସିଂହ, ବରରୁଚି ଓ ବେତାଳଭଟ୍ଟ ନାମକ ନଅଜଣ ପ୍ରସିଦ୍ଧ ପଣ୍ଡିତ ତାଙ୍କ ରାଜସଭା ମଣ୍ଡନ କରୁଥିଲେ । ସେମାନେ 'ନବରତ୍ନ' ନାମରେ ପରିଚିତ । ମହାକବି କାଳିଦାସ ପୃଥିବୀର ଜଣେ ଶ୍ରେଷ୍ଠ କବି । ଚନ୍ଦ୍ରଗୁପ୍ତ ବ୍ରାହ୍ମଣ୍ୟ-ଧର୍ମର ବିଶେଷ ଉନ୍ନତି କରିଥିଲେ । ପାଟଳୀପୁତ୍ର ଓ ଉଜ୍ଜୟିନୀ ତାଙ୍କ ସାମ୍ରାଜ୍ୟର ଦୁଇଟି ପ୍ରଧାନ ନଗରୀ ଥିଲା ।

**ଫାହିଆନବର୍ଣ୍ଣିତ ଭାରତ ବିବରଣ**—ଦ୍ୱିତୀୟ ଚନ୍ଦ୍ରଗୁପ୍ତଙ୍କ ରାଜତ୍ୱରେ ଚୀନ୍-ପରିବ୍ରାଜକ ଫାହିଆନ ଭାରତର ବୌଦ୍ଧପୀଠମାନ ପରି-ଦର୍ଶନ କରିବାପାଇଁ ଓ ଭାରତରୁ ବୌଦ୍ଧ ଗ୍ରନ୍ଥମାନ ସ୍ୱଦେଶକୁ ନେବାପାଇଁ ପ୍ରାୟ ଖ୍ରୀ: ଅ: ୪୦୧ରେ ଖାଇବାର ଗିରିପଥରେ ଭାରତକୁ ଆସିଥିଲେ । ସେ ଉତ୍ତର ଭାରତରେ ପ୍ରାୟ ୧୪ ବର୍ଷ କାଳ (କେତେକଙ୍କ ମତରେ ୬ ବର୍ଷ ) ରହି ପୁରୁଷପୁର, ତକ୍ଷଶୀଳା, ମଥୁରା, କନୌଜ, କପିଳବାସ୍ତୁ, ଶ୍ରାବସ୍ତି, ବୈଶାଳୀ, ବାରାଣସୀ, ପାଟଳୀପୁତ୍ର, ବୁଦ୍ଧଗୟା, ରାଜଗୃହ ପ୍ରଭୃତି ନାନା ସ୍ଥାନ ପରିଦର୍ଶନ କରିଥିଲେ । ତାଙ୍କ ଭ୍ରମଣବୃତ୍ତାନ୍ତରୁ ଜଣାଯାଏ ଯେ ପାଟଳୀପୁତ୍ର ସେ ସମୟରେ ଭାରତର ରାଜଧାନୀ ନ ଥିଲେ ମଧ୍ୟ ଏକ ସମୃଦ୍ଧିଶାଳୀ ଧନଜନପୂର୍ଣ୍ଣ ନଗରୀ ଥିଲା । ସେଠାରେ ଅଶୋକଙ୍କର ଗୋଟିଏ ବିଶାଳ ରାଜପ୍ରାସାଦ ବିଦ୍ୟମାନ ଥିଲା । ଉତ୍ତର ଭାରତରେ ଅନେକ ବୌଦ୍ଧ ମଠ, ଚୈତ୍ୟ, ସ୍ତୂପ, ବିହାର ଓ ଦାତବ୍ୟ ଚିକିତ୍ସାଳୟ ଥିଲା । ତତ୍କାଳୀନ ଶାସନ କଠୋର ନ ଥିଲା । କରପୀଡ଼ା ଆଦୌ ନ ଥିଲା । ଭାରତର ଲୋକମାନେ ସୁଖଶାନ୍ତିରେ ଜୀବନ ଯାପନ କରୁଥିଲେ । ଦସ୍ୟୁ ଓ ତସ୍କର ଭୟ ନ ଥିବାରୁ ଲୋକମାନେ ଏକସ୍ଥାନରୁ ଅନ୍ୟ

ସ୍ଥାନକୁ ନିର୍ଭୟରେ ଯାଇ ଆସି ପାରୁଥିଲେ । ଭାରତରେ ହିନ୍ଦୁ ଓ ବୌଦ୍ଧ ଦୁଇଟି ପ୍ରଧାନ ଧର୍ମ ଥିଲା ଏବଂ ଉଭୟ ଧର୍ମାବଲମ୍ବୀମାନଙ୍କ ମଧ୍ୟରେ ସଦ୍ଭାବ




ଓ ବନ୍ଧୁତା ଥିଲା । ବୌଦ୍ଧଧର୍ମର କ୍ରମଶଃ ଅବନତି ହେଉଥିଲା ଓ ଅନେକ ବୌଦ୍ଧକୀର୍ତ୍ତି ଭଗ୍ନାବସ୍ଥାରେ ପଡ଼ିଥିଲା । ଲୋକମାନେ ମଦ୍ୟ, ମାଂସ, ପିଆଜ,

ରସୁଣ ଇତ୍ୟାଦି ଖାଉ ନ ଥିଲେ । ଚଣ୍ଡାଳମାନେ ଗ୍ରାମର ବାହାରେ ବାସ କରୁଥିଲେ । ତାମ୍ରଲିପ୍ତ ( ମେଦିନୀପୁର ଅନ୍ତର୍ଗତ ତମଲୁକ ) ଗୋଟିଏ ସମୃଦ୍ଧିଶାଳୀ ବନ୍ଦର ଥିଲା । ଭାରତୀୟ ବଣିକମାନେ ସେଠାରୁ ପୋତରେ ସୁମାତ୍ରା, ଜାଭା ଓ ଚୀନଦେଶ ପ୍ରଭୃତିକୁ ବାଣିଜ୍ୟ କରିବାକୁ ଯାଉଥିଲେ ।

**କୁମାରଗୁପ୍ତ ଓ ସ୍କନ୍ଦଗୁପ୍ତ ବିକ୍ରମାଦିତ୍ୟ**—ଦ୍ୱିତୀୟ ଚନ୍ଦ୍ରଗୁପ୍ତଙ୍କ ପରେ ତାଙ୍କ ପୁତ୍ର କୁମାରଗୁପ୍ତ ଖ୍ରୀ: ଅ: ୪୧୩ ରୁ ଖ୍ରୀ: ଅ: ୪୫୫ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ସେ ନୂତନ ରାଜ୍ୟ ଜୟ କରି ସାମ୍ରାଜ୍ୟର ଆକାର ବଢ଼ାଇଥିଲେ ଓ ବିଜୟର ଚିହ୍ନ ସ୍ୱରୂପ ଗୋଟିଏ ଅଶ୍ୱମେଧ ଯଜ୍ଞ କରିଥିଲେ । କୁମାରଗୁପ୍ତଙ୍କ ପରେ ସ୍କନ୍ଦଗୁପ୍ତ ରାଜା ହେଲେ । ସେ ମଧ୍ୟଏସିଆରୁ ଆଗତ ହୂଣମାନଙ୍କୁ ପରାସ୍ତ କରି ଭାରତକୁ ପୁନର୍ବାର ବିଦେଶୀ ଶତ୍ରୁମାନଙ୍କ ହସ୍ତରୁ ରକ୍ଷା କରିଥିଲେ । ସେ ପିତାମହଙ୍କ ତୁଲ୍ୟ 'ବିକ୍ରମାଦିତ୍ୟ' ଉପାଧି ଗ୍ରହଣ କରିଥିଲେ । ସେ ଖ୍ରୀ: ଅ: ୪୫୫ରୁ ଖ୍ରୀ: ଅ: ୪୬୭ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ତାଙ୍କ ପରେ ଗୁପ୍ତବଂଶ ଦୁର୍ବଳ ହୋଇ ପଡ଼ିଲା । କିନ୍ତୁ ଗୁପ୍ତବଂଶୀୟ ରାଜାମାନେ ମଗଧ, ବଙ୍ଗ ଓ ମଧ୍ୟ-ପ୍ରଦେଶର କେତେକାଂଶରେ ବହୁକାଳ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ ।

**ଗୁପ୍ତଯୁଗରେ ଭାରତର ଅବସ୍ଥା**—ଗୁପ୍ତମାନଙ୍କ ପୂର୍ବରୁ ଭାରତର ଉତ୍ତରପଶ୍ଚିମ ଭାଗରେ ଶକ, କୁଶାଣ ପ୍ରଭୃତି ବୈଦେଶିକ ଜାତିମାନେ ପ୍ରବଳ ହୋଇ ନିଜର ଆଧିପତ୍ୟ ପ୍ରତିଷ୍ଠା କରିଥିଲେ । କିନ୍ତୁ ପ୍ରଥମ ଚନ୍ଦ୍ରଗୁପ୍ତ, ସମୁଦ୍ରଗୁପ୍ତ ଓ ବିକ୍ରମାଦିତ୍ୟ ସେମାନଙ୍କର କ୍ଷମତା ଧ୍ୱଂସ କରି ଭାରତ ଭୂମିକୁ ବିଦେଶୀମାନଙ୍କ ହସ୍ତରୁ ମୁକ୍ତ କରିଥିଲେ । ଏହାଦ୍ୱାରା ଭାରତରେ ଗୋଟିଏ ଅଦ୍ଭୁତ ଜାତୀୟ ଜାଗରଣ ଆସିଥିଲା । ଏହା ଫଳରେ ଭାରତର ଧର୍ମ, ଶିଳ୍ପ, ସ୍ଥାପତ୍ୟ, ଚିତ୍ରକଳା, ସାହିତ୍ୟ ଓ ବାଣିଜ୍ୟ ପ୍ରଭୃତି ଉନ୍ନତିର ଚରମ ସୀମାରେ ପହଞ୍ଚିଥିଲା । ଶୁଙ୍ଗରାଜତ୍ୱରେ ବ୍ରାହ୍ମଣ୍ୟ ଧର୍ମ ଓ ସଂସ୍କୃତ ସାହିତ୍ୟର ଉନ୍ନତି ପାଇଁ ଚେଷ୍ଟା ହୋଇଥିଲା । ପରବର୍ତ୍ତୀ

ଯବନ (ଗ୍ରୀକ୍), ଶକ ଓ କୁଶାଣରାଜାମାନେ ବିଦେଶୀ ହେଲେ ମଧ୍ୟ ଏହି ଦୁଇଟିର ଉନ୍ନତି ପାଇଁ ଯତ୍ନ କରିଥିଲେ । ଗୁପ୍ତରାଜତ୍ୱରେ ବ୍ରାହ୍ମଣ୍ୟ ଧର୍ମ ଓ ସଂସ୍କୃତ ସାହିତ୍ୟ ଉନ୍ନତିର ଚରମ ସୀମାରେ ଉପନୀତ ହୋଇଲା । ଗୁପ୍ତ ସମ୍ରାଟମାନେ ରାଜ୍ୟର ସର୍ବାଞ୍ଚଳରେ ଶତ ଶତ ହିନ୍ଦୁମନ୍ଦିର, ମଠ, ବ୍ରାହ୍ମଣ-ଶାସନ ପ୍ରତିଷ୍ଠା କରିଥିଲେ । ଗୁପ୍ତଯୁଗରେ ଭାରତର ସର୍ବଜ୍ଞ ସଂସ୍କୃତ-ଭାଷାରେ ଶତ ଶତ ଶିଳାଲିପି, ତାମ୍ରଶାସନ, କାବ୍ୟ, ନାଟକ, ପୁରାଣ, ଉପପୁରାଣ, ସଂହିତା ଇତ୍ୟାଦି ଲିଖିତ ହୋଇଥିଲା । ମହାକବି କାଳିଦାସ, କବି ହରିସେନ, ଜ୍ୟୋତିଷାଚାର୍ଯ୍ୟ ଆର୍ଯ୍ୟଭଟ୍ଟ, ବରାହମିହିର, ବ୍ରହ୍ମଗୁପ୍ତ ପ୍ରଭୃତି ଏହି ଯୁଗରେ ଜନ୍ମଗ୍ରହଣ କରିଥିଲେ । ଝାନ୍ସି ଜିଲ୍ଲାର ଦେଓଗଡ଼, କାନପୁର ଜିଲ୍ଲାର ଭିତରଗାଁଓ ଓ ସାଞ୍ଚୀନାଟରେ ଥିବା ଗୁପ୍ତ ଯୁଗର ଭଗ୍ନ ମନ୍ଦିରମାନଙ୍କରୁ ଏବଂ ଅଜନ୍ତାର ଗୁମ୍ଫାରେ ଖୋଦିତ ଚିତ୍ରମାନଙ୍କରୁ ଜଣାଯାଏ ଯେ ଏ ଯୁଗରେ ନିର୍ମାଣ କୌଶଳ, ଭାସ୍କର କାର୍ଯ୍ୟ ଓ ଚିତ୍ରାଙ୍କନ ବିଦ୍ୟା ଉନ୍ନତିର ଚରମ ସୀମାରେ ଉପନୀତ ହୋଇଥିଲା । ସମୁଦ୍ରଗୁପ୍ତ-ନିର୍ମିତ ଦିଲ୍ଲୀର ଲୌହସ୍ତମ୍ଭ ଓ ବୁଦ୍ଧଙ୍କର ୮୦।୯୦ ଫୁଟ ଉଚ୍ଚ ଧାତବ ମୂର୍ତ୍ତି ସବୁ ସେ ଯୁଗର ଉନ୍ନତ ଧାତବ ଶିଳ୍ପ କୌଶଳର ପରିଚୟ ଦିଏ । ସେ ସମୟରେ ଭାରତୀୟମାନେ ବ୍ରହ୍ମ, ଶ୍ୟାମ, କାମ୍ବୋଡ଼ିଆ, ଯାବା, ସୁମାତ୍ରା ପ୍ରଭୃତି ଅଧିକାର କରି ସେଠାରେ ହିନ୍ଦୁଧର୍ମ ଓ ବୌଦ୍ଧଧର୍ମ ପ୍ରଚାର କରିଥିଲେ । ସେଠାର ଶତ ଶତ ହିନ୍ଦୁ ଓ ବୌଦ୍ଧକୀର୍ତ୍ତି ଭାରତୀୟ ଉଚ୍ଚ ସଭ୍ୟତାର ପରିଚାୟକ । ଭାରତ ସେ ସମୟରେ ନୌବାଣିଜ୍ୟରେ ସମଗ୍ର ପୃଥିବୀରେ ଶୀର୍ଷସ୍ଥାନ ଅଧିକାର କରିଥିଲା । ଭାରତର ଉପକୂଳସ୍ଥ ଶତ ଶତ ବନ୍ଦରରୁ ବିଭିନ୍ନ ରାଜ୍ୟକୁ କୋଟି କୋଟି ଟଙ୍କାର ପଣ୍ୟଦ୍ରବ୍ୟ ରପ୍ତାନି ହେଉଥିଲା । ଗୁପ୍ତ ଯୁଗରେ ଭାରତର ଏପରି ସର୍ବାଙ୍ଗୀନ ଉନ୍ନତି ହୋଇଥିବାରୁ ଏହାକୁ ଐତିହାସିକମାନେ ଭାରତ ଇତିହାସର 'ସୁବର୍ଣ୍ଣ ଯୁଗ' ବା 'ନବଜାଗରଣ ଯୁଗ' ବୋଲି କହିଛନ୍ତି ।

# ଏକାଦଶ ଅଧ୍ୟାୟ

## ହର୍ଷବର୍ଦ୍ଧନ

**ହୁଣ ଆକ୍ରମଣ ଓ ଯଶୋଧର୍ମ ଦେବ**—ସ୍କନ୍ଦଗୁପ୍ତଙ୍କ ମୃତ୍ୟୁପରେ ଭାରତ ପୁନର୍ବାର କ୍ଷୁଦ୍ର କ୍ଷୁଦ୍ର ରାଜ୍ୟରେ ବିଭକ୍ତ ହୋଇଗଲା । କୁମାରଗୁପ୍ତଙ୍କ ରାଜତ୍ୱରେ ହୁଣ ନାମକ ଗୋଟିଏ ପ୍ରବଳ ଜାତି ଭାରତ ଆକ୍ରମଣ କରିଥିଲେ । କିନ୍ତୁ ସ୍କନ୍ଦଗୁପ୍ତଙ୍କ ଦ୍ୱାରା ପରାସ୍ତ ହୋଇ ପଳାଇଗଲେ । ସ୍କନ୍ଦଙ୍କ ମୃତ୍ୟୁପରେ ସେମାନେ 'ତୋରମନ' ନାମକ ରାଜାଙ୍କ ନେତୃତ୍ୱରେ ସୀମାନ୍ତପ୍ରଦେଶ, ପଞ୍ଜାବ, ରାଜପୁତାନା ଓ ମାଳବରେ ଆଧିପତ୍ୟ ବିସ୍ତାର କରିଥିଲେ । ତୋରମନଙ୍କ ପୁତ୍ର 'ମିହିରକୁଳ' ବାରମ୍ବାର ଆକ୍ରମଣ କରି ଗୁପ୍ତସାମ୍ରାଜ୍ୟ ଖଣ୍ଡବିଖଣ୍ଡ କରିଦେଲେ । ତାଙ୍କ ପ୍ରତାପରେ ଭାରତୀୟମାନେ ସନ୍ତ୍ରସ୍ତ ହୋଇ ପଡ଼ିଲେ । ଏପରି ଜାତୀୟ ଦୁର୍ଗତି ସମୟରେ ମାଳବର ଯଶୋଧର୍ମ ଦେବ ନାମକ ଜଣେ କ୍ଷମତାଶାଳୀ ହିନ୍ଦୁରାଜା ଗୁପ୍ତବଂଶୀୟ ନରସିଂହ ଗୁପ୍ତ ବାଳାଦିତ୍ୟଙ୍କ ସହିତ ମିଳିତ ହୋଇ ପ୍ରାୟ ଖ୍ରୀ: ଅ: ୫୩୦ ରେ ମିହିରକୁଳଙ୍କୁ ସମ୍ପୂର୍ଣ୍ଣରୂପେ ପରାସ୍ତ କରିଦେଲେ । ମିହିରକୁଳ ପରାସ୍ତ ହୋଇ କାଶ୍ମୀରକୁ ପଳାୟନ କଲେ । ଯଶୋଧର୍ମ ଦେବଙ୍କ ଦ୍ୱାରା ଭାରତରୁ ହୁଣମାନଙ୍କର କ୍ଷମତା ଉନ୍ମୂଳିତ ହୋଇଥିଲା । ସେ ଜଣେ ଦିଗ୍‌ବିଜୟୀ ସମ୍ରାଟ୍ ଥିଲେ । ସେ ଉତ୍ତରରେ ହିମାଳୟ, ଦକ୍ଷିଣରେ ଉତ୍କଳର ମହେନ୍ଦ୍ରପର୍ବତ, ପୂର୍ବରେ ବ୍ରହ୍ମପୁତ୍ର ଓ ପଶ୍ଚିମରେ ରାଜପୁତାନା ପର୍ଯ୍ୟନ୍ତ ରାଜ୍ୟ ବିସ୍ତାର କରିଥିଲେ । ସେ ଭାରତରେ ଜଣେ ଶ୍ରେଷ୍ଠ ରାଜା ଥିଲେ । ଉଜ୍ଜୟିନୀ ତାଙ୍କ ସାମ୍ରାଜ୍ୟର ରାଜଧାନୀ ଥିଲା । ତାଙ୍କ ମୃତ୍ୟୁପରେ ଯୁକ୍ତପ୍ରଦେଶରେ ମୌଖାରୀବଂଶ କିଛିକାଳ ପ୍ରବଳ ହୋଇଥିଲା । ଈଶାନ ବର୍ମନ୍ ମୌଖାରୀବଂଶର ଶ୍ରେଷ୍ଠ ରାଜା ଥିଲେ । ସେ ଉତ୍ତରଭାରତର ଅନେକ ରାଜ୍ୟ ଜୟ କରିଥିଲେ ।

**ହର୍ଷବର୍ଦ୍ଧନ**(ଖ୍ରୀ: ଅ: ୬୦୬—ଖ୍ରୀ: ଅ. ୬୪୭)— ଗୁପ୍ତବଂଶର ପତନପରେ ଥାନେଶ୍ୱରର ବର୍ଦ୍ଧନବଂଶର ସୌଭାଗ୍ୟ ଉଦୟ ହୋଇଥିଲା। ଏହି ବଂଶର ଚତୁର୍ଥ ରାଜା ପ୍ରଭାକର ବର୍ଦ୍ଧନ ଚକ୍ରବର୍ତ୍ତୀ ନୃପତି ଓ ପଞ୍ଜାବର ହୁଣମାନଙ୍କୁ ପରାସ୍ତ କରି ରାଜ୍ୟବିସ୍ତାର କରିଥିଲେ। ତାଙ୍କର ମୃତ୍ୟୁପରେ ତାଙ୍କ ପୁତ୍ର ରାଜ୍ୟବର୍ଦ୍ଧନ ରାଜା ହେଲେ। କିନ୍ତୁ ରାଜା ହେବାର ଅଳ୍ପକାଳପରେ ମାଳବର ରାଜା 'ଦେବଗୁପ୍ତ' ତାଙ୍କର ଭଗିନୀପତି କନୌଜର ମୌଖାରିବଂଶୀୟ ରାଜା 'ଗ୍ରହବର୍ମା'ଙ୍କୁ ବଧ କରି ରାଜ୍ୟଶ୍ରୀଙ୍କୁ ବନ୍ଦୀ କଲେ। ରାଜ୍ୟବର୍ଦ୍ଧନ ମାଳବରାଜାଙ୍କୁ ମାରିଥିଲେ, କିନ୍ତୁ ନିଜ ଭଗ୍ନୀ ରାଜ୍ୟଶ୍ରୀଙ୍କୁ ଉଦ୍ଧାର କରିପାରିଲେ ନାହିଁ। କାରଣ ସେ ଅଳ୍ପଦିନ ମଧ୍ୟରେ ମାଳବରାଜାଙ୍କ ମିତ୍ର ଗୌଡ଼ରାଜ ଶଶାଙ୍କଙ୍କ ଦ୍ୱାରା ନିହତ ହୋଇଥିଲେ। ତେଣୁ ତାଙ୍କର କନିଷ୍ଠ ଭ୍ରାତା ହର୍ଷବର୍ଦ୍ଧନ ୧୬ ବର୍ଷ ବୟସରେ ଖ୍ରୀ: ଅ: ୬୦୬ ରେ ଥାନେଶ୍ୱରର ରାଜା ହେଲେ।


ହର୍ଷ ରାଜା ହେବାମାତ୍ରେ ରାଜ୍ୟଶ୍ରୀଙ୍କୁ ଉଦ୍ଧାର କରିବା ପାଇଁ ଅଗ୍ରସର ହେଲେ। ଏଥିମଧ୍ୟରେ ରାଜ୍ୟଶ୍ରୀ କୌଣସି ପ୍ରକାରେ କାରାମୁକ୍ତ ହୋଇ ବିନ୍ଧ୍ୟପର୍ବତସ୍ଥ ଅରଣ୍ୟକୁ ପଳାଇ ଯାଇଥିଲେ। ସେଠାରେ ସେ ଅଗ୍ନିରେ ଝାସ ଦେଇ ଆତ୍ମହତ୍ୟା କରିବାକୁ ଉଦ୍ୟତ ହେବା ସମୟରେ ହର୍ଷ ସେଠାରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ଏହା ପରେ ସେ କାମରୂପର ରାଜା ଭାସ୍କରବର୍ମନଙ୍କ ସାହାଯ୍ୟରେ ବଙ୍ଗଳାର ରାଜା ଶଶାଙ୍କଙ୍କୁ ପରାସ୍ତ କରିଥିଲେ। ସେ ରାଜା ହେବାର ୬ ବର୍ଷ ମଧ୍ୟରେ ସମଗ୍ର ଆର୍ଯ୍ୟାବର୍ତ୍ତ ନିଜ କରଗତ କରିଥିଲେ। ଏହାପରେ ସେ ଦାକ୍ଷିଣାତ୍ୟ ଜୟ କରିବାକୁ ବାହାରିଲେ। ସେତେବେଳେ ଦାକ୍ଷିଣାତ୍ୟରେ ଚାଲୁକ୍ୟମାନେ ବିଶେଷ ପରାକ୍ରମଶାଳୀ ଥିଲେ। ଚାଲୁକ୍ୟରାଜ ଦ୍ୱିତୀୟ ପୁଲକେଶୀ ହର୍ଷଙ୍କୁ ସମ୍ପୂର୍ଣ୍ଣରୂପେ ପରାସ୍ତ କରିଥିଲେ। ନର୍ମଦା ଦୁହିଙ୍କ ରାଜ୍ୟର ସୀମାରୂପେ ନିର୍ଦ୍ଦିଷ୍ଟ ହେଲା। ରାଜ୍ୟଶାସନର ସୁବିଧା ପାଇଁ ସେ

ଥାନେଶ୍ୱର ପରିବର୍ତ୍ତେ କାନ୍ୟକୁବ୍ଜକୁ ରାଜଧାନୀ କରିଥିଲେ । ୬୧୨ ଖ୍ରୀଷ୍ଟାବ୍ଦରେ ସେ କୋଙ୍ଗଦରାଜ୍ୟ ( ଅଧୁନିକ ଗଞ୍ଜାମ ଜିଲ୍ଲାର ଉତ୍ତରାଂଶ ଓ ପୁରୀ ଜିଲ୍ଲା ) ଜୟ କରିବାକୁ ଆସିଥିଲେ । କିନ୍ତୁ ଉତ୍କଳର ଏହି କ୍ଷୁଦ୍ର ରାଜ୍ୟର ଲୋକମାନେ ମଧ୍ୟ ତାଙ୍କର ପୂର୍ଣ୍ଣ ଅଧୀନତା ସ୍ୱୀକାର କରି ନ ଥିଲେ । ସେ ରାଜତ୍ୱର ଶେଷବେଳକୁ 'ମଗଧ-ସମ୍ରାଟ୍' ଉପାଧି ଧାରଣ କରି-ଥିଲେ । ସେ ଦ୍ୱିତୀୟ ଶିଲାଦିତ୍ୟ ନାମରେ ମଧ୍ୟ ପରିଚିତ । ତାଙ୍କ ସାମ୍ରାଜ୍ୟ ହିମାଳୟଠାରୁ ନର୍ମଦା ନଦୀ ପର୍ଯ୍ୟନ୍ତ ଏବଂ ଆସାମଠାରୁ ରାଜପୁତାନା ଓ ଯମୁନା ନଦୀ ପର୍ଯ୍ୟନ୍ତ ବିସ୍ତୃତ ଥିଲା । ଚୀନ ସମ୍ରାଟ୍ ଓ ହର୍ଷ ପରସ୍ପରଙ୍କ ରାଜସଭାକୁ ଦୂତ ପ୍ରେରଣ କରିଥିଲେ । ତାଙ୍କ ରାଜତ୍ୱ ଆରମ୍ଭ (ଖ୍ରୀ: ଅ: ୬୦୬) ରୁ ହର୍ଷାବ୍ଦ ନାମକ ଗୋଟିଏ ଅବ୍ଦ ଚଳିଥିବାର କୁହାଯାଏ ।



ହର୍ଷବର୍ଦ୍ଧନ

ହର୍ଷ ପ୍ରଥମେ ଶୈବ ଥିଲେ । କିନ୍ତୁ ପରେ ବୌଦ୍ଧ ହୋଇ ଏହି ଧର୍ମର ଉନ୍ନତି ପାଇଁ ବିଶେଷ ଚେଷ୍ଟା କରିଥିଲେ । ସେ ଯେପରି ସମର-କୁଶଳ, ସେହିପରି ବିଚକ୍ଷଣ ପଣ୍ଡିତ ଓ ସୁଲେଖକ ଥିଲେ । ନାଗାନନ୍ଦ, ରତ୍ନାବଳୀ ପ୍ରଭୃତି ନାଟକମାନ ତାଙ୍କଦ୍ୱାରା ବିରଚିତ । ପ୍ରସିଦ୍ଧ ସଂସ୍କୃତ ଉପନ୍ୟାସ 'କାଦମ୍ବରୀ' ଓ 'ହର୍ଷଚରିତ' ପ୍ରଣେତା ବାଣଭଟ୍ଟ ତାଙ୍କର ସଭାକବି ଥିଲେ । ତାଙ୍କ ରାଜତ୍ୱରେ ଚୀନ୍ ପରିବ୍ରାଜକ ହିଏନସାଂ ଭାରତକୁ ଆସିଥିଲେ । ସେ ଫାହିଅନଙ୍କ ପରି ଗୋଟିଏ ବିସ୍ତୃତ ଭ୍ରମଣ ବୃତ୍ତାନ୍ତ




ଲେଖିଛନ୍ତି । ସେଥିରୁ ଭାରତର ତତ୍କାଳୀନ ସମାଜ, ଧର୍ମ ଓ ରାଜନୈତିକ ଅବସ୍ଥା ସମ୍ବନ୍ଧେ ବିଶେଷ ବିବରଣ ମିଳେ ।

**ହୁଏନ୍‌ସାଂଙ୍କ ଭାରତ ଭ୍ରମଣ ବୃତ୍ତାନ୍ତ**—ହୁଏନ୍‌ସାଂ ଭାରତର ବୌଦ୍ଧ-ତୀର୍ଥମାନ ପରିଦର୍ଶନ ଓ ଧର୍ମଶାସ୍ତ୍ର ଅଧ୍ୟୟନ କରିବା ପାଇଁ ଉତ୍ତର-ପଶ୍ଚିମ ଗିରିପଥରେ ଭାରତକୁ ଆସିଥିଲେ । ସେ ଭାରତରେ ପ୍ରାୟ ଖ୍ରୀ: ଅ: ୬୩୦ ରୁ ଖ୍ରୀ: ଅ: ୬୪୩ ପର୍ଯ୍ୟନ୍ତ ରହିଥିଲେ । ସେ ସମଗ୍ର ଭାରତ ପରିଭ୍ରମଣ କରି ବିଭିନ୍ନ ରାଜ୍ୟ, ରାଜବଂଶ, ହିନ୍ଦୁ ଓ ବୌଦ୍ଧ ପୀଠମାନଙ୍କ ସମ୍ବନ୍ଧରେ ଅନେକ ବିଷୟ ଲେଖିଥିଲେ । ସେ ହର୍ଷଙ୍କର ଜଣେ ପରମ ବନ୍ଧୁ ଥିଲେ ଓ ତାଙ୍କର ରାଜସଭାରେ କିଛିକାଳ କଟାଇ ଥିଲେ । ସେ ଲେଖିଛନ୍ତି, ହର୍ଷ ଦୟାଳୁ ଓ ଧର୍ମପରାୟଣ ଥିଲେ । ସେ ବୌଦ୍ଧ ଥିଲେ ମଧ୍ୟ ଅନ୍ୟ କୌଣସି ଧର୍ମ ପ୍ରତି ଅନାସ୍ଥା ବା ଅନାଦର ପ୍ରକାଶ କରୁ ନ ଥିଲେ । ପ୍ରୟାଗ ବା ଏଲ୍‌ହାବାଦରେ ହର୍ଷ ପ୍ରତି ପାଞ୍ଚବର୍ଷରେ ଗୋଟିଏ ବିରାଟ ବୌଦ୍ଧସଭା ବସାଉଥିଲେ । ଧର୍ମାଲୋଚନା ଓ ଲୋକମାନଙ୍କୁ ଧର୍ମ ଉପଦେଶ ଦେବା ଏହି ସଭାର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଏହି ସଭାକୁ ତାଙ୍କର ଅଧୀନସ୍ଥ ରାଜାମାନେ ଓ ବିଭିନ୍ନ ରାଜ୍ୟରୁ ପ୍ରସିଦ୍ଧ ପଣ୍ଡିତମାନେ ଆହୂତ ହେଉଥିଲେ । ଏହି ସଭା ଶେଷରେ ସେ ନିଜ ରାଜ୍ୟ ଓ ସେନା ବ୍ୟତୀତ ରାଜକୋଷରେ ସଞ୍ଚିତ ସମସ୍ତ ଧନରତ୍ନ ଏପରି କି ନିଜର ପୋଷାକ ପରିଚ୍ଛଦ ମଧ୍ୟ ବୌଦ୍ଧ ସନ୍ନ୍ୟାସୀ ଓ ଦରିଦ୍ର ଲୋକମାନଙ୍କୁ ଦାନ କରୁଥିଲେ ।

ହର୍ଷଙ୍କର ପ୍ରକାଣ୍ଡ ସେନା ଥିଲା । ତାଙ୍କର ଶାସନ କଠୋର ଥିଲା ଓ ରାଜ୍ୟର ସୁଶାସନ ନିମିତ୍ତ ସେ ସ୍ୱୟଂ ସମସ୍ତ ବିଭାଗର ତତ୍ତ୍ୱ ନେଉଥିଲେ । ବର୍ଷାଋତୁ ବ୍ୟତୀତ ବର୍ଷର ଅନ୍ୟ ସମୟରେ ସେ ରାଜ୍ୟର ଚାରିଆଡ଼େ ଗସ୍ତ କରି ପ୍ରଜାଙ୍କ ହାଲଚାଲ ବୁଝୁଥିଲେ । ରାଜ୍ୟରେ କରପୀଡ଼ା ବେଠି ଇତ୍ୟାଦି ନ ଥିଲା । ପ୍ରଜାମାନେ ଉତ୍ପନ୍ନ ଶସ୍ୟର ଏକଷଷ୍ଠାଂଶ କରସ୍ୱରୂପ ଦେଉଥିଲେ । କର୍ମଚାରୀମାନଙ୍କୁ ବେତନ ପରିବର୍ତ୍ତରେ ଭୂମିଦାନ କରା

ହେଉଥିଲା । ରାଜା ଭୂରାଜସ୍ୱକୁ ନିଜର ବ୍ୟୟ, ଶାସନପରିଚାଳନ, ପଣ୍ଡିତମାନଙ୍କର ପୋଷଣ ଓ ଅନ୍ୟ ବହୁବିଧ ସତ୍‌କାର୍ଯ୍ୟରେ ବ୍ୟୟ କରୁଥିଲେ ।

ପାଟଳୀପୁତ୍ର ନଗରୀ କ୍ରମଶଃ ଧ୍ୱଂସପ୍ରାପ୍ତ ହେଉଥିଲା । କିନ୍ତୁ ହର୍ଷଙ୍କ ରାଜଧାନୀ କାନ୍ୟକୁବ୍‌ଜ ଭାରତର ଗୋଟିଏ ଶ୍ରେଷ୍ଠ ନଗରୀ ଥିଲା । ପାଟଳୀପୁତ୍ରର ୧୭ଶ କୋଶ ଦକ୍ଷିଣରେ ନାଳନ୍ଦା ନାମକ ଗୋଟିଏ ପ୍ରସିଦ୍ଧ ବିଦ୍ୟାପୀଠ ବା ବିଶ୍ୱବିଦ୍ୟାଳୟ ଥିଲା । ଭାରତର ସର୍ବାଞ୍ଚଳରୁ ଓ ସୁଦୂର ଚୀନ, ଶ୍ୟାମ ପ୍ରଭୃତି ଦେଶରୁ ଶତ ଶତ ଛାତ୍ର ସେଠାକୁ ପଢ଼ିବାକୁ ଆସୁଥିଲେ । ଦଶ ହଜାର ଛାତ୍ର ରହିବାପାଇଁ ସେଠାରେ ଗୋଟିଏ ଛାତ୍ରାବାସ ଥିଲା । ସେମାନେ ବିନା ବେତନରେ ପାଠ ପଢ଼ୁଥିଲେ । ସେମାନଙ୍କର ଭରଣ ପୋଷଣର ବ୍ୟୟ ରାଜକୋଷରୁ ନିର୍ବାହିତ ହେଉଥିଲା । ସେଠାରେ କେତୋଟି ବଡ଼ ପୁସ୍ତକାଗାର ମଧ୍ୟ ଥିଲା ଏବଂ ବହୁବିଷୟରେ ଶିକ୍ଷା ଦିଆ ଯାଉଥିଲା । ଏପରି ଆଦର୍ଶ ବିଶ୍ୱବିଦ୍ୟାଳୟ ଏ ଯୁଗରେ ମଧ୍ୟ ପୃଥିବୀରେ କ୍ୱଚିତ୍ ଦେଖାଯାଏ । ହୁଏନ୍‌ସାଂଙ୍କ ସମୟରେ ଉତ୍କଳ ପ୍ରଦେଶ କୋଙ୍ଗଦ, କଳିଙ୍ଗ, ଓଡ୍ର ଓ କୋଶଳ ନାମକ ଚାରି-ଭାଗରେ ବିଭକ୍ତ ହୋଇଥିଲା । ପୁଷ୍ପଗିରି ( କଟକ ଜିଲ୍ଲାର ଲଳିତଗିରି ଓ ରତ୍ନଗିରି) ଓ ସମ୍ବଲପୁର ଅଞ୍ଚଳରେ ପରିମଳଗିରି (ସମ୍ଭବତଃ ଗନ୍ଧମାଦନ ପର୍ବତ) ଉତ୍କଳର ପ୍ରସିଦ୍ଧ ବୌଦ୍ଧପୀଠ ଥିଲା । ~~ପୁରୀ ଜିଲ୍ଲାର~~ ସମୁଦ୍ର କୂଳରେ 'ଚେଲିତାଲୋ' (~~କୋଣାର୍କ~~ ) ନାମକ ଗୋଟିଏ ପ୍ରସିଦ୍ଧ ବନ୍ଦର ଥିଲା । ଦାକ୍ଷିଣାତ୍ୟରେ ଚାଲୁକ୍ୟମାନେ ବିଶେଷ କ୍ଷମତାଶାଳୀ ଥିଲେ । ମାଳବ ଓ ମଗଧରେ ବିଦ୍ୟାର ଯଥେଷ୍ଟ ଆଦର ଥିଲା । ଗୁଜରାଟ ଧନାଢ଼୍ୟ ବଣିକ-ମାନଙ୍କର ବାସଭୂମି ଥିଲା ।

# ଦ୍ୱାଦଶ ଅଧ୍ୟାୟ

## ~~ହର୍ଷଙ୍କ ପରେ ଉତ୍ତର ଓ ଦକ୍ଷିଣ ଭାରତର ଅବସ୍ଥା~~

**ରାଜପୁତ ଜାତିର ଅଭ୍ୟୁଦୟ**—ହର୍ଷଙ୍କର କେହି ଉତ୍ତରାଧିକାରୀ ନ ଥିବାରୁ ତାଙ୍କର ସାମ୍ରାଜ୍ୟ କ୍ଷୁଦ୍ର କ୍ଷୁଦ୍ର ସ୍ୱାଧୀନ ରାଜ୍ୟରେ ବିଭକ୍ତ ହୋଇଥିଲା । ସେହି ସମୟରେ ରାଜପୁତମାନେ ପଶ୍ଚିମ ଭାରତରେ ବିଶେଷ କ୍ଷମତାଶାଳୀ ହୋଇ ଉଠିଲେ । ସେମାନେ ଭାରି ସାହସୀ, ଯୋଦ୍ଧା ଥିଲେ ଏବଂ ଆବାଲବୃଦ୍ଧବନିତା ସତ୍ୟ, ନ୍ୟାୟ ଓ ସ୍ୱାଧୀନତା ପାଇଁ ଯୁଦ୍ଧ କରିବାକୁ ସର୍ବଦା ପ୍ରସ୍ତୁତ ଥିଲେ । ପରବର୍ତ୍ତୀ କାଳରେ ସେମାନେ ହିନ୍ଦୁଧର୍ମ ଓ ଭାରତର ସ୍ୱାଧୀନତା ରକ୍ଷା ପାଇଁ ମୁସଲମାନମାନଙ୍କ ସହିତ ବହୁଶତାବ୍ଦୀ ପର୍ଯ୍ୟନ୍ତ ପ୍ରବଳ ଯୁଦ୍ଧ କରିଥିଲେ । ସେମାନେ ନିଜକୁ ସୂର୍ଯ୍ୟବଂଶୀ ଓ ଚନ୍ଦ୍ରବଂଶୀ କ୍ଷତ୍ରିୟ ବୋଲି କହନ୍ତି ।

ସେମାନଙ୍କର ଉତ୍ପତ୍ତି ସମ୍ବନ୍ଧରେ ଭିନ୍ନ ମତ ଦେଖାଯାଏ । କେତେକ ପଣ୍ଡିତଙ୍କ ମତରେ ଭାରତକୁ ଆସିଥିବା ଶକ, ହୂଣ, ପହ୍ଲବ ପ୍ରଭୃତି ବୈଦେଶିକ ଜାତିମାନେ ରାଜପୁତାନା ଅଞ୍ଚଳରେ ବସତି ସ୍ଥାପନ କଲେ ଓ କାଳକ୍ରମେ ହିନ୍ଦୁଧର୍ମ ଓ ସଭ୍ୟତା ଗ୍ରହଣ କରିଥିଲେ । ସେମାନଙ୍କର ବୀରତ୍ୱ ଓ ଯୁଦ୍ଧକୌଶଳ ଯୋଗୁଁ ସେମାନେ କ୍ଷତ୍ରିୟ, ରାଜପୁତ ବା ରାଜପୁତ୍ର ନାମ ଗ୍ରହଣ କରିଥିଲେ । ସେମାନଙ୍କୁ ସଂସ୍କାର କରି ହିନ୍ଦୁସମାଜଭୁକ୍ତ କରିବାପାଇଁ ଆବୁ ପର୍ବତ ଶିଖରରେ ଗୋଟିଏ ବିରାଟ ଯଜ୍ଞ ହୋଇଥିଲା । ଅଗ୍ନିକୁଳ ରାଜପୁତମାନେ ଅଗ୍ନି କୁଣ୍ଡରୁ ବାହାରି ଥିବାର କିମ୍ବଦନ୍ତୀ ଅଦ୍ୟାପି ପ୍ରଚଳିତ ଅଛି । ଅନ୍ୟ କେତେକଙ୍କ ମତରେ ରାଜପୁତମାନେ ପ୍ରାଚୀନ ଭାରତୀୟ କ୍ଷତ୍ରିୟମାନଙ୍କର ବଂଶଧର । କାଳକ୍ରମେ ନବାଗତ ଶକ, ହୂଣ ପ୍ରଭୃତି ବୈଦେଶିକ ଜାତିମାନେ କ୍ଷତ୍ରିୟତ୍ୱ ପ୍ରାପ୍ତ ହୋଇ ପ୍ରାଚୀନ ରାଜପୁତମାନଙ୍କ ସହିତ ମିଶିଯାଇଥିଲେ ।

ସେମାନଙ୍କର ଉତ୍ତରର ଇତିହାସ ଯାହାହେଉ ପଛକେ ୮ମ ଶତାବ୍ଦୀ ପ୍ରାରମ୍ଭରୁ ରାଜପୁତ ଜାତିର ବିଭିନ୍ନ ଶାଖା ଭାରତର ବିଭିନ୍ନ ପ୍ରଦେଶରେ ନିଜର ଅଧିପତ୍ୟ ସ୍ଥାପନ କରିଥିଲେ । ଚୌହାନ, ରାଠୋର, ଶିଶୋଦୀୟ, ଚନ୍ଦେଲ, ବଘେଲ, ଗୁର୍ଜର-ପ୍ରତିହାର, ପାରମାର, ଶୋଲଙ୍କି ପ୍ରଭୃତି ରାଜପୁତ ଜାତିର ଭିନ୍ନ ଭିନ୍ନ ଶାଖା ଅଟେ ।

**କନୌଜର ଗୁର୍ଜର-ପ୍ରତିହାର ବଂଶ**—ନବମ ଶତାବ୍ଦୀରେ ଗୁର୍ଜର-ପ୍ରତିହାରମାନେ ପ୍ରବଳ ହୋଇ ଉତ୍ତର-ଭାରତରେ ଗୋଟିଏ ସାମ୍ରାଜ୍ୟ ପ୍ରତିଷ୍ଠା କରିଥିଲେ । ଏହି ବଂଶର ଜଣେ ରାଜା ଦ୍ୱିତୀୟ ନାଗଭଟ୍ଟ ପ୍ରାୟ (ଖ୍ରୀ: ଅ: ୮୧୫—୮୩୩) ବଙ୍ଗଳାର ପାଳରାଜାଙ୍କୁ ପରାସ୍ତ କରି କନୌଜ ଅଧିକାର କରିଥିଲେ । ପ୍ରଥମ ଭୋଜ ପ୍ରାୟ ଖ୍ରୀ: ଅ: ୮୩୬ରୁ ୮୯୩ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ତାଙ୍କର ରାଜ୍ୟ ବଙ୍ଗଳାଠାରୁ ପଞ୍ଜାବ ପର୍ଯ୍ୟନ୍ତ ବିସ୍ତୃତ ଥିଲା । ଉତ୍ତରରେ କାଶ୍ମୀରରାଜ ଓ ଦକ୍ଷିଣରେ ରାଷ୍ଟ୍ରକୂଟମାନଙ୍କ ପ୍ରବଳ ପ୍ରତିରୋଧ ଯୋଗୁଁ ସେ ନିଜ ସାମ୍ରାଜ୍ୟ ଅଧିକ ବଢ଼ାଇ ପାରିଲେ ନାହିଁ । ତାଙ୍କ ପରେ ତାଙ୍କ ପୁତ୍ର ମହେନ୍ଦ୍ରପାଳ (ପ୍ରାୟ ଖ୍ରୀ: ଅ: ୮୯୩—୯୦୭) ରାଜା ହେଲେ । ସେ ଏହି ବଂଶର ଶ୍ରେଷ୍ଠ ରାଜା । ସେ ପଶ୍ଚିମରେ ଗୁଜରାଟ ଓ ପୂର୍ବରେ ବଙ୍ଗଦେଶ ଜୟ କରି ନିଜ ରାଜ୍ୟ ସହିତ ମିଶାଇ ଥିଲେ । ତାଙ୍କ ସଭାରେ 'ରାଜ-ଶେଖର' ନାମକ ଜଣେ ପ୍ରସିଦ୍ଧ ପଣ୍ଡିତ ଥିଲେ । ତାଙ୍କ ପରେ ଏହି ବଂଶ ଦୁର୍ବଳ ହୋଇ ପଡ଼ିଲା । ରାଷ୍ଟ୍ରକୂଟବଂଶୀୟ 'ତୃତୀୟ ଇନ୍ଦ୍ର' ପ୍ରତିହାର ସାମ୍ରାଜ୍ୟକୁ ଧ୍ୱଂସ କରିଥିଲେ । ଏହା କ୍ଷୁଦ୍ର କ୍ଷୁଦ୍ର ରାଜ୍ୟରେ ବିଭକ୍ତ ହୋଇ ବିଭିନ୍ନ ରାଜପୁତ ରାଜବଂଶ ଦ୍ୱାରା ଶାସିତ ହେଲା । ପ୍ରତିହାର ବଂଶୀୟ ରାଜାମାନେ କନୌଜର ଚତୁର୍ଦ୍ଦିଗବର୍ତ୍ତୀ ଖଣ୍ଡିଏ କ୍ଷୁଦ୍ର ଭୂଖଣ୍ଡରେ ରାଜତ୍ୱ କଲେ । ଏହି ବଂଶର ଶେଷ ରାଜା ରାଜ୍ୟପାଳ ଖ୍ରୀ: ଅ: ୧୦୧୮ ରେ ମାମୁଦ ଗଜନୀଙ୍କଦ୍ୱାରା ନିହତ ହୋଇଥିଲେ । ପ୍ରତିହାର-

ତାନଙ୍କ ଭୀଷଣ ପ୍ରତିରୋଧ ଯୋଗୁଁ ସିନ୍ଧୁ ପ୍ରଦେଶ ବାହାରେ ଆରବ-ମାନଙ୍କର ରାଜ୍ୟ ବିସ୍ତାର କଳନା ବିଫଳ ହୋଇଥିଲା ।

**କନୌଜର ରାଠୋର ବଂଶ**—ପ୍ରତିହାର ବଂଶର ପତନ ପରେ ରାଠୋର ବଂଶୀୟ ରାଜାମାନେ କନୌଜ ଅଧିକାର କଲେ । ଗୋବିନ୍ଦଚନ୍ଦ୍ର (ପ୍ରାୟ ଖ୍ରୀ: ଅ. ୧୧୧୪—୧୧୫୪) ଏହି ବଂଶର ଶ୍ରେଷ୍ଠ ରାଜା । ସେ ସମୀପବର୍ତ୍ତୀ ରାଜ୍ୟମାନ ଜୟକରି ଗୋଟିଏ କ୍ଷୁଦ୍ର ସାମ୍ରାଜ୍ୟ ପ୍ରତିଷ୍ଠା କରିଥିଲେ । ସେ ମୁସଲମାନ ଆକ୍ରମଣର ପ୍ରତିରୋଧ କରିଥିଲେ ଓ ହିନ୍ଦୁଧର୍ମର ପ୍ରଧାନ ପୃଷ୍ଠପୋଷକ ଥିଲେ । ଜୟଚନ୍ଦ୍ର (ଖ୍ରୀ: ଅ: ୧୧୭୦—୧୧୯୪) ଏହି ବଂଶର ଅନ୍ୟ ଜଣେ ଶ୍ରେଷ୍ଠ ରାଜା । ପୃଥ୍ୱୀରାଜଙ୍କ ସହିତ ତାଙ୍କର କଳହଯୋଗୁଁ ମହମ୍ମଦଘୋରି ଭାରତ ଆକ୍ରମଣ କରିବାର ସୁଯୋଗ ପାଇଲେ । ପରିଶେଷରେ ଜୟଚନ୍ଦ୍ର ଘୋରିଙ୍କ ଦ୍ୱାରା ନିହତ ହେଲେ ଓ କନୌଜ ରାଜ୍ୟ ମୁସଲମାନ ଅଧିକୃତ ହେଲା ।

**ବିହାର ଓ ବଙ୍ଗଳାର ପାଳ ବଂଶ**—ବିହାର ଓ ବଙ୍ଗଳାରେ ପାଳବଂଶୀୟ ରାଜାମାନେ ଅଷ୍ଟମ ଶତାବ୍ଦୀରୁ ପ୍ରାୟ ୩୦୦ ବର୍ଷ ରାଜତ୍ୱ କରିଥିଲେ । ଗୋପାଳ ଏହି ବଂଶର ପ୍ରତିଷ୍ଠାତା । ତାଙ୍କ ପୁତ୍ର ଧର୍ମପାଳ ଉତ୍ତର ଭାରତର ଅନେକ ରାଜ୍ୟ ଜୟ କରିଥିଲେ । ସେ ପାଟଳୀପୁତ୍ର-ଠାରେ ଗୋଟିଏ ଦୁର୍ଗ ଓ ଭାଗଲପୁର ନିକଟରେ ବିକ୍ରମଶିଳା ବିଦ୍ୟାପୀଠ ନିର୍ମାଣ କରିଥିଲେ । କିନ୍ତୁ ରାଷ୍ଟ୍ରକୁଟ ଓ ପ୍ରତିହାର ବଂଶୀୟ ରାଜାଙ୍କ ଦ୍ୱାରା ପରାସ୍ତ ହେବାରୁ ତାଙ୍କର ବିଶାଳ ରାଜ୍ୟ ସଙ୍କୁଚିତ ହୋଇଥିଲା । ତାଙ୍କ ପୁତ୍ର ଦେବପାଳ ପିତାଙ୍କ ପରି ଜଣେ କ୍ଷମତାଶାଳୀ ରାଜା ଥିଲେ । ସେ ଉତ୍କଳ ଓ ଆସାମ ଜୟ କରିଥିଲେ । ସେ ମୁଙ୍ଗେରଠାରେ ଗୋଟିଏ ଦୁର୍ଗ ନିର୍ମାଣ କରିଥିଲେ ଏବଂ ସୁମାତ୍ରା ଦ୍ୱୀପର ରାଜାଙ୍କ ସହିତ ସମ୍ବନ୍ଧ ପ୍ରତିଷ୍ଠା କରିଥିଲେ । ରାମପାଳ (ପ୍ରାୟ ଖ୍ରୀ: ଅ: ୧୦୮୪—୧୧୩୦)

ପାଲବଂଶର ଶେଷ କ୍ଷମତାଶାଳୀ ରାଜା । ତାଙ୍କ ମୃତ୍ୟୁର ଅଳ୍ପକାଳ ପରେ ସେନବଂଶୀୟ ରାଜାମାନେ ବଙ୍ଗଦେଶ ଅଧିକାର କଲେ । କିନ୍ତୁ ପାଲବଂଶ ରାଜାମାନେ ମୁସଲମାନ ବିଜୟ ପର୍ଯ୍ୟନ୍ତ ବିହାରରେ ରାଜତ୍ୱ କରୁଥିଲେ । ପାଲମାନେ ବୌଦ୍ଧ ଥିଲେ ଓ ବୌଦ୍ଧଧର୍ମର ଉନ୍ନତିପାଇଁ ବିଶେଷ ଚେଷ୍ଟା କରିଥିଲେ । କିନ୍ତୁ ସେମାନେ ବ୍ରାହ୍ମଣମାନଙ୍କୁ ବହୁ ଭୂମି ବୃତ୍ତି ଦାନ କରୁଥିଲେ । ସେମାନଙ୍କ ରାଜତ୍ୱକାଳରେ ବିହାର ଓ ବଙ୍ଗଳାର ଶିଳ୍ପ, ଶିକ୍ଷା ଓ ସଭ୍ୟତାର ବିଶେଷ ଉନ୍ନତି ହୋଇଥିଲା ।

**ବଙ୍ଗଳାର ସେନବଂଶ**—ସେନମାନେ ଦାକ୍ଷିଣାତ୍ୟରୁ ଆସି ଦ୍ୱାଦଶ ଶତାବ୍ଦୀରେ ବଙ୍ଗଳାରେ ଆଧିପତ୍ୟ ବିସ୍ତାର କରିଥିଲେ । ବିଜୟ ସେନ, ବଲ୍ଲାଲ ସେନ ଓ ଲକ୍ଷ୍ମଣ ସେନ ଏହି ବଂଶର ତିନିଜଣ ପ୍ରସିଦ୍ଧ ରାଜା । ବଲ୍ଲାଲ ସେନ ବଙ୍ଗଳାରେ କୌଳିନ୍ୟ ପ୍ରଥା ପ୍ରଚଳନ କରିଥିଲେ । ଲକ୍ଷ୍ମଣ ସେନ ସେନବଂଶର ଶେଷ ରାଜା । ମହମ୍ମଦ-ବିନ-ବକ୍ତିୟାରଙ୍କ ଦ୍ୱାରା ପରାସ୍ତ ହୋଇ ସେ ଉତ୍କଳକୁ ପଳାଇ ଆସିଥିଲେ ଓ ବଙ୍ଗଳାରେ ମୁସଲମାନ ରାଜତ୍ୱ ପ୍ରତିଷ୍ଠିତ ହେଲା । ସେନବଂଶୀୟ ରାଜାମାନେ ପୂର୍ବବଙ୍ଗରେ ତ୍ରୟୋଦଶ ଶତାବ୍ଦୀର ମଧ୍ୟଭାଗ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ ।

**ଜେଜାକଭୁକ୍ତିର ଚନ୍ଦେଲ ବଂଶ**—ଜେଜାକଭୁକ୍ତି ବା ବୁନ୍ଦେଲଖଣ୍ଡରେ ଚନ୍ଦେଲ ରାଜପୁତମାନେ ପ୍ରତିହାର ସାମ୍ରାଜ୍ୟର ପତନ ପରେ କ୍ଷମତାଶାଳୀ ହୋଇ ଉଠିଲେ । ଯଶୋବର୍ମନ୍ ଏହି ବଂଶର ପ୍ରଥମ ଶ୍ରେଷ୍ଠ ରାଜା । ସେ କାଲଞ୍ଜର ଦୁର୍ଗ ଅଧିକାର କରିଥିଲେ । ତାଙ୍କ ପୁତ୍ର ଧଙ୍ଗ ( ପ୍ରାୟ ଖ୍ରୀ: ଅ: ୯୫୦—୯୯୮ ) ଯମୁନାଠାରୁ ନର୍ମଦା ପର୍ଯ୍ୟନ୍ତ ରାଜ୍ୟ ବିସ୍ତାର କରିଥିଲେ । ସେ ଖଜୁରାଓ ନାମକ ସ୍ଥାନରେ ଅନେକ ସୁନ୍ଦର ମନ୍ଦିର ନିର୍ମାଣ କରିଥିଲେ । ଏହି ବଂଶର ଶେଷ ପ୍ରସିଦ୍ଧ ରାଜା ପରମାର୍ଦ୍ଦିଦେବ ଖ୍ରୀ: ଅ: ୧୨୦୨ ରେ କୁତବୁଦ୍ଦିନଙ୍କ ଦ୍ୱାରା ପରାସ୍ତ ହୋଇଥିଲେ । ତଥାପି ମୋଗଲ ରାଜତ୍ୱ ପର୍ଯ୍ୟନ୍ତ ଚନ୍ଦେଲମାନଙ୍କ କ୍ଷମତା

ଅଧୀନସ୍ଥ ଥିଲା । କାଲିଞ୍ଜର, ଖଜୁରାହୋ ଓ ମହୋବା ନାମକ ତିନୋଟି ସ୍ଥାନ ଚନ୍ଦେଲରାଜ୍ୟର ପ୍ରଧାନ କେନ୍ଦ୍ର ଥିଲା ।

**ଡାହଲର ଚେଦୀ ବଂଶ**—ଚେଦୀମାନେ ଭାରତର ଗୋଟିଏ ପ୍ରାଚୀନ ରାଜବଂଶ । ସେମାନେ ହୈହୟ ଓ କାଲଚୁରି ନାମରେ ମଧ୍ୟ ପରିଚିତ ଥିଲେ । ତ୍ରିପୁରୀ ବା ଜବଲପୁରର ଚତୁର୍ଦ୍ଦିଗବର୍ତ୍ତୀ ଡାହଲ ନାମକ ରାଜ୍ୟରେ ନବମ ଶତାବ୍ଦୀରେ ସେମାନେ କ୍ଷମତାଶାଳୀ ହୋଇ ଉଠିଲେ । ଗାଙ୍ଗେୟ ଦେବ ( ପ୍ରାୟ ଖ୍ରୀ: ଅ: ୧୦୧୫—୧୦୦୮ ) ଏହି ବଂଶର ଶ୍ରେଷ୍ଠ ରାଜା । ସେ ପାଲ, ପ୍ରତିହାର, ଚାଲୁକ୍ୟ ବଂଶୀୟ ରାଜାମାନଙ୍କୁ ପରାସ୍ତ କରି ବିକ୍ରମାଦିତ୍ୟ ଉପାଧି ଗ୍ରହଣ କରିଥିଲେ । ତାଙ୍କ ପୁତ୍ର କର୍ଣ୍ଣ କନୌଜଠାରୁ କଳିଙ୍ଗ ପର୍ଯ୍ୟନ୍ତ ବିସ୍ତୃତ ରାଜ୍ୟର ଅଧିପତି ଥିଲେ । ଚେଦୀବଂଶର ଗୋଟିଏ ଶାଖା ବିଲାସପୁର ନିକଟବର୍ତ୍ତୀ ରତ୍ନପୁରରେ ବହୁବର୍ଷକାଳ ରାଜତ୍ୱ କରିଥିଲେ । ଯାଦବମାନେ ତ୍ରିପୁରୀର ଚେଦୀମାନଙ୍କ କ୍ଷମତା ଧ୍ୱଂସ କରିଥିଲେ ।

**ମାଲବର ପାରମାର ବଂଶ**—ପାରମାର ବଂଶ ନବମ ଶତାବ୍ଦୀରେ ମାଲବରେ ନିଜ ଆଧିପତ୍ୟ ପ୍ରତିଷ୍ଠା କରିଥିଲେ । ଧାରା ଏହି ରାଜ୍ୟର ରାଜଧାନୀ ଥିଲା । ମୁଞ୍ଜ ( ଖ୍ରୀ: ଅ: ୯୭୦ ) ଏହି ବଂଶର ପ୍ରଥମ କ୍ଷମତାଶାଳୀ ରାଜା ଓ ପ୍ରଥମ ଭୋଜ (ପ୍ରାୟ ଖ୍ରୀ: ଅ: ୧୦୧୮—୧୦୫୫) ଏହି ବଂଶର ଶ୍ରେଷ୍ଠ ରାଜା । ସେ ମୁସଲମାନଙ୍କ ଆକ୍ରମଣର ପ୍ରତିରୋଧ କରିଥିଲେ ଓ କଙ୍କଣ ପ୍ରଦେଶ ଜୟ କରିଥିଲେ । ଭୋଜ ଜଣେ ଅଦ୍ୱିତୀୟ ପଣ୍ଡିତ ଥିଲେ ଓ କାବ୍ୟ, ଅଳଙ୍କାର, ଦର୍ଶନ, ରାଜନୀତି, ଶିଳ୍ପ, ଜ୍ୟୋତିଷରେ ତାଙ୍କର ଅସାଧାରଣ ବ୍ୟୁତ୍ପତ୍ତି ଥିଲା । ସେ ଧାରା ନଗରୀରେ ଗୋଟିଏ ସଂସ୍କୃତ ବିଦ୍ୟାପୀଠ ପ୍ରତିଷ୍ଠା କରିଥିଲେ ଏବଂ ତାଙ୍କ ରାଜତ୍ୱରେ ଏହି ଭାରତରେ ବିଦ୍ୟାଚର୍ଚ୍ଚାର ପ୍ରସିଦ୍ଧ କେନ୍ଦ୍ର ବୋଲି ଖ୍ୟାତି ଲାଭ

କରିଥିଲା । ତାଙ୍କ ପରେ ଏହି ବଂଶ ଦୁର୍ବଳ ହୋଇ ପଡ଼ିଲା । ଅଲ୍ଲାଉଦ୍ଦିନଙ୍କ ସମୟରେ ମାଳବ ପଠାଣ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ ହେଲା ।

**ଗୁଜରାଟର ଚାଲୁକ୍ୟ ଓ ବଘେଲ ବଂଶ**—ପ୍ରତିହାର ବଂଶ ଦୁର୍ବଳ ହେବାରୁ ଗୁଜରାଟରେ ଚାଲୁକ୍ୟ ବା ଶୋଲଙ୍କି ରାଜପୁତ-ମାନେ ଦଶମ ଶତାବ୍ଦୀର ଶେଷ ଭାଗରୁ ରାଜତ୍ୱ କରିବାକୁ ଲାଗିଲେ । ଅନହିଲପାଟକ ବା ଅହିଲଉଆରା (ଆଧୁନିକ ପତ୍ତନ) ଏହାର ରାଜଧାନୀ ଥିଲା । ମୂଳରାଜ ଏହି ବଂଶର ପ୍ରଥମ ଶକ୍ତିଶାଳୀ ରାଜା । ତାଙ୍କ ପ୍ରପୌତ୍ର ପ୍ରଥମ ଭୀମ ଏହି ବଂଶର ଜଣେ ଶ୍ରେଷ୍ଠ ରାଜା । ସେ ପାର୍ଶ୍ୱବର୍ତ୍ତୀ ରାଜାମାନଙ୍କୁ ପରାସ୍ତ କରିଥିଲେ । କିନ୍ତୁ ସୁଲତାନ ମାମୁଦ ତାଙ୍କୁ ପରାସ୍ତ କରି ସୋମନାଥ ମନ୍ଦିର ଧ୍ୱଂସ କରିଥିଲେ । ତ୍ରୟୋଦଶ ଶତାବ୍ଦୀରେ ବଘେଲ ରାଜପୁତମାନେ ଚାଲୁକ୍ୟମାନଙ୍କୁ ତଡ଼ି ଗୁଜରାଟ ଅଧିକାର କଲେ ଓ ଅଲ୍ଲାଉଦ୍ଦିନଙ୍କ ରାଜତ୍ୱ ପର୍ଯ୍ୟନ୍ତ ଏଠାରେ ରାଜତ୍ୱ କରିଥିଲେ । ତାଙ୍କ ସମୟରେ ଏହା ପଠାଣ ସାମ୍ରାଜ୍ୟଭୁକ୍ତ ହେଲା । ବଘେଲ ରାଜାମାନେ ଜୈନଧର୍ମର ପୃଷ୍ଠପୋଷକ ଥିଲେ ଓ ଶତ୍ରୁଞ୍ଜୟ, ଗିର୍ଣ୍ଣାର ଓ ଆବୁ ପର୍ବତରେ କାରୁକାର୍ଯ୍ୟଖଚିତ ସୁନ୍ଦର ଜୈନମନ୍ଦିରମାନ ନିର୍ମାଣ କରିଥିଲେ ।

**ଦିଲ୍ଲୀର ତୋମାର ଓ ଚୌହାନ ବଂଶ**—ପ୍ରତିହାରମାନଙ୍କ ଅଧୀନସ୍ଥ ତୋମାରମାନେ ସତଲେଜ୍ ଓ ଯମୁନା ନଦୀ ମଧ୍ୟବର୍ତ୍ତୀ ରାଜ୍ୟରେ ଦଶମ ଶତାବ୍ଦୀରେ କ୍ଷମତାଶାଳୀ ହୋଇ ଉଠିଲେ । ଏହି ବଂଶୀୟ 'ଅନଙ୍ଗପାଳ' ପ୍ରାଚୀନ ଇନ୍ଦ୍ରପ୍ରସ୍ଥ ନିକଟରେ ପ୍ରାୟ ଖ୍ରୀ: ଅ: ୧୦୫୨ରେ ଦିଲ୍ଲୀଦୁର୍ଗ ନିର୍ମାଣ କରିଥିବାର ସନ୍ଦେହ ଏ । ଦ୍ୱାଦଶ ଶତାବ୍ଦୀରେ ଅଜମୀରରେ ଚୌହାନବଂଶୀୟ ରାଜା ଚତୁର୍ଥ ବିଗ୍ରହରାଜ ଦିଲ୍ଲୀ ଅଧିକାର କରି ନିଜର କ୍ଷମତା ବଢ଼ାଇଥିଲେ । ତାଙ୍କ ପରେ ତାଙ୍କର ପୁତୁରା ପୃଥ୍ୱୀରାଜ (ତୃତୀୟ) ଦିଲ୍ଲୀରେ ରାଜା ହେଲେ । ସେ ଏହି ବଂଶର ଶ୍ରେଷ୍ଠ ରାଜା । ସେ ଚନ୍ଦେଲମାନଙ୍କୁ ପରାସ୍ତ କରି ନିଜର

ସାମ୍ରାଜ୍ୟ ବୃଦ୍ଧି କରିଥିଲେ । ସେ ପ୍ରଥମ ତରୋଣ୍ଟ ଯୁଦ୍ଧରେ ମହମ୍ମଦ-ଘୋରୀଙ୍କୁ ପରାସ୍ତ କରିଥିଲେ । କିନ୍ତୁ ପରବର୍ଷ ସେ ଘୋରୀଙ୍କ ଦ୍ୱାରା ନିହତ ହେଲେ । ଦିଲ୍ଲୀ ପଠାଣମାନଙ୍କ ଦ୍ୱାରା ଅଧିକୃତ ହେଲା । ଚୌହାନମାନେ ରଣ୍ଟମ୍ବର ନାମକ ସୁଦୃଢ଼ ଦୁର୍ଗକୁ ରାଜଧାନୀ କରି ରାଜତ୍ୱ କରିବାକୁ ଲାଗିଲେ ।

---

## ଦକ୍ଷିଣ ଭାରତ

**କଳିଙ୍ଗ ଓ ଉତ୍କଳ**—ଖାରବେଳଙ୍କ ପରେ ବହୁ ଶତାବ୍ଦୀ ପର୍ଯ୍ୟନ୍ତ କଳିଙ୍ଗର ଇତିହାସ ଅନ୍ଧକାରାଚ୍ଛନ୍ନ ଥିଲା । ଆନ୍ଧ୍ର ସାତବାହାନ ବଂଶର ରାଜାମାନେ ଗଞ୍ଜାମ, କୋରାପୁଟ ଓ ସମ୍ବଲପୁର ଅଞ୍ଚଳ କିଛିକାଳ ଅଧିକାର କରିଥିବାର ମନେ ହୁଏ । ହୁଏନ୍‌ସାଂଙ୍କ ଭ୍ରମଣ ବୃତ୍ତାନ୍ତରୁ ଜଣାଯାଏ ଯେ ଜଣେ ସାତବାହାନ ରାଜା କୋଶଳ (ସମ୍ବଲପୁର ଅଞ୍ଚଳ)ରେ ବୌଦ୍ଧ ପଣ୍ଡିତ ନାଗାର୍ଜୁନଙ୍କ ପାଇଁ ଗୋଟିଏ ପ୍ରକାଣ୍ଡ ବିହାର ନିର୍ମାଣ କରିଥିଲେ । ସିଂହଭୂମି, ମୟୂରଭଞ୍ଜ ଓ ପୁରୀ ଜିଲ୍ଲାରୁ ଶତ ଶତ କୁଶାଣ ମୁଦ୍ରା ମିଳିଅଛି । ତେଣୁ କୁଶାଣମାନେ ଉତ୍କଳରେ ନିଜର ଆଧିପତ୍ୟ ବିସ୍ତାର କରିଥିବା ସମ୍ଭବପର । ଏହି କୁଶାଣ ଆକ୍ରମଣ ବୋଧ-ହୁଏ ମାଦଳାପାଞ୍ଜିରେ ରକ୍ତବାହୁ ଅଧିକାର ବୋଲି ବର୍ଣ୍ଣିତ ହୋଇଅଛି । ଦିଗ୍‌ବିଜୟୀ ସମୁଦ୍ରଗୁପ୍ତ କୋଶଳ, କଳିଙ୍ଗ ରାଜ୍ୟ ଜୟ କରିଥିବା ତାଙ୍କ ଏଲାହାବାଦ ପ୍ରଶସ୍ତିରୁ ଜଣାଯାଏ । ଅଜି ମଧ୍ୟ ଉତ୍କଳର ନାନା ସ୍ଥାନରୁ ପ୍ରାପ୍ତ ତାମ୍ରଶାସନରେ ଗୁପ୍ତାବ୍ଦ ବ୍ୟବହୃତ ହୋଇଅଛି । ଏହା ଉତ୍କଳରେ ଗୁପ୍ତ ଅଧିପତ୍ୟ ବିସ୍ତାରର ଗୋଟିଏ ପ୍ରମାଣ ।

**ଭୌମବଂଶ**—ଉତ୍କଳ ଭୌମ ରାଜତ୍ୱ କାଳରେ ଗୋଟିଏ ଶକ୍ତିଶାଳୀ ରାଜ୍ୟ ହୋଇ ଥିଲା । ଭୌମରାଜାମାନେ ଉତ୍କଳୀୟ ବୋଲି

ଗୌରବ ଅନୁଭବ କରୁଥିଲେ । ବିରଜାକ୍ଷେତ୍ର ବା ଯାଜପୁର ସେମାନଙ୍କର ରାଜଧାନୀ ଥିଲା । ସେମାନେ ଗଙ୍ଗାଠାରୁ ମହେନ୍ଦ୍ର ପର୍ଯ୍ୟନ୍ତ ଓ ସମୁଦ୍ରଠାରୁ କୋଶଳ ପର୍ଯ୍ୟନ୍ତ ବିସ୍ତୃତ ରାଜ୍ୟ ଶାସନ କରୁଥିଲେ । ସେମାନେ ପରମଭଟ୍ଟାରକ, ମହାରାଜାଧିରାଜ, ପରମେଶ୍ୱର ପ୍ରଭୃତି ଚକ୍ରବର୍ତ୍ତୀକ୍ଷମତା-ସୂଚକ ଉପାଧି ଗ୍ରହଣ କରୁଥିଲେ । ସେମାନଙ୍କ ରାଜତ୍ୱକାଳରେ ଉତ୍କଳର ସମତଳ ଅଞ୍ଚଳ ଓ ପାର୍ବତ୍ୟ ଅଞ୍ଚଳର ଅଧିକାଂଶ ଏକଶାସନାଧୀନ ହୋଇଥିଲା । ଏହି ବଂଶର ଶୁଭଙ୍କର, ଶାନ୍ତିକର, ଶିବକର, ତ୍ରିଭୁବନ-ମହାଦେବୀ ଓ ଦଣ୍ଡୀମହାଦେବୀ ପ୍ରଭୃତି ନିଜ ନିଜର କ୍ଷମତା ଓ ସୁଶାସନପାଇଁ ଖ୍ୟାତି ଲାଭ କରିଥିଲେ ।


ଏହି ବଂଶର କେତେକ ରାଜା ବୌଦ୍ଧ ଥିଲେ ଓ ବୌଦ୍ଧ ଧର୍ମର ଉନ୍ନତି ପାଇଁ ଅନେକ ରାଜପ୍ରାସାଦ, ବିହାର, ସ୍ତୂପ, ମନ୍ଦିର ନିର୍ମାଣ କରିଥିଲେ । ବୌଦ୍ଧ ହେଲେ ମଧ୍ୟ ସେମାନେ ଶତ ଶତ ବ୍ରାହ୍ମଣଙ୍କୁ ଭୂମିବୃତ୍ତି ଦାନ କରିଥିଲେ । ସେମାନଙ୍କର କ୍ଷମତା ପ୍ରାୟ ୨ଶତାବ୍ଦୀ ପର୍ଯ୍ୟନ୍ତ ଅକ୍ଷୁଣ୍ଣ ଥିଲା । ସେମାନଙ୍କର ରାଜତ୍ୱ ସମୟ ଏପର୍ଯ୍ୟନ୍ତ ସ୍ଥିର ରୂପେ ଜଣା ଯାଇ ନାହିଁ ।

**ସୋମବଂଶ**—ସୋମବଂଶୀ ରାଜାମାନେ ସମ୍ଭବତଃ ୫ମ ଶତାବ୍ଦୀରୁ କୋଶଳ ଅଞ୍ଚଳରେ ରାଜତ୍ୱ କରୁଥିଲେ । ଆଧୁନିକ ସମ୍ବଲପୁର ଜିଲ୍ଲା, ବଲାଙ୍ଗିର ଜିଲ୍ଲା, ସୋନପୁର ଓ ପାଟଣା ପ୍ରଭୃତି ରାଜ୍ୟକୁ ନେଇ ପୂର୍ବେ କୋଶଳରାଜ୍ୟ ଗଠିତ ହୋଇଥିଲା । ଶ୍ରୀପୁର ଓ ପରେ ସୋନପୁର ଏହି ବଂଶର ରାଜଧାନୀ ଥିଲା । ସେମାନେ ଚନ୍ଦ୍ରବଂଶୀୟ କ୍ଷତ୍ରିୟ ଥିଲେ । ଏହି ବଂଶର ଜନ୍ମେଜୟ କଂସାଇ ନଦୀଠାରୁ ବଂଶଧାରା ନଦୀ ପର୍ଯ୍ୟନ୍ତ ବିସ୍ତୃତ ରାଜ୍ୟ ଅଧିକାର କରି ତ୍ରିକଳିଙ୍ଗାଧିପତି ଉପାଧି ଗ୍ରହଣ କରିଥିଲେ । ସେ ଚୌଦ୍ୱାରଠାରେ ଗୋଟିଏ ଦୁର୍ଗ ନିର୍ମାଣ କରିଥିଲେ । ତାଙ୍କ ପୁତ୍ର ଯଯାତି କେଶରୀ ଏହି ବଂଶର ଜଣେ ପ୍ରସିଦ୍ଧ ରାଜା । ସେ ଭୁବନେଶ୍ୱରର

ଲିଙ୍ଗରାଜ ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ । ସେ ଯାଜପୁରଠାରେ ଗୋଟିଏ ଦଶାଶ୍ୱମେଧ ଯଜ୍ଞ ଅନୁଷ୍ଠାନ ଓ କାନ୍ୟକୁବ୍ଜ ଅଞ୍ଚଳରୁ ଦଶ ହଜାର ବିଶୁଦ୍ଧ ବୈଦିକ ବ୍ରାହ୍ମଣ ଅଣାଇ ସେମାନଙ୍କୁ ଉତ୍କଳର ନାନା ସ୍ଥାନରେ ଭୂମିଦାନ କରି ରଖାଇଥିବା କିମ୍ବଦନ୍ତୀ ପ୍ରଚଳିତ ଅଛି । ଉଦ୍ୟୋତକେଶରୀ ଏହି ବଂଶର ଶ୍ରେଷ୍ଠ ରାଜା । ସେ ଜଣେ ଦିଗ୍‌ବିଜୟୀ ସମ୍ରାଟ୍ ଥିଲେ ଓ ରାଢ଼, ଗୌଡ଼, ବଙ୍ଗ, ଲାଟ, ମାଳବ, ଗୁର୍ଜ୍ଜର ଓ ସିଂହଳ ରାଜ୍ୟ ଜୟ କରିଥିଲେ । ସେ, ଓ ମାଦଳାପାଞ୍ଜିବର୍ଣ୍ଣିତ ଲଲାଟେନ୍ଦୁକେଶରୀ ଏକ ବୋଲି ଐତିହାସିକମାନେ ମନେ କରନ୍ତି । ଭୁବନେଶ୍ୱର ତାଙ୍କର ରାଜଧାନୀ ଥିଲା । ସେଠାର ବିଶାଳ ଲିଙ୍ଗରାଜ ମନ୍ଦିର ସମ୍ଭବତଃ ତାଙ୍କ-ଦ୍ୱାରା ନିର୍ମିତ ହୋଇଥିଲା । ଏହି ମନ୍ଦିର ଖ୍ରୀ: ଅ: ୬୬୬ ରେ ନିର୍ମିତ ହୋଇଥିବାର ପ୍ରବାଦ ଅଦ୍ୟାପି ପ୍ରଚଳିତ ଅଛି । ଏହି ବଂଶର ନୃପ-କେଶରୀ କଟକ ନଗର ପ୍ରତିଷ୍ଠା ଓ ମରକତ କେଶରୀ କାଠଯୋଡ଼ିର ସୁଦୃଢ଼ ଓ ସୁଦୀର୍ଘ ପଥରବନ୍ଧ ନିର୍ମାଣ କରିଥିବା ମାଦଳାପାଞ୍ଜିରୁ ଜଣାଯାଏ । ଉତ୍ତରରୁ ପାଳ ଏବଂ ଦକ୍ଷିଣରୁ ଚୈଳ ଓ ଗଙ୍ଗବଂଶୀୟ ନୃପତିମାନଙ୍କ-ଦ୍ୱାରା ବାରମ୍ବାର ଆକ୍ରାନ୍ତ ହୋଇ ଏହି ବଂଶ ଦୁର୍ବଳ ହୋଇ ପଡ଼ିଲା । ପରିଶେଷରେ ଗଙ୍ଗବଂଶୀୟ ରାଜା ଚୈଳଗଙ୍ଗ ଦେବ ଖ୍ରୀ: ଅ: ୧୦୪୨ରେ ସୁବର୍ଣ୍ଣକେଶରୀଙ୍କୁ ହତ୍ୟା କରି ଉତ୍କଳ ଅଧିକାର କଲେ ।

ସୋମବଂଶୀୟ ରାଜାମାନେ ଶୈବ ଥିଲେ । ସେମାନଙ୍କ ଦ୍ୱାରା ନିର୍ମିତ ଶତ ଶତ ଶୈବ ମନ୍ଦିର ଯାଜପୁର, ଚୌଦ୍ୱାର, ନରାଜ, ପୁରୀ, ଭୁବନେଶ୍ୱର, ପ୍ରାଚୀତୀର, ବାଣପୁର, ସୁବର୍ଣ୍ଣପୁର, ରାଣୀପୁର, ଝରିଆଲ୍ (ପାଟଣା ରାଜ୍ୟ ଅନ୍ତର୍ଗତ) ପ୍ରଭୃତି ସ୍ଥାନରେ ଅଦ୍ୟାପି ବିଦ୍ୟମାନ ରହି ସେମାନଙ୍କର ଧର୍ମପ୍ରାଣତାର ପରିଚୟ ଦିଏ । ଏହି ମନ୍ଦିରମାନଙ୍କ ମଧ୍ୟରେ ଭୁବନେଶ୍ୱରର ଅପୂର୍ବ କାରୁକାର୍ଯ୍ୟଖଚିତ ଉତ୍ତୁଙ୍ଗ ଲିଙ୍ଗରାଜ ମନ୍ଦିର ଜଗତ୍ ପ୍ରସିଦ୍ଧ । ସେମାନଙ୍କ ଦୀର୍ଘ ରାଜତ୍ୱକାଳରେ ଉତ୍କଳ ଶିଳ୍ପ,

ବାଣିଜ୍ୟ, ଧର୍ମ, ଶିକ୍ଷା ଓ ସଭ୍ୟତାରେ ସମଗ୍ର ଭାରତରେ ଉଚ୍ଚ ସ୍ଥାନ ଅଧିକାର କରିଥିଲା ଓ ପୁଣ୍ୟଭୂମି ରୂପେ ଭାରତରେ ଗଣ୍ୟ ହେଲା ।



ଲିଙ୍ଗରାଜ ମନ୍ଦିର

**ଚାଲୁକ୍ୟ ରାଜ୍ୟ**—ମହାରାଷ୍ଟ୍ର ଅଞ୍ଚଳରେ ଚାଲୁକ୍ୟମାନେ ଷଷ୍ଠ ଶତାବ୍ଦୀରୁ କ୍ଷମତାଶାଳୀ ହେଲେ । ଏହି ବଂଶର ରାଜା ପ୍ରଥମ ପୁଲକେଶୀ ( ଖ୍ରୀ: ଅ: ୫୫୦—୫୬୬ ) ସମଗ୍ର ଦାକ୍ଷିଣାତ୍ୟ ଜୟ କରି ବିଜୟର ଚିହ୍ନ ସ୍ୱରୂପ ଅଶ୍ୱମେଧ ଯଜ୍ଞ କରିଥିଲେ । ସେ ବାତାପିରେ ( ବିଜାପୁର ଜିଲ୍ଲା ଅନ୍ତର୍ଗତ ବାଦାମି ) ରାଜଧାନୀ ପ୍ରତିଷ୍ଠା କରିଥିଲେ । ତାଙ୍କର ନାତି ଦ୍ୱିତୀୟ ପୁଲକେଶୀ ( ଖ୍ରୀ: ଅ: ୬୦୮—୬୪୨ ) ଏହି ବଂଶର ଶ୍ରେଷ୍ଠ ରାଜା । ହର୍ଷ ତାଙ୍କଦ୍ୱାରା ସଂପୂର୍ଣ୍ଣ ରୂପେ ପରାସ୍ତ ହୋଇଥିଲେ । ସେ ଏପରି ବିଖ୍ୟାତ ଓ କ୍ଷମତାଶାଳୀ ହୋଇଥିଲେ ଯେ ପାରସ୍ୟ ସମ୍ରାଟ ସୁଦ୍ଧା ତାଙ୍କ ଦରବାରକୁ ଦୂତ ପଠାଇଥିଲେ । ହୁଏନ୍‌ସାଂ ତାଙ୍କ ଶୌର୍ଯ୍ୟ

ଓ ବୀରତ୍ୱର ଭୂୟସୀ ପ୍ରଶଂସା କରିଛନ୍ତି । କିନ୍ତୁ ସେ ପଲ୍ଲବରାଜ ନରସିଂହ ବର୍ମାଙ୍କ ଦ୍ୱାରା ନିହତ ହୋଇଥିଲେ । ସେହି ସମୟରୁ ଚାଲୁକ୍ୟ ଓ ପଲ୍ଲବମାନଙ୍କ ମଧ୍ୟରେ ବହୁକାଳ କଳହ ଲାଗିଥିଲା । ଶେଷରେ ରାଷ୍ଟ୍ରକୂଟ-ମାନେ ( ଖ୍ରୀ: ଅ: ୭୫୩ ) ଚାଲୁକ୍ୟ ଶକ୍ତି ଧ୍ୱଂସ କରିଥିଲେ । ଚାଲୁକ୍ୟ-ମାନେ ହିନ୍ଦୁ ଧର୍ମର ଉନ୍ନତି ପାଇଁ ବିଶେଷ ଚେଷ୍ଟା କରିଥିଲେ ।

**ପଲ୍ଲବ ରାଜ୍ୟ**—ମୌର୍ଯ୍ୟ ରାଜତ୍ୱ ପୂର୍ବରୁ କାବେରୀ ନଦୀର ଦକ୍ଷିଣରେ ଚେର, ଚୋଳ, ନାମକ ଦୁଇଗୋଟି ରାଜ୍ୟ ଥିଲା । ଉକ୍ତ ଅଞ୍ଚଳ ଦ୍ରାବିଡ଼ ବା ତାମିଲ ରାଜ୍ୟ ବୋଲି ପରିଚିତ । ତୃତୀୟ ଶତାବ୍ଦୀରେ ପଲ୍ଲବମାନେ ତାମିଲ ଅଞ୍ଚଳ ଅଧିକାର କରିଥିଲେ । କାଞ୍ଚି ସେମାନଙ୍କର ରାଜଧାନୀ ଥିଲା । ପଲ୍ଲବରାଜ ବିଷ୍ଣୁଗୋପ ସମୁଦ୍ରଗୁପ୍ତଙ୍କ ସହିତ ପ୍ରବଳ ଯୁଦ୍ଧ କରିଥିଲେ । ମହେନ୍ଦ୍ର ବର୍ମନ୍ ଓ ନରସିଂହ ବର୍ମନ୍ ଏହି ବଂଶର ଦୁଇଜଣ ଶ୍ରେଷ୍ଠ ନୃପତି । ମହେନ୍ଦ୍ର ବର୍ମନ୍ ଅନେକ ମନ୍ଦିର ଓ ଗୁମ୍ଫା ନିର୍ମାଣ କରିଥିଲେ । ନରସିଂହ ବର୍ମନ୍ ( ଖ୍ରୀ: ଅ: ୬୨୫-୬୪୫ ) ଦ୍ୱିତୀୟ ପୁଲକେଶୀଙ୍କୁ ହତ୍ୟା କରି ଦାକ୍ଷିଣାତ୍ୟରେ ପ୍ରବଳ ହୋଇଥିଲେ । ସେ ମାମଲପୁରରେ ଗୋଟିଏ ପର୍ବତ କାଟି ସାତୋଟି ରଥ ନିର୍ମାଣ କରିଥିଲେ । ଏ ଗୁଡ଼ିକ ଅତୀବ ଚମତ୍କାର ଦେଖାଯାଏ । ତାଙ୍କ ପରେ ପଲ୍ଲବମାନେ ଚାଲୁକ୍ୟମାନଙ୍କ ଦ୍ୱାରା ବାରମ୍ବାର ଆକ୍ରାନ୍ତ ହୋଇ ଦୁର୍ବଳ ହୋଇ ପଡ଼ିଲେ । ନବମ ଶତାବ୍ଦୀରେ ଚୋଳମାନେ ପ୍ରବଳ ହୋଇ ପଲ୍ଲବମାନଙ୍କ ରାଜ୍ୟ ଅଧିକାର କରିଥିଲେ । ପଲ୍ଲବ ରାଜାମାନେ କାଞ୍ଚୀ ଓ ମଦୁରାରେ ଶତ ଶତ କାରୁକାର୍ଯ୍ୟଖଚିତ ମନ୍ଦିର ନିର୍ମାଣ କରିଥିଲେ । ସେ ଗୁଡ଼ିକ ଲିଙ୍ଗରାଜ ମନ୍ଦିର ପରି ଅତି ସୁନ୍ଦର ।

**ରାଷ୍ଟ୍ରକୂଟ ରାଜ୍ୟ**—ଅଷ୍ଟମ ଶତାବ୍ଦୀରେ ରାଷ୍ଟ୍ରକୂଟମାନେ ମହାରାଷ୍ଟ୍ର ଅଞ୍ଚଳରେ ରାଜ୍ୟ ବିସ୍ତାର କରିଥିଲେ । ଏହି ବଂଶୀୟ ରାଜା ପ୍ରଥମ କୃଷ୍ଣ ଏଲୋରା ନାମକ ସ୍ଥାନରେ ପାହାଡ଼ କାଟି ଭାରତ ପ୍ରସିଦ୍ଧ

କୈଳାସ ମନ୍ଦିର ନିର୍ମାଣ କରାଇଥିଲେ । ଏହି ବଂଶର ଶ୍ରେଷ୍ଠ ରାଜା ତୃତୀୟ ଗୋବିନ୍ଦ ( ଖ୍ରୀ: ଅ: ୭୯୪—୮୧୫ ) ଗୁଜରାଟ, ମାଳବ, କନୌଜ, ବିହାର, ବଙ୍ଗ ପ୍ରଭୃତି ରାଜ୍ୟ ଜୟ କରି ହିମାଳୟ ପର୍ଯ୍ୟନ୍ତ ନିଜ କ୍ଷମତା ବିସ୍ତାର କରିଥିଲେ । ସେ ଦକ୍ଷିଣରେ ପଲ୍ଲବରାଜଙ୍କୁ ମଧ୍ୟ ପରାସ୍ତ କରିଥିଲେ । ତାଙ୍କ ପୁତ୍ର ଅମୋଘବର୍ଷ ( ଖ୍ରୀ: ଅ: ୮୧୫—୮୭୭ ) ପୃଥିବୀର ଚୁରିଗୋଟି ଶକ୍ତିଶାଳୀ ରାଜାମାନଙ୍କ ମଧ୍ୟରୁ ଏକତମ ବୋଲି ପରିଗଣିତ ହୋଇଥିଲେ । ସେ ହାଇଦ୍ରାବାଦ ରାଜ୍ୟ ଅନ୍ତର୍ଗତ ମାନ୍ୟଖେତରେ ( ଅଧୁନିକ ମାଲଖେଦ ) ରାଜଧାନୀ ପ୍ରତିଷ୍ଠା କରିଥିଲେ । ହାଇଦ୍ରାବାଦ ଅନ୍ତର୍ଗତ କଲ୍ୟାଣୀର ଚାଲୁକ୍ୟମାନେ ଖ୍ରୀ: ଅ: ୯୭୩ ରେ ରାଷ୍ଟ୍ରକୂଟରାଜ୍ୟ ଅଧିକାର କରି ପ୍ରାୟ ଦୁଇଶତ ବର୍ଷ କାଳ ଦାକ୍ଷିଣାତ୍ୟରେ କ୍ଷମତାଶାଳୀ ହୋଇଥିଲେ । ସେମାନଙ୍କର ପତନ ପରେ ହୟ୍ସଳ ବଂଶ, ଯାଦବବଂଶ ଓ କାକତୀୟ ବଂଶ ଶକ୍ତିଶାଳୀ ହୋଇ ପଡ଼ିଲେ ।

**ହୟ୍ସଳ ରାଜ୍ୟ**—ଗଙ୍ଗବଂଶର ପତନ ପରେ ହୟ୍ସଳ ବଂଶୀୟ ରାଜାମାନେ ଦ୍ୱାଦଶ ଶତାବ୍ଦୀରେ ମହୀଶୂର ଅନ୍ତର୍ଗତ ଦ୍ୱାର-ସମୁଦ୍ରରେ କ୍ଷମତାଶାଳୀ ହୋଇ ଉଠିଲେ । ମାଲିକ କାଫୁର ହୟ୍ସଳ ରାଜ୍ୟ ଭାଙ୍ଗି ପକାଇଥିଲେ । ବିଜୟନଗର ରାଜ୍ୟର ଅଭ୍ୟୁଦୟ ହେବାରୁ ଚତୁର୍ଦ୍ଦଶ ଶତାବ୍ଦୀରେ ହୟ୍ସଳରାଜ୍ୟ ଲୁପ୍ତ ହେଲା ।

**ଯାଦବରାଜ୍ୟ**—ଦ୍ୱାଦଶ ଶତାବ୍ଦୀରେ ଯାଦବମାନେ ଦେବଗିରିକୁ ( ଅଧୁନିକ ଦୌଲତାବାଦ ) ରାଜଧାନୀ କରି ଶକ୍ତିଶାଳୀ ହୋଇ ଉଠିଲେ । ଅଲ୍ଲାଉଦ୍ଦିନ ଓ ତାଙ୍କର ସେନାପତି କାଫୁର ଏହି ରାଜ୍ୟ ଧ୍ୱଂସ କରିଥିଲେ । ପ୍ରସିଦ୍ଧ ଲେଖକ ହେମାଦ୍ରି, ବୋପଦେବ ଓ ଜ୍ଞାନେଶ୍ୱର ଯାଦବ ରାଜସଭା ମଣ୍ଡନ କରିଥିଲେ ।

**କାକତୀୟ ରାଜ୍ୟ**—ଓରାଙ୍ଗଲ ବା ଆଧୁନିକ ତେଲଗୁଭାଷୀ ପ୍ରଦେଶରେ କାକତୀୟମାନେ ଦ୍ୱାଦଶ ଶତାବ୍ଦୀରେ ଆଧିପତ୍ୟ ବିସ୍ତାର କରିଥିଲେ । ଯାଦବ ଓ କାକତୀୟମାନଙ୍କ ମଧ୍ୟରେ ରାଜ୍ୟ ବିସ୍ତାର ପାଇଁ ସର୍ବଦା କଳହ ଲାଗୁଥିଲା । ଏହି ବଂଶର ଶେଷ କ୍ଷମତାଶାଳୀ ରାଜା ପ୍ରତାପରୁଦ୍ରଦେବ ମାଲିକ କାଫୁରଙ୍କ ଦ୍ୱାରା ଖ୍ରୀ: ଅ: ୧୩୦୮ରେ ପରାସ୍ତ ହୋଇଥିଲେ । ସେହିଦିନଠୁ ଏହି ରାଜ୍ୟ କ୍ରମଶଃ ଦୁର୍ବଳ ହୋଇ ପଡ଼ିଲା ।

**ଚୋଳରାଜ୍ୟ**—ପଲ୍ଲବମାନଙ୍କ ପତନ ପରେ ଚୋଳମାନେ ୯ମ ଶତାବ୍ଦୀରେ ତାମିଲ ଅଞ୍ଚଳ ଅଧିକାର କଲେ । ଏମାନେ ଆଧୁନିକ କରମଣ୍ଡଳ ଉପକୂଳରେ ଆଧିପତ୍ୟ ବିସ୍ତାର କରିଥିଲେ । ଏହି ବଂଶୀୟ ପ୍ରଥମ ରାଜରାଜ ( ଖ୍ରୀ: ଅ: ୯୮୫—୧୦୧୮ ) ନିଜ ବାହୁବଳରେ ଆଧୁନିକ ସମଗ୍ର ମାନ୍ଦ୍ରାଜ ପ୍ରଦେଶ ଓ ସିଂହଳ ଦ୍ୱୀପ ଜୟ କରି ଭାରତ ମହାସାଗରରେ ଥିବା କେତେକ ଦ୍ୱୀପ ମଧ୍ୟ ଜୟ କରିଥିଲେ । ତାଙ୍କ ପୁତ୍ର ପ୍ରଥମ ରାଜେନ୍ଦ୍ର ଚୋଳ ( ଖ୍ରୀ: ଅ: ୧୦୧୮—୧୦୪୨ ) ସମଗ୍ର ଭାରତର ଜଣେ ପ୍ରସିଦ୍ଧ ନରପତି । ସେ କୁମାରିକାଠାରୁ ଗଙ୍ଗା ପର୍ଯ୍ୟନ୍ତ ଓ ବ୍ରହ୍ମଦେଶ, ଅଣ୍ଡାମାନ, ନିକୋବର ପ୍ରଭୃତି ଦ୍ୱୀପ ମଧ୍ୟ ଜୟ କରିଥିଲେ । ଗଙ୍ଗାପର୍ଯ୍ୟନ୍ତ ବିଜୟର ଚିହ୍ନ ସ୍ୱରୂପ ସେ ତ୍ରିଚିନାପଲ୍ଲୀ ଜିଲ୍ଲାରେ ଗଙ୍ଗାଇକୋଣ୍ଡାଚୋଳପୁର ନାମକ ନଗର ପ୍ରତିଷ୍ଠା କରିଥିଲେ । ତାଙ୍କ ପରେ ଚୋଳମାନେ ଅଧିକ ଦୁଇ ଶତ ବର୍ଷକାଳ ରାଜତ୍ୱ କରିଥିଲେ ।

---

## ତ୍ରୟୋଦଶ ଅଧ୍ୟାୟ

## ହିନ୍ଦୁଯୁଗର ସମାଜ, ଧର୍ମ ଓ ସଭ୍ୟତା

**ସମାଜ**—ବୌଦ୍ଧଧର୍ମର ପ୍ରଭାବରେ ଜାତିଭେଦର କଠୋରତା ଅନେକ ପରିମାଣରେ କମି ଯାଇଥିଲା । ତେଣୁ ଯବନ (ଗ୍ରୀକ), ଶକ,

କୁଶାଣ, ହୂଣ ପ୍ରଭୃତି ବୈଦେଶିକ ଜାତିମାନେ କ୍ରମଶଃ ହିନ୍ଦୁ ସମାଜରେ ମିଶି ଯାଇଥିଲେ । କିନ୍ତୁ କାଳକ୍ରମେ ହିନ୍ଦୁ ସମାଜରେ ଉଦାରତା ପରିବର୍ତ୍ତରେ ସଙ୍କୀର୍ଣ୍ଣତା ପ୍ରବେଶ କଲା । ସ୍ମୃତିକାରକମାନେ ସମାଜକୁ କଠୋର ନିୟମାବଳୀରେ ଆବଦ୍ଧ କଲେ । ଜାତିଭେଦ ଓ ଅସ୍ପୃଶ୍ୟତା କ୍ରମଶଃ କଠୋର ହେଲା । ବ୍ରାହ୍ମଣମାନେ ସମାଜରେ ପୁନର୍ବାର ପ୍ରାଧାନ୍ୟ ଲାଭ କଲେ । ଅସବର୍ଣ୍ଣ ବିବାହ ଘୃଣ୍ୟ ବୋଲି ବିବେଚିତ ହେଲା । ବୌଦ୍ଧ ଯୁଗରେ ସ୍ତ୍ରୀମାନଙ୍କର ଯେ ସ୍ୱାଧୀନତା ଥିଲା, ତାହା କ୍ରମଶଃ ସଙ୍କୁଚିତ ହେଲା । ସମାଜରେ ବାଲ୍ୟବିବାହ ଓ ସତୀଦାହ ପ୍ରଥା ପ୍ରଚଳିତ ହେଲା । ବିଧବା ବିବାହ ନିଷିଦ୍ଧ ହେଲା । ତଥାପି ଏ ଯୁଗରେ କେତେକ ସ୍ତ୍ରୀ ଗୀତ, ନାଟ୍ୟ ଓ ନାନାବିଧ ବିଦ୍ୟାଶିକ୍ଷାରେ ପାରଦର୍ଶିତା ଲାଭ କରିଥିବାର ଜଣାଯାଏ ।

**ବ୍ରାହ୍ମଣ୍ୟ ଧର୍ମର ପୁନରୁତ୍ଥାନ**—ଅଶୋକ ଓ କନିଷ୍କଙ୍କ ପ୍ରବଳ ପ୍ରୟାସ ଯୋଗୁଁ ବୌଦ୍ଧଧର୍ମ ଭାରତରେ ବ୍ୟାପି ଯାଇଥିଲା । କିନ୍ତୁ ଗୁପ୍ତ ରାଜତ୍ୱ ସମୟରୁ ଭାରତର ଅଧିକାଂଶ ରାଜା ବ୍ରାହ୍ମଣ୍ୟଧର୍ମର ପୃଷ୍ଠପୋଷକ ହେବାରୁ ଏହା ପୁନର୍ବାର ଭାରତରେ ପ୍ରଚଳିତ ହେଲା । ହର୍ଷବର୍ଦ୍ଧନ, ପାଳ ଓ ଭୌମ ରାଜାମାନଙ୍କ ବହୁ ଚେଷ୍ଟା ସତ୍ତ୍ୱେ ମ୍ରିୟମାଣ ବୌଦ୍ଧଧର୍ମର ଅସ୍ତିତ୍ୱ ରହିଲା ନାହିଁ । ମଧ୍ୟ ଯୁଗର ଏହି ବ୍ରାହ୍ମଣ୍ୟଧର୍ମ ବୈଦିକ ଧର୍ମଠାରୁ ଅନେକ ପରିମାଣରେ ପୃଥକ୍ ଥିଲା । ଯଜ୍ଞପ୍ରଧାନ ବୈଦିକ ଧର୍ମ ସରଳ ଥିଲା । ସେଥିରେ ନାନାବିଧ ଦେବଦେବୀ ପୂଜା ଓ ଯାତ୍ରା, ଉତ୍ସବ ଅନୁଷ୍ଠିତ ହେବାର ବିଧି ନ ଥିଲା । ଏହି ନୂତନ ପୌରାଣିକ ଧର୍ମରେ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ରୂପକ ତ୍ରିମୂର୍ତ୍ତି ଓ ବିଷ୍ଣୁଙ୍କର ଦଶ ଅବତାର ପୂଜା ପ୍ରଧାନ ଅଙ୍ଗ ହେଲା । ହିନ୍ଦୁମାନେ ବୁଦ୍ଧଙ୍କୁ ଅବତାର ବୋଲି ଗ୍ରହଣ କରିନେଲେ । ଏତଦ୍‌ବ୍ୟତୀତ ଦୁର୍ଗା, ନାନାବିଧ ଦେବୀ, କାର୍ତ୍ତିକ, ଗଣେଶ, ସୂର୍ଯ୍ୟ ପ୍ରଭୃତି ଶତ ଶତ ମୂର୍ତ୍ତିପୂଜା ଆରମ୍ଭ ହେଲା ।

ଦେବଦେବୀମାନଙ୍କ ପାଇଁ ଭାରତର ସର୍ବାଞ୍ଚଳରେ ଅସଂଖ୍ୟ ଶ୍ରେଷ୍ଠ ବଡ଼ ମନ୍ଦିର ନିର୍ମିତ ହେଲା । ହିନ୍ଦୁଧର୍ମରେ ନାନାପ୍ରକାର ଯାତ୍ରା, ପୂଜା, ବ୍ରତ, ଉତ୍ସବର ପ୍ରଚଳନ ହେବାରୁ ଲୋକେ ବୌଦ୍ଧଧର୍ମ ଛାଡ଼ି କ୍ରମଶଃ ହିନ୍ଦୁଧର୍ମ ପ୍ରତି ଆକୃଷ୍ଟ ହେଲେ । ଧର୍ମକୁ ଲୋକପ୍ରିୟ କରିବା ପାଇଁ ଶତ ଶତ ଗ୍ରନ୍ଥରେ ଅତି ସୁନ୍ଦର, ଅଦ୍ଭୁତ ଗଳ୍ପମାନ ଲିଖିତ ହେଲା ।

ବୌଦ୍ଧଧର୍ମରେ ନାନାପ୍ରକାର କୁସଂସ୍କାର ଓ ବ୍ୟଭିଚାର ପ୍ରବେଶ କରିବାରୁ ଏହା କ୍ରମଶଃ ଅବନତ ହୋଇଥିଲା । ଶଙ୍କର ପ୍ରଭୃତି ଧର୍ମ-ପ୍ରଚାରକମାନେ ବୌଦ୍ଧମାନଙ୍କୁ ଅକାଟ୍ୟ ଯୁକ୍ତିବଳରେ ପରାସ୍ତ କରି ହିନ୍ଦୁ-ଧର୍ମର ମାହାତ୍ମ୍ୟ ପ୍ରଚାର କଲେ । ଫଳରେ ତ୍ରୟୋଦଶ ଶତାବ୍ଦୀ ପୂର୍ବରୁ ଭାରତରେ ବୌଦ୍ଧଧର୍ମ ଲୁପ୍ତ ଓ ସ୍ଥାନେ ସ୍ଥାନେ ହିନ୍ଦୁଧର୍ମର ଅଙ୍ଗୀଭୂତ ହୋଇଗଲା । କିନ୍ତୁ ଜୈନଧର୍ମ ଭାରତର କେତେକାଞ୍ଚଳରେ ନିଜର ଅସ୍ତିତ୍ୱ ରକ୍ଷା କରିବାକୁ ସମର୍ଥ ହୋଇଛି । ବୌଦ୍ଧଧର୍ମ ଲୁପ୍ତ ହେଲା ସତ୍ୟ, କିନ୍ତୁ ହିନ୍ଦୁମାନେ ଶୈବ, ଶାକ୍ତ, ଗାଣପତ୍ୟ, ବୈଷ୍ଣବ ଓ ସୌର ନାମକ ପାଞ୍ଚଟି ପ୍ରଧାନ ସମ୍ପ୍ରଦାୟ ଓ ବହୁ ଉପସମ୍ପ୍ରଦାୟରେ ବିଭକ୍ତ ହେବାରୁ ସେମାନଙ୍କ ମଧ୍ୟରେ ଏକତା ରହିଲା ନାହିଁ ଏବଂ ଏହା ଯୋଗୁଁ ସେମାନଙ୍କର ପତନର ପଥ ସୁଗମ ହେଲା ।

## ହିନ୍ଦୁଧର୍ମ ପ୍ରଚାରକଗଣ

**କୁମାରିଲ ଭଟ୍ଟ**—ପ୍ରସିଦ୍ଧ ବ୍ରାହ୍ମଣ ପଣ୍ଡିତ କୁମାରିଲଭଟ୍ଟ ଭାରତର ପୂର୍ବ ଅଞ୍ଚଳରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପ୍ରଚାର ଫଳରେ ଅନେକ ବୌଦ୍ଧ ପୁନର୍ବାର ହିନ୍ଦୁଧର୍ମ ଗ୍ରହଣ କରିଥିଲେ । ସେ ଅଷ୍ଟମ ଶତାବ୍ଦୀରେ ଆବିର୍ଭୂତ ହୋଇଥିଲେ ।

**ଶଙ୍କରାଚାର୍ଯ୍ୟ**—ଶଙ୍କର ମାଲବାର ଉପକୂଳସ୍ଥ କାଲାଦି ନାମକ ସ୍ଥାନରେ ଖ୍ରୀ: ଅ: ୭୮୮ରେ ନମ୍ବୁଦ୍ରି ବ୍ରାହ୍ମଣ କୁଳରେ ଜନ୍ମ ହୋଇଥିଲେ । ତାଙ୍କ ପରି ପ୍ରତିଭାଶାଳୀ ପଣ୍ଡିତ ସମଗ୍ର ପୃଥିବୀରେ ମଧ୍ୟ ବିରଳ । ସେ ଅତି

ଅଳ୍ପକାଳ ମଧ୍ୟରେ ବେଦ, ଉପନିଷଦ, ଦର୍ଶନ, ଗୀତା ପ୍ରଭୃତି ଦୁର୍ବୋଧ ଗ୍ରନ୍ଥମାନଙ୍କରେ ବ୍ୟୁତ୍ପତ୍ତି ଲାଭ କରି ସେମାନଙ୍କର ଭାଷ୍ୟ ବା ଟୀକା ରଚନା କରିଥିଲେ । ସେ ସମଗ୍ର ଭାରତରେ ବେଦାନ୍ତର ଅଦ୍ୱୈତବାଦ ପ୍ରଚାର କରିଥିଲେ ଓ ବୌଦ୍ଧଧର୍ମ ଭ୍ରମାତ୍ମକ ବୋଲି ପ୍ରମାଣକରି ଶତଶତ ବୌଦ୍ଧଙ୍କୁ ନିଜ ମତରେ ଦୀକ୍ଷିତ କରିଥିଲେ । ସେ ମହୀଶୂରର ଶୃଙ୍ଗେରୀ, ଉତ୍କଳର ପୁରୀ, ଗୁଜରାଟର ଦ୍ୱାରକା ଓ ହିମାଳୟସ୍ଥ ବଦ୍ରିନାଥରେ ଚାରୋଟି ମଠ ପ୍ରତିଷ୍ଠା କରିଥିଲେ । ସେ ଗୁଡ଼ିକ ଆଜିପର୍ଯ୍ୟନ୍ତ ରହିଅଛି । ସେ ହିମାଳୟର କେଦାରନାଥଠାରେ ୩୨ବର୍ଷ ବୟସରେ ପ୍ରାଣତ୍ୟାଗ କରିଥିଲେ ।

**ରାମାନୁଜାଚାର୍ଯ୍ୟ**—ସେ ମାନ୍ଦ୍ରାଜ ନିକଟବର୍ତ୍ତୀ ଗୋଟିଏ ଗ୍ରାମରେ ଜନ୍ମ ହୋଇଥିଲେ । ଏକମାତ୍ର ନାରାୟଣ ବା ବିଷ୍ଣୁଙ୍କଠାରେ ଭକ୍ତି ପ୍ରଦର୍ଶନଦ୍ୱାରା ମୁକ୍ତି ମିଳିବ ବୋଲି ସେ ପ୍ରଚାର କରିଥିଲେ । କାଞ୍ଚୀ ଓ ଶ୍ରୀରଙ୍ଗମ୍ ତାଙ୍କର ପ୍ରଧାନ କର୍ମକ୍ଷେତ୍ର ଥିଲା । ସେ ଉତ୍କଳରେ ମଧ୍ୟ ନିଜ ଧର୍ମ ପ୍ରଚାର କରିଥିଲେ । ସେ ଖ୍ରୀ: ଅ: ୧୧୩୨ ରେ ଶ୍ରୀରଙ୍ଗମ୍ ଠାରେ ପ୍ରାଣତ୍ୟାଗ କରିଥିଲେ । ତାଙ୍କର ଶିଷ୍ୟମାନେ ଶ୍ରୀବୈଷ୍ଣବ ନାମରେ ଅଭିହିତ ହୁଅନ୍ତି ।

**ସାହିତ୍ୟ ଓ ଶିକ୍ଷା**—ହିନ୍ଦୁଧର୍ମର ଅଭ୍ୟୁତ୍ଥାନ ସଙ୍ଗେ ସଙ୍ଗେ ସଂସ୍କୃତଭାଷାରେ ଶତ ଶତ ତାମ୍ରଶାସନ, ଶିଳାଲେଖ, ସ୍ତମ୍ଭଲେଖ ଏବଂ କାବ୍ୟ, ନାଟକ, ଅଳଙ୍କାର, ଜ୍ୟୋତିଷ, ବୀଜଗଣିତ, ଆୟୁର୍ବେଦ, ଦର୍ଶନ, ତନ୍ତ୍ର, ପୁରାଣ, ଗୀତା, ସଂହିତା ପ୍ରଭୃତି ନାନାବିଧ ଗ୍ରନ୍ଥ ବହୁ ସଂଖ୍ୟାରେ ଲିଖିତ ହୋଇଥିଲା । ତେଣୁ ସଂସ୍କୃତ ସାହିତ୍ୟ ସମଗ୍ର ପୃଥିବୀରେ ଗୋଟିଏ ଶ୍ରେଷ୍ଠ ସାହିତ୍ୟ ରୂପେ ପରିଗଣିତ ହେଲା । ଭାରବି, ମାଘ, ବିଶାଖାଦତ୍ତ, ଶ୍ରୀହର୍ଷ, ଜୟଦେବ, କଲ୍ହନ ଏ ଯୁଗର ପ୍ରଧାନ କବି ଓ ଲେଖକ । ସଂସ୍କୃତ ଗଦ୍ୟସାହିତ୍ୟ ଲେଖକମାନଙ୍କ ମଧ୍ୟରେ

ସୁବନ୍ଧୁ, ଦଣ୍ଡୀ ଓ ବାଣଭଟ୍ଟ ପ୍ରସିଦ୍ଧ । ଏହି ଯୁଗରେ ବଙ୍ଗଳା, ଓଡ଼ିଆ, ହିନ୍ଦୀ, ମରହଟ୍ଟୀ, ତେଲୁଗୁ ପ୍ରଭୃତି ପ୍ରାକୃତ ବା ପ୍ରାଦେଶିକ ସାହିତ୍ୟ ସକଳ ସୃଷ୍ଟି ହୋଇଥିଲା । ଅଷ୍ଟମ ଓ ନବମ ଶତାବ୍ଦୀର ଓଡ଼ିଆ ଭାଷାରେ ଲିଖିତ ଅନେକ ଗ୍ରନ୍ଥ ଆଜିକାଲି ତିବତ, ନେପାଳ ଅଞ୍ଚଳରୁ ମିଳୁଅଛି । ସେ ସମୟରେ ଭାରତ ସମଗ୍ର ପୃଥିବୀରେ ଶିକ୍ଷା ଓ ସଭ୍ୟତାର ପ୍ରଧାନ କେନ୍ଦ୍ର ଥିଲା । ନାଳନ୍ଦା, ବିକ୍ରମଶୀଳା, ବାରାଣସୀ, ଧାରା, ଉଜ୍ଜୟିନୀ, ରତ୍ନଗିରି (କଟକ ଜିଲ୍ଲାର ଲଳିତଗିରି), ପୁରୀ, ଶ୍ରୀଧାନ୍ୟକଟକ, କାଞ୍ଚୀ ପ୍ରଭୃତି ପ୍ରସିଦ୍ଧ ବିଦ୍ୟାପୀଠ ଥିଲା । ପ୍ରତ୍ୟେକ ବିଦ୍ୟାପୀଠରେ ପ୍ରକାଣ୍ଡ ଗ୍ରନ୍ଥାଗାରମାନ ଥିଲା । ଭାରତ ବାହାରୁ ଶତ ଶତ ଛାତ୍ର ଏ ଦେଶର ବିଦ୍ୟାପୀଠମାନଙ୍କୁ ବିଦ୍ୟାଶିକ୍ଷା କରିବାକୁ ଆସୁଥିଲେ । ଆମ ଦେଶରୁ ଶତ ଶତ ଗ୍ରନ୍ଥ ନେଇ ସୁଦୂର ଚୀନ, ଯାପାନ, ଆରବର ଲୋକମାନେ ଜ୍ଞାନ ଲାଭ କରୁଥିଲେ ।

**ସ୍ଥାପତ୍ୟବିଦ୍ୟା**—ହିନ୍ଦୁମାନେ ଭାସ୍କର୍ଯ୍ୟ କାର୍ଯ୍ୟରେ ଅସାଧାରଣ ନୈପୁଣ୍ୟ ଲାଭ କରିଥିଲେ । ହିନ୍ଦୁକୀର୍ତ୍ତିମାନଙ୍କ ମଧ୍ୟରେ ଭୁବନେଶ୍ୱରର ଲିଙ୍ଗରାଜ, ପାର୍ବତୀ, ରାଜାରାଣୀ ପ୍ରଭୃତି ମନ୍ଦିର, ଖଜୁରାହୋର ଶିବମନ୍ଦିର, କାଞ୍ଚୀର କୈଳାସନାଥ ମନ୍ଦିର, ମାମଲ୍ଲପୁରର ଖୋଦିତ ସାତୋଟି ରଥ, ଏଲୋରା ଓ ଅଜନ୍ତାର ଗୁହାମନ୍ଦିର ସକଳ, ଏଲିଫାଣ୍ଟାର ବିଶାଳମୂର୍ତ୍ତି ଗୁଡ଼ିକ, ଆବୁପର୍ବତସ୍ଥ ଜୈନମନ୍ଦିର ଜଗତ୍ ପ୍ରସିଦ୍ଧ । ଇଉରୋପୀୟ ଲେଖକମାନେ ହିନ୍ଦୁ ସ୍ଥାପତ୍ୟର ଭୂୟସୀ ପ୍ରଶଂସା କରିଛନ୍ତି । ଅଜନ୍ତାର ଚିତ୍ରଗୁଡ଼ିକ ଦେଖିଲେ ମନେହୁଏ ଯେ ଚିତ୍ରକଳା ମଧ୍ୟ ଉନ୍ନତିର ଚରମ ସୀମାରେ ପହଞ୍ଚିଥିଲା ।

**ବାଣିଜ୍ୟ ଓ ଉପନିବେଶ ସ୍ଥାପନ**— ହିନ୍ଦୁ ଯୁଗର ଭାରତୀୟ ବଣିକମାନେ ବିଶାଳ ସାଗରବକ୍ଷରେ ଶତ ଶତ ପୋତ ଚଳାଇ ପୂର୍ବରେ ପୂର୍ବଭାରତୀୟ ଦ୍ୱୀପପୁଞ୍ଜ, ବ୍ରହ୍ମଦେଶ, ଶ୍ୟାମ, ଚୀନ,

ଜାପାନ ଓ ପଶ୍ଚିମରେ ପାରସ୍ୟ, ଆରବ, ମିସର ଓ ରୋମ ସାମ୍ରାଜ୍ୟରେ ବାଣିଜ୍ୟ ବ୍ୟବସାୟ କରୁଥିଲେ । ଭାରତ ଉପକୂଳରେ ଥିବା ଶତ ଶତ



ଚୈତ୍ୟ ଗୁହା ଅଜନ୍ତା

ବନ୍ଦରରୁ ତୁଳା, ଶାଳ, ଚିନି, ମସଲା, ମୂଲ୍ୟବାନ୍ କାର୍ପାସ ବସ୍ତ୍ର, ପଟ୍ଟବସ୍ତ୍ର, ରତ୍ନ, ହସ୍ତୀଦନ୍ତନିର୍ମିତ ନାନାବିଧ ପଦାର୍ଥ ବିଦେଶକୁ ରପ୍ତାନି ହେଉଥିଲା । ହିନ୍ଦୁ ବଣିକମାନେ ନାନାବିଧ ପୋତ ନିର୍ମାଣ କରିପାରୁଥିଲେ ଓ ସମୁଦ୍ର-ଯାତ୍ରା ସମ୍ବନ୍ଧରେ ସେମାନଙ୍କର ବିଶେଷ ଅଭିଜ୍ଞତା ଥିଲା । କ୍ରୟ ବିକ୍ରୟ ପାଇଁ ସ୍ୱର୍ଣ୍ଣ, ରୌପ୍ୟ, ତାମ୍ରମୁଦ୍ରା ଓ କଉଡ଼ି ବ୍ୟବହୃତ ହେଉଥିଲା । ନୌବାଣିଜ୍ୟ ଯୋଗୁଁ ଭାରତ ସେ ଯୁଗରେ ପୃଥିବୀର ଶ୍ରେଷ୍ଠ ଧନଶାଳୀ ରାଜ୍ୟ ଥିଲା ।

ସୁଦୂର ଯାଭା, ସୁମାତ୍ରା, ବୋର୍ଣ୍ଣିଓ, ବାଲି ଦ୍ୱୀପରେ ଏବଂ ବ୍ରହ୍ମ, ଶ୍ୟାମ, ଚମ୍ପା, କାମ୍ବୋଡ଼ିଆ ପ୍ରଭୃତି ରାଜ୍ୟରେ ପ୍ରାୟ ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀଠାରୁ ବହୁକାଳ ଭାରତୀୟ ନୃପତିମାନେ ରାଜତ୍ୱ କରିଥିବାର ପ୍ରମାଣ ବହୁ ପ୍ରାଚୀନ ଲେଖରୁ ମିଳୁଅଛି । ସେମାନେ ପ୍ରତ୍ୟେକ ରାଜ୍ୟରେ ଶତ ଶତ ମଠ, ମନ୍ଦିର, ସ୍ତୂପ, ଚୈତ୍ୟ ନିର୍ମାଣ କରିଥିଲେ । ଯାଭା ଦ୍ୱୀପର 'ବୋରବୋଦୁର' ମନ୍ଦିର ଓ କାମ୍ବୋଡ଼ିଆର 'ଅଙ୍ଗର କୋଟ' ମନ୍ଦିର ଭାରତୀୟ କୀର୍ତ୍ତିମାନଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ । ସେ ସବୁ ରାଜ୍ୟରେ ରାମାୟଣ, ମହାଭାରତ, ପୁରାଣ ପ୍ରଭୃତି ଅଲୋଚିତ ଏବଂ



ଯାଭା ଦ୍ୱୀପର ବୋରବୋଦୁର ମନ୍ଦିର

ନାନାବିଧ ହିନ୍ଦୁ ଉତ୍ସବ ଓ ପୂଜା ଅନୁଷ୍ଠିତ ହେଉଥିବା ମଧ୍ୟ ଜଣାଯାଏ । ଭାରତୀୟ ବର୍ଣ୍ଣମାଳା ଅଦ୍ୟାବଧି ତିବ୍ବତ, ଶ୍ୟାମ ଓ କୋରିଆ ପ୍ରଭୃତି ରାଜ୍ୟରେ ପ୍ରଚଳିତ ଅଛି । ଅଫ୍ରିକାର ଉପକୂଳରେ ମଧ୍ୟ ଅନେକ ହିନ୍ଦୁ ଉପନିବେଶ ଥିଲା ଏବଂ ଭାରତୀୟ ବଣିକମାନେ ଆବିସିନିଆ ଓ ନୀଳନଦୀର ଉତ୍ପତ୍ତି ସ୍ଥଳ ପର୍ଯ୍ୟନ୍ତ ଯାଇଥିଲେ ।

ଔପନିବେଶିକ ଉତ୍ସାହ, ଧର୍ମପ୍ରଚାର ଓ ବାଣିଜ୍ୟ ସ୍ପୃହା ଯୋଗୁଁ ଭାରତୀୟ ସଭ୍ୟତା ସମଗ୍ର ପ୍ରାଚ୍ୟଖଣ୍ଡରେ ବିସ୍ତୃତ ହୋଇଥିଲା । କିନ୍ତୁ



କାମ୍ବୋଡ଼ିଆର ଅଙ୍ଗରକୋଟ ମନ୍ଦିର

ଇସଲାମ୍ ଧର୍ମ ଗ୍ରହଣ କରି ଆରବବାସୀମାନେ ସମୁଦ୍ର ବାଣିଜ୍ୟରେ ଭାରତୀୟମାନଙ୍କ ସହିତ ପ୍ରବଳ ପ୍ରତିଦ୍ୱନ୍ଦିତା କରିବାରୁ ଭାରତୀୟମାନେ ବିଶାଳ ସମୁଦ୍ରରେ କ୍ରମଶଃ ଆଧିପତ୍ୟ ହରାଇଲେ ।

---

## ଚତୁର୍ଦ୍ଦଶ ଅଧ୍ୟାୟ

**ଭାରତରେ ଇସଲାମ୍ ଧର୍ମର ପ୍ରଚାର**—ଏ ପର୍ଯ୍ୟନ୍ତ ତୁମ୍ଭେମାନେ ବୌଦ୍ଧ, ହିନ୍ଦୁ ଓ ଜୈନମାନଙ୍କ ବିଷୟ ପାଠ କରିଛ । କିନ୍ତୁ ଭାରତର ବିଭିନ୍ନ ପ୍ରଦେଶରେ ପ୍ରାୟ ଆଠ କୋଟି ମୁସଲମାନ ବାସ କରୁଛନ୍ତି । ଭାରତର ପଶ୍ଚିମକୁ ଆଫଗାନିସ୍ଥାନ, ପାରସ୍ୟ, ଆରବ ପ୍ରଭୃତିରେ ମଧ୍ୟ ଲକ୍ଷ ଲକ୍ଷ ମୁସଲମାନ ବାସ କରନ୍ତି । ଏକ ସମୟରେ ମିସର ପର୍ଯ୍ୟନ୍ତ ବିସ୍ତୃତ ବିଶାଳ ଭୂଖଣ୍ଡରେ ଭାରତୀୟ ସଭ୍ୟତା ଓ ବୌଦ୍ଧଧର୍ମ ବିସ୍ତୃତ ହୋଇଥିବା ଜଣାଯାଏ । କିନ୍ତୁ କାଳକ୍ରମେ ଉକ୍ତ ଭୂଖଣ୍ଡରେ ଇସଲାମଧର୍ମ ପ୍ରବଳ ହେଲା ଓ ଏହା ଭାରତରେ ମଧ୍ୟ ପ୍ରବେଶ

ଜନ୍ମ । ଇସଲାମଧର୍ମ ବୌଦ୍ଧ, ଜୈନ, ହିନ୍ଦୁ ପ୍ରଭୃତି ଭାରତୀୟ ଧର୍ମମାନଙ୍କ-ଠାରୁ ଅନେକାଂଶରେ ପୃଥକ୍ ।

**ମହାପୁରୁଷ ମହମ୍ମଦ**—ମହମ୍ମଦ ଆରବ ଦେଶର ମକ୍କା-ନଗରରେ ଖ୍ରୀ: ଅ: ୫୭୦ରେ ଗୋଟିଏ ଦରିଦ୍ର ପରିବାରରେ ଜନ୍ମଗ୍ରହଣ କରିଥିଲେ । ସେ ପିତୃମାତୃହୀନ ହୋଇ ଶୈଶବକାଳ ଅତି ଦୁଃଖ କଷ୍ଟରେ ଯାପନ କରିଥିଲେ । ସେ ବାଲ୍ୟାବସ୍ଥାରୁ ଧର୍ମ ଓ ସଂସାର ବିଷୟରେ ଚିନ୍ତା କରୁଥିଲେ । ଦରିଦ୍ର ହୋଇ ମଧ୍ୟ ଖାଦେଜା ନାମ୍ନୀ ଗୋଟିଏ ଧର୍ମପ୍ରାଣା ଧନୀ ବିଧବାକୁ ସେ ବିବାହ କରିଥିଲେ । ବିବାହ ପରେ ତାଙ୍କର ଚିନ୍ତାଶୀଳତା ଓ ବୈରାଗ୍ୟ ବୃଦ୍ଧି ଲାଭ କଲା । ସେ ସଂସାର ତ୍ୟାଗ କରି ମକ୍କା ନିକଟବର୍ତ୍ତୀ ଗୋଟିଏ ପର୍ବତ ଗୁମ୍ଫାରେ ବସି ବହୁକାଳ ଧର୍ମଚିନ୍ତା କରିଥିଲେ । ଜ୍ଞାନ ଲାଭ କରି ସେ ୪୦ ବର୍ଷ ବୟସରେ ଗୋଟିଏ ନୂତନ ଧର୍ମ ପ୍ରଚାର କଲେ । ତାହାର ନାମ ଇସଲାମ୍ ଧର୍ମ । ଏହି ଧର୍ମର ଉପଦେଶ ହେଉଛି, "ଈଶ୍ୱର ଏକ ଓ ଅଦ୍ୱିତୀୟ, କେବଳ ଏକ ଈଶ୍ୱରଙ୍କ ପୂଜା କର । ପ୍ରତିମା ବା ମୂର୍ତ୍ତି ପୂଜା କର ନାହିଁ । କର୍ମଫଳ ଓ ପୁନର୍ଜନ୍ମ ଲାଭର ଧାରଣା ଭ୍ରାନ୍ତ ।" ଏହି ଧର୍ମରେ ଜାତିଭେଦ ଓ ଅସ୍ପୃଶ୍ୟତା ନାହିଁ, ସବୁ ମନୁଷ୍ୟ ସମାନ । ତାଙ୍କର ଏହି ନୂତନ ଧର୍ମ ସେକାଳର ଆରବବାସୀମାନଙ୍କୁ ଭଲ ଲାଗିଲା ନାହିଁ । ସେମାନଙ୍କ ମଧ୍ୟରେ ସେ ସମୟରେ ନାନାପ୍ରକାର କୁସଂସ୍କାର ଥିଲା । ସମାଜରେ ବ୍ୟଭିଚାର, ଅନାଚାର ପ୍ରବଳ ଥିଲା । ସେମାନେ ଘୋର ପୌତ୍ତଳିକ ଥିଲେ । ତେଣୁ ମହମ୍ମଦ ଯେତେବେଳେ ମକ୍କାରେ ପ୍ରଥମେ ଏହି ଧର୍ମ ପ୍ରଚାର କଲେ, ସେଠାରେ ଲୋକମାନେ ଉତ୍ତ୍ୟକ୍ତ ହୋଇ ତାଙ୍କ ଉପରେ ଅତ୍ୟାଚାର କଲେ । ତହୁଁ ମହମ୍ମଦ ୬୨୨ ଖ୍ରୀଷ୍ଟାବ୍ଦରେ ମକ୍କାରୁ ମଦିନାକୁ ପଳାୟନ କଲେ । ସେହି ବର୍ଷରୁ ମୁସଲମାନଙ୍କର 'ହିଜ୍ରା' ଅବ୍ଦ ଗଣାଯାଏ । ହିଜ୍ରା ଶବ୍ଦର ଅର୍ଥ ପଳାୟନ । ମଦିନାର ଲୋକମାନେ ଆଦରରେ ତାଙ୍କର

ଧର୍ମ ଗ୍ରହଣ କଲେ ଓ ସେଠାରେ ଗୋଟିଏ ମସ୍‌ଜିଦ୍‌ ବା ପ୍ରାର୍ଥନା-ମନ୍ଦିର ନିର୍ମିତ ହେଲା । ମହମ୍ମଦଙ୍କ ମଦିନାବାସୀ ଶିଷ୍ୟମାନେ ସୈନ୍ୟ ସଂଗ୍ରହ କରି ମକ୍‌କା ସହର ଆକ୍ରମଣ କଲେ । ମକ୍‌କାବାସୀମାନେ ପରାସ୍ତ ହୋଇ ଇସଲାମ ଧର୍ମ ଗ୍ରହଣ କଲେ । ତାଙ୍କର ମୃତ୍ୟୁ ପୂର୍ବରୁ ସମଗ୍ର ଆରବରେ ଏହି ନୂତନ ଧର୍ମ ପ୍ରଚଳିତ ହୋଇଥିଲା । ସେ ଖ୍ରୀ: ଅ: ୬୩୨ ରେ ୬୨ ବର୍ଷ ବୟସରେ ପ୍ରାଣତ୍ୟାଗ କରିଥିଲେ । ତାଙ୍କ ମୃତ୍ୟୁର ପ୍ରାୟ ଏକ-ଶତାବ୍ଦୀ ମଧ୍ୟରେ ସ୍ପେନଠାରୁ ଅଫଗାନିସ୍ଥାନ ପର୍ଯ୍ୟନ୍ତ ବିସ୍ତୃତ ଭୂଖଣ୍ଡରେ ଇସଲାମ ଧର୍ମ ପ୍ରଚଳିତ ହୋଇଗଲା । ମୁସଲମାନମାନେ ପ୍ରତିମା ପୂଜକ ଜାତିମାନଙ୍କୁ ବିଧର୍ମୀ ଶତ୍ରୁ ବୋଲି ମନେ କରୁଥିଲେ । ଧର୍ମପାଇଁ ଯୁଦ୍ଧ କରିବା ସେମାନଙ୍କ ମତରେ ଅନ୍ୟାୟ ନୁହେଁ । ମହମ୍ମଦଙ୍କ ମୃତ୍ୟୁ ପରେ ମୁସଲମାନ ସମ୍ପ୍ରଦାୟର ଧର୍ମଗୁରୁ ବା ପରିଚାଳକମାନେ ଖଲିଫା ନାମରେ ଅଭିହିତ ହେଲେ । ବାଗ୍‌ଦାଦ ସେମାନଙ୍କର ରାଜଧାନୀ ହେଲା । ମହମ୍ମଦଙ୍କ ଉପଦେଶମାନ ଏହି ଧର୍ମର ପ୍ରଧାନ ଧର୍ମଗ୍ରନ୍ଥ 'କୋରାଣ'ରେ ଲିପିବଦ୍ଧ ହୋଇଅଛି । ମକ୍‌କା ଓ ମଦିନା ସେମାନଙ୍କର ପ୍ରଧାନ ଧର୍ମସ୍ଥାନ ।

**ସିନ୍ଧୁପ୍ରଦେଶରେ ମୁସଲମାନ ଆଧିପତ୍ୟ ପ୍ରତିଷ୍ଠା—** ବହୁ ପୂର୍ବକାଳରୁ ଆରବ ଓ ଭାରତ ମଧ୍ୟରେ ନୌବାଣିଜ୍ୟ ଚଳୁଥିଲା । ଆରବବାସୀଗଣ ଇସଲାମ୍‌ ଧର୍ମରେ ଦୀକ୍ଷିତ ହେବା ପରେ ପ୍ରବଳ ହୋଇ ଉଠିଲେ ଓ ଥରକୁଥର ଭାରତର ପଶ୍ଚିମ ଉପକୂଳ ଲୁଣ୍ଠନ କରିବାକୁ ଲାଗିଲେ । କିନ୍ତୁ ଖ୍ରୀ: ଅ: ୭୧୨ ରେ ସେମାନେ ସ୍ଥାୟୀ ଭାବରେ ସିନ୍ଧୁ-ପ୍ରଦେଶ ଅଧିକାର କଲେ । ସେହି ବର୍ଷ ସିଂହଳ ଦ୍ୱୀପର ରାଜାଙ୍କ ଦ୍ୱାରା ହାଜାଜ୍‌ଙ୍କ ନିକଟକୁ ପ୍ରେରିତ କେତୋଟି ବାଣିଜ୍ୟ-ପୋତ ସିନ୍ଧୁପ୍ରଦେଶର ଦେବୁଲ ବନ୍ଦରଠାରେ ଲୁଣ୍ଠିତ ହୋଇଥିଲା । ତହୁଁ ଇରାକ୍‌ ପ୍ରଦେଶର ଶାସନକର୍ତ୍ତା ହାଜାଜ୍‌ ସିନ୍ଧୁର ବ୍ରାହ୍ମଣ ରାଜା ଦାହିରଙ୍କୁ ଏଥିର କ୍ଷତି-ପୂରଣ କରିବାପାଇଁ ଦାବୀ କଲେ । ସେ ଏଥିରେ ସଂପୃକ୍ତ ନ ଥିବାରୁ

ହାଜାଜ୍‌ଙ୍କ କଥା ଶୁଣିଲେ ନାହିଁ । ତହୁଁ ସେ ସିନ୍ଧୁପ୍ରଦେଶ ଜୟ କରିବାପାଇଁ ତିନି ଥର ସୈନ୍ୟ ପଠାଇ ଥିଲେ । ଦାହିର ଦୁଇଥର ମୁସଲମାନମାନଙ୍କୁ ପରାସ୍ତ କରିଥିଲେ । ତୃତୀୟଥର ହାଜାଜ୍ ମହମ୍ମଦ ବିନ୍ କାଶିମ୍ ନାମକ ସାହସୀ ସେନାପତିଙ୍କ ନେତୃତ୍ୱରେ ବହୁତ ସୈନ୍ୟ ପଠାଇଲେ । ସିନ୍ଧୁର ବୌଦ୍ଧମାନେ ଦାହିରଙ୍କ ଉପରେ ଅସନ୍ତୁଷ୍ଟ ଥିଲେ ଓ ବିଶ୍ୱାସଘାତକତା କରି ବିଜେତାଙ୍କ ପକ୍ଷ ଗ୍ରହଣ କଲେ । ତେଣୁ ଏଥର ଦାହିର ଯୁଦ୍ଧରେ ପରାସ୍ତ ଓ ନିହତ ହେଲେ । ସିନ୍ଧୁପ୍ରଦେଶ ବିଜେତାଙ୍କ ଦ୍ୱାରା ଅଧିକୃତ ହେଲା । ହାଜାଜ୍ ଖଲିଫାଙ୍କର କରଦ ରାଜା ଥିଲେ । ତେଣୁ ତାଙ୍କଦ୍ୱାରା ଅଧିକୃତ ସିନ୍ଧୁପ୍ରଦେଶ ଖଲିଫାଙ୍କ ସାମ୍ରାଜ୍ୟରେ ଗୋଟିଏ ପ୍ରଦେଶରୂପେ ଗଣିତ ହେଲା ।

ସିନ୍ଧୁପ୍ରଦେଶ ଜୟ ପରେ ଆରବୀୟମାନେ ଭାରତର ଅନ୍ୟାନ୍ୟ ହିନ୍ଦୁରାଜ୍ୟ ଜୟ କରିବାପାଇଁ ବାରମ୍ବାର ଚେଷ୍ଟା କରି ମଧ୍ୟ ରାଜପୁତ-ମାନଙ୍କର ପ୍ରବଳ ପ୍ରତିରୋଧ ଯୋଗୁଁ ଅକୃତକାର୍ଯ୍ୟ ହୋଇଥିଲେ । ସିନ୍ଧୁ ଅଧିକାରର ସେପରି ରାଜନୈତିକ ଗୁରୁତ୍ୱ ନ ଥିଲେ ମଧ୍ୟ ଏହାଦ୍ୱାରା ଇସଲାମ୍ ଓ ହିନ୍ଦୁ ସଭ୍ୟତା ମଧ୍ୟରେ ଘନିଷ୍ଠ ସମ୍ପର୍କ ପ୍ରତିଷ୍ଠିତ ହେଲା । ଆରବୀୟମାନେ ହିନ୍ଦୁମାନଙ୍କର ବିଦ୍ୟା ଓ ଜ୍ଞାନରେ ମୁଗ୍ଧ ହୋଇ ସେମାନଙ୍କ ପ୍ରତି କ୍ରମଶଃ ଉଦାର ଭାବ ପ୍ରଦର୍ଶନ କରିଥିଲେ । ସେମାନେ ହିନ୍ଦୁ ପଣ୍ଡିତମାନଙ୍କ ଠାରୁ ଚିକିତ୍ସା, ଦର୍ଶନ, ଗଣିତ, ଜ୍ୟୋତିଷ ପ୍ରଭୃତି ବିଷୟରେ ଅନେକ ନୂତନ ତଥ୍ୟ ଶିକ୍ଷା କରିଥିଲେ ଓ ପରବର୍ତ୍ତୀ କାଳରେ ଏହି ନୂତନ ଜ୍ଞାନ ଇଉରୋପରେ ପ୍ରଚାର କରିଥିଲେ ।

**ସୀମାନ୍ତ ପ୍ରଦେଶରେ ମୁସଲମାନ ଆଧିପତ୍ୟ ପ୍ରତିଷ୍ଠା**—ଅଶୋକଙ୍କ ସମୟରୁ ଅଫଗାନିସ୍ଥାନର ଲୋକମାନେ ହିନ୍ଦୁ ଓ ବୌଦ୍ଧ ଥିଲେ ଏବଂ ସେଠାରେ ଅନେକ ହିନ୍ଦୁ ଓ ବୌଦ୍ଧ କୀର୍ତ୍ତି ନିର୍ମିତ ହୋଇଥିଲା । କିନ୍ତୁ ଦଶମ ଶତାବ୍ଦୀ ବେଳକୁ ଏଠାରେ ଇସଲାମ୍

ଧର୍ମ ପ୍ରଚାରିତ ହୋଇ ହିନ୍ଦୁ ଓ ବୌଦ୍ଧଧର୍ମ ଲୁପ୍ତ ହେଲା । ଖ୍ରୀ: ଅ: ୯୬୨ରେ ଅଲପ୍ତଗିନ୍ ନାମକ ଜଣେ ତୁରସ୍କବାସୀ କ୍ରୀତଦାସ ଅଫଗାନି-ସ୍ଥାନସ୍ଥ ଗଜନୀ ନାମକ କ୍ଷୁଦ୍ର ହିନ୍ଦୁରାଜ୍ୟ ଅଧିକାର କଲେ । ତାଙ୍କ ପରେ ତାଙ୍କ ଜାମାତା ସବକ୍ତଗିନ ଗଜନୀର ରାଜା ହେଲେ । ଭାରତର ଧନରତ୍ନ ଲୁଣ୍ଠନ ଓ ଭାରତରେ ଇସଲାମ୍ ଧର୍ମ ପ୍ରଚାର କରିବା ପାଇଁ ସେ ଚେଷ୍ଟା କଲେ । ସେ ସମୟରେ ହିନ୍ଦୁକୁଶ ଠାରୁ ଝେଲମ୍ ନଦୀ ପର୍ଯ୍ୟନ୍ତ ବିସ୍ତୃତ ହିନ୍ଦୁରାଜ୍ୟରେ ଜୟପାଳ ରାଜତ୍ୱ କରୁଥିଲେ । ସିନ୍ଧୁ ନଦୀ ତୀରବର୍ତ୍ତୀ ଉଦଭାଣ୍ଡପୁର ( ଆଧୁନିକ ଓଣ୍ଡ ) ତାଙ୍କର ରାଜଧାନୀ ଥିଲା । ଜୟପାଳ ସବକ୍ତଗିନଙ୍କ ଦୁରଭିସନ୍ଧି ଜାଣି କେତେକ ହିନ୍ଦୁ ରାଜାଙ୍କୁ ଏକତ୍ର କରି ତାଙ୍କୁ ବାଧା ଦେଲେ । କିନ୍ତୁ ଶେଷରେ ପରାସ୍ତ ହୋଇ ସିନ୍ଧୁନଦୀର ପଶ୍ଚିମକୁ ଥିବା ନିଜ ରାଜ୍ୟର ଅଂଶ ସବକ୍ତଗିନ୍‌ଙ୍କୁ ଦେଲେ । ଏହି ପ୍ରକାରେ ସିନ୍ଧୁନଦୀ ପର୍ଯ୍ୟନ୍ତ ମୁସଲମାନ ଆଧିପତ୍ୟ ବିସ୍ତୃତ ହୋଇଥିଲା ।

**ମାମୁଦଙ୍କ ଭାରତ ଆକ୍ରମଣ ଓ ପଞ୍ଜାବରେ ମୁସଲମାନ ଆଧିପତ୍ୟ ପ୍ରତିଷ୍ଠା**—ସବକ୍ତଗିନଙ୍କ ପରେ ତାଙ୍କ ପୁତ୍ର ମାମୁଦ ଖ୍ରୀ: ଅ: ୯୯୭ ରେ ଗଜନୀର ରାଜା ହେଲେ । ମାମୁଦ ବାଲ୍ୟ-କାଳରୁ ଭାରତର ଧନରତ୍ନ ଓ ମନ୍ଦିରମାନଙ୍କ ସମ୍ବନ୍ଧରେ ଭାରତ ଏବଂ ଇଉରୋପ ମଧ୍ୟରେ ସ୍ଥଳପଥରେ ବାଣିଜ୍ୟ କରୁଥିବା ବଣିକମାନଙ୍କଠାରୁ ଅନେକ ବିଷୟ ଶୁଣିଥିଲେ । ତାଙ୍କ ରାଜ୍ୟ ଅନୁର୍ବର, ପର୍ବତପୂର୍ଣ୍ଣ, ଜନଶୂନ୍ୟ ମରୁଭୂମି । ତେଣୁ ସେ ଧନଜନପୂର୍ଣ୍ଣ ଭାରତର ନଗର, ମନ୍ଦିରମାନ ଧ୍ୱଂସ ଓ ଲୁଣ୍ଠନ ଏବଂ ଭାରତରେ ଇସଲାମ୍ ଧର୍ମ ପ୍ରଚାର କରିବା ପାଇଁ ପ୍ରତିଜ୍ଞା କରିଥିଲେ । ସେ ରାଜା ହେବା ମାତ୍ରେ ତାଙ୍କର ଚିରପୋଷିତ ଅଭିଳାଷ ପୂର୍ଣ୍ଣ କରିବାପାଇଁ ସତରଥର ଭାରତ ଆକ୍ରମଣ କରିଥିଲେ । ସେ ଯେତେ ଯେତେ ଆକ୍ରମଣ ଓ ଲୁଣ୍ଠନ କରୁଥାନ୍ତି ତାଙ୍କର ଲୋଭ, ସାହସ ସେତେ ବଢ଼ୁଥାଏ । କ୍ରମେ କ୍ରମେ ସେ ପୂର୍ବରେ କନୌଜ

ଓ ଦକ୍ଷିଣରେ ସୋମନାଥ ପର୍ଯ୍ୟନ୍ତ ଲୁଣ୍ଠନ କରିଥିଲେ । ଲୁଣ୍ଠିତ ଧନରତ୍ନରୁ ଭାଗ ପାଇବାପାଇଁ ଓ ବିଧର୍ମୀମାନଙ୍କ କୀର୍ତ୍ତି ଧ୍ୱଂସ କରି ପୁଣ୍ୟାର୍ଜ୍ଜନ କରିବାପାଇଁ ଅଫଗାନ ଓ ତୁର୍କମାନେ କ୍ରମଶଃ ଅଧିକ ସଂଖ୍ୟାରେ ମାମୁଦଙ୍କ ସହିତ ଯୋଗ ଦେଉଥିଲେ । ସେମାନଙ୍କର ଘନ ଘନ ଆକ୍ରମଣ ଫଳରେ ଉତ୍ତର ଭାରତରେ କେତେକ ସମୃଦ୍ଧିଶାଳୀ ନଗରୀ ଓ ବିଶାଳ ହିନ୍ଦୁ କୀର୍ତ୍ତିମାନ ଧ୍ୱସ୍ତ ହୋଇଥିଲା ।

**ମାମୁଦଙ୍କ ଅଭିଯାନ**—ମାମୁଦ ଗଜନୀର ରାଜା ହେବା ମାତ୍ରେ ଖ୍ରୀ: ଅ: ୧୦୦୧ରେ ପିତାଙ୍କ ଶତ୍ରୁ ଜୟପାଳଙ୍କ ସହିତ ପେଶାବାର-ଠାରେ ଯୁଦ୍ଧ କରିଥିଲେ । ଜୟପାଳ ପରାସ୍ତ ଓ ବନ୍ଦୀ ହୋଇଥିଲେ । ପରେ ସେ କର ଦେବାକୁ ସ୍ୱୀକୃତ ହେବାରୁ କାରାମୁକ୍ତ ହେଲେ । କିନ୍ତୁ ଏହି ଭୀଷଣ ଅପମାନ ଅସହ୍ୟ ହେବାରୁ ସେ ସ୍ୱୀୟ ପୁତ୍ର ଆନନ୍ଦପାଳଙ୍କ ହସ୍ତରେ ରାଜ୍ୟଭାର ଅର୍ପଣ କରି ଅଗ୍ନିରେ ଝାସ ଦେଇ ପ୍ରାଣତ୍ୟାଗ କଲେ । ଏହା ମାମୁଦଙ୍କର ଦ୍ୱିତୀୟ ଅଭିଯାନ ।

ଆନନ୍ଦପାଳ ବୀର ଓ ସାହସୀ ଥିଲେ । ଦେଶ ଓ ଧର୍ମରକ୍ଷା ପାଇଁ ଏବଂ ପିତାଙ୍କ ଅପମାନ ଓ ମୃତ୍ୟୁର ପ୍ରତିଶୋଧ ନେବାପାଇଁ ସେ ପ୍ରତିଜ୍ଞା-ବଦ୍ଧ ହେଲେ । ସେ ଏକାକୀ ମାମୁଦଙ୍କ ସହିତ ଯୁଦ୍ଧ କରିବାକୁ ଅସମର୍ଥ ବୋଲି ଭାବି ପାର୍ଶ୍ୱବର୍ତ୍ତୀ କେତେକ ହିନ୍ଦୁ ରାଜାଙ୍କର ସାହାଯ୍ୟ ଲୋଡ଼ିଲେ । ଉଜ୍ଜୟିନୀ, କନୌଜ, ଦିଲ୍ଲୀ, ଅଜମିର ପ୍ରଭୃତିର ହିନ୍ଦୁ ରାଜାମାନେ ତାଙ୍କୁ ବହୁସୈନ୍ୟସହ ସାହାଯ୍ୟ ଦେଇଥିଲେ । ପେଶାବାର ନିକଟରେ ଉଭୟପକ୍ଷ ମଧ୍ୟରେ ତୁମୁଳ ଯୁଦ୍ଧ ହେଲା । ହିନ୍ଦୁମାନେ ପ୍ରଥମେ ଭୀଷଣ ଭାବରେ ଆକ୍ରମଣ ଚଳାଇଲେ ଓ ଅଳ୍ପ ସମୟ ମଧ୍ୟରେ ୪୫ ହଜାର ପଠାଣ ସୈନ୍ୟ ବଧ କରିଥିଲେ । ହିନ୍ଦୁମାନଙ୍କର ଜୟ ସୁନିଶ୍ଚିତ ପରି ଜଣା ପଡ଼ିଲା । କିନ୍ତୁ ଦୁର୍ଭାଗ୍ୟବଶତଃ ସମସ୍ତଙ୍କ ଆଗରେ ଥିବା ଆନନ୍ଦ-ପାଳଙ୍କ ହସ୍ତୀ ଶରବିଦ୍ଧ ହୋଇ ତାଙ୍କୁ ନେଇ ଯୁଦ୍ଧକ୍ଷେତ୍ରରୁ ପଳାଇଗଲା ।

ଏଥିରେ ହିନ୍ଦୁ ସୈନ୍ୟମାନେ ଭୀତ ହୋଇ ଛତ୍ରଭଙ୍ଗ ହେଲେ । ଅନ୍ୟାନ୍ୟ ହସ୍ତୀଗୁଡ଼ିକ ନିଜ ପକ୍ଷର ସୈନ୍ୟମାନଙ୍କୁ ଦଳିଚକଟି ଦେଇ ଏଣେତେଣେ ପଳାଇଗଲେ । ଯୁଦ୍ଧରେ ହସ୍ତୀର ବ୍ୟବହାର, ମାମୁଦଙ୍କ ଅପୂର୍ବ ଯୁଦ୍ଧ-କୌଶଳ, ହିନ୍ଦୁ ସେନାମଧ୍ୟରେ ଏକତା ଓ ଶୃଙ୍ଖଳାର ଅଭାବ ଯୋଗୁଁ ହିନ୍ଦୁମାନେ ପରାସ୍ତ ହେଲେ । ମାମୁଦ ଦୁଇଦିନ ଦୁଇରାତି ଧରି ଆଠ ହଜାର ହିନ୍ଦୁଙ୍କୁ ମାରି ପକାଇଲେ ଓ ବହୁ ଧନରତ୍ନ ଲୁଣ୍ଠନ କଲେ । ଖ୍ରୀ: ଅ: ୧୦୦୮ରେ ମାମୁଦ ଏହି ଅଭିଯାନ କରିଥିଲେ । ଅନନ୍ଦପାଳ, ତାଙ୍କ ପୁତ୍ର ତ୍ରିଲୋଚନପାଳ ଓ ତାଙ୍କ ନାତି ଭୀମପାଳ ଖ୍ରୀ: ଅ: ୧୦୨୬ ପର୍ଯ୍ୟନ୍ତ ମାମୁଦଙ୍କ ସହିତ ଯୁଦ୍ଧ ଚଳାଇଥିଲେ । କିନ୍ତୁ ଶେଷରେ ଏହି ବଂଶ ନିର୍ମୂଳ ହେଲା ଓ ପଞ୍ଜାବ ମୁସଲମାନମାନଙ୍କଦ୍ୱାରା ଅଧିକୃତ ହେଲା

ଏହି ବିଜୟରେ ଉତ୍ସାହିତ ହୋଇ ମାମୁଦ ଖ୍ରୀ: ଅ: ୧୦୦୯ରେ ଭୀମ ନଗର ବା କାଙ୍ଗ୍ରାର ମନ୍ଦିର ଲୁଣ୍ଠନ କରିଥିଲେ । ସେ ଏଠାରୁ ଅପରିମିତ ଧନରତ୍ନ ଏବଂ ୬୦ ହାତ ଲମ୍ବ, ୩୦ ହାତ ଚୌଡ଼ା ରୂପାରେ ତିଆରି ଗୋଟିଏ ଘର ସ୍ୱଦେଶକୁ ନେଇ ଯାଇଥିଲେ । ଏହି ଘରଟି ଏପରି କୌଶଳରେ ତିଆରି ହୋଇଥିଲା ଯେ ଏହା ସହଜରେ ଭଙ୍ଗା ଓ ଯୋଡ଼ାଯାଇ ପାରୁଥିଲା । ଏହାପରେ ସେ ଖ୍ରୀ: ଅ: ୧୦୧୪ ରେ ଥାନେଶ୍ୱର ଆକ୍ରମଣ କରିଥିଲେ । ଖ୍ରୀ: ଅ: ୧୦୧୮ ରେ ମାମୁଦ ଇତିହାସ-ପ୍ରସିଦ୍ଧ ମଥୁରା ଆକ୍ରମଣ କରି ଏଠାର ବହୁ ସୁନ୍ଦର ମନ୍ଦିର ଭାଙ୍ଗି ପୋଡ଼ି ଧ୍ୱଂସ କରିଦେଲେ । ସେହି ବର୍ଷ ସେ ଉତ୍ତରଭାରତର ଶ୍ରେଷ୍ଠ ନଗରୀ କନୌଜ ଆକ୍ରମଣ କଲେ । ସେଠାର ଗୁର୍ଜର ପ୍ରତିହାର ରାଜା ରାଜ୍ୟପାଳ ଶତ୍ରୁକୁ କୌଣସି ବାଧା ଦେଇ ନ ଥିଲେ । ତାଙ୍କର ଅନେକ ପ୍ରଜା ଭୟରେ ଇସଲାମ୍ ଧର୍ମ ଗ୍ରହଣ କଲେ । ମାମୁଦ ଏହି ସୁଯୋଗରେ କନୌଜର ଶତ ଶତ ପ୍ରାସାଦ ଓ ମନ୍ଦିର ଧ୍ୱଂସ କରିଥିଲେ ଏବଂ ଅସଂଖ୍ୟ ଲୋକଙ୍କୁ ହାଣି ପକାଇଥିଲେ । ରାଜ୍ୟପାଳଙ୍କ ଭୀରୁତାରେ

ଉତ୍ତ୍ୟକ୍ତ ହୋଇ ଚନ୍ଦେଲ ରାଜ ଗଣ୍ଡା ତାଙ୍କୁ ମାରି ପକାଇଲେ । ଏଥିରେ ମାମୁଦ ବିରକ୍ତ ହୋଇ ଖ୍ରୀ: ଅ: ୧୦୧୯ ରେ ଗଣ୍ଡାଙ୍କ ବିରୁଦ୍ଧରେ ଯୁଦ୍ଧ ଯାତ୍ରା କଲେ । ଗଣ୍ଡା ଭୟରେ ନିଜ ରାଜଧାନୀ କାଲଞ୍ଜର ଛାଡ଼ି ଚାଲିଗଲେ । ମାମୁଦ କାଲଞ୍ଜରରୁ ବହୁ ଧନରତ୍ନ ଲୁଣ୍ଠନ କରିଥିଲେ ।



ସୋମନାଥ ମନ୍ଦିର

ଶେଷରେ ମାମୁଦ ଖ୍ରୀ: ଅ: ୧୦୨୫ ରେ ଗୁଜରାଟର ସମୁଦ୍ର କୂଳରେ ଥିବା ଭାରତପ୍ରସିଦ୍ଧ ସୋମନାଥ ମନ୍ଦିର ଆକ୍ରମଣ ଓ ଲୁଣ୍ଠନ କରିବାକୁ ବାହାରିଲେ । ତାଙ୍କର ଅଭିଯାନମାନଙ୍କ ମଧ୍ୟରେ ସୋମନାଥ ଅଭିଯାନ ଶ୍ରେଷ୍ଠ । ଏହି ମନ୍ଦିର ସେସମୟରେ ଅପରିମିତ ଧନରତ୍ନ ଭଣ୍ଡାର ବୋଲି ଖ୍ୟାତି ଲାଭ କରିଥିଲା । ଏହାର ବିପୁଳ ଐଶ୍ୱର୍ଯ୍ୟର କଥା ଶୁଣି ମାମୁଦଙ୍କ ଧନଲିପ୍ସା ପ୍ରବଳ ହେଲା । ସେ ବହୁ ସୈନ୍ୟସହ ଜନଶୂନ୍ୟ,

ଜଳଶୂନ୍ୟ, ଦୁର୍ଗମ ରାଜପୁତାନା ମରୁଭୂମି ଅତିକ୍ରମ କରି ସେହି ମନ୍ଦିର ନିକଟରେ ପହଞ୍ଚିଲେ । ଗୁଜରାଟର ରାଜା ପ୍ରଥମ ଭୀମଦେବ ଶତ୍ରୁଙ୍କୁ ବିଶେଷ ବାଧା ଦେଇ ନ ଥିଲେ । କିନ୍ତୁ ମନ୍ଦିରକୁ ରକ୍ଷା କରିବାପାଇଁ ସହସ୍ର ସହସ୍ର ହିନ୍ଦୁ ତିନିଦିନ ଧରି ପ୍ରବଳ ଯୁଦ୍ଧ କରି ଶେଷରେ ପରାସ୍ତ ଓ ନିର୍ଦ୍ଦୟ ଭାବରେ ନିହତ ହେଲେ । ପଣ୍ଡାମାନେ ବହୁ ଧନରତ୍ନ ଦେବାକୁ ପ୍ରତିଜ୍ଞା କଲେ ଏବଂ ମନ୍ଦିର ଓ ଶିବ ଲିଙ୍ଗର କୌଣସି କ୍ଷତି ନ କରିବାକୁ ବହୁ ଅନୁନୟ ବିନୟ କଲେ । କିନ୍ତୁ ମାମୁଦ ସେମାନଙ୍କ ସକଳ ଅନୁରୋଧ ରକ୍ଷା ନ କରି ମନ୍ଦିରକୁ ନଷ୍ଟ କଲେ ଓ ବିଶାଳ ଲୌହଦଣ୍ଡରେ ଲିଙ୍ଗକୁ ପିଟି ଖଣ୍ଡ ଖଣ୍ଡ କରିଦେଲେ । ସେଠାରୁ ସେ ଅପର୍ଯ୍ୟାପ୍ତ ଧନରତ୍ନ ପାଇଥିଲେ । ଫେରିଗଲାବେଳେ ତାଙ୍କର ଅନେକ ସୈନ୍ୟ ମରିଗଲେ ଓ ସେ ନିଜେ ବହୁତ କଷ୍ଟ ପାଇଲେ । ମାମୁଦ ଖ୍ରୀ: ଅ: ୧୦୩୦ ରେ ପ୍ରାଣତ୍ୟାଗ କଲେ ।

**ମାମୁଦଙ୍କ ଅଭିଯାନର ଫଳ**—ଭାରତରେ ସାମ୍ରାଜ୍ୟ ସ୍ଥାପନ ତାଙ୍କର ଉଦ୍ଦେଶ୍ୟ ନ ଥିଲା । ଭାରତର ନଗର ଓ ମନ୍ଦିର-ମାନଙ୍କର ଆକ୍ରମଣ ଓ ଲୁଣ୍ଠନ ଏବଂ ହିନ୍ଦୁ କୀର୍ତ୍ତି ସକଳ ଧ୍ୱଂସ କରି ଇସଲାମ୍ ଧର୍ମ ପ୍ରଚାର ତାଙ୍କର ମୁଖ୍ୟ ବ୍ରତ ଥିଲା । ମରିବା ପୂର୍ବରୁ ସେ ଶତ ଶତ ହିନ୍ଦୁ କୀର୍ତ୍ତି ନଷ୍ଟ କରିଥିଲେ, ସହସ୍ର ସହସ୍ର ଲୋକଙ୍କୁ ମୁସଲ-ମାନ କରିଥିଲେ ଓ ହିନ୍ଦୁ ମନ୍ଦିରମାନଙ୍କର ବହୁଯୁଗ ସଞ୍ଚିତ ଧନରତ୍ନ ଲୁଟି ନେଇ ଗଜନୀର ରାଜକୋଷ ପୂର୍ଣ୍ଣ କରିଥିଲେ । କିନ୍ତୁ ସେ ଜଣେ ପ୍ରଜାପାଳକ, ବିଦ୍ୟାନୁରାଗୀ ଓ ନ୍ୟାୟପରାୟଣ ରାଜା ଥିବାର କେତେକ କିମ୍ବଦନ୍ତୀରୁ ଜଣାଯାଏ । ସେ ଗଜନୀରେ ଅନେକ ସୁନ୍ଦର ହର୍ମ୍ୟ ଓ ଗୋଟିଏ ବିଶ୍ୱବିଦ୍ୟାଳୟ ନିର୍ମାଣ କରିଥିଲେ । ସେ ପାରସି ସାହିତ୍ୟର ବଡ଼ ପ୍ରିୟ ଥିଲେ । ତାଙ୍କ ସଭାରେ ବିଖ୍ୟାତ କବି ଫିରଦୌସି ଓ ବିଖ୍ୟାତ ଐତିହାସିକ ଅଲବିରୁଣୀ ଥିଲେ । ମାମୁଦ ଭାରତ ଅଭିଯାନରେ

ବ୍ୟସ୍ତ ଥିବା ସମୟରେ ଅଲବରୁଣୀ ନାନା ସ୍ଥାନ ବୁଲି ଭାରତ ସମ୍ବନ୍ଧରେ ଗୋଟିଏ ବିବରଣୀ ଲେଖିଥିଲେ । ସେ ଲେଖିଛନ୍ତି—"ମାମୁଦ ଭାରତର ଶାନ୍ତି ଓ ସମୃଦ୍ଧି ନଷ୍ଟ କରିଥିଲେ ଏବଂ ତାଙ୍କର କୀର୍ତ୍ତି ଧ୍ୱଂସ ଫଳରେ ହିନ୍ଦୁ ଓ ମୁସଲମାନ ସମ୍ପ୍ରଦାୟ ମଧ୍ୟରେ ଶତ୍ରୁତା ବୃଦ୍ଧି ଲାଭକଲା ।" ମରିବାବେଳକୁ ପଞ୍ଜାବ ପ୍ରଦେଶ ତାଙ୍କର ରାଜ୍ୟଭୁକ୍ତ ହୋଇଥିଲା । ତାଙ୍କ ଅନ୍ତେ ତାଙ୍କର ବଂଶଧରମାନେ ଦୁର୍ବଳ ହୋଇ ପଡ଼ିଲେ ଓ ଭାରତ ପ୍ରାୟ ୧୬୦ ବର୍ଷ କାଳ ମୁସଲମାନ ଆକ୍ରମଣରୁ ରକ୍ଷା ପାଇ ସୁଖ ଶାନ୍ତିରେ ରହିଲା ।

**ମହମ୍ମଦ ଘୋରୀଙ୍କ ଦ୍ୱାରା ଉତ୍ତର ଭାରତରେ ମୁସଲମାନ ସାମ୍ରାଜ୍ୟ ପ୍ରତିଷ୍ଠା**—ଘୋର ନାମକ ଅଫଗାନ-ସ୍ଥାନରେ ଅଜ ଗୋଟିଏ କ୍ଷୁଦ୍ର ରାଜ୍ୟ ଥିଲା । ପ୍ରଥମେ ଏହା ଗଜନୀ ରାଜ୍ୟର ଅଧୀନ ଥିଲା । କିନ୍ତୁ ସୁଲତାନ ଘ୍ୟାସୁଦ୍ଦିନ ନାମକ ଘୋର ରାଜ୍ୟର ଜଣେ ରାଜା ବିଶେଷ କ୍ଷମତାଶାଳୀ ହୋଇ ଗଜନୀ ରାଜ୍ୟ ଅଧିକାର କରିଥିଲେ । ତାଙ୍କର ସାନ ଭାଇ ସାହାବୁଦ୍ଦିନ ମହମ୍ମଦ ଘୋରୀ ଜଣେ ଉଚ୍ଚାଭିଳାଷୀ ଓ ସାହସୀ ସେନାପତି ଥିଲେ । ମାମୁଦଙ୍କ ପରି ଆକ୍ରମଣ ଓ ଲୁଣ୍ଠନ କରିବା ତାଙ୍କର ଉଦ୍ଦେଶ୍ୟ ନ ଥିଲା । ଭାରତରେ ସାମ୍ରାଜ୍ୟପ୍ରତିଷ୍ଠା ତାଙ୍କର ପ୍ରଧାନ ଲକ୍ଷ୍ୟ ଥିଲା । ସେ ଖ୍ରୀ: ୧୧୭୫-୭୬ରେ ମୁଲତାନ ଅଧିକାର କଲେ । ଏହାପରେ ସେ ଗୁଜରାଟ ଆକ୍ରମଣ କଲେ । କିନ୍ତୁ ସେଠାର ରାଜା 'ମୂଲରାଜ'ଙ୍କ ଦ୍ୱାରା ପରାଜିତ ହୋଇ ପଳାଇ ଆସିଲେ । ସେ ଜାମୁରାଜ୍ୟର ହିନ୍ଦୁରାଜାଙ୍କ ସହାୟତାରେ ଲାହୋରର ଶେଷ ଗଜନୀ ବଂଶୀୟ ରାଜାଙ୍କୁ ବନ୍ଦୀ କରି ଖ୍ରୀ: ଅ: ୧୧୮୬ ରେ ଲାହୋର ଅଧିକାର କଲେ । ଏହି ପ୍ରକାରେ ସେ ପଞ୍ଜାବ ପ୍ରଦେଶ ଅଧିକାର କଲେ ଓ ଦିଲ୍ଲୀ ଅଧିକାର କରି ନିଜକୁ ଭାରତର ସମ୍ରାଟ୍ କରିବାପାଇଁ ସର୍ବଦା ସୁଯୋଗ ଖୋଜୁଥିଲେ ।

ସେ ସମୟରେ ଦିଲ୍ଲୀ ଓ ଅଜମିରର ଚୌହାନ ସମ୍ରାଟ୍ ପୃଥ୍ୱୀରାଜ ଓ କନୌଜର ରାଠୋର ନରପତି ଜୟଚନ୍ଦ୍ରଙ୍କ ମଧ୍ୟରେ ଘୋର ବିବାଦ ଲାଗିଥିଲା । ପୃଥ୍ୱୀରାଜ ଜଣେ ଅଦ୍ୱିତୀୟ ବୀର ଓ ରାଜପୁତ ଜାତିର ପୂଜ୍ୟ ନେତାରୂପେ ଗଣ୍ୟ ହେଉଥିଲେ । ଜୟଚନ୍ଦ୍ର ତାଙ୍କର କ୍ଷମତା ଓ ପ୍ରତିପତ୍ତିରେ ଈର୍ଷାନ୍ୱିତ ହୋଇ ନିଜକୁ ସମଗ୍ର ଭାରତର ସମ୍ରାଟ୍ କରିବା ମାନସରେ ଗୋଟିଏ ରାଜସୂୟ ଯଜ୍ଞ କରିଥିଲେ । ଏଥିରେ ପୃଥ୍ୱୀରାଜ ଓ ତାଙ୍କର ଭଣୋଇ ମିବାରର ରାଜା ଅମରସିଂହଙ୍କ ବ୍ୟତୀତ ଅନ୍ୟ କେତେକ ସାମନ୍ତ ରାଜା ଯୋଗ ଦେଇଥିଲେ ।



ପୃଥ୍ୱୀରାଜ

ଯଜ୍ଞ ପରେ ଜୟଚନ୍ଦ୍ରଙ୍କ କନ୍ୟା ସଂଯୁକ୍ତାଙ୍କର ସ୍ୱୟମ୍ବର ହେଲା । ପୃଥ୍ୱୀରାଜ ଛଦ୍ମବେଶରେ ସ୍ୱୟମ୍ବର ସଭାରେ ଉପସ୍ଥିତ ଥିଲେ । ସଂଯୁକ୍ତା ପୃଥ୍ୱୀରାଜଙ୍କ ମୂର୍ତ୍ତିରେ ବରଣମାଳା ଲମ୍ବାଇ ଦେବା ସମୟରେ ସେ ତାଙ୍କୁ ନିଜ ଅଶ୍ୱପୃଷ୍ଠରେ ବସାଇ ଦିଲ୍ଲୀକୁ ନେଇ ଯାଇଥିଲେ । ଜୟଚନ୍ଦ୍ର ଏହି ଭୀଷଣ ଅପମାନର ପ୍ରତିଶୋଧ ନେବାପାଇଁ ପ୍ରତିଜ୍ଞାବଦ୍ଧ ହେଲେ । କେତେକଙ୍କ ମତରେ ସେ ପୃଥ୍ୱୀରାଜଙ୍କୁ ଏକାକୀ ପରାସ୍ତ କରିବା ଅସମ୍ଭବ ମନେକରି ମହମ୍ମଦ ଘୋରୀଙ୍କୁ ନିମନ୍ତ୍ରଣ କରିଥିଲେ ।

**ତିରୋରୀ ଯୁଦ୍ଧ**—ମହମ୍ମଦ ଘୋରୀ ଏହି ବିବାଦର ସୁଯୋଗ ନେଇ ଖ୍ରୀ: ଅ: ୧୧୯୧ ରେ ଦିଲ୍ଲୀ ଆକ୍ରମଣ କରିବାକୁ ଅଗ୍ରସର ହେଲେ । ପୃଥ୍ୱୀରାଜ ଥାନେଶ୍ୱର ବା ତାରାୟଣ ନାମକ ସ୍ଥାନରେ ମହମ୍ମଦ ଘୋରୀଙ୍କ ସହିତ ଭୀଷଣ ଯୁଦ୍ଧ କରିଥିଲେ । ରାଜପୁତ ସୈନ୍ୟମାନଙ୍କ ଅସୀମ ସାହସ ଓ ବୀରତ୍ୱ ଯୋଗୁଁ ମହମ୍ମଦ ଘୋରୀ ପରାସ୍ତ ହେଲେ ଓ ପ୍ରାଣ

ଯେନ ଯୁଦ୍ଧଭୂମିରୁ ପଳାୟନ କଲେ । ପଳାତକ ଶତ୍ରୁକୁ ମାରିବା ଅନ୍ୟାୟ ବୋଲି ଭାବି ପୃଥ୍ୱୀରାଜ ତାଙ୍କୁ ନ ମାରି ଛାଡ଼ି ଦେଲେ ।

ମହମ୍ମଦ ପରାସ୍ତ ହୋଇ ବିଶେଷ ଅପମାନ ବୋଧକଲେ ଓ ତତ୍ପର ବର୍ଷ ସେ ଅଧିକସଂଖ୍ୟକ ସୈନ୍ୟ ଘେନି ସେହି ପୂର୍ବ ଯୁଦ୍ଧକ୍ଷେତ୍ରରେ ପୃଥ୍ୱୀରାଜଙ୍କ ସହିତ ପୁନର୍ବାର ଯୁଦ୍ଧ କଲେ । ଏଥର ମଧ୍ୟ ମୁସଲମାନ ସୈନ୍ୟମାନେ ପ୍ରଥମେ ପ୍ରଥମେ ପରାସ୍ତ ହେଲେ । ଏହା ଦେଖି ମହମ୍ମଦ ଗୋଟିଏ କୌଶଳ କଲେ । ସେ ନିଜ ସୈନ୍ୟମାନଙ୍କୁ ଯୁଦ୍ଧପାଇଁ ପ୍ରସ୍ତୁତ, ଶ୍ରେଣୀବଦ୍ଧ ଓ ଶୃଙ୍ଖଳିତ ରହିବାକୁ ଆଦେଶ ଦେଇ ନିଜେ ପଳାଇବାର ଛଳନା କଲେ । ଯୁଦ୍ଧକ୍ଷେତ୍ରରୁ ତାଙ୍କର ପଳାୟନ ଦେଖି ହିନ୍ଦୁ ସୈନ୍ୟମାନେ ହର୍ଷୋତ୍ଫୁଲ୍ଲ ହୋଇ ଇତସ୍ତତଃ ହୋଇଗଲେ । ମହମ୍ମଦ ଅଳ୍ପସମୟ ପରେ ଫେରି ଆସି ବିଶୃଙ୍ଖଳ ହିନ୍ଦୁ ସୈନ୍ୟମାନଙ୍କୁ ପରାସ୍ତ କଲେ । ରାଜପୁତଗୌରବ ପୃଥ୍ୱୀରାଜ ବନ୍ଦୀ ଓ ନିହତ ହେଲେ । ଦିଲ୍ଲୀ ଓ ଆଜମୀର ମହମ୍ମଦଙ୍କ ଦ୍ୱାରା ଅଧିକୃତ ହେଲା । ଦେଶଦ୍ରୋହୀ ଜୟଚନ୍ଦ୍ରଙ୍କର ପୃଥ୍ୱୀରାଜଙ୍କ ଅନ୍ତେ ଭାରତରେ ଅପ୍ରତିଦ୍ୱନ୍ଦ୍ୱୀ ସମ୍ରାଟ୍ ହେବାର କଳ୍ପନା ଚୂର୍ଣ୍ଣ ହେଲା ।



ସେ ନିଜେ ଖ୍ରୀ: ଅ: ୧୧୯୪ ରେ 'ଚୂନ୍ଦଓ୍ୱାର ଯୁଦ୍ଧ'ରେ ପରାସ୍ତ ଓ ନିହତ ହେଲେ । କନୌଜ ମହମ୍ମଦଙ୍କ ହସ୍ତଗତ ହେଲା । ଖ୍ରୀ: ଅ: ୧୧୯୭ରେ କୁତବୁଦ୍ଦିନ ଆଇବାକ୍ ଗୁଜରାଟର ରାଜା ଭୀମଦେବଙ୍କୁ ପରାସ୍ତ କରିଥିଲେ । କିନ୍ତୁ ଏହା ଅଧିକୃତ ହୋଇପାରିଲା ନାହିଁ । କୁତବୁଦ୍ଦିନ ଖ୍ରୀ: ଅ: ୧୨୦୨ ରେ କାଲିଞ୍ଜର ଦୁର୍ଗ ଅଧିକାର କରିଥିଲେ ।

ମହମ୍ମଦଙ୍କର ଅନ୍ୟ ବନ୍ଧୁ 'ଇକ୍ତିଆରୁଦ୍ଦିନ ମହମ୍ମଦ' ବିହାରର ପାଲରାଜାଙ୍କୁ ପରାସ୍ତ କରି ଏହି ରାଜ୍ୟ ଅଧିକାର କଲେ । ମଗଧ ଜୟ କଲାବେଳେ ସେ ପ୍ରସିଦ୍ଧ ନାଲନ୍ଦା ବିଶ୍ୱବିଦ୍ୟାଳୟ ଓ ଅନେକ ମଠ ଧ୍ୱଂସ କରିଥିଲେ ଏବଂ ଶତ ଶତ ବୌଦ୍ଧଭିକ୍ଷୁଙ୍କୁ ମଧ୍ୟ ମାରି ପକାଇଥିଲେ । ତତ୍‌ପରେ ସେ ବଙ୍ଗ ଆକ୍ରମଣ କଲେ । ବଙ୍ଗଳାର ରାଜା ଲକ୍ଷ୍ମଣସେନ ବିନାପ୍ରତିରୋଧରେ ଶତ୍ରୁକୁ ରାଜ୍ୟ ଦେଇ ନିଜ ଜୀବନ ରକ୍ଷା କରିବାପାଇଁ ଉତ୍କଳକୁ ପଳାଇ ଆସିଲେ । ଏହି ପ୍ରକାରେ ପ୍ରାୟ ଦଶବର୍ଷ ମଧ୍ୟରେ ଉତ୍ତରଭାରତର ଅଧିକାଂଶ ରାଜ୍ୟ ମୁସଲମାନ ଶାସନାଧୀନ ହେଲା ।

୧୨୦୩ ଖ୍ରୀଷ୍ଟାବ୍ଦରେ ଘ୍ୟାସୁଦ୍ଦିନ ମରିଯିବାରୁ ମହମ୍ମଦ ଘୋରିର ସିଂହାସନ ଅଧିକାର କଲେ । କିନ୍ତୁ ଦିଲ୍ଲୀ ସିଂହାସନ ଅଧିକାର ତାଙ୍କ ଭାଗ୍ୟରେ ଘଟିଲା ନାହିଁ । ସେ ଖ୍ରୀ: ଅ: ୧୨୦୬ରେ ଜଣେ ଆତତାୟୀ-ଦ୍ୱାରା ନିହତ ହୋଇଥିଲେ । ତାଙ୍କ ମୃତ୍ୟୁ ପରେ ତାଙ୍କର ସେନାପତି କୁତବୁଦ୍ଦିନ ଦିଲ୍ଲୀ ସିଂହାସନ ଅଧିକାର କଲେ ।


---

## ପଞ୍ଚଦଶ ଅଧ୍ୟାୟ

## ଭାରତରେ ମୁସଲମାନ (ତୁର୍କ ଆଫଗାନ) ରାଜତ୍ୱ

**ଦାସବଂଶ**—ମହମ୍ମଦଘୋରି ଉତ୍ତରଭାରତରେ ଯେଉଁ ପଠାଣ ସାମ୍ରାଜ୍ୟ ସ୍ଥାପନ କରିଥିଲେ, ତାହା ବହୁକାଳସ୍ଥାୟୀ ହୋଇଥିଲା ଏବଂ

ଦାସବଂଶ, ଖିଲ୍‌ଜିବଂଶ, ତୋଗଲକବଂଶ, ସୟଦବଂଶ ଓ ଲୋଦୀବଂଶ ନାମକ ପାଞ୍ଚଟି ରାଜବଂଶ କ୍ରମାନ୍ୱୟରେ ଏହି ସାମ୍ରାଜ୍ୟ ଶାସନ କରିଥିଲେ ।



କୁତବମିନାର

**କୁତବୁଦ୍ଦିନ୍** (ଖ୍ରୀ: ଅ: ୧୨୦୬-୧୨୧୦)—ମହମ୍ମଦ ଘୋରୀଙ୍କ ମୃତ୍ୟୁରେ ତାଙ୍କ ସେନାପତି କୁତବୁଦ୍ଦିନ୍ ଆଇବାକ୍ ଖ୍ରୀ: ଅ: ୧୨୦୬ରେ

ଦିଲ୍ଲୀର ସମ୍ରାଟ୍ ହେଲେ । ସେ ଜାତିରେ ତୁର୍କ ଥିଲେ । ଘୋରି ଜଣେ ବଣିକଠାରୁ ତାଙ୍କୁ ପ୍ରଥମେ କ୍ରୀତଦାସରୂପେ କିଣିଥିଲେ । କିନ୍ତୁ ତାଙ୍କ ବୁଦ୍ଧି, କୌଶଳ ଓ ସାହସରେ ମୁଗ୍ଧ ହୋଇ ପରେ ତାଙ୍କୁ ଭାରତୀୟ ବିଜିତ ପ୍ରଦେଶମାନଙ୍କର ଶାସନକର୍ତ୍ତାରୂପେ ନିଯୁକ୍ତ କରିଥିଲେ । ଘୋରିଙ୍କର କୌଣସି ଉତ୍ତରାଧିକାରୀ ନ ଥିବାରୁ ସେ ଦିଲ୍ଲୀର ପ୍ରଥମ ମୁସଲମାନ ସୁଲତାନ୍ ହେଲେ । ଏହି ବଂଶର ପ୍ରତିଷ୍ଠାତା କୁତବୁଦ୍ଦିନ, ପରବର୍ତ୍ତୀ ରାଜା ଆଲଟାମସ୍ ଓ ବଲବନ କ୍ରୀତଦାସ ଥିବାରୁ ଏହି ବଂଶକୁ 'ଦାସବଂଶ' କୁହାଯାଏ । କୁତବୁଦ୍ଦିନ ସାହସୀ, ଯୋଦ୍ଧା ଓ ସୁଶାସକ ଥିଲେ । ସେ ଖ୍ରୀ: ଅ: ୧୨୧୦ ରେ ପ୍ରାଣତ୍ୟାଗ କରିଥିଲେ । ସେ 'ଖ୍ୱାଜା କୁତବୁଦ୍ଦିନ' ନାମକ ଜଣେ ମୁସଲମାନ ଫକୀରଙ୍କର ସ୍ମୃତିରକ୍ଷାପାଇଁ ଦିଲ୍ଲୀର 'କୁତବମିନାର' ନାମକ ବିଶାଳ ସ୍ମୃତିସ୍ତମ୍ଭ ନିର୍ମାଣ କରିଥିଲେ । ଏହା ୨୪୮ ଫୁଟ ଉଚ୍ଚ ଅଟେ । ଏହାର ମୂଳ ମୋଟା ଓ ଭୂମି ନିକଟରେ ଏହାର ବ୍ୟାସ ୪୭ ଫୁଟ । ଏହା କ୍ରମେ ଉପରକୁ ସରୁ ହୋଇ ଯାଇଛି ଓ ଉପରେ ଏହାର ବ୍ୟାସ ୯ ଫୁଟ । ପୃଥିବୀର ଏହା ଗୋଟିଏ ଉଚ୍ଚତମ ସ୍ତମ୍ଭ । ଏହା ପଞ୍ଚତଲ ବିଶିଷ୍ଟ ଓ ଏହାର କାରୁକାର୍ଯ୍ୟ ଅତି ସୁନ୍ଦର । କୁତବୁଦ୍ଦିନ ଏ କାର୍ଯ୍ୟଟି ଶେଷ କରିବା ପୂର୍ବରୁ ମୃତ୍ୟୁମୁଖରେ ପତିତ ହୋଇଥିଲେ ।

**ଆଲଟାମସ୍** (ଖ୍ରୀ: ଅ: ୧୨୧୧—୧୨୩୬)—କୁତବୁଦ୍ଦିନଙ୍କ ମୃତ୍ୟୁପରେ ତାଙ୍କ ପୁତ୍ର ଆରାମ୍ ରାଜା ହେଲେ । କିନ୍ତୁ ସେ ଶାସନକାର୍ଯ୍ୟରେ ଏକାନ୍ତ ଅକ୍ଷମ ଥିବାରୁ କୁତବୁଦ୍ଦିନଙ୍କ ଜାମାତା ଆଲଟାମସ୍ ତାଙ୍କୁ ସିଂହାସନଚ୍ୟୁତ କରି ନିଜେ ରାଜା ହେଲେ । ତାଙ୍କର ଅନ୍ୟ ନାମ ଇଲତୁତ୍‌ମିସ୍ । ସେ ପ୍ରଥମେ କୁତବୁଦ୍ଦିନଙ୍କର ଦାସ ଥିଲେ । କିନ୍ତୁ ନିଜ ବୁଦ୍ଧି ବଳରେ କ୍ରମଶଃ ଉନ୍ନତି କରି କୁତବୁଦ୍ଦିନଙ୍କର ଜାମାତା ହେଲେ । ସେ ବଙ୍ଗ ଓ ସିନ୍ଧୁରେ ଘଟିଥିବା ବିଦ୍ରୋହ ଦମନ କରିଥିଲେ । ମାଲବ

ରାଜଧାନୀ ଉଜ୍ଜୟିନୀ ସେ ଅଧିକାର କରି ସେଠାର ବିଖ୍ୟାତ ମହାକାଳ ମନ୍ଦିର ଧ୍ୱଂସ କରିଥିଲେ । ଐତିହାସିକ ଫେରିସ୍ତାଙ୍କ ବିବରଣୀରୁ ଜଣାଯାଏ ଯେ, ଏହି ମନ୍ଦିରଟି ନିର୍ମାଣ କରିବାପାଇଁ ୩୦୦ ବର୍ଷ ଲାଗିଥିଲା ଓ ଏଥିରେ ଭାରତପ୍ରସିଦ୍ଧ ବିକ୍ରମାଦିତ୍ୟଙ୍କର ଗୋଟିଏ ପ୍ରତିମୂର୍ତ୍ତି ଥିଲା । ଅଲ୍ତାମସ୍ ସେଠାରୁ ଶତ ଶତ ମୂର୍ତ୍ତି ଦିଲ୍ଲୀକୁ ଆଣି ଭାଙ୍ଗି ଚୂନା କରିଦେଇଥିଲେ । ତାଙ୍କ ରାଜତ୍ୱରେ ମଧ୍ୟଏସିଆର 'ଚେଙ୍ଗିଜ୍ ଖାଁ' ନାମକ ଜଣେ ପ୍ରବଳ ମଙ୍ଗୋଲ ଲୁଣ୍ଠନକାରୀ ସିନ୍ଧୁନଦୀ ପର୍ଯ୍ୟନ୍ତ ଆକ୍ରମଣ ଓ ଲୁଣ୍ଠନ କରି ଫେରିଯାଇଥିଲେ । ମଙ୍ଗୋଲମାନେ ପରବର୍ତ୍ତୀ କାଳରେ 'ମୋଗଲ' ନାମରେ ଅଭିହିତ ହେଲେ । ଏହା ଭାରତରେ ପ୍ରଥମ ମୋଗଲ ଆକ୍ରମଣ । ଅଲ୍ତାମସ୍ ଜଣେ ବିଦ୍ୟୋତ୍ସାହୀ ନୃପତି ଥିଲେ । ତାଙ୍କ ରାଜତ୍ୱରେ ଦିଲ୍ଲୀ ମୁସଲମାନ ଶିକ୍ଷାସଭ୍ୟତାର ଗୋଟିଏ ପ୍ରସିଦ୍ଧ କେନ୍ଦ୍ର ଥିଲା । ସେ କୁତବମିନାର କାର୍ଯ୍ୟ ଶେଷ କରିଥିଲେ । ସେ ରୂପାରେ ମୁଦ୍ରା ଚଳାଇଥିଲେ । ତାକୁ ଟଙ୍କା କୁହାଯାଉଥିଲା । ଦାସବଂଶର ସେ ଜଣେ ଶ୍ରେଷ୍ଠ ରାଜା ।

**ସୁଲତାନ ରେଜିୟା** ( ଖ୍ରୀ: ଅ: ୧୨୩୬—୧୨୪୦ )— ଅଲ୍ତାମସ୍‌ଙ୍କ ପୁତ୍ର ଶାସନକାର୍ଯ୍ୟ ଚଳାଇବାକୁ ଅକ୍ଷମ ହେବାରୁ ତାଙ୍କର କନ୍ୟା ରେଜିୟା ଦିଲ୍ଲୀର ସିଂହାସନରେ ବସିଲେ । ସେ ପିତାଙ୍କ ଜୀବିତାବସ୍ଥାରେ ମଧ୍ୟ ତାଙ୍କୁ ଶାସନ କାର୍ଯ୍ୟରେ ସାହାଯ୍ୟ କରୁଥିଲେ । ତେଣୁ ପୂର୍ବରୁ ତାଙ୍କର ରାଜ୍ୟଶାସନ ସମ୍ବନ୍ଧରେ ଅଭିଜ୍ଞତା ଥିଲା । ସେ ବୁଦ୍ଧିମତୀ, କର୍ମପଟୁ ଥିଲେ ଓ ସୁଚାରୁରୂପେ ରାଜ୍ୟ ଶାସନ କରୁଥିଲେ । ସେ ପୁରୁଷବେଶରେ ରାଜକାର୍ଯ୍ୟ ଚଳାଉଥିଲେ ଓ ନିଜେ ଅଶ୍ୱପୃଷ୍ଠରେ ଯୁଦ୍ଧଭୂମିକୁ ଯାଇ ଯୁଦ୍ଧ କରୁଥିଲେ । ସେ ଜଣେ ଆବିସିନିୟାଗତ କ୍ରୀତଦାସ ପ୍ରତି ଅଧିକ ସ୍ନେହ ଓ ଶ୍ରଦ୍ଧା ପ୍ରକାଶ କରିବାରୁ ତାଙ୍କର ତୁର୍କି-ସୈନ୍ୟମାନେ ବିଦ୍ରୋହ କରି ସେହି ଲୋକଟିକୁ ମାରିପକାଇଲେ । ତହୁଁ ସେ ଅଲତୁନିୟା ନାମକ ଜଣେ ସାମନ୍ତଙ୍କୁ ବିବାହ କଲେ । ଏଥିରେ

କେତେକ ଅମୀର ଓ ସେନାପତି ବିଶେଷ ଉତ୍ତ୍ୟକ୍ତ ହୋଇ ତାଙ୍କୁ ଓ ତାଙ୍କର ସ୍ୱାମୀଙ୍କୁ ହତ୍ୟା କଲେ । ତାଙ୍କ ବ୍ୟତୀତ ଅନ୍ୟ କୌଣସି ରମଣୀ ଦିଲ୍ଲୀର ସିଂହାସନରେ ବସିଥିବାର ଜଣାଯାଏ ନାହିଁ ।

**ନାସିରୁଦ୍ଦିନ୍** (ଖ୍ରୀ: ଅ: ୧୨୪୬—୧୨୬୬)—ରେଜିୟାଙ୍କ ପରେ ଯଥାକ୍ରମେ ବହ୍ରାମ ଓ ମାସୁଦ ନାମକ ଦୁଇଜଣ ଅଯୋଗ୍ୟ ବ୍ୟକ୍ତି ୬ ବର୍ଷ ରାଜତ୍ୱ କରିଥିଲେ । ଏହାପରେ ଅଲ୍‌ତାମସ୍‌ଙ୍କ କନିଷ୍ଠ ପୁତ୍ର ନାସିରୁଦ୍ଦିନ ଦିଲ୍ଲୀର ସମ୍ରାଟ ହେଲେ । ସେ ଜଣେ ଦୟାଳୁ, ଧାର୍ମିକ ଓ ଚରିତ୍ରବାନ୍ ରାଜା ଥିଲେ । ସେ ଲିଖନ ପଠନ କାର୍ଯ୍ୟରେ ଅଧିକ ସମୟ ବ୍ୟୟ କରୁଥିଲେ । ରାଜା ହୋଇ ମଧ୍ୟ ସେ ସମସ୍ତ ପ୍ରକାର ଭୋଗ ବିଳାସ ଛାଡ଼ିଥିଲେ । ସେ ନିଜର ସୁଖ ସ୍ୱାଚ୍ଛନ୍ଦ୍ୟ ପାଇଁ ଆଦୌ ଅର୍ଥବ୍ୟୟ କରୁ ନ ଥିଲେ । କଥିତ ଅଛି, ସେ ସ୍ୱହସ୍ତରେ କୋରାନ୍ ଲେଖି କୋରାନ୍ ବିକ୍ରୟ-ଲବ୍ଧ ଅର୍ଥରେ ନିଜର ବ୍ୟୟ ନିର୍ବାହ କରୁଥିଲେ । ତାଙ୍କ ରାଣୀ ରନ୍ଧନ କାର୍ଯ୍ୟ କରୁଥିଲେ । ଥରେ ରୁଟି ସେକୁସେକୁ ରାଣୀଙ୍କର ହାତ ପୋଡ଼ି-ଯିବାରୁ ସେ ସ୍ୱାମୀଙ୍କୁ ଗୋଟିଏ ପାଚକ ରଖିବା ପାଇଁ ଅନୁରୋଧ କରିଥିଲେ । କିନ୍ତୁ ନାସିରୁଦ୍ଦିନ୍ ଅର୍ଥାଭାବ କାରଣ ଦେଖାଇ ନିଜ ପତ୍ନୀଙ୍କ ଅନୁରୋଧ ରକ୍ଷା କରି ପାରି ନ ଥିଲେ ।

ଶାସନ କାର୍ଯ୍ୟରେ ତାଙ୍କର ଆଦୌ ଦକ୍ଷତା ନ ଥିଲା । ସେ ନାମକୁ ମାତ୍ର ସମ୍ରାଟ୍ ଥିଲେ । ତାଙ୍କର ବୁଦ୍ଧିମାନ୍ ମନ୍ତ୍ରୀ ଗୟାସୁଦ୍ଦିନ ବଲବନ୍ ତାଙ୍କ ନାମରେ ଦୀର୍ଘ ୨୦ ବର୍ଷ କାଳ ସୁଦକ୍ଷଭାବରେ ଶାସନ କାର୍ଯ୍ୟ ଚଳାଇଥିଲେ । ବଲବନ୍ ଉତ୍ତର-ପଶ୍ଚିମ ସୀମାନ୍ତରେ ବହୁ ସୈନ୍ୟ ରଖି ମୋଗଲମାନଙ୍କ ଆକ୍ରମଣରୁ ଭାରତକୁ ରକ୍ଷା କରିଥିଲେ । ସେ ମାଳବ ପ୍ରଦେଶ ପୁନର୍ବାର ଜୟ କରିଥିଲେ ଓ ରାଜପୁତମାନଙ୍କୁ ପରାସ୍ତ କରିଥିଲେ ।

'ମିନହାଜଉସିରାଜ' ନାମକ ଜଣେ ପ୍ରସିଦ୍ଧ କବି 'ତବାକତ୍-ଇ-ନାସିର' ନାମକ ନାସିରୁଦ୍ଦିନ୍‌ଙ୍କ ରାଜତ୍ୱର ଏକ ଇତିହାସ ଲେଖି ଯାଇଛନ୍ତି ।

**ଗୟାସୁଦ୍ଦିନ୍ ବଲବନ୍** (ଖ୍ରୀ: ଅ: ୧୨୬୬—୧୨୮୬)—ବଲବନ୍ ପ୍ରଥମେ ଅଲତାମସ୍‌ଙ୍କର ଜଣେ କ୍ରୀତଦାସ ଥିଲେ । ପରେ ତାଙ୍କ ଗୁଣରେ ମୁଗ୍ଧ ହୋଇ ଅଲତାମସ୍ ନିଜ କନ୍ୟାକୁ ତାଙ୍କ ସହିତ ବିବାହ ଦେଇଥିଲେ । ନାସିରୁଦ୍ଦିନଙ୍କର ପୁତ୍ର ନ ଥିବାରୁ ସେ ଦିଲ୍ଲୀର ସମ୍ରାଟ୍ ହେଲେ । ସେ ଜଣେ ଚତୁର, ସୁଦକ୍ଷ ରାଜା ଥିଲେ ଓ କଠୋର ଭାବରେ ରାଜ୍ୟ ଶାସନ କରୁଥିଲେ । ସେ ବିଦ୍ରୋହ ଦମନ ଓ ରାଜ୍ୟରେ ଶାନ୍ତିପ୍ରତିଷ୍ଠା କରିବା ପାଇଁ ସୈନ୍ୟସଂଖ୍ୟା ବିଶେଷ ଭାବରେ ବଢ଼ାଇ ଦେଇଥିଲେ । ମେୱାର ଡକାୟତମାନଙ୍କୁ ଦମନ କରି ସେ ରାସ୍ତାଗୁଡ଼ିକ ନିରାପଦ ରଖିଥିଲେ । ବଙ୍ଗଳାର ନବାବ ତୋଗ୍ରଲଖାଁ ବିଦ୍ରୋହ କରିବାରୁ ସେ ତାଙ୍କୁ ଦମନ କରିବା ପାଇଁ ଦୁଇଥର ସୈନ୍ୟ ପ୍ରେରଣ କରିଥିଲେ । କିନ୍ତୁ ସେମାନେ ଅକୃତକାର୍ଯ୍ୟ ହେବାରୁ ସେ ନିଜେ ବିଦ୍ରୋହ ଦମନ କରିବାକୁ ଗଲେ । ସେ ବିଦ୍ରୋହୀମାନଙ୍କୁ ନୃଶଂସ ଭାବରେ ହତ୍ୟା କରି ଲୋକମାନଙ୍କ ମନରେ ଭୟ ଉତ୍ପାଦନ କରିବା ନିମିତ୍ତ ସେମାନଙ୍କର ଶବଗୁଡ଼ିକୁ ଲକ୍ଷ୍ମଣାବତୀ ସହରର ଗଳିଅଡ଼େ ଝୁଲାଇ ଦେଇଥିଲେ । ପଳାତକ ତୁଗ୍ରଲଖାଁ ଧୃତ ଓ ନିହତ ହୋଇଥିଲେ । ତତ୍‌ପରେ ସେ ନିଜ ପୁତ୍ର ମାମୁଦଙ୍କୁ ବଙ୍ଗଳାର ଶାସନକର୍ତ୍ତା ନିଯୁକ୍ତ କରିଥିଲେ । ତାଙ୍କର ରାଜତ୍ୱ କାଳରେ ମୋଗଲମାନେ ଭାରତ ଆକ୍ରମଣ କରିଥିଲେ । ଭୀଷଣ ଯୁଦ୍ଧ ପରେ ମୋଗଲମାନେ ପରାସ୍ତ ହେଲେ । ବଲବନ୍‌ଙ୍କ ପୁତ୍ର ମହମ୍ମଦ ଯୁଦ୍ଧରେ ନିହତ ହେଲେ । ସେ ନ୍ୟାୟବାନ ଶାସକ ଥିଲେ ଏବଂ ପୁତ୍ର, ମିତ୍ର, ଭ୍ରାତା, ବନ୍ଧୁ ସମସ୍ତଙ୍କ ପ୍ରତି ସମାନ ବ୍ୟବହାର କରୁଥିଲେ । ସେ ଜଣେ ବିଦ୍ୟାନୁରାଗୀ ରାଜା ଥିଲେ ।

ପ୍ରସିଦ୍ଧ କବି 'ଅମୀରଖସ୍ରୁ' ତାଙ୍କର ସଭା ମଣ୍ଡନ କରିଥିଲେ । ସେ ୮୦ବର୍ଷ ବୟସରେ ଖ୍ରୀ: ଅ: ୧୨୮୬ ରେ ପ୍ରାଣତ୍ୟାଗ କରିଥିଲେ ।

**କୈକୋବାଦ୍** (ଖ୍ରୀ: ଅ: ୧୨୮୬—୧୨୯୦)—ବଲବନ୍ଙ୍କ ମୃତ୍ୟୁ ପରେ ତାଙ୍କ ନାତି କୈକୋବାଦ୍ ରାଜା ହେଲେ । ସେ ଶାସନ କାର୍ଯ୍ୟରେ ଏକାନ୍ତ ଅକ୍ଷମ ଥିବାରୁ ରାଜ୍ୟରେ ଅଶାନ୍ତି ଓ ବିଶୃଙ୍ଖଳା ପ୍ରବଳ ହେଲା । ତେଣୁ ଅମୀରମାନେ ତାଙ୍କୁ ମାରି ତାଙ୍କ ମନ୍ତ୍ରୀ ଜଲାଲୁଦ୍ଦିନ ଖିଲ୍ଜିଙ୍କୁ ଦିଲ୍ଲୀସିଂହାସନ ଅର୍ପଣ କଲେ ।

---

## ଖିଲ୍ଜି ବଂଶ

**ଜଲାଲୁଦ୍ଦିନ ଖିଲଜି** ( ଖ୍ରୀ: ଅ: ୧୨୯୦-୧୨୯୬ )—ଜଲାଲୁଦ୍ଦିନ ଖିଲ୍ଜିବଂଶର ପ୍ରତିଷ୍ଠାତା । ସେ ୭୦ ବର୍ଷ ବୟସରେ ଦିଲ୍ଲୀର ସିଂହାସନ ଆରୋହଣ କରିଥିଲେ । ତାଙ୍କ ରାଜତ୍ୱ ଆରମ୍ଭରେ ଗୋଟିଏ ଭୀଷଣ ଦୁର୍ଭିକ୍ଷ ହୋଇ ଅନେକ ଲୋକ ମରିଥିଲେ । ତାଙ୍କ ରାଜତ୍ୱରେ ମୋଗଲମାନେ ପୁନର୍ବାର ଭାରତ ଆକ୍ରମଣ କରିଥିଲେ । କିନ୍ତୁ ସେମାନେ ପରାସ୍ତ ହେଲେ । ସେଥିମଧ୍ୟରୁ ଅନେକ ମୋଗଲ ଇସଲାମ୍ଧର୍ମରେ ଦୀକ୍ଷିତ ହୋଇଥିଲେ ଓ ଦିଲ୍ଲୀ ନିକଟରେ ବାସ କରିବାକୁ ଅନୁମତି ପାଇଲେ । ଜଲାଲୁଦ୍ଦିନଙ୍କର ପୁଅ ନ ଥିବାରୁ ସେ ତାଙ୍କ ପୁତୁରା ଅଲ୍ଲାଉଦ୍ଦିନଙ୍କୁ ଭାରି ଭଲ ପାଉଥିଲେ ଓ ତାଙ୍କୁ ନିଜ କନ୍ୟାଙ୍କୁ ମଧ୍ୟ ଅର୍ପଣ କରିଥିଲେ ।

ଦାସବଂଶ ରାଜତ୍ୱରେ ଦାକ୍ଷିଣାତ୍ୟ, ଉତ୍କଳ, ଆସାମ, ରାଜପୁତାନା ଓ କାଶ୍ମୀର ବ୍ୟତୀତ ସମଗ୍ର ଉତ୍ତରଭାରତ ପଠାଣ ରାଜ୍ୟଭୁକ୍ତ ହୋଇଥିଲା । କିନ୍ତୁ ଜଲାଲୁଦ୍ଦିନଙ୍କ ରାଜତ୍ୱରେ ପ୍ରଥମେ ମୁସଲମାନମାନେ ବିନ୍ଧ୍ୟ ପାରି ହୋଇ ଦାକ୍ଷିଣାତ୍ୟ ଆକ୍ରମଣ କରିଥିଲେ । ଜଲାଲୁଦ୍ଦିନ ଅଲ୍ଲାଉଦ୍ଦିନଙ୍କୁ ମାଳବ ଜୟ କରିବାପାଇଁ ପଠାଇଥିଲେ । ସେ ମାଳବ ଜୟ କରି

ଖ୍ରୀ: ଅ: ୧୨୯୪ରେ ଯାଦବମାନଙ୍କର ଦେବଗିରି ରାଜ୍ୟ (ଆଧୁନିକ ଦୌଲତବାଦ) ଆକ୍ରମଣ କଲେ। ଏଠାର ରାଜା ରାମଚନ୍ଦ୍ରଦେବ ଯୁଦ୍ଧପାଇଁ ଆଦୌ ପ୍ରସ୍ତୁତ ନ ଥିଲେ। ତେଣୁ ଅଲ୍ଲା ତାଙ୍କୁ ଅକ୍ଳେଶରେ ପରାସ୍ତ କଲେ। ସେ ଅଲ୍ଲାଙ୍କୁ ବହୁ ଧନରତ୍ନ ଓ ଇଲଚପୁର ନଗର ପ୍ରଦାନ କରିଥିଲେ। ଅଲ୍ଲା ବିଜୟ ଗୌରବରେ ଦିଲ୍ଲୀକୁ ଫେରି ଆସିଲେ। ତାଙ୍କର ବିଜୟ ସମ୍ବାଦ ପାଇ ବୃଦ୍ଧ ପିତୃବ୍ୟ ଅଲ୍ଲାଉଦ୍ଦିନଙ୍କୁ ସ୍ନେହ ଓ ପ୍ରେମରେ ଆଲିଙ୍ଗନ କରିବାକୁ ଗଲାବେଳେ ଅଲ୍ଲାଙ୍କ ଇଙ୍ଗିତରେ ଜଣେ ଭୃତ୍ୟ ଛୁରି ମାରି ତାଙ୍କୁ ହତ୍ୟା କରିଥିଲେ। ତତ୍‌ପରେ ଅଲ୍ଲା ରାଜବଂଶର ଅନ୍ୟାନ୍ୟମାନଙ୍କୁ ହତ୍ୟା କରି ଖ୍ରୀ: ଅ: ୧୨୯୬ରେ ନିଜକୁ ଦିଲ୍ଲୀର ସମ୍ରାଟ୍ ଘୋଷଣା କଲେ।

**ଅଲ୍ଲାଉଦ୍ଦିନ୍ ଖିଲିଜି** (ଖ୍ରୀ: ଅ: ୧୨୯୬—୧୩୧୬)— ଅଲ୍ଲାଉଦ୍ଦିନ୍ ସାହସୀ, ଯୋଦ୍ଧା, ଉଚ୍ଚାଭିଳାଷୀ ଓ ନୃଶଂସ ଲୋକ ଥିଲେ। ସେ ଏକାନ୍ତ ସ୍ୱାର୍ଥପର ଥିଲେ ଓ ନିଜ ସ୍ୱାର୍ଥ ସାଧନ ପାଇଁ ଅତି ଜଘନ୍ୟ କାର୍ଯ୍ୟ କରିବାକୁ ମଧ୍ୟ କୁଣ୍ଠିତ ହେଉ ନ ଥିଲେ। ଗ୍ରୀକ୍‌ବୀର ସିକନ୍ଦରଙ୍କ ପରି ପୃଥିବୀର ଜଣେ ବିଖ୍ୟାତ ବିଜେତା ହେବା ତାଙ୍କ ଜୀବନର ମୁଖ୍ୟ ଲକ୍ଷ୍ୟ ଥିଲା।

ସେ ରାଜା ହେବାମାତ୍ରେ ବିଭିନ୍ନ ରାଜ୍ୟ ଜୟ କରିବାକୁ ଆରମ୍ଭ କଲେ। ସେ ଖ୍ରୀ: ଅ: ୧୨୯୭ରେ ଗୁଜରାଟର ରାଜା ଦ୍ୱିତୀୟ କର୍ଣ୍ଣଦେବଙ୍କୁ ପରାସ୍ତ କରି ତାଙ୍କର ରାଣୀ କମଳାଦେବୀଙ୍କୁ ବଳପୂର୍ବକ ବିବାହ କରିଥିଲେ। ଅଲ୍ଲା ସେଠାରୁ 'ମାଲିକକାଫୁର' ନାମକ ଜଣେ ସୁଦକ୍ଷ ସେନାପତିଙ୍କୁ ମଧ୍ୟ ଆଣିଥିଲେ। ଏହା ପରେ ଅଲ୍ଲା ରଣ୍ଥମ୍ବର ଦୁର୍ଗ ଆକ୍ରମଣ କଲେ। ଏଠାର ରାଜା ହମୀରଦେବ ପ୍ରବଳ ପ୍ରତିରୋଧ କଲେ ମଧ୍ୟ ଶେଷରେ ପରାସ୍ତ ଓ ନିହତ ହୋଇଥିଲେ। ଖ୍ରୀ: ଅ: ୧୩୦୧ ରେ ଏହି ଦୁର୍ଗ ଅଲ୍ଲାଙ୍କ ଅଧିକାରକୁ ଆସିଲା।

ଖ୍ରୀ: ଅ: ୧୩୦୩ରେ ଅଲ୍ଲାଉଦ୍ଦିନ୍ ମିବାରର ରାଜଧାନୀ ଚିତୋର ଦୁର୍ଗ ଆକ୍ରମଣ କଲେ । ମିବାର ସେ ସମୟରେ ରାଜପୁତ ଜାତିର ଗର୍ବ ଓ ଗୌରବର କେନ୍ଦ୍ର ଥିଲା । ସେଠାର ରାଣୀ ପଦ୍ମିନୀ ସମଗ୍ର ଭାରତର ଶ୍ରେଷ୍ଠ ସୁନ୍ଦରୀ ବୋଲି ଖ୍ୟାତି ଲାଭ କରିଥିଲେ । ପଦ୍ମିନୀଙ୍କୁ ପାଇବା ଓ ରାଜପୁତମାନଙ୍କୁ ଦମନ କରିବା ମିବାର ଆକ୍ରମଣର ପ୍ରଧାନ ଉଦ୍ଦେଶ୍ୟ ଥିଲା । ରାଜପୁତମାନେ ପ୍ରବଳ ଯୁଦ୍ଧ କରି ମଧ୍ୟ ଶେଷରେ ପରାସ୍ତ ହେଲେ । ଚିତୋର ଧ୍ୱଂସ ହେଲା, କିନ୍ତୁ ଅଲ୍ଲାଉଦ୍ଦିନ୍ ପଦ୍ମିନୀଙ୍କୁ ପାଇ ପାରିଲେ ନାହିଁ । ପଦ୍ମିନୀ ଶତ ଶତ ରାଜପୁତ ରମଣୀଙ୍କ ସହିତ ସତୀତ୍ୱ-ନାଶ ଭୟରେ ଅଗ୍ନିକୁଣ୍ଡରେ ଝାସ ଦେଇ ପ୍ରାଣତ୍ୟାଗ କରିଥିଲେ ।

ଅଲ୍ଲାଙ୍କର ଜଣେ ସେନାପତି ଉଜ୍ଜୟିନୀ, ମଣ୍ଡୁ, ଧାରା, ଚନ୍ଦେରୀ ପ୍ରଭୃତି ଜୟ କରିଥିଲେ । ସେକାଳରେ ଉତ୍କଳର ଗଜପତି ଦ୍ୱିତୀୟ ନରସିଂହଦେବ ଜଣେ ପରାକ୍ରମଶାଳୀ ରାଜା ଥିଲେ । ଓଡ଼ିଆ ପାଇକମାନେ ସାହସୀ ଓ ବିଚକ୍ଷଣ ଯୋଦ୍ଧା ଥିଲେ । ସମଗ୍ର ଭାରତ ଅଲ୍ଲାଙ୍କ ପ୍ରତାପରେ ଥରହର ହେଉଥିଲା ବେଳେ ଓଡ଼ିଶା ରାଜା ନିଶ୍ଚିନ୍ତ ଥିଲେ ଏବଂ ଉତ୍ତରରେ ବଙ୍ଗଦେଶ ଓ ଦକ୍ଷିଣରେ ଓରଙ୍ଗଲ ରାଜ୍ୟ ଜୟରେ ରତ ଥିଲେ । ଏହା ଉତ୍କଳ ପକ୍ଷେ କମ୍ ଗୌରବର ବିଷୟ ନୁହେଁ ।

**ଦାକ୍ଷିଣାତ୍ୟ ବିଜୟ**—ଅଲ୍ଲାଉଦ୍ଦିନ୍ ମାଲିକକାଫୁରଙ୍କୁ ଦାକ୍ଷିଣାତ୍ୟ ବିଜୟ ପାଇଁ ପ୍ରେରଣ କରିଥିଲେ । କାଫୁର ବିନ୍ଧ୍ୟ ଅତିକ୍ରମ କରି ଖ୍ରୀ: ଅ: ୧୩୦୭ ରେ ଦେବଗିରି ରାଜ୍ୟ ଆକ୍ରମଣ କରିଥିଲେ । ସେଠାର ରାଜା ରାମଚନ୍ଦ୍ର ଦେବ ପରାସ୍ତ ହୋଇ ତାଙ୍କର ଅଧୀନତା ସ୍ୱୀକାର କଲେ । ଖ୍ରୀ: ଅ: ୧୩୦୮ ରେ ଓରଙ୍ଗଲର କାକତୀୟ ରାଜା ପ୍ରତାପରୁଦ୍ର-ଦେବ ପରାସ୍ତ ହୋଇ ଦିଲ୍ଲୀ ବାଦସାହଙ୍କର କରଦ ରାଜା ହେଲେ । ଖ୍ରୀ: ଅ: ୧୩୧୦ ରେ ସେ ଦ୍ୱାରସମୁଦ୍ରର ହୟଶାଳା ରାଜା ବୀରବଲ୍ଲାଲଙ୍କୁ

ସମ୍ପୂର୍ଣ୍ଣରୂପେ ପରାସ୍ତ କରିଥିଲେ । ଏହାପରେ ପାଣ୍ଡ୍ୟରାଜା ପରାସ୍ତ ହେଲେ । କାଫୁର ଖ୍ରୀ: ଅ: ୧୩୧୦ ରେ ରାମେଶ୍ୱରଠାରେ ଗୋଟିଏ ମସ୍‌ଜିଦ୍ ନିର୍ମାଣ କରିଥିଲେ । କାଫୁରଙ୍କ ଦ୍ୱାରା ମୁସଲମାନ ସାମ୍ରାଜ୍ୟ ହିମାଳୟଠାରୁ କୁମାରିକା ପର୍ଯ୍ୟନ୍ତ ବିସ୍ତୃତ ହୋଇଥିଲା ।

ଅଲ୍ଲାଉଦ୍ଦିନ୍‌ଙ୍କ ଶେଷଜୀବନ ଦୁଃଖମୟ ହୋଇଥିଲା । ତାଙ୍କର ସ୍ୱାସ୍ଥ୍ୟ ଭଗ୍ନ ହୋଇଗଲା । ଗୁଜରାଟ୍, ରାଜପୁତାନା ଓ ଦେବଗିରି ରାଜ୍ୟରେ ବିଦ୍ରୋହ ହେଲା । ରାଜପୁତମାନେ ପୁନର୍ବାର ସ୍ୱାଧୀନ ହୋଇ-ଗଲେ । ଦେବଗିରି ରାଜା ହରପାଳଦେବ ଦାକ୍ଷିଣାତ୍ୟରୁ ମୁସଲମାନ ସେନାଙ୍କୁ ତଡ଼ି ଦେଇଥିଲେ । ସର୍ଦ୍ଦାର ଓ ଅମୀରମାନେ ତାଙ୍କର କଠୋର ଶାସନରେ ଉତ୍‌କ୍ତ ହୋଇ ବିଦ୍ରୋହ କରିଥିଲେ । ଏହିପରି ଦୁଃଖ-କଷ୍ଟରେ ସେ ଖ୍ରୀ: ଅ: ୧୩୧୬ ରେ ପ୍ରାଣତ୍ୟାଗ କରିଥିଲେ ।

**ଆଲ୍ଲାଉଦ୍ଦିନ୍‌ଙ୍କ ଶାସନ**—ତାଙ୍କର ଶାସନନୀତି ଅତି କଠୋର ଥିଲା । ତାଙ୍କ ରାଜତ୍ୱରେ ମୋଗଲମାନେ ବାରମ୍ବାର ଭାରତ ଆକ୍ରମଣ କରି ପରାସ୍ତ ହୋଇଥିଲେ । ଏଥିରେ ବିରକ୍ତ ହୋଇ ସେ ଦିଲ୍ଲୀ ନିକଟରେ ଥିବା ମୋଗଲମାନଙ୍କୁ ନୃଶଂସ ଭାବରେ ହତ୍ୟା କରିଥିଲେ । ସେ ଦୁର୍ଦ୍ଦାନ୍ତ ମୋଗଲମାନଙ୍କ ହସ୍ତରୁ ଭାରତକୁ ରକ୍ଷା କରିଥିଲେ । ସେ ନିରକ୍ଷର ଥିଲେ ମଧ୍ୟ ଶାସନକାର୍ଯ୍ୟରେ ବିଶେଷ ତତ୍ତ୍ୱାବଧାନ କରୁଥିଲେ । ତାଙ୍କ ପୂର୍ବରୁ କୌଣସି ମୁସଲମାନ ସମ୍ରାଟ୍ ଏପରି ବିଶାଳ ସାମ୍ରାଜ୍ୟର ଅଧୀଶ୍ୱର ହୋଇ ନ ଥିଲେ । ତେଣୁ ସେ ନିଜ ମୁଦ୍ରାମାନଙ୍କରେ ଦ୍ୱିତୀୟ ସିକନ୍ଦର (ଅଲେକ୍‌ଜାଣ୍ଡର) ଉପାଧି ଖୋଦିତ କରାଇଥିଲେ । ହିନ୍ଦୁ-ମାନଙ୍କ ପ୍ରତି ସେ ଭୀଷଣ ଅତ୍ୟାଚାର କରୁଥିଲେ । ସେମାନେ ଧନ ସଞ୍ଚୟ କରି ପାରୁ ନ ଥିଲେ କିମ୍ବା ଘୋଡ଼ା, ପାଲିକି, ସବାରି ଇତ୍ୟାଦିରେ ଚଢ଼ିପାରୁ ନ ଥିଲେ । ସେମାନେ ଅତିରିକ୍ତ କର ପୀଡ଼ାରେ ଉଚ୍ଛନ୍ନ ହୋଇଯାଉଥିଲେ । ସେ ଦୁର୍ଦ୍ଦାନ୍ତ ଅମୀରମାନଙ୍କୁ କଠୋର ଆଇନ

ବଳରେ ଅଧିକୃତ କରିଥିଲେ । ସେମାନେ ଏକତ୍ର ବସବାସ କରି ପାରୁ ନ ଥିଲେ । ତାଙ୍କ ଅନୁମତି ବିନା ସେମାନେ ନିଜ ନିଜ ମଧ୍ୟରେ ବୈବାହିକ ସମ୍ବନ୍ଧ ସ୍ଥାପନ କରି ପାରୁ ନ ଥିଲେ । ମଦ୍ୟପାନ କଲେ ଦେଶରେ ଅଶାନ୍ତି ବଢ଼ିବ ବୋଲି ସେ ରାଜ୍ୟରେ ମଦ୍ୟପାନ ଏକାବେଳକେ ବନ୍ଦ କରି ଦେଇଥିଲେ । ଅସଂଖ୍ୟ ଗୁପ୍ତଚର ରଖି ସେ ଦେଶର ସମସ୍ତ ଖବର ରଖୁଥିଲେ । ଖାଣ୍ଟି ଜିନିଷ ସହିତ ମିଳାବ ଓ କପଟ ଖରାପ ଜିନିଷର ମିଶ୍ରଣ ନ ହେବ ସେଥିପାଇଁ ସେ କଡ଼ା ଆଇନ କରିଥିଲେ । ସେ ଏକ ବିଶାଳ ସେନା ରଖିଥିଲେ ଓ ସେମାନଙ୍କର ବ୍ୟୟଭାର ନିର୍ବାହ କରିବାପାଇଁ ଲୋକମାନଙ୍କ ଉପରେ ନାନାପ୍ରକାର କର ବସାଇଥିଲେ । ସେ ବ୍ୟୟ-ସଙ୍କୋଚ କରିବା ପାଇଁ ଜିନିଷମାନଙ୍କର ଦର ଠିକ୍ କରିଥିଲେ । ଦୋକାନମାନ ଖୋଲିବା ଓ ବନ୍ଦ କରିବାର ସମୟ ଏବଂ ଓଜନ ପ୍ରଭୃତି ଆଇନ ଦ୍ୱାରା ସ୍ଥିର ହୋଇଥିଲା । ଓଜନ ଊଣା କଲେ ବା ଦର ଚଢ଼ା କଲେ ଦୋକାନୀମାନେ କଠିନ ଦଣ୍ଡ ପାଉଥିଲେ । ଅସିବଳ ତାଙ୍କ ଶାସନର ମୂଳଭିତ୍ତି ଥିଲା ।

**କୁତବୁଦ୍ଦିନ୍ ମୋବାରକ୍**—ଅଲାଉଦ୍ଦିନ୍‌ଙ୍କ ମୃତ୍ୟୁ ପରେ ମୋବାରକ୍ ଦିଲ୍ଲୀର ରାଜା ହେଲେ । ସେ ଦେବଗିରିର ହରପାଳ ଦେବଙ୍କ ବିଦ୍ରୋହ ଦମନ କରିଥିଲେ । କିନ୍ତୁ ଖୁସ୍‌ରୁ ଖାଁ ନାମକ ଜଣେ ମନ୍ତ୍ରୀ ମୋବାରକ୍‌ଙ୍କୁ ମାରି ଖ୍ରୀ: ଅ: ୧୩୨୦ ରେ ରାଜା ହେଲେ । କିନ୍ତୁ ତାଙ୍କ ଶାସନରେ ସମସ୍ତେ ଅସନ୍ତୁଷ୍ଟ ହେଲେ ଓ ଦେଶରେ ଘୋର ଅଶାନ୍ତି ଓ ବିଶୃଙ୍ଖଳା ପ୍ରବଳ ହେଲା । ଶେଷରେ ପଞ୍ଜାବର ଶାସନକର୍ତ୍ତା ଗାଜିମଲ୍ଲିକ ଖୁସ୍‌ରୁ ଖାଁଙ୍କୁ ମାରି ଦିଲ୍ଲୀର ସମ୍ରାଟ୍ ହେଲେ (୧୩୨୦) ଓ ଗୟାସୁଦ୍ଦିନ୍ ତୋଗଲକ ଉପାଧି ଗ୍ରହଣ କରିଥିଲେ ।

## ତୋଗଲକ ବଂଶ

**ଗୟାସୁଦ୍ଦିନ୍ ତୋଗଲକ** (ଖ୍ରୀ:ଅ: ୧୩୨୦—୧୩୨୫)— ଗୟାସୁଦ୍ଦିନ୍ ତୋଗଲକ ବଂଶର ପ୍ରତିଷ୍ଠାତା ଥିଲେ । ସେ ଜଣେ କଠୋର

ଶାସକ ଥିଲେ । ସେ ମୋଗଲ ଆକ୍ରମଣରୁ ରକ୍ଷା କରିବାପାଇଁ ଉତ୍ତର-ପଶ୍ଚିମ ସୀମାନ୍ତରେ ନିଜର ଶକ୍ତି ସୁଦୃଢ଼ କରିଥିଲେ । ତାଙ୍କ ପୁତ୍ର ଜୁନା ଖାଁ ଓରଙ୍ଗଲର କାକତୀୟ ରାଜାଙ୍କୁ ପରାସ୍ତ କରି ବନ୍ଦୀରୂପେ ଦିଲ୍ଲୀକୁ ପଠାଇଥିଲେ । ସେ ବଙ୍ଗଦେଶର ବିଦ୍ରୋହ ଦମନ କରିଥିଲେ । ବଙ୍ଗବିଜୟୀ ପିତାଙ୍କୁ ଅଭ୍ୟର୍ଥନା କରିବାପାଇଁ ଜୁନା ଖାଁ ଗୋଟିଏ କାଠର ଗୃହଟିଏ ନିର୍ମାଣ କରିଥିଲେ । ଗୟାସୁଦ୍ଦିନ୍ ଗୃହଟି ତଳେ ଗଲାବେଳେ ଗୃହଟି ତାଙ୍କ ମୁଣ୍ଡ ଉପରେ ପଡ଼ିବାରୁ ସେ ପ୍ରାଣତ୍ୟାଗ କଲେ । କେତେକଙ୍କ ମତରେ ଜୁନା ଖାଁ ପିତାଙ୍କୁ ମାରିବାପାଇଁ ଏପରି ଷଡ଼ଯନ୍ତ୍ର କରିଥିଲେ ।

**ମହମ୍ମଦ ତୋଗଲକ** ( ଖ୍ରୀ: ଅ: ୧୩୨୫—୧୩୫୧ )—ଗୟାସୁଦ୍ଦିନ୍‌ଙ୍କ ମୃତ୍ୟୁପରେ ତାଙ୍କ ପୁତ୍ର ଜୁନା ଖାଁ ମହମ୍ମଦ ତୋଗଲକ ନାମ ଧାରଣ କରି ଦିଲ୍ଲୀର ସମ୍ରାଟ୍ ହେଲେ । ସେ ଜଣେ ପ୍ରତିଭାଶାଳୀ ପଣ୍ଡିତ, ସୁଲେଖକ ଓ କବି ଥିଲେ । ଗଣିତ, ତର୍କଶାସ୍ତ୍ର, ଦର୍ଶନ, କାବ୍ୟ, ଓ ଜ୍ୟୋତିଷ ପ୍ରଭୃତିରେ ତାଙ୍କର ଅସାଧାରଣ ବ୍ୟୁତ୍ପତ୍ତି ଥିଲା । ସେ ଜଣେ ବିଖ୍ୟାତ ଯୋଦ୍ଧା ଥିଲେ । ସେ ବିଦ୍ୟାନୁରାଗୀ ଥିଲେ ଓ ବିଦ୍ୱାନ୍‌ମାନଙ୍କୁ ଉତ୍ସାହ ପ୍ରଦାନ କରୁଥିଲେ । ସେ ଜଣେ ନୈଷ୍ଠିକ ମୁସଲମାନ ଥିଲେ । ସେ ରୋଗୀମାନଙ୍କର ଚିକିତ୍ସା ପାଇଁ ଅନେକ ଚିକିତ୍ସାଳୟ ନିର୍ମାଣ କରିଥିଲେ । କିନ୍ତୁ କଳ୍ପନାପ୍ରିୟତା, ଅପରିଣାମଦର୍ଶିତା ଓ ଔଦ୍ଧତ୍ୟ ତାଙ୍କର ସମସ୍ତ ସଦ୍‌ଗୁଣକୁ ନଷ୍ଟ କରିଦେଲା । ସେ ଯାହା କରିବାକୁ ଇଚ୍ଛା କରୁଥିଲେ ତାହାର ଫଳାଫଳ ନ ବିଚାରି ତାକୁ ଯେ କୌଣସି ପ୍ରକାରେ କାର୍ଯ୍ୟରେ ପରିଣତ କରୁଥିଲେ । ସେ ଏପରି ଜିଦ୍‌ଖୋର ବା ଖିଅଲବାଜ୍ ଥିବାରୁ ଅଧିକାଂଶ ଐତିହାସିକ ତାଙ୍କର କାର୍ଯ୍ୟକଳାପକୁ ସମାଲୋଚନା କରିଛନ୍ତି ।

ତାଙ୍କ ରାଜତ୍ୱର ଦ୍ୱିତୀୟ ବର୍ଷରେ ମୋଗଲମାନେ ଭାରତ ଆକ୍ରମଣ କରିଥିଲେ । ମହମ୍ମଦ ସେମାନଙ୍କୁ ପ୍ରଚୁର ଅର୍ଥ ଦେଇ ବିଦାୟ କରି

ଦେଲେ । ତେଣୁ ଅର୍ଥାଭାବ ଘଟିଲା । ଏହା ପୂର୍ଣ୍ଣ କରିବାପାଇଁ ପ୍ରଜା-ମାନଙ୍କ ଉପରେ ଅତିରିକ୍ତ କର ବସାଇଲେ । ପ୍ରଜାମାନେ କର ଦେବାକୁ ଅସମର୍ଥ ହେବାରୁ ଘରଦ୍ୱାର ଛାଡ଼ି ଜଙ୍ଗଲରେ ଆଶ୍ରୟ ନେବାକୁ ବାଧ୍ୟ ହେଲେ । କିନ୍ତୁ କଥିତ ଅଛି, ସହସ୍ରାଦ ସୈନ୍ୟ ପଠାଇ ସେମାନଙ୍କୁ ବନ୍ୟ ଜନ୍ତୁ ପରି ନିଷ୍ଠୁର ଭାବରେ ହତ୍ୟା କରିଥିଲେ । ଏହାଦ୍ୱାରା ଦେଶର ଶ୍ରୀ ନଷ୍ଟ ହେଲା । ଏହାପରେ ସେ ରାଜକୋଷ ପୂର୍ଣ୍ଣ କରିବାପାଇଁ ରୁପା-ଟଙ୍କା ପରିବର୍ତ୍ତିରେ ତମ୍ବାର ଟଙ୍କା ଚଳାଇଲେ । ସେ ଚୀନ ଦେଶରେ କାଗଜ ଟଙ୍କା ଚଳୁଥିବାର ଜାଣିଥିଲେ । ତେଣୁ ନିଜ ରାଜ୍ୟରେ କାଗଜ ଟଙ୍କା ପରିବର୍ତ୍ତିରେ ତମ୍ବା ଟଙ୍କା ଚଳାଇବାପାଇଁ ଚେଷ୍ଟା କଲେ । ସେ କଠୋର ଭାବରେ ମୁଦ୍ରା ନିର୍ମାଣ ନିୟନ୍ତ୍ରଣ କରିଥିଲେ ଏହି କାର୍ଯ୍ୟଟି ସଫଳ ହୋଇଥାନ୍ତା ; କିନ୍ତୁ ସେ ସତର୍କତା ଅବଲମ୍ବନ ନ କରିବାରୁ ଘରଅଡ଼େ ଲକ୍ଷ ଲକ୍ଷ ଜାଲ୍ ଟଙ୍କା ତିଆରି ହେଲା । ବିଦେଶୀ ବଣିକ-ମାନେ ତମ୍ବା ଟଙ୍କା ନ ନେବାରୁ ବାଣିଜ୍ୟ ବ୍ୟବସାୟରେ ଘୋର କ୍ଷତି ହେଲା । ଏହାପରେ ସେ ଚୀନଦେଶ ଜୟ ଓ ଲୁଣ୍ଠନ କରିବା ପାଇଁ ଏକଲକ୍ଷ ସୈନ୍ୟ ପ୍ରେରଣ କରିଥିଲେ । କିନ୍ତୁ ହିମାଳୟର ଗିରିପଥରେ ପ୍ରାୟ ଅଣୀ ହଜାର ସୈନ୍ୟ ଭୀଷଣ ଶୈତ୍ୟ ଓ ଖାଦ୍ୟାଭାବରେ ପ୍ରାଣ-ତ୍ୟାଗ କଲେ । ସେ ପାରସ୍ୟ ଜୟ କରିବାପାଇଁ ମଧ୍ୟ ସୈନ୍ୟ ସଂଗ୍ରହ କରିଥିଲେ । କିନ୍ତୁ ସୈନ୍ୟମାନେ ବେତନ ନ ପାଇ ନିଜ ରାଜ୍ୟ ଲୁଣ୍ଠନ କରିବାକୁ ଲାଗିଲେ । ଆଉ ମଧ୍ୟ ମିଶରର ରାଜା ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ ଯଥାସମୟରେ ସୈନ୍ୟ ସାହାଯ୍ୟ ଦେଲେ ନାହିଁ । ସୁତରାଂ ପାରସ୍ୟ ଅଭିଯାନ ବିଫଳ ହେଲା । ଦିଲ୍ଲୀରେ ସର୍ବଦା ବିଦେଶୀ ଆକ୍ରମଣର ଭୟ ଥିବାରୁ ଓ ଏହା ଦାକ୍ଷିଣାତ୍ୟଠାରୁ ବହୁଦୂରରେ ଥିବାରୁ ସେ ଦିଲ୍ଲୀଠାରୁ ୭୦୦ ମାଇଲ ଦୂରବର୍ତ୍ତୀ ହାଇଦ୍ରାବାଦ ଅନ୍ତର୍ଗତ ଦେବଗିରି ବା ଦୌଲତାବାଦକୁ ନିଜ୍ୟ ରାଜ୍ୟର ରାଜଧାନୀ

କରିବାକୁ ସ୍ଥିର କଲେ । ପ୍ରଥମେ ରାଜାଙ୍କର କର୍ମଚାରୀମାନଙ୍କୁ ଓ ଦରବାରକୁ ଦେବଗିରିକୁ ଉଠାଇ ନିଅଗଲା । ପରେ ସେ ଦିଲ୍ଲୀର ଅଧିବାସୀ-ମାନଙ୍କୁ ଦିଲ୍ଲୀ ଛାଡ଼ି ଦେବଗିରି ଯିବାକୁ ଆଦେଶ ଦେଇଥିଲେ । ଏହାଦ୍ୱାରା ସେମାନେ ଅକଥନୀୟ ଦୁଃଖ ଦୁର୍ଦ୍ଦଶା ଭୋଗ କଲେ ଓ ଅନେକଙ୍କର ପ୍ରାଣନାଶ ଘଟିଲା । ପରେ ମହମ୍ମଦ ନିଜର ଭୁଲ ବୁଝି ପାରି ସେମାନଙ୍କୁ ପୁନର୍ବାର ଦିଲ୍ଲୀ ଫେରି ଆସିବାକୁ ଆଦେଶ ଦେଲେ । ଏହାଦ୍ୱାରା ରାଜକୋଷରୁ ପ୍ରଚୁର ଅର୍ଥ ବ୍ୟୟିତ ହେଲା ଓ ଦିଲ୍ଲୀବାସୀମାନେ ବୃଥାରେ ବହୁ ଦୁଃଖ ଯନ୍ତ୍ରଣା ଭୋଗ କଲେ ।

ମହମ୍ମଦଙ୍କ ଏହି ସମସ୍ତ ଅନୀତି ଓ ନିଷ୍ଠୁରତା ଯୋଗୁଁ ଦେଶରେ ଘୋର ଦୁର୍ଭିକ୍ଷ ପଡ଼ିଲା ଏବଂ ହଜାର ହଜାର ଲୋକ ଅନାହାରରେ ପ୍ରାଣତ୍ୟାଗ କଲେ । ଗୃହଆଡ଼େ ପ୍ରବଳ ବିଦ୍ରୋହ ଜାତ ହେଲା । ମହମ୍ମଦ ବିଦ୍ରୋହ ଦମନ କରି କରି ତାଙ୍କର ଶେଷ ଜୀବନ କଟାଇଲେ । ବଙ୍ଗଳା ସ୍ୱାଧୀନ ହୋଇଗଲା । ଦାକ୍ଷିଣାତ୍ୟରେ କୃଷ୍ଣାନଦୀର ଦକ୍ଷିଣକୁ ବିଜୟ-ନଗର ନାମକ ନୂତନ ହିନ୍ଦୁରାଜ୍ୟ ଓ ମହାରାଷ୍ଟ୍ରରେ ବାହାମନୀ ନାମକ ନୂତନ ମୁସଲମାନରାଜ୍ୟ ପ୍ରତିଷ୍ଠିତ ହେଲା । ମାଲବ, ଗୁଜରାଟ ଓ ସିନ୍ଧୁ ସ୍ୱାଧୀନ ହେବା ପାଇଁ ଚେଷ୍ଟା କଲେ । ମହମ୍ମଦ ସିନ୍ଧୁରେ ରାଜପୁତ-ମାନଙ୍କର ବିଦ୍ରୋହ ଦମନ କରିବାକୁ ଯାଇ ଯାଇ ଖ୍ରୀ: ଅ: ୧୩୫୧ ରେ ପ୍ରାଣତ୍ୟାଗ କରିଥିଲେ ।

ମହମ୍ମଦଙ୍କ ଦୀର୍ଘ ୨୬ ବର୍ଷ ରାଜତ୍ୱ ମଧ୍ୟରେ ପ୍ରଜାମାନେ ସୁଖ ଶାନ୍ତି କଣ ଜାଣି ନ ଥିଲେ । ରାଜତ୍ୱ ଆରମ୍ଭରେ ସେ ବିଶାଳ ସାମ୍ରାଜ୍ୟର ଅଧିକାରୀ ଥିଲେ । ତାଙ୍କର ଅପରିଣାମଦର୍ଶିତା ଓ ନିଷ୍ଠୁରତା ଯୋଗୁଁ ତାଙ୍କ ମୃତ୍ୟୁ ପୂର୍ବରୁ ବିଶାଳ ମୁସଲମାନ ସାମ୍ରାଜ୍ୟ ଖଣ୍ଡବିଖଣ୍ଡ ହୋଇଥିଲା ।

**ଇବନ୍‌ବତୁତା**—ଇବନ୍‌ବତୁତା ନାମକ ଜଣେ ଅଫ୍ରିକାର ମରକୋବାସୀ ମୁସଲମାନ ପରିବ୍ରାଜକ ତାଙ୍କ ରାଜତ୍ୱକାଳରେ ଭାରତକୁ ଆସିଥିଲେ । ମହମ୍ମଦ ତାଙ୍କୁ ଦିଲ୍ଲୀରେ କାଜିରୂପେ ନିଯୁକ୍ତ କରିଥିଲେ । ସେ ଭାରତରେ ଅନେକ ଦିନ ରହିଥିଲେ । ତାଙ୍କ ବର୍ଣ୍ଣନାରୁ ଜଣାଯାଏ ଯେ ମହମ୍ମଦଙ୍କ ଚରିତ୍ରରେ ସୁଗୁଣ ଓ ଦୁର୍ଗୁଣମାନଙ୍କର ଅପୂର୍ବ ସମାବେଶ ହୋଇ ଥିଲା ।

**ଫିରୋଜ ତୋଗଲକ** (ଖ୍ରୀ: ଅ: ୧୩୫୧—୧୩୮୮)—ମହମ୍ମଦଙ୍କ ପରେ ତାଙ୍କ ଖୁଡ଼ତୁତା ଫିରୋଜ ତୋଗଲକ ଦିଲ୍ଲୀର ସମ୍ରାଟ୍ ହେଲେ । ସେ ଦୁର୍ବଳମନା ଓ ଶାନ୍ତିପ୍ରିୟ ଥିଲେ । ସେ ସ୍ୱାଧୀନ ପ୍ରଦେଶମାନଙ୍କୁ ଜୟ କରିବାପାଇଁ ବିଶେଷ ଚେଷ୍ଟା କରି ନ ଥିଲେ । ତାଙ୍କର ମା ଜଣେ ହିନ୍ଦୁ ରମଣୀ ଥିଲେ ମଧ୍ୟ ସେ ହିନ୍ଦୁଧର୍ମର ଘୋର ବିରୋଧୀ ଥିଲେ । ତାଙ୍କ ରାଜତ୍ୱ ପର୍ଯ୍ୟନ୍ତ ବ୍ରାହ୍ମଣମାନେ ଜିଜିୟାକରରୁ ମୁକ୍ତ ଥିଲେ । କିନ୍ତୁ ସେ ବ୍ରାହ୍ମଣମାନଙ୍କ ଉପରେ ଜିଜିୟାକର ବସାଇ-ଥିଲେ । ସେ ହିନ୍ଦୁମାନଙ୍କୁ ପ୍ରକାଶ୍ୟରେ ଧର୍ମାଚରଣ କରିବାକୁ ନିଷେଧ କରିଥିଲେ । ଜଣେ ବ୍ରାହ୍ମଣ ପ୍ରକାଶ୍ୟରେ ଧର୍ମାଚରଣ କରିବାରୁ ସେ ତାକୁ ନିଆଁରେ ପୋଡ଼ି ମାରି ପକାଇଲେ । ସେ ଅନେକ ହିନ୍ଦୁ ମନ୍ଦିର ଧ୍ୱଂସ କରିଥିଲେ ଓ ହିନ୍ଦୁମାନଙ୍କ ବିରୁଦ୍ଧରେ କଠୋର ନୀତି ପ୍ରୟୋଗ କରିଥିଲେ । ତାଙ୍କର ଏହି ଧର୍ମନିଷ୍ଠା ଯୋଗୁଁ ମୁସଲମାନ ଐତିହାସିକ-ମାନେ ତାଙ୍କୁ ବିଶେଷ ପ୍ରଶଂସା କରିଛନ୍ତି ।

**କାର୍ଯ୍ୟ କଳାପ**—ତାଙ୍କର ପ୍ରବଳ ହିନ୍ଦୁବିଦ୍ୱେଷ ଥିଲେ ମଧ୍ୟ ସେ ଜଣେ ପ୍ରଜାହିତୈଷୀ ରାଜା ରୂପେ ବିବେଚିତ ହୁଅନ୍ତି । ତାଙ୍କ ପୂର୍ବରୁ ଦଣ୍ଡବିଧି ବଡ଼ କଠୋର ଥିଲା । ସେ ଅନେକ କଠୋର ଦଣ୍ଡ ଉଠାଇ ଦେଇଥିଲେ । ସେ ପ୍ରଜାମାନଙ୍କୁ ଅନେକ ପ୍ରକାର କଷ୍ଟଦାୟକ କର ଓ ଶୁଳ୍କରୁ ଅବ୍ୟାହତି ଦେଇଥିଲେ ।

ସେ ପ୍ରଜାମାନଙ୍କ ହିତ ପାଇଁ ଅନେକ ନଦୀବନ୍ଧ, ମସ୍‌ଜିଦ୍‌, ଶିକ୍ଷାଗାର, ସରାଇଘର, ଚିକିତ୍ସାଳୟ, ପୋଲ, ଜଳଭଣ୍ଡାର ନିର୍ମାଣ କରିଥିଲେ । ସେ ଦିଲ୍ଲୀ ନିକଟରେ ଫିରୋଜାବାଦ ନାମକ ଗୋଟିଏ ନଗର ନିର୍ମାଣ କରିଥିଲେ ଓ ଯମୁନା କେନାଲ ଖୋଳାଇଥିଲେ । ତାଙ୍କ ରାଜତ୍ୱରେ କୃଷିର ଉନ୍ନତି ହୋଇଥିଲା । ତାଙ୍କ ରାଜ୍ୟର ଆକାର କ୍ଷୁଦ୍ର ହେଲେ ମଧ୍ୟ ସେଠାର ଲୋକେ ସୁଖ ଶାନ୍ତିରେ ଥିଲେ । ଫିରୋଜଙ୍କ ଶେଷ ଜୀବନ ଅତୀବ ଦୁଃଖପୂର୍ଣ୍ଣ ଥିଲା । ରାଜ୍ୟର ଚାରିଆଡ଼େ ପ୍ରବଳ ବିଦ୍ରୋହ ହେଲା । ଦିଲ୍ଲୀରେ ଅନ୍ତର୍ଯୁଦ୍ଧ ଆରମ୍ଭ ହେଲା । ତାଙ୍କ ବିଶ୍ୱସ୍ତ ମନ୍ତ୍ରୀ ମରିଗଲେ । ଫିରୋଜ ଦୁଃଖ ଓ ବୈରାଗ୍ୟରେ ୯୦ ବର୍ଷ ବୟସରେ ୧୩୮୮ ରେ ପ୍ରାଣତ୍ୟାଗ କଲେ । ତାଙ୍କ ପରେ ଏହି ବଂଶର କେତେଜଣ ଅଯୋଗ୍ୟ ରାଜା ରାଜତ୍ୱ କରିଥିଲେ । ସେମାନଙ୍କ ଅମଳରେ ବିଶାଳ ମୁସଲମାନ ସାମ୍ରାଜ୍ୟ ସଙ୍କୁଚିତ ହୋଇ ଦିଲ୍ଲୀ ଚତୁଃପାର୍ଶ୍ୱବର୍ତ୍ତୀ କ୍ଷୁଦ୍ର ରାଜ୍ୟରେ ପରିଣତ ହେଲା । ଏହି ବଂଶର ଶେଷ ରାଜା ମାମୁଦ ତୋଗଲକ ଖ୍ରୀ: ଅ: ୧୩୯୪ରେ ସିଂହାସନ ଆରୋହଣ କରିଥିଲେ । ଉତ୍ତରଭାରତରେ ସର୍ବତ୍ର ବିଦ୍ରୋହ ଭୀଷଣାକାର ଧାରଣ କଲା । ଦାକ୍ଷିଣାତ୍ୟ ଦ୍ୱାଦଶ ବର୍ଷବ୍ୟାପୀ ଦୁର୍ଭିକ୍ଷରେ ଜନଶୂନ୍ୟ ଓ ଶ୍ରୀହୀନ ହୋଇଗଲା । ତାଙ୍କ ରାଜତ୍ୱରେ ତୈମୁରଲଙ୍ଗ ଭାରତ ଆକ୍ରମଣ କରିଥିଲେ ।

**ତୈମୁରଲଙ୍ଗଙ୍କ ଭାରତ ଆକ୍ରମଣ**—ତୈମୁର ଜାତିରେ ତୁର୍କ ଓ ଚେଙ୍ଗିଜ୍‌ଖାଁଙ୍କର ବଂଶଧର ଥିଲେ । ସେ ସମରକନ୍ଦର ସୁଲତାନ ଥିଲେ ଓ ମଧ୍ୟଏସିଆରେ ବିଶାଳସାମ୍ରାଜ୍ୟ ପ୍ରତିଷ୍ଠା କରିଥିଲେ । ସେ ଭୀଷଣ ରକ୍ତପିପାସୁ ଓ ନିଷ୍ଠୁର ଥିଲେ । ସେ ଖ୍ରୀ: ଅ: ୧୩୯୮ରେ ଭାରତରେ ପ୍ରବେଶକରି ଗୋଟିଏ ପରେ ଗୋଟିଏ ନଗର ଅଧିକାରକଲେ ଓ ମନଇଚ୍ଛା ଧନରତ୍ନ ଲୁଣ୍ଠନ କଲେ । ଦିଲ୍ଲୀରେ ପହଞ୍ଚିବା ବେଳକୁ ସେ ଲକ୍ଷେ ଭାରତୀୟଙ୍କୁ ବନ୍ଦୀ କରିଥିଲେ । ଏତେ ଲୋକଙ୍କୁ ରଖିବା କଷ୍ଟକର

ହେବ ବୋଲି ସେ ସେମାନଙ୍କୁ ହତ୍ୟା କରିଥିଲେ । ସମ୍ରାଟ୍ ମାମୁଦ-ତୋଗଲକ ପରାସ୍ତ ହୋଇ ଗୁଜରାଟକୁ ପଳାୟନ କଲେ । ଦିଲ୍ଲୀବାସୀମାନେ ବାଧ ହୋଇ ତାଙ୍କୁ ସମ୍ରାଟ୍ ବୋଲି ସ୍ୱୀକାର କଲେ । ସେ ପାଞ୍ଚଦିନ ଦିଲ୍ଲୀରେ ରହି ନିଷ୍ଠୁରଭାବରେ ଶତ ଶତ ଲୋକଙ୍କୁ ମାରିପକାଇ ସେମାନଙ୍କର ଧନରତ୍ନ ଲୁଣ୍ଠନ କରି ନେଲେ । ଫେରି ଗଲାବେଳେ ସେ ଭାରତରୁ ଅପରିମିତ ଧନରତ୍ନ ଓ ଅନେକ ନରନାରୀଙ୍କୁ ବନ୍ଦୀ କରି ସଙ୍ଗରେ ନେଇଥିଲେ । ଭାରତରେ ରାଜ୍ୟସ୍ଥାପନ ତାଙ୍କର ଲକ୍ଷ୍ୟ ନ ଥିଲା । ଦେଶଲୁଣ୍ଠନ, ପ୍ରଜାପୀଡ଼ନ ଓ ହିନ୍ଦୁ ଧର୍ମ ଧ୍ୱଂସ ତାଙ୍କର ପ୍ରଧାନ ଉଦ୍ଦେଶ୍ୟ ଥିଲା । ତାଙ୍କ ଆକ୍ରମଣ ଫଳରେ ମୁସଲମାନ ସାମ୍ରାଜ୍ୟ ଦୁର୍ବଳ ଓ ଦେଶରେ ଅରାଜକତା, ଦୁର୍ଭିକ୍ଷ ପ୍ରବଳ ହେଲା ।



ତୈମୁରଲଙ୍ଗ

ତୈମୁରଲଙ୍ଗ ଚାଲିଯିବା ପରେ ମାମୁଦ ଦିଲ୍ଲୀକୁ ଫେରି ଆସିଲେ । ସେ ଖ୍ରୀ: ଅ: ୧୪୧୨ରେ ପ୍ରାଣତ୍ୟାଗ କରିଥିଲେ । ତାଙ୍କ ମୃତ୍ୟୁ ସଙ୍ଗେ ସଙ୍ଗେ ଦୌଲତ ଖାଁ ଲୋଦୀ ନାମକ ଜଣେ ଲୋକ ଦିଲ୍ଲୀ ସିଂହାସନ ଅଧିକାର କରିଥିଲେ ।

## ସୈୟଦ ବଂଶ

ତୈମୁର ଫେରିଯିବା ସମୟରେ ଖିଜର୍ ଖାଁ ନାମକ ଜଣେ ସୈୟଦଙ୍କୁ ମୁଲତାନ ଓ ଲାହୋରର ଶାସନକର୍ତ୍ତା ରୂପେ ନିଯୁକ୍ତ କରିଥିଲେ । ସେ ସୈୟଦବଂଶର ପ୍ରତିଷ୍ଠାତା । ସେ ଖ୍ରୀ: ଅ: ୧୪୧୪ ରେ ଦୌଲତ ଖାଁ ଲୋଦୀଙ୍କୁ ତଡ଼ି ଦେଇ ଦିଲ୍ଲୀ ସିଂହାସନ ଅଧିକାର

କରିଥିଲେ । ତାଙ୍କ ପରେ ଏହି ବଂଶର ଆଉ ତିନି ଜଣ ରାଜା ଖ୍ରୀ: ଅ: ୧୪୫୦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ସେମାନଙ୍କ ରାଜତ୍ୱରେ ମୁସଲମାନ ସାମ୍ରାଜ୍ୟ କ୍ରମେ ସଂକୁଚିତ ହୋଇ ଦିଲ୍ଲୀ ନଗରୀର ଚତୁଃସୀମା ମଧ୍ୟରେ ଆବଦ୍ଧ ରହିଲା । ଏହି ବଂଶର ଶେଷ ରାଜାଙ୍କୁ ତଡ଼ି ବହ୍ଲୋଲ ଲୋଦୀ ଦିଲ୍ଲୀର ରାଜା ହେଲେ ।

## ଲୋଦୀ ବଂଶ

ବହ୍ଲୋଲ ଲୋଦୀ ଲୋଦୀବଂଶର ପ୍ରଥମ ରାଜା । ସେ ଖ୍ରୀ: ଅ: ୧୪୫୧ରୁ ଖ୍ରୀ: ଅ: ୧୪୮୯ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ସେ ପଞ୍ଜାବ ଓ ଜୌନପୁରକୁ ନିଜ ରାଜ୍ୟରେ ମିଶାଇଥିଲେ । ତାଙ୍କ ପରେ ତାଙ୍କ ପୁତ୍ର ସିକନ୍ଦର ଲୋଦୀ ରାଜା ହେଲେ । ସେ ଲୋଦୀ ବଂଶର ଶ୍ରେଷ୍ଠ ରାଜା । ସେ ଦିଲ୍ଲୀସାମ୍ରାଜ୍ୟକୁ ପୁଣି ବଙ୍ଗଦେଶ ପର୍ଯ୍ୟନ୍ତ ବିସ୍ତୃତ କରିଥିଲେ । ସେ ଖ୍ରୀ: ଅ: ୧୪୮୯ ରୁ ଖ୍ରୀ: ଅ: ୧୫୧୭ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ଖ୍ରୀ: ଅ: ୧୫୧୭ରେ ସିକନ୍ଦରଙ୍କ ପୁତ୍ର ଇବ୍ରାହିମ ରାଜା ହେଲେ । ତାଙ୍କ ରାଜତ୍ୱରେ ଚତୁର୍ଦ୍ଦିଗରେ ବିଦ୍ରୋହ ଜାତ ହେଲା । ତାଙ୍କର ଔଦ୍ଧତ୍ୟ ଓ ଗର୍ବ ଯୋଗୁଁ ସର୍ଦ୍ଦାର ଓ ସଭାସଦ୍‌ମାନେ ବିଶେଷ ଅସନ୍ତୁଷ୍ଟ ହେଲେ । ପଞ୍ଜାବର ଶାସନକର୍ତ୍ତା ଦୌଲତଖାଁ ଲୋଦୀ କାବୁଲର ମୋଗଲରାଜା ବାବରଙ୍କୁ ଭାରତ ଆକ୍ରମଣ କରିବା ସକାଶେ ଆହ୍ୱାନ କଲେ । ବାବର ଦିଲ୍ଲୀ ଆଡ଼କୁ ଅଗ୍ରସର ହେଲେ । ଦିଲ୍ଲୀ ନିକଟବର୍ତ୍ତୀ ପାଣିପଥ ନାମକ ଯୁଦ୍ଧକ୍ଷେତ୍ରରେ ବାବର ଓ ଇବ୍ରାହିମଙ୍କ ମଧ୍ୟରେ ଖ୍ରୀ: ଅ: ୧୫୨୬ ରେ ଯୁଦ୍ଧ ହେଲା । ଇବ୍ରାହିମ ନିହତ ହେଲେ । ବାବର ଦିଲ୍ଲୀ ସିଂହାସନ ଅଧିକାର କଲେ । ଭାରତରୁ ମୁସଲମାନ ରାଜତ୍ୱ ଲୁପ୍ତ ହେଲା ଓ ମୋଗଲସାମ୍ରାଜ୍ୟର ମୂଳଭିତ୍ତି ସ୍ଥାପିତ ହେଲା ।

# ଷୋଡ଼ଶ ଅଧ୍ୟାୟ

**ମୋଗଲ ରାଜତ୍ୱ ସମୟକୁ ଭାରତର ରାଜନୈତିକ ଅବସ୍ଥା**—ମହମ୍ମଦ ତୋଗଲକଙ୍କ ରାଜତ୍ୱରୁ ପ୍ରଥମ ମୁସଲମାନ (ତୁର୍କ-ଅଫଗାନ) ସାମ୍ରାଜ୍ୟର ପତନ ଆରମ୍ଭ ହେଲା । ତୈମୁରଙ୍କ ଆକ୍ରମଣ ଫଳରେ ଏହାର ଭିତ୍ତି ଶିଥିଳ ହୋଇ ପଡ଼ିଲା । ସୈୟଦ ଓ ଲୋଦୀମାନେ କେବଳ ଦିଲ୍ଲୀ ନିକଟବର୍ତ୍ତୀ କ୍ଷୁଦ୍ର ରାଜ୍ୟରେ ରାଜତ୍ୱ କରୁଥିଲେ । ଉତ୍ତର ଭାରତରେ ବଙ୍ଗଳା, ଜୌନପୁର, ମାଳବ, ଗୁଜରାଟ, ମୁଲତାନ, ସିନ୍ଧୁ, କାଶ୍ମୀର ପ୍ରଭୃତି ସ୍ୱାଧୀନ ମୁସଲମାନ ରାଜ୍ୟମାନ ପ୍ରତିଷ୍ଠିତ ହୋଇଥିଲା । ରାଜପୁତାନା ଅଞ୍ଚଳରେ ରାଜପୁତମାନେ ସ୍ୱାଧୀନ ଭାବରେ ରାଜତ୍ୱ କରୁଥିଲେ । ଦାକ୍ଷିଣାତ୍ୟରେ ମହମ୍ମଦ ତୋଗଲକଙ୍କ ରାଜତ୍ୱରେ ବାହାମନୀ ଓ ବିଜୟନଗର ନାମକ ଦୁଇଟି କ୍ଷମତାଶାଳୀ ସ୍ୱାଧୀନ ରାଜ୍ୟ ପ୍ରତିଷ୍ଠିତ ହୋଇଥିଲା । ଉପରୋକ୍ତ ରାଜ୍ୟମାନଙ୍କ ମଧ୍ୟରେ ବାହାମନୀ, ବିଜୟନଗର, ଉତ୍କଳ ସର୍ବଶ୍ରେଷ୍ଠ ଥିଲା ।

**ବାହାମନୀ ରାଜ୍ୟ**—ମହମ୍ମଦ ତୋଗଲକଙ୍କ ରାଜତ୍ୱ କାଳରେ ଦାକ୍ଷିଣାତ୍ୟର ବିଦ୍ରୋହୀ ସର୍ଦ୍ଦାରମାନଙ୍କର ନେତା ହାସନ ବା ଜାଫର ଖାଁ ଖ୍ରୀ: ଅ: ୧୩୪୭ ରେ ମହାରାଷ୍ଟ୍ରରେ ଗୋଟିଏ ସ୍ୱାଧୀନ ମୁସଲମାନ ରାଜ୍ୟ ପ୍ରତିଷ୍ଠା କରିଥିଲେ । ସେ ରାଜା ହେବା ମାତ୍ରେ ଆଲ୍ଲାଉଦ୍ଦିନ ବାହାମନ୍ ସାହ ନାମ ଗ୍ରହଣ କରିଥିଲେ । କେହି କେହି କହନ୍ତି ସେ ପାରସ୍ୟ ସମ୍ରାଟ୍ ବାହାମନଙ୍କ ବଂଶଧର ଥିବାରୁ ସ୍ୱପ୍ରତିଷ୍ଠିତ ରାଜ୍ୟକୁ ବାହାମନୀ ନାମ ପ୍ରଦାନ କରିଥିଲେ । ସେ 'ଗୁଲବର୍ଗ' ବା 'କଲବର୍ଗ' ଠାରେ ନିଜର ରାଜଧାନୀ ପ୍ରତିଷ୍ଠା କରିଥିଲେ । ଅଳ୍ପକାଳ ମଧ୍ୟରେ ତାଙ୍କର ରାଜ୍ୟ ପଶ୍ଚିମଘାଟଠାରୁ ପୂର୍ବଘାଟ ପର୍ଯ୍ୟନ୍ତ ଓ ନର୍ମଦାଠାରୁ ତୁଙ୍ଗଭଦ୍ରା ପର୍ଯ୍ୟନ୍ତ ବିସ୍ତୃତ ହୋଇଥିଲା । ସେ ତାଙ୍କ ରାଜ୍ୟକୁ ଚାରି ଭାଗରେ ବିଭକ୍ତ

କରିଥିଲେ । ତାଙ୍କ ପରେ ତାଙ୍କ ବଂଶର ଅନ୍ୟ ୧୩ଜଣ ରାଜା ରାଜତ୍ୱ କରିଥିଲେ । କୃଷ୍ଣା ଓ ତୁଙ୍ଗଭଦ୍ରା ମଧ୍ୟବର୍ତ୍ତୀ ପ୍ରଦେଶକୁ ଅଧିକାର କରିବା ପାଇଁ ବିଜୟ ନଗର ଓ ବାହାମନୀ ରାଜ୍ୟ ମଧ୍ୟରେ ସର୍ବଦା ଯୁଦ୍ଧ ଲାଗିଥିଲା । ଉତ୍କଳ ଗଜପତି କୁଲବର୍ଗ ଧ୍ୱଂସ କରିବାରୁ ଏହି ବଂଶର ନବମ ରାଜା ଅହମଦ ସାହା କୁଲବର୍ଗ ପରିବର୍ତ୍ତରେ ବିଦରକୁ ନିଜର ରାଜଧାନୀ କରିଥିଲେ ।

ଏହି ବଂଶର ଚତୁର୍ଦ୍ଦଶ ରାଜା ମାମୁଦ (ଖ୍ରୀ: ଅ: ୧୪୮୨— ଖ୍ରୀ: ଅ: ୧୫୧୮) ରାଜ୍ୟ ଶାସନପାଇଁ ଏକାନ୍ତ ଦୁର୍ବଳ ଓ ଅସମର୍ଥ ଥିବାରୁ ବାହାମନୀ ରାଜ୍ୟ ବିଜାପୁର, ଗୋଲକୁଣ୍ଡା, ଅହମଦନଗର, ବିଦର ଓ ବେରାର ନାମକ ପାଞ୍ଚଟି ସ୍ୱାଧୀନ ରାଜ୍ୟରେ ବିଭକ୍ତ ହୋଇଥିଲା । 'ଫତୁଲ୍ଲଇମାଦସାହ' ୧୪୮୪ରେ ବେରାରରେ ଇମାଦସାହି ରାଜବଂଶ, ୧୪୮୯ ରେ 'ୟୁସୁଫଅଦଲସାହ' ବିଜାପୁରରେ ଅଦଲସାହୀ ରାଜବଂଶ, ୧୪୯୦ରେ 'ଅହମଦନିଜାମସାହ' ଅହମଦନଗରରେ ନିଜାମସାହି ରାଜବଂଶ, ଏବଂ 'କୁଲକୁତବସାହ' ୧୫୧୮ରେ ଗୋଲକୁଣ୍ଡାରେ କୁତବସାହି ରାଜବଂଶ ପ୍ରତିଷ୍ଠା କରିଥିଲେ । କେବଳ ରାଜଧାନୀ ବିଦରର ଚତୁଃପାର୍ଶ୍ୱବର୍ତ୍ତୀ କ୍ଷୁଦ୍ର ରାଜ୍ୟରେ ବାହାମନୀ ରାଜାମାନେ ରାଜତ୍ୱ କରୁଥିଲେ । ପରିଶେଷରେ ଅମିର ବରିଦ ନାମକ ଜଣେ ମନ୍ତ୍ରୀ ବାହମନୀ ରାଜାଙ୍କୁ ତଡ଼ି ଖ୍ରୀ: ଅ: ୧୫୨୬ରେ ଉକ୍ତ ରାଜ୍ୟ ଅଧିକାର କରିଥିଲେ । ତାଙ୍କଦ୍ୱାରା ପ୍ରତିଷ୍ଠିତ ବଂଶକୁ ବରିଦସାହି ବଂଶ କହନ୍ତି ।

ଏହି ପଞ୍ଚ ବାହାମନୀ ରାଜ୍ୟ ସର୍ବଦା ପରସ୍ପର ଓ ହିନ୍ଦୁରାଜ୍ୟ ବିଜୟନଗର ସହିତ ଯୁଦ୍ଧରେ ପ୍ରବୃତ୍ତ ଥିଲେ । ପଞ୍ଚ ବାହାମନୀ ରାଜ୍ୟ ଏକତ୍ର ହୋଇ ଖ୍ରୀ: ଅ: ୧୫୬୫ରେ ଟାଲିକୋଟା ଯୁଦ୍ଧରେ ବିଜୟନଗର ରାଜ୍ୟ ଧ୍ୱଂସ କରିଥିଲେ । ୧୫୭୪ରେ ଅହମଦନଗର ସହିତ ବେରାର ରାଜ୍ୟ ଓ ଅବଶିଷ୍ଟ ୧୬୧୮ରେ ବିଜାପୁର ସହିତ ବିଦର

ରାଜ୍ୟ ମିଶି ଯାଇଥିଲା । ଅବଶିଷ୍ଟ ବିଜାପୁର, ଗୋଲକୁଣ୍ଡା ଓ ଆହମଦନଗର ରାଜ୍ୟତ୍ରୟ ସ୍ୱାଧୀନତା ରକ୍ଷା ପାଇଁ ମୋଗଲ ସମ୍ରାଟଙ୍କ ସହିତ ବହୁକାଳ ଯୁଦ୍ଧ ଚଳାଇ ଥିଲେ । ୧୬୩୭ରେ ସାହାଜାହାନ ଆହମଦନଗର ରାଜ୍ୟକୁ ସଂପୂର୍ଣ୍ଣରୂପେ ଅଧିକାର କରିଥିଲେ । ଆଉରଙ୍ଗଜେବ ୧୬୮୬ରେ ବିଜାପୁର ରାଜ୍ୟ ଓ ୧୬୮୭ରେ ଗୋଲକୁଣ୍ଡା ରାଜ୍ୟକୁ ମୋଗଲ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ କରିଥିଲେ । ମରହଟ୍ଟା ଜାତିର ଅଭ୍ୟୁତ୍ଥାନ ସମୟକୁ ବାହାମନି ରାଜ୍ୟସକଳ ଧ୍ୱଂସ ଲାଭ କରିଥିଲା ।

**ବିଜୟ ନଗର ରାଜ୍ୟ**—ବିପନ୍ନ ହିନ୍ଦୁ ଧର୍ମର ରକ୍ଷା ଓ ଦାକ୍ଷିଣାତ୍ୟରେ ମୁସଲମାନ ଶକ୍ତିର ପ୍ରତିରୋଧ ପାଇଁ ହରିହର ଓ ବୁକ୍କା ନାମକ ଦୁଇଭାଇ ଖ୍ରୀ:ଅ: ୧୩୩୬ରେ ପ୍ରସିଦ୍ଧ ମାଧବାଚାର୍ଯ୍ୟଙ୍କ ସହାୟତାରେ ବିଜୟନଗରକୁ ରାଜଧାନୀ କରି ଗୋଟିଏ ସ୍ୱାଧୀନ ହିନ୍ଦୁରାଜ୍ୟ ପ୍ରତିଷ୍ଠା କରିଥିଲେ । ବିଜୟନଗର ସହରଟି ଜଣେ ହୟଶାଳା ରାଜାଙ୍କଦ୍ୱାରା ବହୁପୂର୍ବରୁ ପ୍ରତିଷ୍ଠିତ ହୋଇଥିଲା । ବିଜୟନଗର ପ୍ରଥମେ ଗୋଟିଏ କ୍ଷୁଦ୍ର ରାଜ୍ୟ ଥିଲା । କିନ୍ତୁ କାଳକ୍ରମେ କୃଷ୍ଣାନଦୀର ଦକ୍ଷିଣରେ ଥିବା ପ୍ରାୟ ସମସ୍ତ ରାଜ୍ୟ ଏହାର ଅନ୍ତର୍ଭୁକ୍ତ ହେଲା । ସେଠାର ରାଜାମାନେ ସର୍ବଦା ବାହାମନୀ ରାଜ୍ୟର ସୁଲତାନ ଓ ଉତ୍କଳର ଗଜପତିମାନଙ୍କ ସହିତ ଯୁଦ୍ଧରେ ପ୍ରବୃତ୍ତ ଥିଲେ ।

**କୃଷ୍ଣଦେବରାୟ** (ଖ୍ରୀ: ଅ: ୧୫୦୯-୧୫୨୯)—ଏହି ରାଜ୍ୟର ଶ୍ରେଷ୍ଠ ରାଜା ଥିଲେ । କିନ୍ତୁ ସେ ପ୍ରତାପରୁଦ୍ର ଦେବଙ୍କୁ ପରାସ୍ତ କରି କାବେରୀ ଓ ଗୋଦାବରୀ ନଦୀଦ୍ୱୟର ମଧ୍ୟବର୍ତ୍ତୀ ସମସ୍ତ ଓଡ଼ିଆ ରାଜ୍ୟ ଅଧିକାର କରିଥିଲେ ଓ ଗଜପତିଙ୍କ କନ୍ୟାକୁ ବିବାହ କରିଥିଲେ । ସେ ବିଜାପୁରର ସୁଲତାନଙ୍କୁ ପରାସ୍ତ କରି ରାୟଚୁରଦୁର୍ଗ ଅଧିକାର କରିଥିଲେ । ବୈଷ୍ଣବଧର୍ମ ପ୍ରତି ତାଙ୍କର ପ୍ରଗାଢ଼ ଅନୁରାଗ ଥିଲା । ତାଙ୍କର ମୃତ୍ୟୁ ପରେ ଏହି ବଂଶ ଦୁର୍ବଳ ହୋଇପଡ଼ିଲା । ଏହି ବଂଶର ଶେଷ ରାଜା ସଦାଶିବ

ରାଜ୍ୟକୁ ପଞ୍ଚବାହାମନୀ ରାଜ୍ୟର ସୁଲତାନମାନେ ଏକତ୍ର ହୋଇ (୧୫୬୫) ଟାଲିକୋଟା ଯୁଦ୍ଧରେ ପରାସ୍ତ କରିଥିଲେ । ଏହି ଯୁଦ୍ଧ ପରେ ସେମାନେ କ୍ରମାଗତ ବହୁଦିନ ଯାଏଁ ନିଷ୍ଠୁର ଭାବରେ ବିଜୟନଗରର ହିନ୍ଦୁକୀର୍ତ୍ତି ସକଳ ଧ୍ୱଂସ କରିଥିଲେ ।

ବିଜୟନଗର ଦାକ୍ଷିଣାତ୍ୟର ଗୋଟିଏ ସମୃଦ୍ଧିଶାଳୀ ରାଜ୍ୟ ଥିଲା । ଲୋକମାନେ ସୁଖ ଶାନ୍ତିରେ ଥିଲେ । ଏଠାର ରାଜାମାନେ ଅନେକ ନଗର, ପ୍ରାସାଦ, ଗୋପୁର, ମଠ, ମନ୍ଦିର, ବିଦ୍ୟାଳୟ, ଜଳାଶୟ ନିର୍ମାଣ କରିଥିଲେ । ସେମାନଙ୍କର ସାହାଯ୍ୟ ଲାଭ କରି ତେଲୁଗୁ, କର୍ଣ୍ଣାଟୀ ଓ ସଂସ୍କୃତ ସାହିତ୍ୟ ବିଶେଷ ଉନ୍ନତି କରିଥିଲା । ବିଜୟନଗର ରାଜ୍ୟର ଗୋଟିଏ ପ୍ରକାଣ୍ଡ ସେନା ଥିଲା । ସେଠାର ରାଜାମାନେ ପ୍ରାୟ ୨୩୦ ବର୍ଷ କାଳ ଦାକ୍ଷିଣାତ୍ୟରେ ଦକ୍ଷତାର ସହିତ ମୁସଲମାନ ଶକ୍ତିକୁ ପ୍ରତିରୋଧ କରିଥିଲେ । ରାଜଧାନୀ ବିଜୟନଗର ରୋମନଗରୀ ପରି ସମଗ୍ର ପୃଥିବୀର ଗୋଟିଏ ଶ୍ରେଷ୍ଠ ନଗରୀ ଥିଲା । ଏହାର ପରିଧି ୩୦ କୋଶ ଥିଲା । ଏହି ନଗରଟି ସାତ ଗୋଟି ସୁଦୃଢ଼ ପ୍ରାଚୀରଦ୍ୱାରା ସୁରକ୍ଷିତ ଥିଲା । ଭିତରବେଢ଼ା ମଧ୍ୟରେ ରାଜପ୍ରାସାଦ ଥିଲା । ଏହି ନଗର ଧନରତ୍ନର ଗୋଟିଏ ଭଣ୍ଡାର ଥିଲା । ଇଉରୋପୀୟ ପରିବ୍ରାଜକମାନେ ଏହି ନଗରର ସୌନ୍ଦର୍ଯ୍ୟ ଓ ଐଶ୍ୱର୍ଯ୍ୟର ଭୂୟସୀ ପ୍ରଶଂସା କରିଛନ୍ତି ।

**ଉତ୍କଳ**—ମହୀଶୂର ରାଜ୍ୟରୁ ଆସି ଗଙ୍ଗବଂଶୀୟ ରାଜାମାନେ ସର୍ବପ୍ରଥମେ ୫ମ ଶତାବ୍ଦୀର ଶେଷଭାଗରେ କଳିଙ୍ଗରେ (ଗଞ୍ଜାମଜିଲ୍ଲାର ଦକ୍ଷିଣାଂଶ ଓ ବିଶାଖାପାଟଣା ଜିଲ୍ଲାର ଉତ୍ତରାଂଶ) ନିଜର ଆଧିପତ୍ୟ ପ୍ରତିଷ୍ଠା କରିଥିଲେ । ବଂଶଧାରା ନଦୀ ତୀରବର୍ତ୍ତୀ କଳିଙ୍ଗନଗର (ଆଧୁନିକ ମୁଖଲିଙ୍ଗ) ସେମାନଙ୍କର ରାଜଧାନୀ ଥିଲା । ଗଙ୍ଗବଂଶୀ ରାଜାମାନେ ବହୁକାଳ କଳିଙ୍ଗରେ ରାଜତ୍ୱ କରିଥିଲେ । ସେମାନେ ଉତ୍କଳର ପ୍ରବଳପରାକ୍ରାନ୍ତ ଭୌମ ଓ ସୋମବଂଶ ରାଜାମାନଙ୍କର ଅଧୀନ

ଥିଲେ । ଏହି ବଂଶର **ଚୋଳଗଙ୍ଗ ଦେବ** ଜଣେ ଦିଗ୍‌ବିଜୟୀ ସମ୍ରାଟ୍ ଥିଲେ । ସେ ସୁବର୍ଣ୍ଣ କେଶରୀଙ୍କୁ ପରାସ୍ତ କରି ଉତ୍ତରରେ ଗଙ୍ଗାପର୍ଯ୍ୟନ୍ତ ବିସ୍ତୃତ ଉତ୍କଳ ଅଧିକାର କରିଥିଲେ । ସେ ଦକ୍ଷିଣରେ ରତ୍ନପୁର ରାଜ୍ୟ ମଧ୍ୟ ଜୟ କରିଥିଲେ । ସେ ଦୀର୍ଘ ୭୦ ବର୍ଷ କାଳ ରାଜତ୍ୱ କରି ଖ୍ରୀ: ଅ: ୧୧୪୮ରେ ପ୍ରାଣତ୍ୟାଗ କଲେ । ସେହି ବଂଶର **ଅନଙ୍ଗଭୀମ ଦେବ** ପ୍ରାୟ ( ଖ୍ରୀ: ଅ: ୧୧୮୯-୧୨୨୩ ) ପୁରୀର ବିଶାଳ ଜଗନ୍ନାଥମନ୍ଦିର ଓ



ଜଗନ୍ନାଥ ମନ୍ଦିର

କଟକର ବାରବାଟୀଦୁର୍ଗ ନିର୍ମାଣ କରାଇଥିଲେ । ସେ ଓଡ଼ିଶାରେ ଅନେକ ଗ୍ରାମ, ଶାସନ, ହାଟ ବସାଇଥିଲେ; ଅନେକ ଦେଉଳ, ଯାତ୍ରା, ଘାଟ, ବନ୍ଧ, ନିର୍ମାଣ କରିଥିଲେ; ଶତ ଶତ କୂପ ପୁଷ୍କରିଣୀ ଖୋଳାଇ ଥିଲେ । ସେ ଯବନମାନଙ୍କଦ୍ୱାରା ପରାଜିତ ବଙ୍ଗନୃପତି ଲକ୍ଷ୍ମଣସେନଙ୍କୁ ଆଶ୍ରୟ ଦେଇ

ଥିବାରୁ ବଙ୍ଗର ମୁସଲମାନମାନେ ଉତ୍କଳ ଆକ୍ରମଣ କଲେ; କିନ୍ତୁ ସେମାନେ ପରାସ୍ତ ହୋଇଥିଲେ । **ଲାଙ୍ଗୁଲା ନରସିଂହ ଦେବ** ଗଙ୍ଗବଂଶର ଶ୍ରେଷ୍ଠ ରାଜା । ସେ ପ୍ରାୟ ଖ୍ରୀ:ଅ: ୧୨୨୮ ରୁ ୧୨୫୬ ପର୍ଯ୍ୟନ୍ତ ରାଜତ୍ୱ



କୋଣାର୍କ ମନ୍ଦିର

କରିଥିଲେ । ସେ ଅଦ୍ଭୁତ ବଳଶାଳୀ ଓ ସମରପ୍ରିୟ ରାଜା ଥିଲେ ଓ ଦାକ୍ଷିଣାତ୍ୟରେ ବହୁରାଜ୍ୟ ଜୟ କରିଥିଲେ । ବଙ୍ଗଳାର ମୁସଲମାନମାନେ ତାଙ୍କ ଦ୍ୱାରା ବାରମ୍ବାର ପରାହତ ହୋଇ ଏତେଦୂର ଭଗ୍ନୋତ୍ସାହ ହୋଇ ପଡ଼ିଥିଲେ ଯେ, ପ୍ରାୟ ୩୦୦ ବର୍ଷକାଳ ସେମାନେ ଉତ୍କଳ ଆକ୍ରମଣ କରିବାକୁ ସାହସ କରି ନ ଥିଲେ । ସେ କୋଣାର୍କରେ ପୃଥିବୀବିଖ୍ୟାତ ସୂର୍ଯ୍ୟମନ୍ଦିର ନିର୍ମାଣ କରିଥିଲେ । ତାଙ୍କ ପରେ ଗଙ୍ଗବଂଶ ଦୁର୍ବଳ ହୋଇ ପଡ଼ିଲା ।

ଖ୍ରୀ: ଅ: ୧୪୩୫ ରେ ସୂର୍ଯ୍ୟବଂଶୀୟ ରାଜା **କପିଳେନ୍ଦ୍ର ଦେବ** ଗଙ୍ଗବଂଶ ଲୋପ ପରେ ଉତ୍କଳର ସିଂହାସନ ପ୍ରାପ୍ତ ହେଲେ । ସେ ଜଣେ ଦିଗ୍ବିଜୟୀ ସମ୍ରାଟ ଥିଲେ ଓ ଦାକ୍ଷିଣାତ୍ୟରେ ବହୁ ରାଜ୍ୟ ଜୟ କରି ରାମେଶ୍ୱର ପର୍ଯ୍ୟନ୍ତ ଓଡ଼ିଆମାନଙ୍କର ବିଜୟପତାକା ଉଡ଼ାଇ ଥିଲେ । ତାଙ୍କ ଅନ୍ତେ ତାଙ୍କ ପୁତ୍ର **ପୁରୁଷୋତ୍ତମ ଦେବ** ( ଖ୍ରୀ: ଅ: ୧୪୭୫-୧୪୯୫ ) କାଞ୍ଚୀରାଜାଙ୍କୁ ପରାସ୍ତ କରି କାଞ୍ଚୀ ରାଜକନ୍ୟା ପଦ୍ମାବତୀଙ୍କୁ ବିବାହ କରିଥିଲେ । ତାଙ୍କ ରାଜତ୍ୱରେ ଦକ୍ଷିଣରେ ଓଡ଼ିଆ ସାମ୍ରାଜ୍ୟ ଅକ୍ଷୁଣ୍ଣ ଥିଲା । ତାଙ୍କ ପୁତ୍ର **ପ୍ରତାପରୁଦ୍ର ଦେବଙ୍କ** (ଖ୍ରୀ: ଅ. ୧୪୯୫-୧୫୩୨) ସମୟରେ ଉତ୍କଳର ପତନ ଆରମ୍ଭ ହେଲା । ସେ କୃଷ୍ଣଦେବ ରାୟଙ୍କ ଦ୍ୱାରା ପରାସ୍ତ ହୋଇ ତାଙ୍କୁ ଗୋଦାବରୀ ନଦୀର ଦକ୍ଷିଣକୁ ଥିବା ସମସ୍ତ ଓଡ଼ିଆ ଅଧିକୃତ ରାଜ୍ୟ ଦେଇଥିଲେ । ତାଙ୍କ ରାଜତ୍ୱରେ ବଙ୍ଗଳାର ମୁସଲମାନମାନେ ବାରମ୍ବାର ଉତ୍କଳ ଆକ୍ରମଣ କରିଥିଲେ ଓ ଶ୍ରୀ ଚୈତନ୍ୟ ଦେବ ଉତ୍କଳରେ ବୈଷ୍ଣବଧର୍ମ ପ୍ରଚାର କରିଥିଲେ । ପ୍ରତାପଙ୍କ ପରେ ଗୃହବିବାଦ ଯୋଗୁଁ ସୂର୍ଯ୍ୟବଂଶ ଲୁପ୍ତ ହେଲା । **ମୁକୁନ୍ଦ ଦେବ** ( ଖ୍ରୀ: ଅ: ୧୫୫୧-୧୫୬୮ ) ଉତ୍କଳର ସ୍ୱାଧୀନତା ରକ୍ଷାପାଇଁ ପ୍ରାଣପଣ ଚେଷ୍ଟା କରିଥିଲେ । ସେ ଜଣେ କ୍ଷମତାଶାଳୀ ରାଜା ଥିଲେ । ସମ୍ରାଟ ଅକବର ବଙ୍ଗଦେଶ ଜୟ କରିବା ପାଇଁ ତାଙ୍କର ସାହାଯ୍ୟ ପ୍ରାର୍ଥନା କରିଥିଲେ । କିନ୍ତୁ ଅନ୍ତର୍ଯୁଦ୍ଧ ଯୋଗୁଁ ତାଙ୍କର ମୃତ୍ୟୁ ହେବାରୁ ବଙ୍ଗ ସୁଲତାନଙ୍କ ସେନାପତି କଳାପାହାଡ଼ ଖ୍ରୀ: ଅ: ୧୫୬୮ରେ ଓଡ଼ିଶାର ଉତ୍ତରାଂଶ ଅଧିକାର କରିଥିଲେ । ସେହି ସମୟରୁ ଓଡ଼ିଶାର ସ୍ୱାଧୀନତା ଲୁପ୍ତ ହେଲା । କଳାପାହାଡ଼ ଓଡ଼ିଶାର ଶତ ଶତ ହିନ୍ଦୁକୀର୍ତ୍ତି ଧ୍ୱଂସ କରିଥିଲେ ।

**ଭାରତର ସମାଜ ଓ ଧର୍ମ**—ମୁସଲମାନ ରାଜାମାନେ ସୈନ୍ୟବଳ ଉପରେ ସମ୍ପୂର୍ଣ୍ଣ ନିର୍ଭର କରୁଥିଲେ । ସୁଲତାନ ପ୍ରବଳ

ଥିବା ପର୍ଯ୍ୟନ୍ତ ଦେଶରେ ଶାନ୍ତି ଶୃଙ୍ଖଳା ଥିଲା । କିନ୍ତୁ କେନ୍ଦ୍ର ଶାସନ ଦୁର୍ବଳ ହେଲେ ପ୍ରାଦେଶିକ ଶାସନକର୍ତ୍ତାମାନେ ସ୍ୱଇଚ୍ଛାରେ ଶାସନ କରୁଥିଲେ ଓ ଦେଶରେ ଅଶାନ୍ତି, ଅରାଜକତା ପ୍ରବଳ ହେଉଥିଲା ।

ମୁସଲମାନ ରାଜାମାନେ କୋରାନ ପ୍ରଭୃତି ଗ୍ରନ୍ଥର ବିଧି ଅନୁଯାୟୀ ଶାସନ କରୁଥିଲେ । ସେମାନେ ଦେଶର ଉନ୍ନତି ପ୍ରତି ବିଶେଷ ଦୃଷ୍ଟି ନ ଦେଇ ନିଜର ଆସନ ସୁଦୃଢ଼ କରିବାରେ ବ୍ୟସ୍ତ ଥିଲେ ଓ ସର୍ବଦା ଭୋଗ ବିଳାସରେ ପ୍ରବୃତ୍ତ ରହୁଥିଲେ । ତେଣୁ କର୍ମଚାରୀ-ମାନଙ୍କର ଅତ୍ୟାଚାର ପ୍ରବଳ ଥିଲା । ଦିଲ୍ଲୀ ସୁଲତାନମାନେ ପ୍ରଥମେ ପ୍ରଥମେ ହିନ୍ଦୁମାନଙ୍କର ସୁବିଧା ନିମିତ୍ତ ଦେବନାଗର ଅକ୍ଷର ବ୍ୟବହାର କରୁଥିଲେ । ହିନ୍ଦୁମାନେ ମଧ୍ୟ ପାର୍ସିଭାଷା ଶିକ୍ଷା କରୁଥିଲେ । କାଳକ୍ରମେ ହିନ୍ଦୀଭାଷା ଓ ପାର୍ସିଭାଷାର ସମିଶ୍ରଣରେ ଉର୍ଦ୍ଦୁଭାଷାର ସୃଷ୍ଟି ହୋଇଥିଲା । ଏହାହିଁ ଇଂରେଜ ରାଜତ୍ୱ ପର୍ଯ୍ୟନ୍ତ ଭାରତର ରାଜଭାଷା ହେଲା ।

ପଠାଣ ରାଜତ୍ୱରେ ସଂସ୍କୃତ ଭାଷାର ଆଦର କମି ଯାଇଥିଲା । ଉର୍ଦ୍ଦୁ ଓ ପାର୍ସିରେ ଶତ ଶତ ଗ୍ରନ୍ଥ ଲିଖିତ ହୋଇଥିଲା । ସେହି ଯୁଗରେ ଓଡ଼ିଆ, ବଙ୍ଗଳା, ହିନ୍ଦୀ, ଗୁଜରାଟୀ ପ୍ରଭୃତି ପ୍ରାଦେଶିକ ସାହିତ୍ୟମାନଙ୍କର ବିଶେଷ ଉନ୍ନତି ହୋଇଥିଲା । ଦେଶର ଆର୍ଥିକ ଅବସ୍ଥା ଭଲ ଥିଲା । ରାଜାଙ୍କର ଅତ୍ୟାଚାର ପ୍ରବଳ ହେଲେ ଓ ଦେଶରେ ଦୁର୍ଭିକ୍ଷ ପଡ଼ିଲେ ଲୋକମାନେ ଖାଦ୍ୟାଭାବ ଅନୁଭବ କରୁଥିଲେ । ସେ ଯୁଗରେ ପ୍ରୟୋଜନୀୟ ପଦାର୍ଥମାନଙ୍କର ମୂଲ୍ୟ ଅତି ଅଳ୍ପ ଥିଲା । ଡାକଚୌକି ପ୍ରଥା ବିଶେଷ ଫଳପ୍ରଦ ଥିଲା ଓ ରାଜ୍ୟର ଦୂରବର୍ତ୍ତୀ ସ୍ଥାନମାନଙ୍କରୁ ରାଜଧାନୀକୁ ଘୋଡ଼ାସବାରମାନେ ଡାକ ବୋହି ନେଉଥିଲେ । ପଠାଣ ସମ୍ରାଟମାନେ ନୂତନ ଧରଣର ଶିଳ୍ପ ଓ ସ୍ଥାପତ୍ୟ ବିଦ୍ୟା ଭାରତରେ ପ୍ରବର୍ତ୍ତନ କରିଥିଲେ । କିନ୍ତୁ ହିନ୍ଦୁ ଶିଳ୍ପୀମାନଙ୍କ ଦ୍ୱାରା ମୁସଲମାନ କୀର୍ତ୍ତିମାନ ନିର୍ମିତ ହେବାରୁ କାଳକ୍ରମେ ଏଥିରେ ହିନ୍ଦୁ ପ୍ରଭାବ ମଧ୍ୟ ପଡ଼ିଥିଲା ।

ମୁସଲମାନମାନେ ଭାରତରେ ନିଜର ଆଧିପତ୍ୟ ପ୍ରତିଷ୍ଠା କରିବା ଦିନରୁ ନାନାପ୍ରକାର ଅନ୍ୟାୟ ଅତ୍ୟାଚାର କରି ଓ ପ୍ରଲୋଭନ ଦେଖାଇ ହିନ୍ଦୁମାନଙ୍କୁ ମୁସଲମାନ ଧର୍ମରେ ଦୀକ୍ଷିତ କଲେ । କାଳକ୍ରମେ ସିନ୍ଧୁ, ସୀମାନ୍ତ, ପଞ୍ଜାବ, କାଶ୍ମୀର, ବଙ୍ଗଳା ପ୍ରଭୃତିରେ ମୁସଲମାନମାନଙ୍କ ସଂଖ୍ୟା ବୃଦ୍ଧି ଲାଭ କଲା । ଉଚ୍ଚଶ୍ରେଣୀର ହିନ୍ଦୁମାନେ ଧର୍ମତ୍ୟାଗ ଅପେକ୍ଷା ମରଣକୁ ଶ୍ରେୟସ୍କର ମନେ କରୁଥିଲେ; କିନ୍ତୁ ନିମ୍ନସ୍ତରର ଲୋକମାନେ କଠୋର ଜାତି ଓ ଧର୍ମ ନିର୍ଯାତନାରୁ ରକ୍ଷା ପାଇବାପାଇଁ ଇସଲାମ୍ ଧର୍ମ ଗ୍ରହଣ କରୁଥିଲେ । ହିନ୍ଦୁ ସମାଜର ଏହି ଅଧୋଗତି ଦେଖି ନୂତନ ସ୍ମୃତିକାରମାନେ ଜାତିବନ୍ଧନକୁ କଠୋର କରିଥିଲେ । ଧର୍ମପ୍ରଚାରକମାନେ ହିନ୍ଦୁଧର୍ମର ତତ୍ତ୍ୱକୁ ସରଳ ଓ ସୁବୋଧ କରିବା ପାଇଁ ସରଳ ମାତୃଭାଷାରେ ଧର୍ମପ୍ରଚାର କରିଥିଲେ । ସେମାନଙ୍କ ମଧ୍ୟରେ ରାମାନନ୍ଦ, କବୀର, ନାନକ, ଚୈତନ୍ୟ ଓ ଉତ୍କଳର ପଞ୍ଚସଖା ପ୍ରଧାନ ।

**ରାମାନନ୍ଦ**—ସେ ଚତୁର୍ଦ୍ଦଶ ଶତାବ୍ଦୀରେ କାଶୀ ନଗରରେ ଅବତୀର୍ଣ୍ଣ ହୋଇଥିଲେ । ସେ ରାମାନୁଜାଚାର୍ଯ୍ୟଙ୍କର ମତାବଲମ୍ବୀ ଥିଲେ । ସେ ଉତ୍ତର ଭାରତରେ ହିନ୍ଦୀ ଭାଷାରେ ଶ୍ରୀରାମ ଭକ୍ତିର ବହୁଳ ପ୍ରଚାର କରିଥିଲେ । ସବୁ ଜାତିର ଲୋକେ ତାଙ୍କର ଶିଷ୍ୟ ହୋଇ ପାରୁଥିଲେ ।

**କବୀର**—ସେ ଜାତିରେ ମୁସଲମାନ ତନ୍ତୀ । ସେ ରାମାନନ୍ଦଙ୍କ ଶିଷ୍ୟ ଥିଲେ । ସେ ହିନ୍ଦୁ ମୁସଲମାନମାନଙ୍କ ମଧ୍ୟରେ ଧର୍ମ ସଂକ୍ରାନ୍ତ ଭେଦଭାବ ଦୂର କରିବା ପାଇଁ ସରଳ ହିନ୍ଦୀ ଭାଷାରେ ବୈଷ୍ଣବ ଧର୍ମ ପ୍ରଚାର କରିଥିଲେ । ସେ କହୁଥିଲେ, "ଅଲ୍ଲା ଓ ରାମ ଏକ ଓ ସବୁ ଧର୍ମରେ ସାର ଅଛି ।" ଉଭୟ ସଂପ୍ରଦାୟର ଅନେକ ଲୋକ ତାଙ୍କର ଶିଷ୍ୟ ହୋଇଥିଲେ ।

**ନାନକ**—ସେ ଜାତିରେ କ୍ଷତ୍ରିୟ ଥିଲେ । ସେ ଲାହୋର ନିକଟରେ ୧୪୬୯ ରେ ଜନ୍ମଗ୍ରହଣ କରିଥିଲେ । ସେ ହିନ୍ଦୁ ଓ

ମୁସଲମାନମାନଙ୍କ ମଧ୍ୟରେ ଶିଖ ନାମକ ନୂତନ ଧର୍ମ ପ୍ରଚାର କରିଥିଲେ । ସେ ଜାତିଭେଦ ଓ ମୂର୍ତ୍ତି ପୂଜା ସ୍ୱୀକାର କରୁ ନ ଥିଲେ । ତାଙ୍କର



ଗୁରୁ ନାନକ

ଉପଦେଶ ଗୁଡ଼ିକ 'ଗ୍ରନ୍ଥ ସାହେବ' ନାମକ ପୁସ୍ତକରେ ଲିଖିତ ହୋଇ ଅଛି । ଏହା ଶିଖମାନଙ୍କର ପ୍ରଧାନ ଧର୍ମଗ୍ରନ୍ଥ ।

**ଚୈତନ୍ୟ** ( ଖ୍ରୀ: ଅ: ୧୪୮୫-୧୫୩୩)—ସେ ବଙ୍ଗଦେଶର ନବଦ୍ୱୀପରେ ଉତ୍କଳୀୟ ବ୍ରାହ୍ମଣ କୁଳରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପିତାମହ କପିଳେନ୍ଦ୍ର ଦେବଙ୍କ ରାଜତ୍ୱରେ ନିଜ ମାତୃଭୂମି ଯାଜପୁର ଛାଡ଼ି ବଙ୍ଗଦେଶକୁ ପଳାଇ ଯାଇଥିଲେ । ଚୈତନ୍ୟ ଦେବ ୨୪ ବର୍ଷ ବୟସରୁ ମୃତ୍ୟୁ ପର୍ଯ୍ୟନ୍ତ ପୁରୀରେ ରହିଥିଲେ । ତାଙ୍କର ଶିଷ୍ୟ-ମାନେ ବଙ୍ଗ ଓ ଉତ୍କଳରେ ସଂକୀର୍ତ୍ତନ ଦ୍ୱାରା ବୈଷ୍ଣବ ଧର୍ମ ପ୍ରଚାର କରିଥିଲେ । ସେ ହିନ୍ଦୁ ଓ ମୁସଲମାନ ଉଭୟଙ୍କୁ ଧର୍ମ ଦୀକ୍ଷା ଦେଉଥିଲେ । ଓଡ଼ିଶାର ରାଜା ପ୍ରତାପରୁଦ୍ର ଦେବ ତାଙ୍କର ଶିଷ୍ୟ ହୋଇଥିଲେ ।

**ଉତ୍କଳର ପଞ୍ଚସଖା**—ଚୈତନ୍ୟଙ୍କ ସମୟରେ ଜଗନ୍ନାଥ, ବଳରାମ, ଅଚ୍ୟୁତାନନ୍ଦ, ଅନନ୍ତ ଓ ଯଶୋବନ୍ତ ନାମକ ପାଞ୍ଚଜଣ ମହାପୁରୁଷ ଉତ୍କଳରେ ନିଜ ନିଜର ଧର୍ମ ପ୍ରଚାର କରିଥିଲେ । ସେମାନେ ଚୈତନ୍ୟଙ୍କର 'ପଞ୍ଚସଖା' ଥିଲେ । ସେମାନଙ୍କ ମଧ୍ୟରେ ଜଗନ୍ନାଥ ଶ୍ରେଷ୍ଠ । ତାଙ୍କର ପ୍ରଗାଢ଼ ଭକ୍ତି ଓ ଅଗାଧ ଜ୍ଞାନ ଦେଖି ଚୈତନ୍ୟ ତାଙ୍କୁ 'ଅତିବଡ଼' ଆଖ୍ୟା ଦେଇଥିଲେ ଓ ସର୍ବଦା ତାଙ୍କ ସହିତ ଅଳାପ କରୁଥିଲେ । ଜଗନ୍ନାଥ କୃତ 'ଭାଗବତ' ଓଡ଼ିଶାର ଘରେ ଘରେ ପଢ଼ାହୁଏ ।

ଏମାନଙ୍କ ବ୍ୟତୀତ ବଲ୍ଲଭାଚାର୍ଯ୍ୟ ଅନ୍ଧ୍ର ରାଜ୍ୟରେ, ଏକନାଥ ମହାରାଷ୍ଟ୍ରରେ ଧର୍ମ ପ୍ରଚାର କରିଥିଲେ । ଏମାନଙ୍କ ପ୍ରଚାର ଫଳରେ ହିନ୍ଦୁମାନଙ୍କ ମଧ୍ୟରେ ନୂତନ ପ୍ରାଣର ସଞ୍ଚାର ହୋଇଥିଲା ଓ ହିନ୍ଦୁଧର୍ମ ଭାରତରେ ଅକ୍ଷୁଣ୍ଣ ଥିଲା ।

———

## ସପ୍ତଦଶ ଅଧ୍ୟାୟ

# ମୋଗଲ ସାମ୍ରାଜ୍ୟ ପ୍ରତିଷ୍ଠା

**ବାବର** ( ଖ୍ରୀ: ଅ: ୧୫୨୬-୧୫୩୦ ) —ବାବର ଜାତିରେ ମୋଗଲ ଥିଲେ । ସେ ପିତୃକୁଳରେ ତୈମୁରଙ୍କ ଷଷ୍ଠ ବଂଶଧର ଓ ମାତୃକୁଳରେ ଚେଙ୍ଗିଜ୍ ଖାଁଙ୍କ ପଞ୍ଚମ ବଂଶଧର । ତାଙ୍କର ଅନ୍ୟ ନାମ ଜହିରୁଦ୍ଦିନ୍ ମହମ୍ମଦ । ତାଙ୍କ ପିତା ଫରଗନା ରାଜ୍ୟର ରାଜା ଥିଲେ । ପିତାଙ୍କ ମୃତ୍ୟୁ ପରେ ସେ ଖ୍ରୀ: ଅ: ୧୪୯୪ ରେ ଦ୍ୱାଦଶ ବର୍ଷ ବୟସରେ ଫରଗନାର ରାଜା ହେଲେ । ତାଙ୍କର ଜୀବନ ବଡ଼ ଦୁଃଖପୂର୍ଣ୍ଣ ଥିଲା । ରାଜା ହେବାର ଦୁଇବର୍ଷ ପରେ ସେ ନିକଟବର୍ତ୍ତୀ ସମରକନ୍ଦ ରାଜ୍ୟ ଜୟ କଲେ । କିନ୍ତୁ ଦୁର୍ଭାଗ୍ୟବଶତଃ ସେ ଅଳ୍ପଦିନ ମଧ୍ୟରେ ଫରଗନା ଓ ସମରକନ୍ଦ ଉଭୟ ରାଜ୍ୟ ହରାଇ ନିରାଶ୍ରୟ ଭାବରେ ବନରେ ବୁଲିଲେ । ବହୁକାଳ ପରେ ତାଙ୍କର ଭାଗ୍ୟୋଦୟ ହେଲା । ସେ ହିନ୍ଦୁକୁଶ ପାର ହୋଇ ଖ୍ରୀ: ଅ: ୧୫୦୪ ରେ



ବାବର

କାବୁଲ ଓ ଖ୍ରୀ: ଅ: ୧୫୦୫ ରେ ଗଜନି ରାଜ୍ୟ ଅଧିକାର କଲେ । ସେ କାବୁଲରେ ୨୨ ବର୍ଷ କାଳ ରାଜତ୍ୱ କରିଥିଲେ । ସେଠାରେ ଥିବା ସମୟରେ ତାଙ୍କୁ ଭାରତ ଜୟ କରିବାପାଇଁ ସୁଯୋଗ ମିଳିଲା ।

**ପ୍ରଥମ ପାନିପଥ ଯୁଦ୍ଧ**—ପଞ୍ଜାବର ତାତ୍କାଳୀନ ଶାସନକର୍ତ୍ତା ଦୌଲତ ଖାଁ ଲୋଦୀ ଦିଲ୍ଲୀ ସମ୍ରାଟ୍ ଇବ୍ରାହିମ ଲୋଦୀଙ୍କ ବିରୁଦ୍ଧରେ

ତାଙ୍କୁ ସାହାଯ୍ୟ ଦେବାପାଇଁ ବାବରଙ୍କୁ ଆହ୍ୱାନ କରିଥିଲେ । ବାବର ଏହି ସୁଯୋଗ ପାଇ ଖ୍ରୀ: ଅ: ୧୫୨୬ ରେ ଭାରତ ଆକ୍ରମଣ କଲେ । ଦିଲ୍ଲୀ ନିକଟବର୍ତ୍ତୀ ପାନିପଥ ନାମକ ସ୍ଥାନରେ ବାବର ଓ ଇବ୍ରାହିମଙ୍କ ମଧ୍ୟରେ ଭୀଷଣ ଯୁଦ୍ଧ ହୋଇଥିଲା । ବାବରଙ୍କ ଅପେକ୍ଷା ଇବ୍ରାହିମଙ୍କର ବହୁତ ଅଧିକ ସୈନ୍ୟ ଥିଲେ ସୁଦ୍ଧା ବାବରଙ୍କ ଅପୂର୍ବ ରଣକୌଶଳ, ଧୈର୍ଯ୍ୟ, ସାହସ ଏବଂ ଯୁଦ୍ଧରେ ତୋପ ଓ ବନ୍ଧୁକର ବ୍ୟବହାର ଯୋଗୁଁ ଇବ୍ରାହିମ ପରାସ୍ତ ଓ ନିହତ ହେଲେ । ଭାରତୀୟମାନେ ଆଗରୁ ତୋପର ବ୍ୟବହାର ଜାଣି ନ ଥିଲେ । ତେଣୁ ଯୁଦ୍ଧକ୍ଷେତ୍ରରେ ଅନବରତ ତୋପ ଫୁଟିବାରୁ ସେମାନେ ବିସ୍ମିତ, ଭୀତ ଓ ତ୍ରସ୍ତ ହୋଇଗଲେ ଏବଂ ହସ୍ତୀମାନେ ସ୍ୱପକ୍ଷର ସୈନ୍ୟମାନଙ୍କୁ ଦଳି ଚାଲିଗଲେ । ଏହି ଯୁଦ୍ଧର ନାମ ପ୍ରଥମ ପାନିପଥ ଯୁଦ୍ଧ । ଏହା ଫଳରେ ବାବର ଦିଲ୍ଲୀ ଓ ଆଗ୍ରା ଅଧିକାର କଲେ ଏବଂ ଭାରତରେ ମୋଗଲ ସାମ୍ରାଜ୍ୟ ପ୍ରତିଷ୍ଠିତ ହେଲା ।

**ସିକ୍ରୀଯୁଦ୍ଧ**—ସେ ସମୟରେ ମିବାରର ରାଣା ସଂଗ୍ରାମ ସିଂହ ବିଶେଷ ପରାକ୍ରମଶାଳୀ ଥିଲେ । ସେ ରାଜପୁତାନାର ସମସ୍ତ ରାଜାଙ୍କୁ ପରାସ୍ତ କରି 'ରାଜାଧିରାଜ' ଉପାଧି ଗ୍ରହଣ କରିଥିଲେ । ତାଙ୍କର ଅନ୍ୟ ନାମ 'ରାଣାସଙ୍ଗ' । ସେ ନିଜ ଜୀବନରେ ବହୁବାର ଯୁଦ୍ଧ କରି ଗୋଟିଏ ଚକ୍ଷୁ, ଗୋଟିଏ ବାହୁ, ଗୋଟିଏ ଗୋଡ଼ ହରାଇଥିଲେ ଏବଂ ତାଙ୍କ ଦେହରେ ୮୦ଟି ତରବାରି ଦାଗ ଥିଲା । ଏପରି ପଙ୍ଗୁ ହୋଇ ମଧ୍ୟ ସେ ଯୁଦ୍ଧ କରିବାକୁ ସର୍ବଦା ପ୍ରସ୍ତୁତ ଥିଲେ । ପଠାଣ ଶକ୍ତିର ଅବସାନ ଦେଖି ସେ ଭାରତରେ ପୁନର୍ବାର ହିନ୍ଦୁ ସାମ୍ରାଜ୍ୟ ପ୍ରତିଷ୍ଠା କରିବାର ଆଶା ପୋଷଣ କରିଥିଲେ । ବାବର ତାଙ୍କ ପୂର୍ବ ପୁରୁଷମାନଙ୍କ ପରି ଭାରତ ଲୁଣ୍ଠନ କରି ଚାଲିଯିବେ ବୋଲି ଭାବି ରାଣା ପ୍ରଥମେ ନୀରବ ଥିଲେ । କିନ୍ତୁ ବାବର ନିଜକୁ ଦିଲ୍ଲୀର ବାଦସାହ ବୋଲି ଘୋଷଣା କରିବାରୁ ତାଙ୍କର ସେ ସୁଖସ୍ୱପ୍ନ ଭାଙ୍ଗିଗଲା । ତହୁଁ ସେ ବହୁ ରାଜପୁତ ସୈନ୍ୟ

ସହ ବାବରଙ୍କ ବିରୁଦ୍ଧରେ ଯୁଦ୍ଧଯାତ୍ରା କଲେ । ଆଗ୍ରା ନିକଟବର୍ତ୍ତୀ ଫତେପୁର ସିକ୍ରୀଠାରେ ଭୀଷଣ ଯୁଦ୍ଧ ହେଲା । ଏହି ଯୁଦ୍ଧରେ ରାଣା ପରାସ୍ତ ହେଲେ ଓ ଦିଲ୍ଲୀରେ ହିନ୍ଦୁ ଆଧିପତ୍ୟ ପ୍ରତିଷ୍ଠା କଳ୍ପନା ବିଫଳ ହେଲା । ତତ୍ପରବର୍ତ୍ତୀ ବାବର ରାଜପୁତମାନଙ୍କୁ ପରାସ୍ତ କରି ଚନ୍ଦେରି ଓ ରନ୍ଥମ୍ବର ଦୁର୍ଗ ହସ୍ତଗତ କଲେ । ସେ ବିହାର ଓ ବଙ୍ଗଳାର ବିଦ୍ରୋହୀ ନବାବମାନଙ୍କୁ **ଘର୍ଘରା ଯୁଦ୍ଧ**ରେ ପରାସ୍ତ କଲେ । ପାଣିପଥ, ସିକ୍ରୀ ଓ ଘର୍ଘରା ଯୁଦ୍ଧରେ ଜୟୀ ହୋଇ ବାବର ଭାରତରେ ମୋଗଲ ସାମ୍ରାଜ୍ୟ ପ୍ରତିଷ୍ଠା କରିଥିଲେ । ସେ ଖ୍ରୀ: ଅ: ୧୫୩୦ ରେ ପ୍ରାଣତ୍ୟାଗ କଲେ ।

**ଚରିତ୍ର**—ବାବରଙ୍କ ଜୀବନ ବଡ଼ ବୈଚିତ୍ର୍ୟମୟ । ବାଲ୍ୟ କାଳରୁ ବହୁ ଦୁଃଖ କଷ୍ଟ ସହି ସହି, ସେ ବିଶେଷ ସହିଷ୍ଣୁ, ଧୀର, ଦୃଢ଼ସ୍ୱଭାବ, ଅଧ୍ୟବସାୟୀ ଓ ସାହସୀ ହୋଇଯାଇଥିଲେ । ସେ ଜଣେ ଦୟାଳୁ, ଦାନଶୀଳ, ବିଦ୍ୱାନ୍, ଧାର୍ମିକ ଓ ଈଶ୍ୱରବିଶ୍ୱାସୀ ରାଜା ଥିଲେ । ସନ୍ତରଣ ଓ ଅଶ୍ୱାରୋହଣରେ ତାଙ୍କର ବିଶେଷ ଦକ୍ଷତା ଥିଲା । ତୁର୍କୀ ଓ ପାର୍ସୀ ଭାଷାରେ ତାଙ୍କର ପାଣ୍ଡିତ୍ୟ ଥିଲା । ସେ ତୁର୍କୀ ଭାଷାରେ ନିଜର ଖଣ୍ଡିଏ **ଆତ୍ମଚରିତ** ଓ ପାର୍ସୀଭାଷାରେ ଅନେକ ସୁନ୍ଦର କବିତା ଲେଖିଥିଲେ । ସେ ଲୁଣ୍ଠନ ବା ହିନ୍ଦୁକୀର୍ତ୍ତି ଧ୍ୱଂସ କରିବା ପାଇଁ ଭାରତକୁ ଅସି ନ ଥିଲେ । ହିନ୍ଦୁସ୍ଥାନରେ ସାମ୍ରାଜ୍ୟପ୍ରତିଷ୍ଠା ତାଙ୍କ ଜୀବନର ପ୍ରଧାନ ଲକ୍ଷ୍ୟ ଥିଲା । ସେ ହିନ୍ଦୁମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ ରାଜ୍ୟରେ ଗୋବଧ ନିଷେଧ କରିଥିଲେ । ଏଥିରୁ ତାଙ୍କର ଉଦାରତା ସ୍ପଷ୍ଟ ଜଣାଯାଏ । ସେ ଇତିହାସରେ ମୋଗଲସାମ୍ରାଜ୍ୟର ପ୍ରତିଷ୍ଠାତା ରୂପେ ପରିଚିତ ।

**ହୁମାୟୁନ** (ଖ୍ରୀ: ଅ: ୧୫୩୦–୧୫୪୦ ଓ ଖ୍ରୀ: ଅ: ୧୫୫୫–୧୫୫୬)—ବାବରଙ୍କ ମୃତ୍ୟୁପରେ ହୁମାୟୁନ ଦିଲ୍ଲୀର ସମ୍ରାଟ୍ ହେଲେ ଓ ବଙ୍ଗ ଦେଶଠାରୁ ଅକ୍ଷସ ନଦୀ ପର୍ଯ୍ୟନ୍ତ ବିସ୍ତୃତ ପିତାଙ୍କ ବିଶାଳ ସାମ୍ରାଜ୍ୟର

ଅଧିକାରୀ ହେଲେ । କିନ୍ତୁ ତାଙ୍କର ଭାଇମାନେ ତାଙ୍କ ଅଧୀନତା ସ୍ୱୀକାର କରିବାକୁ ଆଦୌ ଇଚ୍ଛୁକ ନ ଥିଲେ । ତେଣୁ ସେ କାମରାନଙ୍କୁ କାବୁଲ, କାନ୍ଦାହାର ଓ ପଞ୍ଜାବର ସ୍ୱାଧୀନ ରାଜା ବୋଲି ସ୍ୱୀକାର କଲେ । ଏହା ଫଳରେ ସେ ସାମ୍ରାଜ୍ୟର ପ୍ରଧାନ ସୈନ୍ୟ ସଂଗ୍ରହ ଭୂମିମାନ ହରାଇଲେ ଓ ଏହି ଭ୍ରାନ୍ତ ନୀତି ଯୋଗୁଁ ଭବିଷ୍ୟତରେ ବହୁ ଦୁଃଖ କଷ୍ଟ ଭୋଗିଥିଲେ । ସେ ଅନ୍ୟ ଦୁଇଭାଇ ଆସ୍କାରିଙ୍କୁ ମିବାର ଓ ହିନ୍ଦାଲଙ୍କୁ ସମ୍ବଲ ଛାଡ଼ି ଦେଲେ । ତଥାପି ସେମାନେ ହୁମାୟୁନଙ୍କୁ ସାହାଯ୍ୟ ନ ଦେଇ ସର୍ବଦା ତାଙ୍କର ଶତ୍ରୁତା କରୁଥିଲେ ।



ହୁମାୟୁନ

ବାବରଙ୍କ ମୃତ୍ୟୁସମ୍ବାଦ ପ୍ରଚାରିତ ହେବାମାତ୍ରେ ଅଫଗାନମାନେ ବିହାରର ସେର ଖାଁଙ୍କ ନେତୃତ୍ୱରେ ବିଦ୍ରୋହ ଆରମ୍ଭ କଲେ । ହୁମାୟୁନ ସେଠାକୁ ସୈନ୍ୟ ଚଳାଇ ଅଫଗାନମାନଙ୍କୁ ପରାସ୍ତ କରିଥିଲେ । ସେର ଖାଁ ତାଙ୍କର ବଶ୍ୟତା ସ୍ୱୀକାର କରିଥିଲେ । ସେହି ସମୟରେ ପଶ୍ଚିମରେ ଗୁଜରାଟର ରାଜା ବାହାଦୁର ସାହ ବିଦ୍ରୋହୀ ହେଲେ । ହୁମାୟୁନ ବିଦ୍ରୋହ-ଦମନ ନିମିତ୍ତ ଗୁଜରାଟକୁ ଗଲେ । ବାହାଦୁର ସାହ ପରାସ୍ତ ହୋଇ ପଳାୟନ କଲେ ଓ ସେ ଗୁଜରାଟ ଅଧିକାର କଲେ । ଏହିମଧ୍ୟରେ ସେର ଖାଁ ବଙ୍ଗଦେଶ ଜୟ କରି ଶକ୍ତିଶାଳୀ ହୋଇଥିଲେ । ସେ ପୁନର୍ବାର ବିଦ୍ରୋହ କରିବାରୁ ହୁମାୟୁନ ଗୁଜରାଟ ପରିତ୍ୟାଗ କରି ପୂର୍ବଦିଗକୁ

ସୈନ୍ୟ ଗ୍ଠନ କଲେ । ସେ ଗୁଜରାଟ ଛାଡ଼ିବା ମାତ୍ରେ ବାହାଦୁର ସାହ ପୁନର୍ବାର ତାକୁ ଅଧିକାର କଲେ ।

ଶେର ଖାଁ ହୁମାୟୁନଙ୍କ ଆଗମନବାର୍ତ୍ତା ପାଇ ବନମଧ୍ୟରେ ଲୁଚିଲେ । ହୁମାୟୁନ ଅନାୟାସରେ ଚୁନାରଦୁର୍ଗ ଅଧିକାର କରି ବଙ୍ଗଦେଶ ଆଡ଼କୁ ଅଗ୍ରସର ହେଲେ । ଶେର ଖାଁ ତାଙ୍କୁ କୌଣସି ବାଧା ଦେଲେ ନାହିଁ । ବଙ୍ଗ ଅକ୍ଳେଶରେ ତାଙ୍କର ହସ୍ତଗତ ହେଲା ଓ ସେ ସେଠାରେ ଭୋଗ ବିଳାସରେ ସମୟ କାଟିଲେ । ବର୍ଷାଋତୁ ଯୋଗୁଁ ଚତୁର୍ଦ୍ଦିଗ ଜଳମୟ ହୋଇଗଲା ଏବଂ ହୁମାୟୁନ ବାଧ୍ୟ ହୋଇ ବହୁଦିନ ଗୌଡ଼ରେ କଟାଇଲେ । ଏଣେ ଶେର ଖାଁ ବନ ଭିତରୁ ବାହାରି ବିହାର ଓ କାଶୀ ଜୟ କଲେ । ସେ ରୋହ୍ଟାସ ଓ ଚୁନାର ଦୁର୍ଗ ପୁନର୍ବାର ଅଧିକାର କରି ହୁମାୟୁନ ଯେପରି ଆଗ୍ରାରୁ ନୂତନ ସୈନ୍ୟ ଆଣି ପାରିବେ ନାହିଁ ତହିଁର ଉପାୟ କଲେ । ହୁମାୟୁନ ବଙ୍ଗଳାରୁ ଫେରିଲାବେଳେ ଶେର ଖାଁ ତାଙ୍କୁ ବକ୍ସାର ନିକଟବର୍ତ୍ତୀ **ଚୌସା**ଠାରେ ଖ୍ରୀ: ଅ: ୧୫୩୯ ରେ **ସମ୍ପୂର୍ଣ୍ଣ**-ରୂପେ ପରାସ୍ତ କଲେ । ହୁମାୟୁନ ପ୍ରାଣଭୟରେ ଗଙ୍ଗାକୁ ଡେଇଁ ପଡ଼ିଲେ ଓ ବହୁକଷ୍ଟରେ ଜଣେ ଜଳବାହକ (ଭିସ୍ତି) ସାହାଯ୍ୟରେ ପ୍ରାଣରକ୍ଷା କରି ଆଗ୍ରାରେ ଉପସ୍ଥିତ ହେଲେ । ଶେର ଖାଁ ଶେରସାହ ଉପାଧି ଗ୍ରହଣ-କରି ନିଜକୁ ରାଜା ବୋଲି ଘୋଷଣା କଲେ । ୧୫୪୦ରେ ହୁମାୟୁନ ପୁନର୍ବାର ଶେରସାହଙ୍କ ଦ୍ୱାରା **କନୌଜ**ଠାରେ ପରାସ୍ତ ହେଲେ ଏବଂ ନିରାଶ ଓ ନିରାଶ୍ରୟ ହୋଇ ପଳାୟନ କଲେ । ଶେରସାହ ଦିଲ୍ଲୀ ଓ ଆଗ୍ରା ଅଧିକାର କରି ଭାରତର ସମ୍ରାଟ୍ ହେଲେ ।

ହୁମାୟୁନ ଜୀବନରକ୍ଷା ପାଇଁ ଭାଇ କାମରାନଙ୍କ ଶରଣାପନ୍ନ ହେଲେ । କିନ୍ତୁ କାମରାନ ନିଜେ ଶେରସାହଙ୍କ ଦ୍ୱାରା ପରାସ୍ତ ହୋଇ ପଞ୍ଜାବ ତ୍ୟାଗ-କରି କାବୁଲକୁ ପଳାଇଲେ । ଏହାପରେ ସେ ସିନ୍ଧୁ ଓ ରାଜପୁତାନାର ମରୁଭୂମିରେ ଇତସ୍ତତଃ ଭ୍ରମଣ କରି ବିଭିନ୍ନ ରାଜାଙ୍କର ସାହାଯ୍ୟ ପ୍ରାର୍ଥୀ

ହେଲେ । ମାତ୍ର କେହି ତାଙ୍କୁ ଆଶ୍ରୟ ଦେଲେ ନାହିଁ । ପରିଶେଷରେ ଅମରକୋଟର ହିନ୍ଦୁରାଜା ତାଙ୍କୁ ଆଶ୍ରୟ ଦେଇଥିଲେ । ସେଠାରେ ତାଙ୍କର ବିଶ୍ୱବିଖ୍ୟାତ ପୁତ୍ର ଅକବର ଜନ୍ମଗ୍ରହଣ କରିଥିଲେ (ଖ୍ରୀ: ଅ: ୧୫୪୨) । ଅମରକୋଟର ରାଜା ତାଙ୍କୁ ତ୍ୟାଗ କରିବାରୁ ସେ ଖ୍ରୀ: ଅ: ୧୫୪୩ରେ ବାଧ୍ୟ ହୋଇ ପାରସ୍ୟକୁ ପଳାୟନ କଲେ । ସେଠାରେ ସେ ସୁନ୍ନିମତ ତ୍ୟାଗ କରି ସିଆମତ ଗ୍ରହଣ କରିବାରୁ ପାରସ୍ୟ ସମ୍ରାଟ୍ ତାଙ୍କୁ ସୈନ୍ୟ ସାହାଯ୍ୟ ଦେଇଥିଲେ । ସେହି ସୈନ୍ୟସାହାଯ୍ୟରେ ସେ ଖ୍ରୀ: ଅ: ୧୫୪୫ ରେ କାନ୍ଦାହାର ଜୟ କରି କାବୁଲ ଅଧିକାର କଲେ । ଶେରସାହଙ୍କ ମୃତ୍ୟୁ ପରେ ତାଙ୍କର ଉତ୍ତରାଧିକାରୀମାନଙ୍କ ମଧ୍ୟରେ ଘୋର ବିବାଦ ଲାଗିଲା । ଏହି ସୁଯୋଗ ଦେଖି ସେ (ଖ୍ରୀ: ଅ: ୧୫୫୫) ପଞ୍ଜାବ ଆକ୍ରମଣ କରି **ସରହିନ୍ଦଯୁଦ୍ଧ**ରେ ସିକନ୍ଦର ସୁରଙ୍କୁ ପରାସ୍ତ କରି ପୁନର୍ବାର ଦିଲ୍ଲୀ ଅଧିକାର କଲେ । କିନ୍ତୁ ଏହି ଘଟଣାର ଛଅମାସ ମଧ୍ୟରେ ତାଙ୍କର ମୃତ୍ୟୁ ହେଲା ।

ହୁମାୟୁନ ଶବ୍ଦର ଅର୍ଥ ଭାଗ୍ୟବାନ୍ । କିନ୍ତୁ ତାଙ୍କ ପରି ଭାଗ୍ୟହୀନ ସମ୍ରାଟ୍ ଅଉ କେହି ନ ଥିଲେ । ତାଙ୍କର ସମସ୍ତ ଜୀବନ ଦୁଃଖ ଓ ବିପତ୍ତି ମଧ୍ୟରେ ଅତିବାହିତ ହୋଇଥିଲା । ସେ ଦୟାଳୁ, ଉଦାର ଓ ଭ୍ରାତୃବତ୍ସଳ ଥିଲେ । କିନ୍ତୁ ଭାଇମାନଙ୍କର ଶତ୍ରୁତା ଯୋଗୁଁ ତାଙ୍କ ଜୀବନ ଅତି ଦୁଃଖମୟ ହୋଇଥିଲା । ଭାରତର ସମ୍ରାଟ୍ ହୋଇ ସୁଖଶାନ୍ତିରେ ଜୀବନ ଯାପନ ସୌଭାଗ୍ୟ ତାଙ୍କର ଘଟି ନ ଥିଲା । ତାଙ୍କ ରାଜତ୍ୱରେ ମୋଗଲ ଆଧିପତ୍ୟ ଭାରତରୁ ଲୁପ୍ତପ୍ରାୟ ହୋଇଥିଲା ।

**ଶେରସାହ** (ଖ୍ରୀ: ଅ: ୧୫୪୦-୧୫୪୫) — ଶେରସାହ ବିହାର ଅନ୍ତର୍ଗତ ସାସାରାମର ଜଣେ ଜାଗିରଦାରଙ୍କ ପୁତ୍ର ଥିଲେ । ତାଙ୍କର ପ୍ରଥମ ନାମ ଫରିଦ୍ ଖାଁ । ସେ ସୁରବଂଶୀୟ ଅଫଗାନ ଥିଲେ । ସେ ଭାରତରେ ସୁର୍ ବଂଶର ରାଜତ୍ୱ ପ୍ରତିଷ୍ଠା କରିଥିଲେ । ଫରିଦ୍ ପିତା ଓ

ବିମାତାଙ୍କ ଅତ୍ୟାଚାର ସହି ନ ପାରି ଘରୁ ପଳାଇଯାଇ ଜୌନପୁର ରାଜାଙ୍କ ଅଧୀନରେ ସୈନିକ ରୂପେ କାର୍ଯ୍ୟ କଲେ । ସେଠାରେ ସେ ଆରବୀ ଓ ପାର୍ସୀ ଭାଷା ଶିକ୍ଷା କରିଥିଲେ । ତତ୍ପରେ ସେ ବିହାରର ରାଜା ବାହାର ଖାଁ ଲୋହାନୀଙ୍କ ଅଧୀନରେ କାର୍ଯ୍ୟ କଲେ । ଥରେ ସେ ବିହାର ରାଜାଙ୍କୁ ବ୍ୟାଘ୍ର ଆକ୍ରମଣରୁ ରକ୍ଷା କରି ଶେର (ବାଘ) ଖାଁ ଉପାଧି ପାଇଥିଲେ । ବାହାର ଖାଁଙ୍କ ମୃତ୍ୟୁ ପରେ ଶେର ଖାଁ ତାଙ୍କ ନାବାଳକ ପୁତ୍ର ଜଲାଲ ଖାଁଙ୍କ ଅଭିଭାବକରୂପେ ବିହାର ଶାସନ କଲେ । ପରେ ସେ ଜଲାଲଙ୍କୁ ପଦଚ୍ୟୁତ କରି ନିଜେ ବିହାରର ରାଜା ହେଲେ । ବଙ୍ଗ ନବାବ ଜଲାଲଙ୍କୁ ସାହାଯ୍ୟ କରିବାରୁ ସେ ବଙ୍ଗ ନବାବଙ୍କୁ ମଧ୍ୟ ପରାସ୍ତ କରିଥିଲେ । ସେ ଚୁନାର ଓ ରୋହତାସଦୁର୍ଗ ଅଧିକାର କରିଥିଲେ । ତତ୍ପରେ ସେ ହୁମାୟୁନଙ୍କ ବିରୁଦ୍ଧରେ ବିଦ୍ରୋହ କରିଥିଲେ । ହୁମାୟୁନ ତାଙ୍କୁ ପରାସ୍ତ କରିବାପାଇଁ ବଙ୍ଗଦେଶକୁ ଯୁଦ୍ଧଯାତ୍ରା କଲେ । ଶେର ତାଙ୍କୁ କୌଣସି ବାଧା ନ ଦେଇ ଛାଡ଼ି ଦେଲେ । ବଙ୍ଗଦେଶରୁ ଫେରିଲାବେଳେ ହୁମାୟୁନ ଖ୍ରୀ: ଅ: ୧୫୩୯ରେ ଚୌସାଠାରେ ଶେର ଖାଁଙ୍କ ଦ୍ୱାରା ପରାସ୍ତ ହେଲେ । ଶେର ଖାଁ ଶେରସାହ ଉପାଧି ଗ୍ରହଣ କରି ନିଜକୁ ରାଜା ବୋଲି ଘୋଷଣା କଲେ । ତତ୍ପରବର୍ଷ ସେ ହୁମାୟୁନଙ୍କୁ ପୁନର୍ବାର କନୌଜଠାରେ ପରାସ୍ତ କରିଥିଲେ । ଶେରସାହ ଆଗ୍ରା ଓ ଦିଲ୍ଲୀ ଅଧିକାର କରି ଭାରତରେ ସମ୍ରାଟ୍ ହେଲେ (ଖ୍ରୀ: ଅ: ୧୫୪୦) ।

**ଶେରସାହଙ୍କ ରାଜ୍ୟଜୟ**—ସେ ରାଜା ହେବା ମାତ୍ରେ ପ୍ରଥମେ ବଙ୍ଗଦେଶକୁ ଦମନ କରିଥିଲେ । ସେ କାମରାନଙ୍କୁ ପରାସ୍ତ କରି ପଞ୍ଜାବ ଅଧିକାର କଲେ ଏବଂ ସିନ୍ଧୁ ଓ ମାଳବ ଜୟ କରିଥିଲେ । ତତ୍ପରେ ସେ ମାରବାରର ପରାକ୍ରମଶାଳୀ ରାଜା ମଲ୍ଲଦେବଙ୍କୁ ବହୁ ଦିନ ଯୁଦ୍ଧ ପରେ ପରାସ୍ତ କରିଥିଲେ । ଏହି ବିଜୟ ଫଳରେ ସମଗ୍ର ରାଜପୁତାନା ତାଙ୍କର କରଗତ ହେଲା । ଅବଶେଷରେ ସେ କାଲଞ୍ଜରଦୁର୍ଗ ଆକ୍ରମଣ କଲେ ।

ସେହି ସମୟରେ ସେ ବାରୁଦନିଆଁରେ ପୋଡ଼ି ପ୍ରାଣତ୍ୟାଗ କରିଥିଲେ । (ଖ୍ରୀ: ଅ: ୧୫୪୫) । ସେଠାରେ ଅଦ୍ୟପର୍ଯ୍ୟନ୍ତ ତାଙ୍କର କବର ବିଦ୍ୟମାନ ରହିଅଛି ।

**ଶେରସାହଙ୍କ ଶାସନ**—ସେ ପାଞ୍ଚବର୍ଷ କାଳ ରାଜତ୍ୱ କରିଥିଲେ ମଧ୍ୟ ସୁଶାସନ ପାଇଁ ଭାରତରେ ଜଣେ ପ୍ରସିଦ୍ଧ ନୃପତିରୂପେ ଗଣ୍ୟ ହୁଅନ୍ତି । ସେ ନିଜ ରାଜ୍ୟର ପ୍ରତ୍ୟେକ ପ୍ରଦେଶକୁ କେତେଗୁଡ଼ିଏ ସରକାର ଓ ପ୍ରତ୍ୟେକ ସରକାରକୁ କେତେଗୁଡ଼ିଏ ପ୍ରଗଣାରେ ବିଭକ୍ତ କରିଥିଲେ । ପ୍ରତ୍ୟେକ ସରକାରରେ ଫୌଜଦାରୀ ଓ ଦେବାନୀ କର୍ମଚାରୀ ରହୁଥିଲେ । ରୟତକୁଳକୁ ରକ୍ଷା କରିବାପାଇଁ ସେ ତାଙ୍କ ରାଜସ୍ୱମନ୍ତ୍ରୀ ଟୋଡରମଲ୍ଲଙ୍କ ପରାମର୍ଶାନୁଯାୟୀ ନିଜ ରାଜ୍ୟରେ ଥିବା ସମସ୍ତ ଜମିବାଡ଼ି ମାପଚୁପ କରାଇଥିଲେ । ସେ ଜମିରେ ପ୍ରଜାଙ୍କର ସ୍ୱତ୍ୱ ନିର୍ଦ୍ଧାରଣ କରିବା ପାଇଁ ପଟ୍ଟା ଓ କବୁଲିୟତ ଦାନ ପ୍ରଥା ଚଳାଇଥିଲେ । ପ୍ରଜାମାନେ ଆୟର ଏକଚତୁର୍ଥାଂଶ କରସ୍ୱରୂପ ଦେଉଥିଲେ । ସେ କର୍ମଚାରୀମାନଙ୍କ ଅତ୍ୟାଚାରରୁ ପ୍ରଜାମାନଙ୍କୁ ରକ୍ଷା କରିବାପାଇଁ ବିଶେଷ ଦୃଷ୍ଟି ଦେଉଥିଲେ । ବାଣିଜ୍ୟ ବ୍ୟବସାୟର ଉନ୍ନତି ନିମିତ୍ତ ସେ ରାଜ୍ୟର ପ୍ରସିଦ୍ଧ ସ୍ଥାନମାନଙ୍କୁ ସୁଦୃଢ଼ ରାଜପଥମାନଙ୍କ ଦ୍ୱାରା ସଂଯୁକ୍ତ କରିଥିଲେ । ବଙ୍ଗଠାରୁ ସିନ୍ଧୁନଦୀ ପର୍ଯ୍ୟନ୍ତ ବିସ୍ତୃତ ସୁଦୀର୍ଘ ପଥ (Grand Trunk Road) ଶେରସାହଙ୍କ କୀର୍ତ୍ତି । ସେ ଏହାର ଦୁଇପାର୍ଶ୍ୱରେ ନାନାବିଧ ବୃକ୍ଷ ରୋପଣ, ପଥିକ-ମାନଙ୍କ ସୁବିଧା ନିମିତ୍ତ ପାନ୍ଥଶାଳା (ସରାଇଘର) ନିର୍ମାଣ ଓ କୂପ ଇତ୍ୟାଦି ଖନନ କରାଇଥିଲେ । ପୂର୍ବପ୍ରଚଳିତ ଡାକଚୌକି ପ୍ରଥାକୁ ସେ ବିଶେଷ କାର୍ଯ୍ୟକାରୀ କରିଥିଲେ । ସେ ସୈନ୍ୟ ଓ ପୁଲିସ ବିଭାଗର ସଂସ୍କାର କରିଥିଲେ । ସେ ରାଜ୍ୟର ଚାରିଆଡ଼େ କଡ଼ା ପ୍ରହରୀ ଦେବାର ବ୍ୟବସ୍ଥା କରିଥିଲେ । ତାହା ଫଳରେ ଦେଶରୁ ଦସ୍ୟୁ ଓ ଚୋରଭୟ ଦୂର ହୋଇଥିଲା ଏବଂ ପ୍ରଜାମାନେ ସୁଖଶାନ୍ତିରେ ଥିଲେ । ସେ କଠୋର ଓ

ନ୍ୟାୟପରାୟଣ ଥିଲେ ଏବଂ ଧନୀ ଦରିଦ୍ର ନିର୍ବିଶେଷରେ ସମସ୍ତଙ୍କ ପ୍ରତି ନ୍ୟାୟ ବିଚାର କରୁଥିଲେ । ସେ ନୈଷ୍ଠିକ ମୁସଲମାନ ହେଲେ ମଧ୍ୟ ହିନ୍ଦୁମାନଙ୍କ ପ୍ରତି କୌଣସି ଅତ୍ୟାଚାର କରୁ ନ ଥିଲେ । ଉଭୟ ସମ୍ପ୍ରଦାୟ ମଧ୍ୟରେ ସଦ୍ଭାବ ଏବଂ ବନ୍ଧୁତା ପ୍ରତିଷ୍ଠା ଓ ଭାରତରେ ସୁଶାସନ ପ୍ରବର୍ତ୍ତନ ତାଙ୍କର ଲକ୍ଷ୍ୟ ଥିଲା ।

ସେ ଜଣେ କାର୍ଯ୍ୟଦକ୍ଷ, ଦୂରଦୃଷ୍ଟିସମ୍ପନ୍ନ ଶାସନକର୍ତ୍ତା ଥିଲେ । ତାଙ୍କର ଶାସନସଂସ୍କାରଗୁଡ଼ିକ ପରବର୍ତ୍ତୀ କାଳରେ ମୋଗଲ ସମ୍ରାଟ୍ ଅକବରଙ୍କ ଦ୍ୱାରା ଅନୁସୃତ ହୋଇଥିଲା । ତାଙ୍କ ରାଜତ୍ୱରେ ଭାରତରେ ପଠାଣମାନେ କ୍ଷମତାଶାଳୀ ହୋଇ ଉଠିଲେ । ସେ ଅଉ କିଛିଦିନ ବଞ୍ଚିଥିଲେ ସମ୍ଭବତଃ ଭାରତରୁ ମୋଗଲ ରାଜତ୍ୱ ଲୁପ୍ତ ହୋଇଥାନ୍ତା ।

**ଶେରସାହଙ୍କ ପରବର୍ତ୍ତୀ ରାଜାଗଣ**—ଶେରସାହଙ୍କ ମୃତ୍ୟୁପରେ ତାଙ୍କ ପୁତ୍ର 'ଇସଲାମ୍‌ସାହ' ଖ୍ରୀ: ଅ: ୧୫୫୪ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ତାଙ୍କ ପରେ ତାଙ୍କ ପୁତ୍ର ଫିରୋଜଙ୍କୁ ମାରି 'ମହମ୍ମଦ ଆଦିଲସାହ' ରାଜା ହେଲେ । ହେମଚନ୍ଦ୍ର ବା ହିମୁ ନାମକ ତାଙ୍କର ଜଣେ ବିଚକ୍ଷଣ ହିନ୍ଦୁମନ୍ତ୍ରୀ ଥିଲେ । ରାଜ୍ୟର ପ୍ରକୃତ ଶାସନଭାର ତାଙ୍କ ହସ୍ତରେ ଥିଲା । ସେ ରାଜ୍ୟରେ ସୁଶାସନ ଚଳାଇବାକୁ ଚେଷ୍ଟା କରୁଥିଲେ । କିନ୍ତୁ ସେହି ସମୟରେ ସିକନ୍ଦର ଓ ଇବ୍ରାହିମ ନାମକ ସୁରବଂଶୀୟ ଦୁଇଜଣ ବ୍ୟକ୍ତି ରାଜା ହେବାକୁ ଚେଷ୍ଟା କରୁଥିଲେ । ସିକନ୍ଦର କ୍ଷମତାଶାଳୀ ହୋଇ ପଞ୍ଜାବ, ଆଗ୍ରା ଓ ଦିଲ୍ଲୀ ଅଧିକାର କରିଥିଲେ । ରାଜ୍ୟଲାଭ ପାଇଁ ଏପରି ଭ୍ରାତୃବିବାଦ ଲାଗିଥିବା ସମୟରେ ହୁମାୟୁନ ପଞ୍ଜାବ ଆକ୍ରମଣ କରି ସରହିନ୍ଦ୍ ଯୁଦ୍ଧକ୍ଷେତ୍ରରେ ସିକନ୍ଦରଙ୍କୁ ପରାସ୍ତ କରି (ଖ୍ରୀ: ଅ: ୧୫୫୫ ) ଦିଲ୍ଲୀ ଅଧିକାର କଲେ । ଏହି ପ୍ରକାରେ ଶେର-ସାହଙ୍କ ମୃତ୍ୟୁର ଦଶବର୍ଷ ପରେ ତାଙ୍କ ଦ୍ୱାରା ସ୍ଥାପିତ ପଠାଣ (ଆଫଗାନ) ସାମ୍ରାଜ୍ୟ ଭାରତରୁ ଲୁପ୍ତ ହେଲା ।

# ଅଷ୍ଟାଦଶ ଅଧ୍ୟାୟ

## ମୋଗଲ ସାମ୍ରାଜ୍ୟର ପୁନଃପ୍ରତିଷ୍ଠା

**ଆକବର** (ଖ୍ରୀ: ଅ: ୧୫୫୬-୧୬୦୫)—ହୁମାୟୁନଙ୍କ ମୃତ୍ୟୁ ପରେ ତାଙ୍କ ପୁତ୍ର ଅକବର ଚଉଦବର୍ଷ ବୟସରେ ଦିଲ୍ଲୀର ସିଂହାସନ ଅଧିକାର କଲେ । ହୁମାୟୁନଙ୍କ ଭଣେଇ ବୈରାମ ଖାଁ ନାବାଳକ ଅକବରଙ୍କ ଅଭିଭାବକରୂପେ ନିଯୁକ୍ତ ହୋଇଥିଲେ ।

**ଦ୍ୱିତୀୟ ପାନିପଥ ଯୁଦ୍ଧ**—ସିଂହାସନ ପ୍ରାପ୍ତ ସଙ୍ଗେ ସଙ୍ଗେ ଅକବରଙ୍କୁ ବିପଦର ସମ୍ମୁଖୀନ ହେବାକୁ ପଡ଼ିଲା । ମହମ୍ମଦ ଆଦିଲସାହଙ୍କ ହିନ୍ଦୁ ସେନାପତି ହିମୁ ବହୁ ସୈନ୍ୟ ସହ ଦିଲ୍ଲୀ ଓ ଆଗ୍ରା ଅଧିକାର କରି ବିକ୍ରମାଦିତ୍ୟ ଉପାଧି ଗ୍ରହଣ କରିଥିଲେ । ସେ ଅକବରଙ୍କୁ ତଡ଼ି ଭାରତରେ ହିନ୍ଦୁସାମ୍ରାଜ୍ୟ ପୁନଃ ପ୍ରତିଷ୍ଠା କରିବାକୁ ଆଶା କରିଥିଲେ । ସିକନ୍ଦର ସୁର ପଶ୍ଚିମଦିଗରେ ପଞ୍ଜାବ ବିଜୟରେ ଲାଗିଥିଲେ । ଏପରି ଅବସ୍ଥାରେ ବୈରାମ ଅଧୀର ନ ହୋଇ ଯୁଦ୍ଧ କରିବାକୁ ସ୍ଥିର କଲେ । ପାନିପଥ ଯୁଦ୍ଧ କ୍ଷେତ୍ରରେ ବୈରାମ ଓ ଅକବର ହିମୁଙ୍କ ବିରୁଦ୍ଧରେ ଯୁଦ୍ଧ କଲେ (ଖ୍ରୀ:ଅ: ୧୫୫୬) । ହିମୁଙ୍କ ଚକ୍ଷୁ ଶରବିଦ୍ଧ ହେବାରୁ ସେ ମୂର୍ଚ୍ଛିତ ହେଲେ ଓ ତାଙ୍କର ସୈନ୍ୟଦଳ ଛତ୍ରଭଙ୍ଗ ହେଲେ । ହିମୁ ବୈରାମ ଖାଁଙ୍କ ଦ୍ୱାରା ଧୃତ ଓ ନିହତ ହେଲେ । ପ୍ରଥମ ପାନିପଥ ଯୁଦ୍ଧ ପରେ ଭାରତରେ ମୋଗଲ ଶାସନ ପ୍ରତିଷ୍ଠିତ ହୋଇ ଲୁପ୍ତପ୍ରାୟ ହୋଇଥିଲା । କିନ୍ତୁ ଏହି ଯୁଦ୍ଧରେ ମୋଗଲ ଆଧିପତ୍ୟ ଭାରତରେ ଦୃଢ଼ରୂପେ ପ୍ରତିଷ୍ଠିତ ହେଲା । ଏହାପରେ ଅକବର ଲାହୋରକୁ ଯୁଦ୍ଧଯାତ୍ରା କରି ସିକନ୍ଦର ସୁରଙ୍କୁ ପରାସ୍ତ କରିଥିଲେ । ବୈରାମଙ୍କ ଚେଷ୍ଟାରେ ଅକବରଙ୍କ ଆସନ ସୁଦୃଢ଼ ହୋଇଥିଲା ।

**ବୈରାମ ଖାଁଙ୍କ ପତନ**—ଅକବର ସିଂହାସନ ପ୍ରାପ୍ତି ପରେ ଚାରିବର୍ଷ ପର୍ଯ୍ୟନ୍ତ ବୈରାମଙ୍କ ଅଧୀନରେ କାର୍ଯ୍ୟ କରିଥିଲେ । ବୈରାମ

ବିଶେଷ କାର୍ଯ୍ୟଦକ୍ଷ ଓ ସାହସୀ ଥିଲେ । କିନ୍ତୁ ତାଙ୍କର ଔଦ୍ଧତ୍ୟ, ଗର୍ବ ଓ କ୍ଷମତାଲିପ୍ସା ଯୋଗୁଁ ଅକବର କ୍ରମଶଃ ତାଙ୍କ ଉପରେ ବିରକ୍ତ ହେଲେ । ଶେଷରେ ଅକବର ଖ୍ରୀ: ଅ: ୧୫୬୦ ରେ ବୈରମଙ୍କ ହସ୍ତରୁ ସମସ୍ତ କ୍ଷମତା କାଢ଼ିନେଇଥିଲେ । ଏଥିରେ ଅସନ୍ତୁଷ୍ଟ ହୋଇ ସେ ବିଦ୍ରୋହ କଲେ । କିନ୍ତୁ ଅଳ୍ପକାଳ ମଧ୍ୟରେ ପରାସ୍ତ ଓ ବନ୍ଦୀ ହେଲେ । ଅକବର ତାଙ୍କୁ କ୍ଷମା ଦେଇ ମକ୍‌କା ତୀର୍ଥ ଦର୍ଶନ କରିବାପାଇଁ ଅନୁମତି ଦେଲେ । କିନ୍ତୁ ପଥରେ ଗୁଜରାଟଠାରେ ଜଣେ ଅଫଗାନ ତାଙ୍କୁ ହତ୍ୟା କରିଥିଲା । ବୈରମଙ୍କ କ୍ଷମତା ଚୂର୍ଣ୍ଣ ହେବାରୁ ଅକବରଙ୍କ ମାତା ହାମିଦା ବେଗମ୍, ଧାଇ ମା ମହାମ୍ମଦ ଅନଗା ଓ ଧାଇ ମାଆଙ୍କ ପୁତ୍ର ଅଧମ ଖାଁ ରାଜ୍ୟରେ ସର୍ବେସର୍ବା ହେବାକୁ ଚେଷ୍ଟା କଲେ । କିନ୍ତୁ ଅକବର କ୍ରମଶଃ ସେମାନଙ୍କ ହସ୍ତରୁ ମୁକ୍ତିଲାଭ କରି ସ୍ୱାଧୀନଭାବରେ ରାଜ୍ୟଶାସନ କଲେ ।

**ରାଜ୍ୟବିସ୍ତାର**—ଅକବର ତାଙ୍କ ପିତାଙ୍କଠାରୁ ଦିଲ୍ଲୀ, ଚତୁଃପାର୍ଶ୍ୱବର୍ତ୍ତୀ ଗୋଟିଏ କ୍ଷୁଦ୍ର ରାଜ୍ୟ ପାଇଥିଲେ । କିନ୍ତୁ ସେ ତାଙ୍କର ଦୀର୍ଘ ପଚାଶବର୍ଷ ରାଜତ୍ୱକାଳ ମଧ୍ୟରେ ଗୋଟିକ ପରେ ଗୋଟିଏ ରାଜ୍ୟ ଜୟ କରି ଭାରତରେ ବିଶାଳ ମୋଗଲ ସାମ୍ରାଜ୍ୟ ପ୍ରତିଷ୍ଠା କରିଥିଲେ । ଖ୍ରୀ: ଅ: ୧୫୬୧ ରେ ତାଙ୍କ ସେନାପତି ଅଧମ ଖାଁ ମାଳବ ଜୟ କରିଥିଲେ । ଖ୍ରୀ: ଅ: ୧୫୬୪ ରେ ତାଙ୍କର ଅନ୍ୟ ସେନାପତି ଅସଫ ଖାଁ ଇତିହାସ-ପ୍ରସିଦ୍ଧ ରାଣୀ ଦୁର୍ଗାବତୀ ଓ ତାଙ୍କର ନାବାଳକ ପୁତ୍ରଙ୍କୁ ପରାସ୍ତ କରି ଗଣ୍ଡବାନା ରାଜ୍ୟ ଅଧିକାର କରିଥିଲେ ।

ଏହାପରେ ରାଜପୁତାନା ପ୍ରତି ତାଙ୍କର ଦୃଷ୍ଟି ପଡ଼ିଲା । ସେ ମୁସଲମାନମାନଙ୍କ ଚିରଶତ୍ରୁ ରାଜପୁତମାନଙ୍କୁ ଯୁଦ୍ଧଦ୍ୱାରା ପରାସ୍ତ ଓ ବଶୀଭୂତ କରିବା ଅସମ୍ଭବ ମନେକରି ସେମାନଙ୍କୁ ବନ୍ଧୁତା-ସୂତ୍ରରେ ଆବଦ୍ଧ କରିବାକୁ ଚେଷ୍ଟା କଲେ । ସେ ନିଜେ ଅମ୍ବରର (ଜୟପୁର) ରାଜା ବିହାରୀମଲ୍ଲଙ୍କ କନ୍ୟାଙ୍କୁ ବିବାହ କରିଥିଲେ ଓ ମାରବାର ରାଜାଙ୍କ

କନ୍ୟା ଯୋଧବାଈଙ୍କୁ ନିଜ ପୁତ୍ର ସେଲିମଙ୍କ ସହିତ ବିବାହ କରାଇଥିଲେ । ସେ ମାନସିଂହ, ବୀରମଲ୍ଲ ଓ ଭଗବାନ ଦାସ ପ୍ରଭୃତି ରାଜପୁତମାନଙ୍କୁ ଉଚ୍ଚ ରାଜକାର୍ଯ୍ୟମାନ ଦେଇଥିଲେ । ଅକବରଙ୍କର ଏହି କୂଟନୀତି ଫଳରେ ରାଜପୁତମାନଙ୍କର ଏକତା ନଷ୍ଟ ହେଲା । ସେମାନଙ୍କ ମଧ୍ୟରୁ ଅଧିକାଂଶ ମୋଗଲ ସମ୍ରାଟଙ୍କର ବଶ୍ୟତା ସ୍ୱୀକାର କଲେ ; ତାଙ୍କ ପାଇଁ ଅନେକ ରାଜ୍ୟ ଜୟ କଲେ ଓ ପ୍ରାଣ ଦେବାକୁ ପ୍ରସ୍ତୁତ ରହିଲେ ।

ଏତେ ପ୍ରଲୋଭନ ସତ୍ତ୍ୱେ ମିବାରର ରାଣା ଉଦୟସିଂହ ଅକବରଙ୍କ ଅଧୀନତା ସ୍ୱୀକାର କଲେ ନାହିଁ । ଏଥିରେ ଅକବର କ୍ରୁଦ୍ଧ ହୋଇ ନିଜେ ୧୫୬୭ ଖ୍ରୀଷ୍ଟାବ୍ଦରେ ମିବାର ଆକ୍ରମଣ କଲେ । ରାଣା ଅଳ୍ପ ଯୁଦ୍ଧ କରି ଆରାବଳି ପର୍ବତକୁ ପଳାଇଗଲେ । ସେନାପତି ଜୟମଲ୍ଲ ଓ ପତ୍ତା ଚିତୋର ରକ୍ଷାପାଇଁ ଚାରିମାସକାଳ ପ୍ରବଳ ଯୁଦ୍ଧ ଚଳାଇ ଶେଷରେ ପରାସ୍ତ ହେଲେ । ସହସ୍ର ସହସ୍ର ରାଜପୁତ ଏହି ଯୁଦ୍ଧରେ ହତ ହୋଇଥିଲେ । ଶେଷରେ ଚିତୋର ଅକବରଙ୍କ ହସ୍ତଗତ ହେଲା ।



ରାଣା ପ୍ରତାପ

ମିବାର ପତନ ପରେ ରଣ ଥମ୍ବର, କାଳଞ୍ଜର,


ବିକାନୀର, ଯଶଲମିର ପ୍ରଭୃତି ରାଜ୍ୟର ରାଜପୁତ ରାଜାମାନେ ଅକବରଙ୍କ ଅଧୀନତା ସ୍ୱୀକାର କରିଥିଲେ । ଉଦୟସିଂହଙ୍କ ମୃତ୍ୟୁ ପରେ ୧୫୭୨ ରେ ତାଙ୍କ ପୁତ୍ର ରାଣା ପ୍ରତାପସିଂହ ରାଜା ହେଲେ । ସମଗ୍ର ରାଜପୁତାନା ଅକବରଙ୍କଠାରେ ନତ-ମସ୍ତକ ହେଲା । ରାଣାପ୍ରତାପ ହତୋତ୍ସାହ ନ ହୋଇ ମିବାର ଉଦ୍ଧାର କରିବାପାଇଁ ଭୀଷଣ ଯୁଦ୍ଧ ଚଳାଇଲେ । କିନ୍ତୁ ସେ ମୋଗଲ ସେନାପତି ମାନସିଂହଙ୍କଦ୍ୱାରା ପ୍ରସିଦ୍ଧ **ହଳଦୀଘାଟ** ଯୁଦ୍ଧରେ ଖ୍ରୀ: ଅ: ୧୫୭୬ ରେ ସଂପୂର୍ଣ୍ଣ ରୂପେ ପରାସ୍ତ ହୋଇଥିଲେ । ସେ ମୃତ୍ୟୁ ପର୍ଯ୍ୟନ୍ତ (ଖ୍ରୀ: ଅ: ୧୫୯୭) ବହୁ ଦୁଃଖ କଷ୍ଟ ଓ ନିର୍ଯ୍ୟାତନା ମଧ୍ୟରେ ମୋଗଲମାନଙ୍କ ସହିତ ଯୁଦ୍ଧ ଚଳାଇ ସ୍ୱୀୟ ରାଜ୍ୟର ଅଧିକାଂଶ ଅଧିକାର କରିବାକୁ ସମର୍ଥ ହୋଇଥିଲେ । କିନ୍ତୁ ଚିତୋର ଉଦ୍ଧାର କରିପାରିଲେ ନାହିଁ । ସେ ମାତୃଭୂମିର ସ୍ୱାଧୀନତା ରକ୍ଷାପାଇଁ ଯେପରି ଅଦମ୍ୟ ସାହସ, ଅସାଧାରଣ ବୀରତ୍ୱ, ସହିଷ୍ଣୁତା ଓ ଅପୂର୍ବ ଦେଶପ୍ରାଣତା ଦେଖାଇଥିଲେ ତାହା ପୃଥିବୀର ଇତିହାସରେ ମଧ୍ୟ ବିରଳ ।

ଏହାପରେ ଖ୍ରୀ: ଅ: ୧୫୭୨ରେ ଗୁଜରାଟ, ଖ୍ରୀ: ଅ: ୧୫୭୬ରେ ବଙ୍ଗଳା, ଖ୍ରୀ: ଅ: ୧୫୭୮ ରେ ଓଡ଼ିଶା, ଖ୍ରୀ: ଅ: ୧୫୮୫ରେ କାବୁଲ, ଖ୍ରୀ: ଅ: ୧୫୮୬ ରେ କାଶ୍ମୀର, ଖ୍ରୀ: ଅ: ୧୫୯୦ ରେ ସିନ୍ଧୁ, ଖ୍ରୀ: ଅ: ୧୫୯୫ ରେ ବେଲୁଚିସ୍ଥାନ ଓ କାନ୍ଦାହାର ମୋଗଲ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ ହୋଇଥିଲା । ଏହି ପ୍ରକାରେ ଖ୍ରୀ: ଅ: ୧୫୯୬ ପୂର୍ବରୁ ଆସାମ ବ୍ୟତୀତ ସମଗ୍ର ଉତ୍ତରଭାରତ ଅକବରଙ୍କ ଅଧିକାରଭୁକ୍ତ ହୋଇଥିଲା ।

**ଦାକ୍ଷିଣାତ୍ୟ ବିଜୟ**—ଉତ୍ତରଭାରତ ଅଧିକାର କରି ଅକବର ଦାକ୍ଷିଣାତ୍ୟ ଜୟ କରିବାକୁ ଚେଷ୍ଟା କଲେ । ଖ୍ରୀ: ଅ: ୧୫୯୫ରେ ଖାନ୍ଦେଶର ରାଜା ତାଙ୍କର ଅଧୀନତା ସ୍ୱୀକାର କରିଥିଲେ । ତତ୍ପରେ ଖ୍ରୀ: ଅ: ୧୫୯୬ ରେ ଅହମଦନଗର ରାଜ୍ୟର ଆକ୍ରମଣ ଆରମ୍ଭ ହେଲା । ସେଠାରେ ରାଜା ଶିଶୁ ଥିବାରୁ ତାଙ୍କର ପିଉସୀ ବିଜାପୁର ରାଜାଙ୍କ ପତ୍ନୀ

ଚାନ୍ଦବିବି ରାଜ୍ୟଶାସନ କରୁଥିଲେ । **ଚାନ୍ଦବିବି** ନାନାଗୁଣଭୂଷିତା ଜଣେ ବୀରରମଣୀ ଥିଲେ । ସେ ଅହମଦନଗରର ସ୍ୱାଧୀନତା ରକ୍ଷା କରିବାପାଇଁ ମୋଗଲମାନଙ୍କ ସହିତ ପ୍ରାଣପଣ ଯୁଦ୍ଧ କରିଥିଲେ । ଶେଷରେ ସନ୍ଧି ହେଲା ଓ ଅକବର ଖ୍ରୀ: ଅ: ୧୫୯୬ରେ ବେରାରରାଜ୍ୟ ପାଇଲେ । ଖ୍ରୀ: ଅ: ୧୬୦୦ ରେ ଚାନ୍ଦବିବିଙ୍କ ମୃତ୍ୟୁ ହେବାରୁ ରାଜ୍ୟରେ ଗୃହବିବାଦ ପ୍ରବଳ ହେଲା । ଅକବର ଏହି ସୁଯୋଗରେ ଅହମଦନଗର ଆକ୍ରମଣ କରି ଏହାକୁ ନିଜ ସାମ୍ରାଜ୍ୟଭୁକ୍ତ କରିଥିଲେ । ଖାନ୍ଦେଶର ରାଜା ପୁନର୍ବାର ସ୍ୱାଧୀନତା ଲାଭ କରିବାକୁ ଚେଷ୍ଟା କରିବାରୁ ଅକବର ଖାନ୍ଦେଶ ରାଜ୍ୟର ଭାରତପ୍ରସିଦ୍ଧ ଦୁର୍ଗ ଅସୀରଗଡ଼ ଅବରୋଧ କଲେ । ବହୁ ଯୁଦ୍ଧ ପରେ ଏହା ହସ୍ତଗତ ନ ହେବାରୁ ସେ କର୍ମଚାରୀମାନଙ୍କୁ ଉତ୍କୋଚ ଦେଇ ଶେଷରେ ଏହାକୁ ଅଧିକାର କଲେ (ଖ୍ରୀ: ଅ: ୧୬୦୧) । ଅକବରଙ୍କ ମୃତ୍ୟୁ-ସମୟକୁ ତାଙ୍କର ସାମ୍ରାଜ୍ୟ ଅସୀରଠାରୁ ହିନ୍ଦୁକୁଶ ପର୍ଯ୍ୟନ୍ତ ଓ ହିମାଳୟ-ଠାରୁ ଗୋଦାବରୀ ନଦୀ ପର୍ଯ୍ୟନ୍ତ ବିସ୍ତୃତ ଥିଲା । ବାବରଙ୍କଦ୍ୱାରା ପ୍ରତିଷ୍ଠିତ କ୍ଷୁଦ୍ର ମୋଗଲସାମ୍ରାଜ୍ୟ ହୁମାୟୁନଙ୍କ ସମୟରେ ଲୁପ୍ତପ୍ରାୟ ହୋଇଥିଲା । କିନ୍ତୁ ଅକବର ନିଜର ବୁଦ୍ଧି କୌଶଳ ଓ ସାହସ ଦ୍ୱାରା ଭାରତରେ ବିଶାଳ ମୋଗଲସାମ୍ରାଜ୍ୟ ପ୍ରତିଷ୍ଠା କରିଥିଲେ । ତେଣୁ ସେ ଭାରତରେ ମୋଗଲ ସାମ୍ରାଜ୍ୟର ପ୍ରକୃତ ପ୍ରତିଷ୍ଠାତା ।

ତାଙ୍କର ଶେଷ ଜୀବନ ବଡ଼ ଦୁଃଖପୂର୍ଣ୍ଣ ହୋଇଥିଲା । ମୁରାଦ ଓ ଦାନିୟେଲ ନାମକ ତାଙ୍କର ଦୁଇପୁଅ ପ୍ରାଣତ୍ୟାଗ କରିଥିଲେ । ତାଙ୍କ ପ୍ରିୟପୁଅ ସେଲିମ ସିଂହାସନ ପାଇଁ ବିଦ୍ରୋହ କରିଥିଲେ ଓ ଅକବରଙ୍କ ପ୍ରିୟବନ୍ଧୁ ଅବୁଲଫଜଲଙ୍କୁ ବୁନ୍ଦେଲଖଣ୍ଡର ରାଜାଙ୍କଦ୍ୱାରା ବଧ କରାଇ-ଥିଲେ । ଏଥିରେ ସମ୍ରାଟଙ୍କ ମନରେ ଦାରୁଣ ଦୁଃଖ ହୋଇଥିଲା । ଅକବର ଦୁଃଖଜର୍ଜରିତ ହୃଦୟରେ ଖ୍ରୀ: ଅ: ୧୬୦୫ରେ ପ୍ରାଣତ୍ୟାଗ କରିଥିଲେ ।



ଆକବର୍-ରାଜ୍ୟ
କାବୁଲ୍
କାଶ୍ମୀର୍
ଦିଲ୍ଲୀ
ଆଗ୍ରା
କନୌଜ
ଆଜମୀର୍
ଏଲାହାବାଦ
କାଶୀ
ପାଟନା
ଗୌଡ଼
ଗୁଜରାଟ
ଓଡ଼ିଶା
ଗୋଲକୋଣ୍ଡା
ବିଜାପୁର
ମହୀଶୂର
ସିଂହଳ

**ଆକବରଙ୍କ ଶାସନନୀତି**—ଅକବର ଜଣେ ବୁଦ୍ଧିମାନ୍, ଧୀର, ବୀର, ରାଜନୀତିଜ୍ଞ, ସାହସୀ, ପ୍ରଜାପ୍ରିୟ ଓ ବିଦ୍ୟାନୁରାଗୀ ସମ୍ରାଟ୍ ଥିଲେ । ସେ ଭାରତର ମୁସଲମାନ ସମ୍ରାଟମାନଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ ଓ ପୃଥିବୀର ପ୍ରସିଦ୍ଧ ସମ୍ରାଟମାନଙ୍କ ମଧ୍ୟରେ ଏକତମ ବୋଲି ପରିଗଣିତ ହୁଅନ୍ତି । ତାଙ୍କର ଶାସନନୀତି ଶାନ୍ତ, ଉଦାର ଓ ଲୋକପ୍ରିୟ ଥିଲା । ସେ ଭଲଭାବରେ ବୁଝିଥିଲେ ଯେ ହିନ୍ଦୁମାନଙ୍କ ସାହାଯ୍ୟ ଓ ବନ୍ଧୁତା ବିନା ହିନ୍ଦୁବହୁଳ ଭାରତରେ କୌଣସି ସାମ୍ରାଜ୍ୟ ସ୍ଥାୟୀ ହେବ ନାହିଁ । ତେଣୁ ସେ ବହୁକାଳ ନର୍ଯ୍ୟାତିତ ଭାରତର ବିଶାଳ ହିନ୍ଦୁ ସମାଜର ଚିତ୍ତରଞ୍ଜନ କରିବାପାଇଁ ନାନାବିଧ



ଅକବର

ଉପାୟ ଅବଲମ୍ବନ କରିଥିଲେ । ସେ ହିନ୍ଦୁମାନଙ୍କୁ ଜିଜିୟାକର ଓ ତୀର୍ଥ-କରରୁ ମୁକ୍ତ କରିଥିଲେ ଏବଂ ରାଜ୍ୟରେ ଗୋହତ୍ୟା ନିବାରଣ କରିଥିଲେ । ସେ ହିନ୍ଦୁମାନଙ୍କ ଧର୍ମରେ ଆଦୌ ହସ୍ତକ୍ଷେପ କରୁ ନ ଥିଲେ । ସେମାନେ ଇଚ୍ଛାନୁସାରେ ପୂଜା, ଉପାସନା, ମନ୍ଦିର ନିର୍ମାଣ ଓ ପ୍ରାଚୀନ କୀର୍ତ୍ତିମାନଙ୍କର ସଂସ୍କାର କରିବା ପାଇଁ କ୍ଷମତା ପାଇଲେ । ହିନ୍ଦୁମାନେ ବହୁତ ଉଚ୍ଚ ଓ ଦାୟିତ୍ୱପୂର୍ଣ୍ଣ ରାଜକାର୍ଯ୍ୟରେ ନିଯୁକ୍ତ ହୋଇଥିଲେ । ସେ ବଛିତ ହିନ୍ଦୁ ରାଜା-

ମାନଙ୍କ ପ୍ରତି ଶ୍ରଦ୍ଧା ଓ ମମତା ପ୍ରଦର୍ଶନ କରୁଥିଲେ । ସେ ହିନ୍ଦୁଧର୍ମର ସଂସ୍କାର ପାଇଁ ବାଲ୍ୟବିବାହ ଓ ସତୀଦାହ ବନ୍ଦ କରିବାକୁ ଚେଷ୍ଟା କରିଥିଲେ । ସେ ହିନ୍ଦୁ ପଣ୍ଡିତମାନଙ୍କ ସହିତ ଧର୍ମଚର୍ଚ୍ଚା କରୁଥିଲେ । କ୍ରମେ କ୍ରମେ ସେ ଏପରି ହିନ୍ଦୁଭାବାପନ୍ନ ହୋଇଗଲେ ଯେ ମଦ୍ୟ, ମାଂସ, ପିଆଜ, ରସୁଣ ଇତ୍ୟାଦି ଛାଡ଼ିଦେଲେ ଓ ବେଳେ ବେଳେ ହିନ୍ଦୁ ପୋଷାକ ପରିଚ୍ଛଦ ପରିଧାନ କରୁଥିଲେ । ଶେଷରେ ସେ ମସଜିଦ୍‌ରେ ଉପାସନା ମଧ୍ୟ ବନ୍ଦ କରିଥିଲେ । ସେ ବହୁ ଅର୍ଥ ବ୍ୟୟ କରି ସଂସ୍କୃତ-ଗ୍ରନ୍ଥମାନ ଉର୍ଦ୍ଦୁ ଓ ପାର୍ସୀଭାଷାରେ ଅନୁବାଦ କରାଇଥିଲେ । କେବଳ ହିନ୍ଦୁ ନୁହେଁ, ବୌଦ୍ଧ, ଶିଖ, ଜୈନ, ଖ୍ରୀଷ୍ଟିୟାନ ପ୍ରଭୃତି ଧର୍ମାବଲମ୍ବୀମାନଙ୍କୁ ମଧ୍ୟ ସେ ଶ୍ରଦ୍ଧା କରୁଥିଲେ । ସେ ବିଭିନ୍ନ ଧର୍ମ ସମ୍ବନ୍ଧରେ ଆଲୋଚନା କରିବାନିମିତ୍ତ ଫତେପୁରସିକ୍ରିରେ ଖ୍ରୀ: ଅ: ୧୫୭୫ରେ 'ଇବାଦାତ୍‌ଖାନା' ନାମକ ଗୋଟିଏ ପ୍ରକାଣ୍ଡ ପ୍ରାସାଦ ନିର୍ମାଣ କରିଥିଲେ । ସକଳ ଧର୍ମ ସମ୍ବନ୍ଧରେ ଗମ୍ଭୀର ଆଲୋଚନା କରି ସେ ପରିଶେଷରେ **'ଦୀନଇଲାହି'** ନାମକ ସର୍ବଜନଉପଯୋଗୀ ନୂତନଧର୍ମ ସୃଷ୍ଟି କରିଥିଲେ । ଏକେଶ୍ୱରବାଦ ଓ ସୂର୍ଯ୍ୟପୂଜା ଏହି ଧର୍ମର ପ୍ରଧାନ ଭିତ୍ତି ଥିଲା । ଅବଶ୍ୟ ଅତି ଅଳ୍ପଲୋକେ ତାଙ୍କର ଏହି ନୂତନ ଧର୍ମ ଗ୍ରହଣ କରିଥିଲେ । କିନ୍ତୁ ତାଙ୍କର ଏହି ସାର୍ବଜନୀନ ଧର୍ମର କଳ୍ପନା ଉଚ୍ଚ ଓ ମହତ୍ ଥିଲା । ତାହା କାର୍ଯ୍ୟକାରୀ ହୋଇଥିଲେ ଭାରତରୁ ଧର୍ମବିଦ୍ୱେଷ ଲୁପ୍ତ ହୋଇଥାନ୍ତା । ତାଙ୍କର ଏହି ମହାନୁଭବତା ଓ ଉଦାର ଧର୍ମଭାବ ଯୋଗୁଁ ସେ ସମଗ୍ର ହିନ୍ଦୁ ଜାତିର ସମ୍ମାନ ଓ ଭକ୍ତିଭାଜନ ହୋଇପାରିଥିଲେ ଏବଂ ହିନ୍ଦୁମାନେ ଦିଲ୍ଲୀଶ୍ୱରଙ୍କୁ ଜଗଦୀଶ୍ୱର ବୋଲି ମନେ କରୁଥିଲେ ।

**ଆକବରଙ୍କ ଶାସନପ୍ରଣାଳୀ**—ଅକବର ଏକଚ୍ଛତ୍ର ସମ୍ରାଟ୍ ଥିଲେ । କିନ୍ତୁ ସେ ନିଜର ଅଖଣ୍ଡ ଅଧିପତ୍ୟକୁ ପ୍ରଜାପୀଡ଼ନରେ ନିୟୋଗ ନ କରି ପ୍ରଜାହିତପାଇଁ ସର୍ବଦା ବ୍ୟବହାର କରୁଥିଲେ । ରାଜ୍ୟରେ

ସୁଶାସନ ପ୍ରଚଳନ ତାଙ୍କର ପ୍ରଧାନ ଲକ୍ଷ୍ୟ ଥିଲା । ସେ ତାଙ୍କର ସାମ୍ରାଜ୍ୟକୁ କାବୁଲ, ଲାହୋର, ମୁଲତାନ, ଦିଲ୍ଲୀ, ଆଗ୍ରା, ଅଯୋଧ୍ୟା, ଏଲାହାବାଦ, ଆଜମିର, ଅହମଦାବାଦ, ମାଳବ, ବିହାର, ବଙ୍ଗଳା, ଖାନ୍ଦେଶ, ବେରାର ଓ ଅହମଦନଗର ନାମକ ୧୫ ଟି ସୁବାରେ ବିଭକ୍ତ କରିଥିଲେ । ସୁବାଦାର ସୁବାର ଶାସନକର୍ତ୍ତା ଥିଲେ । ସେ ସୁବାର ଶାନ୍ତି ଓ ସମୃଦ୍ଧି ପାଇଁ ଦାୟୀ ଥିଲେ ଓ ଯୁଦ୍ଧ ସମୟରେ ସମ୍ରାଟଙ୍କୁ ସୈନ୍ୟସାହାଯ୍ୟ କରୁଥିଲେ । ପ୍ରତ୍ୟେକ ସୁବାଦାରଙ୍କ ଅଧୀନରେ ଜଣେ ଦେୱାନ୍ ( ରାଜସ୍ୱ ସଂଗ୍ରାହକ ), କେତେକ ଫୌଜଦାର ( ସେନାପତି ), ଜଣେ ମିର-ଇ-ଅଦଲ ( ପ୍ରଧାନ ବିଚାରପତି ), ପ୍ରତ୍ୟେକ ନଗରରେ ଜଣେ ଲେଖାଁଏ କାଜି ( ବିଚାରପତି ) ଓ କୋତୁଆଲ ( ଶାନ୍ତିରକ୍ଷକ ) ଥିଲେ । ପ୍ରତ୍ୟେକ ସୁବାରୁ ଆଦାୟ ହେଉଥିବା ଧନରୁ କର୍ମଚାରୀମାନଙ୍କର ବ୍ୟୟ ନିର୍ବାହିତ ହୋଇ ଅବଶିଷ୍ଟ ଆଗ୍ରାର ରାଜକୋଷକୁ ପ୍ରେରିତ ହେଉଥିଲା । ପ୍ରତ୍ୟେକ ସୁବା କେତେଗୁଡ଼ିଏ ସରକାର ( ଜିଲ୍ଲା ), ପ୍ରତ୍ୟେକ ସରକାର କେତେଗୁଡ଼ିଏ ପ୍ରଗଣା ଓ ପ୍ରତ୍ୟେକ ପ୍ରଗଣା କେତେଗୁଡ଼ିଏ ଗ୍ରାମ ବା ମୌଜାରେ ବିଭକ୍ତ ହୋଇଥିଲା ।

ସେ ଶେରସାହଙ୍କ ରାଜସ୍ୱ ମନ୍ତ୍ରୀ ତୋଡ଼ରମଲ୍ଲଙ୍କ ହସ୍ତରେ ନିଜର ରାଜସ୍ୱ ବିଭାଗ ନ୍ୟସ୍ତ କରିଥିଲେ । ସେ ରାଜ୍ୟର ସମସ୍ତ ଜମିର ଜରିପ ଜମାବନ୍ଦି କରି ଉର୍ବରତା ଅନୁସାରେ ସେଗୁଡ଼ିକୁ ତିନି ଶ୍ରେଣୀରେ ବିଭକ୍ତ କରିଥିଲେ । ପ୍ରତ୍ୟେକ ଶ୍ରେଣୀ ଜମିର ମୋଟ ଉତ୍ପନ୍ନ ଶସ୍ୟର ଏକ-ତୃତୀୟାଂଶ ରାଜସ୍ୱ ସ୍ୱରୂପ ନିରୂପିତ ହୋଇଥିଲା । ପ୍ରଜାମାନେ ଟଙ୍କା ବା ଶସ୍ୟ ଆକାରରେ କର ଦେଇପାରୁଥିଲେ । ପ୍ରତି ଦଶବର୍ଷ ପରେ ଜମିବାଡ଼ି ବନ୍ଦୋବସ୍ତ ହେବାର ବିଧାନ ପ୍ରଚଳିତ ହେଲା ।

ସେ ସୈନ୍ୟବିଭାଗର ଉନ୍ନତି ପାଇଁ **ମନ୍ ସବ୍‌ଦାର ପ୍ରଥା** ଚଳାଇଥିଲେ । ସେନାପତିମାନେ ମନ୍ ସବ୍‌ଦାର ନାମରେ ଅଭିହିତ

ହେଉଥିଲେ । ଦଶହଜାରୀ, ପାଞ୍ଚହଜାରୀ, ହଜାରୀ ପ୍ରଭୃତି ୩୩ ପ୍ରକାର ମନ୍ ସବ୍‌ଦାର ଥିଲେ । ଅକବର ସେମାନଙ୍କୁ ସ୍ୱ ଅଧୀନସ୍ଥ ସୈନ୍ୟମାନଙ୍କର ବ୍ୟୟଭାର ନିର୍ବାହ ନିମିତ୍ତ ଜାୟଗିର୍ ନ ଦେଇ ରାଜକୋଷରୁ ନଗଦ ଟଙ୍କା ଦେବାର ବ୍ୟବସ୍ଥା କରିଥିଲେ । ସୈନ୍ୟମାନେ ସୁଶିକ୍ଷିତ ଥିଲେ । ଯୁଦ୍ଧରେ ନାନାପ୍ରକାର ତୋପ, ବନ୍ଧୁକ ବ୍ୟବହୃତ ହେଉଥିଲା । ଜଳ-ଯୁଦ୍ଧପାଇଁ ଅନେକ ଯୁଦ୍ଧଜାହାଜ ମଧ୍ୟ ଥିଲା । ପୁଲିସ ବିଭାଗ ମଧ୍ୟ ସୁଗଠିତ ଥିଲା । ମୋଟ ଉପରେ ଅକବରଙ୍କ ଶାସନପ୍ରଣାଳୀ କାର୍ଯ୍ୟକାରୀ, ଉନ୍ନତ ଓ ପ୍ରଜୋପଯୋଗୀ ଥିଲା ।

ଅକବର ନିଜେ ନିରକ୍ଷର ଥିଲେ ମଧ୍ୟ ନିଜର ପ୍ରଖର ସ୍ମରଣଶକ୍ତି ଯୋଗୁଁ ଶୁଣି ଶୁଣି ଅନେକ କଥା ମନେ ରଖି ପାରୁଥିଲେ । ତାଙ୍କର ଗୋଟିଏ ବଡ଼ ପୁସ୍ତକଭଣ୍ଡାର ଥିଲା ଓ ସେଥିରେ ୨୪୦୦୦ ହାତଲେଖା ବହି ଥିଲା । ସେ ତାଙ୍କର ସମସାମୟିକ ଇଂଲଣ୍ଡର ରାଣୀ ଏଲିଜାବେଥଙ୍କ ପରି ସାହିତ୍ୟ ଓ ଶିଳ୍ପର ଉନ୍ନତି ପାଇଁ ଅଜସ୍ର ଅର୍ଥ ବ୍ୟୟ କରିଥିଲେ । ତାଙ୍କ ସଭାରେ ଅନେକ ବିଖ୍ୟାତ ପଣ୍ଡିତ ଥିଲେ । ସେମାନଙ୍କ ମଧ୍ୟରେ ସୁପଣ୍ଡିତ ଫାୟୁଜି, ଐତିହାସିକ ଅବୁଲଫଜଲ, ସଙ୍ଗୀତଜ୍ଞ ତାନ୍‌ସେନ୍ ଓ ବିଦୂଷକ ବୀରବଲ୍ଲ ପ୍ରଧାନ । ଫାୟୁଜି ଜଣେ ପ୍ରସିଦ୍ଧ କବି ଥିଲେ । ଅବୁଲଫଜଲ 'ଆଇନୀ ଅକବରୀ' ଓ 'ଅକବରନାମା' ନାମକ ଅକବରଙ୍କ ରାଜତ୍ୱ ସମ୍ବନ୍ଧୀୟ ଦୁଇଟି ପ୍ରସିଦ୍ଧ ଇତିହାସ ରଚନା କରିଥିଲେ । ସେ ଅକବରଙ୍କର ଅତି ପ୍ରିୟ ବନ୍ଧୁ ଥିଲେ । ତାନ୍‌ସେନ୍ ସେ ସମୟରେ ଭାରତର ପ୍ରସିଦ୍ଧ ଗାୟକ ଥିଲେ । ବ୍ରାହ୍ମଣ ବୀରବଲ୍ଲ ଜଣେ ପ୍ରସିଦ୍ଧ ହିନ୍ଦୀ କବି, ବିଦୂଷକ ଓ ଯୋଦ୍ଧା ଥିଲେ । ବଦୌନି ଓ ନିଜାମୁଦ୍ଦିନ ମଧ୍ୟ ପ୍ରସିଦ୍ଧ ଐତିହାସିକ ଥିଲେ । ବିଖ୍ୟାତ ହିନ୍ଦୀକବି ତୁଳସୀଦାସ ଓ ସୁରଦାସ ତାଙ୍କ ରାଜତ୍ୱରେ ଆବିର୍ଭୂତ ହୋଇଥିଲେ । ତାଙ୍କଠାରୁ ସାହାଯ୍ୟ ପାଇ ଅନେକ ଚିତ୍ରକର ସୁନ୍ଦର ଓ ଚମତ୍କାର ଚିତ୍ରମାନ ଅଙ୍କନ

କରିଥିଲେ । ସେ ବହୁ ଅର୍ଥ ବ୍ୟୟ କରି ଫତେପୁର ସିକ୍ରୀରେ ଅପୂର୍ବ କାରୁକାର୍ଯ୍ୟଖଚିତ ଅନେକ ସୁନ୍ଦର ହର୍ମ୍ମ୍ୟ ନିର୍ମାଣ କରିଥିଲେ । ତାଙ୍କ ରାଜତ୍ୱରେ ଏପରି ସର୍ବାଙ୍ଗୀନ ଉନ୍ନତି ଯୋଗୁଁ ଅକବର ଇତିହାସ-ପ୍ରସିଦ୍ଧ ହୋଇଛନ୍ତି ।

**ଜାହାଙ୍ଗୀର** (ଖ୍ରୀ: ଅ: ୧୬୦୫-୧୬୨୭)—ଅକବରଙ୍କ ମୃତ୍ୟୁ-ପରେ ତାଙ୍କ ପୁତ୍ର ସେଲିମ ଜାହାଙ୍ଗୀର ଉପାଧି ଧାରଣ କରି ଦିଲ୍ଲୀର ସମ୍ରାଟ୍ ହେଲେ । ଜାହାଙ୍ଗୀର ଶବ୍ଦର ଅର୍ଥ 'ଜଗତ୍‌ଜେତା ।' ସେ ବଡ଼ ବିଳାସୀ ଓ ମଦ୍ୟପ ଥିଲେ । ସେ ରାଜା ହେବା ସଙ୍ଗେ ସଙ୍ଗେ ତାଙ୍କର ଜ୍ୟେଷ୍ଠ-ପୁତ୍ର ଖସ୍ରୁ ସିଂହାସନ ଲୋଭରେ ବିଦ୍ରୋହୀ ହୋଇ ଲାହୋର ଅଧିକାର-କଲେ । ଜାହାଙ୍ଗୀର ସୈନ୍ୟ ପଠାଇ ଏହି ବିଦ୍ରୋହ ଦମନ କରିଥିଲେ । ଖସ୍ରୁ ବନ୍ଦୀ ହେଲେ ଓ ତାଙ୍କ ଆଖି ଫୁଟାଇ ଦିଆଗଲା । ସେ କାରାଗାରରେ ଶୂଳବେଗରେ ପ୍ରାଣତ୍ୟାଗ କରିଥିଲେ । ଖସ୍ରୁଙ୍କୁ ସାହାଯ୍ୟ କରିଥିବାରୁ ଶିଖଗୁରୁ ଅର୍ଜ୍ଜୁନ ସିଂହ ଅତି ନିଷ୍ଠୁର ଭାବରେ ନିହତ ହୋଇଥିଲେ । ଏଥିରେ ଶିଖମାନେ ବଡ଼ ଉତ୍ତ୍ୟକ୍ତ ହୋଇଥିଲେ ।


ଜାହାଙ୍ଗୀର

**ନୁରଜାହାନ**—ପାରସ୍ୟସ୍ଥ ତେହେରନ ନଗରର ମିର୍ଜାଗିୟାସ ବା ଇତମାଦୁଦୌଲ୍ଲା ନାମକ ଜଣେ ଦରିଦ୍ରଲୋକ ଅକବରଙ୍କ ଅଧୀନରେ କାର୍ଯ୍ୟ କରୁଥିଲେ । ତାଙ୍କର ମେହେରୁନିସା ନାମକ ଗୋଟିଏ ଅପୂର୍ବ ସୁନ୍ଦରୀ କନ୍ୟା ଥିଲା । ଜାହାଙ୍ଗୀର ତାଙ୍କ ରୂପଲାବଣ୍ୟରେ ମୁଗ୍ଧ ହୋଇ

ତାଙ୍କପ୍ରତି ଅନୁରକ୍ତ ହୋଇଥିଲେ । ଅକବର ଏହା ଜାଣିପାରି ଶେର ଅଫଗାନ ନାମକ ବଙ୍ଗଳାର ଜଣେ ଜାଗିରଦାରଙ୍କ ସହିତ ମେହେରୁନିସାଙ୍କୁ ବିବାହ କରାଇଦେଲେ । ଜାହାଙ୍ଗୀର ରାଜା ହେବାମାତ୍ରେ ଶେର ଅଫଗାନଙ୍କୁ ମାରି ତାଙ୍କ ସ୍ତ୍ରୀଙ୍କୁ ସ୍ୱୀୟ ଅନ୍ତଃପୁରକୁ ଘେନିଆସିଥିଲେ ଓ ତାଙ୍କୁ ନୁରମହଲ (ପ୍ରାସାଦର ଜ୍ୟୋତି) ନାମ ଦେଇଥିଲେ । ନୂର ପତିଙ୍କ ମୃତ୍ୟୁରେ ଶୋକାତୁର ହୋଇ ପ୍ରାୟ ୬ ବର୍ଷକାଳ ଜାହାଙ୍ଗୀରଙ୍କୁ ବିବାହ କରି ନ



ନୁରଜାହାନ

ଥିଲେ । କିନ୍ତୁ ପରେ ଜାହାଙ୍ଗୀରଙ୍କୁ ବିବାହ କରି ନୁରଜାହାନ (ପୃଥିବୀର ଆଲୋକ) ନାମ ପାଇଲେ । ସେ ବୁଦ୍ଧିମତୀ, ବିଦୁଷୀ ଓ ବହୁଗୁଣସମ୍ପନ୍ନା ଥିଲେ । ତାଙ୍କୁ ପାଇ ଜାହାଙ୍ଗୀର ଦିବାରାତ୍ର ମଦ୍ୟନିଶାରେ ଭୋଳ ହୋଇ ରହିଲେ ଓ ରାଜ୍ୟ ଶାସନଭାର ତାଙ୍କ ହସ୍ତରେ ଅର୍ପଣ କଲେ । ସେ ୧୫ ବର୍ଷ କାଳ ଭାରତର ସର୍ବେସର୍ବା ହେଲେ । ତାଙ୍କର ଭାଇ ବନ୍ଧୁମାନେ ଉଚ୍ଚ ରାଜକାର୍ଯ୍ୟମାନ ପାଇଲେ । ସମ୍ରାଟଙ୍କର ଆଜ୍ଞାପତ୍ରିକାମାନଙ୍କରେ ତାଙ୍କର ଦସ୍ତଖତ ରହିଲା । ମୁଦ୍ରାମାନ ତାଙ୍କ ନାମରେ ଚଳିଲା । ଜାହାଙ୍ଗୀର ତାଙ୍କ ହସ୍ତରେ କ୍ରୀଡ଼ାପୁତ୍ତଳିକା ପରି ରହିଲେ । ନୁରଜାହାନଙ୍କର ଏହି ଅଖଣ୍ଡ ପ୍ରଭାବ ଓ ପ୍ରତିପତ୍ତି ଯୋଗୁଁ ରାଜ୍ୟରେ ଅନେକ ବିଦ୍ରୋହ ଘଟିଥିଲା ।

**ଜାହାଙ୍ଗୀରଙ୍କ ଯୁଦ୍ଧ ଓ ରାଜ୍ୟଜୟ**—ରାଣା ପ୍ରତାପସିଂହଙ୍କ ମୃତ୍ୟୁ ପରେ ତାଙ୍କ ପୁତ୍ର ଅମରସିଂହ ବହୁଯୁଦ୍ଧ ପରେ ଖ୍ରୀ: ଅ: ୧୬୧୪ରେ ବାଦସାହଙ୍କ ବଶ୍ୟତା ସ୍ୱୀକାର କଲେ । ବାଦସାହ ରାଣା ଅମରସିଂହ ଓ ତାଙ୍କ ପୁତ୍ର କର୍ଣ୍ଣଙ୍କ ବୀରତ୍ୱରେ ମୁଗ୍ଧ ହୋଇ ସେମାନଙ୍କର ମର୍ମରପ୍ରସ୍ତର ନିର୍ମିତ ଦୁଇଟି ପ୍ରତିମୂର୍ତ୍ତି ଆଗ୍ରାର ରାଜପ୍ରାସାଦରେ

ରଖିଥିଲେ । ଅହମଦ ନଗରର ମନ୍ତ୍ରୀ ମାଲିକ ଅମ୍ବର ଖ୍ରୀ: ଅ: ୧୬୧୦ରେ ଏହି ରାଜ୍ୟ ସ୍ୱାଧୀନ କରିଥିଲେ । ଯୁବରାଜ ଖୁରୁମ ବହୁ ଯୁଦ୍ଧ କରି ଖ୍ରୀ: ଅ: ୧୬୧୬ରେ ଏହି ରାଜ୍ୟକୁ ପୁନର୍ବାର ଅଧିକାର କଲେ । ଖ୍ରୀ: ଅ: ୧୬୨୨ ରେ ପାରସ୍ୟ ସମ୍ରାଟ ମୋଗଲ ସେନାଙ୍କୁ ପରାସ୍ତ କରି କାନ୍ଦାହାର ଅଧିକାର କରିଥିଲେ ।

**ଇଂରେଜ ବଣିକମାନଙ୍କୁ ସାହାଯ୍ୟ ପ୍ରଦାନ—** ଭାରତକୁ ଜଳପଥ ଅବିଷ୍କୃତ ହେଲାଦିନୁ ପର୍ତ୍ତୁଗୀଜମାନେ ଭାରତ ବାଣିଜ୍ୟରେ ଅପ୍ରତିଦ୍ୱନ୍ଦ୍ୱୀ ଥିଲେ । କିନ୍ତୁ ୧୬୦୦ ଖ୍ରୀଷ୍ଟାବ୍ଦରେ ଇଷ୍ଟ-ଇଣ୍ଡିଆ କମ୍ପାନୀ ନାମକ ଇଂରେଜ ବଣିକଦଳ ଭାରତକୁ ବାଣିଜ୍ୟ କରିବାକୁ ଆସିଥିଲେ । ଏହି କମ୍ପାନୀକୁ ବାଣିଜ୍ୟ ସଂକ୍ରାନ୍ତ କେତେକ ସୁବିଧା ଦେବାପାଇଁ ଇଂଲଣ୍ଡର ତତ୍କାଳୀନ ରାଜା ପ୍ରଥମ ଜେମ୍ସ ଖ୍ରୀ: ଅ: ୧୬୦୮ରେ 'କ୍ୟାପ୍ଟେନ ହକିନ୍ସ' ଓ ଖ୍ରୀ: ଅ: ୧୬୧୫ ରେ 'ସାର ଟମାସ ରୋ' ନାମକ ଦୁଇଜଣ ଦୂତଙ୍କୁ ମୋଗଲ ଦରବାରକୁ ପଠାଇଥିଲେ । ହକିନ୍ସ ମୋଗଲ ଦରବାରରେ ଖଣ୍ଡିଏ ଚାକିରି କରିଥିଲେ । ସାର ଟମାସ ରୋ ଜାହାଙ୍ଗୀରଙ୍କ ଦରବାରରେ ବର୍ଷେ ରହି ତାଙ୍କର ଅତି ପ୍ରିୟପାତ୍ର ହୋଇଥିଲେ । ରୋ'ଙ୍କ ଚେଷ୍ଟାରେ ଇଂରେଜ ବଣିକମାନେ ଜାହାଙ୍ଗୀର ଓ ନୁରଜାହାନଙ୍କଠାରୁ ସୁରଟ ଓ ଅନ୍ୟାନ୍ୟ ସ୍ଥାନରେ ବାଣିଜ୍ୟ କୋଠି କରିବାପାଇଁ ଅନୁମତି ପାଇଲେ । ରୋ ଜାହାଙ୍ଗୀରଙ୍କ ଶାସନ, ଦରବାର ଓ ଦୈନନ୍ଦିନ ଜୀବନ ସମ୍ବନ୍ଧରେ ଗୋଟିଏ ବିସ୍ତୃତ ବିବରଣ ଲେଖିଥିଲେ ।

**ସାହଜାହାନ ଓ ମହବତ ଖାଁଙ୍କ ବିଦ୍ରୋହ—** ନୁରଜାହାନଙ୍କର ତାଙ୍କ ପୂର୍ବ ସ୍ୱାମୀଙ୍କ ଔରସଜାତ ଗୋଟିଏ କନ୍ୟା ଥିଲା । ସେ ଜାହାଙ୍ଗୀରଙ୍କ କନିଷ୍ଠପୁତ୍ର ସାହାରିୟାରଙ୍କୁ ବିବାହ କରିଥିଲେ । ନୁରଜାହାନ ନିଜ ଜାମାତାଙ୍କୁ ଜାହାଙ୍ଗୀରଙ୍କ ପରେ ଦିଲ୍ଲୀ ସିଂହାସନ

ପ୍ରଦାନ କରିବାପାଇଁ ସର୍ବଦା ଷଡ଼ଯନ୍ତ୍ର କରୁଥିଲେ । ଏଥିରେ ଉତ୍ତ୍ୟକ୍ତ ହୋଇ ସାହଜାହାନ ବିଦ୍ରୋହ କରିଥିଲେ । କିନ୍ତୁ ସେ ଜାହାଙ୍ଗୀରଙ୍କ ପ୍ରଧାନ ସେନାପତି ମହବତ୍ ଖାଁଙ୍କଦ୍ୱାରା ପରାସ୍ତ ଓ ଧୃତ ହୋଇ ସମ୍ରାଟଙ୍କ ସମ୍ମୁଖକୁ ଆନୀତ ହୋଇଥିଲେ । ଜାହାଙ୍ଗୀର ତାଙ୍କର ଅପରାଧ କ୍ଷମା କରିଥିଲେ ।

ସାହଜାହାନଙ୍କ ବିଦ୍ରୋହ ଦମନ କରି ମହବତ୍ ଖାଁଙ୍କ କ୍ଷମତା ବଢ଼ିଗଲା । ନୁରଜାହାନ ତାଙ୍କ କ୍ଷମତାରେ ଈର୍ଷାନ୍ୱିତ ହୋଇ ସ୍ୱାମୀଙ୍କ ନିକଟରେ ତାଙ୍କ ବିରୁଦ୍ଧରେ ମିଥ୍ୟା ଅଭିଯୋଗମାନ ଆଣିଲେ । ଏଥିରେ ମହବତ ଖାଁ ଅସନ୍ତୁଷ୍ଟ ହୋଇ ବିଦ୍ରୋହୀ ହେଲେ । ଜାହାଙ୍ଗୀର ଓ ନୁରଜାହାନ କାବୁଲକୁ ବିଦ୍ରୋହ ଦମନ କରିବାକୁ ଯାଉଥିବା ସମୟରେ ସିନ୍ଧୁନଦୀ କୂଳରେ ଖ୍ରୀ: ଅ: ୧୬୨୬ରେ ତାଙ୍କଦ୍ୱାରା ବନ୍ଦୀ ହେଲେ । କିନ୍ତୁ ନୁର କୌଶଳ କରି ନିଜକୁ ଓ ସ୍ୱାମୀଙ୍କୁ କାରାମୁକ୍ତ କଲେ । ମହବତ୍ ଖାଁ ଦାକ୍ଷିଣାତ୍ୟକୁ ପଳାଇ ଯାଇ ସାହଜାହାନଙ୍କ ସହିତ ମିଳିତ ହେଲେ । ଦୁର୍ବେମିଳ ୧୬୨୭ରେ ବିଦ୍ରୋହ କଲେ । କିନ୍ତୁ ସେ ବର୍ଷ ଜାହାଙ୍ଗୀରଙ୍କର ମୃତ୍ୟୁ ହୋଇଥିଲା ।

**ଜାହାଙ୍ଗୀରଙ୍କ ଚରିତ୍ର**—ଜାହାଙ୍ଗୀରଙ୍କ ଚରିତ୍ରରେ ଭଲ ମନ୍ଦ ଉଭୟ ଗୁଣର ସମାବେଶ ଦେଖା ଯାଉଥିଲା । ସେ ଯେପରି ନିଷ୍ଠୁର ଓ ନିର୍ମମ ଥିଲେ, ସେହିପରି ଦୟାଳୁ, ଧାର୍ମିକ ଓ ନ୍ୟାୟପରାୟଣ ଥିଲେ । ସେ ପ୍ରଜାମାନଙ୍କର ଅଭାବ ଓ ଅଭିଯୋଗ ସକଳ ଶୁଣିବାପାଇଁ ସର୍ବଦା ତତ୍ପର ଥିଲେ । ସେ ଜଣେ ସୌନ୍ଦର୍ଯ୍ୟପ୍ରିୟ କବି ଥିଲେ ଓ ତୁର୍କୀ ଭାଷାରେ ନିଜର ଆତ୍ମଚରିତ ଲେଖିଥିଲେ । ହିନ୍ଦୁମାନଙ୍କ ପ୍ରତି ସେ କୌଣସି ଅତ୍ୟାଚାର କରୁ ନ ଥିଲେ ଓ ସେମାନଙ୍କର ସନ୍ତୋଷବିଧାନ ପାଇଁ ରାଜ୍ୟରେ ଗୋବଧ ନିଷେଧ କରିଥିଲେ । କିନ୍ତୁ ସେ ଅତ୍ୟନ୍ତ ପାନାସକ୍ତ, ଆଳସ୍ୟପରାୟଣ ଓ ଦୁର୍ବଳମନା ଥିଲେ; ତେଣୁ ସେ ବିଶେଷ

ସ୍ତ୍ରୈଣ ହୋଇ ପଡ଼ିଲେ ଓ ରାଜ୍ୟଶାସନରେ ଅନେକ ବିଶୃଙ୍ଖଳା ଜାତ ହେଲା ; ତଥାପି ତାଙ୍କ ରାଜତ୍ୱକାଳରେ ଶାନ୍ତି ଥିଲା ।

**ସାହଜାହାନ** (ଖ୍ରୀ: ଅ: ୧୬୨୭-୧୬୫୮)—ଜାହାଙ୍ଗୀରଙ୍କ ମୃତ୍ୟୁ ଖବର ପାଇ ସାହଜାହାନ ଦାକ୍ଷିଣାତ୍ୟରୁ ଦିଲ୍ଲୀକୁ ଆସିଲେ । ନିଜ ଶ୍ୱଶୁର ଆସଫ୍ ଖାଁ ଓ ସେନାପତି ମହବତ୍ ଖାଁଙ୍କ ସାହାଯ୍ୟରେ ସେ ଦିଲ୍ଲୀ ଅଧିକାର କଲେ । ନୂରଜାହାନଙ୍କ ସମସ୍ତ କ୍ଷମତା ଲୁପ୍ତ ହେଲା ଏବଂ ସେ ବୃତ୍ତି ପାଇ ରହିଲେ । ସେ ରାଜା ହେବା ମାତ୍ରେ ନିଜର ଆସନ ସୁଦୃଢ଼ କରିବା ନିମନ୍ତେ ଚେଷ୍ଟା କଲେ । ଜାହାଙ୍ଗୀରଙ୍କ ଚାରୋଟି ପୁତ୍ର ମଧ୍ୟରୁ ଜ୍ୟେଷ୍ଠ ପୁତ୍ର ଖସ୍ରୁ ଓ ଚତୁର୍ଥ ପୁତ୍ର ପରଭେଜ ତାଙ୍କ ଜୀବିତାବସ୍ଥାରେ ପ୍ରାଣତ୍ୟାଗ କରିଥିଲେ । ସାହଜାହାନ ପିତାଙ୍କ ତୃତୀୟ ପୁତ୍ର ସାହାରିୟାର ଓ ନିଜର ଅନ୍ୟାନ୍ୟ ଆତ୍ମୀୟ ଓ ପୁରୁଷମାନଙ୍କୁ ନିଷ୍ଠୁର ଭାବରେ ହତ୍ୟା କରି ସିଂହାସନ ନିଷ୍କଣ୍ଟକ କରିଥିଲେ ।




ସାହଜାହାନ

**ଯୁଦ୍ଧ ଓ ରାଜ୍ୟଜୟ**—ସାହଜାହାନ ଖ୍ରୀ: ଅ: ୧୬୩୩ ରେ ଅହମଦନଗର ରାଜ୍ୟ ଅଧିକାର କରି ମୋଗଲ ସାମ୍ରାଜ୍ୟରେ ମିଶାଇ ଦେଇଥିଲେ । ଗୋଲକୁଣ୍ଡା ଓ ବିଜାପୁରର ସୁଲତାନମାନେ ତାଙ୍କର ଅଧୀନତା ସ୍ୱୀକାର କରି ବାର୍ଷିକ କର ଦେବାକୁ ସ୍ୱୀକୃତ ହୋଇଥିଲେ (୧୬୩୬) । ସମ୍ରାଟଙ୍କ ତୃତୀୟ ପୁତ୍ର ଔରଙ୍ଗଜେବ ଦାକ୍ଷିଣାତ୍ୟର ଶାସନକର୍ତ୍ତା ନିଯୁକ୍ତ ହେଲେ । ସେ ବିଜାପୁର ଓ ଗୋଲକୁଣ୍ଡା ଅଧିକାର କରିବା ପାଇଁ ବହୁକାଳ ଯୁଦ୍ଧ ଚଳାଇଥିଲେ । ତାଙ୍କ ରାଜତ୍ୱରେ

ବାଦାହାର ଅଧିକୃତ ହୋଇଥିଲା । କିନ୍ତୁ ୧୬୫୩ ରେ ସେ ଏହାକୁ ପୁନର୍ବାର ହରାଇଥିଲେ ।

**ପର୍ତ୍ତୁଗୀଜ ଓ ଇଂରେଜମାନଙ୍କ ସହିତ ସମ୍ପର୍କ—** ବଙ୍ଗର ହୁଗୁଲି ସହରରେ ଥିବା ପର୍ତ୍ତୁଗୀଜମାନେ ହିନ୍ଦୁ ଓ ମୁସଲମାନମାନଙ୍କୁ ଖ୍ରୀଷ୍ଟଧର୍ମ ଗ୍ରହଣ କରିବାକୁ ବାଧ୍ୟ କରୁଥିବାରୁ ଏବଂ ବନ୍ଦର ଓ ଗ୍ରାମମାନ ଲୁଣ୍ଠନ କରୁଥିବାରୁ ସାହଜାହାନ ସୈନ୍ୟ ପଠାଇ ସେମାନଙ୍କୁ ସମ୍ପୂର୍ଣ୍ଣରୂପେ ପରାସ୍ତ କରିଥିଲେ । କିନ୍ତୁ ବାଉଟନ୍ ନାମକ ଇଂରେଜ ଡାକ୍ତର ତାଙ୍କ କନ୍ୟାଙ୍କୁ ରୋଗମୁକ୍ତ କରିଥିବାରୁ ସେ ଇଂରେଜମାନଙ୍କ ଉପରେ ବିଶେଷ ସନ୍ତୁଷ୍ଟ ଥିଲେ ।




ଦେୱାନ-ଇ-ଖାସ

**ସାହଜାହାନଙ୍କ ଚରିତ୍ର ଓ କୀର୍ତ୍ତିକଳାପ**—ସାହଜାହାନଙ୍କ ରାଜତ୍ୱରେ ମୋଗଲ ଶିଳ୍ପ ସ୍ଥାପତ୍ୟ ଉନ୍ନତିର ଚରମ ସୀମାରେ

ଉପନୀତ ହୋଇଥିଲା । ତାଙ୍କ ରାଜତ୍ୱ ଯୁଦ୍ଧ ବିଗ୍ରହ ଓ ବିଦ୍ରୋହାଦିରୁ ପ୍ରାୟ ମୁକ୍ତ ଥିଲା । ଅକବରଙ୍କ ଦ୍ୱାରା ପ୍ରଚଳିତ ଶାସନପ୍ରଣାଳୀ ଯୋଗୁଁ ସାମ୍ରାଜ୍ୟରେ ଶାନ୍ତି ଥିଲା ଓ ରାଜକୋଷ ଧନରତ୍ନରେ ପୂର୍ଣ୍ଣ ଥିଲା ।

ସାହଜାହାନ ବଡ଼ ବିଳାସୀ ଓ ଆଡ଼ମ୍ବରପ୍ରିୟ ଥିଲେ । ସେ ଅଜସ୍ର ଅର୍ଥ ବ୍ୟୟ କରି ଅନେକ ମସଜିଦ୍, ନଗର, ପ୍ରାସାଦ ଓ ସମାଧିମନ୍ଦିର ନିର୍ମାଣ କରିଥିଲେ । ତାଙ୍କର କୀର୍ତ୍ତିମାନଙ୍କ ମଧ୍ୟରେ ତାଜମହଲ, ମୟୂର ସିଂହାସନ,



ତାଜମହଲ

ଦିଲ୍ଲୀର ଦେଓ୍ୱାନ୍-ଇ-ଆମ୍, ଦେଓ୍ୱାନ-ଇ-ଖାସ୍, ଜୁମାମସ୍‌ଜିଦ୍, ଆଗ୍ରାର ମୋତିମସଜିଦ୍ ଓ ଦିଲ୍ଲୀ ନିକଟବର୍ତ୍ତୀ ସାହଜାହାନାବାଦ ନଗର ପ୍ରଧାନ । ମୋତିମସଜିଦ୍ ପରି ଉପାସନା ମନ୍ଦିର ପୃଥିବୀରେ ବିରଳ ।

ସେ ନୁରଜାହାନଙ୍କ ଝିଅଖି ମମତାଜମହଲଙ୍କୁ ବିବାହ କରି ୧୯ ବର୍ଷ କାଳ ପ୍ରଗାଢ଼ ଦାମ୍ପତ୍ୟ ସୁଖରେ କାଳାତିପାତ କରିଥିଲେ । ତାଙ୍କର ମୃତ୍ୟୁପରେ ସେ ନିଜର ପ୍ରାଣପ୍ରିୟା ପତ୍ନୀଙ୍କ ସ୍ମୃତିରକ୍ଷାର୍ଥେ ତାଙ୍କର ସମାଧି ଉପରେ ତାଜମହଲ ନାମକ ଜଗତ୍‌ପ୍ରସିଦ୍ଧ ହର୍ମ୍ୟ ନିର୍ମାଣ କରିଥିଲେ । ଏହା ପୃଥିବୀରେ ସପ୍ତ ଆଶ୍ଚର୍ଯ୍ୟ ବସ୍ତୁ ମଧ୍ୟରେ ଏକତମ ବୋଲି ପରିଗଣିତ ହୁଏ । ଏହାକୁ ନିର୍ମାଣ କରିବାପାଇଁ ବିଂଶ ସହସ୍ର ଶିଳ୍ପୀ ୨୨ବର୍ଷ କାଳ ନିଯୁକ୍ତ ହୋଇଥିଲେ ଓ ଏଥିରେ ପ୍ରାୟ ୩୦ କୋଟି ମୁଦ୍ରା ବ୍ୟୟିତ ହୋଇଥିଲା । ମର୍ମରପ୍ରସ୍ତରରେ ନିର୍ମିତ, ସୁନ୍ଦର କାରୁକାର୍ଯ୍ୟଖଚିତ, ବିବିଧ ରତ୍ନଶୋଭିତ ତାଜ୍ ଅଦ୍ୟାପି ଆଗ୍ରାରେ ଯମୁନାକୂଳରେ ସମ୍ରାଟଙ୍କ ବିରାଟ କଳ୍ପନା, ଅମରପ୍ରେମର ସାକ୍ଷୀରୂପେ ଦଣ୍ଡାୟମାନ ହୋଇ ରହିଛି । ସେ ପ୍ରାୟ ସାତକୋଟି ମୁଦ୍ରା ବ୍ୟୟ କରି ନାନାବିଧ ରତ୍ନଖଚିତ ମୟୂର-ସିଂହାସନ ନିର୍ମାଣ କରିଥିଲେ । ତାଙ୍କ ଦ୍ୱାରା ଚିତ୍ରକଳାର ମଧ୍ୟ ବିଶେଷ ଉନ୍ନତି ସାଧିତ ହୋଇଥିଲା ।

ସାହଜାହାନ ଜଣେ ହିନ୍ଦୁରମଣୀର ପୁତ୍ର ଥିଲେ ମଧ୍ୟ ହିନ୍ଦୁମାନଙ୍କ ପ୍ରତି ସ୍ନେହ ଓ ଶ୍ରଦ୍ଧା ପ୍ରଦର୍ଶନ କରୁ ନ ଥିଲେ । ସେ ନୂତନମନ୍ଦିର ନିର୍ମାଣ ନ କରିବାପାଇଁ ହୁକୁମ ଦେଇଥିଲେ ଓ କେତେକ ପ୍ରାଚୀନ ମନ୍ଦିର ଧ୍ୱଂସ କରିଥିଲେ । ସେ ଖ୍ରୀଷ୍ଟାନ୍‌ମାନଙ୍କ ପ୍ରତି ବିଶେଷ ଅତ୍ୟାଚାର କରିଥିଲେ ।

## ସାହଜାହାନଙ୍କ ପୁତ୍ରମାନଙ୍କ ମଧ୍ୟରେ ଯୁଦ୍ଧ—

ସାହଜାହାନ ଖ୍ରୀ: ଅ: ୧୬୫୭ ରେ ଗୋଟିଏ ସାଂଘାତିକ ରୋଗରେ ଆକ୍ରାନ୍ତ ହେଲେ । ପିତାଙ୍କର ମୃତ୍ୟୁ ଆସନ୍ନ ଜାଣି, ତାଙ୍କର ଚାରିପୁଅ ଦାରା, ସୁଜା, ମୁରାଦ ଓ ଆଉରଙ୍ଗଜେବ ଦିଲ୍ଲୀର ସିଂହାସନ ପାଇଁ ବିବାଦ ଆରମ୍ଭ କଲେ । ଜ୍ୟେଷ୍ଠପୁତ୍ର ଦାରା ସର୍ବଦା ଆଗ୍ରାରେ ରହୁଥିଲେ ଓ ପିତାଙ୍କର ଅତି ପ୍ରିୟ ଥିଲେ । ସୁଜା ବଙ୍ଗଳାର, ମୁରାଦ ଗୁଜରାଟର ଓ ଆଉରଙ୍ଗଜେବ

ଦାକ୍ଷିଣାତ୍ୟର ସୁବାଦାର ଥିଲେ । ଦାରା ହିନ୍ଦୁମାନଙ୍କୁ ବିଶେଷ ଶ୍ରଦ୍ଧା କରୁଥିଲେ, ତେଣୁ ନୈଷ୍ଠିକ ମୁସଲମାନମାନେ ତାଙ୍କୁ ଭଲ ପାଉ ନ ଥିଲେ । ସେ ରଣନିପୁଣ ଓ କୌଶଳୀ ନ ଥିଲେ । ସୁଜା ଅତ୍ୟନ୍ତ ବିଳାସୀ ଓ ମୁରାଦ ମଦ୍ୟପ ଥିଲେ । ଆଉରଙ୍ଗଜେବ ବୁଦ୍ଧିମାନ୍, ପରିଶ୍ରମୀ, ସାହସୀ, ଅଧ୍ୟବସାୟୀ ଓ କୂଟନୀତିପରାୟଣ ଥିଲେ । ସେ ସୁନ୍ନୀ ବା ନୈଷ୍ଠିକ ମୁସଲମାନ ଥିବାରୁ ମୁସଲମାନମାନଙ୍କର ପ୍ରିୟପାତ୍ର ଥିଲେ ।

ପିତାଙ୍କ ଦାରୁଣ ବିପଦ ସମୟରେ ପୁତ୍ରମାନେ ପିତାଙ୍କ ସେବା ଶୁଶ୍ରୂଷା କରିବାକୁ ଆସିବା ଦୂରେ ଥାଉ, ପ୍ରତ୍ୟେକେ ସିଂହାସନ ଅଧିକାର କରିବାପାଇଁ ଅବଧାରଣ କରିଥିଲେ । ଦାରା ଦିଲ୍ଲୀରେ ନିଜକୁ ସମ୍ରାଟ୍ ବୋଲି ଘୋଷଣା କଲେ । ସୁଜା ନିଜକୁ ରାଜମହଲଠାରେ ସମ୍ରାଟ୍ ବୋଲି ଘୋଷଣା କରି ପ୍ରଥମେ ଯୁଦ୍ଧକ୍ଷେତ୍ରରେ ଅବତୀର୍ଣ୍ଣ ହେଲେ । କିନ୍ତୁ ଦାରାଙ୍କ ପୁତ୍ର ସୁଲେମାନ ଓ ଜୟପୁରର ରାଜା ଜୟସିଂହଙ୍କ ଦ୍ୱାରା ବନାରସ ଠାରେ ପରାସ୍ତ ହେବାରୁ ସେ ବାଧ୍ୟ ହୋଇ ବଙ୍ଗଦେଶକୁ ପଳାୟନ କଲେ । ମୁରାଦ ଅହମଦାବାଦଠାରେ ନିଜକୁ ସମ୍ରାଟ୍ ବୋଲି ଘୋଷଣା କରି ଗୁଜରାଟରୁ ଅଗ୍ରସର ହେଲେ । ଆଉରଙ୍ଗଜେବ ମୁରାଦଙ୍କୁ ସିଂହାସନ ପ୍ରଦାନ କରିବେ ବୋଲି କହି ବଶୀଭୂତ କରିନେଲେ । ଉଭୟେ ମିଳି ଯଶୋବନ୍ତ ସିଂହଙ୍କ ଅଧୀନରେ ପ୍ରେରିତ ସମ୍ରାଟଙ୍କ ସୈନ୍ୟମାନଙ୍କୁ ଉଜ୍ଜୟିନୀ ନିକଟରେ ପରାସ୍ତ କଲେ । ତତ୍ପରେ ସେମାନେ ଆଗ୍ରା ନିକଟବର୍ତ୍ତୀ ସାମୁଗଡ଼ ନାମକ ସ୍ଥାନରେ (ଖ୍ରୀ: ଅ: ୧୬୫୮) ଦାରାଙ୍କୁ ସଂପୂର୍ଣ୍ଣରୂପେ ପରାସ୍ତ କରିଥିଲେ । ଆଉରଙ୍ଗଜେବ ଆଗ୍ରା ଅଧିକାର କରି ପିତାଙ୍କୁ ବନ୍ଦୀ କଲେ ଏବଂ ନିଜକୁ ସମ୍ରାଟ୍ ବୋଲି ଘୋଷଣା କରିଥିଲେ (୧୬୫୮) । ଏହାପରେ ସୁଜା ଆଉରଙ୍ଗଜେବଙ୍କ ଦ୍ୱାରା ପରାସ୍ତ ହୋଇ ବ୍ରହ୍ମଦେଶକୁ ପଳାୟନ କଲେ ଓ ସେଠାରେ ପ୍ରାଣତ୍ୟାଗ କରିଥିଲେ । ମୁରାଦ ବନ୍ଦୀ ହୋଇ ଅଳ୍ପ ସମୟ ମଧ୍ୟରେ ନିହତ ହେଲେ । ଦାରା ପ୍ରାଣରକ୍ଷା ପାଇଁ ଅଫଗାନିସ୍ଥାନ ଅଞ୍ଚଳକୁ ପଳାଇଥିଲେ ; କିନ୍ତୁ ଧରାହୋଇ

ଅଗ୍ରାକୁ ଅଣାଗତ ହେଲେ । ଗୋଟିଏ ଧର୍ମସଭାରେ ତାଙ୍କର ବିଚାର ହେଲା ଓ ସେ ନୈଷ୍ଠିକ ମୁସଲମାନ ନ ଥିବା ଅଭିଯୋଗରେ ପ୍ରାଣଦଣ୍ଡ ପାଇଲେ । ଆଉରଙ୍ଗଜେବ ଦାରାଙ୍କ ପୁତ୍ର ସୁଲେମାନଙ୍କୁ ବିଷ ଖୁଆଇ ମାରିପକାଇଲେ । ସାହଜାହାନ ୭ବର୍ଷ କାଳ ବନ୍ଦୀହୋଇ ବଡ଼ କଷ୍ଟରେ ପ୍ରାଣତ୍ୟାଗ କଲେ ।

## ଆଉରଙ୍ଗଜେବ ( ଖ୍ରୀ: ଅ: ୧୬୫୮—୧୭୦୭ )

ଅଉରଙ୍ଗଜେବ ୧୬୫୮ରେ ଆଲମଗିର (ଜଗତ୍ ଜେତା) ଉପାଧି ଗ୍ରହଣକରି ଦିଲ୍ଲୀର ସମ୍ରାଟ୍ ହେଲେ ।

**ଆଉରଙ୍ଗଜେବଙ୍କ ଚରିତ୍ର**—ତାଙ୍କର ଚରିତ୍ର ନିର୍ମଳ ଥିଲା । ସେ ବିରାଟ ସାମ୍ରାଜ୍ୟର ଅଧୀଶ୍ୱର ହୋଇ ମଧ୍ୟ ଭୋଗ ବିଳାସରେ ଅଦୌ ଅର୍ଥ ବ୍ୟୟ କରୁ ନ ଥିଲେ । ସେ ମଦ୍ୟସ୍ପର୍ଶ କରୁ ନ ଥିଲେ । ସେ ବିଚକ୍ଷଣ, ବୁଦ୍ଧିମାନ୍, କଷ୍ଟସହିଷ୍ଣୁ, ପରିଶ୍ରମୀ, ସାହସୀ, ଅଧ୍ୟବସାୟୀ ଓ କୁଟନୀତିପରାୟଣ ଥିଲେ । ସେ ନିଜର ସ୍ୱାର୍ଥସାଧନ ପାଇଁ ଅତି ଜଘନ୍ୟ କାର୍ଯ୍ୟ କରିବାକୁ କୁଣ୍ଠିତ ହେଉ ନ ଥିଲେ । ଅନ୍ୟ କାହାରି ଠାରେ ତାଙ୍କର ବିଶ୍ୱାସ ନ ଥିଲା । ତେଣୁ ସେ ଶାସନର ସମସ୍ତ ବିଷୟ ନିଜେ ତତ୍ତ୍ୱାବଧାନ କରୁଥିଲେ । ସେ ଜଣେ ନୈଷ୍ଠିକ ମୁସଲମାନ ଥିଲେ ଓ ସମଗ୍ର କୋରାନ୍ ତାଙ୍କର କଣ୍ଠସ୍ଥ ଥିଲା ।



ଅଉରଙ୍ଗଜେବ

ସ୍ୱଧର୍ମରେ ପ୍ରଗାଢ଼ ନିଷ୍ଠା ଯୋଗୁଁ ସେ ଅନ୍ୟାନ୍ୟ ଧର୍ମମାନ ଲୋପ କରିବାକୁ ଚେଷ୍ଟା କରିଥିଲେ ।

**ଆଉରଙ୍ଗଜେବଙ୍କ ଶାସନନୀତି**—ସେ ସୁନ୍ନୀ ମୁସଲମାନ ଥିଲେ ଏବଂ ସିଆମୁସଲମାନ ଓ ହିନ୍ଦୁମାନଙ୍କ ପ୍ରତି ତାଙ୍କର ଆଦୌ ଶ୍ରଦ୍ଧା ନ ଥିଲା । ସମଗ୍ର ହିନ୍ଦୁସମ୍ପ୍ରଦାୟକୁ ଇସଲାମ ଧର୍ମରେ ଦୀକ୍ଷିତ କରିବା ତାଙ୍କ ଜୀବନର ପ୍ରଧାନ ଲକ୍ଷ୍ୟ ଥିଲା । ଏହି ଲକ୍ଷ୍ୟଲାଭ କରିବାପାଇଁ ସେ କାଶୀର ବିଶ୍ୱନାଥମନ୍ଦିର, ମଥୁରାର କେଶବଦେବ ମନ୍ଦିର ପ୍ରଭୃତି ଶତ ଶତ ଦେବାଳୟ ଧ୍ୱଂସ କରିଥିଲେ । ନୂତନ ମନ୍ଦିର ନିର୍ମାଣ ଓ ପ୍ରାଚୀନ ମନ୍ଦିରର ସଂସ୍କାର ଆଇନଦ୍ୱାରା ନିଷିଦ୍ଧ ହୋଇଥିଲା । ହିନ୍ଦୁମାନଙ୍କ ଉପରେ ପୁନରାୟ ଜିଜିୟାକର ଧାର୍ଯ୍ୟ ହେଲା । ହିନ୍ଦୁମାନଙ୍କର ପୂଜା, ଉପାସନା, ମେଳା, ଉତ୍ସବାଦି ନିଷିଦ୍ଧ ହେଲା । ହିନ୍ଦୁ କର୍ମଚାରୀମାନେ କ୍ରମଶଃ ବିତାଡ଼ିତ ହେଲେ । ହିନ୍ଦୁ ପ୍ରଜାମାନଙ୍କର କରୁଣ ନିବେଦନ ପ୍ରତି ସମ୍ରାଟ୍ କର୍ଣ୍ଣପାତ କରୁ ନ ଥିଲେ । ତାଙ୍କର ଏହି ନୀତି ଯୋଗୁଁ ହିନ୍ଦୁ ମୁସଲମାନଙ୍କ ମଧ୍ୟରେ ସଦ୍ଭାବ ନଷ୍ଟ ହେଲା । ହିନ୍ଦୁମାନଙ୍କ ମଧ୍ୟରେ ଅଶାନ୍ତି ଓ ଅସନ୍ତୋଷ ପ୍ରବଳ ହେଲା । ମରହଟ୍ଟା, ରାଜପୁତ, ଶିଖ, ସତନାମୀ ଓ ଜାଠ ପ୍ରଭୃତି ପ୍ରବଳ ବିଦ୍ରୋହ ଚଳାଇଲେ । ସମ୍ରାଟଙ୍କ ସମଗ୍ରଜୀବନ ବିଦ୍ରୋହଦମନରେ ବ୍ୟୟିତ ହୋଇଥିଲା । ତଥାପି ସେ ମୋଗଲସାମ୍ରାଜ୍ୟକୁ ଧ୍ୱଂସମୁଖରୁ ରକ୍ଷା କରି ପାରି ନ ଥିଲେ ।

**ଯୁଦ୍ଧ ଓ ରାଜ୍ୟଜୟ**—ତାଙ୍କର ଦୀର୍ଘ ୫୦ ବର୍ଷ ରାଜତ୍ୱ ରାଜ୍ୟଜୟ ଓ ବିଦ୍ରୋହଦମନ ନିମିତ୍ତ ଯୁଦ୍ଧରେ ବ୍ୟୟିତ ହୋଇଥିଲା । ଖ୍ରୀ: ଅ: ୧୬୬୧ ରେ ସେନାପତି ମିରଜୁମଲା ଆସାମର ରାଜାଙ୍କୁ ଯୁଦ୍ଧରେ ପରାସ୍ତ କରି ଆସାମ ଜୟ କରିଥିଲେ । କିନ୍ତୁ ଫେରିଲାବେଳେ ବାଟରେ ତାଙ୍କର ମୃତ୍ୟୁ ହେବାରୁ ଆସାମରାଜା ପୁନର୍ବାର ନିଜ ରାଜ୍ୟ ଅଧିକାର କଲେ । ଖ୍ରୀ: ଅ: ୧୬୬୬ ରେ ବଙ୍ଗର ଶାସନକର୍ତ୍ତା ସାଇସ୍ତାଖାଁ ଚଟ୍ଟାଗଙ୍ଗ ଅଧିକାର କରିଥିଲେ । ଉତ୍ତର-ପଶ୍ଚିମ ସୀମାନ୍ତରେ ୟୁସୁଫଜି, ଅଫ୍ରିଦି, ଖଟକ ପ୍ରଭୃତି ପାର୍ବତ୍ୟ ଜାତିମାନେ ବିଦ୍ରୋହ କରିବାରୁ ସମ୍ରାଟ୍ ଅତ୍ତେଇ

ବର୍ଷ କାଳ ଯୁଦ୍ଧ କରି ସେମାନଙ୍କୁ ଦମନ କରିଥିଲେ । ତାଙ୍କର ପ୍ରବଳ ହିନ୍ଦୁବିଦ୍ୱେଷ ଯୋଗୁଁ ଖ୍ରୀ: ଅ: ୧୬୬୯ ରେ ଜାଠମାନେ ବିଦ୍ରୋହୀ ହେଲେ ଓ ପ୍ରାୟ ୪୦୦୦ ମୋଗଲ ସୈନ୍ୟଙ୍କୁ ମାରି ପକାଇଲେ । ବୁନ୍ଦେଲରାଜା ଛତ୍ରଶାଲ ହିନ୍ଦୁଧର୍ମ ରକ୍ଷା ପାଇଁ ମୋଗଲମାନଙ୍କ ସହିତ ପ୍ରବଳ ଯୁଦ୍ଧ ଚଳାଇଲେ । ସତ୍‌ନାମୀମାନେ ବିଦ୍ରୋହ କରି ପରାସ୍ତ ହୋଇଥିଲେ । ବାଦସାହ ଶିଖମାନଙ୍କ ନବମ ଗୁରୁ ତେଗ୍‌ବାହାଦୁରଙ୍କୁ ସ୍ୱୀୟ ଦରବାରକୁ ଡକାଇଥିଲେ । ସେ ଇସଲାମଧର୍ମ ଗ୍ରହଣ କରିବାକୁ ଅସ୍ୱୀକୃତ ହେବାରୁ ନୃଶଂସଭାବରେ ନିହତ ହେଲେ । ତାଙ୍କ ପରେ ତାଙ୍କ ପୁତ୍ର ଗୁରୁଗୋବିନ୍ଦସିଂହ ପିତୃହତ୍ୟାର ପ୍ରତିଶୋଧ ନିମିତ୍ତ ଶାନ୍ତିପ୍ରିୟ ଶିଖମାନଙ୍କୁ ଯୁଦ୍ଧବିଦ୍ୟା ଶିକ୍ଷା ଦେଇଥିଲେ ଓ ମୋଗଲମାନଙ୍କ ସହିତ ମୃତ୍ୟୁପର୍ଯ୍ୟନ୍ତ ଯୁଦ୍ଧ ଚଳାଇଥିଲେ । ଏହି ପ୍ରକାରେ ଶିଖମାନେ ମୋଗଲ ସାମ୍ରାଜ୍ୟର ପତନର ହେତୁ ହୋଇପଡ଼ିଲେ ।


ଗୁରୁଗୋବିନ୍ଦ

ଯୋଧପୁରାଧିପତି ଯଶୋବନ୍ତ ସିଂହ ସମ୍ରାଟଙ୍କର ଜଣେ ପ୍ରଧାନ ସେନାପତି ଥିଲେ । କାଳେ ସେ ତାଙ୍କ ହିନ୍ଦୁଧର୍ମ ଧ୍ୱଂସନୀତିର ବିରୁଦ୍ଧାଚରଣ କରିବେ ଏହି ଭୟରେ ସେ ତାଙ୍କୁ ସୁଦୂର କାବୁଲର ଶାସନକର୍ତ୍ତାରୂପେ ପଠାଇଥିଲେ । ସେଠାରେ ସେ ଖ୍ରୀ: ଅ: ୧୬୭୮ ରେ ପ୍ରାଣତ୍ୟାଗ କଲେ । ନିଷ୍ଠୁରହୃଦୟ ଅଉରଙ୍ଗଜେବ ତାଙ୍କର ବିଧବା

ପତ୍ନୀ ଓ ଶିଶୁପୁତ୍ର ଅଜିତ୍‌ସିଂହଙ୍କୁ ଲାହୋର ଅବରୋଧ କରି ବନ୍ଦୀ କଲେ । ଏଥିରେ ସମଗ୍ର ରାଜପୁତ ଜାତି ଉତ୍ତ୍ୟକ୍ତ ହୋଇ ପଡ଼ିଲେ । ଯଶୋବନ୍ତଙ୍କ ମନ୍ତ୍ରୀ ଦୁର୍ଗାଦାସ କୌଶଳ କରି ଅଜିତସିଂହ ଓ ବିଧବା ରାଣୀଙ୍କୁ ମୁକ୍ତ କରି ସ୍ୱରାଜ୍ୟକୁ ଘେନି ଆସିଲେ । ମିବାରର ରାଣା ରାଜସିଂହ ସ୍ୱୀୟ ଭଗ୍ନୀ ବିଧବା-ରାଣୀଙ୍କ ପକ୍ଷ ଗ୍ରହଣକଲେ । ଏଥିରେ ଆରଙ୍ଗଜେବ କ୍ରୁଦ୍ଧ ହୋଇ ବହୁ ସୈନ୍ୟ ନେଇ ରାଜପୁତମାନଙ୍କ ସହିତ ଯୁଦ୍ଧ କଲେ । ସେ ମାରବାର ଓ ମିବାର ରାଜ୍ୟର ବହୁ ଗ୍ରାମ, ନଗର ଧ୍ୱଂସ ଓ ଲୁଣ୍ଠନ କରିଥିଲେ । ଶତ ଶତ ଲୋକଙ୍କୁ ନିଷ୍ଠୁର ଭାବରେ ହତ୍ୟା କରିଥିଲେ । ରାଜପୁତମାନେ ଜନ୍ମଭୂମିର ସ୍ୱାଧୀନତା, ପ୍ରଭୁର ପ୍ରାଣରକ୍ଷା ଓ ନାରୀମାନଙ୍କ ସତୀତ୍ୱରକ୍ଷା-ପାଇଁ ପ୍ରବଳ ଯୁଦ୍ଧ ଚଳାଇଲେ । ଅବଶେଷରେ ବାଦସାହ ପରାସ୍ତ ହୋଇ ୧୬୮୧ରେ ସନ୍ଧି କରିଥିଲେ । ସେହିଦିନଠୁଁ ରାଜପୁତମାନେ ମୋଗଲ-ସାମ୍ରାଜ୍ୟର ପ୍ରଧାନ ଶତ୍ରୁ ହେଲେ ଓ ସମ୍ରାଟଙ୍କ ମୃତ୍ୟୁପର୍ଯ୍ୟନ୍ତ ଯୁଦ୍ଧରୁ କ୍ଷାନ୍ତ ହୋଇ ନ ଥିଲେ ।

ଦାକ୍ଷିଣାତ୍ୟରେ ମରହଟ୍ଟାମାନେ ହିନ୍ଦୁଧର୍ମ, ଗୋମାତା ଓ ବ୍ରାହ୍ମଣ-ମାନଙ୍କୁ ମୁସଲମାନମାନଙ୍କ ଅତ୍ୟାଚାରରୁ ରକ୍ଷା କରିବାପାଇଁ ଛତ୍ରପତି ଶିବାଜୀଙ୍କ ନେତୃତ୍ୱରେ ତୁମୁଳ ସଂଗ୍ରାମ କରିଥିଲେ । ମୋଗଲ ସମ୍ରାଟ୍ ବହୁ ଚେଷ୍ଟା କରି ସୁଦ୍ଧା ଶିବାଜୀଙ୍କୁ ବଶୀଭୂତ କରିପାରିଲେ ନାହିଁ । ଶେଷରେ ତାଙ୍କୁ ଖ୍ରୀ: ଅ. ୧୬୬୭ରେ ରାଜା ବୋଲି ସ୍ୱୀକାର କରିଥିଲେ । ଶିବାଜୀ ମୃତ୍ୟୁପର୍ଯ୍ୟନ୍ତ ସ୍ୱାଧୀନଭାବରେ ବିଶାଳରାଜ୍ୟ ଶାସନ କରିଥିଲେ । ଶିବାଜୀଙ୍କ ମୃତ୍ୟୁ ପରେ ଆରଙ୍ଗଜେବ ତାଙ୍କ ପୁତ୍ର ଶମ୍ଭୁଜୀଙ୍କୁ ହତ୍ୟା କଲେ ଓ ନାତି ସାହୁଜୀଙ୍କୁ ନିଜର ମୃତ୍ୟୁ ପର୍ଯ୍ୟନ୍ତ ବନ୍ଦୀ କରିଥିଲେ । ଶମ୍ଭୁଜୀଙ୍କ ପରେ ତାଙ୍କ ଭାଇ ରାଜାରାମ ବହୁକାଳ ଯୁଦ୍ଧ ଚଳାଇଲେ । ଖ୍ରୀ: ଅ: ୧୭୦୦ରେ ରାଜାରାମ ମରିଯିବାରୁ ତାଙ୍କର ବିଧବା ପତ୍ନୀ ତାରାବାଈ

ଅସ୍ତ୍ରଧାରଣ କଲେ । ବାଦଶାହ ମରହଟ୍ଟାଙ୍କ ପ୍ରତାପରେ ଅଥୟ ହୋଇ-ପଡ଼ିଲେ ଓ ବହୁ ଚେଷ୍ଟା ସତ୍ତ୍ୱେ ସେମାନଙ୍କୁ ଦମନ କରିପାରିଲେ ନାହିଁ ।

ବିଜାପୁର ଓ ଗୋଲକୁଣ୍ଡାର ସୁଲତାନମାନେ ସିଆ ଥିଲେ ଏବଂ ଅଉରଙ୍ଗଜେବ ସୁନ୍ନୀ ଥିଲେ । ତେଣୁ ସେ ଦାକ୍ଷିଣାତ୍ୟର ଏହି ସିଆ ରାଜ୍ୟଦ୍ୱୟ ଧ୍ୱଂସ କରିବାପାଇଁ ୧୯ ବର୍ଷ କାଳ ଯୁଦ୍ଧ କରିଥିଲେ । ଅବଶେଷରେ ଖ୍ରୀ: ଅ: ୧୬୮୬ ରେ ବିଜାପୁର ଓ ଖ୍ରୀ: ଅ: ୧୬୮୭ ରେ ଗୋଲକୁଣ୍ଡା ରାଜ୍ୟ ମୋଗଲସାମ୍ରାଜ୍ୟଭୁକ୍ତ ହେଲା । ସେ ଭାବିଥିଲେ, ଏହି ରାଜ୍ୟଦ୍ୱୟ ଧ୍ୱସ୍ତ ହେଲେ ମରହଟ୍ଟାମାନଙ୍କୁ ଦମନ କରିବା ସହଜସାଧ୍ୟ ହେବ, କିନ୍ତୁ ତାଙ୍କର ଏହି କାର୍ଯ୍ୟଦ୍ୱାରା ମରହଟ୍ଟାମାନେ ଦାକ୍ଷିଣାତ୍ୟରେ ନିଷ୍କଣ୍ଟକ ହୋଇ ମୋଗଲମାନଙ୍କ ସହିତ ଯୁଦ୍ଧ କରିବାପାଇଁ ସେମାନଙ୍କର ସମସ୍ତ ଶକ୍ତି ପ୍ରୟୋଗ କରିଥିଲେ । ପରନ୍ତୁ ସମ୍ରାଟ୍ ଏହି ଦୁଇଟି ମୁସଲମାନ ରାଜ୍ୟର ସାହାଯ୍ୟ ଓ ସହଯୋଗରୁ ବଞ୍ଚିତ ହେଲେ ।

ଅଉରଙ୍ଗଜେବଙ୍କ ଶେଷ ଜୀବନ ଅତ୍ୟନ୍ତ ଶୋଚନୀୟ ଥିଲା । ମରହଟ୍ଟା, ଜାଠ, ରାଜପୁତ, ଶିଖମାନଙ୍କର ବିଦ୍ରୋହ ପ୍ରବଳ ଓ ଅଦମ୍ୟ ହୋଇପଡ଼ିଲା । ବିଶାଳ ମୋଗଲସେନା ଛିନ୍ନଭିନ୍ନ ହୋଇଗଲା । ମୋଗଲସାମ୍ରାଜ୍ୟ କ୍ଷିପ୍ରଭାବରେ ଧ୍ୱଂସପଥରେ ଗତି କଲା । ତାଙ୍କର ପୁତ୍ରମାନେ ବିଦ୍ରୋହୀ ହେଲେ । ସେନାପତି ଓ ସାମନ୍ତମାନେ ଉଚ୍ଛୃଙ୍ଖଳ ହୋଇପଡ଼ିଲେ । ଏପରି ଘୋରଦୁଃଖଜର୍ଜ୍ଜରିତ ହୋଇ ସେ ଖ୍ରୀ: ଅ: ୧୭୦୭ ରେ ୮୯ ବର୍ଷ ବୟସରେ ପ୍ରାଣତ୍ୟାଗ କରିଥିଲେ । ସେ ରାଜା ହୋଇ ମଧ୍ୟ ଋଷିଜୀବନ ଯାପନ କରିଥିଲେ । ତେଣୁ ଲୋକମାନେ ତାଙ୍କୁ 'ଫକୀର' ବୋଲି କହୁଥିଲେ । ସେ ପରଧର୍ମ ଧ୍ୱଂସନୀତି ଅନୁସରଣ କରି ନ ଥିଲେ ମୋଗଲ ସାମ୍ରାଜ୍ୟ ବହୁକାଳ ସ୍ଥାୟୀ ହୋଇଥାନ୍ତା ଓ ସେ ଭାରତର ଜଣେ ଶ୍ରେଷ୍ଠ ନରପତିରୂପେ ପରିଗଣିତ ହୋଇଥାନ୍ତେ ।

# ଊନବିଂଶ ଅଧ୍ୟାୟ

**ମୋଗଲ ସାମ୍ରାଜ୍ୟର ପତନ**—ଅଉରଙ୍ଗଜେବଙ୍କ ମୃତ୍ୟୁ ପରେ ତାଙ୍କ ପୁତ୍ର ବାହାଦୁର ସାହ ଦିଲ୍ଲୀର ସମ୍ରାଟ୍ ହେଲେ । ସେ ଶିବାଜୀଙ୍କ ପୌତ୍ର ସାହୁଜୀଙ୍କୁ କାରାମୁକ୍ତ କଲେ ଓ ଦାକ୍ଷିଣାତ୍ୟରେ ମରହଟ୍ଟାମାନଙ୍କୁ ଚୌଥ ଅଦାୟ କରିବାକୁ ଅନୁମତି ଦେଲେ । ସେ ରାଜପୁତମାନଙ୍କର ସ୍ୱାଧୀନତା ସ୍ୱୀକାର କରିଥିଲେ । କିନ୍ତୁ ସେ ଶିଖମାନଙ୍କ ପ୍ରତି ନିର୍ଦ୍ଦୟ ବ୍ୟବହାର କରିଥିଲେ । ଶିଖନେତା ବାନ୍ଦା ପରାସ୍ତ ହେଲେ ଓ ଅନେକ ଶିଖ ନିହତ ହେଲେ । ବାହାଦୁରସାହ ଖ୍ରୀ: ଅ: ୧୭୦୭ ରୁ ୧୭୧୨ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ ।

ବାହାଦୂରଙ୍କ ମୃତ୍ୟୁପରେ ତାଙ୍କପୁତ୍ର ଜାହାନ୍ଦରସାହ ପ୍ରାୟ ବର୍ଷେ ରାଜତ୍ୱ କରିଥିଲେ । ତାଙ୍କୁ ମାରି ଫରୋକଶିୟାର ଖ୍ରୀ: ଅ: ୧୭୧୩-୧୮ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ସେ ଦୁର୍ବଳମନା ଥିଲେ ଓ ତାଙ୍କ ରାଜତ୍ୱରେ ଏଲାହାବାଦର ଶାସନକର୍ତ୍ତା ସୟଦ୍ ଅବଦୁଲ୍ଲା ଓ ବିହାରର ଶାସନକର୍ତ୍ତା ସୟଦ୍ ହୋସେନ ନାମକ ଦୁଇ ଭାଇ ରାଜ୍ୟରେ ସର୍ବେସର୍ବା ହେଲେ । ସେ ଶିଖନେତା ବାନ୍ଦାଙ୍କୁ ନିର୍ଦ୍ଦୟ ଭାବରେ ହତ୍ୟା କରିଥିଲେ ।

ମହମ୍ମଦସାହ ଖ୍ରୀ: ଅ: ୧୭୧୯ରୁ ୧୭୪୮ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ତାଙ୍କ ରାଜତ୍ୱରେ ମୋଗଲସାମ୍ରାଜ୍ୟର ବିଶେଷ ପତନ ଘଟିଥିଲା । ସୁବାଦାରମାନେ ସ୍ୱାଧୀନତା ଘୋଷଣା କଲେ । ଦାକ୍ଷିଣାତ୍ୟର ଶାସନକର୍ତ୍ତା ଅସଫ୍ ଖାଁ ନିଜାମ-ଉଲ-ମୁଲକ୍ ଖ୍ରୀ: ଅ: ୧୭୨୪ ରେ ସ୍ୱାଧୀନ ନିଜାମରାଜ୍ୟ ପ୍ରତିଷ୍ଠା କଲେ । ଅଯୋଧ୍ୟାର ଶାସକ ସାଦତ୍ ଖାଁ ସ୍ୱାଧୀନ ହେଲେ । ମୁର୍ସିଦ୍‌କୁଲିଖାଁ ବଙ୍ଗ, ବିହାର ଓ ଓଡ଼ିଶାର ସ୍ୱାଧୀନ ନବାବ ହେଲେ । ମରହଟ୍ଟାମାନେ ବିଶେଷ ଶକ୍ତିଶାଳୀ ହୋଇ ଦିଲ୍ଲୀ ପର୍ଯ୍ୟନ୍ତ ଅଗ୍ରସର ହେବାରୁ ସେ ସେମାନଙ୍କୁ ଚମ୍ବଲ ଓ ଯମୁନା ମଧ୍ୟବର୍ତ୍ତୀ ରାଜ୍ୟ ପ୍ରଦାନ କରିଥିଲେ ।

**ନାଦୀରସାହଙ୍କ ଭାରତ ଆକ୍ରମଣ**—ମୋଗଲ ସମ୍ରାଟଙ୍କର ଦୁର୍ବଳତା ଦେଖି ପାରସ୍ୟର ରାଜା ନାଦୀରସାହ ଖ୍ରୀ: ଅ: ୧୭୩୯ ରେ ଭାରତ ଆକ୍ରମଣ କଲେ । ସେ ମୋଗଲ ସେନାଙ୍କୁ ଅକ୍ଳେଶରେ ପରାସ୍ତ କରି ପ୍ରାୟ ଦୁଇ ମାସ ପର୍ଯ୍ୟନ୍ତ ଦିଲ୍ଲୀ ଅଧିକାର କରିଥିଲେ । ପ୍ରଥମେ କିଛି ଦିନ ସେ କିଛି କରି ନ ଥିଲେ । ଦିଲ୍ଲୀରେ ଥିବା ସମୟରେ ତାଙ୍କର ମୃତ୍ୟୁସଂବାଦ ଗୁଜବଆକାରେ ରାଷ୍ଟ୍ର ହୋଇଗଲା । ତହିଁ ଦିଲ୍ଲୀବାସୀ ତାଙ୍କର କେତେକ ସୈନ୍ୟଙ୍କୁ ମାରି ପକାଇଲେ । ଏଥିରେ ନାଦୀରସାହ ଉତ୍ତ୍ୟକ୍ତ ହୋଇ ସହସ୍ର ସହସ୍ର ଦିଲ୍ଲୀବାସୀଙ୍କୁ ନୃଶଂସ ଭାବରେ ହତ୍ୟା କରିଥିଲେ । ଦିଲ୍ଲୀ ସହର ଲୁଣ୍ଠିତ ହେଲା । ସେ ଭାରତରୁ ପ୍ରଚୁର ଧନରତ୍ନ, ମୟୂରସିଂହାସନ ଓ କୋହିନୁର ନାମକ ଜଗତ୍‌ପ୍ରସିଦ୍ଧ ହୀରକଖଣ୍ଡ ସ୍ୱଦେଶକୁ ନେଇଯାଇଥିଲେ । ସେ ସିନ୍ଧୁନଦୀର ପଶ୍ଚିମତୀରବର୍ତ୍ତୀ ପ୍ରଦେଶ ନିଜ ରାଜ୍ୟଭୁକ୍ତ କରିଥିଲେ । ନାଦୀରସାହଙ୍କ ଆକ୍ରମଣ ଫଳରେ ମୋଗଲସାମ୍ରାଜ୍ୟ ଲୁପ୍ତପ୍ରାୟ ହୋଇଗଲା ।

ମହମ୍ମଦସାହଙ୍କ ମୃତ୍ୟୁ ପରେ ତାଙ୍କ ପୁତ୍ର ଅହମ୍ମଦସାହ ଖ୍ରୀ: ଅ: ୧୭୪୮ରୁ ୧୭୫୪ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ସେ ରୋହିଲାମାନଙ୍କୁ ପରାସ୍ତ କରିଥିଲେ । ତାଙ୍କ ଶାସନରେ ଅହମ୍ମଦସାହ ଦୁରାଣୀ ପଞ୍ଜାବ ଆକ୍ରମଣ କରି ଅଧିକାର କରିଥିଲେ । ଅହମ୍ମଦଙ୍କ ମୃତ୍ୟୁପରେ ଆଲମଗୀର ଛଅ ବର୍ଷ ରାଜତ୍ୱ କରିଥିଲେ । ତାଙ୍କ ଅମଳରେ ମୋଗଲସାମ୍ରାଜ୍ୟ ସଙ୍କୁଚିତ ହୋଇ ଦିଲ୍ଲୀ ଚତୁଃପାର୍ଶ୍ୱବର୍ତ୍ତୀ କ୍ଷୁଦ୍ରରାଜ୍ୟରେ ପରିଣତ ହେଲା । ତାଙ୍କ ପରେ ସାହାଆଲମ ନାମମାତ୍ର ଦିଲ୍ଲୀର ସମ୍ରାଟ୍ ଥିଲେ । ସେ ପ୍ରଥମେ ମରହଟ୍ଟା, ପରେ ରୋହିଲା ଓ ସର୍ବଶେଷରେ ଇଂରେଜମାନଙ୍କ ଅଧୀନରେ ରହିଲେ । ତାଙ୍କ ସମୟରେ ତୃତୀୟ ପାନିପଥ ଯୁଦ୍ଧ ହୋଇଥିଲା । ତାଙ୍କଠାରୁ କ୍ଲାଇବ ବଙ୍ଗ, ବିହାର ଓ ଓଡ଼ିଶାର ଦେଓ୍ୱାନୀ ପାଇଥିଲେ ।

ତାଙ୍କ ପରେ ଏହି ବଂଶର କ୍ଷମତା ଲୁପ୍ତ ହେଲା ଓ ଇଂରେଜମାନେ ଭାରତରେ ସର୍ବେସର୍ବା ହେଲେ ।

**ମୋଗଲସାମ୍ରାଜ୍ୟ ପତନର କାରଣ**—ଅଉରଙ୍ଗଜେବଙ୍କ ଧର୍ମଧ୍ୱଂସନୀତି, ମୋଗଲସାମ୍ରାଜ୍ୟ ପତନର ପ୍ରଧାନ କାରଣ । ତାଙ୍କର ଏହି ନୀତି ଯୋଗୁଁ ମରହଟ୍ଟା, ରାଜପୁତ ଓ ଶିଖମାନେ ମୋଗଲ ସାମ୍ରାଜ୍ୟର ପ୍ରବଳ ଶତ୍ରୁ ହୋଇ କ୍ରମଶଃ ଏହାର ଧ୍ୱଂସସାଧନ କଲେ । ଅଉରଙ୍ଗଜେବଙ୍କ ଦୁର୍ବଳ ବଂଶଧରମାନେ ବିଦ୍ରୋହୀ ପ୍ରଦେଶମାନଙ୍କୁ ଦମନ ଏବଂ ନାଦିରସାହ ଓ ଅହମ୍ମଦସାହ ଦୁରାଣୀ ପ୍ରଭୃତି ବୈଦେଶିକ ପ୍ରବଳ ଆକ୍ରମଣକାରୀଙ୍କ ହସ୍ତରୁ ରାଜ୍ୟ ରକ୍ଷା କରିବାକୁ ଏକାନ୍ତ ଅସମର୍ଥ ଥିଲେ । ତେଣୁ ବିଶାଳ ମୋଗଲ ସାମ୍ରାଜ୍ୟ ଅଉରଙ୍ଗଜେବଙ୍କ ମୃତ୍ୟୁର ୫୦ ବର୍ଷ ମଧ୍ୟରେ ଖଣ୍ଡ ବିଖଣ୍ଡ ହୋଇ ଲୁପ୍ତ ହୋଇଗଲା ।

**ଛତ୍ରପତି ଶିବାଜୀ ଓ ମରହଟ୍ଟାଜାତିର ଅଭ୍ୟୁତ୍ଥାନ**—ପର୍ବତ ଓ ଅରଣ୍ୟପରିପୂର୍ଣ୍ଣ ମହାରାଷ୍ଟ୍ର ପ୍ରଦେଶ ଦାକ୍ଷିଣାତ୍ୟର ପଶ୍ଚିମ ଅଂଶରେ ସମୁଦ୍ରକୂଳରେ ଅବସ୍ଥିତ । ଏହାର ଉତ୍ତରରେ ବିନ୍ଧ୍ୟ ପର୍ବତ ଓ ଦକ୍ଷିଣରେ ଗୋଦାବରୀନଦୀ । ବମ୍ବେ, ପୁନା, ସତାରା, କୋଲ୍ହାପୁର, ସୋଲାପୁର, ନାସିକ ପ୍ରଭୃତି ଏହାର ପ୍ରଧାନ ସହର । ଏହି ରାଜ୍ୟର ଅଧିବାସୀମାନେ ମହାରାଷ୍ଟ୍ରୀୟ ବା ମରହଟ୍ଟା ନାମରେ ଅଭିହିତ । ସେମାନେ ଖର୍ବାକୃତି, ଧୀର, ପରିଶ୍ରମୀ, କଷ୍ଟସହିଷ୍ଣୁ ଓ ଯୁଦ୍ଧପ୍ରିୟ । ସେମାନେ ପ୍ରାଚୀନକାଳରେ ବଡ଼ ଶକ୍ତିଶାଳୀ ଥିଲେ । କିନ୍ତୁ ବହୁଶତାବ୍ଦୀକାଳ ମୁସଲମାନମାନଙ୍କ ଦ୍ୱାରା ପ୍ରପୀଡ଼ିତ ହୋଇ କ୍ରମଶଃ ଦୁର୍ବଳ ହୋଇ ଯାଇଥିଲେ । ମହାବୀର ଶିବାଜୀ ସ୍ୱୀୟ ଅସାଧାରଣ ପ୍ରତିଭା ଓ ଶକ୍ତିବଳରେ ସେମାନଙ୍କୁ ସାମରିକ ଶିକ୍ଷା ଦେଇ ଏକ ପ୍ରସିଦ୍ଧ ଜାତିରେ ପରିଣତ କରିଥିଲେ ଏବଂ ଅଷ୍ଟାଦଶ ଶତାବ୍ଦୀରେ ସେମାନେ ସମଗ୍ର ଭାରତରେ ନିଜର ଆଧିପତ୍ୟ ବିସ୍ତାର କରିଥିଲେ ।



ଶିବାଜୀ

ଶିବାଜୀ ଖ୍ରୀ: ଅ: ୧୬୨୭ରେ ମହାରାଷ୍ଟ୍ର ପ୍ରଦେଶର ଜୁନାର ନାମକ ପାର୍ବତ୍ୟ ଦୁର୍ଗରେ ଝହିସୁ ଛୁଳରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପିତା ସାହାଜୀ ବିଜାପୁର ସୁଲତାନଙ୍କୁ କର୍ଣ୍ଣାଟ ବିଜୟରେ ସାହାଯ୍ୟକରି କେତେକ ଜାୟଗିର ପାଇଥିଲେ । ଶିବାଜୀଙ୍କ ମାତା ଜୀଜାବାଈ ବୁଦ୍ଧିମତୀ, ଶିକ୍ଷିତା ଓ ବୀରରମଣୀ ଥିଲେ । ସେ ପୁତ୍ରକୁ ମାତୃଭୂମି, ହିନ୍ଦୁଧର୍ମ, ଗୋ ଓ ବ୍ରାହ୍ମଣଜାତିକୁ ମୁସଲମାନଙ୍କ ହସ୍ତରୁ ରକ୍ଷା କରିବା ପାଇଁ ବାଲ୍ୟକାଳରୁ ଶିକ୍ଷା ଦେଇଥିଲେ । ଶିବାଜୀ ଦାଦାଜୀକୋଣ୍ଡଦେବ ନାମକ ଜଣେ ବ୍ରାହ୍ମଣ ଗୁରୁଙ୍କ ନିକଟରୁ ଅଶ୍ୱାରୋହଣ, ଅସ୍ତ୍ରକ୍ରୀଡ଼ା, ଧନୁର୍ବିଦ୍ୟା ଓ କୁସ୍ତିଶିକ୍ଷା କରିଥିଲେ । ସେ ଲେଖାପଢ଼ା ଭଲ ଭାବରେ ଜାଣି ନ ଥିଲେ । ତଥାପି ରାମାୟଣ, ମହାଭାରତ, ପୁରାଣ ପ୍ରଭୃତିରୁ ହିନ୍ଦୁ ବୀରମାନଙ୍କ ବିଷୟ ଶୁଣି ଶୁଣି ସେ ଜଣେ ପ୍ରସିଦ୍ଧ ବୀର ହେବାର ଅଭିଳାଷ ପୋଷଣ କରିଥିଲେ । ସେ ଷୋଡ଼ଶବର୍ଷ ବୟସରେ ମାଓ୍ୱାଲୀ ନାମକ ବଣ୍ୟଜାତିକୁ ଯୁଦ୍ଧଶିକ୍ଷା ଦେଇ ଏକ ସୈନ୍ୟଦଳ ଗଠନ କରିଥିଲେ । ସେହି ସମୟରୁ ଜାତୀୟ-ସ୍ୱାଧୀନତାର ଉଦ୍ଧାର ଓ ସ୍ୱାଧୀନ ହିନ୍ଦୁରାଜ୍ୟ ସ୍ଥାପନ ତାଙ୍କ ଜୀବନର ପ୍ରଧାନ ଲକ୍ଷ୍ୟ ହେଲା ।

**ଶିବାଜୀ ଓ ବିଜାପୁର ସୁଲତାନ**—ଶିବାଜୀ ଏହି ସୈନ୍ୟଦଳ ସାହାଯ୍ୟରେ ପ୍ରଥମେ ଖ୍ରୀ: ଅ: ୧୬୪୮ରେ ବିଜାପୁରରାଜ୍ୟ ଅନ୍ତର୍ଗତ ତୋରଣାଦୁର୍ଗ ଅଧିକାର କଲେ ଓ ରାୟଗଡ଼ଠାରେ ଗୋଟିଏ ସୁଦୃଢ଼

ଦୁର୍ଗ ସ୍ଥାପନ କରିଥିଲେ । ତତ୍ପରେ ସେ ବିଜାପୁର ରାଜ୍ୟର କୋଷାଗାର ଲୁଣ୍ଠନ କଲେ ଓ କୋଙ୍କଣ ପ୍ରଦେଶ ଅଧିକାର କଲେ । ସୁଲତାନ ଏଥିରେ ବିରକ୍ତ ହୋଇ ତାଙ୍କ ପିତା ସାହାଜୀଙ୍କୁ ବନ୍ଦୀ କଲେ । ପିତାଙ୍କ ଉଦ୍ଧାର ନିମିତ୍ତ ଚତୁର ଶିବାଜୀ ସମ୍ରାଟ୍ ସାହାଜାହାନଙ୍କ ଶରଣାପନ୍ନ ହେବାରୁ ସୁଲତାନ ଭୟରେ ସାହାଜୀଙ୍କୁ କାରାମୁକ୍ତ କଲେ । ଏହାପରେ ଶିବାଜୀ ନିର୍ଭୟରେ ବିଜାପୁର ରାଜ୍ୟରେ ନିଜର କ୍ଷମତା ବୃଦ୍ଧି କରିବାକୁ ଲାଗିଲେ । ସୁଲତାନ ଶିବାଜୀଙ୍କୁ ଦମନ କରିବା ନିମିତ୍ତ ଖ୍ରୀ: ଅ: ୧୬୫୮ରେ ପ୍ରସିଦ୍ଧ ସେନାପତି **ଆଫଜଲଖାଁଙ୍କ** ଅଧୀନରେ ଦଶ ହଜାର ସୈନ୍ୟ ପଠାଇଲେ । ଅଫଜଲଖାଁଙ୍କ ସହିତ ଯୁଦ୍ଧ କରିବା ଯୁକ୍ତିଯୁକ୍ତ ମନେ ନ କରି ସେ ସନ୍ଧି କରିବାକୁ ସ୍ଥିର କଲେ । ଅଫଜଲ ସନ୍ଧି କରିବା ଛଳନାରେ ଶିବାଜୀଙ୍କୁ ଗୋଟିଏ ନିର୍ଜନ ସ୍ଥାନକୁ ଡାକି ସହସା ତାଙ୍କୁ ଆକ୍ରମଣ କଲେ । କିନ୍ତୁ ଚତୁର ଶିବାଜୀ 'ବାଘନଖ' ନାମକ ଗୁପ୍ତ ଅସ୍ତ୍ର ଦ୍ୱାରା ଅଫଜଲଖାଁଙ୍କୁ ବଧ କରିଥିଲେ ଓ ତାଙ୍କ ଲୁକ୍କାୟିତ ମରହଟ୍ଟା ସୈନ୍ୟମାନେ ଅଫଜଲଙ୍କ ସୈନ୍ୟମାନଙ୍କୁ ପରାସ୍ତ କଲେ । ଏହାପରେ ଶିବାଜୀ କେତେକ ରଣତରୀ ନିର୍ମାଣ କରିଥିଲେ ଓ ଗୋଆସ୍ଥିତ ପର୍ତ୍ତୁଗୀଜମାନଙ୍କଠାରୁ ଅନେକ ତୋପ କିଣି ଶକ୍ତିଶାଳୀ ହେଲେ । ତାଙ୍କର ପରାକ୍ରମ ଦେଖି ସୁଲତାନ ବାଧ୍ୟ ହୋଇ ଖ୍ରୀ: ଅ: ୧୬୬୨ରେ ତାଙ୍କ ସହିତ ସନ୍ଧି କରିଥିଲେ ଓ ପୁନାଠାରୁ କୃଷ୍ଣାନଦୀ ପର୍ଯ୍ୟନ୍ତ ସମସ୍ତ ରାଜ୍ୟ ଶିବାଜୀଙ୍କ ଅଧିକାରଭୁକ୍ତ ହେଲା ।

**ଶିବାଜୀ ଓ ଆଉରଙ୍ଗଜେବ**—ଏହି ସନ୍ଧି ପରେ ଶିବାଜୀ ମୋଗଲସାମ୍ରାଜ୍ୟରେ ଆକ୍ରମଣ ଓ ଲୁଣ୍ଠନ ଆରମ୍ଭ କଲେ । ଏଥିରେ ଆଉରଙ୍ଗଜେବ ବିରକ୍ତ ହୋଇ **ସାୟସ୍ତଖାଁ** ନାମକ ସେନାପତିଙ୍କୁ ଖ୍ରୀ: ଅ: ୧୬୬୨ ରେ ତାଙ୍କ ସହିତ ଯୁଦ୍ଧ କରିବାକୁ ପଠାଇଲେ । ସେ ପ୍ରଥମେ ଶିବାଜୀଙ୍କୁ ପରାସ୍ତ କରି ତାଙ୍କର କେତେକ ଦୁର୍ଗ ଅଧିକାର

କରିଥିଲେ । କିନ୍ତୁ ଶିବାଜୀ ରାତ୍ରିକାଳରେ ହଠାତ୍ ସାୟସ୍ତଖାଁଙ୍କ ଶୟନ-ଗୃହ ଆକ୍ରମଣ କଲେ । ସାୟସ୍ତଖାଁ ପ୍ରାଣଭୟରେ ଗବାକ୍ଷ ମାର୍ଗରେ ପଳାୟନ କଲାବେଳେ ତାଙ୍କର ତିନୋଟି ଅଙ୍ଗୁଳି କଟିଗଲା ଓ ତାଙ୍କ ପୁତ୍ର ନିହତ ହେଲେ । ଏହାପରେ ଶିବାଜୀ ସମୃଦ୍ଧିଶାଳୀ ସୁରାଟନଗର ଲୁଣ୍ଠନ କଲେ ଓ ନିଜ ନାମରେ ମୁଦ୍ରା ଚଳାଇଲେ । ଏଥିରେ ବିଶେଷ କ୍ରୁଦ୍ଧ ହୋଇ ବାଦସାହ ଜୟପୁରର ରାଜା ଜୟସିଂହଙ୍କୁ ତାଙ୍କ ବିରୁଦ୍ଧରେ ପ୍ରେରଣ କଲେ । ଏଥର ଶିବାଜୀ ପରାସ୍ତ ହୋଇ ପୁରନ୍ଦରଠାରେ ଜୟସିଂହଙ୍କ ସହିତ ସନ୍ଧି କରିଥିଲେ ( ଖ୍ରୀ: ଅ: ୧୬୬୫ ) । ଶିବାଜୀ ୧୨ଟି ଦୁର୍ଗବ୍ୟତୀତ ଅନ୍ୟ ସମସ୍ତ ଦୁର୍ଗ ଛାଡ଼ିଦେଲେ । ପରେ ସେ ମୋଗଲ-ମାନଙ୍କୁ ବିଜାପୁର ଆକ୍ରମଣରେ ସାହାଯ୍ୟ ଦେବାରୁ ଆଉରଙ୍ଗଜେବ ବିଶେଷ ପ୍ରୀତ ହୋଇ ତାଙ୍କୁ ଦିଲ୍ଲୀକୁ ଡକାଇ ଆଣିଲେ । ସେ ଶିବାଜୀଙ୍କୁ ଉପଯୁକ୍ତ ସମ୍ମାନ ଦେଖାଇବା ପରିବର୍ତ୍ତେ ବନ୍ଦୀ କଲେ । କିନ୍ତୁ ଶିବାଜୀ କୌଶଳରେ ମିଠେଇ ଝୋଟେଇ ମଧ୍ୟରେ ବନ୍ଦୀଶାଳାରୁ ମୁକ୍ତି ଲାଭ କରି ରାୟଗଡ଼କୁ ପଳାୟନ କଲେ ଓ ସେହି ସମୟରୁ ମୋଗଲମାନଙ୍କ ସହିତ ପ୍ରବଳ ଯୁଦ୍ଧ ଚଳାଇଲେ । ସେ ଗୋଟିକ ପରେ ଗୋଟିଏ ଦୁର୍ଗ ଅଧିକାର କଲେ । ଖ୍ରୀ: ଅ: ୧୬୭୦ରେ ସେ ଦ୍ଵିତୀୟବାର ସୁରାଟ ଲୁଣ୍ଠନ କରିଥିଲେ । ସେ ମୋଗଲ ସାମ୍ରାଜ୍ୟରୁ ଚୌଥ ଆଦାୟ କରିଥିଲେ ଏବଂ ଦଳେ ମୋଗଲ ସୈନ୍ୟଙ୍କୁ ସମ୍ମୁଖ ଯୁଦ୍ଧରେ ପରାସ୍ତ କରି ବେରାର, ଖାନ୍ଦେଶ ଓ ଗୁଜରାଟ ଆକ୍ରମଣ କରିଥିଲେ । ସେ ଖ୍ରୀ: ଅ: ୧୬୭୪ରେ ରାୟଗଡ଼ଠାରେ ରାଜା-ରୂପେ ଅଭିଷିକ୍ତ ହୋଇ 'ଛତ୍ରପତି' ଓ 'ଗୋବ୍ରାହ୍ମଣ ପ୍ରତିପାଳକ' ଉପାଧି ଗ୍ରହଣ କରିଥିଲେ । ସେ ଖ୍ରୀ: ଅ: ୧୬୮୦ ରେ ପ୍ରାଣତ୍ୟାଗ କଲେ । ମୃତ୍ୟୁପୂର୍ବରୁ ତାଙ୍କର ପ୍ରାୟ ଲକ୍ଷାଧିକ ସୈନ୍ୟ ଥିଲେ ଏବଂ ତାଙ୍କର ରାଜ୍ୟ, ସାତପୁରା ପର୍ବତଠାରୁ ତୁଙ୍ଗଭଦ୍ରାନଦୀ ପର୍ଯ୍ୟନ୍ତ ଓ ଆରବସାଗରଠାରୁ ପେନଗଙ୍ଗା ନଦୀ ପର୍ଯ୍ୟନ୍ତ ବିସ୍ତୃତ ଥିଲା ।

**ଚରିତ୍ର**—ଶିବାଜୀ ଜଣେ ନୈଷ୍ଠିକ ହିନ୍ଦୁ ଥିଲେ । ହିନ୍ଦୁମାନେ ତାଙ୍କୁ ଶିବଙ୍କ ଅବତାର ଓ ହିନ୍ଦୁଧର୍ମର ରକ୍ଷକ ବୋଲି ଭାବୁଥିଲେ । କିନ୍ତୁ ସେ ଅନ୍ୟାନ୍ୟ ଧର୍ମାବଲମ୍ବୀଙ୍କ ଧର୍ମରେ ଆଦୌ ହସ୍ତକ୍ଷେପ କରୁ ନ ଥିଲେ । ସେ ରାଜ୍ୟ ଜୟ କଲାବେଳେ ମୁସଲମାନ ସ୍ତ୍ରୀ ବାଳକଙ୍କ ପ୍ରତି କୌଣସି ଅତ୍ୟାଚାର କିମ୍ବା କୋରାନ୍ ବା ମସଜିଦ୍‌ର କୌଣସି ଅନିଷ୍ଟ କରୁ ନ ଥିଲେ । ତାଙ୍କର ଏହି ଉଦାରଧର୍ମନୀତି ଯୋଗୁଁ ମୁସଲମାନମାନେ ମଧ୍ୟ ତାଙ୍କୁ ଭକ୍ତି କରୁଥିଲେ । ଲୁଣ୍ଠନପ୍ରବୃତ୍ତି ଓ ଗୁପ୍ତ ଆକ୍ରମଣ ଯୋଗୁଁ ଶିବାଜୀଙ୍କୁ ଅନେକେ ନିନ୍ଦା କରନ୍ତି । କିନ୍ତୁ ତତ୍‌କାଳୀନ ରାଜନୀତି ଦୃଷ୍ଟିରେ ତାଙ୍କର ଏ ଦୁଇଟି କାର୍ଯ୍ୟକୁ ସମର୍ଥନ କରାଯାଇପାରେ । କାରଣ ପ୍ରବଳ-ପ୍ରତାପ ଆଓରଙ୍ଗଜେବଙ୍କ ବିଶାଳବାହିନୀକୁ ସମ୍ମୁଖଯୁଦ୍ଧରେ ପରାସ୍ତ କରିବା ତାଙ୍କର ସାଧ୍ୟାତୀତ ଥିଲା । ତେଣୁ ସେ ଅଗତ୍ୟା ସମ୍ମୁଖଯୁଦ୍ଧ ପରିବର୍ତ୍ତରେ ଗୁପ୍ତ ଆକ୍ରମଣ କରୁଥିଲେ । ଅତି ମଧ୍ୟ ନିଜର ସୈନ୍ୟଦଳ ପରିପୋଷଣ ପାଇଁ ସେ ସର୍ବଦା ଅର୍ଥାଭାବ ଅନୁଭବ କରୁଥିଲେ । ତେଣୁ ବାଧ୍ୟ ହୋଇ ସେ ଲୁଣ୍ଠନରେ ପ୍ରବୃତ୍ତ ହେଉଥିଲେ ।

**ଶିବାଜୀଙ୍କ ରାଜ୍ୟଶାସନ**—ସେ ହିନ୍ଦୁଶାସ୍ତ୍ରର ବିଧାନାନୁଯାୟୀ ରାଜ୍ୟ ଶାସନ କରୁଥିଲେ । ଅଷ୍ଟମନ୍ତ୍ରୀ ବା ପ୍ରଧାନଙ୍କ ଦ୍ୱାରା ଗଠିତ ମନ୍ତ୍ରୀସଭା ତାଙ୍କୁ ଶାସନକାର୍ଯ୍ୟରେ ସାହାଯ୍ୟ କରୁଥିଲା । ପ୍ରଧାନମନ୍ତ୍ରୀ ପେଶବା ନାମରେ ଅଭିହିତ ହେଉଥିଲେ । ମନ୍ତ୍ରୀମାନେ ଦେଓୟାନୀ, ଫୌଜଦାରୀ, ସୈନ୍ୟବିଭାଗ, ପ୍ରାଦେଶିକଶାସନ ପ୍ରଭୃତିର ତତ୍ତ୍ୱ ନେଉଥିଲେ । ତାଙ୍କର ସୈନ୍ୟବିଭାଗ ସୁଗଠିତ ଥିଲା । ସୈନ୍ୟମାନେ ଗରିଲାଯୁଦ୍ଧପ୍ରଣାଳୀରେ ନିପୁଣ ଥିଲେ ଏବଂ ଅଶ୍ୱାରୋହୀ ଓ ପଦାତିକ ଦୁଇଭାଗରେ ବିଭକ୍ତ ଥିଲେ । ଅଶ୍ୱାରୋହୀମାନଙ୍କ ମଧ୍ୟରେ 'ବର୍ଗୀ' ଓ 'ସିଲେଦାର' ଦୁଇପ୍ରକାର ସୈନ୍ୟ ଥିଲେ । ସେ ସୈନ୍ୟମାନଙ୍କୁ ଦରମା ଦେଉଥିଲେ ଓ ଜାୟଗିର୍ ପ୍ରଥା ଉଠାଇ ଦେଇଥିଲେ । ଦଣ୍ଡକଣ

ସୈନିକଙ୍କ ଉପରେ ଜଣେ ନାୟକ, ପାଞ୍ଚଜଣ ନାୟକଙ୍କ ଉପରେ ଜଣେ ହାବେଲଦାର, ଦୁଇଜଣ ହାବେଲଦାରଙ୍କ ଉପରେ ଜଣେ ଜୁମଲଦାର, ଦଶଜଣ ଜୁମଲଦାରଙ୍କ ଉପରେ ଜଣେ ଏକହଜାରୀ ସେନାପତି ଥିଲେ । ୫ ଜଣ ଏକହଜାରୀଙ୍କ ଉପରେ ଜଣେ ସରନୌବତ୍ ବା ମୁଖ୍ୟ ଥିଲେ । ଶିବାଜୀ କେନ୍ଦ୍ରସ୍ଥାନମାନଙ୍କରେ ଅନେକ ଦୁର୍ଗ ନିର୍ମାଣ କରିଥିଲେ । ତାଙ୍କର ଅନେକଗୁଡ଼ିଏ ଯୁଦ୍ଧଜାହାଜ ଥିଲା ।

ସେ ଶାସନ ପାଇଁ ରାଜ୍ୟକୁ କେତେଗୁଡ଼ିଏ ପ୍ରାନ୍ତରେ ବିଭକ୍ତ କରିଥିଲେ । ପ୍ରତ୍ୟେକ ପ୍ରାନ୍ତ ପ୍ରଗନା, ତାଲୁକ ପ୍ରଭୃତିରେ ବିଭକ୍ତ ଥିଲା । ପ୍ରତ୍ୟେକ ଗ୍ରାମରେ ଜଣେ ଲେଖାଏଁ ପଟେଲ ବା ଗ୍ରାମାଧିକାରୀ ଥିଲେ । ସେମାନେ ରାଜସ୍ୱ ଅଦାୟ ଓ ଗ୍ରାମରେ ଶାନ୍ତିରକ୍ଷା କରୁଥିଲେ । କେତେ-ଗୁଡ଼ିଏ ଗ୍ରାମାଧିକାରୀ ଜଣେ ଦେଶାଧିକାରୀଙ୍କ ଅଧୀନରେ ଥିଲେ । ଉତ୍ପନ୍ନ ଶସ୍ୟର ⅖ ଅଂଶ ରାଜସ୍ୱରୂପେ ନିର୍ଦ୍ଧାରିତ ହୋଇ ଥିଲା । ସେ ପାର୍ଶ୍ୱବର୍ତ୍ତୀ ରାଜ୍ୟମାନଙ୍କରୁ 'ଚୌଥ' ଓ 'ସରଦେଶମୁଖୀ' ନାମକ ଦୁଇଟି କର ଅଦାୟକରି ରାଜକୋଷ ପୂର୍ଣ୍ଣ କରୁଥିଲେ । କୌଣସି ରାଜ୍ୟ ଆୟର ଏକ-ଚତୁର୍ଥାଂଶ ବା ଚୌଥ ଦେଲେ ମରହଟ୍ଟାମାନେ ସେ ରାଜ୍ୟ ଆକ୍ରମଣ କରୁ ନ ଥିଲେ । ବିଚାରକାର୍ଯ୍ୟ ପଞ୍ଚାୟତମାନଙ୍କଠାରେ ନ୍ୟସ୍ତ ହୋଇଥିଲା । ତାଙ୍କର ଶାସନ ପ୍ରଣାଳୀ ଉତ୍କୃଷ୍ଟ ଧରଣର ଥିଲା ଓ ତାଙ୍କର ଉତ୍ତରାଧିକାରୀମାନେ ଏହା ଅନୁସରଣ କରିଥିଲେ ।

**ପେଶବାବଂଶ**—ଶିବାଜୀଙ୍କ ମୃତ୍ୟୁପରେ ତାଙ୍କ ପୁତ୍ର ଶମ୍ଭୁଜୀ ଅଉରଙ୍ଗଜେବଙ୍କ ଦ୍ୱାରା ନିହତ ହୋଇଥିଲେ ( ଖ୍ରୀ: ଅ: ୧୬୮୯ ) ଓ ତାଙ୍କ ନାତି ସାହୁଜୀ ବନ୍ଦୀ ହୋଇଥିଲେ । ଅଉରଙ୍ଗଜେବଙ୍କ ମୃତ୍ୟୁପରେ ବାହାଦୁର ସାହ ସାହୁଜୀଙ୍କୁ କାରାମୁକ୍ତ କଲେ । ସେ ୧୭୦୮ ଖ୍ରୀଷ୍ଟାବ୍ଦରେ ରାଜାରୂପେ ଅଭିଷିକ୍ତ ହେଲେ । କିନ୍ତୁ ସେ ରାଜ୍ୟଶାସନ ପାଇଁ ଏକାନ୍ତ ଅସମର୍ଥ ଥିବାରୁ ପେଶବା ବା ବ୍ରାହ୍ମଣ ପ୍ରଧାନମନ୍ତ୍ରୀ

ବାଲାଜୀବିଶ୍ୱନାଥଙ୍କ ହସ୍ତରେ ଶାସନଭାର ଅର୍ପଣ କରି ନିଜେ ଭୋଗ-ବିଳାସରେ ରତ ହେଲେ । ବାଲାଜୀ ଜଣେ ବିଚକ୍ଷଣ ଶାସନକର୍ତ୍ତା ଥିଲେ । ସେ ଖ୍ରୀ: ଅ: ୧୭୧୪ ରୁ ୧୭୨୦ ପର୍ଯ୍ୟନ୍ତ ରାଜ୍ୟଶାସନ କଲେ । ତାଙ୍କ ପରେ ତାଙ୍କ ପୁତ୍ର **ପ୍ରଥମ ବାଜୀରାଓ** (ଖ୍ରୀ: ଅ: ୧୭୨୦—୧୭୪୦ ) ପେଶବା ହେଲେ । ସେ ଜଣେ ସୁଦକ୍ଷ ସେନାପତି ଓ ବିଚକ୍ଷଣ ରାଜନୀତିଜ୍ଞ ଥିଲେ । ମୋଗଲ ସାମ୍ରାଜ୍ୟର ଧ୍ୱଂସାବଶେଷ ଉପରେ ନୂତନ ମରହଟ୍ଟାସାମ୍ରାଜ୍ୟ ପ୍ରତିଷ୍ଠା ତାଙ୍କ ଜୀବନର ପ୍ରଧାନ ଲକ୍ଷ୍ୟ ଥିଲା । ସେ ଗୁଜରାଟ, ମାଳବ ଓ ବୁନ୍ଦେଲଖଣ୍ଡ ଜୟ କରିଥିଲେ ଓ ଦିଲ୍ଲୀ ଆକ୍ରମଣ କରିଥିଲେ । ଦିଲ୍ଲୀ ସମ୍ରାଟ୍ ମହମ୍ମଦ ତାଙ୍କ ସହିତ ସନ୍ଧି କରିଥିଲେ । ସେ ପର୍ତ୍ତୁଗୀଜମାନଙ୍କୁ ପରାସ୍ତ କରି ସାଲସେଟ୍ ଓ ବେସିନ୍ ନାମକ ଦୁଇଟି ସ୍ଥାନ ପାଇଥିଲେ । ସେ ରାଜ୍ୟର ପ୍ରକୃତ ଶାସନକର୍ତ୍ତା ହେଲେ । ସାହୁ ନାମକୁ ମାତ୍ର ରାଜା ହୋଇ ରହିଲେ ।

ତାଙ୍କପରେ ତାଙ୍କ ପୁତ୍ର **ବାଲାଜୀ ବାଜୀରାଓ** ( ଖ୍ରୀ: ଅ: ୧୭୪୦—୧୭୬୧ ) ପେଶବା ହେଲେ । ସେ ପିତାଙ୍କ ତୁଲ୍ୟ କୂଟ-ନୀତିଜ୍ଞ, ଉଚ୍ଚାଭିଳାଷୀ ଓ କର୍ମଦକ୍ଷ ଥିଲେ । ସାହୁଙ୍କ ମୃତ୍ୟୁପରେ (୧୭୪୮) ସେ ନିଜକୁ ରାଜା ବୋଲି ଘୋଷଣା କଲେ ଓ ପୁନା ତାଙ୍କର ରାଜଧାନୀ ହେଲା । ସେ ନିଜାମଙ୍କୁ ପରାସ୍ତ କରିଥିଲେ । ତାଙ୍କ ଭାଇ ରଘୁନାଥରାଓ ସମ୍ରାଟ୍ ଆଲମଗିରଙ୍କ ଅନୁରୋଧରେ ପଞ୍ଜାବ ଆକ୍ରମଣ କରି ସେଠାରୁ ଅହମଦ୍ ସାହ ଅବଦାଲୀଙ୍କ ପୁତ୍ରକୁ ତଡ଼ି ଦେଇଥିଲେ (୧୭୫୯) । ଅଳ୍ପ-କାଳ ମଧ୍ୟରେ ଦିଲ୍ଲୀ ମରହଟ୍ଟାମାନଙ୍କ ହସ୍ତଗତ ହେଲା । ତାଙ୍କ ସମୟରେ ମରହଟ୍ଟାସାମ୍ରାଜ୍ୟ ଉନ୍ନତିର ଚରମସୀମାରେ ପହଞ୍ଚି ଥିଲା ଓ ହିମାଳୟଠାରୁ କୁମାରିକା ପର୍ଯ୍ୟନ୍ତ ସମଗ୍ର ଭାରତ ସେମାନଙ୍କର ଆଧିପତ୍ୟ ସ୍ୱୀକାର କରିଥିଲା ।

**ତୃତୀୟ ପାନିପଥ ଯୁଦ୍ଧ**—ଅହମ୍ମଦସାହଦୁରାଣୀ (ଅବଦାଲୀ) ନାମକ ଅଫଗାନିସ୍ଥାନର ଜଣେ ଶକ୍ତିଶାଳୀ ରାଜା ପଞ୍ଜାବ ଜୟ

କରି ତାଙ୍କ ପୁତ୍ରକୁ ପଞ୍ଜାବର ଶାସନକର୍ତ୍ତା ରୂପେ ନିଯୁକ୍ତ କରିଥିଲେ । କିନ୍ତୁ ମରହଟ୍ଟାସେନାପତି ରଘୁନାଥ ରାଓ ପଞ୍ଜାବ ଅଧିକାର କରି ସେଠାରୁ ଅହମ୍ମଦସାହଙ୍କ ପୁତ୍ରକୁ ତଡ଼ିଦେଇଥିଲେ (୧୭୫୯) । ଏଥିରେ କ୍ରୁଦ୍ଧ-ହୋଇ ସେ ମରହଟ୍ଟାମାନଙ୍କ ସହିତ ଯୁଦ୍ଧ କରିବାକୁ ଅଗ୍ରସର ହେଲେ । ରୋହିଲା, ଅଯୋଧ୍ୟାର ନବାବ ଓ ଅନ୍ୟାନ୍ୟ ମୁସଲମାନମାନେ ବିଧର୍ମୀ ମରହଟ୍ଟାମାନଙ୍କ ହସ୍ତରୁ ଆତ୍ମରକ୍ଷା ନିମିତ୍ତ ତାଙ୍କୁ ସାହାଯ୍ୟ ଦେଇଥିଲେ । ସୁପ୍ରସିଦ୍ଧ ପାନିପଥ ଯୁଦ୍ଧକ୍ଷେତ୍ରରେ ପୁନର୍ବାର ଯୁଦ୍ଧ ହେଲା (୧୭୬୧) । ମରହଟ୍ଟା ସେନାପତି ସଦାଶିବରାଓ ବହୁ ସହସ୍ର ସୈନ୍ୟ ଘେନି ଯୁଦ୍ଧ-କ୍ଷେତ୍ରରେ ଅବତୀର୍ଣ୍ଣ ହେଲେ । ମୁସଲମାନ ସୈନ୍ୟ ସଂଖ୍ୟା ପ୍ରାୟ ୮୦ ହଜାର ଥିଲା । ଉଭୟପକ୍ଷ ବହୁଦିନ ପରସ୍ପର ଆକ୍ରମଣ ଅପେକ୍ଷାରେ ରହିଲେ । ପରିଶେଷରେ ସଦାଶିବ ପ୍ରଥମେ ଆକ୍ରମଣ ଚଳାଇଲେ । ପ୍ରଥମେ ପ୍ରଥମେ ବହୁସଂଖ୍ୟକ ମୁସଲମାନ ସୈନ୍ୟ ନିହତ ହୋଇଥିଲେ । କିନ୍ତୁ ଅହମ୍ମଦସାହ ଗୋଟିଏ କୌଶଳ କରିଥିଲେ । ସେ ଅଧେ ସୈନ୍ୟ ଯୁଦ୍ଧକ୍ଷେତ୍ରକୁ ପଠାଇ ବାଛି ବାଛି ଅଧେ ଉପଯୁକ୍ତ ସୈନ୍ୟ ପଛକୁ ରଖିଥିଲେ । ମରହଟ୍ଟାସୈନ୍ୟମାନେ ସକାଳୁ ଗୋଠାକ ପର୍ଯ୍ୟନ୍ତ ଯୁଦ୍ଧ କରି କ୍ଷୁଧାତୁର, କ୍ଳାନ୍ତ ଓ ଅବସନ୍ନ ହୋଇ ପଡ଼ିଲେ । ଏପରି ସମୟରେ ଅହମ୍ମଦ-ସାହ ନିଜର ସୁସଜ୍ଜିତ ସୈନ୍ୟ ଦଳ ଆଣି ମରହଟ୍ଟାମାନଙ୍କୁ ଭୀଷଣ-ଭାବରେ ଆକ୍ରମଣ କଲେ । ଏଥିମଧ୍ୟରେ ହୋଲକାର ଓ ଗାଇକୋୟାଡ଼ଙ୍କ ଅଧୀନସ୍ଥ ସମସ୍ତ ସୈନ୍ୟ ପଳାୟନ କରିଥିବାରୁ ମରହଟ୍ଟାମାନେ ହୀନବଳ ହୋଇ ଯାଇଥିଲେ । ତେଣୁ ଅହମ୍ମଦସାହ ଅକ୍ଳେଶରେ ସହସ୍ର ସହସ୍ର ମରହଟ୍ଟା ସୈନ୍ୟ ବଧ କରିଥିଲେ । ଏହି ଯୁଦ୍ଧରେ ସଦାଶିବ ରାଓ, ବାଲାଜୀଙ୍କ ପୁତ୍ର ବିଶ୍ୱାସ ରାଓ ଏବଂ ଅଧିକାଂଶ ମରହଟ୍ଟା ବୀର ନିହତ ହୋଇଥିଲେ । ଏହି ପରାଜୟ ଫଳରେ ମରହଟ୍ଟାଶକ୍ତି ଏକାନ୍ତ ଦୁର୍ବଳ ହୋଇ ପଡ଼ିଲା ଓ ସେମାନଙ୍କର ହିନ୍ଦୁରାଜ୍ୟ ସ୍ଥାପନର ଚେଷ୍ଟା ବିଫଳ

ହେଲା । ଏହି ଯୁଦ୍ଧର ସଂବାଦ ପାଇ ବାଲାଜୀ ବାଜୀରାଓ ଘୋର ଦୁଃଖ ଓ ନୈରାଶ୍ୟରେ ପ୍ରାଣତ୍ୟାଗ କରିଥିଲେ ।

ପ୍ରଥମ ପାନିପଥ ଯୁଦ୍ଧରେ ରାଣା ସଂଗ୍ରାମସିଂହ, ଦ୍ୱିତୀୟ ପାନିପଥ-ଯୁଦ୍ଧରେ ହେମଚନ୍ଦ୍ର ଓ ତୃତୀୟ ପାନିପଥଯୁଦ୍ଧରେ ବାଲାଜୀ ବାଜୀରାଓଙ୍କ-ଦ୍ୱାରା ଭାରତରେ ହିନ୍ଦୁସାମ୍ରାଜ୍ୟ ସ୍ଥାପନ ଚେଷ୍ଟା ବିଫଳ ହୋଇଥିଲା । ପାନିପଥ ଯୁଦ୍ଧକ୍ଷେତ୍ରରେ ତିନଥର ଭାରତର ଭାଗ୍ୟ ନିର୍ଣ୍ଣୀତ ହୋଇଥିଲା ।

ଯୁଦ୍ଧ ପରେ ଅହମ୍ମଦସାହ ସ୍ୱଦେଶକୁ ଚାଲିଗଲେ । ଏହି ଯୁଦ୍ଧ ଫଳରେ ପେଶବାଙ୍କର ଶକ୍ତି ହ୍ରାସ ହୋଇଥିଲା । ତାଙ୍କର ଅଧୀନସ୍ଥ ଗୋୟାଲିଅରର ସିନ୍ଧିଅବଂଶ, ଇନ୍ଦୋରର ହୋଲକାରବଂଶ, ବରୋଦାର ଗାଇକୋୟାର୍ଡ଼ବଂଶ, ନାଗପୁରର ଭୋନ୍ସଲବଂଶ କ୍ଷମତାଶାଳୀ ହୋଇ ନିଜ ନିଜର ସ୍ୱାଧୀନତା ଘୋଷଣା କଲେ । ପେଶବା ବଂଶ ପୁନା ଅଞ୍ଚଳରେ ରାଜତ୍ୱ କରିବାକୁ ଲାଗିଲେ । ଏହି ପ୍ରକାରେ ବିରାଟ ମରହଟ୍ଟାସାମ୍ରାଜ୍ୟ ପାଞ୍ଚଟି ରାଜ୍ୟରେ ବିଭକ୍ତ ହେଲା ଓ ମରହଟ୍ଟାମାନଙ୍କର ଏକତା ନଷ୍ଟ ହେଲା । ଏହି ଯୁଦ୍ଧରେ ଭାରତର ସର୍ବଶ୍ରେଷ୍ଠ ମରହଟ୍ଟାଶକ୍ତି ଦୁର୍ବଳ ହେବାରୁ ଇଂରେଜମାନଙ୍କ ପକ୍ଷରେ ରାଜ୍ୟ ବିସ୍ତାର ସହଜ ହେଲା ।

**ମୋଗଲଯୁଗରେ ଭାରତର ଅବସ୍ଥା**—ପଠାଣ ଯୁଗ ଅପେକ୍ଷା ମୋଗଲଯୁଗରେ ଭାରତ ଅଧିକ ଉନ୍ନତ ଓ ସମୃଦ୍ଧିଶାଳୀ ଥିଲା । ମୋଗଲସମ୍ରାଟମାନେ ଆକବରଙ୍କଦ୍ୱାରା ପ୍ରଚଳିତ ଶାସନ ପ୍ରଣାଳୀ ଅନୁସରଣ କରିଥିଲେ । ଏହାଦ୍ୱାରା ସର୍ବସାଧାରଣଙ୍କ ସାମାଜିକ ଓ ଆର୍ଥିକ ଅବସ୍ଥାରେ କୌଣସି ପରିବର୍ତ୍ତନ ଘଟି ନ ଥିଲେ ମଧ୍ୟ ଏହା ଶାନ୍ତିପ୍ରଦ, ସୁଗଠିତ ଏବଂ ଅଧିକ କାର୍ଯ୍ୟକାରୀ ଥିଲା ।

ମୋଗଲ ସମ୍ରାଟମାନଙ୍କ ଦ୍ୱାରା ସ୍ଥାପତ୍ୟବିଦ୍ୟା ଓ ଚିତ୍ରକଳାର ବିଶେଷ ଉନ୍ନତି ସାଧିତ ହୋଇଥିଲା । ଆକବର, ଜାହାଙ୍ଗୀର ସାହଜାହାନଙ୍କ ଦ୍ୱାରା ନିର୍ମିତ ଫତେପୁରସିକ୍ରୀ ଓ ଆଗ୍ରାର ଅଟ୍ଟାଳିକାରାଜି

ସ୍ଥାପତ୍ୟ ଓ ଶିଳ୍ପ ପାଇଁ ପୃଥିବୀ ବିଖ୍ୟାତ । ଏ ଯୁଗରେ ରାଜାନୁଗ୍ରହ ପ୍ରାପ୍ତହୋଇ ଶତ ଶତ ହିନ୍ଦୁ ଓ ମୁସଲମାନ ଚିତ୍ରକର ସୁନ୍ଦର ଓ ଚମତ୍କାର ଚିତ୍ରମାନ ଅଙ୍କନ କରିଥିଲେ । ସେଥିରୁ ଅଧିକାଂଶ ଆଜିପର୍ଯ୍ୟନ୍ତ ସୁରକ୍ଷିତ ହୋଇ ରହିଛି ।

ସ୍ଥାପତ୍ୟ ଓ ଚିତ୍ରକଳା ପରି ପାର୍ସୀ ଓ ଉର୍ଦ୍ଦୁ ସାହିତ୍ୟର ବିଶେଷ ଉନ୍ନତି ହୋଇଥିଲା । ଏହି ବଂଶୀୟ ବାବର ଓ ଜାହାଙ୍ଗୀର ସୁଲେଖକ ଥିଲେ । ଆକବର ନିରକ୍ଷର ଥିଲେ ମଧ୍ୟ ସାହିତ୍ୟର ଉନ୍ନତି ପାଇଁ ଅଜସ୍ର ଅର୍ଥ ବ୍ୟୟ କରିଥିଲେ । ହୁମାୟୁନଙ୍କ ଭଗ୍ନୀ 'ହୁମାୟୁନନାମା' ନାମକ ଇତିହାସ ଓ ଆଉରଙ୍ଗଜେବଙ୍କ କନ୍ୟା ଜେବୁନ୍ନିସା ଅନେକ ସୁନ୍ଦର କବିତା ରଚନା କରିଥିଲେ । ଆକବରଙ୍କ ସମୟରେ ଦାକ୍ଷିଣାତ୍ୟ-ବାସୀ ଫେରିସ୍ତା ଓ ଆଉରଙ୍ଗଜେବଙ୍କ ସମସାମୟିକ କାଫିଖାଁ ଦୁଇଜଣ ପ୍ରସିଦ୍ଧ ଐତିହାସିକ ଥିଲେ । କେତେକ ହିନ୍ଦୁ ପାର୍ସୀ ଭାଷାରେ ଇତିହାସ ଗ୍ରନ୍ଥମାନ ଲେଖିଥିଲେ । ଏ ଯୁଗରେ ହିନ୍ଦୀ, ବଙ୍ଗଳା, ଓଡ଼ିଆ, ମରହଟ୍ଟା ପ୍ରଭୃତି ପ୍ରାଦେଶିକ ସାହିତ୍ୟମାନଙ୍କର ବିଶେଷ ଉନ୍ନତି ହୋଇଥିଲା । ଅନେକ ମୁସଲମାନ କବି ହିନ୍ଦୀ, ମରହଟ୍ଟୀ ଓ ବଙ୍ଗଳା ଭାଷାରେ ଶତ ଶତ ଗ୍ରନ୍ଥ ଲେଖିଥିଲେ ।

ଏ ଯୁଗରେ ହିନ୍ଦୁ ମୁସଲମାନ ଉଭୟ ସମ୍ପ୍ରଦାୟ ମଧ୍ୟରେ ସଦ୍ଭାବ ଓ ସହଯୋଗ ବୃଦ୍ଧିଲାଭ କରିଥିଲା । ଜାହାଙ୍ଗୀର ହିନ୍ଦୁ ରାଜାମାନଙ୍କ ପରି ତୁଳାପୁରୁଷ ଦାନ କରୁଥିଲେ ଓ ଜ୍ୟୋତିଷରେ ବିଶ୍ୱାସ କରୁଥିଲେ । ମୁସଲମାନମାନେ କ୍ରମଶଃ ହିନ୍ଦୁଯାତ୍ରା ଓ ଉତ୍ସବମାନଙ୍କରେ ଯୋଗ ଦେବାକୁ ଲାଗିଲେ । ହିନ୍ଦୁମାନଙ୍କ ରୀତିନୀତି, ପାନାହାର, ଆଚାର ବ୍ୟବହାର, ଭାଷା ଓ ବେଶଭୂଷା ଉପରେ ମୁସଲମାନ ସଭ୍ୟତାର ପ୍ରଭାବ ଅଳ୍ପ ବିସ୍ତର ପଡ଼ିଥିଲା । ଧର୍ମପ୍ରଚାରକମାନଙ୍କ ପ୍ରବଳପ୍ରୟାସ ଯୋଗୁଁ ଉଭୟ ସମ୍ପ୍ରଦାୟ ମଧ୍ୟରେ ବିଦ୍ୱେଷ ଭାବ ଅନେକ କମିଗଲା ।

ହକିନ୍‌ସ୍, ସାର୍ ଟମାସ୍‌ରୋ, ଟ୍ରାଭର୍ନିୟର, ବର୍ଣ୍ଣିୟର୍ ପ୍ରଭୃତି ଇଉରୋପୀୟ ପରିବ୍ରାଜକମାନଙ୍କ ବୃତ୍ତାନ୍ତରୁ ଏ ଯୁଗର ଲୋକସାଧାରଣଙ୍କ ଅବସ୍ଥା ସମ୍ବନ୍ଧରେ ବିଶେଷ ବିବରଣ ମିଳେ । ସେଥିରୁ ଜଣାଯାଏ ଯେ ମୋଗଲରାଜକୋଷ ଅପରିମିତ ଧନରତ୍ନରେ ପରିପୂର୍ଣ୍ଣ ଥିଲେ ମଧ୍ୟ ସାଧାରଣ ଲୋକଙ୍କ ଅବସ୍ଥା ଭଲ ନ ଥିଲା । କୃଷକ, କାରିଗର ପ୍ରଭୃତି ଶ୍ରେଣୀର ଲୋକମାନେ ରାଜକର୍ମଚାରୀ, ଜମିଦାର, ଜାଗିରଦାରମାନଙ୍କ ଦ୍ୱାରା ନାନାପ୍ରକାରରେ ଉତ୍ପୀଡ଼ିତ ହେଉଥିଲେ । ପ୍ରଜାମାନଙ୍କ ଧନ, ଜୀବନ, ମାନ ସେମାନଙ୍କର ଅଧୀନ ଥିଲା । ଦସ୍ତୁର ଓ ବକ୍‌ସିସ୍ ନେବା ପ୍ରଥା ସର୍ବତ୍ର ପ୍ରଚଳିତ ଥିଲା । ବିକ୍ରୀମାଲ ଉପରେ ନାନା ସ୍ଥାନରେ ମାଶୁଲ ଆଦାୟ ହେଉଥିଲା । ଲୋକମାନେ ଅତ୍ୟାଚାରର କୌଣସି ପ୍ରତିକାର କରି ପାରୁ ନ ଥିଲେ । ନଗରବାସୀମାନେ ପଲ୍ଲୀବାସୀମାନଙ୍କ ଅପେକ୍ଷା ଅଧିକ ସୁଖରେ ଥିଲେ । ପ୍ରୟୋଜନୀୟ ପଦାର୍ଥମାନଙ୍କର ମୂଲ୍ୟ ଅତି ଅଳ୍ପ ଥିଲା । କୁଟୀରଶିଳ୍ପଗୁଡ଼ିକ ଉନ୍ନତ ଥିଲା । ହିନ୍ଦୁମାନେ ସମୁଦ୍ରବାଣିଜ୍ୟରେ ଏକାଧିପତ୍ୟ ହରାଇଥିଲେ । ଏ ଯୁଗରେ ଭାରତକୁ ଜଳପଥ ଆବିଷ୍କୃତ ହେବାରୁ ଡଚ୍, ପର୍ତ୍ତୁଗୀଜ ଓ ଇଂରେଜ ପ୍ରଭୃତି ଇଉରୋପୀୟମାନଙ୍କଦ୍ୱାରା କ୍ରମଶଃ ବୈଦେଶିକ ବାଣିଜ୍ୟ ପରିଚାଳିତ ହେଲା ।


ବାଣିଜ୍ୟ ପଥ
ଆଫ୍ରିକା
ଆରବ ସାଗର
ଭାରତ
ମହାସାଗର

# ଦ୍ୱିତୀୟ ଭାଗ

## ପ୍ରଥମ ଅଧ୍ୟାୟ

### ଭାରତକୁ ଜଳପଥ ଆବିଷ୍କାର ଓ ଇଉରୋପୀୟ ଜାତିମାନଙ୍କର ଭାରତକୁ ଆଗମନ

ଅତି ପ୍ରାଚୀନ କାଳରୁ ଭାରତ ସହିତ ଇଉରୋପର ବାଣିଜ୍ୟ ସମ୍ବନ୍ଧ ପ୍ରତିଷ୍ଠିତ ଥିଲା । ଭାରତୀୟ ବଣିକମାନଙ୍କଦ୍ୱାରା ଏହି ବାଣିଜ୍ୟର କିୟଦଂଶ ସ୍ଥଳ-ପଥରେ ଓ ଅବଶିଷ୍ଟାଂଶ ଜଳ-ପଥରେ ପରିଚାଳିତ ହେଉଥିଲା । କିନ୍ତୁ ସପ୍ତମ ଶତାବ୍ଦୀଠାରୁ ଏସିଆ ମହାଦେଶର ପଶ୍ଚିମଭାଗ ମିସର ଓ ବଲ୍‌କାନ ଅଞ୍ଚଳରେ ମୁସଲମାନପ୍ରାଧାନ୍ୟ ସ୍ଥାପିତ ହେଲା । ମୁସଲମାନ ବଣିକମାନେ ଭାରତୀୟବଣିକମାନଙ୍କ ସହିତ ବାଣିଜ୍ୟ କ୍ଷେତ୍ରରେ ଭୀଷଣ ପ୍ରତିଦ୍ୱନ୍ଦ୍ୱିତା କଲେ ଏବଂ କାଳକ୍ରମେ ଇଉରୋପ ଓ ଭାରତ ମଧ୍ୟରେ ପରିଚାଳିତ ବାଣିଜ୍ୟ ସେମାନଙ୍କର ହସ୍ତଗତ ହେଲା ।

ମୁସଲମାନ ବଣିକମାନେ ଜଳ ଓ ସ୍ଥଳ ପଥରେ ଭାରତୀୟ ପଣ୍ୟ ଦ୍ରବ୍ୟମାନ ନେଇ ଭିନିସ୍ ଓ ଜେନୋଆ ପ୍ରଭୃତି ବନ୍ଦରମାନଙ୍କରେ ବହୁ ମୂଲ୍ୟରେ ବିକ୍ରୟ କରୁଥିଲେ । ସେହି ବନ୍ଦରମାନଙ୍କରୁ ଇଉରୋପର ବିଭିନ୍ନ ଅଞ୍ଚଳକୁ ସେଗୁଡ଼ିକ ବିକ୍ରୟାର୍ଥେ ପ୍ରେରିତ ହେଉଥିଲା । ଇଉରୋପୀୟ-ମାନେ ଭାରତୀୟ ଦ୍ରବ୍ୟମାନ ଅଳ୍ପମୂଲ୍ୟରେ ପାଇବାପାଇଁ ସର୍ବଦା ଇଚ୍ଛା କରୁଥିଲେ । ତେଣୁ ସେମାନେ ଭାରତସହିତ ସାକ୍ଷାତ୍ ଭାବରେ ଅବାଧ-ବାଣିଜ୍ୟ କରିବାପାଇଁ ବହୁବାର ଚେଷ୍ଟା କରିଥିଲେ । ସ୍ଥଳପଥରେ ଆରବ, ପାରସ୍ୟ, ପ୍ରଭୃତି କ୍ଷମତାଶାଳୀ ଓ ଶତ୍ରୁଭାବାପନ୍ନ ମୁସଲମାନ ରାଜ୍ୟମାନ

ଅତିକ୍ରମ କରି ଭାରତକୁ ଆସିବା ସେମାନଙ୍କ ପକ୍ଷେ ଅସମ୍ଭବ ଥିଲା । ତେଣୁ ଇଉରୋପୀୟ ବଣିକମାନେ ଭାରତକୁ ଜଳପଥ ଆବିଷ୍କାର କରିବାକୁ ପ୍ରତିଜ୍ଞାବଦ୍ଧ ହେଲେ । ପ୍ରଥମେ କେତେକ ଇଉରୋପୀୟ ନାବିକ ଉତ୍ତର-ମେରୁପଥରେ ଭାରତକୁ ଆସିବାକୁ ଚେଷ୍ଟା କରି ବିଫଳକାମ ହୋଇଥିଲେ । ୧୪୯୧ ଖ୍ରୀଷ୍ଟାବ୍ଦରେ ପ୍ରସିଦ୍ଧ ନାବିକ କଲମ୍ବସ୍ ଭାରତକୁ ଜଳପଥ ଆବିଷ୍କାର କରିବାକୁ ଚେଷ୍ଟା କରି ଦୈବବଶତଃ ଆମେରିକା ନାମକ ନୂତନ ମହାଦେଶ ଆବିଷ୍କାର କରିଥିଲେ । ସେ ତାକୁ ଭାରତ ମନେ କରିଥିଲେ ସତ୍ୟ, କିନ୍ତୁ ତାଙ୍କର ଧାରଣା ଭ୍ରାନ୍ତ ବୋଲି ପରେ ପ୍ରମାଣିତ ହୋଇ । ଇଉରୋପୀୟମାନଙ୍କ ମଧ୍ୟରେ ପର୍ତ୍ତୁଗୀଜମାନେ ସର୍ବପ୍ରଥମେ ଭାରତକୁ ଆଗମନ କରିବାକୁ ସମର୍ଥ ହେଲେ ।

**ପର୍ତ୍ତୁଗୀଜ ଆଗମନ**—'ବାର୍ଥଲୋମିୟୁ ଡାଏସ୍' ନାମକ ଜଣେ ପର୍ତ୍ତୁଗୀଜ ନାବିକ ଅଫ୍ରିକାର ପଶ୍ଚିମଉପକୂଳରେ ଉତ୍ତମାଶାଅନ୍ତରୀପ ପର୍ଯ୍ୟନ୍ତ ଆସି ସ୍ୱଦେଶକୁ ଫେରିଯାଇଥିଲେ (୧୪୮୮) । ଖ୍ରୀ: ଅ: ୧୪୯୮ରେ **ଭାସ୍କୋଡ଼ାଗାମା** ନାମକ ଜଣେ ପର୍ତ୍ତୁଗୀଜନାବିକ ଉତ୍ତମାଶାଅନ୍ତରୀପ ପ୍ରଦକ୍ଷିଣ କରି ଅଫ୍ରିକାର ପୂର୍ବଉପକୂଳସ୍ଥ ମମ୍ବାସା ନାମକ ସ୍ଥାନରେ ପହଞ୍ଚିଲେ । ସେଠାରୁ ସେ ଜଣେ ଭାରତୀୟ ନାବିକର ସାହାଯ୍ୟରେ ଆରବସାଗର ଅତିକ୍ରମ କରି ମାଲବାର ଉପକୂଳସ୍ଥ କାଲିକଟ ନାମକ ବନ୍ଦରରେ ଉପସ୍ଥିତ ହେଲେ । କାଲିକଟର ହିନ୍ଦୁ ରାଜା ଜାମୋରିନ୍ ତାଙ୍କୁ ଆଦର ସହିତ ଗ୍ରହଣ କରିଥିଲେ ଓ ପର୍ତ୍ତୁଗୀଜମାନଙ୍କୁ ତାଙ୍କ ରାଜ୍ୟରେ ବାଣିଜ୍ୟ କରିବାକୁ ଅନୁମତି ଦେଇଥିଲେ । ତାଙ୍କପରେ ଆଲ୍‌ବୁକାର୍କ ନାମକ ଜଣେ ପର୍ତ୍ତୁଗୀଜ ନାବାଧ୍ୟକ୍ଷ ବିଜାପୁର ରାଜ୍ୟସ୍ଥ ଗୋଆ ବନ୍ଦର ବଳପୂର୍ବକ ଅଧିକାର କରିଥିଲେ (ଖ୍ରୀ: ଅ: ୧୫୧୦) । ଏହା ଆଜିପର୍ଯ୍ୟନ୍ତ ପର୍ତ୍ତୁଗୀଜ ଅଧିକୃତ ଭାରତର ରାଜଧାନୀ ହୋଇ ରହିଛି । ପର୍ତ୍ତୁଗୀଜମାନେ ଷୋଡ଼ଶ ଶତାବ୍ଦୀରେ ମୁସଲମାନ ଓ ହିନ୍ଦୁ

ବଣିକ ଏବଂ ନାବିକମାନଙ୍କୁ ପରାସ୍ତ କରି ଭାରତୀୟ ବାଣିଜ୍ୟରେ ଏକାଧିପତ୍ୟ ଲାଭ କରିଥିଲେ । ଏହି ସମୟରେ ଗୋଆ, ବମ୍ବେ, ଡାମନ, ଡିଉ, କୋଚିନ, କାନାନୋର, ମୁସଲିପଟ୍ଟମ, ନାଗାପଟ୍ଟନ, ବାଲେଶ୍ୱର, ହୁଗୁଳୀ, ଚଟ୍ଟଗ୍ରାମ ପ୍ରଭୃତି ବନ୍ଦରମାନ ସେମାନଙ୍କ ହସ୍ତଗତ ହୋଇଥିଲା । ଖ୍ରୀ: ଅ: ୧୫୮୦ରେ ପର୍ତ୍ତୁଗାଲରାଜ୍ୟ ସ୍ପେନର ହସ୍ତଗତ ହେବାରୁ ସେମାନଙ୍କର କ୍ଷମତା କମିବାକୁ ଆରମ୍ଭ କଲା । ସେମାନେ ହିନ୍ଦୁ ମୁସଲମାନମାନଙ୍କୁ ଖ୍ରୀଷ୍ଟିୟାନ ହେବାକୁ ବାଧ୍ୟ କରିବାରୁ ଏବଂ ଭାରତୀୟ ବନ୍ଦର ଓ ପୋତମାନ ଲୁଣ୍ଠନ କରୁଥିବାରୁ ସାହଜାହାନ ୧୬୩୨ରେ ସେମାନଙ୍କୁ ପରାସ୍ତ କରି ହୁଗୁଳୀ ନଗର ଅଧିକାର କରିଥିଲେ । ମରହଟ୍ଟାମାନେ ସେମାନଙ୍କଠାରୁ ସାଲସେଟ୍ ଓ ବେସିନ ଛଡ଼ାଇ ନେଇଥିଲେ । ମୋଗଲ ଓ ମରହଟ୍ଟାମାନଙ୍କର ଶତ୍ରୁତା ଏବଂ ଡଚ୍, ଇଂରେଜ ବଣିକମାନଙ୍କର ପ୍ରତିଦ୍ୱନ୍ଦିତା ଯୋଗୁଁ ସେମାନଙ୍କର କ୍ଷମତା ଓ ପ୍ରାଚ୍ୟବାଣିଜ୍ୟ ଲୁପ୍ତପ୍ରାୟ ହୋଇଗଲା । ବର୍ତ୍ତମାନ ଭାରତରେ ଗୋଆ, ଡାମନ, ଡିଉ ନାମକ ତିନୋଟି ସ୍ଥାନ ସେମାନଙ୍କ ଅଧୀନରେ ଅଛି ।



ଭାସ୍କୋଡ଼ାଗାମା


**ଡଚ୍ ବା ଓଲନ୍ଦାଜମାନଙ୍କର ଭାରତ ଆଗମନ**— ହଲାଣ୍ଡର ଲୋକମାନଙ୍କୁ ଡଚ୍ ବା ଓଲନ୍ଦାଜ କହନ୍ତି । ସେମାନେ ଖ୍ରୀ: ଅ: ୧୬୦୨ରେ ଭାରତସହିତ ବାଣିଜ୍ୟ କରିବାପାଇଁ 'ଡଚ୍ ଇଷ୍ଟଇଣ୍ଡିଆକମ୍ପାନୀ' ଗଠନ କରିଥିଲେ । ଡଚ୍‌ମାନଙ୍କର ପ୍ରତିଦ୍ୱନ୍ଦ୍ୱିତା ଫଳରେ ପର୍ତ୍ତୁଗୀଜମାନଙ୍କର ବାଣିଜ୍ୟ କମିଗଲା । ପୂର୍ବଭାରତୀୟଦ୍ୱୀପପୁଞ୍ଜ ସେମାନଙ୍କର ବାଣିଜ୍ୟର ପ୍ରଧାନ କେନ୍ଦ୍ର ଥିଲା ଓ ସିଂହଳ ଦ୍ୱୀପ ସେମାନଙ୍କ ଅଧୀନରେ ଥିଲା । ମୁସଲିପଟ୍ଟମ, ବାଲେଶ୍ୱର, ହୁଗୁଳୀ, ଚନ୍‌ସୁରା, କାସିମବଜାର ପ୍ରଭୃତି ସ୍ଥାନରେ ସେମାନଙ୍କର ବାଣିଜ୍ୟ କୋଠିମାନ ଥିଲା ; କିନ୍ତୁ ଇଂରେଜ ଓ ଫରାସୀମାନଙ୍କ ଦ୍ୱାରା ବହୁ ଜଳଯୁଦ୍ଧରେ ପରାସ୍ତ ହେବାରୁ ସେମାନଙ୍କର କ୍ଷମତା କମିଗଲା । ଇଂରେଜମାନେ ସେମାନଙ୍କର ଭାରତୀୟ ଉପନିବେଶ-ମାନ କ୍ରମଶଃ ଅଧିକାର କରିନେଲେ । କିନ୍ତୁ ଅଦ୍ୟାବଧି ପୂର୍ବଭାରତୀୟ ଦ୍ୱୀପପୁଞ୍ଜର ଅଧିକାଂଶ ସେମାନଙ୍କ ଅଧିକାରରେ ରହିଛି ।

**ଡେନ୍ ବା ଦିନାମାର**— ଡେନ୍‌ମାର୍କର ଲୋକମାନଙ୍କୁ ଡେନସ୍ ବା ଦିନାମାର କହନ୍ତି । ସେମାନେ ଭାରତ ସହିତ ବାଣିଜ୍ୟ କରିବାପାଇଁ ୧୬୧୬ରେ ଗୋଟିଏ କମ୍ପାନୀ ଗଠନ କରିଥିଲେ ଓ ଭାରତର କେତେକ ସ୍ଥାନରେ ବାଣିଜ୍ୟ କୋଠିମାନ ନିର୍ମାଣ କରିଥିଲେ । ସେମାନଙ୍କର ପ୍ରଧାନ ବାଣିଜ୍ୟସ୍ଥାନ ଶ୍ରୀରାମପୁରକୁ ଖ୍ରୀ: ଅ: ୧୮୪୫ରେ ଇଂରେଜମାନେ କିଣି ନେଲେ ।

**ଇଂରେଜମାନଙ୍କର ଭାରତ ଆଗମନ**— ଭାରତୀୟ ବାଣିଜ୍ୟ ଯୋଗୁଁ ପର୍ତ୍ତୁଗୀଜ ଓ ଡଚ୍ ବଣିକମାନେ ବହୁ ଧନ ଲାଭ କରିଥିଲେ । ତେଣୁ ଇଂରେଜ ବଣିକମାନେ ବହୁ ଧନ ଲାଭ ଆଶାରେ ଭାରତରେ ବାଣିଜ୍ୟ କରିବାପାଇଁ ଅନେକ 'କମ୍ପାନୀ' ବା ବଣିକସମିତି ଗଠନ କରି-ଥିଲେ । ଖ୍ରୀ: ଅ: ୧୬୦୦ରେ **ଇଷ୍ଟଇଣ୍ଡିଆ କମ୍ପାନୀ** ଇଂଲଣ୍ଡର ରାଣୀ ଏଲିଜାବେଥଙ୍କଠାରୁ ଭାରତରେ ଅବାଧ ବାଣିଜ୍ୟ କରିବାକୁ ସନନ୍ଦ

ପାଇଲେ । ଖ୍ରୀ: ଅ: ୧୬୧୨ରେ ସର୍ବ ପ୍ରଥମେ ସୁରାଟ ନଗରରେ ଇଂରେଜ ବାଣିଜ୍ୟକୋଠି ନିର୍ମିତ ହୋଇଥିଲା । ଇଂରେଜ ରାଜଦୂତ ସାର ଟମାସ୍ ରୋଙ୍କ ଅନୁରୋଧରେ ଜାହାଙ୍ଗୀର ଇଂରେଜ ବଣିକମାନଙ୍କୁ ବାଣିଜ୍ୟ ସଂକ୍ରାନ୍ତ କେତେକ ସୁବିଧା ଦେଇଥିଲେ । ୧୬୬୮ ଖ୍ରୀଷ୍ଟାବ୍ଦରେ ଇଂଲଣ୍ଡର ରାଜା ଦ୍ୱିତୀୟ ଚାର୍ଲସ ପର୍ତ୍ତୁଗାଲ ରାଜକୁମାରୀଙ୍କୁ ବିବାହ କରି ବମ୍ବେଇ ଦ୍ୱୀପ ଯୌତୁକ ସ୍ୱରୂପ ପାଇଥିଲେ । କମ୍ପାନୀ ଏହା ତାଙ୍କଠାରୁ ବାର୍ଷିକ ଦଶପାଉଣ୍ଡ ଖଜଣାରେ କିଣି ନେଲେ । ପୂର୍ବ ଉପକୂଳରେ ସେମାନେ ମୁସଲିପଟ୍ଟମରେ ପ୍ରଥମେ ବାଣିଜ୍ୟକୋଠି ନିର୍ମାଣ କରିଥିଲେ । କିନ୍ତୁ ଏହା ବାଣିଜ୍ୟ ପକ୍ଷେ ସୁବିଧାଜନକ ନ ହେବାରୁ ଖ୍ରୀ: ଅ: ୧୬୪୦ରେ କମ୍ପାନୀ ଚନ୍ଦ୍ରଗିରି ରାଜାଙ୍କଠାରୁ ଗୋଟିଏ ସ୍ଥାନ କିଣିନେଇ ସେଠାରେ ମାନ୍ଦ୍ରାଜ ନଗର ଓ ସେଣ୍ଟଜର୍ଜ ଦୁର୍ଗ ନିର୍ମାଣ କରିଥିଲେ । ଖ୍ରୀ: ଅ: ୧୬୩୪ରେ ଇଂରେଜମାନେ ସାହଜାହାନଙ୍କ ଅନୁମତିରେ ବାଲେଶ୍ୱର ଜିଲ୍ଲାର ପିପିଲି ଗ୍ରାମରେ ବାଣିଜ୍ୟ କୋଠି ନିର୍ମାଣ କରିଥିଲେ । ପରେ ହୁଗ୍ଲି, କାସିମବଜାର, ପାଟଣା ଓ ଢାକା ପ୍ରଭୃତି ସ୍ଥାନରେ ବାଣିଜ୍ୟ କୋଠିମାନ ନିର୍ମିତ ହୋଇଥିଲା । ଖ୍ରୀ: ଅ: ୧୬୯୦ରେ କମ୍ପାନୀ ସୁତାନଟି, ଗୋବିନ୍ଦପୁର ଓ କଲିକତା ନାମକ ତିନୋଟି ଅସ୍ୱାସ୍ଥ୍ୟକର ଗ୍ରାମ କିଣିନେଇ କଲିକତା ନଗର ଏବଂ ଇଂଲଣ୍ଡର ରାଜା ତୃତୀୟ ଉଇଲିୟମଙ୍କ ନାମାନୁସାରେ ଫୋର୍ଟଉଇଲିୟମ ଦୁର୍ଗ ନିର୍ମାଣ କରିଥିଲେ । କାଳକ୍ରମେ ମାନ୍ଦ୍ରାଜ, ବମ୍ବେ, ଓ କଲିକତା ଭାରତର ତିନୋଟି ପ୍ରସିଦ୍ଧ ନଗର ହେଲା ।

**ଫରାସୀମାନଙ୍କର ଭାରତ ଆଗମନ**—ଫରାସୀମାନେ ସମୁଦ୍ର ବାଣିଜ୍ୟ ଓ ରାଜ୍ୟବିସ୍ତାରରେ ଇଂରେଜମାନଙ୍କର ପ୍ରଧାନ ପ୍ରତିଦ୍ୱନ୍ଦ୍ୱୀ ଥିଲେ । ସେମାନେ ପ୍ରଥମେ ସୁରାଟ ଓ ମୁସଲିପଟ୍ଟମରେ ବାଣିଜ୍ୟକୋଠି ନିର୍ମାଣ କରିଥିଲେ । ୧୬୭୪ରେ ସେମାନେ ବିଜାପୁରର ସୁଲତାନଙ୍କଠାରୁ ପଣ୍ଡିଚେରୀ କ୍ରୟ କରିଥିଲେ । ସେହି ବର୍ଷ ସେମାନେ ବଙ୍ଗନବାବଙ୍କଠାରୁ




ସପ୍ତଦଶ ଶତାବ୍ଦୀର ଶେଷଭାଗରେ ଇଉରୋପୀୟ ଉପନିବେଶମାନ

ଚନ୍ଦନନଗର ପାଇଥିଲେ । କ୍ରମଶଃ ମାଲବାର ଉପକୂଳରେ ମାହେ ଓ ପୂର୍ବ ଉପକୂଳରେ କାରିକେଲ ସେମାନଙ୍କର ହସ୍ତଗତ ହେଲା । ଅଷ୍ଟାଦଶ-ଶତାବ୍ଦୀର ମଧ୍ୟଭାଗରେ ସେମାନେ ଇଂରେଜମାନଙ୍କ ସହିତ ପ୍ରବଳଯୁଦ୍ଧ

କରିଥିଲେ । ବର୍ତ୍ତମାନ ଭାରତବର୍ଷରେ ପଣ୍ଡିଚେରି, ଚନ୍ଦନନଗର, ମାହି, କାରିକେଲ ପ୍ରଭୃତି ଫରାସୀମାନଙ୍କ ଅଧୀନରେ ଅଛି ।

ମୋଗଲ ସମ୍ରାଟମାନେ ଉପକୂଳ ରକ୍ଷା ପ୍ରତି ବିଶେଷ ଦୃଷ୍ଟି ଦେଉ ନ ଥିବାରୁ ଇଉରୋପୀୟ ଜାତିମାନେ ପ୍ରଥମେ ସମୁଦ୍ରକୂଳବର୍ତ୍ତୀ ସ୍ଥାନମାନ ଅଧିକାର କରି କ୍ରମଶଃ ଭାରତରେ ଉପନିବେଶ ବିସ୍ତାର କରିବାକୁ ଚେଷ୍ଟା କରିଥିଲେ । କିନ୍ତୁ ଭାରତ ଇତିହାସ ଆରମ୍ଭରୁ ଦ୍ରାବିଡ଼, ଆର୍ଯ୍ୟ, ପାରସିକ, ଗ୍ରୀକ୍, ଶକ, କୁଶାଣ, ହୂଣ, ପଠାଣ, ମୋଗଲ ପ୍ରଭୃତି ଜାତିମାନେ ଉତ୍ତର-ପଶ୍ଚିମସ୍ଥ ଗିରିପଥମାନଙ୍କରେ ପ୍ରଥମେ ପଞ୍ଜାବ ଆକ୍ରମଣ କରୁଥିଲେ ଏବଂ ସେଠାରୁ ଭାରତର ନାନାରାଜ୍ୟରେ ଆଧିପତ୍ୟ ପ୍ରତିଷ୍ଠା କରିଥିଲେ । ଇଉରୋପୀୟମାନଙ୍କ ଆଗମନ ପୂର୍ବରୁ ଜଳପଥରେ ଭାରତ ଆକ୍ରମଣର ବିଶେଷ ଭୟ ନ ଥିଲା ; (କେବଳ ଆରବୀୟମାନେ ଜଳପଥରେ ସିନ୍ଧୁ ପ୍ରଦେଶ ଅଧିକାର କରିଥିଲେ ) କିନ୍ତୁ ବର୍ତ୍ତମାନ ଯୁଗରେ ଜଳପଥରେ ଭାରତ ଆକ୍ରମଣର ବିଶେଷ ସମ୍ଭାବନା ରହିଛି ।

---

## ଦ୍ୱିତୀୟ ଅଧ୍ୟାୟ

## ଭାରତରେ ଇଂରେଜ ସାମ୍ରାଜ୍ୟ ସ୍ଥାପନ

### ଦାକ୍ଷିଣାତ୍ୟରେ ଇଂରେଜ ଫରାସୀ ସଂଘର୍ଷ—

ଇଉରୋପୀୟ ଜାତିମାନଙ୍କ ମଧ୍ୟରେ କେବଳ ଇଂରେଜ ଓ ଫରାସୀମାନେ ଭାରତରେ ନିଜର କ୍ଷମତା ଅକ୍ଷୁଣ୍ଣ ରଖି ପାରିଥିଲେ । ଏହି ଦୁଇଜାତି ମଧ୍ୟରେ ଭାରତରେ ବାଣିଜ୍ୟ ଓ ରାଜ୍ୟବିସ୍ତାରପାଇଁ ପ୍ରବଳସଂଘର୍ଷ ଆରମ୍ଭ ହେଲା । ପ୍ରତ୍ୟେକେ ପରସ୍ପରକୁ ବିତାଡ଼ନ କରିବାପାଇଁ ଦେଶୀୟ ରାଜା ଓ ନବାବମାନଙ୍କର ସାହାଯ୍ୟ ଗ୍ରହଣ କରିଥିଲେ । ସେ ସମୟରେ

ଇଉରୋପରେ ଉଭୟ ଜାତି ମଧ୍ୟରେ ଭୀଷଣ ଯୁଦ୍ଧ ଚାଲିଥିବାରୁ ଭାରତରେ ମଧ୍ୟ ସେମାନଙ୍କ ମଧ୍ୟରେ ସର୍ବଦା ବିବାଦ ଲାଗିଲା ।

**ଡିଉପ୍ଲେ**—ଖ୍ରୀ: ଅ: ୧୭୪୨ ରେ ଡିଉପ୍ଲେ ନାମକ ଜଣେ ପ୍ରତିଭାଶାଳୀ ଓ ଉଚ୍ଚାଭିଳାଷୀ ଫରାସୀ ପଣ୍ଡିଚେରୀର ଶାସନକର୍ତ୍ତା ନିଯୁକ୍ତ ହେଲେ । ତତ୍କାଳୀନ ରାଜନୈତିକ ଦୁରବସ୍ଥା ଦେଖି ଭାରତରେ ଫରାସୀସାମ୍ରାଜ୍ୟ ଗଠନକରିବା ତାଙ୍କର ପ୍ରଧାନ ଲକ୍ଷ୍ୟ ଥିଲା । ଭାରତୀୟ ସିପାହୀମାନଙ୍କୁ ପାଶ୍ଚାତ୍ୟଧରଣରେ ଯୁଦ୍ଧବିଦ୍ୟା ଶିକ୍ଷା ଦେଇ ସେମାନଙ୍କ ସାହାଯ୍ୟରେ ସେ ଏଠାରେ ରାଜ୍ୟ ସ୍ଥାପନ କରିବାକୁ ସ୍ଥିର କରିଥିଲେ । ଇଂରେଜମାନେ ତାଙ୍କ ଅଭୀଷ୍ଟସିଦ୍ଧିର ପ୍ରଧାନ ଅନ୍ତରାୟ ବୋଲି ଜାଣି ସେ ସେମାନଙ୍କ ସହିତ କଳହ କରିବାପାଇଁ ସର୍ବଦା ସୁଯୋଗ ଖୋଜୁଥିଲେ ।

**ପ୍ରଥମ କର୍ଣ୍ଣାଟ ସମର** (ଖ୍ରୀ: ଅ: ୧୭୪୬-୧୭୪୮)—ଖ୍ରୀ: ଅ: ୧୭୪୪ରେ ଇଉରୋପରେ ଇଂରେଜ ଓ ଫରାସୀମାନଙ୍କ ମଧ୍ୟରେ ଯୁଦ୍ଧ ଲାଗିଥିଲା । ଡିଉପ୍ଲେ ଏହି ସୁଯୋଗରେ ଇଂରେଜମାନଙ୍କ ସହିତ ଯୁଦ୍ଧରେ ପ୍ରବୃତ୍ତ ହେଲେ । ଖ୍ରୀ: ଅ: ୧୭୪୬ରେ ଲାବୋର୍ଦୋନ ନାମକ ଫରାସୀଅଧ୍ୟକ୍ଷ ମାନ୍ଦ୍ରାଜ ଅଧିକାର କରିନେଲେ । କର୍ଣ୍ଣାଟର ନବାବ ଅନଉଦ୍ଦିନ୍ ଇଂରେଜ ଓ ଫରାସୀମାନଙ୍କୁ ନିଜ ରାଜ୍ୟମଧ୍ୟରେ ଯୁଦ୍ଧ କରିବାକୁ ବାରଣ କଲେ । କିନ୍ତୁ ଡିଉପ୍ଲେ ତାଙ୍କର ଆଦେଶ ଅମାନ୍ୟ କଲେ । ତେଣୁ ନବାବ ଫରାସୀକ୍ଷମତା ଧ୍ୱଂସ କରିବାପାଇଁ ଦଶହଜାର ସୈନ୍ୟ ପଠାଇଲେ । କିନ୍ତୁ ଡିଉପ୍ଲେ ପାଞ୍ଚଶହ ସୁଶିକ୍ଷିତ ଦେଶୀୟ ସିପାହୀଙ୍କ ସାହାଯ୍ୟରେ ସେନଥମୀ ଯୁଦ୍ଧକ୍ଷେତ୍ରରେ ଏହି ବିଶାଳ ସେନାକୁ ପରାସ୍ତ କଲେ । ଏହି ଯୁଦ୍ଧ ପରେ ଡିଉପ୍ଲେଙ୍କ ଯଶ ଚତୁର୍ଦ୍ଦିଗରେ ବିସ୍ତୃତ ହେଲା । ଏଥିରେ ଉତ୍ସାହିତ ହୋଇ ଡିଉପ୍ଲେ ଇଂରେଜମାନଙ୍କର ସେଣ୍ଟ୍ ଡେଭିଡ୍ ଦୁର୍ଗ ଅବରୋଧ କରିଥିଲେ । କିନ୍ତୁ ଏହା ଅଧିକାର କରିପାରିଲେ ନାହିଁ । ଇଂରେଜମାନଙ୍କର ପଣ୍ଡିଚେରୀ ଅବରୋଧ ଉଦ୍ୟମ

ମଧ୍ୟ ବିଫଳ ହୋଇଥିଲା । ୧୭୪୮ ଖ୍ରୀଷ୍ଟାବ୍ଦରେ ଇଉରୋପରେ ଇଂରେଜ ଓ ଫରାସୀମାନଙ୍କ ମଧ୍ୟରେ 'ଏକ୍ସଲାସାପେଲ ସନ୍ଧି' ସ୍ଥାପିତ ହେବାରୁ ଭାରତରେ ମଧ୍ୟ ଯୁଦ୍ଧ ବନ୍ଦ ହେଲା । ଇଂରେଜମାନେ ମାନ୍ଦ୍ରାଜ ପୁନଃପ୍ରାପ୍ତ ହେଲେ । କିନ୍ତୁ ଉଭୟଜାତି ମଧ୍ୟରେ ପ୍ରକୃତ ସଦ୍ଭାବ ପ୍ରତିଷ୍ଠିତ ହେଲା ନାହିଁ । ଏହି ଯୁଦ୍ଧରେ ଜୟ ଲାଭ କରି ଡୁପ୍ଲେଙ୍କର ଭାରତରେ ଫରାସୀସାମ୍ରାଜ୍ୟ ସ୍ଥାପନଲାଳସା ପ୍ରବଳ ହେଲା ।

**ଦ୍ୱିତୀୟ କର୍ଣ୍ଣାଟ ସମର** (ଖ୍ରୀ: ଅ: ୧୭୫୧—୧୭୫୫) — **ଆସଫଝା** (ନିଜାମଉଲମୁଲକ) ଖ୍ରୀ: ଅ: ୧୭୨୪ରେ ଦିଲ୍ଲୀସମ୍ରାଟମାନଙ୍କର ଦୁର୍ବଳତା ଦେଖି ହାଇଦ୍ରାବାଦର ସ୍ୱାଧୀନ ନିଜାମ ହୋଇଥିଲେ ଏବଂ ଅନୱରୁଦ୍ଦିନ ନାମକ ଜଣେ ବ୍ୟକ୍ତିଙ୍କୁ କର୍ଣ୍ଣାଟର ନବାବରୂପେ ନିଯୁକ୍ତ କରିଥିଲେ । ଆସଫଝା ଖ୍ରୀ: ଅ: ୧୭୪୮ରେ ମରିଯିବାରୁ ତାଙ୍କର ପୁତ୍ର ନାଜିରଜଙ୍ଗ ଓ ନାତି (ଝିଅରପୁଅ) ମଜାଫରଜଙ୍ଗଙ୍କ ମଧ୍ୟରେ ସିଂହାସନ ପାଇଁ ବିବାଦ ଲାଗିଲା । ଡୁପ୍ଲେ ଏହି ସୁଯୋଗରେ ଦାକ୍ଷିଣାତ୍ୟରେ ନିଜର ପ୍ରତିପତ୍ତି ବୃଦ୍ଧି କରିବାଲାଗି ମଜାଫରଜଙ୍ଗଙ୍କ ପକ୍ଷ ଗ୍ରହଣକଲେ ଓ ଅନୱରୁଦ୍ଦିନଙ୍କ ଶତ୍ରୁ ଚନ୍ଦାସାହେବଙ୍କୁ ସାହାଯ୍ୟ ଦେଲେ । ସେ ଭାବିଥିଲେ, ହାଇଦ୍ରାବାଦ ଓ କର୍ଣ୍ଣାଟରେ ନିଜର ମନୋନୀତ ବ୍ୟକ୍ତି ଶାସନକର୍ତ୍ତା ହେଲେ ଦାକ୍ଷିଣାତ୍ୟରେ ତାଙ୍କର ଆଧିପତ୍ୟ ଅକ୍ଷୁଣ୍ଣ ହେବ । ପ୍ରଥମେ ତାଙ୍କ ପ୍ରତି ଅବସ୍ଥା ଅନୁକୂଳ ଥିଲା । ଫରାସୀ ସେନା ସାହାଯ୍ୟରେ ଅନୱରୁଦ୍ଦିନଙ୍କୁ ହତ୍ୟାକରି ୧୭୪୯ ରେ ଚନ୍ଦାସାହେବ କର୍ଣ୍ଣାଟର ନବାବ ହେଲେ । ଅନୱରୁଦ୍ଦିନଙ୍କ ପୁତ୍ର ମହମ୍ମଦଅଲି ସିଂହାସନ ଦାବୀ କଲେ । ଡୁପ୍ଲେଙ୍କ କ୍ଷମତା କମାଇବାପାଇଁ ଇଂରେଜ-ମାନେ ନାଜିରଜଙ୍ଗ ଓ ମହମ୍ମଦଅଲିଙ୍କ ପକ୍ଷ ଗ୍ରହଣ କରିଥିଲେ । ତେଣୁ ଇଂରେଜ ଓ ଫରାସୀମାନଙ୍କ ମଧ୍ୟରେ ଯୁଦ୍ଧ ଲାଗିଲା । ଏହା ଦ୍ୱିତୀୟ କର୍ଣ୍ଣାଟସମର ନାମରେ ଅଭିହିତ । ନାଜିର ଓ ମଜାଫର ଉଭୟେ

ହାଇଦ୍ରାବାଦର ନିଜାମପଦ ପ୍ରାପ୍ତହୋଇ ଶତ୍ରୁଦ୍ୱାରା ନିହତ ହୋଇଥିଲେ । ଅବଶେଷରେ ଫରାସୀମାନେ ନିଜାମଉଲମୁଲକଙ୍କ ଅନ୍ୟ ଏକ ପୁତ୍ର ସଲବତ୍‌ଜଙ୍ଗଙ୍କୁ ନିଜାମପଦ ପ୍ରଦାନ କରିଥିଲେ । ନିଜାମଙ୍କୁ ରକ୍ଷାକରିବା ପାଇଁ ହାଇଦ୍ରାବାଦରେ ବୁସିଙ୍କ ଅଧୀନରେ ଦଳେ ଫରାସୀସେନା ରହିଲେ । ମହମ୍ମଦଅଲି ତ୍ରିଚିନାପଲ୍ଲୀ ଦୁର୍ଗରେ ଆଶ୍ରୟ ଗ୍ରହଣ କରିଥିଲେ । ଚନ୍ଦାସାହେବ ଫରାସୀ ସୈନ୍ୟମାନଙ୍କ ସାହାଯ୍ୟରେ ଏ ଦୁର୍ଗ ଅବରୋଧ କରିଥିଲେ । ଦାକ୍ଷିଣାତ୍ୟରେ ଫରାସୀଶକ୍ତି ପ୍ରବଳ ହେଲା ଓ ଇଂରେଜ ଆଧିପତ୍ୟ ଲୁପ୍ତପ୍ରାୟ ଜଣାଗଲା । ଭାରତରେ ଇଂରେଜ ଜାତିର ଏହି ବିପଦସମୟରେ ରବର୍ଟ କ୍ଲାଇବ ଇଂରେଜମାନଙ୍କର ଅବସ୍ଥା ସଂପୂର୍ଣ୍ଣରୂପେ ପରିବର୍ତ୍ତନ କରିଥିଲେ । କ୍ଲାଇବ ୬୦୦ ସୈନ୍ୟ ନେଇ ଚନ୍ଦାସାହେବଙ୍କ ରାଜଧାନୀ ଆର୍କଟ ଅଧିକାର କରିଥିଲେ । ସେତେବେଳେ ଆର୍କଟ ରକ୍ଷାର କୌଣସି ବ୍ୟବସ୍ଥା ନ ଥିଲା । କ୍ଲାଇବ ତ୍ରିଚିନାପଲ୍ଲୀ ଅଧିକାର କରିବା ଅସମ୍ଭବ ମନେକରି ଆର୍କଟ ଅଧିକାର କରିଥିଲେ । ଏ ସମ୍ବାଦ ପାଇ ଚନ୍ଦାସାହେବ ଆର୍କଟ ଉଦ୍ଧାରପାଇଁ ଦଶ ହଜାର ସୈନ୍ୟ ପ୍ରେରଣ କରିଥିଲେ । କ୍ଲାଇବ ଅସୀମ ବୀରତ୍ୱ ସହକାରେ ୫୩ ଦିନ ପର୍ଯ୍ୟନ୍ତ ଆର୍କଟ ଅଧିକାର କରିଥିଲେ ( ଖ୍ରୀ: ଅ: ୧୭୫୧ ) ଓ ଶେଷରେ ସେ ଦୁର୍ଗରୁ ବାହାରି ଚନ୍ଦାସାହେବ ଓ ଫରାସୀମାନଙ୍କୁ ପରାସ୍ତ କଲେ । ତାହାପରେ ସେ ତ୍ରିଚିନାପଲ୍ଲୀ ଅଧିକାର କରି ମହମ୍ମଦଅଲିଙ୍କୁ କର୍ଣ୍ଣାଟର ନବାବ କଲେ । ଚନ୍ଦାସାହେବ ତାଞ୍ଜୋରକୁ ପଳାୟନ କରି ସେଠାରେ ନିହତ ହେଲେ । ଏହି ଘଟଣା ପରେ କ୍ଲାଇବଙ୍କର ଯଶ ଚତୁର୍ଦ୍ଦିଗେ ବ୍ୟାପିଗଲା । ଡୁପ୍ଲେଙ୍କ ଅପମାନର ସୀମା ରହିଲା ନାହିଁ । ସେ ଭାରତୀୟ ଯୁଦ୍ଧରେ ବହୁ ଅର୍ଥବ୍ୟୟ କରୁଥିବାରୁ ଫ୍ରାନ୍‌ସ ସରକାର ତାଙ୍କୁ ସ୍ୱଦେଶକୁ ଫେରି ଆସିବାକୁ ଆଦେଶ ଦେଲେ । ଡୁପ୍ଲେ ଫେରିଯିବା ପରେ ଦ୍ୱିତୀୟ କର୍ଣ୍ଣାଟ ସମର ଶେଷ ହେଲା ଓ ଖ୍ରୀ: ଅ: ୧୭୫୫ ରେ ଇଂରେଜ ଓ

ଫରାସୀମାନଙ୍କ ମଧ୍ୟରେ ପଣ୍ଡିଚେରୀରେ ସନ୍ଧି ହେଲା । ଏହି ଯୁଦ୍ଧ ପରେ କର୍ଣ୍ଣାଟରେ ଫରାସୀମାନଙ୍କର କ୍ଷମତା ବିଲୁପ୍ତ ହେଲା । କିନ୍ତୁ ନିଜାମ ରାଜ୍ୟରେ ଫରାସୀମାନଙ୍କର କ୍ଷମତା ବହୁଦିନ ଅଟୁଟ ରହିଲା ।

**ରବର୍ଟ କ୍ଲାଇବ**—ଭାରତରେ ବ୍ରିଟିଶ ସାମ୍ରାଜ୍ୟର ପ୍ରତିଷ୍ଠାତା କ୍ଲାଇବ ଇଂଲଣ୍ଡର ଗୋଟିଏ ଗ୍ରାମରେ ୧୭୨୫ରେ ଜନ୍ମ ଗ୍ରହଣ କରି ଥିଲେ । ସେ ବାଲ୍ୟାବସ୍ଥାରେ ଅତ୍ୟନ୍ତ ଦୁଷ୍ଟ, ଅବାଧ ଓ କଳହପ୍ରିୟ



ରବର୍ଟ କ୍ଲାଇବ

ଥିଲେ । ତାଙ୍କର ପିତା ଅଯୋଗ୍ୟପୁତ୍ରକୁ ଶାସ୍ତି ଦେବା ନିମିତ୍ତ ଇଷ୍ଟଇଣ୍ଡିଆ କମ୍ପାନୀ ଅଧୀନରେ କିରାଣି କାର୍ଯ୍ୟରେ ନିଯୁକ୍ତ କରାଇ ଭାରତକୁ ପଠାଇ ଦେଇଥିଲେ (ଖ୍ରୀ: ଅ: ୧୭୪୪) । ସୁତରାଂ ଭାରତରେ ସାମାନ୍ୟ ଚାକିରି ତାଙ୍କର ମନୋମତ ନ ହେବାରୁ ସେ ଦୁଇଥର ଆତ୍ମହତ୍ୟା କରିବାକୁ

ନେଷ୍ଟାଳରଥିଲେ । ପ୍ରଥମ କର୍ଣ୍ଣାଟଯୁଦ୍ଧ ସମୟରେ ସେ କରୋମାଣ୍ଡଳ ଛଟ୍ଟ ଯୁଦ୍ଧରେ ଯୋଗ ଦେଇ ବିଶେଷ ବୀରତ୍ୱ ପ୍ରଦର୍ଶନ କରିଥିଲେ । ତେଣୁ କମ୍ପାନୀ ତାଙ୍କୁ ସୈନ୍ୟବିଭାଗର କର୍ମଗୃହପଦରେ ନିଯୁକ୍ତ କରିଥିଲେ । ଦ୍ୱିତୀୟ କର୍ଣ୍ଣାଟସମରରେ ଅର୍କଟଦୁର୍ଗ ଅଧିକାର କରି ଏବଂ ଚନ୍ଦାସାହେବଙ୍କୁ ପରାସ୍ତ କରି ସେ ଅସାଧାରଣ ବୀରତ୍ୱ ଓ ରଣକୌଶଳର ପରିଚୟ ଦେଇଥିଲେ । ଏହାପରେ ସେ କର୍ଣ୍ଣେଲପଦକୁ ଉନ୍ନୀତ ହୋଇଥିଲେ । ସେ କର୍ଣ୍ଣାଟ ଅଞ୍ଚଳରୁ ଫରାସୀମାନଙ୍କର ପ୍ରଭାବ ଲୋପ କରିଥିଲେ ।

**ତୃତୀୟ କର୍ଣ୍ଣାଟସମର** (ଖ୍ରୀ: ଅ: ୧୭୫୮-୧୭୬୩)— ଖ୍ରୀ: ଅ: ୧୭୫୬ରେ ଇଉରୋପରେ ଇଂଲଣ୍ଡ ଓ ଫ୍ରାନ୍ସ ମଧ୍ୟରେ ସପ୍ତ-ବର୍ଷବ୍ୟାପୀ ଯୁଦ୍ଧ ହେବାରୁ ଭାରତରେ ଇଂରେଜ ଓ ଫରାସୀମାନେ ଯୁଦ୍ଧରେ ପ୍ରବୃତ୍ତ ହେଲେ । ପଲାସିଯୁଦ୍ଧରେ ଜୟଲାଭ କରିବାରୁ ଇଂରେଜ-ମାନଙ୍କ ଶକ୍ତି ଓ ବିଭବ ଯଥେଷ୍ଟ ବଢ଼ିଯାଇଥିଲା । ଯୁଦ୍ଧ ହେବା ମାତ୍ରେ କ୍ଲାଇବ କଲିକତାରୁ ଯାଇ ଫରାସୀଅଧିକୃତ ଚନ୍ଦନନଗର ଆକ୍ରମଣ କଲେ (ଖ୍ରୀ: ଅ: ୧୭୫୭) । ସେ ସମୟରେ ବୁସି ହାଇଦ୍ରାବାଦରେ ଫରାସୀ ପ୍ରଭାବ ବିସ୍ତାର କରି ନିଜାମଙ୍କଠାରୁ ଉତ୍ତରସରକାର ପାଇଥିଲେ । ଫରାସୀ ଶାସନକର୍ତ୍ତା ଲାଲି ପଣ୍ଡିଚେରୀରେ ଥିଲେ । ସେ ୧୭୫୮ ଖ୍ରୀଷ୍ଟାବ୍ଦରେ ଇଂରେଜ ଅଧିକୃତ ସେଣ୍ଟଡେଭିଡ଼ ଦୁର୍ଗ ଓ ମାନ୍ଦ୍ରାଜ ଆକ୍ରମଣ କରିଥିଲେ । କିନ୍ତୁ ସେ ନାନା ବାଧାବିଘ୍ନ ଓ ଅର୍ଥାଭାବ ଅନୁଭବ କରିବାରୁ ବୁସିଙ୍କୁ ହାଇଦ୍ରାବାଦରୁ ଡାକି ଆଣିଥିଲେ । ଏହା ଫଳରେ ସେଠାରେ ଫରାସୀ-ମାନଙ୍କ କ୍ଷମତା କମିଗଲା । ଖ୍ରୀ: ଅ: ୧୭୫୯ରେ ବିଲାତରୁ କେତେଟା ଯୁଦ୍ଧ ଜାହାଜ ଆସିବାରୁ ଫରାସୀମାନେ ମାନ୍ଦ୍ରାଜ ଅବରୋଧ ତ୍ୟାଗ କଲେ । ଖ୍ରୀ: ଅ: ୧୭୬୦ରେ **ଓୟାଣ୍ଡିଉଆସ ଯୁଦ୍ଧରେ** ଇଂରେଜ ସେନାପତି ସାର୍ ଅୟାର କୁଟଙ୍କ ଦ୍ୱାରା ଫରାସୀ ସେନାପତି ଲାଲି ସମ୍ପୂର୍ଣ୍ଣରୂପେ ପରାସ୍ତ ହୋଇଥିଲେ ଓ ବୁସି ବନ୍ଦୀ ହୋଇଥିଲେ । ଏହି-

ଯୁଦ୍ଧ ଫଳରେ ଉତ୍ତରସରକାରରେ ଇଂରେଜ ପ୍ରାଧାନ୍ୟ ପ୍ରତିଷ୍ଠିତ ହେଲା । ୧୭୬୧ରେ ଭାରତରେ ଫରାସୀ ରାଜଧାନୀ ପଣ୍ଡିଚେରୀକୁ ଇଂରେଜମାନେ ଧ୍ୱଂସ କରିଥିଲେ । ପଣ୍ଡିଚେରୀ ପତନ ପରେ ଭାରତରେ ଫରାସୀ ଶକ୍ତିର ଅବସାନ ହେଲା । ଖ୍ରୀ. ଅ: ୧୭୬୩ରେ ଇଉରୋପରେ ଉଭୟ ଜାତି ମଧ୍ୟରେ ସନ୍ଧି ହେବାରୁ ଫରାସୀମାନେ ପଣ୍ଡିଚେରୀ ଓ ଚନ୍ଦନନଗର ଫେରପାଇଲେ ; କିନ୍ତୁ ଭାରତରେ ସେମାନଙ୍କର ରାଜ୍ୟ-ସ୍ଥାପନ ଆଶା ଚୂର୍ଣ୍ଣ ହୋଇଥିଲା । ୧୭୬୯ ଖ୍ରୀଷ୍ଟାବ୍ଦରେ ଫରାସୀ ଇଷ୍ଟଇଣ୍ଡିଆ କମ୍ପାନୀ ଲୋପ ପାଇଲା ।

ଫ୍ରାନ୍ସର କର୍ତ୍ତୃପକ୍ଷ ଡୁଇପ୍ଲେକ୍ସଙ୍କୁ ଭାରତରୁ ନେବାଦ୍ୱାରା ଫରାସୀ ଶକ୍ତି ଦୁର୍ବଳ ହୋଇ ପଡ଼ିଲା । ଫ୍ରାନ୍ସ୍ ସରକାର ଭାରତରେ ଫରାସୀମାନଙ୍କ ଯୁଦ୍ଧ ଚଳାଇବା ପାଇଁ ଯଥେଷ୍ଟ ଅର୍ଥ ଓ ସୈନ୍ୟ ସାହାଯ୍ୟ ଦେଇ ନ ଥିଲେ । ବିଶାଳ ସମୁଦ୍ରରେ ଇଂରେଜ ଆଧିପତ୍ୟ ଫରାସୀମାନଙ୍କ ପତନର କାରଣ ହେଲା । ପଲାସି ଯୁଦ୍ଧ ପରେ ଇଂରେଜମାନେ ବଙ୍ଗଳାରୁ ପ୍ରଚୁର ଧନଜନ ପାଇ ସେ ସମସ୍ତ ଦାକ୍ଷିଣାତ୍ୟରୁ ଫରାସୀ ଶକ୍ତି ଧ୍ୱଂସ କରିବାରେ ବ୍ୟବହାର କରିଥିଲେ । ଏହି ସମସ୍ତ କାରଣରୁ ଫରାସୀମାନଙ୍କର ପତନ ହେଲା ।

## ବଙ୍ଗଳାରେ ଇଂରେଜ ଶକ୍ତି ପ୍ରତିଷ୍ଠା

ଖ୍ରୀ. ଅ: ୧୭୪୦ରେ ଅଲିବର୍ଦ୍ଦିଖାଁ ବଙ୍ଗଳାର ନବାବ ହେଲେ । ଦିଲ୍ଲୀର ମୋଗଲ ସମ୍ରାଟମାନେ ହୀନବଳ ହୋଇଯିବାରୁ ସେ ସ୍ୱାଧୀନ ଭାବରେ ବଙ୍ଗ, ବିହାର ଓ ଓଡ଼ିଶା (ଚିଲିକା ଓ ରୁପନାରାୟଣ ନଦୀ ମଧ୍ୟବର୍ତ୍ତୀ ସମତଳ ପ୍ରଦେଶ) ଶାସନ କଲେ । କିନ୍ତୁ ତାଙ୍କ ରାଜତ୍ୱରେ ମରହଟ୍ଟାମାନେ ବାରମ୍ବାର ବଙ୍ଗ ଦେଶ ଆକ୍ରମଣ ଓ ଲୁଣ୍ଠନ କରିବାରୁ ସେ ୧୭୫୧ରେ ସେମାନଙ୍କ ସହିତ ସନ୍ଧି କରି ସୁବର୍ଣ୍ଣରେଖା ନଦୀର ଦକ୍ଷିଣରେ ଥିବା ଓଡ଼ିଶାର ଅଂଶତକ ସେମାନଙ୍କୁ ଦେଇଥିଲେ । କିନ୍ତୁ

ରୂପନାରାୟଣ ଓ ସୁବର୍ଣ୍ଣରେଖା ନଦୀଦ୍ୱୟ ମଧ୍ୟବର୍ତ୍ତୀ ଓଡ଼ିଆ ରାଜ୍ୟ ବା ମେଦନୀପୁର ସେମାନଙ୍କୁ ଦେଲେ ନାହିଁ । ସେହିଦିନୁଁ ମେଦନୀପୁର ଉତ୍କଳରୁ ବିଚ୍ଛିନ୍ନ ହୋଇ ବଙ୍ଗ ପ୍ରଦେଶରେ ରହିଗଲା । ଅଲିବର୍ଦ୍ଦି ଜଣେ ତେଜସ୍ୱୀ ଓ ବିଚକ୍ଷଣ ଶାସନକର୍ତ୍ତା ଥିଲେ । ତାଙ୍କ ରାଜତ୍ୱରେ ଇଂରେଜମାନେ ବଙ୍ଗଳାରେ କ୍ଷମତାବୃଦ୍ଧି କରିବାପାଇଁ ସାହସ କରି ନ ଥିଲେ ।

**ସିରାଜ ଉଦ୍ଦୌଲା**—ଅଲିବର୍ଦ୍ଦିଖାଁ ଖ୍ରୀ: ଅ: ୧୭୫୬ରେ ମରିଯିବାରୁ ତାଙ୍କର ନାତି ମିର୍ଜା ମହମ୍ମଦ ସିରାଜ ଉଦ୍ଦୌଲା ନାମ ଗ୍ରହଣ କରି ବଙ୍ଗଳାର ନବାବ ହେଲେ । ସେ ଅତି ଅଳ୍ପବୟସରେ ନବାବ ହୋଇଥିବାରୁ ଅତ୍ୟନ୍ତ ଗର୍ବୀ ଓ ଚଞ୍ଚଳସ୍ୱଭାବ ଥିଲେ । ତାଙ୍କର ନୃଶଂସ ଓ ବିଶ୍ୱାସଘାତକ ମନ୍ତ୍ରୀମାନେ ତାଙ୍କୁ ସର୍ବଦା କୁପରାମର୍ଶ ଦେଉଥିଲେ । ସେ ନାନା କାରଣବଶତଃ ଇଂରେଜମାନଙ୍କ ସହିତ ଯୁଦ୍ଧ କରିବାକୁ ବାଧ୍ୟ ହୋଇଥିଲେ ।



ସିରାଜ ଉଦ୍ଦୌଲା

କୃଷ୍ଣଦାସ ନାମକ ଢାକାର ଜଣେ ଧନୀଲୋକ ନବାବଙ୍କ ଭୟରେ ପଳାଇ ଯାଇ କଲିକତାରେ ଆଶ୍ରୟ ନେଲେ । ସିରାଜ ତାଙ୍କୁ ଫେରାଇ ଦେବାକୁ କହିଲେ । କିନ୍ତୁ ଇଂରେଜମାନେ ତାଙ୍କ କଥା ଶୁଣିଲେ ନାହିଁ । ସେ ସମୟରେ ଇଂରେଜ ଓ ଫରାସୀମାନେ ଯୁଦ୍ଧ ଆଶଙ୍କାରେ ବଙ୍ଗଳାରେ ଥିବା ନିଜ ନିଜର ଦୁର୍ଗମାନ ସୁଦୃଢ଼ କରୁଥିଲେ । ସିରାଜ ସେମାନଙ୍କୁ ନିଜ ନିଜ ଦୁର୍ଗର ସଂସ୍କାର ସାଧନ ନ କରିବାକୁ ଆଦେଶ ଦେଲେ । ଫରାସୀମାନେ ତାଙ୍କ ଆଦେଶ

ମାନଲେ । କିନ୍ତୁ ଇଂରେଜମାନେ ସିରାଜଙ୍କ ଆଦେଶରେ ବିରକ୍ତ ହୋଇ ତାଙ୍କ ନିକଟକୁ କଟୁ ଭାଷାରେ ପତ୍ର ଲେଖି ପଠାଇଲେ । ଅଜ ମଧ ଇଂରେଜମାନେ ନାନା ଅବୈଧ ଉପାୟରେ ବାଣିଜ୍ୟ ବ୍ୟବସାୟ କରୁଥିଲେ । ଏଥିରେ ସିରାଜ ରାଗିଯାଇ ବହୁ ସୈନ୍ୟସହ କଲିକତା ଆକ୍ରମଣ କଲେ । କଲିକତା ନଗର ଓ ଫୋର୍ଟ ଉଇଲିୟମ ଦୁର୍ଗ ତାଙ୍କର ହସ୍ତଗତ ହେଲା । କଲିକତାବାସୀ ଅଧିକାଂଶ ଇଂରେଜ ଓ ଅଧ୍ୟକ୍ଷ ଡ୍ରେକ ଭୟରେ ପଳାୟନ କଲେ । ନବାବଙ୍କର ଜଣେ ସେନାପତି ଉକ୍ତ ଦୁର୍ଗର ଗୋଟିଏ ଅପ୍ରଶସ୍ତ କୋଠରୀରେ ୧୪୬ ଜଣ ଇଂରେଜଙ୍କୁ ଗୋଟିଏ ରାତି ବନ୍ଦୀ କରି ରଖିଥିଲେ । ସକାଳକୁ ସେମାନଙ୍କ ମଧ୍ୟରୁ କେବଳ ୨୩ ଜଣ ବଞ୍ଚିଥିଲେ । ଏହି ଘଟଣାକୁ ଅନ୍ଧକୂପହତ୍ୟା କହନ୍ତି । ବର୍ତ୍ତମାନ ଅନେକ ଐତିହାସିକ ଏହା ଗୋଟିଏ କାଳ୍ପନିକ ଘଟଣା ବୋଲି ସ୍ଥିର କଲେଣି ।

ସିରାଜଙ୍କଦ୍ୱାରା କଲିକତା ଆକ୍ରମଣ ସମ୍ବାଦ ମାନ୍ଦ୍ରାଜରେ ପହଞ୍ଚିବା-ମାତ୍ରେ କ୍ଲାଇବ ବହୁସୈନ୍ୟସହ କଲିକତାକୁ ପ୍ରେରିତ ହେଲେ । ନୌ-ସେନାପତି ଓ୍ୱାଟସନ ମଧ୍ୟ ଅଳ୍ପଦିନ ମଧ୍ୟରେ ସେଠାରେ ପହଞ୍ଚିଲେ । କ୍ଲାଇବ ଓ୍ୱାଟସନଙ୍କ ସାହାଯ୍ୟରେ କଲିକତା ପୁନରୁଦ୍ଧାର କଲେ (ଖ୍ରୀ: ଅ: ୧୭୫୭) । ଯୁଦ୍ଧରେ ପରାସ୍ତ ହୋଇ ସିରାଜ ଇଂରେଜ-ମାନଙ୍କ ସହିତ ସନ୍ଧି କରିଥିଲେ । ଏହି ସନ୍ଧି ଅନୁସାରେ ସେ କମ୍ପାନୀକୁ ତାହାର ସମସ୍ତ ପୂର୍ବ ଅଧିକାର ଓ ସୁବିଧା ପ୍ରତ୍ୟର୍ପଣ କରିଥିଲେ, ସେମାନଙ୍କୁ କ୍ଷତିପୂରଣ ଦେବାକୁ ସ୍ୱୀକୃତ ହେଲେ ଏବଂ ବାଣିଜ୍ୟ କୋଠିରେ ସୈନ୍ୟ ରଖିବାକୁ ଅନୁମତି ଦେଲେ ।

**ପଲାସି ଯୁଦ୍ଧ—** କିନ୍ତୁ ଏହି ସନ୍ଧିର ପାଞ୍ଚମାସ ପରେ ସିରାଜ ଓ ଇଂରେଜମାନଙ୍କ ମଧ୍ୟରେ ପୁନର୍ବାର ଯୁଦ୍ଧ ହୋଇଥିଲା । ସିରାଜ ବଙ୍ଗଳାରେ ଥିବା ଫରାସୀମାନଙ୍କ ସହିତ ଇଂରେଜଙ୍କ ବିରୁଦ୍ଧରେ ଷଡ଼ଯନ୍ତ୍ର କରୁଥିଲେ । ତୃତୀୟ କର୍ଣ୍ଣାଟଯୁଦ୍ଧବେଳେ କ୍ଲାଇବ ଫରାସୀ-

ଅଧିକୃତ ଚନ୍ଦନନଗର ଆକ୍ରମଣ କଲେ । ସେଥିରେ ସିରାଜ ବିରକ୍ତ ହେଲେ । ସେ ସମୟରେ ସିରାଜଙ୍କ କେତେକ ପ୍ରଧାନ କର୍ମଚାରୀ ତାଙ୍କୁ ସିଂହାସନଚ୍ୟୁତ କରି ତାଙ୍କର ସେନାପତି ମିରଜାଫରଙ୍କୁ ବଙ୍ଗଳାର ନବାବ କରିବା ପାଇଁ ଷଡ଼ଯନ୍ତ୍ର କରୁଥିଲେ । କ୍ଲାଇବ ଏହି ଷଡ଼ଯନ୍ତ୍ରରେ ଯୋଗ ଦେଲେ ଓ ମିରଜାଫରଙ୍କୁ ସୈନ୍ୟ ସହ ସାହାଯ୍ୟ ଦେବାପାଇଁ ପ୍ରତିଜ୍ଞାବଦ୍ଧ ହେଲେ । କ୍ଲାଇବ ସମସ୍ତ ଆୟୋଜନ ଶେଷ କରି ନବାବଙ୍କ ବିରୁଦ୍ଧରେ ଯୁଦ୍ଧ ଘୋଷଣା କଲେ । ମୁର୍ଶିଦାବାଦଠାରୁ ୨୩ ମାଇଲ ଦୂରବର୍ତ୍ତୀ ଭାଗୀରଥୀ କୂଳରେ ଥିବା ପଲାସି ନାମକ ସ୍ଥାନରେ ସିରାଜ ଓ ଇଂରେଜମାନଙ୍କ ମଧ୍ୟରେ ଯୁଦ୍ଧ ହେଲା (ଜୁନ ୨୩, ୧୭୫୭) । ମିରଜାଫର ଯୁଦ୍ଧକ୍ଷେତ୍ରରେ ସିରାଜଙ୍କୁ କୌଣସିପ୍ରକାରେ ସାହାଯ୍ୟ କଲେ ନାହିଁ, ବରଂ କ୍ଲାଇବଙ୍କ ପକ୍ଷ ଗ୍ରହଣ କଲେ । ସିରାଜ ପରାସ୍ତ ହୋଇ ଯୁଦ୍ଧକ୍ଷେତ୍ରରୁ ପଳାୟନ କଲେ । ମାତ୍ର ବାଟରେ ମିରଜାଫରଙ୍କ ପୁତ୍ର ମିରମଦନ ତାଙ୍କୁ ହତ୍ୟା କରିଥିଲେ । ଏହି ଯୁଦ୍ଧ ଫଳରେ ଇଂରେଜମାନେ ବଙ୍ଗ, ବିହାର ଓ ଓଡ଼ିଶାର (ମେଦିନୀପୁର) ପ୍ରକୃତ ଶାସନକର୍ତ୍ତା ହେଲେ ଓ ମିରଜାଫର ଏହି ତିନିରାଜ୍ୟର ନାମମାତ୍ର ନବାବ ହୋଇ ରହିଲେ । ସେ ଇଂରେଜଙ୍କୁ ପୁରସ୍କାର ସ୍ୱରୂପ ଚବିଶପ୍ରଗଣା ଜମିଦାରୀ ଓ ବହୁ ଲକ୍ଷ ଟଙ୍କା ଦେଇଥିଲେ ।


**ମିରଜାଫର** (ଖ୍ରୀ: ଅ: ୧୭୫୭-୧୭୬୦)—ମିରଜାଫର ରାଜ ଶାସନ କରିବାକୁ ଏକାନ୍ତ ଅସମର୍ଥ ଥିଲେ ଓ କମ୍ପାନୀଙ୍କ କର୍ମଚାରୀମାନେ ତାଙ୍କଠାରୁ ସର୍ବଦା ପ୍ରଚୁର ଅର୍ଥ ଦାବୀ କରୁଥିଲେ । ଏଥିରେ ସେ ଉତ୍ତ୍ୟକ୍ତ ହୋଇ ଇଂରେଜମାନଙ୍କୁ ବଙ୍ଗଳାରୁ ତଡ଼ିବାକୁ ଚିନସୁରାବାସୀ ଡଚ୍‌ମାନଙ୍କ ସହିତ ଷଡ଼ଯନ୍ତ୍ର କରିଥିଲେ । କିନ୍ତୁ ଡଚ୍‌ମାନେ ସ୍ଥଳ ଓ ଜଳଯୁଦ୍ଧରେ ପରାସ୍ତ ହୋଇଥିଲେ । କ୍ଲାଇବ ୧୭୬୦ରେ ବିଲାତ ଯିବାରୁ ତାଙ୍କର ପରବର୍ତ୍ତୀ ଗଭର୍ଣ୍ଣର ଭାନସିଟାର୍ଟ ମିରଜାଫରଙ୍କୁ ସିଂହାସନଚ୍ୟୁତ କରି ତାଙ୍କ ଜାମାତା ମିରକାଶିମଙ୍କୁ ବଙ୍ଗଳାର ନବାବ କଲେ । ସେ

ପୁରସ୍କାରସ୍ୱରୂପ କମ୍ପାନୀଙ୍କୁ ବର୍ଦ୍ଧମାନ, ମେଦନୀପୁର, ଚଟ୍ଟଗ୍ରାମ (ଚଟାଗଙ୍ଗ) ନାମକ ତନୋଟି ଜିଲ୍ଲା ଓ ବଙ୍ଗଳାର ଗଭର୍ଣ୍ଣରଙ୍କୁ ପ୍ରାୟ ୨ ଲକ୍ଷ ପାଉଣ୍ଡ ଦେଲେ ।

**ମିରକାଶିମ** ( ଖ୍ରୀ: ଅ: ୧୭୬୦-୧୭୬୪ )—ମିରକାଶିମ ତେଜସ୍ୱୀ ଓ କାର୍ଯ୍ୟଦକ୍ଷ ଶାସନକର୍ତ୍ତା ଥିଲେ । ସେ କଂପାନୀଙ୍କର ବାରମ୍ବାର ହସ୍ତକ୍ଷେପକୁ ଆଦୌ ଭଲ ପାଉ ନ ଥିଲେ । ସେ ମୁର୍ଶିଦାବାଦରୁ ମୁଙ୍ଗେରକୁ ରାଜଧାନୀ ଉଠାଇନେଲେ । ସେ ଇଉରୋପୀୟ ପ୍ରଣାଳୀରେ ଶିକ୍ଷିତ ଓ ସୁଶୃଙ୍ଖଳିତ ଗୋଟିଏ ସୈନ୍ୟଦଳ ଗଠନ କରିଥିଲେ । ଅଳ୍ପଦିନ ପରେ ଇଂରେଜମାନଙ୍କ ସହିତ ତାଙ୍କର କଳହ ଉପସ୍ଥିତ ହେଲା । କେବଳ ଇଷ୍ଟଇଣ୍ଡିଆ କମ୍ପାନୀ ବଙ୍ଗଳାରେ ବିନାଶୁଳ୍କରେ ବାଣିଜ୍ୟ କରିବାର ଅଧିକାର ପାଇଥିଲେ । କିନ୍ତୁ ସେ ସମୟରେ କମ୍ପାନୀଙ୍କ କର୍ମଚାରୀମାନେ ବିନା ଶୁଳ୍କରେ ବାଣିଜ୍ୟ ଚଳାଇଲେ । ଏହାଦ୍ୱାରା ନବାବଙ୍କର ଶୁଳ୍କଲବ୍ଧ ଆୟ କମିଗଲା । ଆଉ ମଧ୍ୟ ଶୁଳ୍କ ଦେଇ ବ୍ୟବସାୟ କରୁଥିବା ଦେଶୀ ବଣିକମାନଙ୍କର ବହୁତ କ୍ଷତି ହେଲା । ତେଣୁ ମିରକାଶିମ କମ୍ପାନୀ କର୍ମଚାରୀମାନଙ୍କର ଏପରି ଅନ୍ୟାୟକାର୍ଯ୍ୟ ବିରୁଦ୍ଧରେ ପ୍ରତିବାଦ କଲେ । କମ୍ପାନୀ ଏହା ନ ଶୁଣିବାରୁ ସେ ବଙ୍ଗଳାରୁ ବାଣିଜ୍ୟ ଶୁଳ୍କ ଏକାବେଳକେ ଉଠାଇ-ଦେଲେ । କମ୍ପାନୀ ତାଙ୍କର ଆଦେଶ ଅମାନ୍ୟ କରିବାରୁ ଉଭୟ ପକ୍ଷ ମଧ୍ୟରେ ଯୁଦ୍ଧ ହେଲା । ମିରକାଶିମ ପାଟଣାବାସୀ ଇଂରେଜମାନଙ୍କୁ ବନ୍ଦୀ କଲେ । କିନ୍ତୁ ସେ ତିନୋଟି ସ୍ଥାନରେ ଇଂରେଜମାନଙ୍କଦ୍ୱାରା ପରାସ୍ତ ହେଲେ । ଇତିମଧ୍ୟରେ ସେ ପାଟଣାର ବନ୍ଦୀ ଇଂରେଜମାନଙ୍କୁ ହତ୍ୟା କରିଥିଲେ । ଇଂରେଜମାନେ ପାଟଣା ଅଧିକାର କରିବାରୁ ସେ ଅଯୋଧ୍ୟାକୁ ପଳାୟନ କଲେ । ସେ ଅଯୋଧ୍ୟାର ନବାବ ସୁଜା ଉଦ୍ଦୌଲାଙ୍କ ସହିତ ମିଳିତ ହୋଇ ବଙ୍ଗଦେଶ ଆଡ଼କୁ ଅଗ୍ରସର ହେଲେ । କିନ୍ତୁ

ମେଜର୍ ମନରୋ ସେମାନଙ୍କ ମିଳିତ ସେନାକୁ ୧୭୬୪ ଖ୍ରୀଷ୍ଟାବ୍ଦରେ **ବକ୍ସାରଯୁଦ୍ଧ**ରେ ସଂପୂର୍ଣ୍ଣରୂପେ ପରାସ୍ତ କରିଥିଲେ । ଏହି ଯୁଦ୍ଧରେ ବଙ୍ଗ ଓ ଅଯୋଧ୍ୟାର ନବାବ ଦ୍ୱୟ ପରାସ୍ତହେବାରୁ ପୂର୍ବଭାରତରେ ଇଂରେଜମାନେ ପ୍ରକୃତ ପ୍ରଭୁତ୍ୱ ଲାଭ କରିଥିଲେ । ଏହି ଯୁଦ୍ଧପରେ ମୀରକାଶିମ ପଳାୟନ କଲେ । ମୀରକାଶିମଙ୍କ ସହିତ ଯୁଦ୍ଧ ଆରମ୍ଭ ହେବା ମାତ୍ରେ ପୁନର୍ବାର ମୀରଜାଫରଙ୍କୁ ବଙ୍ଗର ନବାବ କଲେ । ସେ ଇଂରେଜମାନଙ୍କୁ ବାଣିଜ୍ୟସଂକ୍ରାନ୍ତ ସମସ୍ତ ସୁବିଧା ଓ ଅଧିକାର ଏବଂ ପ୍ରଚୁର ଅର୍ଥ ପ୍ରଦାନ କରିଥିଲେ । ମୀରଜାଫର ୧୭୬୫ରେ ମରିଯିବାରୁ ତାଙ୍କ ପୁତ୍ର କଂପାନୀର ଗଭର୍ଣ୍ଣର ଓ ତାଙ୍କ ସଭାର ସଭ୍ୟମାନଙ୍କୁ ୨୦ ଲକ୍ଷ ଟଙ୍କା ପ୍ରଦାନ କରି ବଙ୍ଗର ନବାବ ହେଲେ ।

**ଲର୍ଡ଼କ୍ଲାଇବଙ୍କ ଶାସନ**—କମ୍ପାନୀର ଶାସନରେ ଅତିଶୟ ବିଶୃଙ୍ଖଳା ଓ ବ୍ୟଭିଚାର ଏବଂ କର୍ମଚାରୀମାନଙ୍କର ପ୍ରବଳ ଅର୍ଥଲିପ୍ସା ଯୋଗୁଁ ବିଲାତରେ କମ୍ପାନୀର ଡିରେକ୍ଟରମାନେ ବିରକ୍ତ ହୋଇ କ୍ଲାଇବଙ୍କୁ ପୁନର୍ବାର ଖ୍ରୀ: ଅ: ୧୭୬୫ରେ ବଙ୍ଗର ଗଭର୍ଣ୍ଣରରୂପେ ନିଯୁକ୍ତ କରିଥିଲେ । କ୍ଲାଇବ ନିଜର କର୍ମକୁଶଳତା ଯୋଗୁଁ ସେସମୟରୁ ଲର୍ଡ଼ ଉପାଧି ପାଇଥିଲେ । ଭାରତକୁ ଆସି ସେ ପ୍ରଥମେ ବକ୍ସାରଯୁଦ୍ଧରେ ପରାସ୍ତହୋଇଥିବା ଅଯୋଧ୍ୟାର ନବାବଙ୍କ ସହିତ ସନ୍ଧି କଲେ । କୋରା ଓ ଏଲାହାବାଦ ନାମକ ଦୁଇଟି ଜିଲ୍ଲା ଓ ଯୁଦ୍ଧର କ୍ଷତିପୂରଣ ସ୍ୱରୂପ ୫୦ ଲକ୍ଷ ଟଙ୍କା ପାଇ ସେ ନବାବଙ୍କୁ ଅଯୋଧ୍ୟା ଫେରାଇଦେଲେ । କ୍ଲାଇବ ଦିଲ୍ଲୀର ନାମମାତ୍ର ସମ୍ରାଟ୍ ସାହଆଲମଙ୍କୁ କୋରା ଓ ଏଲାହାବାଦ ଦେଇ ଓ ବାର୍ଷିକ ୨୬ ଲକ୍ଷ ଟଙ୍କା କରସ୍ୱରୂପ ଦେବାକୁ ଚୁକ୍ତି କରି ତାଙ୍କଠାରୁ ବଙ୍ଗ ବିହାର ଓ ଓଡ଼ିଶା ( ମେଦିନୀପୁରଜିଲ୍ଲା ଓ ହୁଗୁଳିଜିଲ୍ଲାର କେତେକାଂଶ )ର ଦେଓ୍ୱାନୀ ବା ରାଜସ୍ୱ ଆଦାୟ କରିବା ଅଧିକାର ପାଇଥିଲେ । ସମ୍ରାଟ୍ ଇଂରେଜମାନଙ୍କର ଉତ୍ତର ସରକାର ( ଗୋଦାବରୀ ଓ




ଚିଲିକା ମଧ୍ୟବର୍ତ୍ତୀ ଅଞ୍ଚଳ ବା ଦକ୍ଷିଣ ଓଡ଼ିଶା ) ଅଧିକାର କାଏମ କରି-ଥିଲେ । ସେ ବଙ୍ଗନବାବଙ୍କୁ ବାର୍ଷିକ ୫୨ ଲକ୍ଷ ଟଙ୍କା ବୃତ୍ତିସ୍ୱରୂପ ଦେବାକୁ ଚୁକ୍ତି କଲେ । ଦେଶରକ୍ଷାପାଇଁ ସୈନ୍ୟ ରଖିବା ଭାର କମ୍ପାନୀ ହସ୍ତରେ ଅର୍ପିତ ହେଲା ।

ଏହାପରେ କ୍ଲାଇବ କମ୍ପାନୀର ଶାସନକୁ ସଂଶୋଧନ କରିବା-ପାଇଁ କେତେକ ସଂସ୍କାର ପ୍ରବର୍ତ୍ତନ କରିଥିଲେ । ସେ କମ୍ପାନୀର କର୍ମଚାରୀମାନଙ୍କର ନିଜ ନାମରେ ବାଣିଜ୍ୟ ବ୍ୟବସାୟ କରିବାର ଅଧିକାର ରହିତ କଲେ ଏବଂ ସେମାନଙ୍କୁ କୌଣସି ପ୍ରକାର ଭେଟି ନ ନେବାପାଇଁ ଆଦେଶ ଦେଲେ । ସେ ସୈନିକମାନଙ୍କର 'ଡବଲଭତ୍ତା' ବା ଯୁଦ୍ଧସମୟରେ ଦ୍ୱିଗୁଣବେତନ ନେବା ପ୍ରଥା ବନ୍ଦ କରିଥିଲେ ।

**ଦ୍ୱିଶାସନପ୍ରଣାଳୀ**—ଖ୍ରୀ: ଅ: ୧୭୬୫ରେ କ୍ଲାଇବ ବଙ୍ଗ, ବିହାର ଓ ଓଡ଼ିଶାରେ ଦ୍ୱିଶାସନପ୍ରଣାଳୀ ଚଳାଇଥିଲେ । ଶାସନକାର୍ଯ୍ୟର କେତେକାଂଶ କମ୍ପାନୀଦ୍ୱାରା ଓ କେତେକାଂଶ ମୁର୍ଶିଦାବାଦର ନବାବଙ୍କ-ଦ୍ୱାରା ପରିଚାଳିତ ହେଲା । ଅର୍ଥାତ୍ ଦେଓ୍ୱାନୀ ବା ପ୍ରଜାମାନଙ୍କଠାରୁ ରାଜସ୍ୱଆଦାୟ ଭାର କମ୍ପାନୀ ହସ୍ତରେ ରହିଲା । କମ୍ପାନୀ ଦେଶରକ୍ଷାପାଇଁ ସୈନ୍ୟ ରଖିବା ଅଧିକାର ପାଇଲେ । ନବାବଙ୍କ ହସ୍ତରେ ଆଇନ ଅଦାଲତ ଓ ପୁଲିସ ବିଭାଗ ରହିଲା । ଏହାଫଳରେ କମ୍ପାନୀ ବଙ୍ଗ ଓ ବିହାରରେ ସର୍ବେସର୍ବା ହେଲେ । ନବାବଙ୍କ ହସ୍ତରେ ବିଶେଷ କିଛି କ୍ଷମତା ରହିଲା ନାହିଁ । ଏହା ଫଳରେ ପ୍ରଜାମାନେ ଦୁଇଟି ଶକ୍ତିଦ୍ୱାରା ଉତ୍ପୀଡ଼ିତ ଓ ଅତ୍ୟାଚାରିତ ହୋଇଥିଲେ । ତେଣୁ ଏହା ପରେ ପରିତ୍ୟକ୍ତ ହୋଇଥିଲା ।

କମ୍ପାନୀର ଶାସନକୁ ଶୃଙ୍ଖଳାବଦ୍ଧ କରି କ୍ଲାଇବ ୧୭୬୭ ଖ୍ରୀଷ୍ଟାବ୍ଦରେ ସ୍ୱଦେଶକୁ ଫେରି ଯାଇଥିଲେ । ତାଙ୍କ ପରେ ଭେରେଲେଷ୍ଟ (ଖ୍ରୀ: ଅ: ୧୭୬୭-୬୯) ଓ କାର୍ଟିୟାର (୧୭୭୦-୭୨) ଯଥାକ୍ରମେ ବଙ୍ଗଳାର ଗଭର୍ଣ୍ଣର ହୋଇଥିଲେ । ସେମାନେ କ୍ଲାଇବଙ୍କ ଶାସନପ୍ରଣାଳୀ ଅନୁସରଣ କରିଥିଲେ । ସେମାନଙ୍କ ସମୟରେ ଲୋକମାନେ ଅତ୍ୟଧିକ କରପୀଡ଼ା ଓ କର୍ମଚାରୀମାନଙ୍କର ଅତ୍ୟାଚାର ଯୋଗୁଁ ବିଶେଷ ଦୁଃଖ କଷ୍ଟ ଭୋଗ କରିଥିଲେ । ଫଳରେ ଖ୍ରୀ: ଅ: ୧୭୭୦ରେ ବଙ୍ଗଳାରେ ଭୀଷଣ

ଦୁର୍ଭିକ୍ଷ ଉପସ୍ଥିତ ହେଲା । ବଙ୍ଗର ଏକତୃତୀୟାଂଶ ଲୋକ କାଳଗ୍ରାସରେ ପତିତ ହେଲେ । ଗ୍ରାମମାନ ଛାରଖାର ହୋଇଗଲା । ଏହା ଦେଖି ଶାସନ-ପ୍ରଣାଳୀର ସଂଶୋଧନ ନିମିତ୍ତ ୱାରେନ୍ ହେଷ୍ଟିଙ୍ଗସ ବଙ୍ଗଳାର ଗଭର୍ଣ୍ଣର ନିଯୁକ୍ତ ହୋଇଥିଲେ । କ୍ଲାଇବ ସ୍ୱଦେଶରେ ଖ୍ରୀ: ଅ: ୧୭୭୪ ରେ ଆତ୍ମହତ୍ୟା କରିଥିଲେ ।

**ପ୍ରଥମ ମହୀଶୂରଯୁଦ୍ଧ** ( ଖ୍ରୀ: ଅ: ୧୭୬୭-୧୭୬୯ )—କ୍ଲାଇବ ଇଂଲଣ୍ଡକୁ ଫେରିଯିବାପରେ ପ୍ରଥମ ମହୀଶୂରଯୁଦ୍ଧ ହୋଇଥିଲା । ହାଇଦର ଅଲି ନାମକ ଜଣେ ମୁସଲମାନ ସେନାପତି ୧୭୬୧ ରେ ମହୀଶୂରର ହିନ୍ଦୁରାଜାଙ୍କୁ ତଡ଼ି ନିଜେ ମହୀଶୂରର ନବାବ ହୋଇଥିଲେ । ସେ ବିଶେଷ ପରାକ୍ରମଶାଳୀ ଥିଲେ ଓ କ୍ଷୁଦ୍ର କ୍ଷୁଦ୍ର ରାଜ୍ୟସକଳ ଜୟକରି କୃଷ୍ଣାନଦୀ ପର୍ଯ୍ୟନ୍ତ ରାଜ୍ୟ ବିସ୍ତାର କରିଥିଲେ । ମରହଟ୍ଟା, ନିଜାମ ଓ ଇଂରେଜମାନେ ମିଳିତ ହୋଇ ହାଇଦରଙ୍କ ସଙ୍ଗେ ଯୁଦ୍ଧ କରିବାକୁ ସ୍ଥିର କଲେ । କିନ୍ତୁ ସେ ମରହଟ୍ଟାମାନଙ୍କୁ ଓ ନିଜାମଙ୍କୁ ନିଜ ପକ୍ଷକୁ ନେଇଗଲେ । ଏହାପରେ ସେ ହଠାତ୍ ବହୁ ସୈନ୍ୟସହ ମାନ୍ଦ୍ରାଜ ଆକ୍ରମଣ କରିଥିଲେ । ଇଂରେଜମାନେ ଅସ୍ତବ୍ୟସ୍ତ ହୋଇ ତାଙ୍କ ସହିତ ଖ୍ରୀ: ଅ: ୧୭୬୯ ରେ ସନ୍ଧି କରିଥିଲେ । ଏଥିରେ ସ୍ଥିର ହେଲା ଯେ ଯଦି କୌଣସି ଶତ୍ରୁ ଏକପକ୍ଷକୁ ଆକ୍ରମଣ କରେ ତାହାହେଲେ ଦ୍ୱିତୀୟପକ୍ଷ ତାକୁ ସାହାଯ୍ୟ ଦେବ । କିନ୍ତୁ ୧୭୭୦ରେ ମରହଟ୍ଟାମାନେ ହାଇଦରଙ୍କ ରାଜଧାନୀ ଶ୍ରୀରଙ୍ଗପତ୍ତନ ପର୍ଯ୍ୟନ୍ତ ଅଧିକାର କରିନେଲେ । ସେତେ-



ହାଇଦର ଅଲି

ବେଳେ ଇଂରେଜମାନେ ହାଇଦରଙ୍କୁ କୌଣସି ସାହାଯ୍ୟ ଦେଇ ନ ଥିଲେ । ହାଇଦର କେତେକ ରାଜ୍ୟ ଦେଇ ମରହଟ୍ଟାମାନଙ୍କ ସହିତ ସନ୍ଧି କରିଥିଲେ । ଇଂରେଜମାନଙ୍କର ଏହି ବିଶ୍ୱାସଘାତକତା ଯୋଗୁ ହାଇଦର ଉତ୍ତ୍ୟକ୍ତ ହୋଇ ସେମାନଙ୍କୁ ଶାସ୍ତି ଦେବାପାଇଁ ସ୍ଥିର କରିଥିଲେ ।

## ତୃତୀୟ ଅଧ୍ୟାୟ

**ଓଆରେନ୍ ହେଷ୍ଟିଙ୍ଗ୍ସ** (ଖ୍ରୀ: ଅ: ୧୭୭୨-୧୭୮୫)—ଲର୍ଡ୍ କ୍ଲାଇବଙ୍କ ପରି ଓଆରେନ୍ ହେଷ୍ଟିଙ୍ଗ୍ସ ମଧ୍ୟ ପ୍ରଥମେ ଛୋଟ କିରାଣି ଥିଲେ । ସେ ଖ୍ରୀ: ଅ: ୧୭୫୦ରେ ଅଠରବର୍ଷ ବୟସରେ ବଙ୍ଗଳାରେ କମ୍ପାନୀର କିରାଣୀରୂପେ ନିଯୁକ୍ତ ହୋଇଥିଲେ । କିନ୍ତୁ ସେ ନିଜର ପ୍ରତିଭା ଓ କାର୍ଯ୍ୟଦକ୍ଷତା ଯୋଗୁଁ କ୍ରମଶଃ ଉନ୍ନତି କରିଥିଲେ ଓ ୧୭୭୨ ରେ ବଙ୍ଗର ଗଭର୍ଣ୍ଣର ପଦରେ ନିଯୁକ୍ତ ହୋଇଥିଲେ ।



ଓଆରେନ୍ ହେଷ୍ଟିଙ୍ଗ୍ସ

**ଓଆରେନ୍ହେଷ୍ଟିଙ୍ଗ୍ସଙ୍କ ଶାସନ ସଂସ୍କାର**—ଦ୍ୱିଶାସନ ପ୍ରଣାଳୀ ଯୋଗୁଁ କରପୀଡ଼ା ଓ ଉତ୍କୋଚ ଗ୍ରହଣ ପ୍ରବଳ ହେବାରୁ ସେ ପ୍ରଥମେ ଏହା ଉଠାଇଦେଇ ଶାସନକାର୍ଯ୍ୟରେ ଅନେକ ପରିବର୍ତ୍ତନ ଓ ସଂସ୍କାର ପ୍ରବର୍ତ୍ତନ କରିଥିଲେ । ସେ ଦେଖିଲେ ଯେ କମ୍ପାନୀର ଦେଶୀୟ କର୍ମଚାରୀମାନେ କର ଆଦାୟ ପାଇଁ ପ୍ରଜାମାନଙ୍କ ଉପରେ ନାନାପ୍ରକାର ଅତ୍ୟାଚାର କରୁଛନ୍ତି । ତେଣୁ

ସେ ଡେପୁଟି ନବାବ ମହମ୍ମଦ ରେଜାଖାଁ ଓ ରାଜା ସୀତାବରାୟଙ୍କୁ କାର୍ଯ୍ୟରୁ ତଡ଼ିଦେଲେ । ସେ ମୁର୍ଶିଦାବାଦରୁ କଲିକତାକୁ ରାଜକୋଷ ଉଠାଇ ଆଣିଲେ । ସେ ବଙ୍ଗଳା ଓ ବିହାରକୁ କେତେଗୁଡ଼ିଏ ଜିଲ୍ଲାରେ ବିଭକ୍ତ କରି ପ୍ରତ୍ୟେକ ଜିଲ୍ଲାରେ ରାଜସ୍ୱ ଆଦାୟ ପାଇଁ ଜଣେ ଜଣେ ଉଚ୍ଚ ବେତନ-ଭୋଗୀ କ୍ଷମତାସଂପନ୍ନ ଗୋରା କଲେକ୍ଟର ନିଯୁକ୍ତ କରିଥିଲେ । ୬।୭ଟି ଜିଲ୍ଲାର କଲେକ୍ଟରମାନଙ୍କ କାର୍ଯ୍ୟ ପରିଦର୍ଶନ କରିବା ପାଇଁ ଜଣେ ଜଣେ କମିଶନର ନିଯୁକ୍ତ ହେଲେ । ରାଜସ୍ୱସଂକ୍ରାନ୍ତ ବିଷୟମାନ ନିଷ୍ପତ୍ତି କରିବା ପାଇଁ କଲିକତାରେ ଗୋଟିଏ ରେଭିନ୍ୟୁ ବୋର୍ଡ (ରାଜସ୍ୱସଭା) ସ୍ଥାପିତ ହେଲା । ସେ ଜମିଦାରମାନଙ୍କ ସହିତ ପାଞ୍ଚବର୍ଷ ପାଇଁ ବନ୍ଦୋବସ୍ତ କରିଥିଲେ ।

ଜମିଦାରମାନଙ୍କର କଚେରି ପରିବର୍ତ୍ତେ ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ ଲେଖାଏ ଫଉଜଦାରୀ ଓ ଦେଓୟାନୀ ଅଦାଲତ ରହିଲା । କଲେକ୍ଟରମାନେ ସେଠାରେ ବିଚାର କାର୍ଯ୍ୟ ଚଳାଇଲେ । ଜିଲ୍ଲା ଅଦାଲତମାନଙ୍କ ବିରୁଦ୍ଧରେ ଅପିଲ ଶୁଣିବାପାଇଁ ହେଷ୍ଟିଂସ୍ କଲିକତାରେ 'ସଦର ଦେଓୟାନୀ ଅଦାଲତ' ଓ 'ସଦର ନିଜାମତ୍ ଅଦାଲତ୍' ନାମକ ଦୁଇଟି ପ୍ରଧାନ ବିଚାରାଳୟ ସ୍ଥାପନ କରିଥିଲେ ।

ସେ ଅର୍ଥାଭାବ ଦୂର କରିବାପାଇଁ ଦିଲ୍ଲୀସମ୍ରାଟଙ୍କ ବାର୍ଷିକ କର ବନ୍ଦ କରିଥିଲେ ଓ ବଙ୍ଗ ନବାବଙ୍କ ବାର୍ଷିକ ପ୍ରାପ୍ୟ ଅଧା କରିଦେଲେ । ସେ କୋରା ଓ ଏଲାହାବାଦ ପ୍ରଦେଶଦ୍ୱୟ ସମ୍ରାଟ୍ ସାହଆଲମଙ୍କଠାରୁ ଛଡ଼ାଇ ଆଣି ଅଯୋଧ୍ୟାର ନବାବଙ୍କୁ ୫୦ ଲକ୍ଷ ଟଙ୍କାରେ ବିକି ଦେଲେ ।

**ରୋହିଲା ଯୁଦ୍ଧ**—ଅଧୁନିକ ଯୁକ୍ତପ୍ରଦେଶରେ ଥିବା ରୋହିଲ-ଖଣ୍ଡ ରାଜ୍ୟ ଅଧିକାର କରିବାପାଇଁ ଅଯୋଧ୍ୟାର ନବାବ ହେଷ୍ଟିଂସଙ୍କୁ ସୈନ୍ୟ ସାହାଯ୍ୟ ମାଗିଲେ । ସେ ନବାବଙ୍କଠାରୁ ୪୦ ଲକ୍ଷ ଟଙ୍କା ଆଣି ତାଙ୍କୁ ସୈନ୍ୟ ସାହାଯ୍ୟ ଦେଇଥିଲେ । ନବାବ ଇଂରେଜ ସୈନ୍ୟ

ସାହାଯ୍ୟରେ ରୋହିଲ୍ଲମାନଙ୍କ ପ୍ରତି ଭୀଷଣ ଅତ୍ୟାଚାର କରିଥିଲେ । ରୋହିଲ୍ଲଖଣ୍ଡ ନବାବଙ୍କର ହସ୍ତଗତ ହେଲା ( ଖ୍ରୀ: ୧୭୭୩ ) । ରୋହିଲ୍ଲ-ମାନେ ଭଲଭାବରେ ରାଜ୍ୟ ଶାସନ କରୁଥିଲେ ଓ ସେମାନେ କେବେ ଇଂରେଜମାନଙ୍କର ଶତ୍ରୁତାଚରଣ କରି ନ ଥିଲେ । କିନ୍ତୁ ହେଷ୍ଟିଂସ ଅର୍ଥଲୋଭରେ ସେମାନଙ୍କର ଉଚ୍ଛେଦ ସାଧନ ପାଇଁ ନବାବଙ୍କୁ ସୈନ୍ୟ ସାହାଯ୍ୟ ଦେଇଥିବାରୁ ପରେ ତାଙ୍କର ନିନ୍ଦାବାଦ ହୋଇଥିଲା ।

**ରେଗୁଲେଟିଙ୍ଗ୍ ଆକ୍ଟ** (ଖ୍ରୀ:ଅ:୧୭୭୩)—ବିଲାତପାର୍ଲାମେଣ୍ଟ ଇଷ୍ଟଇଣ୍ଡିଆ କମ୍ପାନୀ ହସ୍ତରେ ଭାରତରେ ସ୍ଥାପିତ ବିଶାଳରାଜ୍ୟର ଶାସନ-ଭାର ଛାଡ଼ିଦେବା ନିରାପଦ ଓ ହିତକର ନୁହେଁ ବୋଲି ସ୍ଥିର କଲେ । ତେଣୁ କମ୍ପାନୀର ଶାସନପ୍ରଣାଳୀକୁ ନିୟନ୍ତ୍ରଣ କରିବାପାଇଁ ଇଂଲଣ୍ଡର ପ୍ରଧାନମନ୍ତ୍ରୀ ଲର୍ଡ଼ ନର୍ଥ ଖ୍ରୀ: ୧୭୭୩ରେ ରେଗୁଲେଟିଙ୍ଗ୍ ଅକ୍ଟ ପ୍ରଣୟନ କରିଥିଲେ । ଖ୍ରୀ: ୧୭୭୪ରୁ ଏହି ଆଇନ ଅନୁସାରେ କାର୍ଯ୍ୟ ହେଲା । ଏହାଫଳରେ ବଙ୍ଗର ଗଭର୍ଣ୍ଣର ଭାରତର ଗଭର୍ଣ୍ଣରଜେନେରାଲ (ବଡ଼ଲାଟ) ହେଲେ ଓ ତାଙ୍କ ଅଧୀନରେ ମାନ୍ଦ୍ରାଜ ଓ ବୋମ୍ବେ ଗଭର୍ଣ୍ଣରଦ୍ୱୟ ରହିଲେ । ଗଭର୍ଣ୍ଣର ଜେନେରାଲଙ୍କୁ ଶାସନ କାର୍ଯ୍ୟରେ ସାହାଯ୍ୟ ଦେବାପାଇଁ ଚାରିଜଣ ସଭ୍ୟ ଥିବା ଗୋଟିଏ କାଉନ୍‌ସିଲ ( ମନ୍ତ୍ରୀସଭା ) ରହିଲା । କମ୍ପାନୀ କର୍ମଚାରୀମାନଙ୍କ ବିରୁଦ୍ଧରେ ଅଭିଯୋଗ ଶୁଣିବା ପାଇଁ କଲିକତାରେ ଗୋଟିଏ 'ସୁପ୍ରିମକୋର୍ଟ' ବା ପ୍ରଧାନ ବିଚାରାଳୟ ସ୍ଥାପିତ ହେଲା । ସେଥିରେ ଜଣେ ପ୍ରଧାନବିଚାରପତି ଓ ତିନିଜଣ ସହକାରୀ ବିଚାରପତି ରହିଲେ । କମ୍ପାନୀ ଭାରତଶାସନ ସମ୍ବନ୍ଧୀୟ ସମସ୍ତବିଷୟ ଇଂଲଣ୍ଡର ମନ୍ତ୍ରୀମାନଙ୍କୁ ଜଣାଇବାକୁ ବାଧ୍ୟ ହେଲେ । ହେଷ୍ଟିଙ୍ଗ୍‌ସ ଭାରତର ପ୍ରଥମ ଗଭର୍ଣ୍ଣର-ଜେନେରାଲ ହେଲେ । ଫିଲିପ୍ ଫ୍ରାନ୍‌ସିସ୍, ଜେନେରାଲ କ୍ଲେଭରିଂ, କର୍ଣ୍ଣେଲ ମନ୍‌ସନ୍ ଏବଂ ରିଚାର୍ଡ଼ ବାରଓୟେଲ ତାଙ୍କ ମନ୍ତ୍ରୀସଭାର ମେମ୍ବର

ହେଲେ । ଗଭର୍ଣ୍ଣ ବାରୱେଲଙ୍କ ବ୍ୟତୀତ ଅନ୍ୟ ତିନି ଜଣ ସଭ୍ୟ ସର୍ବଦା ହେଷ୍ଟିଙ୍ଗ୍‌ସଙ୍କ ବିରୁଦ୍ଧାଚରଣ କରୁଥିଲେ ।

## ପ୍ରଥମ ଗଭର୍ଣ୍ଣରଜେନେରାଲ ହେଷ୍ଟିଙ୍ଗ୍‌ସ

( ଖ୍ରୀ: ଅ: ୧୭୭୪—୧୭୮୫ )

**ମହାରାଜ ନନ୍ଦକୁମାରଙ୍କ ଫାଶୀ**—ନନ୍ଦକୁମାର ନାମକ ଜଣେ ସମ୍ଭ୍ରାନ୍ତ ଧନୀ ବ୍ରାହ୍ମଣ ମିରଜାଫରଙ୍କର ରାଜସ୍ୱସଚିବ ଓ ପ୍ରଧାନ-ମନ୍ତ୍ରୀ ଥିଲେ । ତାଙ୍କର ମାନସମ୍ଭ୍ରମ, ପ୍ରଭୁପତ୍ତି ଓ କାର୍ଯ୍ୟକୁଶଳତା ଯୋଗୁଁ ଦିଲ୍ଲୀସମ୍ରାଟ୍ ତାଙ୍କୁ ମହାରାଜ ଉପାଧି ଦେଇଥିଲେ । ସେ ହେଷ୍ଟିଙ୍ଗ୍‌ସଙ୍କ ବିରୁଦ୍ଧରେ ମିରଜାଫରଙ୍କ ବିଧବା ପତ୍ନୀଙ୍କଠାରୁ ସାଢ଼େ ତିନିଲକ୍ଷ ଟଙ୍କା ଲାଞ୍ଚ ନେଇଥିବା ଅଭିଯୋଗ ଆଣିଥିଲେ । ହେଷ୍ଟିଙ୍ଗ୍‌ସଙ୍କ ସଭାର ତିନିଜଣ ସଭ୍ୟ ତାଙ୍କୁ ଏଥିରେ ସାହାଯ୍ୟ ଦେଇଥିଲେ । ଏହି ଅଭିଯୋଗ ବିଚାର ହେବା ପୂର୍ବରୁ ମୋହନପ୍ରସାଦ ନାମକ ଜଣେ ଲୋକ ସମ୍ଭବତଃ ହେଷ୍ଟିଙ୍ଗ୍‌ସଙ୍କ ପ୍ରରୋଚନାରେ ନନ୍ଦକୁମାରଙ୍କ ବିରୁଦ୍ଧରେ ସୁପ୍ରିମକୋର୍ଟରେ ଗୋଟିଏ ଜାଲ ମକଦ୍ଦମା କରିଥିଲେ । ହେଷ୍ଟିଙ୍ଗ୍‌ସଙ୍କ ବାଲ୍ୟବନ୍ଧୁ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି 'ସାର୍ ଏଲିଜା ଇମ୍ପେ' ନନ୍ଦକୁମାରଙ୍କୁ ଏହି ଅପରାଧରେ ୧୭୭୫ରେ ଫାଶୀଦଣ୍ଡ ଦେଇଥିଲେ । ଏହି ମକଦ୍ଦମାରେ ଉପଯୁକ୍ତ ବିଚାର ହୋଇ ନ ଥିଲା । ଏହା ରାଜନୈତିକ ହତ୍ୟାକାଣ୍ଡ ବୋଲି ଐତିହାସିକମାନେ ମତ ପ୍ରକାଶ କଲେଣି ।

**ମରହଟ୍ଟାମାନଙ୍କର ପୁନରୁତ୍ଥାନ**—ତୃତୀୟ ପେଶବା ବାଲାଜୀ ବାଜିରାଓଙ୍କ ମୃତ୍ୟୁପରେ ତାଙ୍କ ପୁଅ ( ମାଧବ ) ମଧୁରାଓ ଖ୍ରୀ: ଅ: ୧୭୬୧ ରୁ ଖ୍ରୀ: ଅ: ୧୭୭୨ ପର୍ଯ୍ୟନ୍ତ ପେଶବା ଥିଲେ । ତାଙ୍କ ସମୟରେ ମରହଟ୍ଟାମାନେ ପୁନର୍ବାର ଶକ୍ତିଶାଳୀ ହୋଇଥିଲେ । ସେ ହାଇଦର ଅଲିଙ୍କୁ ଦୁଇଥର ପରାସ୍ତ କରିଥିଲେ । ହାଇଦ୍ରାବାଦର ନିଜାମ

ଓ ବେରାରର ରାଜା ତାଙ୍କର ଅଧୀନତା ସ୍ୱୀକାର କରିଥିଲେ । ତାଙ୍କର ସେନାପତି ରାଜପୁତ ଓ ଜାଠମାନଙ୍କଠାରୁ କର ଅଦାୟ କରିଥିଲେ, ରୋହିଲାଖଣ୍ଡ ପ୍ରଦେଶ ଲୁଣ୍ଠନ କରିଥିଲେ ଓ ସମ୍ରାଟ୍ ଶାହଆଲମଙ୍କୁ ମରହଟ୍ଟାମାନଙ୍କର ଅଧୀନତା ସ୍ୱୀକାର କରିବାକୁ ବାଧ କରିଥିଲେ । ଉତ୍ତରଭାରତରେ ମରହଟ୍ଟାମାନଙ୍କର ପ୍ରାଧାନ୍ୟ କିଛିକାଳପାଇଁ ପୁନଃ ପ୍ରତିଷ୍ଠିତ ହୋଇଥିଲା, କିନ୍ତୁ ମରହଟ୍ଟାମାନଙ୍କର ଏପରି ଉତ୍ଥାନ ସମୟରେ ମାଧବରାଓଙ୍କର ଅକାଳ ମୃତ୍ୟୁ ହେଲା ( ୧୭୭୨ ) ।

**ପ୍ରଥମ ମରହଟ୍ଟା ସମର**—ମାଧବରାଓଙ୍କ ମୃତ୍ୟୁପରେ ତାଙ୍କର ଅଳ୍ପବୟସ୍କ ଭାଇ 'ନାରାୟଣ ରାଓ' ପଞ୍ଚମ ପେଶବା ହେଲେ । ଅଳ୍ପଦିନ ରାଜତ୍ୱ ପରେ ସେ ତାଙ୍କର ଖୁଡ଼ୁତାତ ରଘୁନାଥ ରାଓ ବା ରାଘବ ରାଓଙ୍କ-ଦ୍ୱାରା ନିହତ ହୋଇଥିଲେ ( ୧୭୭୩ ) । ରାଘବା ପେଶବାପଦ ଲାଭ କଲେ । କିନ୍ତୁ ନାନାଫଡ଼ନବିସ୍ ନାମକ ଜଣେ ବିଚକ୍ଷଣ ବ୍ରାହ୍ମଣମନ୍ତ୍ରୀ ରାଘବାଙ୍କର ପ୍ରତିଦ୍ୱନ୍ଦ୍ୱୀ ହୋଇ ନାରାୟଣଙ୍କର ମୃତ୍ୟୁପରେ ଜାତ ତାଙ୍କର ଶିଶୁପୁତ୍ର ମାଧବରାଓ ନାରାୟଣଙ୍କୁ ପେଶବା ପଦରେ ଅଧିଷ୍ଠିତ କଲେ । ରାଘବା ସିଂହାସନଚ୍ୟୁତ ହୋଇ ବମ୍ବେ ଗଭର୍ଣ୍ଣମେଣ୍ଟଙ୍କ ସହିତ ସୁରଟଠାରେ ଗୋଟିଏ ସନ୍ଧି କରିଥିଲେ ( ୧୭୭୫ ) । ଏହି ସନ୍ଧି ଅନୁଯାୟୀ ରାଘବା ପେଶବା ପଦ ପାଇଲେ । ଇଂରେଜମାନଙ୍କୁ ବମ୍ବେ ନିକଟବର୍ତ୍ତୀ ସାଲସେଟ୍ ଓ ବେସିନ୍ ନାମକ ଦୁଇଟିସ୍ଥାନ ପ୍ରଦାନ କରିବାକୁ ପ୍ରତିଜ୍ଞା କଲେ । ତେଣୁ ଇଂରେଜ ଓ ମରହଟ୍ଟାମାନଙ୍କ ମଧ୍ୟରେ ଯୁଦ୍ଧ ଆରମ୍ଭ ହେଲା । ଶିଶୁପେଶବାଙ୍କୁ ସିନ୍ଧିଆ ଓ ହୋଲକାର ସାହାଯ୍ୟ ଦେଇଥିଲେ । ଏହି ଯୁଦ୍ଧ ପ୍ରାୟ ୭ବର୍ଷ କାଳ ଚାଲିଥିଲା । ଏହାକୁ ପ୍ରଥମ ମରହଟ୍ଟାଯୁଦ୍ଧ କହନ୍ତି ।

ବମ୍ବେ ଗଭର୍ଣ୍ଣମେଣ୍ଟଙ୍କ ଦ୍ୱାରା ପ୍ରେରିତ ସୈନ୍ୟ ଦଳ ମରହଟ୍ଟା-ମାନଙ୍କଦ୍ୱାରା ପରାଜିତ ହୋଇ ଆତ୍ମସମର୍ପଣ କରିଥିଲେ । ଉଭୟ ପକ୍ଷ ମଧ୍ୟରେ ୱାଡ଼ଗାଁଠାରେ ଗୋଟିଏ ସନ୍ଧି ( Convention of

Wadgaon ) ହେଲା ( ୧୭୭୯ ) । ଇଂରେଜମାନେ ସାଲସେଟ୍ ଓ ବେସିନ ପ୍ରତି ଦାବୀ ପରିତ୍ୟାଗ କଲେ ଏବଂ ରଘବାଙ୍କୁ ସାହାଯ୍ୟ ନ ଦେବାକୁ ସ୍ୱୀକୃତ ହେଲେ; କିନ୍ତୁ ହେଷ୍ଟିଂସ୍ ଓ ବମ୍ବେସରକାର ଏହି ସନ୍ଧିର ସର୍ତ୍ତ ମାନିଲେ ନାହିଁ । ପୁନର୍ବାର ମରହଟ୍ଟା ଓ ଇଂରେଜମାନଙ୍କ ମଧ୍ୟରେ ଯୁଦ୍ଧ ହେଲା । କିଛି ଦିନ ଯୁଦ୍ଧ ଚାଲିବା ପରେ ମାଧାଜୀସିନ୍ଧିଆଙ୍କ ମଧ୍ୟସ୍ଥତାରେ ୧୭୮୨ ରେ ଉଭୟପକ୍ଷ ମଧ୍ୟରେ **ସାଲବାଇସନ୍ଧି** ସ୍ଥାପିତହେଲା । ଏହାଅନୁଯାୟୀ ଇଂରେଜମାନେ ସାଲସେଟ୍ ଓ ଏଲିଫାଣ୍ଟା ନାମକ ଦୁଇଟି କ୍ଷୁଦ୍ର ଦ୍ୱୀପ ପାଇଲେ । ମାଧୁରାଓ ନାରାୟଣ ପେଶବା ବୋଲି ସ୍ୱୀକୃତ ହେଲେ ଓ ରଘବା ମାସିକବୃତ୍ତି ପାଇବାର ବ୍ୟବସ୍ଥା ହେଲା ।

**ଦ୍ୱିତୀୟ ମହୀଶୂର ଯୁଦ୍ଧ** (ଖ୍ରୀ: ଅ: ୧୭୮୦—୧୭୮୪)—ପ୍ରଥମ ମହୀଶୂର ଯୁଦ୍ଧର ସନ୍ଧି ଅନୁଯାୟୀ ଇଂରେଜମାନେ ହାଇଦର ଅଲିଙ୍କୁ ମରହଟ୍ଟା ଆକ୍ରମଣ ସମୟରେ ସାହାଯ୍ୟ ଦେଇ ନ ଥିବାରୁ ସେ ଇଂରେଜମାନଙ୍କ ଉପରେ ବିରକ୍ତ ଥିଲେ । ସେ ସମୟରେ ଇଉରୋପରେ ଇଂରେଜ ଓ ଫରାସୀମାନଙ୍କ ମଧ୍ୟରେ ଯୁଦ୍ଧ ହେବାରୁ ଭାରତରେ ଇଂରେଜମାନେ ମହୀଶୂରରାଜ୍ୟ ମଧ୍ୟରେ ସୈନ୍ୟଚାଳନ କରି ଉକ୍ତ ରାଜ୍ୟରେ ଥିବା ଫରାସୀ ଅଧିକୃତ ମାହି ବନ୍ଦର ଅଧିକାର କଲେ । ଏଥିରେ ବିରକ୍ତ ହୋଇ ହାଇଦର ଅଲି ଇଂରେଜମାନଙ୍କ ବିରୁଦ୍ଧରେ ଯୁଦ୍ଧ ଘୋଷଣା କଲେ ।

ହାଇଦର ମାନ୍ଦ୍ରାଜ ସରକାରଙ୍କ ସୈନ୍ୟମାନଙ୍କୁ ପରାସ୍ତ କଲେ । ମାଜର ମନ୍‌ରୋ ହାଇଦରଙ୍କ ସହିତ ଯୁଦ୍ଧ ନ କରି ଭୟରେ ପଳାଇ ଆସିଲେ । କିନ୍ତୁ ସେ କୁଟଙ୍କଦ୍ୱାରା ଗୋଟିଏ ଯୁଦ୍ଧରେ ପରାଜିତ ହୋଇଥିଲେ । (୧୭୮୧) । ସେ ୮୦ ବର୍ଷର ବୃଦ୍ଧ ହୋଇ ମଧ୍ୟ ଅସାଧାରଣ ସାହସ ଓ ବୀରତ୍ୱ ସହକାରେ ଯୁଦ୍ଧ କରି ଅନେକ ଥର ଜୟଲାଭ କରିଥିଲେ । ୧୭୮୨ ଖ୍ରୀଷ୍ଟାବ୍ଦରେ ତାଙ୍କର ମୃତ୍ୟୁ ହେବାରୁ ତାଙ୍କ ପୁତ୍ର ଟିପୁ ସୁଲତାନ ଦକ୍ଷତା ଓ ସଫଳତାର ସହିତ ଇଂରେଜମାନଙ୍କ ସଙ୍ଗେ ଅଧିକ

ଦୁଇବର୍ଷ ଯୁଦ୍ଧ କରିଥିଲେ । ଶେଷରେ ଖ୍ରୀ: ଅ: ୧୭୮୪ ରେ ଉଭୟପକ୍ଷ ମଧ୍ୟରେ ସନ୍ଧି ହେଲା । ଏହାକୁ **ମାଙ୍ଗାଲୋର ସନ୍ଧି** କୁହାଯାଏ । ଏହା ଫଳରେ ଉଭୟପକ୍ଷ ନିଜ ନିଜର ପୂର୍ବରାଜ୍ୟ ଫେରି ପାଇଲେ ।

ଉପରୋକ୍ତ ଦୁଇ ଯୁଦ୍ଧରେ ବହୁଅର୍ଥ ବ୍ୟୟିତ ହେବାରୁ ହେଷ୍ଟିଙ୍ଗ୍ସ ଅର୍ଥସଂଗ୍ରହ କରିବାନିମିତ୍ତ ଚୈତସିଂହଙ୍କ ପ୍ରତି ଅତ୍ୟାଚାର ଓ ଅଯୋଧ୍ୟାର ବେଗମମାନଙ୍କର ସମ୍ପତ୍ତି ଲୁଣ୍ଠନ କରିଥିଲେ ।

**ଚୈତସିଂହ**—ବାରାଣସୀର ହିନ୍ଦୁରାଜା ଚୈତସିଂହ କମ୍ପାନୀର କରଦରାଜା ଥିଲେ । ହେଷ୍ଟିଙ୍ଗ୍ସ ଅର୍ଥାଭାବ ଦୂରକରିବା ପାଇଁ ତାଙ୍କଠାରୁ ବାର୍ଷିକକର ଛଡ଼ା ଅଧିକ ପାଞ୍ଚଲକ୍ଷଟଙ୍କା ଦୁଇଥର ଦାବୀ କରିଥିଲେ । ସେ ଦୁଇଥରଯାକ ହେଷ୍ଟିଙ୍ଗ୍ସଙ୍କ ଦାବୀ ପୂରଣ କରିଥିଲେ । ୧୭୮୦ରେ ହେଷ୍ଟିଙ୍ଗ୍ସ ତାଙ୍କୁ ପ୍ରଚୁର ଅର୍ଥ ମାଗିଲେ । ଚୈତସିଂହ ଟଙ୍କା ଦେବାରେ ବିଳମ୍ବ କରିବାରୁ ହେଷ୍ଟିଙ୍ଗ୍ସ ତାଙ୍କୁ ୫୦ ଲକ୍ଷ ଟଙ୍କା ଜୋରିମାନା କଲେ ଏବଂ ଏହା ଆଦାୟ କରିବାନିମିତ୍ତ ବାରାଣାସୀକୁ ଯାଇ ଚୈତ-ସିଂହଙ୍କୁ ବନ୍ଦୀ କଲେ । ସେ କୌଣସି ପ୍ରକାରେ ମୁକ୍ତିଲାଭ କରି ବିଦ୍ରୋହ କଲେ । କିନ୍ତୁ ଶେଷରେ ସେ ପରାଜିତ ଓ ସିଂହାସନଚ୍ୟୁତ ହେଲେ ଏବଂ ତାଙ୍କ ପୁତ୍ରଙ୍କୁ ବାରାଣସୀ ରାଜ୍ୟ ପ୍ରଦତ୍ତ ହେଲା । ଚୈତସିଂହଙ୍କ ପ୍ରତି ହେଷ୍ଟିଙ୍ଗ୍ସ ଅତିଶୟ ନିର୍ଦ୍ଦୟ ବ୍ୟବହାର କରିଥିଲେ ।

**ଅଯୋଧ୍ୟାର ବେଗମମାନଙ୍କ ସମ୍ପତ୍ତି ଲୁଣ୍ଠନ**—ଅଯୋଧ୍ୟାର ନବାବ କମ୍ପାନୀର ଅନେକ ଟଙ୍କା ବାକି ରଖିଥିଲେ । ହେଷ୍ଟିଙ୍ଗ୍ସ ତାଙ୍କୁ ଟଙ୍କା ମାଗିବାରୁ ସେ କହିଲେ, ଅଯୋଧ୍ୟାର ବେଗମ ଦ୍ୱୟଙ୍କର (ତାଙ୍କ ବିଧବା ମାତା ଓ ପିତାମହୀ) ସଞ୍ଚିତ ସମ୍ପତ୍ତି ନ ପାଇଲେ ସେ କମ୍ପାନୀର ପ୍ରାପ୍ୟ ଟଙ୍କା ଦେଇ ପାରିବେ ନାହିଁ । ହେଷ୍ଟିଙ୍ଗ୍ସ ନବାବଙ୍କୁ ସେମାନଙ୍କର ବ୍ୟକ୍ତିଗତ ସମ୍ପତ୍ତି ଜବରଦସ୍ତି ନେଇଯିବାକୁ ହୁକୁମ ଦେଲେ ଓ ତାଙ୍କୁ ସାହାଯ୍ୟ ଦେବାପାଇଁ କେତେକ ସୈନ୍ୟ

ପଠାଇଲେ । ନବାବ ସୈନ୍ୟ ସାହାଯ୍ୟରେ ଦୁଇ ବେଗମଙ୍କଠାରୁ ବଳପୂର୍ବକ ୭୬ ଲକ୍ଷ ଟଙ୍କା ଗ୍ରହଣ କରି ହେଷ୍ଟିଙ୍ଗସ୍‌ଙ୍କୁ ଦେଇଥିଲେ । ପରଦାନସିନ୍ ମୁସଲମାନ ନାରୀଙ୍କର ବ୍ୟକ୍ତିଗତ ସମ୍ପତ୍ତି ଏପରି ଭାବରେ ଲୁଣ୍ଠନ କରାଇଥିବାରୁ ହେଷ୍ଟିଙ୍ଗସ୍‌ଙ୍କୁ ପରେ ସମସ୍ତେ ନିନ୍ଦା କରିଥିଲେ ।

**ପିଟ୍‌ଙ୍କ ଭାରତ ଆଇନ** ( Pitt's India Act )— ଖ୍ରୀ: ୧୭୮୪ ରେ ଇଂଲଣ୍ଡର ପ୍ରଧାନମନ୍ତ୍ରୀ ଉଇଲିୟମ ପିଟ୍ ଭାରତରେ କମ୍ପାନୀର ଶାସନ ପରିଚାଳନାପାଇଁ ଏହି ଆଇନ ପ୍ରଣୟନ କରିଥିଲେ । ଏହି ଆଇନ ଅନୁଯାୟୀ ଇଷ୍ଟଇଣ୍ଡିଆ କମ୍ପାନୀର ଡିରେକ୍‌ଟରମାନଙ୍କଠାରୁ ରାଜ୍ୟଶାସନ କ୍ଷମତା କାଢ଼ିନିଆଯାଇ ଗୋଟିଏ 'ବୋର୍ଡ଼ ଅଫ୍ କଣ୍ଟ୍ରୋଲ' ( Beard of Control ) ହାତରେ ଦିଆଗଲା । ଏଥିରେ ୬ ଜଣ ସଭ୍ୟ ରହିଲେ । ଏହାର ସଭାପତି ଭାରତରେ ଇଂରେଜ ସାମ୍ରାଜ୍ୟର ପ୍ରକୃତ ଶାସକ ହେଲେ । ଗଭର୍ଣ୍ଣର ଜେନେରାଲଙ୍କ ମନ୍ତ୍ରୀସଭାରେ ତିନିଜଣ ସଦସ୍ୟ ରହିଲେ ଏବଂ ସେମାନେ ଭାରତରେ ଯୁଦ୍ଧ, ଶାନ୍ତି, ଅର୍ଥନୀତି ଓ ବୈଦେଶିକ ନୀତିପାଇଁ ବୋର୍ଡ଼ଠାରେ ସମ୍ପୂର୍ଣ୍ଣରୂପେ ଦାୟୀ ରହିଲେ । ଏହା ଫଳରେ କମ୍ପାନୀ ପରିବର୍ତ୍ତେ ପାର୍ଲାମେଣ୍ଟ ହସ୍ତରେ ଭାରତର ପ୍ରକୃତ ଶାସନଭାର ରହିଲା ଓ ଗଭର୍ଣ୍ଣରଜେନେରାଲଙ୍କ ଅଖଣ୍ଡ କ୍ଷମତାମୂଳରେ କୁଠାରଘାତ ହେଲା ।

ହେଷ୍ଟିଙ୍ଗସ୍ ନୂତନ ଶାସନପ୍ରଣାଳୀ ପ୍ରବର୍ତ୍ତିତ କରି ଭାରତରେ ଇଂରେଜଶାସନ ବଦ୍ଧମୂଳ କରିଥିଲେ । ସେ ବିଦ୍ୟାଚର୍ଚ୍ଚା ବୃଦ୍ଧିନିମନ୍ତେ କଲିକତାରେ ପ୍ରସିଦ୍ଧ 'ଏସିୟାଟିକ୍ ସୋସାଇଟି' ପ୍ରତିଷ୍ଠା କରିଥିଲେ । ତାହାଦ୍ୱାରା ଭାରତର ପ୍ରଭୂତ ଉପକାର ସାଧିତ ହୋଇଛି । ତାହା ଆଜିପର୍ଯ୍ୟନ୍ତ ରହିଛି ।

୧୭୮୫ ରେ ହେଷ୍ଟିଙ୍ଗସ୍ ପଦତ୍ୟାଗ କରି ବିଲାତ ଗଲେ । ସେଠାରେ ରୋହିଲାଯୁଦ୍ଧ, ନନ୍ଦକୁମାରଙ୍କ ଫାଶୀ, ଚୈତସିଂହ ଓ ଅଯୋଧ୍ୟାର

ବେଗମମାନଙ୍କ ପ୍ରତି ଅତ୍ୟାଚାର ଯୋଗୁଁ ତାଙ୍କ ନାମରେ ପାର୍ଲାମେଣ୍ଟରେ ଅନେକ ଅଭିଯୋଗ ଆସିଲା । ସାତବର୍ଷ କାଳ ଲର୍ଡ଼ ସଭାରେ ତାଙ୍କ ବିରୁଦ୍ଧରେ ଆଗତ ଅଭିଯୋଗସବୁର ବିଗ୍ଧର ଗ୍ଧଲିଲା । ଶେଷରେ ସେ ନିର୍ଦ୍ଦୋଷ ବୋଲି ଖଲାସ ପାଇଲେ । କିନ୍ତୁ ସେ ଏହି ମକଦ୍ଦମାରେ ସର୍ବସ୍ୱାନ୍ତ ହୋଇଗଲେ ଓ ଶେଷଜୀବନ ବଡ଼ ଦୁଃଖ କଷ୍ଟରେ କଟାଇ ଖ୍ରୀ: ୧୮୧୮ ରେ ପ୍ରାଣତ୍ୟାଗ କଲେ ।

---

## ଚତୁର୍ଥ ଅଧ୍ୟାୟ

## ମହୀଶୂରରାଜ୍ୟର ପତନ, ମରହଟ୍ଟା ଶକ୍ତିର ଅବସାନ ଓ ଶିଖ ଶକ୍ତି

**ଲର୍ଡ଼ କର୍ଣ୍ଣଉଆଲିସ୍** ( ଖ୍ରୀ: ଅ: ୧୭୮୬—୧୭୯୩ )— ଓଅରେନ୍ ହେଷ୍ଟିଙ୍ଗ୍‌ସଙ୍କ ପରେ ସାର ଜନ୍ ମ୍ୟାକ୍‌ଫରସନ୍ ପ୍ରାୟ ୨୦ ମାସ କାଳ ଭାରତର ଶାସନକାର୍ଯ୍ୟ ପରିଗ୍ଧଳନ କରିଥିଲେ । ତାଙ୍କ ପରେ ଲର୍ଡ଼ କର୍ଣ୍ଣଉଆଲିସ୍ ଭାରତର ଦ୍ୱିତୀୟ ଗଭର୍ଣ୍ଣରଜେନେରାଲ ହେଲେ । ସେ ଜଣେ ସମ୍ଭ୍ରାନ୍ତବଂଶୀୟ ଇଂରେଜ ଥିଲେ । ସେ ତାଙ୍କର ମନ୍ତ୍ରୀସଭା ଉପରେ କର୍ତ୍ତୃତ୍ୱ କରିବାପାଇଁ ବିଶେଷ କ୍ଷମତା ପାଇ ଏ ଦେଶକୁ ଆସିଥିଲେ । ଅଧିକନ୍ତୁ ସେ ପ୍ରଧାନ ସେନାପତି ( Commander in-chief ) କାର୍ଯ୍ୟ କରିବାପାଇଁ ଅନୁମତି ପାଇ-



ଲର୍ଡ଼ କର୍ଣ୍ଣଉଆଲିସ୍

ଥିଲେ । ତେଣୁ ସେ ନିଶ୍ଚିନ୍ତ ଭାବରେ ଶାସନକାର୍ଯ୍ୟ ଚଳାଇବାକୁ ସମର୍ଥ ହୋଇଥିଲେ । ଶାସନ ପ୍ରଣାଳୀର ସଂଶୋଧନ, ଚିରସ୍ଥାୟୀ ବନ୍ଦୋବସ୍ତ ଓ ତୃତୀୟ ମହୀଶୂର ଯୁଦ୍ଧ ତାଙ୍କ ଶାସନକାଳର ପ୍ରସିଦ୍ଧ ଘଟଣା ।

**ଶାସନ ପ୍ରଣାଳୀର ସଂଶୋଧନ**—ସେ ଭାରତକୁ ଆସି ଦେଖିଲେ ଯେ କମ୍ପାନୀର ପ୍ରତ୍ୟେକ ବିଭାଗର କର୍ମଚାରୀମାନେ ଲାଞ୍ଚ, ଭେଟି, ବକ୍‌ସିସ ପ୍ରଭୃତି ନାନା ଅସତ୍ ଉପାୟରେ ଅର୍ଥ ଉପାର୍ଜ୍ଜନ କରୁଛନ୍ତି । କର୍ମଚାରୀମାନଙ୍କର ଅଳ୍ପବେତନ ଏ ସମସ୍ତ ଅନ୍ୟାୟ କାର୍ଯ୍ୟର ମୂଳକାରଣ ବୋଲି ସ୍ଥିରକରି ସେ କାର୍ଯ୍ୟର ଦାୟିତ୍ୱ ଓ ଗୁରୁତ୍ୱ ଅନୁଯାୟୀ ସେମାନଙ୍କର ବେତନ ବୃଦ୍ଧି କଲେ । ବାଜେ ପାଉଣା ନେବା ଆଇନ-ଦ୍ୱାରା ନିଷିଦ୍ଧ ହେଲା ।

ସେ ବିଚାରବିଭାଗର ମଧ୍ୟ ସଂସ୍କାର କରିଥିଲେ । ସେ କଲେକ୍‌ଟର-ମାନଙ୍କ ହାତରୁ ବିଚାରବିଭାଗ କାଢ଼ିନେଲେ ଓ ପ୍ରତ୍ୟେକ ଜିଲ୍ଲାରେ ଜଣେ ଲେଖାଏ ଜଜ୍ ବା ବିଚାରପତି ନିଯୁକ୍ତ କରିଥିଲେ । ପ୍ରତ୍ୟେକ ଜଜ୍‌ଙ୍କୁ ଜଣେ ପଣ୍ଡିତ ହିନ୍ଦୁ ଆଇନ ଓ ଜଣେ କାଜି ମୁସଲମାନ ଆଇନ ବୁଝାଇବା ପାଇଁ ନିଯୁକ୍ତ ହେଲେ । ସେ ଏ ଦେଶରେ ପ୍ରଚଳିତ ଆଇନମାନଙ୍କୁ ପୁସ୍ତକାକାରରେ ଲେଖାଇଥିଲେ । ଜିଲ୍ଲା ଅଦାଲତମାନଙ୍କର ଅପିଲ ଶୁଣିବାପାଇଁ ସେ କଲିକତା, ଢାକା, ମୁର୍ଶିଦାବାଦ ଓ ପାଟଣାରେ ଗୁଟିଏ ଅଦାଲତ ସ୍ଥାପନ କରିଥିଲେ । ନିମ୍ନ ଅଦାଲତମାନଙ୍କ ବିଚାରର ଚୂଡ଼ାନ୍ତ ନିଷ୍ପତ୍ତି ଭାର 'ସଦର ଦେଓ୍ୱାନୀ ଅଦାଲତ' ଓ 'ସଦର ନିଜାମତ ଅଦାଲତ' ହାତରେ ରହିଲା । ସେ ଦେଶରେ ଶାନ୍ତିରକ୍ଷାପାଇଁ ପ୍ରତ୍ୟେକ ଜିଲ୍ଲାକୁ ଅନେକଗୁଡ଼ିଏ ଥାନାରେ ବିଭକ୍ତ କରିଥିଲେ ଓ ପ୍ରତ୍ୟେକ ଥାନାରେ ଜଣେ ଜଣେ ଦାରୋଗା ରଖିଲେ । ତାଙ୍କର ଏହି ଶାସନ-ପ୍ରଣାଳୀ ପରବର୍ତ୍ତୀକାଳରେ ପରିବର୍ତ୍ତିତ ହୋଇ ଆଜି ପର୍ଯ୍ୟନ୍ତ ଚଳୁଛି ।

**ଚିରସ୍ଥାୟୀ ବନ୍ଦୋବସ୍ତ**—ହେଷ୍ଟିଙ୍ଗ୍‌ସଙ୍କ ଅମଳରେ ଜମିଦାରୀ ସବୁ ଅଳ୍ପକାଳପାଇଁ ନିଲାମ ହେଉଥିଲା । ନିଲାମ ଧରିଥିବା ଜମିଦାରର ଖଜଣା ଅସୁଲ କରିବା ପ୍ରଧାନ କାର୍ଯ୍ୟ ଥିଲା ଓ ଜମିଦାରୀରେ ତାଙ୍କର କୌଣସି ସ୍ୱତ୍ୱ ନ ଥିଲା । ଏହି ଅସ୍ଥାୟୀ ଜମିଦାରମାନେ ପ୍ରଜାମାନଙ୍କ ଅବସ୍ଥାପ୍ରତି ଦୃଷ୍ଟି ନ ଦେଇ ସେମାନଙ୍କଠାରୁ ଜବରଦସ୍ତଭାବରେ ନାନା ପ୍ରକାର କର ଆଦାୟ କରୁଥିଲେ । ଉତ୍କଟ କରପୀଡ଼ା ଯୋଗୁଁ ପ୍ରଜାମାନେ ଉଚ୍ଛନ୍ନ ହେଲେ ଓ ଅନେକ ପ୍ରଜା ଗୃହବାସ ଛାଡ଼ି ପଳାଇଲେ । ବାରମ୍ବାର ଜମିଦାର ବଦଳୁଥିବାରୁ କାଗଜପତ୍ର ଠିକ୍ ରଖିବା କଷ୍ଟ ହେଉଥିଲା ଓ ଜମାଗିର ଭୂରାଜସ୍ୱ ମଧ୍ୟ ବର୍ଷକୁବର୍ଷ ବଦଳୁଥିଲା । ଏହି ସମସ୍ତ ଅସୁବିଧା ଦୂର କରିବାପାଇଁ ୧୭୮୬ ଖ୍ରୀଷ୍ଟାବ୍ଦରେ ଲର୍ଡ଼ କର୍ଣ୍ଣୱାଲିସ୍ ଜମିଦାର-ମାନଙ୍କ ସହିତ 'ଦଶସାଲା ବନ୍ଦୋବସ୍ତ' କରିଥିଲେ; ଅର୍ଥାତ୍ ଦଶବର୍ଷ ପାଇଁ ଜମିଦାରମାନଙ୍କର ବାର୍ଷିକଦେୟ ନିର୍ଦ୍ଧିଷ୍ଟ ହୋଇଗଲା । ଏହି ବ୍ୟବସ୍ଥା ସୁଫଳପ୍ରଦ ହେବାରୁ ୧୭୯୩ ଖ୍ରୀଷ୍ଟାବ୍ଦରେ କର୍ଣ୍ଣୱାଲିସ ଡିରେକ୍ଟରମାନଙ୍କର ଅନୁମତିକ୍ରମେ ଦଶସାଲାବନ୍ଦୋବସ୍ତକୁ ଚିରସ୍ଥାୟୀ କରିଦେଲେ । ଅର୍ଥାତ୍ ଜମିଦାରମାନଙ୍କଠାରୁ ସରକାରଙ୍କ ବାର୍ଷିକ ପ୍ରାପ୍ୟ ଚିରକାଳପାଇଁ ନିର୍ଦ୍ଧିଷ୍ଟ ହୋଇଗଲା ଓ ସେମାନେ ସ୍ଥାୟୀଭାବରେ ଜମି-ଦାରୀର ମାଲିକ ହେଲେ । ଜମିଦାରଙ୍କଠାରୁ ଯଥାମତ ଖଜଣା ଅସୁଲ କରିବାପାଇଁ ସୂର୍ଯ୍ୟାସ୍ତ ଆଇନ ପ୍ରଚଳିତ ହେଲା ।

ଏହା ଫଳରେ ଜମିଦାର ଗୋଷ୍ଠୀର ବଇଭବ, କ୍ଷମତା ଓ ପ୍ରତିପତ୍ତି ବଢ଼ିଗଲା । କିନ୍ତୁ ରୟତମାନଙ୍କର ଏହାଦ୍ୱାରା ଅଦୌ ଲାଭ ହେଲା ନାହିଁ । କାରଣ ଜମିଦାରମାନେ ସରକାରଙ୍କୁ ସବୁକାଳେ ସମାନ ଖଜଣା ଦେଲେ ମଧ୍ୟ ରୟତମାନଙ୍କ ଉପରେ ପ୍ରତି ୧୫ ବା ୩୦ ବର୍ଷରେ ଖଜଣା ବଢ଼ାଇବାକୁ ଲାଗିଲେ ଏବଂ ସେମାନଙ୍କଠାରୁ ନାନା ପ୍ରକାର ଅନ୍ୟାୟ୍ୟ ପାଉଣା ଅସୁଲ କଲେ । ରୟତମାନେ ସ୍ୱତ୍ୱାସ୍ୱତ୍ୱରୁ ବଞ୍ଚିତହୋଇ ଜମିଦାର-

ମାନଙ୍କର ଏକାନ୍ତ ଅଧୀନ ଓ କୃତଜ୍ଞ ହୋଇ ପଡ଼ିଲେ । ସରକାରଙ୍କର ମଧ୍ୟ ଏହାଦ୍ୱାରା କ୍ଷତି ହେଲା । ଜମିଦାରମାନଙ୍କର ଆୟ ବହୁଗୁଣରେ ବଢ଼ିଥିଲେ ମଧ୍ୟ ସେମାନେ ୧୭୯୩ରେ ସରକାରଙ୍କୁ ଯେଉଁ ରାଜସ୍ୱ ଦେଉଥିଲେ ବର୍ତ୍ତମାନ ମଧ୍ୟ ତାହା ଦେଉଛନ୍ତି ।

ଏହି ବନ୍ଦୋବସ୍ତ ୧୭୯୩ରେ ବଙ୍ଗଳା, ବିହାର ଓ ଉତ୍ତର ସରକାରରେ ଚଳିଥିଲା ଏବଂ ୧୮୨୨ ବେଳକୁ ଓଡ଼ିଶାରେ (ପୁରୀ, କଟକ, ବାଲେଶ୍ୱର ଜିଲ୍ଲା) ମଧ୍ୟ ପ୍ରଚଳିତ ହେଲା । ବର୍ତ୍ତମାନ ଓଡ଼ିଶାରେ ଅଳି, କନିକା, କୁଜଙ୍ଗ, ମୟୂରଭଞ୍ଜ, ପାରଲା, ଖଲିକୋଟ, ଜୟପୁର ପ୍ରଭୃତି କେତୋଟି ଚିରସ୍ଥାୟୀ ଜମିଦାରୀ ମାହାଲ ଅଛି ।

**ତୃତୀୟ ମହୀଶୂର ଯୁଦ୍ଧ**—ଟିପୁସୁଲତାନ ଖ୍ରୀ: ଅ: ୧୭୮୯ରେ ଇଂରେଜମାନଙ୍କର ମିତ୍ର ରାଜ୍ୟ ତ୍ରିବାଙ୍କୋଡ଼ ଆକ୍ରମଣ କରିବାରୁ କର୍ଣ୍ଣୱାଲିସ୍ ତାଙ୍କ ବିରୁଦ୍ଧରେ ଯୁଦ୍ଧଘୋଷଣା କଲେ । ନିଜାମ ଓ ମରହଟ୍ଟାମାନେ ଇଂରେଜମାନଙ୍କର ପକ୍ଷଗ୍ରହଣ କରିଥିଲେ । ଟିପୁ ଦୁଇ ବର୍ଷ କାଳ ଏହି ତ୍ରିଶକ୍ତିର ମିଳିତସେନା ସହିତ ପ୍ରବଳଭାବରେ ଯୁଦ୍ଧ ଚଳାଇ-ଥିଲେ । କିନ୍ତୁ କର୍ଣ୍ଣୱାଲିସ୍ ଟିପୁଙ୍କ ରାଜଧାନୀ ଶ୍ରୀରଙ୍ଗପଟ୍ଟନ ଅବରୋଧ କରିବାରୁ ଖ୍ରୀ: ଅ: ୧୭୯୨ରେ ଶ୍ରୀରଙ୍ଗପଟ୍ଟନଠାରେ ସନ୍ଧି ହେଲା । ଟିପୁ ଯୁଦ୍ଧବ୍ୟୟ ସକାଶେ ଇଂରେଜମାନଙ୍କୁ ୩କୋଟି ଟଙ୍କା ଓ ମରହଟ୍ଟାମାନଙ୍କୁ ୩୦ଲକ୍ଷ ଟଙ୍କା ଦେଲେ ଏବଂ ନିଜ ରାଜ୍ୟରୁ ଅଧେ ଦେଲେ । ଏହା ଇଂରେଜ, ନିଜାମ ଓ ମରହଟ୍ଟାମାନେ ବାଣ୍ଟିନେଲେ । ଡିଣ୍ଡିଗୁଲ,ମାଲବାର ଓ ବଡ଼ମହଲ ନାମକ ୩ଟି ରାଜ୍ୟ ଇଂରେଜମାନଙ୍କ ହସ୍ତଗତ ହେଲା । ଟିପୁ ନିଜର ଦୁଇଟି ପୁଅଙ୍କୁ ଜାମିନ ସ୍ୱରୂପ କର୍ଣ୍ଣୱାଲିସଙ୍କ ନିକଟକୁ ପଠାଇଲେ ।

ତାଙ୍କ ଚେଷ୍ଟା ଯୋଗୁଁ ଇଷ୍ଟଇଣ୍ଡିଆ କମ୍ପାନୀକୁ ଖ୍ରୀ: ୧୭୯୩ରେ ପୁଣି ୨୦ ବର୍ଷ ଲାଗି ଭାରତରେ ଏକଚାଟିଆ ବାଣିଜ୍ୟ ଚଳାଇବା ପାଇଁ

ଅନୁମତି ମିଳିଲା । ଖ୍ରୀ: ଅ: ୧୭୯୩ ରେ ସେ ବିଲାତ ଗଲେ । ବିଲାତର ଲୋକମାନେ ତାଙ୍କର ସୁଶାସନ ଯୋଗୁଁ ତାଙ୍କୁ ବିଶେଷ ପ୍ରଶଂସା କରିଥିଲେ ।

**ସାର୍ ଜନ୍ ସୋର୍** ( ଖ୍ରୀ: ଅ: ୧୭୯୩—୯୮ )— ଲର୍ଡ଼ କର୍ଣ୍ଣୱାଲିସ୍ଙ୍କ ପରେ ସାର୍ ଜନ୍ ସୋର୍ ଭାରତର ଗଭର୍ଣ୍ଣରଜେନେରାଲ ହେଲେ । ସେ ଉଦାସୀନ ନୀତିର ପକ୍ଷପାତୀ ଥିଲେ । ଅର୍ଥାତ୍ ସେ ଭାରତରେ ଇଂରେଜରାଜ୍ୟ ବିସ୍ତାର କରିବାପାଇଁ ଦେଶୀୟ ରାଜାମାନଙ୍କ ସହିତ ଯୁଦ୍ଧରେ ପ୍ରବୃତ୍ତ ନ ହୋଇ ନୀରବ ଓ ନିରପେକ୍ଷ ରହିଥିଲେ । ତାଙ୍କର ଏହି ନୀତି ଫଳରେ ମରହଟ୍ଟାମାନେ ପୁନର୍ବାର ଭାରତରେ ଶକ୍ତିଶାଳୀ ହୋଇ ଉଠିଲେ ।

**ମରହଟ୍ଟା ଶକ୍ତିର ପୁନରୁତ୍ଥାନ**—ପେଶବାଙ୍କ ପ୍ରଧାନ ମନ୍ତ୍ରୀ ନାନା ଫଡ଼ନାବିସ ସେସମୟରେ ମରହଟ୍ଟାଜାତିର କର୍ଣ୍ଣଧାର ଥିଲେ ଏବଂ ତାଙ୍କର ବୁଦ୍ଧି ଓ କୌଶଳ ଯୋଗୁଁ ସେମାନଙ୍କର ଏକତା ନଷ୍ଟ ହୋଇ ନ ଥିଲା । ନାନାଙ୍କ ପରାମର୍ଶରେ ମରହଟ୍ଟାମାନେ ନିଜାମଙ୍କ ରାଜ୍ୟ ଆକ୍ରମଣ କରିଥିଲେ ଓ ତାଙ୍କୁ ଖାର୍ଦ୍ଦାଯୁଦ୍ଧରେ (୧୭୯୫) ସଂପୂର୍ଣ୍ଣରୂପେ ପରାସ୍ତ କରି ତାଙ୍କର ଅନେକଗୁଡ଼ିଏ ରାଜ୍ୟ ଅଧିକାର କରିଥିଲେ । ନିଜାମ ସୋର୍ଙ୍କୁ ସାହାଯ୍ୟ ମାଗିଥିଲେ । କିନ୍ତୁ ସୋର୍ ଏହି ଯୁଦ୍ଧରେ ହସ୍ତକ୍ଷେପ କରି ନ ଥିଲେ । ଏହି ସମୟରେ ମାଧାଜୀ ସିନ୍ଧିଆଙ୍କ ବୁଦ୍ଧିବଳରେ ଉତ୍ତରଭାରତରେ ମରହଟ୍ଟାପ୍ରାଧାନ୍ୟ ପୁନଃ ପ୍ରତିଷ୍ଠିତ ହୋଇଥିଲା ଓ ଦିଲ୍ଲୀସମ୍ରାଟ୍ ମରହଟ୍ଟାମାନଙ୍କର ଆଶ୍ରିତରୂପେ ରହିଲେ ।



ମାଧାଜୀ ସିନ୍ଧିଆ

ତାଙ୍କର ମଧ୍ୟସ୍ଥତାରେ ପ୍ରଥମ ମରହଟ୍ଟା ଯୁଦ୍ଧର ସମାପ୍ତି ହୋଇଥିଲା । ସେ ରାଜପୁତ ଓ ଜାଠମାନଙ୍କୁ ବଶୀଭୂତ କରିଥିଲେ । ଦିଲ୍ଲୀ, ଆଗ୍ରା ଓ ମାଳବ ତାଙ୍କର ରାଜ୍ୟଭୁକ୍ତ ଥିଲା । ତାଙ୍କର ଇଉରୋପୀୟ ପ୍ରଣାଳୀରେ ଶିକ୍ଷିତ ଓ ଇଉରୋପୀୟ କର୍ମଚାରୀମାନଙ୍କ ଦ୍ୱାରା ପରିଚାଳିତ ବିରାଟ ସେନା ଥିଲା । ସେ ସମୟରେ ତାଙ୍କପରି ପ୍ରତାପଶାଳୀ ରାଜା ଭାରତରେ ଅଉ କେହି ନ ଥିଲେ । କିନ୍ତୁ ତାଙ୍କ ଜୀବନର ଲକ୍ଷ୍ୟ ପୂର୍ଣ୍ଣ ହେବାପୂର୍ବରୁ ସେ ୧୭୯୪ରେ ପ୍ରାଣତ୍ୟାଗ କରିଥିଲେ । ଟିପୁ ପ୍ରକାଶ୍ୟଭାବରେ ଇଂରେଜମାନଙ୍କ ବିରୁଦ୍ଧରେ ଯୁଦ୍ଧ ଆୟୋଜନ କରିଥିଲେ ଓ ଦେଶୀୟ ରାଜ୍ୟମାନଙ୍କରେ ପୁନର୍ବାର ଫରାସୀମାନଙ୍କର ପ୍ରାଧାନ୍ୟ ପ୍ରବଳ ହେଲା । ସୋର ଶାନ୍ତିନୀତିର ପକ୍ଷପାତୀ ଥିଲେ ମଧ୍ୟ ସେ ଗୋଟିଏ ନୂତନସନ୍ଧି ଦ୍ୱାରା ଅଯୋଧ୍ୟାର ନବାବଙ୍କ କ୍ଷମତା ବହୁପରିମାଣରେ କମାଇ ଦେଇଥିଲେ ।

**ଲର୍ଡ୍ ଓଏଲେସ୍ଲି** (ଖ୍ରୀ: ଅ: ୧୭୯୮—୧୮୦୪)— ଲର୍ଡ୍ ଓଏଲେସ୍ଲି ଜଣେ ଦୂରଦର୍ଶୀ, କୌଶଳୀ, ବିଚକ୍ଷଣ ସାମ୍ରାଜ୍ୟବାଦୀ ଥିଲେ । ଭାରତରେ ଇଂରେଜ ରାଜ୍ୟ ବିସ୍ତାର ଓ ପ୍ରସିଦ୍ଧ ଦେଶୀୟ-ରାଜ୍ୟମାନଙ୍କରୁ ଫରାସୀ ପ୍ରାଧାନ୍ୟ ଲୋପକରିବା ତାଙ୍କର ପ୍ରଧାନ ଲକ୍ଷ୍ୟ ଥିଲା । ଫରାସୀ ରାଷ୍ଟ୍ରବିପ୍ଳବ ଯୋଗୁଁ ଫରାସୀମାନେ ଇଉରୋପରେ ବିଶେଷ କ୍ଷମତାଶାଳୀ ହୋଇଥିଲେ । ଫ୍ରାନ୍ସ ସମ୍ରାଟ୍ ନେପୋଲିୟନ ଭାରତରୁ ଇଂରେଜଙ୍କୁ ତଡ଼ି ଏଠାରେ ଫରାସୀ ରାଜ୍ୟ ସ୍ଥାପନ କରିବା ନିମିତ୍ତ ୧୭୯୮ ରେ ନୀଳନଦୀର ମୁହାଣପର୍ଯ୍ୟନ୍ତ ଅଗ୍ରସର ହୋଇଥିଲେ । କିନ୍ତୁ ପରାସ୍ତହୋଇ ଫେରିଗଲେ । ସେସମୟରେ ନିଜାମ, ପେଶବା, ସିନ୍ଧିୟା ଓ ହୋଲକାର ପ୍ରତ୍ୟେକ ଫରାସୀ କର୍ମଚାରୀମାନଙ୍କଦ୍ୱାରା ଶିକ୍ଷିତ ଓ ପରିଚାଳିତ ବିରାଟସେନା ରଖିଥିଲେ । ଟିପୁ ଫରାସୀମାନଙ୍କ ସହିତ ମିତ୍ରତାସ୍ଥାପନ କରିଥିଲେ । ଓଏଲେସ୍ଲି ଭାରତରୁ ଫରାସୀପ୍ରାଧାନ୍ୟ ଧ୍ୱଂସ କରିବା ନିମିତ୍ତ ସେମାନଙ୍କ ଉଦାସୀନ ନୀତି ତ୍ୟାଗକରି ଭାରତୀୟ

ବ୍ୟାପାରରେ ହସ୍ତକ୍ଷେପ କରିବାକୁ ସ୍ଥିର କଲେ । ଏଥିପାଇଁ ସେ 'ସାମନ୍ତ ସନ୍ଧି' ବା 'ପରସ୍ପର ସାହାଯ୍ୟକୃତ ସନ୍ଧି' ଉଦ୍ଭାବନ କରିଥିଲେ ।

**ସାମନ୍ତସନ୍ଧି**—ଏହାର ସର୍ତ୍ତ ହେଉଛି ଯେଉଁ ରାଜା ଏହି ସନ୍ଧି ଗ୍ରହଣ କରିବେ, ତାଙ୍କୁ ଇଂରେଜ ଆଧିପତ୍ୟ ସ୍ୱୀକାର କରିବାକୁ ହେବ ।



ଲର୍ଡ ଓଏଲେସ୍ଲି

ସେ ଇଂରେଜ ସରକାରଙ୍କ ବିନା ଅନୁମତିରେ ଅନ୍ୟ ରାଜ୍ୟସହିତ ଯୁଦ୍ଧ ବା ସନ୍ଧି କରିପାରିବେ ନାହିଁ । ଇଂରେଜ ଛଡ଼ା ଅନ୍ୟ-କୌଣସି ବିଦେଶୀ ଲୋକଙ୍କୁ ନିଜ ରାଜ୍ୟର କର୍ମଚାରୀରୂପେ ରଖିପାରିବେ ନାହିଁ । ନିଜ ରାଜ୍ୟ-ରକ୍ଷାପାଇଁ ଏକଦଳ ଇଂରେଜ-ସୈନ୍ୟ ରଖିବେ ଓ ତାହାର ବ୍ୟୟ ନିମନ୍ତେ ନିର୍ଦ୍ଦିଷ୍ଟ ବାର୍ଷିକ କର ବା ରାଜ୍ୟର କେତେକାଂଶ ଦେବେ । ଦେଶୀୟ ରାଜ୍ୟ-ମାନଙ୍କରୁ ଫରାସୀ ପ୍ରାଧାନ୍ୟ ଧ୍ୱଂସ କରି ସେଗୁଡ଼ିକୁ ଇଂରେଜ-ମାନଙ୍କର କରଦ ବା ସାମନ୍ତ ରାଜ୍ୟରେ ପରିଣତ କରିବା ଏହି ସନ୍ଧିର ପ୍ରଧାନ ଉଦ୍ଦେଶ୍ୟ ଥିଲା । ନିଜାମ ସବୁଠାରୁ ଦୁର୍ବଳ ଥିବାରୁ ପ୍ରଥମେ ଏହି ସନ୍ଧି ଗ୍ରହଣ କରିଥିଲେ (୧୭୯୮) । କିନ୍ତୁ ଟିପୁ ଓ ପଞ୍ଚ ମରହଟ୍ଟାଶକ୍ତି ଏହିସନ୍ଧି ଗ୍ରହଣ କରି ନ ଥିଲେ ।

**ଚତୁର୍ଥ ମହୀଶୂରଯୁଦ୍ଧ**—ଟିପୁ ସୁଲତାନ ସାମନ୍ତସନ୍ଧି ଗ୍ରହଣ କରିବାକୁ ଅସ୍ୱୀକୃତ ହେବାରୁ ଓ ଇଂରେଜମାନଙ୍କ ବିରୁଦ୍ଧରେ ଫରାସୀ-

ମାନଙ୍କ ସହିତ ଷଡ଼ଯନ୍ତ୍ର କରିବାରୁ ୱେଲେସ୍‌ଲି ତାଙ୍କ ବିରୁଦ୍ଧରେ ଯୁଦ୍ଧ ଘୋଷଣା କରିଥିଲେ ( ୧୭୯୯ ) । ନିଜାମ ଏହି ଯୁଦ୍ଧରେ ଇଂରେଜଙ୍କୁ



ଟିପୁ ସୁଲତାନ

ସୈନ୍ୟ ସାହାଯ୍ୟ ଦେଇଥିଲେ । ଟିପୁ ବୀର ପରି ଶେଷପର୍ଯ୍ୟନ୍ତ ଯୁଦ୍ଧ କରି ନିହତ ହୋଇଥିଲେ । ତାଙ୍କ ରାଜ୍ୟ ଇଂରେଜମାନଙ୍କର ହସ୍ତଗତ ହେଲା । ଏହାର ମଧ୍ୟଭାଗ (ଅଧୁନା ମହୀଶୂର ରାଜ୍ୟ) ୱେଲେସ୍‌ଲି ହାଇଦରଙ୍କ-ଦ୍ୱାରା ପଦଚ୍ୟୁତ ହିନ୍ଦୁରାଜାଙ୍କର ଜଣେ ବଂଶଧରକୁ ଦେଲେ । ଅବଶିଷ୍ଟ ରାଜ୍ୟ ଇଂରେଜ ଓ ନିଜାମ ବାଣ୍ଟି ନେଲେ ।

ଟିପୁ ଜଣେ ବିଚକ୍ଷଣ, ଉଦାର, ଦୂରଦର୍ଶୀ ଓ ପ୍ରବୀଣ ରାଜନୀତିଜ୍ଞ ଥିଲେ । ସେ ଫ୍ରାନ୍ସ, ତୁରସ୍କକୁ ରାଜଦୂତ ପଠାଇଥିଲେ ଓ ଅଫଗାନିସ୍ଥାନର ଅମୀରଙ୍କ ସହିତ ବନ୍ଧୁତାସ୍ଥାପନ କରିଥିଲେ । ସେ ସମୟର ଅନ୍ୟ କୌଣସି ଦେଶୀୟରାଜା ବୈଦେଶିକ ରାଜନୀତିରେ ତାଙ୍କ ପରି ଧୁରନ୍ଧର ନ ଥିଲେ । ସେ ଦେଶର ସ୍ୱାଧୀନତା ରକ୍ଷା ପାଇଁ ଶେଷପର୍ଯ୍ୟନ୍ତ ଯୁଦ୍ଧ ଚଳାଇଥିଲେ । ମରହଟ୍ଟା ଓ ନିଜାମ ଇଂରେଜପକ୍ଷ ଗ୍ରହଣ କରି ତାଙ୍କ ବିରୁଦ୍ଧରେ ଯୁଦ୍ଧ କରିବାରୁ ତାଙ୍କର ପତନର ପଥ ସୁଗମ ହୋଇଥିଲା । ସେ ମୁସଲମାନ ହୋଇ ମଧ୍ୟ ହିନ୍ଦୁ ମନ୍ଦିରମାନଙ୍କ ପାଇଁ ଭୂମିଦାନ କରିଥିଲେ । ସେ ଜଣେ ସ୍ୱାଧୀନଚେତା, ଦେଶପ୍ରାଣ ରାଜା ଥିଲେ ।

**ଦ୍ୱିତୀୟ ମରହଟ୍ଟାସମର**—ନାନାଫଡ଼ନବିସଙ୍କର ମୃତ୍ୟୁପରେ (୧୮୦୦) ମରହଟ୍ଟାମାନଙ୍କର ପତନ ଆରମ୍ଭ ହେଲା । ପଞ୍ଚମରହଟ୍ଟା ଶକ୍ତି ବର୍ତ୍ତମାନ ପରସ୍ପର ପ୍ରତି ଈର୍ଷାନ୍ୱିତ ହୋଇ ନିଜ ନିଜର ଶକ୍ତି ବଢ଼ାଇବାକୁ ଲାଗିଲେ । ସିନ୍ଧିଆ ଓ ହୋଲକାରଙ୍କ ମଧ୍ୟରେ ଭୀଷଣ ଯୁଦ୍ଧ ଚାଲିଲା । ପେଶବା ଦ୍ୱିତୀୟ ବାଜିରାଓ ବଡ଼ ଦୁର୍ବଳ ଥିଲେ । ସେ ହୋଲକାରଙ୍କ ଦ୍ୱାରା ପରାସ୍ତ ଓ ପେଶବାପଦରୁ ବିତାଡ଼ିତ ହୋଇ ବେସିନ୍ ପଳାଇଯାଇ ଇଂରେଜମାନଙ୍କ ସହିତ ସନ୍ଧି କଲେ (ବେସିନ-ସନ୍ଧି ଖ୍ରୀ: ୧୮୦୨) ଓ ସାମନ୍ତସନ୍ଧି ସ୍ୱୀକାର କଲେ । ବ୍ରିଟିଶସୈନ୍ୟ ସାହାଯ୍ୟରେ ସେ ପୁନର୍ବାର ପେଶବାପଦ ପ୍ରାପ୍ତ ହେଲେ । ତାଙ୍କର ଦୁର୍ବଳତା ଦେଖି ସିନ୍ଧିଆ ଓ ଭୋନ୍‌ସଲା ବିରକ୍ତହେଲେ । ତାଙ୍କୁ ଇଂରେଜମାନଙ୍କ ଅଧୀନତାରୁ ମୁକ୍ତ କରିବା ନିମିତ୍ତ ଇଂରେଜରାଜ୍ୟର ସୀମାରେ ସୈନ୍ୟ ଜମା କଲେ । ତେଣୁ ପେଶବା ସାମନ୍ତସନ୍ଧି ଅସ୍ୱୀକାର କଲେ । ତହୁଁ ଓ‌ଏଲେସ୍‌ଲି ପେଶବାଙ୍କ ବିରୁଦ୍ଧରେ ଯୁଦ୍ଧ ଘୋଷଣା କଲେ (୧୮୦୩) । ଏପରି ଜାତୀୟ ବିପତ୍ତି ସମୟରେ ମଧ୍ୟ ମରହଟ୍ଟାମାନେ ସଂଘବଦ୍ଧଭାବରେ ଯୁଦ୍ଧ ଚଳାଇଲେ ନାହିଁ । କିନ୍ତୁ ଓ‌ଏଲେସ୍‌ଲି ଏହି ଯୁଦ୍ଧପାଇଁ ପୂର୍ବରୁ ପ୍ରସ୍ତୁତ ଥିଲେ ।

ଓଏଲେସ୍‌ଲି ଅସାଇ ଠାରେ ସିନ୍ଧିୟାଙ୍କ ସୈନ୍ୟମାନଙ୍କୁ ଓ ଆରଗାଁଓଠାରେ ସିନ୍ଧିୟା ଓ ଭୋନ୍‌ସଲଙ୍କ ମିଳିତ ସୈନ୍ୟବଳକୁ ପରାସ୍ତ କରି ଅହମଦନଗର ଅଧିକାର କରିଥିଲେ । ଉତ୍ତର ଭାରତରେ ଲର୍ଡ଼-ଲେକ ଦୁଇଟିଯୁଦ୍ଧରେ ଜୟଲାଭକରି ଦିଲ୍ଲୀ ଓ ଆଗ୍ରା ଅଧିକାର କରିଥିଲେ । ଭୋନ୍‌ସଲ **ଦେବଗ୍ରାମସନ୍ଧିରେ** (୧୮୦୩) ଓଡ଼ିଶା (ପୁରୀ, କଟକ ଓ ବାଲେଶ୍ୱର ଜିଲ୍ଲା) ଓ ପଶ୍ଚିମବେରାର ଇଂରେଜମାନଙ୍କୁ ପ୍ରଦାନ କଲେ ଓ ସାମନ୍ତ ସନ୍ଧି ସ୍ୱୀକାର କଲେ । ସିନ୍ଧିୟା ଅର୍ଜୁନଗାଁଓଠାରେ ସନ୍ଧି କରି ଇଂରେଜମାନଙ୍କୁ ଗଙ୍ଗାଯମୁନାମଧ୍ୟବର୍ତ୍ତୀ ପ୍ରଦେଶ, ଦାକ୍ଷିଣାତ୍ୟ ଓ ଖାନ୍ଦେଶସ୍ଥ ତାଙ୍କର ଅଧିକାଂଶ ରାଜ୍ୟ ଓ ରାଜପୁତାନାରେ ତାଙ୍କର ଅଧିକାର ପ୍ରଦାନ କରିଥିଲେ (୧୮୦୩) ।

ହୋଲକାର ଏପର୍ଯ୍ୟନ୍ତ ଯୁଦ୍ଧରେ ଯୋଗ ଦେଇ ନ ଥିଲେ । ସେ ଇଂରେଜ ଅଧିକୃତ କେତେକ ପ୍ରଦେଶରୁ ଚୌଥ ଦାବୀ କରିବାରୁ ଓଏଲେସ୍‌ଲି ତାଙ୍କ ବିରୁଦ୍ଧରେ ଯୁଦ୍ଧ ଘୋଷଣା କଲେ । ଭରତପୁରର ରାଜା ହୋଲକାରଙ୍କ ପକ୍ଷ ଗ୍ରହଣକଲେ । କର୍ଣ୍ଣେଲ ମନ୍‌ସନଙ୍କ ସୈନ୍ୟ ହୋଲକାରଙ୍କଦ୍ୱାରା ସମ୍ପୂର୍ଣ୍ଣରୂପେ ପରାଜିତ ହେଲେ । ଲର୍ଡ଼ ଲେକ୍ ବହୁ ଚେଷ୍ଟା କରି ଭରତପୁରଦୁର୍ଗ ଅଧିକାର କରି ପାରି ନ ଥିଲେ । କିନ୍ତୁ ଦିଗ ନାମକ ସ୍ଥାନରେ ହୋଲକାର ପରାସ୍ତ ହୋଇଥିଲେ । ଏହି ଯୁଦ୍ଧ ଶେଷ-ହେବା ପୂର୍ବରୁ ଓଏଲେସ୍‌ଲି ଭାରତ ପରିତ୍ୟାଗ କରିଥିଲେ । ଗାଇକୋ-ଆଡ଼ ଏହି ଯୁଦ୍ଧରେ ଯୋଗ ଦେଇ ନ ଥିଲେ । ଏକତାର ଅଭାବ ମରହଟ୍ଟାମାନଙ୍କ ପତନର ପ୍ରଧାନ କାରଣ ହେଲା ।

**ରାଜ୍ୟବିସ୍ତାର**—ବ୍ରିଟିଶ୍‌ଶାସନ ଭାରତୀୟମାନଙ୍କ ପକ୍ଷେ ହିତକର ବୋଲି ଓଏଲେସ୍‌ଲିଙ୍କର ଦୃଢ଼ଧାରଣା ଥିଲା; ତେଣୁ ସେ ୧୭୯୯ ରେ ତାଞ୍ଜୋର ଓ ସୁରାଟ, ୧୮୦୧ରେ କର୍ଣ୍ଣାଟ ରାଜ୍ୟ ଏବଂ ଅଯୋଧ୍ୟାର ନବାବଙ୍କଠାରୁ ରୋହିଲଖଣ୍ଡ, ଦୋଆବ, ଏଲାହାବାଦ ଅଞ୍ଚଳ ଇଂରେଜ ରାଜ୍ୟଭୁକ୍ତ କରିଥିଲେ ।


ସେ ଭାରତବାହାରେ ଫରାସୀମାନଙ୍କର କ୍ଷମତା ଉଚ୍ଛେଦ କରିବା ପାଇଁ ଚେଷ୍ଟା କରିଥିଲେ । ସେ ମିସରକୁ ଦଳେ ଭାରତୀୟ ସୈନ୍ୟ ପଠାଇଥିଲେ । ପାରସ୍ୟର ରାଜସଭାକୁ ଦୂତ ପ୍ରେରଣ କରିଥିଲେ ।

**ଓଏଲେସ୍‌ଲିଙ୍କ କାର୍ଯ୍ୟକଳାପ**—ସେ ଭାରତକୁ ଆସିବା ବେଳେ ଟିପୁ ଓ ମହାରହଟ୍ଟାଶକ୍ତି ପ୍ରବଳ ଥିଲେ । କିନ୍ତୁ ସେ ଭାରତ ଛାଡ଼ିବାବେଳକୁ ଟିପୁ ନିହତ ଓ ମହୀଶୂର ରାଜ୍ୟ ଅଧିକୃତ ହୋଇଗଲା । ସିନ୍ଧିୟା ଓ ଭୋନ୍‌ସଲାଙ୍କ କ୍ଷମତା ଧ୍ୱଂସ ହୋଇଥିଲା । ପେଶବା, ଗାଇ-କୋଆଡ଼, ନିଜାମ ଓ ଅଯୋଧ୍ୟାର ନବାବ ସାମନ୍ତସନ୍ଧି ସ୍ୱୀକାର କରିଥିଲେ । ମରହଟ୍ଟାମାନଙ୍କ ମଧ୍ୟରେ କେବଳ ହୋଲକାରଙ୍କ କ୍ଷମତା ଅକ୍ଷୁଣ୍ଣ ରହିଲା । କିନ୍ତୁ ତାଙ୍କର ରାଜ୍ୟବିସ୍ତାର ନୀତି କମ୍ପାନୀର ଡିରେକ୍ଟର-ମାନଙ୍କର ମନୋମତ ନ ହେବାରୁ ସେ କର୍ମତ୍ୟାଗ କରି ୧୮୦୫ ଖ୍ରୀଷ୍ଟାବ୍ଦରେ ବିଲାତ ଚାଲିଗଲେ । ତାଙ୍କଦ୍ୱାରା ଭାରତରେ ଇଂରେଜ ଆଧିପତ୍ୟ ସୁଦୃଢ଼ରୂପେ ପ୍ରତିଷ୍ଠିତ ହୋଇଥିଲା । ସେ ଭାରତରେ ଇଂରେଜ ସାମ୍ରାଜ୍ୟ-ନିର୍ମାତାମାନଙ୍କ ମଧ୍ୟରେ ଏକତମ ବୋଲି ପରିଗଣିତ ହୁଅନ୍ତି ।

**ଲର୍ଡକର୍ଣ୍ଣୱାଲିସ୍** (ଖ୍ରୀ: ଅ: ୧୮୦୫)—ସେ ଭାରତରେ ଶାନ୍ତିସ୍ଥାପନ କରିବା ପାଇଁ ଦ୍ୱିତୀୟ ଥର ଗଭର୍ଣ୍ଣର ଜେନେରାଲରୂପେ ନିଯୁକ୍ତ ହୋଇଥିଲେ । ସେ ମରହଟ୍ଟାମାନଙ୍କ ସହିତ ସନ୍ଧି ସ୍ଥାପନ ଉଦ୍ଦେଶ୍ୟରେ ଉତ୍ତରପଶ୍ଚିମାଞ୍ଚଳକୁ ଯାଉଁ ଯାଉଁ ବାଟରେ ଗାଜୀପୁରଠାରେ ତାଙ୍କର ମୃତ୍ୟୁ ହେଲା ।

**ସାର ଜର୍ଜ ବାର୍ଲୋ** (ଖ୍ରୀ: ଅ: ୧୮୦୫—୧୮୦୭)—ବାର୍ଲୋ ଭାରତର ଶାସନଭାର ପାଇବାମାତ୍ରେ ପ୍ରଥମେ ହୋଲକାରଙ୍କ ସହିତ ସନ୍ଧି କରିଥିଲେ । ହୋଲକାର ତାଙ୍କର ପୂର୍ବରାଜ୍ୟ ଫେରି ପାଇଲେ ଓ ରାଜପୁତମାନଙ୍କ ଉପରେ ତାଙ୍କର ପୂର୍ଣ୍ଣ କର୍ତ୍ତୃତ୍ୱ ସ୍ୱୀକୃତ ହେଲା । ତାଙ୍କର ଶାସନକାଳରେ ଭେଲୋରରେ ମାନ୍ଦ୍ରାଜୀ ସିପାହୀମାନେ ବିଦ୍ରୋହ

କରିଥିଲେ । ଏଥିରେ ଭେଲୋରବାସୀ ଟିପୁସୁଲତାନଙ୍କ ପୁତ୍ରମାନେ ସଂପୃକ୍ତ ଥିବାର ଅନୁମାନ ହେବାରୁ ସେମାନଙ୍କୁ କଲିକତା ପଠାଇ ଦିଆଗଲା ଓ ସେମାନଙ୍କର ବିଦ୍ରୋହ ସହଜରେ ଦମିତ ହେଲା ।



**ଲର୍ଡ ମିଣ୍ଟୋ** ( ଖ୍ରୀ: ଅ: ୧୮୦୭—୧୮୧୩ )—ଲର୍ଡ ମିଣ୍ଟୋ ଉଦାସୀନନୀତିର ପକ୍ଷପାତୀ ଥିଲେ । ତାଙ୍କ ସମୟରେ ବିଶେଷ କିଛି ଯୁଦ୍ଧବିଗ୍ରହ ଘଟି ନ ଥିଲା; କିନ୍ତୁ ବୁନ୍ଦେଲଖଣ୍ଡରେ ଶାନ୍ତିସ୍ଥାପନ ଓ ପିଣ୍ଡାରୀଦଳପତି ଅମୀରଖାଁଙ୍କ ହସ୍ତରୁ ନାଗପୁର ରକ୍ଷା କରିବା ସମୟରେ ସେ ଶାନ୍ତିନୀତି ପରିତ୍ୟାଗ କରି ଯୁଦ୍ଧ କରିବାକୁ ବାଧ୍ୟ ହୋଇଥିଲେ ।

ସେତେବେଳ ଫରାସୀସମ୍ରାଟ୍ ନେପୋଲିୟନ ଇଉରୋପରେ ବିଶେଷ ଶକ୍ତିଶାଳୀ ଥିଲେ । ସେ କାଳେ ଖାଇବର ଗିରିପଥବାଟରେ ଭାରତ ଆକ୍ରମଣ କରିବେ, ଏହି ଭୟରେ ଲର୍ଡ ମିଣ୍ଟୋ ଏହି ପଥ ନିରାପଦ ରଖିବାପାଇଁ ଚେଷ୍ଟା କଲେ । ସେଥିପାଇଁ ସେ ପାରସ୍ୟର ସମ୍ରାଟ୍ ଓ ଆଫଗାନିସ୍ଥାନର ଅମୀରଙ୍କ ନିକଟକୁ ଦୂତ ପ୍ରେରଣ କରିଥିଲେ ଏବଂ ପଞ୍ଜାବର ଶିଖରାଜ ରଣଜିତସିଂହଙ୍କ ସହିତ ବନ୍ଧୁତା ସ୍ଥାପନ କରିଥିଲେ । ସେ ୧୮୦୯ରେ ଭାରତରୁ ସୈନ୍ୟ ପଠାଇ ଫରାସୀ ଅଧିକୃତ ମରିସସ୍-ଦ୍ୱୀପ ଅଧିକାର କରିଥିଲେ । ଏହା ଆଜି ପର୍ଯ୍ୟନ୍ତ ଇଂରେଜମାନଙ୍କ ଅଧୀନରେ ଅଛି ।

**ଶିଖଶକ୍ତି ଓ ରଣଜିତ ସିଂହ**—ପଞ୍ଚଦଶ ଶତାବ୍ଦୀର ଶେଷ ଭାଗରେ ବାବା ନାନକ ଶିଖଧର୍ମ ପ୍ରଚାର କରିଥିଲେ । ଶିଖମାନେ ପ୍ରଥମେ ସରଳ ଓ ଶାନ୍ତ ଥିଲେ । ବାବା ନାନକ ଅସ୍ତ୍ରଧାରଣର ବିରୋଧୀ ଥିଲେ । କିନ୍ତୁ ମୁସଲମାନମାନଙ୍କ ଭୀଷଣ ଅତ୍ୟାଚାର ଫଳରେ ସେମାନେ ଉତ୍ତ୍ୟକ୍ତ ହୋଇପଡ଼ିଲେ । ଜାହାଙ୍ଗୀର ଶିଖଗୁରୁ ଅର୍ଜୁନସିଂହଙ୍କୁ ମାରି ପକାଇଥିଲେ । ନବମ ଶିଖଗୁରୁ ତେଜବାହାଦୁର ଇସଲାମଧର୍ମ ଗ୍ରହଣ ନ କରିବାରୁ ଅଓରଙ୍ଗଜେବ ତାଙ୍କୁ ନିଷ୍ଠୁରଭାବରେ ହତ୍ୟା କରିଥିଲେ ।

ତାଙ୍କ ପରେ ତାଙ୍କ ପୁତ୍ର ଦଶମ ଶିଖ ଗୁରୁଗୋବିନ୍ଦ ସିଂହ ପିତୃହତ୍ୟାର ପ୍ରତିଶୋଧ ଓ ଶିଖମାନଙ୍କର ସ୍ୱାଧୀନତା ଏବଂ ଧର୍ମରକ୍ଷା ପାଇଁ ସରଳ ଶିଖମାନଙ୍କୁ ଯୁଦ୍ଧବିଦ୍ୟା ଶିଖାଇ ଗୋଟିଏ ବୀରଜାତିରୂପେ

ଗଠନ କଲେ । ତାଙ୍କର ପ୍ରଚେଷ୍ଟା ଫଳରେ ଶିଖମାନଙ୍କ ପ୍ରାଣରେ ନୂତନ ବଳ, ତେଜ ଓ ସାହସ ଆସିଲା । ସେମାନେ ଶିଖ ନାମର ପରିବର୍ତ୍ତିରେ ସିଂହ ନାମରେ ଅଭିହିତ ହେଲେ । ସେହିଦିନଠାରୁ ପ୍ରତ୍ୟେକ ଶିଖ ନିଜ ସମ୍ପ୍ରଦାୟର ଚିହ୍ନସ୍ୱରୂପ କୃପାଣ (ଖଣ୍ଡା) କେଶ, କଚ୍ଛ (କାଛ), କଡ଼ (ଲୌହବଳୟ) ଓ କଙ୍ଘା (ପାନିଆଁ) ଧାରଣ କଲେ । ସେ ଶିଖମାନଙ୍କ ମଧ୍ୟରୁ ଜାତିଭେଦ ଉଠାଇ ଦେଇଥିଲେ । ତାଙ୍କ ନେତୃତ୍ୱରେ ସୁଶିକ୍ଷିତ ଶିଖସୈନ୍ୟମାନେ ଔରଙ୍ଗଜେବଙ୍କ ସହିତ ଭୀଷଣ ଯୁଦ୍ଧ ଚଳାଇଲେ । ବାଦସାହ ତାଙ୍କର ସ୍ତ୍ରୀ, ମା ଓ ଚାରିପୁଅଙ୍କୁ ମାରି ପକାଇଲେ ଏବଂ ତାଙ୍କୁ ଅଶେଷ ନିର୍ଯ୍ୟାତନା ଦେଲେ । ତଥାପି ସେ ନିଜ ଜୀବନର ଆଦର୍ଶ ପରିତ୍ୟାଗ କରି ନ ଥିଲେ । ଖ୍ରୀ: ଅ: ୧୭୦୮ ରେ ସେ ଜଣେ ଅଫଗାନ ଆତତାୟୀଦ୍ୱାରା ନିହତ ହୋଇଥିଲେ । ଗୋବିନ୍ଦସିଂହ ଶିଖମାନଙ୍କୁ କୌଣସି ଜଣେ ଗୁରୁଙ୍କ ଅଧୀନରେ ନ ରଖି ସେମାନଙ୍କୁ ଗୋଟିଏ ମୁକ୍ତ ସ୍ୱାଧୀନ ସମାଜରେ ପରିଣତ କରିଥିଲେ । ଉକ୍ତ ସମାଜ 'ଖାଲସା' ନାମରେ ପରିଚିତ ହେଲା ।

ତାଙ୍କ ପରେ ତାଙ୍କ ଶିଷ୍ୟ 'ବାନ୍ଦା' ଶିଖମାନଙ୍କର ନେତା ହେଲେ ଓ ମୁସଲମାନଙ୍କ ସହିତ ପ୍ରବଳ ଯୁଦ୍ଧ ଚଳାଇଲେ । କିନ୍ତୁ ସେ ମୋଗଲ ସମ୍ରାଟ୍ ଫରକସିୟାରଙ୍କ ଦ୍ୱାରା ସଦଳରେ ଧୃତ ଓ ନିହତ ହୋଇଥିଲେ । ଏହାପରେ ଶିଖମାନେ କିଛିଦିନ ଶାନ୍ତ ହୋଇ ରହିଲେ । ୧୭୪୮ ଖ୍ରୀଷ୍ଟାବ୍ଦରୁ ୧୭୬୩ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଶିଖମାନେ ଅହମ୍ମଦସାହ ଅବଦାଲିଙ୍କ ସହିତ ବାରମ୍ବାର ଭୀଷଣ ସଂଗ୍ରାମ ଚଳାଇଥିଲେ । ୧୭୬୨ ଖ୍ରୀଷ୍ଟାବ୍ଦରେ ଅବଦାଲି ଗୋଟିଏ ମହାଯୁଦ୍ଧରେ ଶିଖମାନଙ୍କୁ ପରାସ୍ତ କରି ସେମାନଙ୍କ ଉପରେ ଅମାନୁଷିକ ଅତ୍ୟାଚାର କରିଥିଲେ । ତାଙ୍କର ଭୀଷଣ ଉତ୍ପୀଡ଼ନଦ୍ୱାରା ଶିଖମାନେ ଭଗ୍ନୋତ୍ସାହ ନ ହୋଇ ତତ୍ପରବର୍ଷ ପ୍ରାଣପଣ ଯୁଦ୍ଧ କରି ଅବଦାଲିଙ୍କୁ ପରାସ୍ତ କରିଥିଲେ ଓ ଲାହୋରରୁ

ଅଫଗାନ ଶାସନକର୍ତ୍ତାଙ୍କୁ ତଡ଼ି ଦେଇଥିଲେ । ଖ୍ରୀ: ଅ: ୧୭୬୪ ରେ ଶିଖମାନେ ସମଗ୍ର ପଞ୍ଜାବରେ ନିଜର ଆଧିପତ୍ୟ ପ୍ରତିଷ୍ଠା କରିଥିଲେ । ଏହାପରେ ଅବଦାଲି ମୃତ୍ୟୁପର୍ଯ୍ୟନ୍ତ (୧୭୭୩) ଶିଖମାନଙ୍କ ସହିତ ବହୁ-ଖଣ୍ଡଯୁଦ୍ଧ କରିଥିଲେ ସତ୍ୟ ; କିନ୍ତୁ ପଞ୍ଜାବକୁ ଶିଖମାନଙ୍କଠାରୁ ଛଡ଼ାଇ ନେଇପାରି ନ ଥିଲେ ।

**ରଣଜିତ ସିଂହ**—ପଞ୍ଜାବକେଶରୀ ରଣଜିତ ସିଂହ ଖ୍ରୀ: ଅ: ୧୭୮୦ ରେ ଜନ୍ମଗ୍ରହଣ କରିଥିଲେ । ଶୈଶବାବସ୍ଥାରେ ବସନ୍ତ ରୋଗରେ ତାଙ୍କର ଗୋଟିଏ ଚକ୍ଷୁ ନଷ୍ଟ ହୋଇଥିଲା । ସେ ଲେଖିପଢ଼ି ଜାଣି ନ ଥିଲେ । ଖ୍ରୀ: ଅ: ୧୭୯୮ ରେ ଅଫଗାନିସ୍ଥାନର ରାଜା ସାହଜମନ୍ ତାଙ୍କୁ ଲାହୋରର ଶାସନ-କର୍ତ୍ତାରୂପେ ନିଯୁକ୍ତ କରିଥିଲେ । କିନ୍ତୁ ରଣଜିତ୍ ଅଫଗାନ-ମାନଙ୍କର ଅଧୀନତାରୁ ମୁକ୍ତ ହୋଇ ନିଜ ନାମର ମୁଦ୍ରା ଚଳାଇଥିଲେ । ସେ ଅଳ୍ପକାଳ ମଧ୍ୟରେ ପଞ୍ଜାବ, ସୀମାନ୍ତ ଓ କାଶ୍ମୀରର ଅଧିକାଂଶ ଅଧିକାର କରି ଗୋଟିଏ ବଡ଼ ଶିଖରାଜ୍ୟ ପ୍ରତିଷ୍ଠା କରିଥିଲେ । ସେ ଶିଖମାନଙ୍କୁ ପାଶ୍ଚାତ୍ୟଧରଣରେ ଯୁଦ୍ଧବିଦ୍ୟା ଶିକ୍ଷା ଦେଇଥିଲେ । ସେ ସତଲେଜ୍‌ନଦୀ ପାରହୋଇ କେତୋଟି କ୍ଷୁଦ୍ର ଶିଖରାଜ୍ୟ ଅଧିକାର କରିବାକୁ ଚେଷ୍ଟା କରିବାରୁ ସେଠାର ଶିଖ ସର୍ଦ୍ଦାର-ମାନେ ଇଂରେଜଙ୍କ ସାହାଯ୍ୟ ଲୋଡ଼ିଲେ । ଖ୍ରୀ: ଅ: ୧୮୦୯ ରେ ଇଂରେଜ



ରଣଜିତ ସିଂହ

ଗୃର୍ଣ୍ଣମେଣ୍ଟକାଫ୍‌ଙ୍କୁ ରଣଜିତ୍‌ଙ୍କ ଦରବାରକୁ ଦୂତରୂପେ ପଠାଇଥିଲେ ଓ ଉଭୟପକ୍ଷ ମଧ୍ୟରେ ଗୋଟିଏ ସନ୍ଧି ହେଲା । ଏହି ସନ୍ଧି ଅନୁସାରେ ସେ ନିଜକୁ ଇଂରେଜରାଜ୍ୟର ମିତ୍ର ଓ ଶତଦ୍ରୁନଦୀକୁ ନିଜ ରାଜ୍ୟର ପୂର୍ବସୀମା ବୋଲି ସ୍ୱୀକାର କରିଥିଲେ । ରଣଜିତ ମୃତ୍ୟୁକାଳ ପର୍ଯ୍ୟନ୍ତ (୧୮୩୯) ଏହି ସନ୍ଧି ପାଳନ କରିଥିଲେ ।

**କମ୍ପାନୀର ନୂତନ ସନନ୍ଦ ପ୍ରାପ୍ତି**—ଖ୍ରୀ: ଅ: ୧୮୧୩ ରେ କମ୍ପାନୀକୁ ପୁନର୍ବାର କୋଡ଼ିଏବର୍ଷପାଇଁ ନୂଆ ସନନ୍ଦ ଦିଆଯାଇଥିଲା । ଏହାଦ୍ୱାରା ଭାରତବାଣିଜ୍ୟରେ କମ୍ପାନୀର ଏକଚାଟିଆ ଅଧିକାର ରହିତ ହୋଇଥିଲା । ସେହିସମୟରୁ ସବୁ ଇଂରେଜ ଭାରତରେ ବାଣିଜ୍ୟ କରିବାର ଅଧିକାର ପାଇଲେ ।

**ଲର୍ଡ଼ ହେଷ୍ଟିଙ୍ଗସ୍** ( ଖ୍ରୀ: ଅ: ୧୮୧୩—୧୮୨୩ )—ଲର୍ଡ ମିଣ୍ଟୋଙ୍କ ପରେ ଲର୍ଡ଼ ହେଷ୍ଟିଙ୍ଗସ୍ (ଲର୍ଡ଼ ମଏରା) ଭାରତର ଗଭର୍ଣ୍ଣର-ଜେନେରାଲ ହେଲେ । ସେ ଭାରତରେ ଇଂରେଜ ସାମ୍ରାଜ୍ୟ ପ୍ରତିଷ୍ଠାତାମାନଙ୍କ ମଧ୍ୟରେ ଏକତମ । ତାଙ୍କ ସମୟରେ ମରହଟ୍ଟା ଓ ପିଣ୍ଡାରୀମାନଙ୍କର କ୍ଷମତା ଧ୍ୱଂସ ହୋଇଥିଲା ଓ ନେପାଳର ପାର୍ବତ୍ୟ ଗୁର୍ଖାମାନେ ବଶୀଭୂତ ହେଲେ ।

**ନେପାଳସମର** ( ଖ୍ରୀ: ଅ: ୧୮୧୪-୧୮୧୬ )—ଗୁର୍ଖାମାନେ ରାଜପୁତ ବଂଶୀୟ ଥିଲେ । ସେମାନେ ୧୭୬୮ ରେ ନେପାଳ ରାଜ୍ୟରେ ନିଜର ଆଧିପତ୍ୟ ବିସ୍ତାର କରିଥିଲେ । ସେମାନେ ମରହଟ୍ଟା ଓ ଶିଖମାନଙ୍କ ପରି ବିଶେଷ ଶକ୍ତିଶାଳୀ ଥିଲେ । ସେମାନେ ବହୁକାଳରୁ ଇଂରେଜ ରାଜ୍ୟରେ ପଶି ନାନାପ୍ରକାର ଉପଦ୍ରବ କରୁଥିଲେ । ବାର୍ଲୋ ଓ ମିଣ୍ଟୋ ନେପାଳ ଦରବାରରେ ସେମାନଙ୍କ ବିରୁଦ୍ଧରେ ଆପତ୍ତି କରି କୌଣସି ଫଳ ପାଇ ନ ଥିଲେ । ତେଣୁ ହେଷ୍ଟିଙ୍ଗସ୍ ୧୮୧୪ରେ ସେମାନଙ୍କ ବିରୁଦ୍ଧରେ ଯୁଦ୍ଧ ଘୋଷଣା କରିଥିଲେ ।

ଇଂରେଜ ସେନା ଚାରିଭାଗରେ ବିଭକ୍ତ ହୋଇ ନେପାଳ ଆକ୍ରମଣ କଲେ । ପ୍ରଥମସେନାପତି ନିହତ ହେଲେ । ଅନ୍ୟ ଦୁଇସେନାପତି ପରାସ୍ତ ହେଲେ । କେବଳ ଚତୁର୍ଥ ସେନାପତି 'ମେଜର ଅକ୍ଟର ଲୋନି' ବହୁ ସୈନ୍ୟ ସହ ନେପାଳ ରାଜଧାନୀ କାଠମଣ୍ଡୁ ନିକଟରେ ପହଞ୍ଚିଲେ । ନେପାଳ ରାଜା ଭଗ୍ନୋତ୍ସାହ ହୋଇ ୧୮୧୬ରେ ଇଂରେଜମାନଙ୍କ ସଙ୍ଗେ 'ସଗୌଲି ସନ୍ଧି' କରିଥିଲେ । ଏହା ଫଳରେ ଇଂରେଜମାନେ ଅଧୁନିକ ଗଡ଼ୱାଲ ଓ କୁମାୟୁନ ଜିଲ୍ଲା ଏବଂ ନେପାଳ ତରାଇର କେତେକାଂଶ ପାଇଲେ । ସିକିମ ରାଜ୍ୟରେ ଇଂରେଜ ଅଧିପତ୍ୟ ପ୍ରତିଷ୍ଠିତ ହେଲା । ନେପାଳ ରାଜା କାଠମଣ୍ଡୁରେ ଜଣେ ଇଂରେଜ ରାଜଦୂତ (Resident) ରଖିବାକୁ ସମ୍ମତ ହେଲେ । ସିମଲା, ମସୋରି ଓ ନୈନିତାଲ ପ୍ରଭୃତି ସ୍ୱାସ୍ଥ୍ୟକର ସ୍ଥାନମାନ ଏହି ବିଜିତ ରାଜ୍ୟରେ ଅବସ୍ଥିତ ।

**ପିଣ୍ଡାରୀ ଯୁଦ୍ଧ** (ଖ୍ରୀ: ଅ: ୧୮୧୬ ୧୮୧୮)—ମଧ୍ୟଭାରତରେ ପିଣ୍ଡାରୀନାମକ ଗୋଟିଏ ପ୍ରକାଣ୍ଡ ଦସ୍ୟୁ ଦଳ ଥିଲେ । ଅଫଗାନ, ପଠାଣ, ମରହଟ୍ଟା, ଜାଠ ପ୍ରଭୃତି ନାନା ଜାତି ଓ ଧର୍ମର ଲୋକ ଏହି ଦଳଭୁକ୍ତ ଥିଲେ । ସେମାନେ ପ୍ରଥମେ ସିନ୍ଧିଆ ଓ ହୋଲକାର ରାଜବଂଶଦ୍ୱୟର ଅଧୀନରେ ସୈନିକରୂପେ କାର୍ଯ୍ୟ କରୁଥିଲେ । କିନ୍ତୁ ସେମାନେ ରାଜ୍ୟହୀନ ଓ ଦୁର୍ବଳ ହୋଇ ପଡ଼ିବାରୁ ସେମାନଙ୍କୁ ସୈନିକ କାର୍ଯ୍ୟରେ ରଖିଲେ ନାହିଁ । ତେଣୁ ଲୁଣ୍ଠନ ସେମାନଙ୍କର ପ୍ରଧାନ ବ୍ୟବସାୟ ହେଲା । ସେମାନେ ଦଳ ଦଳ ହୋଇ ଭାରତର ନାନା ସ୍ଥାନକୁ ଯାଉଥିଲେ । ନିଷ୍ଠୁରଭାବରେ ଲୋକମାନଙ୍କୁ ମାରି ସେମାନଙ୍କର ଧନ ସମ୍ପତ୍ତି ଲୁଣ୍ଠନ କରୁଥିଲେ ଏବଂ ଗ୍ରାମ ନଗରମାନ ଧ୍ୱଂସ କରୁଥିଲେ । ପିଣ୍ଡାରୀ ଦଳପତି-ମାନଙ୍କ ମଧ୍ୟରେ କରିମ ଖାଁ, ଅମୀର ଖାଁ ଓ ଚିଟୁ ପ୍ରଧାନ ଥିଲେ ।

୧୮୧୭ ରେ ଲର୍ଡ ହେଷ୍ଟିଙ୍ଗସ୍ ଦୁଇଦଳ ସୈନ୍ୟ ପଠାଇ ଉତ୍ତର ଓ ଦକ୍ଷିଣ ଦିଗରୁ ପିଣ୍ଡାରୀମାନଙ୍କୁ ଆକ୍ରମଣ କରିଥିଲେ । ଯୁଦ୍ଧରେ

ଅନେକ ପିଣ୍ଡାରୀ ନିହତ ହେଲେ ଓ ଅନେକ ଆତ୍ମସମର୍ପଣ କଲେ ଏବଂ ଇଂରେଜ ରାଜ୍ୟର ପ୍ରଦତ୍ତ ଭୂମିରେ କୃଷିକାର୍ଯ୍ୟ କରି ଶାନ୍ତିମୟ ଜୀବନ ଯାପନ କଲେ । ସର୍ଦ୍ଦାର ଅମୀର ଖାଁ ଇଂରେଜ ଅଧୀନତା ସ୍ୱୀକାର କରି ଟଙ୍କରାଜ୍ୟର ନବାବ ହେଲେ । ପଳାୟନ ସମୟରେ ଚିଟୁଙ୍କୁ ବାଘ ଖାଇଗଲା । କରିମ ଖାଁଙ୍କୁ ଯୁକ୍ତପ୍ରଦେଶରେ ଗୋଟିଏ କ୍ଷୁଦ୍ର ଜମିଦାରୀ ଦିଆଗଲା । ପିଣ୍ଡାରୀଦଳ ଧ୍ୱଂସ ହେଲେ ଓ ଭାରତରେ ଶାନ୍ତି ସ୍ଥାପିତ ହେଲା ।

## ମରହଟ୍ଟା ଶକ୍ତିର ଅବସାନ

**ତୃତୀୟ ମରହଟ୍ଟାସମର** (ଖ୍ରୀ: ଅ: ୧୮୧୭-୧୮୧୮)— ବେସିନ୍ ସନ୍ଧି ଫଳରେ (୧୮୦୨) ପେଶବା ଦ୍ୱିତୀୟ ବାଜିରାଓ ଇଂରେଜମାନଙ୍କ ସାମନ୍ତରାଜା ହୋଇଥିଲେ । ଏଥିରେ ଅସନ୍ତୁଷ୍ଟ ହୋଇ ସେ ନିଜ ସ୍ୱାଧୀନତାର ପୁନଃପ୍ରାପ୍ତି ନିମିତ୍ତ ଅନେକ ଚକ୍ରାନ୍ତ କଲେ । ଏହା ଜାଣିପାରି ୧୮୧୬ ରେ ହେଷ୍ଟିଂସ୍ ତାଙ୍କ ସହିତ ନୂତନ ସନ୍ଧି କରି ତାଙ୍କର ଅନେକ କ୍ଷମତା କମାଇ ଦେଲେ ଓ ତାଙ୍କଠାରୁ କଙ୍କଣ ପ୍ରଦେଶ ଦାବୀ କଲେ । ଏହି ନୂତନ ସନ୍ଧି ପେଶବାଙ୍କ ପକ୍ଷେ ଅତ୍ୟନ୍ତ ଅସହ୍ୟ ହେବାରୁ ସେ ଇଂରେଜମାନଙ୍କ ବିରୁଦ୍ଧରେ ଯୁଦ୍ଧ ଘୋଷଣାକଲେ ଓ ବହୁ ସୈନ୍ୟସହ କାର୍କିସ୍ଥିତ ବ୍ରିଟିଶ ଦୂତାବାସ ଆକ୍ରମଣ କରିଥିଲେ (୧୮୧୭) । ନାଗପୁରର ଭୋନ୍‌ସଲା ରାଜା ଅପ୍‌ପା ସାହେବ ଓ ହୋଲକାର ପେଶବାଙ୍କ ସହିତ ଯୁଦ୍ଧରେ ଯୋଗ ଦେଇଥିଲେ । ଦୁଇଟି ପ୍ରଧାନଯୁଦ୍ଧରେ ପେଶବାଙ୍କ ସୈନ୍ୟମାନେ ସମ୍ପୂର୍ଣ୍ଣରୂପେ ପରାସ୍ତ ହୋଇଥିଲେ ଓ ସେ ବନ୍ଦୀ ହୋଇଥିଲେ । ଅପ୍‌ପା ସାହେବ ସୀତାବାଲଦିଠାରେ ଓ ହୋଲକାର ମେହିଦପୁରଠାରେ ପରାସ୍ତ ହୋଇଥିଲେ ।

ବାଜିରାଓ ସିଂହାସନଚ୍ୟୁତ ହେଲେ ଓ କାନପୁର ନିକଟବର୍ତ୍ତୀ ବିଠୋର ନାମକ ସ୍ଥାନରେ ମୃତ୍ୟୁ ପର୍ଯ୍ୟନ୍ତ (୧୮୫୦) ବନ୍ଦୀ ହୋଇ

ରହିଲେ । ତାଙ୍କୁ ବର୍ଷକୁ ଅଠଲକ୍ଷଟଙ୍କା ବୃତ୍ତି ଦିଆଗଲା । ତାଙ୍କର ରାଜ୍ୟସମୂହ ବମ୍ବେ ପ୍ରେସିଡେନ୍‌ସିର ଅନ୍ତର୍ଭୁକ୍ତ ହେଲା । ଅପ୍‌ପାଯାହେବ ସିଂହାସନଚ୍ୟୁତ ହେଲେ ଓ ତାଙ୍କର ସୈନ୍ୟଦଳ ଭାଙ୍ଗି ଦିଆଗଲା । ନର୍ମଦାର ଉତ୍ତରକୁ ଥିବା ତାଙ୍କର ସମସ୍ତ ରାଜ୍ୟ ଇଂରେଜମାନେ ପାଇଲେ ଓ କ୍ଷୁଦ୍ର ନାଗପୁର ରାଜ୍ୟ ଜଣେ ନାବାଳକଙ୍କ ହସ୍ତରେ ଅର୍ପିତ ହେଲା । ହୋଲକାର ଇଂରେଜମାନଙ୍କର କରଦରାଜା ହେଲେ । ରାଜପୁତମାନେ ହୋଲକାରଙ୍କ ଅଧୀନରୁ ମୁକ୍ତ ହୋଇ ଇଂରେଜମାନଙ୍କ ଅଧୀନସ୍ଥ ହେଲେ । କ୍ଷୁଦ୍ର ସତାରରାଜ୍ୟ ଶିବାଜୀଙ୍କ ଜଣେ ବଂଶଧରଙ୍କୁ ଦିଆଗଲା । ଯେଉଁ ମରହଟ୍ଟାମାନେ ପ୍ରାୟ ଏକ ଶତାବ୍ଦୀକାଳ ବିଶେଷ କ୍ଷମତାଶାଳୀ ହୋଇ ଭାରତରେ ନିଜର ଆଧିପତ୍ୟ ପ୍ରତିଷ୍ଠା କରିଥିଲେ, ଏହି ଯୁଦ୍ଧରେ ସେମାନଙ୍କର ସମସ୍ତ କ୍ଷମତା ଚୂର୍ଣ୍ଣ ହେଲା । ଲର୍ଡ଼ ଓଏଲେସ୍‌ଲି ଯେଉଁ ମରହଟ୍ଟା ଧ୍ୱଂସ କାର୍ଯ୍ୟ ଆରମ୍ଭ କରିଥିଲେ ହେଷ୍ଟିଂସ୍ ତାହା ସମ୍ପୂର୍ଣ୍ଣ କରିଥିଲେ ।

ହେଷ୍ଟିଂସ୍ ଭାରତ ତ୍ୟାଗ କରିବା ପୂର୍ବରୁ ଭାରତର ଅଧିକାଂଶ ରାଜ୍ୟ ଇଂରେଜ ଶାସନାଧୀନ ହୋଇଥିଲା । କେବଳ ପଞ୍ଜାବ ଅଞ୍ଚଳରେ ଶିଖ ଶକ୍ତି ପ୍ରବଳ ଥିଲା ଓ ଆସାମ, ବ୍ରହ୍ମଦେଶ ଓ ସିନ୍ଧୁ ସ୍ୱାଧୀନ ଥିଲେ । ତାଙ୍କ ସମୟରେ କଲିକତାରେ ଓ ଶ୍ରୀରାମପୁରରେ ଦୁଇଟି କଲେଜ ପ୍ରତିଷ୍ଠିତ ହୋଇଥିଲା ।

---

## ପଞ୍ଚମ ଅଧ୍ୟାୟ

## ବ୍ରହ୍ମ, ଆସାମ ଓ ସୈନ୍ଧବ ଉପତ୍ୟକାରେ ଇଂରେଜ ଆଧିପତ୍ୟ ପ୍ରତିଷ୍ଠା

**ଲର୍ଡ଼ ଆମହର୍ଷ୍ଟ** (ଖ୍ରୀ: ଅ: ୧୮୨୩—୧୮୨୮)—ଲର୍ଡ଼ ହେଷ୍ଟିଂସଙ୍କ ପରେ ଲର୍ଡ଼ ଆମହର୍ଷ୍ଟ ଭାରତର ଗଭର୍ଣ୍ଣର ଜେନେରାଲ

ହେଲେ । ପ୍ରଥମ ବ୍ରହ୍ମ ସମର ଓ ଭରତପୁର ଦୁର୍ଗ ଅଧିକାର ତାଙ୍କ ଶାସନ କାଳର ପ୍ରଧାନ ଘଟଣା ।

**ପ୍ରଥମ ବ୍ରହ୍ମ ସମର** ( ଖ୍ରୀ: ଅ: ୧୮୨୪—୧୮୨୬ )— ବ୍ରହ୍ମ ଦେଶର ରାଜା ମଣିପୁର ଓ ଆସାମ ଅଧିକାର କରି ବଙ୍ଗଦେଶରୁ ଇଂରେଜମାନଙ୍କୁ ତଡ଼ିବାକୁ ଚେଷ୍ଟା କରିବାରୁ ଆମହର୍ଷ୍ଟ ତାଙ୍କ ବିରୁଦ୍ଧରେ ଯୁଦ୍ଧ ଘୋଷଣା କଲେ । ଇଂରେଜ ସୈନ୍ୟମାନେ ଆସାମରୁ ବ୍ରହ୍ମବାସୀଙ୍କୁ ତଡ଼ି ଦେଇଥିଲେ । ଦଳେ ଇଂରେଜ ସୈନ୍ୟ ରେଙ୍ଗୁନ ଅଧିକାର କରି ମାନ୍ଦାଲେ ଅଭିମୁଖରେ ଅଗ୍ରସର ହେଲେ । ଏଥିରେ ବ୍ରହ୍ମରାଜ ଭୀତ ହୋଇ 'ୟାଣ୍ଡାବୁ' ଠାରେ ୧୮୨୬ ରେ ଇଂରେଜମାନଙ୍କ ସହିତ ସନ୍ଧି କଲେ । ଏହା ଫଳରେ ଇଂରେଜମାନେ ଯୁଦ୍ଧର ବ୍ୟୟସ୍ୱରୂପ ଏକ କୋଟି ଟଙ୍କା ଓ ଆସାମ, ଆରାକାନ ଓ ଟେନାସରିମ ନାମକ ତିନୋଟି ପ୍ରଦେଶ ପାଇଲେ । ବ୍ରହ୍ମରାଜ କାଛାଡ଼, ଜୟନ୍ତିଆ ଓ ମଣିପୁର ରାଜ୍ୟରେ ହସ୍ତକ୍ଷେପ ନ କରିବାକୁ ସ୍ୱୀକୃତ ହେଲେ । ବ୍ରହ୍ମ ଦେଶର ରାଜଧାନୀ ଆଭାଠାରେ ଜଣେ ଇଂରେଜ ରାଜଦୂତ ( Resident ) ରହିବାର ବ୍ୟବସ୍ଥା ହେଲା ।

**ଭରତପୁର ଦୁର୍ଗ ଅଧିକାର**—୧୮୨୬ ରେ ଭରତପୁର ରାଜା ମରିଯିବାରୁ ତାଙ୍କର ଶିଶୁପୁତ୍ରଙ୍କୁ ଇଂରେଜମାନେ ସିଂହାସନ ପ୍ରଦାନ କରିଥିଲେ । କିନ୍ତୁ ମୃତ ରାଜାଙ୍କ ପିତୃବ୍ୟ ଏହି ଶିଶୁକୁ ତଡ଼ି ନିଜେ ସିଂହାସନରେ ବସିବାରୁ ଆମହର୍ଷ୍ଟ ତାଙ୍କ ବିରୁଦ୍ଧରେ ସୈନ୍ୟ ପ୍ରେରଣ କଲେ । ସେ ସମୟରେ ଭରତପୁର ଦୁର୍ଗ ଅଭେଦ୍ୟ ଓ ଅଜେୟ ବୋଲି ଖ୍ୟାତି ଲାଭ କରିଥିଲା । ୧୮୦୫ ରେ ଲର୍ଡ ଲେକ ଏହି ଦୁର୍ଗ ଅଧିକାର କରି ନ ପାରିବାରୁ ଇଂରେଜ ଶକ୍ତିର ନିନ୍ଦା ହୋଇଥିଲା । କିନ୍ତୁ ଏଥର ଇଂରେଜ ସେନାପତି କମ୍ବର ମିୟର ବାରୁଦ ଦ୍ୱାରା ଭରତପୁର ଦୁର୍ଗର ପ୍ରାଚୀର ଫଟାଇ ଏହା ଅଧିକାର କରିଥିଲେ ।

ଶିଶୁରାଜା ପୁନର୍ବାର ସିଂହାସନ ପ୍ରାପ୍ତ ହେଲେ । ଏହି ଦୁର୍ଗ ଅଧିକୃତ ହେବାରୁ ଇଂରେଜ ସେନାର ଖ୍ୟାତି ଯଥେଷ୍ଟ ବଢ଼ିଗଲା ଓ ଦେଶୀୟ ରାଜାମାନଙ୍କ ମନରେ ଭୟର ସଞ୍ଚାର ହେଲା ।

ତାଙ୍କ ସମୟରେ ବାରକପୁରରେ ଥିବା ଭାରତୀୟ ସିପାହି-ମାନଙ୍କର ବିଦ୍ରୋହ ଦମିତ ହୋଇଥିଲା । ସେ ହିମାଳୟ କୋଳ ଅନ୍ତର୍ଗତ ସିମଳା ଶୈଳକୁ ବଡ଼ଲାଟଙ୍କ ଗ୍ରୀଷ୍ମ ନିବାସରୂପେ ପରିଣତ କରିଥିଲେ ।

**ଲର୍ଡ଼ ଉଇଲିୟମ ବେଣ୍ଟିକ** (ଖ୍ରୀ: ଅ: ୧୮୨୮-୧୮୩୫)—
ଲର୍ଡ଼ ଆମହର୍ଷ୍ଟଙ୍କ ପରେ ଲର୍ଡ଼ ଉଇଲିୟମ ବେଣ୍ଟିକ ଭାରତର ଗଭର୍ଣ୍ଣର ଜେନେରାଲ ହେଲେ । ତାଙ୍କ ସମୟରୁ ଇଂରେଜ ସାମ୍ରାଜ୍ୟ ଭାରତର ଚତୁର୍ଦ୍ଦିଗରେ ବିସ୍ତୃତ ହୋଇଥିଲା । ସେ ଯୁଦ୍ଧ ଓ ରାଜ୍ୟ ଜୟ ନ କରି ଭାରତବାସୀ-ମାନଙ୍କର ସୁଖ ସ୍ୱାଚ୍ଛନ୍ଦ୍ୟ ଓ ମଙ୍ଗଳ ନିମିତ୍ତ ଅନେକ ଲୋକ-ହିତକର କାର୍ଯ୍ୟ କରି ଭାରତର ଜଣେ ବିଶିଷ୍ଟ ଶାସନକର୍ତ୍ତା ରୂପେ ଖ୍ୟାତି ଅର୍ଜନ କରିଥିଲେ ।



ଲର୍ଡ଼ ବେଣ୍ଟିକ

**ସାମାଜିକ ସଂସ୍କାର—ସତୀଦାହ ନିବାରଣ**—୧୮୨୯ ଖ୍ରୀଷ୍ଟାବ୍ଦରେ ସେ ସତୀଦାହ ନିବାରଣ ପାଇଁ ଗୋଟିଏ କଡ଼ା ଆଇନ ଚଳାଇଥିଲେ । ପୂର୍ବକାଳରେ ସାଧ୍ୱୀ ହିନ୍ଦୁ ରମଣୀମାନେ ପତିଙ୍କ ମୃତ୍ୟୁପରେ ସ୍ୱେଚ୍ଛାରେ ସେମାନଙ୍କର ଚିତାରେ ପଡ଼ି ପ୍ରାଣତ୍ୟାଗ କରୁଥିଲେ । କିନ୍ତୁ

କାଳକ୍ରମେ ଏହି ପ୍ରଥା ଦୂଷିତ ହୋଇଗଲା । ସହମରଣର ଇଚ୍ଛା ନ ଥିଲେ ମଧ୍ୟ ମୃତପତିର ଆତ୍ମୀୟମାନେ ତାଙ୍କର ପତ୍ନୀଙ୍କୁ ବଳପୂର୍ବକ ସ୍ୱାମୀଙ୍କ ଚିତାରେ ପକାଇ ପୋଡ଼ି ଦେଉଥିଲେ । ପ୍ରତିବର୍ଷ ଶତ ଶତ ହିନ୍ଦୁରମଣୀ ଏହିପରି ନିଷ୍ଠୁରଭାବରେ ଦଗ୍ଧ ହେଉଥିଲେ । ବେଣ୍ଟିକ୍ ଏହି ନିଷ୍ଠୁରପ୍ରଥା ଖୁବ୍ ସାହସ ଓ ଦମ୍ଭର ସହିତ ଉଠାଇ ଦେଇଥିଲେ । ଏହି କାର୍ଯ୍ୟରେ ତାଙ୍କୁ ରାଜା ରାମମୋହନ ରାୟ ଓ ଦ୍ୱାରକାନାଥ ଠାକୁର ସାହାଯ୍ୟ ଦେଇଥିଲେ ।

**ଠଗ ଦମନ**—ସେ ସମୟରେ ଠଗ ନାମକ ଗୋଟିଏ ନୃଶଂସ ଡକାୟତ ଦଳ ଭାରତର ଗୃହଅଞ୍ଚଳେ ବୁଲି ନରହତ୍ୟା ଓ ଲୁଣ୍ଠନ କରୁଥିଲେ । ସେମାନେ ପଥିକ ବା ତୀର୍ଥଯାତ୍ରୀ ବେଶରେ ପଥିକମାନଙ୍କ ସଙ୍ଗେ ମିଶି ସେମାନଙ୍କୁ ଭୁଲାଇ ଜଙ୍ଗଲ ଭିତରକୁ ନେଇ ଯାଉଥିଲେ ଓ ସେଠାରେ ସେମାନଙ୍କୁ ତଣ୍ଟି ଚିପି ବା କାଟିଦେଇ ମାରି ସର୍ବସ୍ୱ ଅପହରଣ କରୁଥିଲେ । ବେଣ୍ଟିକ୍ ସେମାନଙ୍କୁ ଦମନ କରିବା ପାଇଁ କର୍ଣ୍ଣେଲ ସ୍ଲିମାନ୍ ନାମକ ଜଣେ କର୍ମଚାରୀଙ୍କୁ ନିଯୁକ୍ତ କରିଥିଲେ । ସେ ୬ବର୍ଷ ମଧ୍ୟରେ ଅତି ବିଚକ୍ଷଣତା ଓ ତତ୍ପରତାର ସହିତ ଠଗ ସଂପ୍ରଦାୟକୁ ନିର୍ମୂଳ କରି ଭାରତର ରାଜପଥମାନ ନିରାପଦ କରିଥିଲେ ।

ଓଡ଼ିଶାର ଗଡ଼ଜାତ ଓ ଉତ୍ତରସରକାରରେ କନ୍ଧମାନେ ବେଶୀ ଫସଲ ପାଇବା ଆଶାରେ ହଳଦୀ କିଆରୀରେ ନରବଳି ଦେଉଥିଲେ । ରାଜପୁତମାନଙ୍କ ମଧ୍ୟରେ ଶିଶୁକନ୍ୟାକୁ ଜନ୍ମ ସଙ୍ଗେ ସଙ୍ଗେ ମାରିଦେବା ପ୍ରଥା ପ୍ରଚଳିତ ଥିଲା । ବେଣ୍ଟିକ୍ ଏହି ଦୁଇଟି ନୃଶଂସ ପ୍ରଥା ମଧ୍ୟ ଲୋପ କରିଥିଲେ ।

**ଭାରତରେ ଇଂରେଜିଶିକ୍ଷା ବିସ୍ତାର (୧୮୩୫)**—ତାଙ୍କ ଶାସନକାଳରେ ଭାରତୀୟମାନଙ୍କୁ କେଉଁ ଭାଷାରେ ଶିକ୍ଷା ଦିଆଯିବ ଏ ବିଷୟ ନେଇ ଭୀଷଣ ବାଦାନୁବାଦ ଲାଗିଥିଲା । ଦଳେ ଭାରତବାସୀଙ୍କୁ

ସଂସ୍କୃତ, ଆରବୀ, ପାର୍ସୀ ପ୍ରଭୃତି ପ୍ରାଚ୍ୟଭାଷାରେ ଶିକ୍ଷା ଦେବା ଉଚିତ ବୋଲି ମତ ପ୍ରକାଶ କଲେ । ଅପରଦଳ ଲର୍ଡ଼ ମାକ୍‌ଲେଙ୍କ ନେତୃତ୍ୱରେ ଭାରତୀୟମାନଙ୍କୁ ଇଂରେଜଭାଷା ଓ ପାଶ୍ଚାତ୍ୟବିଜ୍ଞାନ ଶିକ୍ଷା ଦେବା ପାଇଁ ଆନ୍ଦୋଳନ ଚଳାଇଲେ । ଶେଷରେ ବେଣ୍ଟିକ୍ ମାକ୍‌ଲେଙ୍କ ମତ ଗ୍ରହଣ କଲେ ଓ ୧୮୩୫ ରେ ଭାରତରେ ଇଂରେଜି ଶିକ୍ଷା ପ୍ରଚଳିତ ହେଲା । ଏହି କାର୍ଯ୍ୟଦ୍ୱାରା ଭାରତରେ ନୂତନ ଯୁଗ ଆରମ୍ଭ ହେଲା । ଇଂରେଜି ଭାଷା ଭାରତର ରାଜଭାଷା ହେଲା । କାଳକ୍ରମେ ପ୍ରତିଭାଶାଳୀ ଭାରତୀୟମାନେ ଏହି ଭାଷାରେ ବ୍ୟୁତ୍ପତ୍ତି ଲାଭ କରି ଉଚ୍ଚ ରାଜକାର୍ଯ୍ୟ ପାଇଲେ ।

ତାଙ୍କ ପୂର୍ବରୁ କଚେରିମାନଙ୍କରେ ପାର୍ସୀଭାଷା ଚଳୁଥିଲା । ବେଣ୍ଟିଙ୍କଙ୍କ ଆଦେଶ ଅନୁସାରେ ଏହା ଉଠାଇ ଦିଆଯାଇ କଚେରି-ମାନଙ୍କରେ ପ୍ରାଦେଶିକ ଭାଷାମାନ ପ୍ରଚଳିତ ହେଲା । ଏହାଦ୍ୱାରା ଭାରତୀୟମାନଙ୍କର ବିଶେଷ ସୁବିଧା ହେଲା । ସେ ୧୮୩୫ ରେ କଲିକତାରେ ମେଡ଼ିକାଲ କଲେଜ ପ୍ରତିଷ୍ଠା କରିଥିଲେ ।

**ଅନ୍ୟାନ୍ୟ କାର୍ଯ୍ୟକଳାପ**—ସେ ଅର୍ଥ ଅନାଟନ ଦୂର କରିବାପାଇଁ ଶାସନବିଭାଗର ବ୍ୟୟସଙ୍କୋଚ କରିଥିଲେ, ମାଳବପ୍ରଦେଶରୁ ଉତ୍ପନ୍ନ ଅଫିମ ଉପରେ ଶୁଳ୍କ ବସାଇଥିଲେ ; ମାନ୍ଦ୍ରାଜ ଓ ଆଗ୍ରା-ପ୍ରଦେଶରେ ନୂଆବନ୍ଦୋବସ୍ତ କରାଇ ରାଜସ୍ୱବୃଦ୍ଧି କରିଥିଲେ । ଭାରତ ସୀମାନ୍ତକୁ ରୁଷିୟା ଆକ୍ରମଣରୁ ରକ୍ଷାକରିବା ନିମନ୍ତେ ଓ ଇଂରେଜ ବାଣିଜ୍ୟ ବୃଦ୍ଧିପାଇଁ ସେ ରଣଜିତ ସିଂହ ଓ ସିନ୍ଧର ଅମୀରମାନଙ୍କ ସହିତ ସନ୍ଧି ସ୍ଥାପନ କରିଥିଲେ । ସେ ଲୋହିତସାଗର ଓ ଭୂମଧ୍ୟସାଗର ମଧ୍ୟଦେଇ ଭାରତ ଓ ଇଉରୋପ ମଧ୍ୟରେ ବାଣିଜ୍ୟ ଚଳାଇବାର ବ୍ୟବସ୍ଥା କରିଥିଲେ । ସେ ବିଚାରବିଭାଗର ମଧ୍ୟ ସଂସ୍କାର କରିଥିଲେ ଏବଂ ଭାରତବାସୀଙ୍କୁ ଜଜ୍ ଓ ଡେପୁଟି କଲେକ୍‌ଟର ପଦମାନଙ୍କରେ ନିଯୁକ୍ତ କରିଥିଲେ । ସେ ସୈନ୍ୟ ବିଭାଗର ମଧ୍ୟ ସଂସ୍କାର କରିଥିଲେ ।

ବେଣ୍ଟିଙ୍କ ଶାନ୍ତିନୀତିର ପକ୍ଷପାତୀ ଥିଲେ । କିନ୍ତୁ ମହୀଶୂର ରାଜ୍ୟରେ ବିଦ୍ରୋହ ହେବାରୁ ସେ ଅସ୍ଥାୟୀଭାବରେ ଉକ୍ତ ରାଜ୍ୟ ଇଂରେଜସରକାରଙ୍କ ତତ୍ତ୍ୱାବଧାନରେ ରଖିଥିଲେ । କୁର୍ଗ ରାଜ୍ୟର ରାଜା ପ୍ରଜାମାନଙ୍କ ଉପରେ ନାନାପ୍ରକାର ଅତ୍ୟାଚାର କରିବାରୁ ସେ ସୈନ୍ୟ ପଠାଇ ଉକ୍ତ ରାଜ୍ୟ ଅଧିକାର କରିଥିଲେ । କାଚ୍ଛାଡ଼ରାଜ୍ୟର ରାଜା ଅପୁତ୍ରକ ହୋଇ ମରିଯିବାରୁ ଉକ୍ତ ରାଜ୍ୟ ଅଧିକୃତ ହେଲା ।

**କମ୍ପାନୀର ସନନ୍ଦପ୍ରାପ୍ତି**—ଖ୍ରୀ: ଅ: ୧୮୩୩ ରେ କମ୍ପାନୀଙ୍କୁ ୨୦ ବର୍ଷ ପାଇଁ ପୁନର୍ବାର ନୂତନ ସନନ୍ଦ ଦିଆ ଯାଇଥିଲା । ଏହି ସନନ୍ଦ ଅନୁଯାୟୀ କମ୍ପାନୀର ବାଣିଜ୍ୟ କରିବା କ୍ଷମତା ରହିତ ହେଲା । କମ୍ପାନୀ ବିଲାତପାର୍ଲାମେଣ୍ଟ ଅଧୀନରେ ଭାରତର ଶାସନଭାର ଗ୍ରହଣ କଲେ । ଗଭର୍ଣ୍ଣରଜେନେରାଲଙ୍କ ସଭାରେ ଜଣେ **ଆଇନମନ୍ତ୍ରୀ** ରହିଲେ ଓ ଏହି ସଭାର ସମଗ୍ର ଭାରତପାଇଁ ଆଇନ ପ୍ରଣୟନ କରିବାର କ୍ଷମତା ରହିଲା । ଅଧୁନାତନ ଯୁକ୍ତପ୍ରଦେଶର କେତେକାଂଶ ଗୋଟିଏ ପ୍ରଦେଶରୂପେ ସୃଷ୍ଟ ହୋଇ ଜଣେ ଲେଫ୍‌ଟେନାଣ୍ଟଗଭର୍ଣ୍ଣରଙ୍କ ଅଧୀନରେ ରହିଲା । ଜାତିଧର୍ମ ନିର୍ବିଶେଷରେ ଉପଯୁକ୍ତ ଶିକ୍ଷିତ ଭାରତୀୟମାନଙ୍କୁ ଉଚ୍ଚ କାର୍ଯ୍ୟମାନଙ୍କରେ ନିଯୁକ୍ତ କରିବାର ବ୍ୟବସ୍ଥା ହେଲା ।

ବ୍ରାହ୍ମସମାଜ ପ୍ରତିଷ୍ଠାତା ରାଜା ରାମମୋହନ ରାୟ, ପ୍ରାଚ୍ୟ ଭାଷାବିତ୍ ଉଇଲ୍‌ସନ୍, ରାଜସ୍ଥାନର ପ୍ରସିଦ୍ଧ ଇତିହାସ ପ୍ରଣେତା କର୍ଣ୍ଣେଲ ଟଡ୍, ପ୍ରସିଦ୍ଧ ମିଶନାରୀ ଡଫ, ଆଇନ ସଦସ୍ୟ ମାକ୍‌ଲେ ପ୍ରଭୃତି ଖ୍ୟାତନାମା ବ୍ୟକ୍ତିମାନେ ତାଙ୍କର ସମସାମୟିକ ଥିଲେ ଓ ତାଙ୍କୁ ଶାସନକାର୍ଯ୍ୟରେ ନାନାଭାବରେ ସାହାଯ୍ୟ ଦେଇଥିଲେ । ତେଣୁ ତାଙ୍କର ଶାସନ କାଳରେ ଭାରତର ନାନାବିଧ ଉନ୍ନତି ସାଧିତ ହୋଇଥିଲା ।

**ସାର୍ ଚାର୍ଲସ୍ ମେଟ୍‌କାଫ୍** (ଖ୍ରୀ: ଅ: ୧୮୩୫—୩୬)—ଲର୍ଡ଼ ବେଣ୍ଟିଙ୍କ୍‌ଙ୍କ ପରେ ସାର୍ ଚାର୍ଲସ୍ ମେଟ୍‌କାଫ ଏକ ବର୍ଷ କାଳ

ଅସ୍ଥାୟୀଭାବରେ ଭାରତର ଗଭର୍ଣ୍ଣରଜେନେରଲକାର୍ଯ୍ୟ ଚଳାଇଥିଲେ । ସେ ଭାରତୀୟ ମୁଦ୍ରାଯନ୍ତ୍ରମାନଙ୍କୁ ସ୍ୱାଧୀନତା ଦେଇଥିଲେ । କିନ୍ତୁ ତାଙ୍କ କାର୍ଯ୍ୟରେ କମ୍ପାନୀର ଡିରେକ୍ଟରମାନେ ବିରକ୍ତ ହେବାରୁ ସେ ଉକ୍ତକାର୍ଯ୍ୟ ତ୍ୟାଗକରି ସ୍ୱଦେଶକୁ ଚାଲିଗଲେ ।

**ଲର୍ଡ ଅକ୍‌ଲାଣ୍ଡ** (ଖ୍ରୀ: ଅ: ୧୯୩୬-୧୮୪୨)—ମେଟ୍‌କାଫ୍‌ଙ୍କ ପରେ ଲର୍ଡ଼ ଅକ୍‌ଲାଣ୍ଡ ଭାରତର ଗଭର୍ଣ୍ଣରଜେନେରଲ ହେଲେ । ଫ୍ରାନ୍‌ସର ପତନ ପରେ ରୁଷିୟା ଇଉରୋପରେ ବିଶେଷ କ୍ଷମତାଶାଳୀ ହୋଇ ଉଠିଲା । ପଶ୍ଚିମରେ ବଳବାନ ପ୍ରତିଦ୍ୱନ୍ଦୀଠାରୁ ପୂର୍ବରେ ଆଫଗାନିସ୍ଥାନ ପର୍ଯ୍ୟନ୍ତ ବିସ୍ତୃତ ରାଜ୍ୟରେ ରୁଷିୟାର ଆଧିପତ୍ୟ ପ୍ରତିଷ୍ଠିତ ହୋଇଥିଲା । ରୁଷ ସୈନ୍ୟମାନେ ଆଫଗାନିସ୍ଥାନ ଅତିକ୍ରମ କରି ଭାରତ ଆକ୍ରମଣ କରିବାର ସର୍ବଦା ଆଶଙ୍କା ଥିଲା । ଲର୍ଡ଼ ଅକ୍‌ଲାଣ୍ଡ ରୁଷିୟାର ଏହି ଉଦ୍ଦେଶ୍ୟ ବିଫଳ କରିବାନିମିତ୍ତ ଆଫଗାନିସ୍ଥାନରେ ଇଂରେଜପ୍ରାଧାନ୍ୟ ପ୍ରତିଷ୍ଠା କରିବାକୁ ଚେଷ୍ଟା କଲେ । ଏଥିପାଇଁ ତାଙ୍କୁ ଗୋଟିଏ ଭୟାବହ ଯୁଦ୍ଧ କରିବାକୁ ହୋଇଥିଲା ।

**ପ୍ରଥମ ଆଫଗାନ ସମର**—ପାରସ୍ୟସମ୍ରାଟ୍ ରୁଷିୟାର ସାହାଯ୍ୟରେ ଆଫଗାନିସ୍ଥାନରେ ନିଜର ପ୍ରଭାବ ବିସ୍ତାର କରୁଥିଲେ । ଆଫଗାନିସ୍ଥାନରେ ରୁଷିୟାର ଏହି ଅଭିସନ୍ଧି ବ୍ୟର୍ଥକରିବା ନିମିତ୍ତ ଖ୍ରୀ: ଅ: ୧୮୩୭ ରେ ଲର୍ଡ଼ ଅକ୍‌ଲାଣ୍ଡ ବାଣିଜ୍ୟସମ୍ବନ୍ଧ ସ୍ଥାପନ ଛଳରେ ଜଣେ ଇଂରେଜ ଦୂତ କାବୁଲକୁ ପଠାଇଥିଲେ । ଦୋସ୍ତମହମ୍ମଦ ଆଫଗାନିସ୍ଥାନର ଅମୀର ଥିଲେ । ସେ ଇଂରେଜଦୂତଙ୍କୁ କହିଲେ ଯେ, ଇଂରେଜମାନେ ରଣଜିତ୍ ସିଂହଙ୍କ ହସ୍ତରୁ ପେଶବାର ଛଡ଼ାଇଆଣି ତାଙ୍କୁ ଅର୍ପଣକଲେ ସେ ଇଂରେଜମାନଙ୍କ ସହିତ ବନ୍ଧୁତା ସ୍ଥାପନ କରିବେ । ଲର୍ଡ଼ ଅକ୍‌ଲାଣ୍ଡ ଅମୀରଙ୍କର ଏ ପ୍ରସ୍ତାବରେ ଅସମ୍ମତ ହେବାରୁ ସେ ରୁଷିୟାସହିତ ଷଡ଼ଯନ୍ତ୍ର କରିବାକୁ ଲାଗିଲେ । ତେଣୁ ଅକ୍‌ଲାଣ୍ଡ ତାଙ୍କ

ବିରୁଦ୍ଧରେ ଯୁଦ୍ଧଘୋଷଣା କଲେ । ରଣଜିତ୍ ସିଂହ ତାଙ୍କୁ ଏହି ଯୁଦ୍ଧରେ ସାହାଯ୍ୟ ଦେଇଥିଲେ ।

ଅଫଗାନିସ୍ଥାନକୁ ବହୁତ ସୈନ୍ୟ ପ୍ରେରିତ ହେଲେ । ସେମାନେ କାନ୍ଦାହାର, ଗଜନି ଓ କାବୁଲ ଅଧିକାର କଲେ । ଦୋସ୍ତ ବନ୍ଦୀ ହେଲେ । ଇଂରେଜମାନେ ସାହସୁଜା ନାମକ ନିର୍ବାସିତ ଅମୀରଙ୍କୁ କାବୁଲର ସିଂହାସନରେ ବସାଇଲେ । ସାହସୁଜା ଦୁଇବର୍ଷ କାଳ ନିର୍ବିଘ୍ନରେ ରାଜ୍ୟ-ଶାସନ କରିଥିଲେ । କିନ୍ତୁ ସ୍ୱାଧୀନଚେତା ଅଫଗାନମାନେ ପରାଧୀନ ଅମୀର ସାହସୁଜାଙ୍କ ଅଧୀନରେ ରହିବାକୁ ଆଦୌ ପସନ୍ଦ କଲେ ନାହିଁ । ସେମାନେ ୧୮୪୧ରେ ଦୋସ୍ତମହମ୍ମଦଙ୍କ ପୁତ୍ର ଆକବରଖାଁଙ୍କ ଅଧୀନରେ ହଠାତ୍ ବିଦ୍ରୋହୀ ହୋଇ କାବୁଲରେ ଥିବା ଇଂରେଜ ପଲିଟିକାଲ ଏଜେଣ୍ଟ ଓ ଅମୀର ସାହସୁଜାଙ୍କୁ ମାରି ପକାଇଲେ । ତତ୍ପରେ ବ୍ରିଟିଶ ରାଜଦୂତ ନିହତ ହୋଇଥିଲେ । ଇଂରେଜ ସୈନ୍ୟମାନେ ନିରସ୍ତ୍ର ହୋଇ କାବୁଲ ଛାଡ଼ିବାକୁ ବାଧ୍ୟ ହେଲେ । ଚାରି ହଜାର ଇଂରେଜ ସୈନ୍ୟ ପ୍ରାୟ ୧୨୦୦୦ ଅନୁଚର ସହ ପ୍ରାଣରକ୍ଷାପାଇଁ ହିମାବୃତ ପାର୍ବତ୍ୟ ପଥରେ ଭାରତକୁ ଆସିବାବେଳେ ଦୁର୍ଦ୍ଧର୍ଷ ଅଫଗାନମାନଙ୍କଦ୍ୱାରା ଆକ୍ରାନ୍ତ ହୋଇଥିଲେ । ଜଣକ ବ୍ୟତୀତ ସମସ୍ତେ ନିଃସହାୟ ଭାବରେ ନିହତ ହୋଇଥିଲେ । କେବଳ ବ୍ରାଇଡନ ନାମକ ଜଣେ ବ୍ୟକ୍ତି ଜେଲାଲାବାଦରେ ଉପସ୍ଥିତ ହୋଇ ଇଂରେଜ ସୈନ୍ୟଦଳର ଶୋଚନୀୟ ହତ୍ୟାକାଣ୍ଡ ବର୍ଣ୍ଣନା କରିଥିଲେ । ଏହି ଦୁଃସମ୍ବାଦ ଇଂଲଣ୍ଡରେ ପହଞ୍ଚିଲା-କ୍ଷଣି ଅକ୍‌ଲାଣ୍ଡ ଇଂଲଣ୍ଡ ଫେରିବାକୁ ବାଧ୍ୟ ହୋଇଥିଲେ ।

**ଲର୍ଡ଼ ଏଲେନ୍‌ବରୋ** (ଖ୍ରୀ: ଅ: ୧୮୪୨—୧୮୪୪)—ଲର୍ଡ଼ ଅକ୍‌ଲାଣ୍ଡଙ୍କ ପରେ ଲର୍ଡ଼ ଏଲେନ୍‌ବରୋ ଭାରତର ଶାସନ ଭାର ଗ୍ରହଣ କଲେ । ସେ ସୈନ୍ୟାଧ୍ୟକ୍ଷ ପୋଲକଙ୍କ ନେତୃତ୍ୱରେ ଅଫଗାନି-ସ୍ଥାନକୁ ନୂତନ ସୈନ୍ୟଦଳ ପ୍ରେରଣ କରିଥିଲେ । ସେ କାବୁଲ ଅଧିକାର

କରି ଇଂରେଜ ବନ୍ଦୀମାନଙ୍କୁ ମୁକ୍ତ କରିଥିଲେ । ସେ କାବୁଲୀମାନଙ୍କୁ ସେମାନଙ୍କ ଅପରାଧ ପାଇଁ ଶାସ୍ତିଦେଇ ଭାରତକୁ ଫେରି ଆସିଲେ । ୧୮୪୨ରେ ପ୍ରଥମ ଆଫଗାନ ଯୁଦ୍ଧର ଅବସାନ ହେଲା । ଦୋସ୍ତ ମହମ୍ମଦ କାବୁଲର ଅମୀର ହେଲେ ।

**ସିନ୍ଧୁ ସମର** (ଖ୍ରୀ: ଅ: ୧୮୪୩)—ସିନ୍ଧୁପ୍ରଦେଶ ଅହମ୍ମଦସାହ ଅବଦାଲିଙ୍କ ସାମ୍ରାଜ୍ୟଭୁକ୍ତ ଥିଲା । ତାଙ୍କର ମୃତ୍ୟୁପରେ ଏହା କ୍ଷୁଦ୍ର କ୍ଷୁଦ୍ର ରାଜ୍ୟରେ ବିଭକ୍ତ ହୋଇ ଅମୀରମାନଙ୍କଦ୍ୱାରା ଶାସିତ ହେଉଥିଲା । ଇଂରେଜମାନଙ୍କର ଏହି ରାଜ୍ୟପ୍ରତି ବହୁକାଳରୁ ଲୋଲୁପ ଦୃଷ୍ଟି ଥିଲା । ସିନ୍ଧୁରୁ ଫରାସୀ ପ୍ରାଧାନ୍ୟ ଲୋପ କରିବାପାଇଁ ୧୮୦୯ ଓ ୧୮୨୦ ରେ ଇଂରେଜମାନେ ଅମୀରମାନଙ୍କ ସହିତ ଦୁଇଟି ସନ୍ଧି କରିଥିଲେ । ବେଣ୍ଟିକ୍ ସେମାନଙ୍କ ସହିତ ବାଣିଜ୍ୟ ସନ୍ଧି କରିଥିଲେ ଏବଂ ସେମାନଙ୍କୁ ରଣଜିତ ସିଂହଙ୍କ ଆକ୍ରମଣରୁ ରକ୍ଷା କରିଥିଲେ । ଲର୍ଡ଼ ଅକ୍ଲାଣ୍ଡ ୧୮୩୮ରେ ସିନ୍ଧୁରେ ଜଣେ ଇଂରେଜ ରାଜଦୂତ ରଖାଇଥିଲେ । ପ୍ରଥମ ଆଫଗାନ ଯୁଦ୍ଧ ସମୟରେ ସିନ୍ଧୁପ୍ରଦେଶ ମଧ୍ୟଦେଇ ଇଂରେଜ ସୈନ୍ୟମାନେ ଗତି କରିଥିଲେ । ଖ୍ରୀ: ଅ: ୧୮୩୯ରେ ( ରଣଜିତ ସିଂହଙ୍କ ମୃତ୍ୟୁ ବର୍ଷ ) ଏହା ଇଂରେଜ ରକ୍ଷିତ ପ୍ରଦେଶ ହେଲା ଓ ଅମୀରମାନେ ଏକଦଳ ଇଂରେଜ ସେନ୍ୟ ପୋଷଣ କରିବାକୁ ବାଧ୍ୟ ହେଲେ । ଅମୀରମାନଙ୍କର ବିଦ୍ରୋହ ଆଶଙ୍କା କରି ଏଲେନ୍‌ବରୋ ସାର୍ ଚାର୍ଲ୍‌ସ ନେପୀୟର ନାମକ ଇଂରେଜ ସେନାପତିଙ୍କୁ ୧୮୪୨ ରେ ସିନ୍ଧୁକୁ ପ୍ରେରଣ କରିଥିଲେ । ନେପୀୟରଙ୍କର ଉଦ୍ଧତ ବ୍ୟବହାରରେ ଉତ୍ତେଜିତ ହୋଇ ବେଲୁଚି ସୈନ୍ୟମାନେ ବ୍ରିଟିଶ ଦୂତାବାସ ଆକ୍ରମଣ କରିଥିଲେ (୧୮୪୩) । ତେଣୁ ଅମୀରମାନଙ୍କ ବିରୁଦ୍ଧରେ ଯୁଦ୍ଧ ଘୋଷିତ ହେଲା । ଅମୀରମାନେ ଦୁଇଟି ଯୁଦ୍ଧରେ ପରାସ୍ତ ହେଲେ ଓ ସିନ୍ଧୁପ୍ରଦେଶ ବମ୍ବେ ପ୍ରେସିଡେନ୍‌ସିର ଅନ୍ତର୍ଭୁକ୍ତ ହେଲା ।

**ଗୋୟାଲିୟର ଯୁଦ୍ଧ** (୧୮୪୩)—ଗୋୟାଲିୟରର ରାଜା ମରିଯିବାରୁ ତାଙ୍କର ଅଳ୍ପବୟସ୍କା ବିଧବା ପତ୍ନୀ ଗୋଟିଏ ବାଳକକୁ ପୋଷ୍ୟପୁତ୍ର କରିଥିଲେ । ସରକାର ମୃତରାଜାଙ୍କ ମାତୁଳଙ୍କୁ ନାବାଳକ ରାଜାଙ୍କ ଅଭିଭାବକରୂପେ ନିଯୁକ୍ତ କରିଥିଲେ; କିନ୍ତୁ ଗୋୟାଲିୟର ରାଣୀ ତାଙ୍କୁ ତଡ଼ି ଦେବାରୁ ଲର୍ଡ଼ ଏଲେନ୍‌ବରୋ ତାଙ୍କ ବିରୁଦ୍ଧରେ ଯୁଦ୍ଧ ଘୋଷଣା କଲେ । ଉକ୍ତ ରାଜ୍ୟର ୪୦୦୦୦ ସୈନ୍ୟ ପଞ୍ଜାବର ବିଶାଳ ଶିଖସେନା ସହିତ ମିଶିଗଲେ । ମିଳିତ ଦଳକୁ ପରାସ୍ତ କରିବା ଅସମ୍ଭବ ହୋଇଥାନ୍ତା । ତେଣୁ ଏଲେନ୍‌ବରୋ ସଙ୍ଗେ ସଙ୍ଗେ ସୈନ୍ୟ ପଠାଇ ଗୋୟାଲିୟର ସୈନ୍ୟମାନଙ୍କୁ ଦୁଇଟି ଯୁଦ୍ଧରେ ପରାସ୍ତ କରିଥିଲେ । ସନ୍ଧି ହେବାରୁ ଗୋୟାଲିୟର ସୈନ୍ୟସଂଖ୍ୟା ୯୦୦୦କୁ କମାଇ ଦିଆଗଲା । ରାଜ୍ୟଶାସନ ଭାର ଗୋଟିଏ ମନ୍ତ୍ରୀସଭା ହାତରେ ରହିଲା । ଦଳେ ବ୍ରିଟିଶ ସୈନ୍ୟ ପୋଷଣର ବ୍ୟୟଭାର ଏହି ରାଜ୍ୟଉପରେ ଅର୍ପିତ ହେଲା ।

ଏଲେନ୍‌ବରୋଙ୍କ ଯୁଦ୍ଧପ୍ରିୟତା ଯୋଗୁଁ କମ୍ପାନୀର ଡିରେକ୍‌ଟରମାନେ ବିରକ୍ତ ହେବାରୁ ସେ ବିଲାତକୁ ଫେରିଗଲେ ଓ ଲର୍ଡ଼ ହାର୍ଡ଼ିଞ୍ଜ ଭାରତର ବଡ଼ଲାଟ ହେଲେ ।

---

## ଷଷ୍ଠ ଅଧ୍ୟାୟ

## ଶିଖ ଶକ୍ତିର ପତନ ଓ ସିପାହୀ ବିଦ୍ରୋହ

**ଲର୍ଡ଼ ହାର୍ଡ଼ିଞ୍ଜ** (ଖ୍ରୀ: ଅ: ୧୮୪୦—୧୮୪୮)—ଲର୍ଡ଼ ହାର୍ଡ଼ିଞ୍ଜ ଜଣେ ବିଚକ୍ଷଣ ଓ ସାହସୀ ଶାସନକର୍ତ୍ତା ଥିଲେ । ପ୍ରଥମ ଶିଖସମର ତାଙ୍କ ସମୟର ପ୍ରଧାନ ଘଟଣା ।

**ପ୍ରଥମ ଶିଖସମର** ( ଖ୍ରୀ: ଅ: ୧୮୪୫—୧୮୪୬ )—ରଣଜିତ ସିଂହ ଅଲୌକିକ ପ୍ରତିଭା ବଳରେ ନିଜର ବିଶାଳ

ରାଜ୍ୟରେ ଶାନ୍ତି ଓ ଶୃଙ୍ଖଳା ରକ୍ଷିଥିଲେ । ତାଙ୍କର ଇଉରୋପୀୟ ପ୍ରଣାଳୀରେ ଶିକ୍ଷିତ ଓ ସୁଶୃଙ୍ଖଳିତ ପ୍ରାୟ ୮୦୦୦୦ ସୈନ୍ୟ ଥିଲେ । ଖ୍ରୀ: ଅ: ୧୮୩୯ ରେ ରଣଜିତ୍ ସିଂହଙ୍କ ମୃତ୍ୟୁ ହେଲା । ତାଙ୍କର ମୃତ୍ୟୁ-ପରେ ସିଂହାସନପାଇଁ ବିବାଦ ଲାଗିଲା ଓ ପ୍ରାୟ ୪ବର୍ଷ ମଧ୍ୟରେ ୪ଜଣ ବ୍ୟକ୍ତି ପଞ୍ଜାବର ସିଂହାସନ ଅଧିକାର କରିଥିଲେ । ଶେଷରେ ସୈନ୍ୟଗଣ ରଣଜିତ୍ ସିଂହଙ୍କ ପୁତ୍ର ବାଳକ ଦଲିପ ସିଂହଙ୍କୁ ପଞ୍ଜାବ ସିଂହାସନରେ ବସାଇଲେ ଏବଂ ତାଙ୍କର ମାତା ରାଣୀ ଝିନ୍ଦନଙ୍କୁ ଅଭିଭାବକରୂପେ ନିଯୁକ୍ତ କରିଥିଲେ । ଏହା ଫଳରେ ସୈନ୍ୟମାନଙ୍କର ଆଧିପତ୍ୟ ପ୍ରବଳ ହେଲା । ସେମାନଙ୍କ ପ୍ରଭାବ ହ୍ରାସକରିବା ନିମିତ୍ତ ରାଣୀ ଝିନ୍ଦନ ସେମାନଙ୍କୁ ଇଂରେଜରାଜ୍ୟ ଆକ୍ରମଣ କରିବାକୁ ଆଦେଶ ଦେଲେ । ତେଣୁ ସେମାନେ ସତ୍ଲେଜ୍ ନଦୀ ପାରହୋଇ ଇଂରେଜରାଜ୍ୟ ଆକ୍ରମଣ କଲେ (୧୮୪୫) । ଏହା ପୂର୍ବରୁ ଇଂରେଜମାନେ ମଧ୍ୟ ପଞ୍ଜାବ ଆକ୍ରମଣ କରିବାପାଇଁ ସମସ୍ତ ପ୍ରକାର ଆୟୋଜନ କରିଥିଲେ । ସେମାନେ ସତ୍ଲେଜ୍ ଅତିକ୍ରମ କରିବା ପାଇଁ ବମ୍ବେଠାରେ ବୋଟମାନ ନିର୍ମାଣ କରିଥିଲେ । ମୂଲତାନଆଡ଼କୁ ଅଗ୍ରସର ହେବାପାଇଁ ସିନ୍ଧୁରେ ଇଂରେଜସେନା ସୁସଜ୍ଜିତ ଓ ପ୍ରସ୍ତୁତ ଥିଲା ଏବଂ ସିନ୍ଧୁର ଉତ୍ତରପଶ୍ଚିମସ୍ଥ କେତେକ ଦୁର୍ଗ ଦୃଢ଼ୀଭୂତ ହୋଇ-ଥିଲା । ତେଣୁ ଇଂରେଜମାନେ ଯୁଦ୍ଧପାଇଁ ପୂର୍ବରୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିଲେ । ଏହି ଯୁଦ୍ଧକୁ ପ୍ରଥମ ଶିଖସମର କହନ୍ତି । ଲର୍ଡ଼ହାର୍ଡିଞ୍ଜ ସ୍ୱୟଂ ଯୁଦ୍ଧକ୍ଷେତ୍ରରେ ଅବତୀର୍ଣ୍ଣ ହେଲେ । ତିନିସପ୍ତାହକାଳ ମୁଦ୍କି, ଫିରୋଜସାହ, ଅଲିଓୟାଲ୍ ଓ ସୋବ୍ରାଓନ୍ ନାମକ ଚାରୋଟି ସ୍ଥାନରେ ଶିଖ ଓ ଇଂରେଜମାନଙ୍କ ମଧ୍ୟରେ ଭୀଷଣ ଯୁଦ୍ଧ ହୋଇଥିଲା । ଶିଖମାନେ ଯୁଦ୍ଧରେ ଅସାଧାରଣ ବୀରତ୍ୱ ଓ ସାହସ ପ୍ରଦର୍ଶନ କରି ମଧ୍ୟ ଶେଷରେ ପରାସ୍ତ ହୋଇ ଲାହୋରଠାରେ ସନ୍ଧି କଲେ (୧୮୪୬) ।

ଦଲୀପ ସିଂହ ପଞ୍ଜାବର ମହାରାଜା ବୋଲି ସ୍ୱୀକୃତ ହେଲେ । ଇଂରେଜମାନେ ଶତଦ୍ରୁ ଓ ବିପାଶା ନଦୀଦ୍ୱୟର ମଧ୍ୟବର୍ତ୍ତୀ ଅଞ୍ଚଳ ଓ ଯୁଦ୍ଧବ୍ୟୟସ୍ୱରୂପ କାଶ୍ମୀରରାଜ୍ୟ ପାଇଲେ । କାଶ୍ମୀରର ଶାସନକର୍ତ୍ତା ଗୋଲାବସିଂହ ଏକକୋଟି ଟଙ୍କାରେ ଇଂରେଜମାନଙ୍କଠାରୁ କାଶ୍ମୀରରାଜ୍ୟ କିଣିନେଲେ । ଶିଖସୈନ୍ୟ ପୂର୍ବସଂଖ୍ୟାର ଏକତୃତୀୟାଂଶରେ ରଖାଗଲେ । ଜଣେ ବ୍ରିଟିଶ ରେସିଡେଣ୍ଟ ଦଳେ ଇଂରେଜସୈନ୍ୟସହ ଲାହୋରରେ ରହିଲେ । ଲର୍ଡ ହାର୍ଡିଞ୍ଜ ଶିଖଯୁଦ୍ଧରେ ଅସାଧାରଣ ନୈପୁଣ୍ୟ ଓ କାର୍ଯ୍ୟଦକ୍ଷତାର ପରିଚୟ ଦେଇ ବିଶେଷ ଖ୍ୟାତି ଲାଭ କରିଥିଲେ ।

**ଲର୍ଡ ଡେଲହାଉସି** (ଖ୍ରୀ: ଅ. ୧୮୪୮—୧୮୫୬)—ଲର୍ଡ ହାର୍ଡିଞ୍ଜଙ୍କ ପରେ ଲର୍ଡ ଡେଲହାଉସି ଭାରତର ଗଭର୍ଣ୍ଣର-ଜେନେରାଲ ହେଲେ । ସେ ପଞ୍ଚତ୍ରିଂଶବର୍ଷ ବୟସରେ ଭାରତ ଶାସନର ଗୁରୁ ଦାୟିତ୍ୱ ବହନ କରିଥିଲେ । ସେ ଜଣେ ବିଚକ୍ଷଣ, ସାହସୀ ଓ ସଂସ୍କାରପ୍ରିୟ ଶାସନକର୍ତ୍ତା ଥିଲେ । ସେ ଅଠବର୍ଷ ମଧ୍ୟରେ ନାନାରାଜ୍ୟ ଜୟ କରି ଭାରତରେ ଇଂରେଜସାମ୍ରାଜ୍ୟକୁ ପୂର୍ଣ୍ଣାଙ୍ଗ କରିଥିଲେ ଓ ପଞ୍ଜାବର ଶିଖ ଶକ୍ତିକୁ ଧ୍ୱଂସ କରିଥିଲେ ।



ଲର୍ଡ ଡେଲହାଉସି

**ଦ୍ୱିତୀୟ ଶିଖସମର** (ଖ୍ରୀ: ଅ. ୧୮୪୮—୪୯)—ପ୍ରଥମ ଶିଖ ସମରରେ ଶିଖମାନଙ୍କର କ୍ଷମତା ସମ୍ପୂର୍ଣ୍ଣରୂପେ ଚୂର୍ଣ୍ଣ ହୋଇ ନ ଥିଲା । ସେମାନେ ଇଂରେଜମାନଙ୍କ ଅଧୀନତାରୁ ମୁକ୍ତ ପାଇବାପାଇଁ

ସର୍ବଦା ବିଦ୍ରୋହର ସୁଯୋଗ ଖୋଜୁଥିଲେ । ଗୋଟିଏ ସାମାନ୍ୟକାରଣ ଯୋଗୁଁ ସେମାନେ ପୁନର୍ବାର ଯୁଦ୍ଧ କଲେ । ମୁଲତାନର ନୂତନ ଶାସନକର୍ତ୍ତା ମୁଲରାଜଙ୍କଠାରୁ ଲାହୋରସ୍ଥ ଇଂରେଜ ରେସିଡେଣ୍ଟ ପ୍ରଚୁର ଅର୍ଥ ଦାବୀ କଲେ । ଏଥିରେ ବିରକ୍ତ ହୋଇ ମୁଲରାଜ କାର୍ଯ୍ୟତ୍ୟାଗ କଲେ । ରେସିଡେଣ୍ଟଙ୍କ ଆଦେଶରେ ଖାନ୍‌ସିଂହ ଦୁଇଜଣ ଇଂରେଜ-କର୍ମଚାରୀଙ୍କ ସହିତ ତାଙ୍କଠାରୁ କାର୍ଯ୍ୟଭାର ନେବାକୁ ଗଲେ । ମୁଲରାଜ ଇଂରେଜକର୍ମଚାରୀଦ୍ୱୟଙ୍କୁ ହତ୍ୟା କରି ବିଦ୍ରୋହ ଆରମ୍ଭ କଲେ । ପଞ୍ଜାବର ଅନ୍ୟାନ୍ୟ ସ୍ଥାନର ଶିଖମାନେ ଏହି ବିଦ୍ରୋହରେ ଯୋଗ ଦେଇଥିଲେ । ବିଦ୍ରୋହ ଦମନ ପାଇଁ ଲାହୋର ଦରବାରଦ୍ୱାରା ପ୍ରେରିତ ସେନାପତି ସେରସିଂହ ଓ ତାଙ୍କର ସୈନ୍ୟମାନେ ମଧ୍ୟ ବିଦ୍ରୋହରେ ଯୋଗଦେଲେ । ଲର୍ଡ଼ ଡେଲହାଉସି ସମଗ୍ର ଶିଖଜାତି ବିରୁଦ୍ଧରେ ଯୁଦ୍ଧଘୋଷଣା କଲେ । ଚିଲିୟାନୱାଲା ନାମକ ସ୍ଥାନରେ ଉଭୟପକ୍ଷମଧ୍ୟରେ ଭୀଷଣ ଯୁଦ୍ଧ ହେଲା । ଇଂରେଜପକ୍ଷର ୨୪୦୦ ଲୋକ ନିହତ ହେଲେ । ଏହାପରେ ଇଂରେଜ-ମାନେ ମୁଲତାନ ଅଧିକାର କରି ମୁଲରାଜଙ୍କୁ ବନ୍ଦୀ କଲେ । ଗୁଜରାଟ ଯୁଦ୍ଧରେ ଶିଖମାନେ ସମ୍ପୂର୍ଣ୍ଣରୂପେ ପରାସ୍ତ ଓ ବିଧ୍ୱସ୍ତଗ୍ରସ୍ତ ହୋଇ ସନ୍ଧି କରିବାକୁ ବାଧ୍ୟ ହେଲେ । ଏହା ଫଳରେ ୧୮୪୯ରେ ସମଗ୍ରପଞ୍ଜାବ ଇଂରେଜ ରାଜ୍ୟଭୁକ୍ତ ହେଲା । ଦଶମ ବର୍ଷୀୟ ଶିଖରାଜା ଦଲିପସିଂହ ବାର୍ଷିକ ୫ ଲକ୍ଷ ଟଙ୍କା ବୃତ୍ତିସ୍ୱରୂପ ପାଇ ବିଲାତକୁ ପଠାହେଲେ । ଜଗତ-ବିଖ୍ୟାତ 'କୋହିନୂର' ହୀରକଖଣ୍ଡ ଇଂରେଜମାନଙ୍କର ହସ୍ତଗତ ହେଲା ।

**ଦ୍ୱିତୀୟ ବ୍ରହ୍ମସମର** (ଖ୍ରୀ: ଅ: ୧୮୫୨)—ରେଙ୍ଗୁନବାସୀ କେତେଜଣ ଇଂରେଜବଣିକଙ୍କ ଉପରେ ବ୍ରହ୍ମବାସୀ ଅତ୍ୟାଚାର କରିଥିଲେ ଓ ବ୍ରହ୍ମରାଜ ଏହି ଅତ୍ୟାଚାରର କୌଣସି ପ୍ରତିକାର କଲେ ନାହିଁ । ତେଣୁ ବ୍ରହ୍ମରାଜଙ୍କ ବିରୁଦ୍ଧରେ ଯୁଦ୍ଧ ଘୋଷିତ ହେଲା । କତିପୟ ଖଣ୍ଡଯୁଦ୍ଧପରେ ଉଭୟପକ୍ଷମଧ୍ୟରେ ସନ୍ଧି ହେଲା । ରେଙ୍ଗୁନ, ମାର୍ଟାବାନ, ପ୍ରୋମ ଓ ପେଗୁ

ଇଂରେଜରାଜ୍ୟଭୁକ୍ତ ହୋଇଥିଲା । ଏଗୁଡ଼ିକ ଅଧିକୃତ ହେବାରୁ ଇଂରେଜ ରାଜ୍ୟର ପୂର୍ବସୀମା ସାଲଓ୍ଵିନ୍‌ନଦୀ ପର୍ଯ୍ୟନ୍ତ ବିସ୍ତୃତ ହେଲା ଓ ବଙ୍ଗୋପସାଗରରେ ଇଂରେଜ ଆଧିପତ୍ୟ ପ୍ରତିଷ୍ଠିତ ହେଲା ।

**ରାଜ୍ୟବିସ୍ତାର**—ଦେଶୀୟ ରାଜାମାନଙ୍କର ସ୍ୱେଚ୍ଛାଚାରପୂର୍ଣ୍ଣ ଶାସନ ଅପେକ୍ଷା ନିୟମବଦ୍ଧ ଇଂରେଜଶାସନ ଭାରତୀୟମାନଙ୍କ ପକ୍ଷେ ଅଧିକ ହିତକର ବୋଲି ଡେଲହାଉସୀଙ୍କର ଦୃଢ଼ ଧାରଣା ଥିଲା । ତେଣୁ ସେ ସାମାନ୍ୟସୁଯୋଗ ପାଇଲେ ଦେଶୀୟରାଜ୍ୟମାନ ଇଂରେଜ ଶାସନାଧୀନ କରିବାକୁ ଚେଷ୍ଟା କଲେ । ଏହି ଉଦ୍ଦେଶ୍ୟରେ ସେ 'ରାଜ୍ୟସ୍ୱତ୍ୱ-ଲୋପନୀତି' ପ୍ରୟୋଗ କରିଥିଲେ ।

**ରାଜ୍ୟସ୍ୱତ୍ୱ-ଲୋପନୀତି**—ଭାରତବର୍ଷରେ ଅବହମାନ କାଳରୁ ପୋଷ୍ୟପୁତ୍ର ଗ୍ରହଣ ପ୍ରଥା ଚଳିଆସୁଅଛି । ପୋଷ୍ୟପୁତ୍ର ପିତାଙ୍କ ମୃତ୍ୟୁପରେ ତାଙ୍କର ସମସ୍ତ ସ୍ଥାବରାସ୍ଥାବର ସମ୍ପତ୍ତିର ମାଲିକ ହୁଏ । କିନ୍ତୁ ଡେଲହାଉସି ଏହି ନୀତିଦ୍ୱାରା ସ୍ଥିର କଲେ ଯେ ଇଂରେଜ ଅଧୀନ ବା ଇଂରେଜସୃଷ୍ଟ କୌଣସି ଦେଶୀୟରାଜ୍ୟର ରାଜା ଅପୁତ୍ରିକ ଅବସ୍ଥାରେ ମଲେ ତାଙ୍କର ପୋଷ୍ୟପୁତ୍ର ତାଙ୍କ ରାଜ୍ୟ ଓ ବୃତ୍ତିର ଉତ୍ତରାଧିକାରୀ ହୋଇ ପାରିବେ ନାହିଁ ଓ ତାଙ୍କ ରାଜ୍ୟ ଇଂରେଜ ଶାସନାଧୀନ ହେବ । ଏହି ନୀତି ଅନୁସାରେ ସତାରା, ଝାନ୍‌ସି, ନାଗପୁର, ଓ ସମ୍ବଲପୁର, ପ୍ରଭୃତି କେତୋଟି ରାଜ୍ୟ ଇଂରେଜ ଅଧିକୃତ ହେଲା । ସେ ତାଞ୍ଜୋର ରାଜା ଓ କର୍ଣ୍ଣାଟନବାବଙ୍କ ବୃତ୍ତି କାଟିଦେଇ ସେମାନଙ୍କର ରାଜ୍ୟ ଅଧିକାର କଲେ । ପେଶବା ଦ୍ୱିତୀୟ ବାଜିରାଓ ମରିଯିବାରୁ ତାଙ୍କର ପୋଷ୍ୟପୁତ୍ର ନାନାସାହେବଙ୍କୁ ବୃତ୍ତି ଦିଆଗଲା ନାହିଁ । ଏହି ନୀତି ପରେ ସିପାହୀ ବିଦ୍ରୋହର ପ୍ରଧାନ କାରଣ ହେଲା ।

ଅଯୋଧ୍ୟା ନବାବ ଭଲରୂପେ ଶାସନ ନ କରିବାରୁ ୧୮୫୬ ଖ୍ରୀଷ୍ଟାବ୍ଦରେ ରାଜ୍ୟଚ୍ୟୁତ ହେଲେ ଓ ତାଙ୍କ ରାଜ୍ୟ ଅଧିକୃତ ହେଲା ।

ହାଇଦରାବାଦର ନିଜାମ ଇଂରେଜ ସେନାର ଖର୍ଚ୍ଚ ନିୟମିତରୂପେ ନ ଦେବାରୁ ବେରାର ପ୍ରଦେଶ ଦେବାକୁ ବାଧ୍ୟ ହେଲେ (ଖ୍ରୀ:ଅ:୧୮୫୩)। ଓଡ଼ିଶାର ଅନୁଗୁଳ ମଧ୍ୟ ତାଙ୍କ ସମୟରେ ଖାସ ହୋଇଥିଲା । ସିକିମର ରାଜା ଦୁଇଜଣ ଇଂରେଜ କର୍ମଚାରୀଙ୍କ ପ୍ରତି ଅତ୍ୟାଚାର କରିବାରୁ ତାଙ୍କ ରାଜ୍ୟର କେତେକାଂଶ ଖ୍ରୀ: ଅ: ୧୮୫୦ରେ ଅଧିକୃତ ହେଲା ।

**ଲୋକହିତକର କାର୍ଯ୍ୟାବଳୀ**—ତାଙ୍କର ଶାସନକାଳ କେବଳ ଯୁଦ୍ଧ ଓ ରାଜ୍ୟବୃଦ୍ଧିରେ ଅତିବାହିତ ହୋଇ ନ ଥିଲା । ସେ ଭାରତବାସୀଙ୍କର ମଙ୍ଗଳ ନିମିତ୍ତ ଅନେକ ହିତକର କାର୍ଯ୍ୟ କରିଥିଲେ । ତାଙ୍କ ସମୟରେ ପ୍ରଥମେ ଭାରତରେ ରେଲପଥ ଓ ଟେଲିଗ୍ରାଫ ନିର୍ମିତ ହୋଇଥିଲା । ଇଷ୍ଟଇଣ୍ଡିଆ ରେଲଓ୍ୱେ ଭାରତର ପ୍ରଥମ ରେଲପଥ । ସେ କଲିକତାଠାରୁ ଦିଲ୍ଲୀ ପର୍ଯ୍ୟନ୍ତ ଗୋଟିଏ ସୁଦୃଢ଼ ରାଜପଥ ( Grand Trunk Road ) ନିର୍ମାଣ ଓ ଗଙ୍ଗା ନଦୀରୁ କେନାଲ ଖୋଦନ କରିଥିଲେ । ସେ ରାସ୍ତା, ଘାଟ, କେନାଲ, ବନ୍ଧ ଓ ଅଫିସଘର ସବୁ ନିର୍ମାଣ ଓ ମରାମତି କରିବାପାଇଁ ପ୍ରଥମେ ପୂର୍ତ୍ତବିଭାଗ ( Public Works Department ) ସୃଷ୍ଟି କରିଥିଲେ । ଡାକବିଭାଗ ମଧ୍ୟ ପ୍ରଥମେ ତାଙ୍କଦ୍ୱାରା ସୃଷ୍ଟି ହୋଇଥିଲା । ସେ ଭାରତ ଓ ଇଂଲଣ୍ଡ ମଧ୍ୟରେ ଯିବାଆସିବାପାଇଁ ଲୋହିତସାଗର ପଥରେ ବାଷ୍ପୀୟ ପୋତ ଚଳାଇବାର ବଂବନ୍ଧା କରିଥିଲେ । ସେ ଭାରତରେ ଉଚ୍ଚ ଶିକ୍ଷାର ପ୍ରବର୍ତ୍ତକ । ତାଙ୍କ ସମୟରେ କଲିକତା, ବମ୍ବେ ଓ ମାନ୍ଦ୍ରାଜରେ ଗୋଟିଏ ଲେଖାଏଁ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠିତ ହେବାର ସ୍ଥିର ହୋଇଥିଲା ଏବଂ ନାନା-ସ୍ଥାନରେ ସ୍କୁଲ ଓ କଲେଜମାନ ସ୍ଥାପିତ ହୋଇଥିଲା । ତାଙ୍କ ସଭାର ଆଇନମନ୍ତ୍ରୀ ବେଥୁନ ସାହେବ ବାଳିକା ଶିକ୍ଷାପାଇଁ କଲିକତାରେ ପ୍ରସିଦ୍ଧ ବେଥୁନ କଲେଜ ପ୍ରତିଷ୍ଠା କରିଥିଲେ । ତାଙ୍କର ଏ ସମସ୍ତ କାର୍ଯ୍ୟ-କଳାପକୁ ସେସମୟର ଲୋକମାନେ ବିଶେଷ ସନ୍ଦେହ କରିଥିଲେ ସତ୍ୟ,

କିନ୍ତୁ ସେଗୁଡ଼ିକ ଯୋଗୁଁ ପରବର୍ତ୍ତୀକାଳରେ ଦେଶର ବିଶେଷ ଉନ୍ନତି ହୋଇଥିଲା ଓ ଲୋକମାନଙ୍କ ମଧ୍ୟରେ ନୂତନ ଜାଗରଣ ଆସିଥିଲା ।


୧୮୫୩ ଖ୍ରୀଷ୍ଟାବ୍ଦରେ କମ୍ପାନୀକୁ ନୂତନ ସନନ୍ଦ ଦିଆଯାଇଥିଲା । ପାର୍ଲିଅମେଣ୍ଟର ଇଚ୍ଛାନୁସାରେ କମ୍ପାନୀର ଭାରତ ଶାସନ ଯେ କୌଣସି ସମୟରେ ଶେଷ ହୋଇ ପାରିବ ବୋଲି ଏଥିରେ ବ୍ୟବସ୍ଥା ରହିଲା । ବଙ୍ଗଦେଶର ଶାସନପାଇଁ ଜଣେ ସହକାରୀ ଶାସନକର୍ତ୍ତା ( ଲେଫ୍‌ଟେନାଣ୍ଟ ଗଭର୍ଣ୍ଣର ) ନିଯୁକ୍ତ ହେଲେ । ଖ୍ରୀ: ଅ: ୧୮୫୬ରେ ଡେଲହାଉସି ସ୍ୱଦେଶକୁ ଫେରି ଯାଇଥିଲେ ।

## ସିପାହୀ ବିଦ୍ରୋହ

**ଲର୍ଡ଼ କ୍ୟାନିଂ** ( ଖ୍ରୀ: ଅ: ୧୮୫୬—୧୮୬୨ )—ଲର୍ଡ଼ ଡେଲହାଉସିଙ୍କ ପରେ ଲର୍ଡ଼ କ୍ୟାନିଂ ଭାରତର ଗଭର୍ଣ୍ଣର ଜେନେରାଲ ହେଲେ । ତାଙ୍କ ରାଜତ୍ୱରେ ଘଟିଥିବା ସିପାହୀ ବିଦ୍ରୋହ ଭାରତ ଇତିହାସର ଗୋଟିଏ ପ୍ରସିଦ୍ଧ ଘଟଣା । ଏହି ବିଦ୍ରୋହ ଫଳରେ ଇଂରେଜ ଶାସନ ନୀତିରେ ଘୋର ପରିବର୍ତ୍ତନ ଘଟିଥିଲା ।

**ସିପାହୀ ବିଦ୍ରୋହର କାରଣ**—ଆମ୍ଭ ଦେଶର ଲୋକମାନେ ଦେଶରେ କୌଣସି ନୂତନ ହିତକର ସଂସ୍କାର ପ୍ରବର୍ତ୍ତିତ ହେଲେ, ଧର୍ମର ଦୋହାଇଦେଇ ପ୍ରଥମେ ତାର ବିରୁଦ୍ଧାଚରଣ କରିଥାନ୍ତି । ବେଣ୍ଟିକ ଆମ୍ଭ ଦେଶରେ ବହୁକାଳରୁ ପ୍ରଚଳିତ ସତୀଦାହ ଓ ନରବଳି ପ୍ରଥା ପ୍ରଭୃତି ଉଠାଇ ଦେଇଥିବାରୁ ଲୋକମାନେ ତାଙ୍କ ଉପରେ ଅସନ୍ତୁଷ୍ଟ ଥିଲେ । ଡେଲହାଉସୀଙ୍କଦ୍ୱାରା ଭାରତରେ ଇଂରେଜୀ ଶିକ୍ଷା ଓ ସ୍ତ୍ରୀ ଶିକ୍ଷାର ପ୍ରବର୍ତ୍ତନ, ରେଳ ଓ ଟେଲିଗ୍ରାଫର ପ୍ରଚଳନ, ହିନ୍ଦୁ ବିଧବାମାନଙ୍କର ପୁନର୍ବିବାହ ଅନୁମୋଦନ, କେତେକ ଜାତିର ବହୁବିବାହ ନିଷେଧ ବିଧି ଯୋଗୁଁ ଭାରତବାସୀମାନଙ୍କୁ ଖ୍ରୀଷ୍ଟାନ୍ କରିବା ଇଂରେଜମାନଙ୍କର ଗୁପ୍ତ ଅଭିପ୍ରାୟ ବୋଲି ଜନସାଧାରଣଙ୍କର ଦୃଢ଼ ଧାରଣା ଜାତ ହେଲା ।

ଡେଲହାଉସୀଙ୍କ ରାଜ୍ୟ-ସ୍ୱତ୍ୱ-ଲୋପ-ନୀତି ଓ ପୋଷ୍ୟ ପୁତ୍ର ଗ୍ରହଣ ପ୍ରଥାର ଉଚ୍ଛେଦ ଯୋଗୁଁ ଲୋକେ ମନେ କଲେ ଭାରତରେ ଆଉ ଦେଶୀୟ ରାଜ୍ୟ ରହିବ ନାହିଁ । ଯେଉଁମାନେ ରାଜ୍ୟ ଓ ବୃତ୍ତି ହରାଇଲେ, ସେମାନେ




ଚାରିଆଡ଼େ ବୁଲି ଇଂରେଜମାନଙ୍କ ବିରୁଦ୍ଧରେ ପ୍ରଚାର କଲେ । ଅଯୋଧ୍ୟାର ଅଧିକାଂଶ ଲୋକ ସୈନ୍ୟ ବିଭାଗରେ କାର୍ଯ୍ୟ କରୁଥିଲେ ।

ଡେଲହାଉସୀଙ୍କଦ୍ୱାରା ଅଯୋଧ୍ୟା ରାଜ୍ୟ ଅଧିକୃତ ହେବାରୁ ସେମାନେ ବଡ଼ ଅସନ୍ତୁଷ୍ଟ ଥିଲେ ।

ସେ କାଳରେ ଦେଶୀୟ ସିପାହୀମାନେ ଜାହାଜରେ ଚଢ଼ି ଅନ୍ୟ ଦେଶକୁ ଗଲେ ଜାତି ଧର୍ମ ନଷ୍ଟ ହୋଇଯିବ ବୋଲି ଭାବୁଥିଲେ । ସରକାର ଆଇନ କଲେ ଯେ ସମୁଦ୍ର ଯାତ୍ରା କରିବାକୁ ସମ୍ମତ ନ ହେଲେ ସୈନିକ ଚାକିରି ମିଳିବ ନାହିଁ । ସିପାହୀମାନେ ଭାବିଲେ ଶପଥ ନ କଲେ ଚାକିରି ଯିବ ଓ ଶପଥ କଲେ ଜାତି ଯିବ । ଏହି ଆଇନ ଯୋଗୁଁ ସେମାନେ ବିଷମ ସମସ୍ୟାରେ ପଡ଼ି ସରକାରଙ୍କ ଉପରେ ବିଶେଷ ଅସନ୍ତୁଷ୍ଟ ହେଲେ । ସେ ସମୟରେ ରାଇଫଲ୍ ବନ୍ଧୁକର ଟୋଟାକୁ ଦାନ୍ତରେ କାମୁଡ଼ିବାକୁ ପଡ଼ୁଥିଲା । ଗୋଟାଏ ଜନରବ ଉଠିଲା, ହିନ୍ଦୁ ଓ ମୁସଲମାନମାନଙ୍କର ଜାତି ନେବାପାଇଁ ଟୋଟାରେ ଗୋରୁ ଓ ଘୁଷୁରିର ଚର୍ବି ଦିଆ ଯାଇଛି । ଏହା ଶୁଣି ସିପାହୀମାନେ ବେଶୀ ଉତ୍ତ୍ୟକ୍ତ ହେଲେ । ଏହିପରି କେତେକ କାରଣରୁ ସିପାହୀ ବିଦ୍ରୋହ ଘଟିଲା । ଏହି ବିଦ୍ରୋହରେ ସିପାହୀମାନେ ବିଶେଷ ଭାବରେ ଯୋଗ ଦେଇଥିବାରୁ ଏହା ସିପାହୀ ବିଦ୍ରୋହ ନାମରେ ଅଭିହିତ ହୁଏ । କେବଳ ଅଯୋଧ୍ୟା ଓ ବୁନ୍ଦେଲଖଣ୍ଡରେ ଏହା ଗୋଟିଏ ଜାତୀୟ ଜାଗରଣର ଆକାର ଧାରଣ କରିଥିଲା । ବିଭିନ୍ନ ସିପାହୀ ଦଳର କୌଣସି ଏକତା, ସ୍ୱତନ୍ତ୍ର କାର୍ଯ୍ୟପନ୍ଥା ବା ଉପଯୁକ୍ତ ନେତା ନ ଥିଲେ । କେବଳ ଝାନ୍ସୀର ରାଣୀ ଲକ୍ଷ୍ମୀବାଈ ଜଣେ ଉପଯୁକ୍ତ ନେତ୍ରୀ ଥିଲେ ।

**ବିଦ୍ରୋହ ବିସ୍ତାର**—ପ୍ରଥମେ ୧୮୫୭ ଖ୍ରୀଷ୍ଟାବ୍ଦରେ ମିରଟରେ ବିଦ୍ରୋହ ଆରମ୍ଭ ହେଲା । ସିପାହୀମାନେ ଉପରିସ୍ଥ କର୍ମଚାରୀମାନଙ୍କୁ ମାରିଦେଲେ ଓ ଉକ୍ତ ନଗର ପୋଡ଼ିଦେଲେ । ତତ୍ପରେ ସେମାନେ ଅନେକ ଇଂରେଜ ସ୍ତ୍ରୀ ଓ ପିଲାଙ୍କୁ ମାରିଦେଇ ଦିଲ୍ଲୀ ଆଡ଼କୁ ଗଲେ । ସେମାନେ ଦିଲ୍ଲୀ ଅଧିକାର କରି ଶେଷ ମୋଗଲ ବଂଶଧର ବାହାଦୁରସାହଙ୍କୁ

ସିଂହାସନରେ ବସାଇ ସମ୍ରାଟ୍ ବୋଲି ଘୋଷଣା କଲେ । ଏହାପରେ ସମଗ୍ର ଉତ୍ତର ଭାରତରେ ବିଦ୍ରୋହ ବ୍ୟାପିଗଲା । ଅଳ୍ପଦିନ ମଧ୍ୟରେ ଆଗ୍ରା, କାନପୁର, ଲକ୍ଷ୍ନୌ, ବେରେଲି, ମଧ୍ୟଭାରତ, ଅଯୋଧ୍ୟା, ବୁନ୍ଦେଲଖଣ୍ଡ ପ୍ରଭୃତି ସ୍ଥାନରେ ବିଦ୍ରୋହ ଆରମ୍ଭ ହେଲା । ପେଶବା ଦ୍ୱିତୀୟ ବାଜିରାଓଙ୍କ ପୋଷ୍ୟପୁତ୍ର ନାନାସାହେବ କାନପୁର ନିକଟରେ ବାସ କରୁଥିଲେ । ସେ ସେଠାରେ ବିଦ୍ରୋହୀ ସିପାହୀମାନଙ୍କର ନେତା ହୋଇ ନିଜକୁ ପେଶବା ବୋଲି ଘୋଷଣା କଲେ । ତାଙ୍କ ଶିକ୍ଷାରେ ସିପାହୀମାନେ ଅନେକ ଗୁଡ଼ିଏ ଇଂରେଜ ପୁରୁଷ, ସ୍ତ୍ରୀ ଓ ଶିଶୁଙ୍କୁ ନିଷ୍ଠୁର ଭାବରେ ହତ୍ୟା କରିଥିଲେ । ଏହିପରି ନୃଶଂସ ହତ୍ୟାକାଣ୍ଡ ଓ ଅତ୍ୟାଚାର ସିପାହୀମାନେ ଅନେକ ସ୍ଥାନରେ ଚଳାଇଥିଲେ । କେବଳ ଯୁକ୍ତ ପ୍ରଦେଶ ଏହି ବିଦ୍ରୋହର ପ୍ରଧାନ ଲୀଳାଭୂମି ଥିଲା । ମୋଗଲ ବଂଶଧର ବାହାଦୁରସାହ, ନାନାସାହେବ, ଅଯୋଧ୍ୟାର ବେଗମ ଓ ଅନେକ ତାଲୁକଦାର, ବିଖ୍ୟାତ ମରହଟ୍ଟା ବ୍ରାହ୍ମଣ ତାନ୍ତିଆ ଟୋପି, ଝାନସିର ରାଣୀ ଲକ୍ଷ୍ମୀବାଈ ଓ ଓଡ଼ିଶାର ଚଖିଖୁଣ୍ଟିଆ ପ୍ରଭୃତି କେତେକ ଲୋକ ବିଦ୍ରୋହୀମାନଙ୍କର ନେତୃତ୍ୱ ଗ୍ରହଣ କରିଥିଲେ ।

କିନ୍ତୁ ଏହି ବିଦ୍ରୋହ ସମଗ୍ର ଭାରତରେ ପ୍ରସାର ଲାଭ କରି ନ ଥିଲା । ଭାରତର ଜନସାଧାରଣ ଓ ରାଜନ୍ୟମଣ୍ଡଳୀ ଏହି ବିଦ୍ରୋହରେ ଯୋଗ ଦେଇ ନ ଥିଲେ । ମାନ୍ଦ୍ରାଜ ଓ ବମ୍ବେ ପ୍ରେସିଡ଼େନ୍ସିର ସିପାହୀମାନେ ପୂର୍ବପରି ରାଜଭକ୍ତ ଥିଲେ । ନେପାଳର ସାହସୀ ଗୁର୍ଖା ଓ ପଞ୍ଜାବର ଶିଖମାନେ କୌଣସି ଶୃଙ୍ଖଳା ପ୍ରକାଶ କରି ନ ଥିଲେ । ହାଇଦ୍ରାବାଦର ନିଜାମ ଇଂରେଜମାନଙ୍କର ପୂର୍ବପରି ଅନୁଗତ ଥିଲେ । ତେଣୁ ଏହି ବିଦ୍ରୋହ ଅଳ୍ପକ୍ଲେଶରେ ଦମିତ ହୋଇଥିଲା ।

**ବିଦ୍ରୋହ ଦମନ**—ଲର୍ଡ଼ କ୍ୟାନିଂ ଇଂରେଜ ସାମ୍ରାଜ୍ୟ ଉପରେ ଏପରି ଘୋର ବିପତ୍ତି ପଡ଼ିଥିବା ସମୟରେ ମଧ୍ୟ ଅଧୀର ଓ

ହତୋତ୍ସାହ ହୋଇ ନ ଥିଲେ । ସେ ଧୈର୍ଯ୍ୟ ଓ ସାହସର ସହିତ ବିଦ୍ରୋହ ଦମନରେ ପ୍ରବୃତ୍ତ ହେଲେ । ସେନାପତି ହ୍ୟାଭ୍‌ଲକ୍ ସାହେବ ବହୁ ସୈନ୍ୟସହ କାନପୁର ଅଧିକାର କରି ନାନାସାହେବଙ୍କୁ ପରାସ୍ତ କରିଥିଲେ । ବିଦ୍ରୋହୀମାନେ ଏହା ପରିତ୍ୟାଗ କରି ପଳାଇ ଯାଇ-ଥିଲେ । ଇଂରେଜ ସୈନ୍ୟମାନେ ପ୍ରାୟ ଚାରିମାସ ଅବରୋଧ ପରେ ଦିଲ୍ଲୀ ଅଧିକାର କରିଥିଲେ । ଏହି ଅବରୋଧ ସମୟରେ ସେନାପତି ନିକଲସନ ପ୍ରାଣତ୍ୟାଗ କରିଥିଲେ । ବୃଦ୍ଧ ମୋଗଲ ସମ୍ରାଟ୍ ବାହାଦୂରସାହ ବନ୍ଦୀ ହୋଇ ରେଙ୍ଗୁନକୁ ପଠାହେଲେ । ତାଙ୍କର ଦୁଇ ପୁଅ ଓ ଏକ ନାତିଙ୍କୁ ଗୁଳିକରି ମାରି ଦିଆଗଲା । ଶିଖମାନେ ଦିଲ୍ଲୀ ଅଧିକାର କରିବାରେ ଇଂରେଜମାନଙ୍କୁ ବିଶେଷ ସାହାଯ୍ୟ କରିଥିଲେ । ଲକ୍ଷ୍ନୌ ନଗରରେ ସାର୍ ହେନ୍‌ରି ଲରେନ୍‌ସ ଓ ତତ୍ରସ୍ଥ ଇଂରେଜମାନେ ବହୁକାଳ ଅବରୁଦ୍ଧ ହୋଇଥିଲେ । ଲରେନ୍‌ସ ଗୁଳି ଆଘାତରେ ପ୍ରାଣତ୍ୟାଗ କଲେ । ହ୍ୟାଭଲକ୍ ଓ ଆଉଟ୍‌ରାମ୍ ସାହେବ ଅବରୁଦ୍ଧ ଇଂରେଜମାନଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରି ପୁନରାୟ ସିପାହୀ-ମାନଙ୍କଦ୍ୱାରା ଅବରୁଦ୍ଧ ହେଲେ । ପରିଶେଷରେ ସାର୍ କଲିନ କ୍ୟାମ୍ପବେଲ୍ ବହୁ ସୈନ୍ୟସହ ସେଠାକୁ ଯାଇ ବିଦ୍ରୋହୀମାନଙ୍କୁ ପରାସ୍ତ କରି ଇଂରେଜମାନଙ୍କୁ ଉଦ୍ଧାର କରିଥିଲେ ଓ ଲକ୍ଷ୍ନୌ ଅଧିକାର କରିଥିଲେ । ମଧ୍ୟଭାରତରେ ତାନ୍ତିଆଟୋପି ଓ ଲକ୍ଷ୍ମୀବାଈଙ୍କୁ ଇଂରେଜ ସେନାପତି ସାର ହିଉରୋଜ ବହୁ ଯୁଦ୍ଧ ପରେ ପରାସ୍ତ କରିଥିଲେ । ଲକ୍ଷ୍ମୀବାଈ ଅସୀମ ବୀରତ୍ୱ ସହକାରେ ଯୁଦ୍ଧ କରି ଶେଷରେ ନିହତ ହୋଇଥିଲେ । ତାନ୍ତିଆ-ଟୋପି ପରାସ୍ତ ହୋଇ ପଳାଇ ଯାଇଥିଲେ । କିନ୍ତୁ ପରେ ଧରା ହୋଇ ଫାଶୀ ପାଇଲେ । ତାନ୍ତିଆଙ୍କ ମୃତ୍ୟୁପରେ ଏହି ବିଦ୍ରୋହର ଅବସାନ ହେଲା । ଗୋୟାଲିୟରର ରଜା ସାର୍ ଦିନକର ରାଓ, ହାଇଦ୍ରାବାଦର ସାର୍ ସଲାରଜଙ୍ଗ ଓ ନେପାଳର ସାର ଜଙ୍ଗ୍ ବାହାଦୁର ଇଂରେଜ

ସରକାରଙ୍କୁ ଏହି ବିଦ୍ରୋହର ଦମନ କାର୍ଯ୍ୟରେ ପ୍ରାଣପଣେ ସାହାଯ୍ୟ କରିଥିଲେ । ଖ୍ରୀ: ଅ: ୧୮୫୯ ଜୁଲାଇ ବେଳକୁ ସମଗ୍ର ଭାରତରେ ଶାନ୍ତି ସ୍ଥାପିତ ହୋଇଥିଲା ।

**ବିଦ୍ରୋହର ଫଳ**—ଏହି ବିଦ୍ରୋହର ଭୟାବହ ଘଟଣାମାନ ଶୁଣି ଇଂରେଜ ଜନସାଧାରଣ ବିଶାଳ ଇଂରେଜ ସାମ୍ରାଜ୍ୟର ଶାସନଭାର କମ୍ପାନୀ ହସ୍ତରେ ଛାଡ଼ିଦେବା ଆଦୌ ନିରାପଦ ନୁହେଁ ବୋଲି ମତ ପ୍ରକାଶ କଲେ । ତାହା ଫଳରେ ଭାରତରେ କମ୍ପାନୀ ଶାସନ ଶେଷ ହେଲା ଓ ଭାରତ ବ୍ରିଟିଶ୍ ପାର୍ଲାମେଣ୍ଟର ଶାସନାଧୀନ ହେଲା । ଭାରତ ଶାସନପାଇଁ ପାର୍ଲାମେଣ୍ଟ ଦ୍ୱାରା ୧୮୫୮ ଖ୍ରୀଷ୍ଟାବ୍ଦରେ ଭାରତ ଶାସନ ଆଇନ ପ୍ରଣୀତ ହୋଇଥିଲା । ଏହି ଆଇନ ଅନୁଯାୟୀ ଇଂଲଣ୍ଡେଶ୍ୱରୀ ଭିକ୍ଟୋରିଆ ଭାରତର ଶାସନଭାର ଗ୍ରହଣ କଲେ । ସେହି ସମୟରୁ ଭାରତର ଗଭର୍ଣ୍ଣର ଜେନେରାଲମାନେ ରାଜପ୍ରତିନିଧି (Viceroy) ନାମରେ ଅଭିହିତ ହୋଇଅଛନ୍ତି । ଲର୍ଡ଼ କ୍ୟାନିଂ ଭାରତର ପ୍ରଥମ ଭାଇସ୍‌ରୟ ହେଲେ । ଭାରତ ଶାସନକାର୍ଯ୍ୟ ପରିଚାଳନ କରିବା ନିମିତ୍ତ ପାର୍ଲାମେଣ୍ଟରେ ଜଣେ ଭାରତ ସଚିବ (Secretary of State for India) ରହିଲେ ଓ ତାଙ୍କୁ ସାହାଯ୍ୟ ଦେବାପାଇଁ ୧୫ ଜଣ ସଭ୍ୟବିଶିଷ୍ଟ ଗୋଟିଏ ଭାରତ ସଭା ( India Council ) ରହିଲା ।

**ମହାରାଣୀ ଭିକ୍ଟୋରିଆଙ୍କ ଘୋଷଣା**—ଖ୍ରୀ:ଅ: ୧୮୫୮ ନଭେମ୍ବର ମାସ ପହିଲାରେ ଲର୍ଡ଼ କ୍ୟାନିଂ ଏଲାହାବାଦରେ ଗୋଟିଏ ବିରାଟ ଦରବାର କରି ମହାରାଣୀ ଭିକ୍ଟୋରିଆଙ୍କ ଘୋଷଣା ପତ୍ର ପାଠ କରିଥିଲେ । ପ୍ରତ୍ୟେକ ଜିଲ୍ଲାରେ ଲୋକମାନଙ୍କ ମାତୃ ଭାଷାରେ ମଧ ଏହି ଘୋଷଣା ପଠିତ ହୋଇଥିଲା ।

"ମହାରାଣୀ ଭିକ୍ଟୋରିଆ ଆଜଠାରୁ ଭାରତର ଶାସନଭାର ସ୍ୱହସ୍ତରେ ଗ୍ରହଣ କଲେ । ଭାରତୀୟମାନଙ୍କୁ ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ

ଯୋଗ୍ୟତାନୁଯାୟୀ ରାଜକାର୍ଯ୍ୟମାନ ପ୍ରଦତ୍ତ ହେବ । ସରକାର ତାହାର ଧର୍ମରେ ହସ୍ତକ୍ଷେପ କରିବେ ନାହିଁ । ଭାରତୀୟ ରୀତି, ନୀତି, ଅଗୁର, ବ୍ୟବହାର ପ୍ରତି ସମ୍ମାନ ପ୍ରଦର୍ଶନ କରାଯିବ । କମ୍ପାନୀ ଅମଳରେ ରାଜା-ମାନଙ୍କ ସହିତ ଯେ ସକଳ ସନ୍ଧି ହୋଇଥିଲା, ସେ ଗୁଡ଼ିକ ଅବ୍ୟାହତ



ମହାରାଣୀ ଭିକ୍ଟୋରିଆ

ରହିବ । ନ୍ୟାୟ ଉପରେ ଭାରତ ଶାସନ ପ୍ରତିଷ୍ଠିତ ହେବ । ଦେଶୀୟ ରାଜାମାନେ ପୋଷ୍ୟପୁତ୍ର ଗ୍ରହଣ କରି ପାରିବେ । ପ୍ରଜାମାନଙ୍କର ସ୍ୱତ୍ତ୍ୱ ଅକ୍ଷୁର୍ଣ୍ଣ ରହିବ । ଇଂରେଜମାନଙ୍କୁ ହତ୍ୟା କରିବା ବ୍ୟକ୍ତିମାନଙ୍କ ବ୍ୟତୀତ

ବିଦ୍ରୋହରେ ଯୋଗ ଦେଇଥିବା ଅନ୍ୟମାନେ ମହାରାଣୀଙ୍କର କ୍ଷମାପାତ୍ର ବୋଲି ଘୋଷିତ ହେଲେ ।”

ଏହି ଘୋଷଣା ଭାରତର ଗୋଟିଏ ମହାସନନ୍ଦ ( Magna Charta) ବୋଲି ଅଭିହିତ ହୁଏ । ଏହି ଘୋଷଣା ଫଳରେ ଭାରତରେ ଶାନ୍ତି ସ୍ଥାପିତ ହେଲା । ଭାରତର ଜନସାଧାରଣ ଓ ରାଜନ୍ୟବର୍ଗ ଆଶ୍ୱସ୍ତ ହେଲେ ।

---

# ସପ୍ତମ ଅଧ୍ୟାୟ

## ଭାରତରେ ଇଂରେଜ ସରକାରଙ୍କ ଶାସନ ପ୍ରତିଷ୍ଠା

**ଲର୍ଡ଼ କ୍ୟାନିଂ** ( ଖ୍ରୀ: ଅ: ୧୮୫୮—୧୮୬୨) —୧୮୫୮ ଖ୍ରୀଷ୍ଟାବ୍ଦର ଭାରତ ଶାସନ ଅନୁସାରେ କ୍ୟାନିଂ ଭାରତର ପ୍ରଥମ ଭାଇସରୟ ବା ରାଜପ୍ରତିନିଧି ହେଲେ । ଏହି ସମୟରୁ ଇଂରେଜ ସରକାରଙ୍କ ଶାସନ ନୀତିରେ ଘୋର ପରିବର୍ତ୍ତନ ଦେଖାଗଲା । ବୈଦେଶିକ ଆକ୍ରମଣରୁ ଭାରତ ସାମ୍ରାଜ୍ୟ ରକ୍ଷା କରିବା ସରକାରଙ୍କର ପ୍ରଧାନ ଲକ୍ଷ୍ୟ ହେଲା

କ୍ୟାନିଂ ବିଦ୍ରୋହରେ ସଶ୍ଳିଷ୍ଟ ଥିବା ଦୋଷୀମାନଙ୍କ ପ୍ରତି କଠୋର ଦଣ୍ଡ ବିଧାନ ନ କରି ସେମାନଙ୍କ ପ୍ରତି ଦୟା ଓ କ୍ଷମା ପ୍ରକାଶ କରିଥିଲେ । ତେଣୁ କେତେକ ତାଙ୍କୁ ଦୟାଳୁ କ୍ୟାନିଂ ବୋଲି ବିଦ୍ରୂପ କରିବାକୁ ଲାଗିଲେ । କିନ୍ତୁ ପରେ ଏହି ବିଦ୍ରୂପାତ୍ମକ ଉପାଧି ଯୋଗୁଁ ତାଙ୍କର ସମ୍ମାନ ବଢ଼ିଥିଲା । ଯେଉଁମାନେ ବିଦ୍ରୋହ ଦମନ କାର୍ଯ୍ୟରେ ସାହାଯ୍ୟ ଦେଇଥିଲେ ସେ ସେମାନଙ୍କୁ ଉପାଧି ବା ପୁରସ୍କାର ପ୍ରଦାନ କରିଥିଲେ

ସିପାହୀ ବିଦ୍ରୋହ ଦମନରେ ସରକାରଙ୍କର ପ୍ରାୟ ୪ କୋଟି ଟଙ୍କା ବ୍ୟୟିତ ହୋଇଥିଲା । ଏହି ଅର୍ଥାଭାବ ଦୂର କରିବାପାଇଁ କ୍ୟାନିଂ ବିଖ୍ୟାତ ଅର୍ଥନୀତିଜ୍ଞ ଜେମ୍‌ସ୍ ଉଇଲସନ୍ ସାହେବଙ୍କ ପରାମର୍ଶରେ ଆୟକର( Income tax ) ଓ ବାଣିଜ୍ୟକର ( License duty ) ବସାଇଲା ପରେ ସେ କାଗଜର ନୋଟ ଚଳାଇଲେ । ଏ ସକଳ ଦ୍ୱାରା ସରକାରଙ୍କ ଅର୍ଥାଭାବ ଦୂର ହୋଇଥିଲା ।

ସିପାହୀ ବିଦ୍ରୋହ ପରେ ସୈନ୍ୟ ବିଭାଗର ଶାସନ ଓ ଶୃଙ୍ଖଳା ବଡ଼ କଠୋର ହୋଇଗଲା । ଗୋରା ସୈନ୍ୟମାନଙ୍କର ସଂଖ୍ୟା କ୍ରମଶଃ ବଢ଼ାଇ ଦିଆଗଲା ଏବଂ ସେମାନଙ୍କ ହସ୍ତରେ ଦେଶୀୟ ସୈନ୍ୟମାନଙ୍କ ଅପେକ୍ଷା ଅଧିକ କ୍ଷମତା ଓ ମାରଣାସ୍ତ୍ରମାନ ରହିଲା ।

କେବଳ ସେ ରୟତମାନଙ୍କୁ ଜମିଦାରମାନଙ୍କ ଉତ୍ପୀଡ଼ନରୁ ରକ୍ଷା କରିବା ପାଇଁ ଖ୍ରୀ: ଅ: ୧୮୫୯ରେ ରାଜସ୍ୱ ଆଇନ (Rent law) ପ୍ରଣୟନ କରିଥିଲେ । ଏହାଦ୍ୱାରା ବାରବର୍ଷ ଜମିକୁ ଦଖଲ କଲେ ରୟତକୁ ଦଖଲ ସ୍ୱତ୍ୱ ଦେବାର ବ୍ୟବସ୍ଥା ହେଲା । ଲର୍ଡ଼ ବେଣ୍ଟିଙ୍କଙ୍କ ସମୟରେ ମାକ୍‌ଲେଙ୍କଦ୍ୱାରା ପ୍ରଣୀତ ଦଣ୍ଡବିଧି ସକଳ (Penal-code ) ଖ୍ରୀ: ଅ: ୧୮୬୦ରେ ସମଗ୍ର ଭାରତରେ ପ୍ରଚଳିତ ହେଲା । ତତ୍‌ପର ବର୍ଷ କଲିକତାର ସଦର ଦେଓ୍ୱାନ୍ ଅଦାଲତ, ସଦର ନିଜାମତ୍ ଅଦାଲତ, ସୁପ୍ରିମକୋର୍ଟ ପ୍ରଭୃତି ଉଠିଗଲା ଓ ପ୍ରତ୍ୟେକ ପ୍ରେସିଡେନ୍‌ସିରେ ଗୋଟିଏ ଗୋଟିଏ ହାଇକୋର୍ଟ ପ୍ରତିଷ୍ଠିତ ହେଲା । ୧୮୬୧ରେ କଲିକତାରେ ଗୋଟିଏ ବ୍ୟବସ୍ଥାପକ ସଭା ସ୍ଥାପିତ ହେଲା । ଏହାଙ୍କ ସମୟରେ ପଞ୍ଜାବ ଗୋଟିଏ ସ୍ୱତନ୍ତ୍ର ପ୍ରଦେଶ ହୋଇ ଜଣେ ଲେଫ୍‌ଟେନାଣ୍ଟ ଗଭର୍ଣ୍ଣରଙ୍କ ଅଧୀନରେ ରହିଲା ।

ଖ୍ରୀ: ଅ: ୧୮୬୨ରେ କ୍ୟାନିଂ ଅସୁସ୍ଥ ଦେହରେ ସ୍ୱଦେଶକୁ ଫେରିଯାଇ ସେହି ବର୍ଷ ପ୍ରାଣତ୍ୟାଗ କରିଥିଲେ ।

**ପ୍ରଥମ ଲର୍ଡ଼ଏଲଗେନ୍** ( ଖ୍ରୀ: ଅ: ୧୮୬୨—୧୮୬୩ )—ଲର୍ଡ଼ କ୍ୟାନିଂଙ୍କ ପରେ ପ୍ରଥମ ଲର୍ଡ଼ ଏଲଗିନ୍ ଭାରତର ଶାସନକର୍ତ୍ତା ହୋଇଥିଲେ । କିନ୍ତୁ ସେ ଅଠର ମାସ ପରେ ହିମାଳୟ ନିକଟବର୍ତ୍ତୀ ଧର୍ମଶାଳାରେ ପ୍ରାଣତ୍ୟାଗ କଲେ । ତାଙ୍କ ସମୟରେ ଭାରତର ଉତ୍ତର ପଶ୍ଚିମ ସୀମାନ୍ତବାସୀ ଓହାବୀ ନାମକ ମୁସଲମାନ ଜାତି ବିଦ୍ରୋହ କରିଥିଲେ । ଏଲଗିନ୍ଙ୍କ ମୃତ୍ୟୁପରେ ଏହି ବିଦ୍ରୋହ ଦମନ କରିଯାଇ ଓହାବୀମାନଙ୍କ ପ୍ରସିଦ୍ଧ ମଲକାଦୁର୍ଗ ଧ୍ୱଂସ କରି ହୋଇଥିଲା ।

**ସାର୍ ଜନ୍ ଲରେନ୍ସ** (ଖ୍ରୀ: ଅ: ୧୮୬୪—୧୮୬୯)—ଲରେନ୍ସ ସିପାହୀ ବିଦ୍ରୋହ ସମୟରେ ପଞ୍ଜାବର ଚିଫ୍ କମିସନର ଥିଲେ । ତାଙ୍କର ସୁଶାସନ ଯୋଗୁଁ ଶିଖମାନେ ସୁଖଶାନ୍ତିରେ ଥିଲେ । ସେମାନେ ବିଦ୍ରୋହରେ ଯୋଗ ନ ଦେଇ ବିଦ୍ରୋହ ଦମନ କାର୍ଯ୍ୟରେ ସରକାରଙ୍କୁ ବିଶେଷ ସାହାଯ୍ୟ କରିଥିଲେ । ତାଙ୍କର ଏହି ସୁଶାସନର ପୁରସ୍କାର ସ୍ୱରୂପ ସେ ଭାରତର ଭାଇସରୟ ପଦ ପ୍ରାପ୍ତ ହୋଇଥିଲେ ।

ଲରେନ୍ସ ଶାନ୍ତିନୀତି ଅବଲମ୍ବନ କରିଥିଲେ । କାବୁଲରେ ସେ ସମୟରେ ସିଂହାସନ ପାଇଁ ପ୍ରବଳ ଯୁଦ୍ଧ ଚାଲିଥିଲା । କିନ୍ତୁ ସେ ସେଥିରେ ହସ୍ତକ୍ଷେପ କରି ନ ଥିଲେ । ଭୁଟାନୀମାନେ ଉତ୍ତର ବଙ୍ଗଳା ଓ ଆସାମ ବାରମ୍ବାର ଆକ୍ରମଣ କରି ଲୁଣ୍ଠନ କରୁଥିବାରୁ ସେ ବାଧ୍ୟ ହୋଇ ନିଜର ଶାନ୍ତିନୀତି ପରିତ୍ୟାଗ କରି ସେମାନଙ୍କ ସହିତ ଯୁଦ୍ଧ କରିଥିଲେ (ଖ୍ରୀ: ଅ: ୧୮୬୪) । କିନ୍ତୁ ଭୁଟାନୀମାନେ ଯୁଦ୍ଧରେ ଜୟଲାଭ କଲେ । ଶେଷରେ ସନ୍ଧି ହୋଇ ଇଂରେଜମାନେ ବାର୍ଷିକ ୨୫୦୦୦ ଟଙ୍କା କର ଦେବା ସର୍ତ୍ତରେ ଡୁୟାର୍ନାମକ ଛୋଟ ରାଜ୍ୟ ପାଇଲେ ।

**ନଅଙ୍କ ଦୁର୍ଭିକ୍ଷ**—ଖ୍ରୀ: ଅ: ୧୮୬୬ରେ ଓଡ଼ିଶାରେ ପ୍ରସିଦ୍ଧ ନଅଙ୍କ ଦୁର୍ଭିକ୍ଷ ଘଟିଥିଲା । ସେ ବର୍ଷ ଓଡ଼ିଶାରେ ପ୍ରଥମେ ଅତିବୃଷ୍ଟି ଓ ପରେ ଅନାବୃଷ୍ଟି ଯୋଗୁଁ ଫସଲ ଏକାବେଳକେ ନଷ୍ଟ ହୋଇଗଲା । ସେ

ସମୟରେ ଓଡ଼ିଶାରେ ଅଳକାଲ ପର ରେଲରାସ୍ତା, ପକ୍କାସଡ଼କ ବା କେନାଲ ନ ଥିବାରୁ ଦୁର୍ଭିକ୍ଷ ସମୟରେ ବିଦେଶରୁ ଖାଦ୍ୟଦ୍ରବ୍ୟମାନ ଆଣି ଲୋକମାନଙ୍କୁ ଦେବାର ସୁବିଧା ନ ଥିଲା । ସରକାର ମଧ୍ୟ ଓଡ଼ିଶା ପ୍ରତି ବିଶେଷ ଉଦାସୀନ ଥିଲେ । ତେଣୁ ଓଡ଼ିଶାରେ ଗୋଟିଏ ଭୟଙ୍କର ଦୁର୍ଭିକ୍ଷ ଉପସ୍ଥିତ ହେଲା । ଏଥିରେ ଓଡ଼ିଶାର ପ୍ରାୟ ୨୦ ଲକ୍ଷ ଲୋକ କାଳଗ୍ରାସରେ ପତିତ ହୋଇଥିଲେ । ଓଡ଼ିଶାର ଗ୍ରାମମାନ ଶ୍ରୀହୀନ ଓ ଜନଶୂନ୍ୟ ହୋଇ ଶ୍ମଶାନାକାର ଧାରଣ କଲା । ଓଡ଼ିଆ ଜାତିର ମେରୁଦଣ୍ଡ ଭାଙ୍ଗିଗଲା । ଭବିଷ୍ୟତରେ ଓଡ଼ିଶାକୁ ଅନାବୃଷ୍ଟିଜନିତ ଦୁର୍ଭିକ୍ଷରୁ ରକ୍ଷା କରିବାପାଇଁ କଟକ ଓ ବାଲେଶ୍ୱର ଜିଲ୍ଲାରେ ଅନେକଗୁଡ଼ିଏ କେନାଲ ଖୋଳା ହେଲା ।

ଲରେନ୍ସ ରୁରକିରେ ଭାରତ ପ୍ରସିଦ୍ଧ ଇଞ୍ଜିନିୟରିଂ କଲେଜ ପ୍ରତିଷ୍ଠା କରିଥିଲେ ।

**ଲର୍ଡ ମେୟୋ** (ଖ୍ରୀ: ଅ: ୧୮୬୯—୧୮୭୨)—ସାର୍ଜନ୍ ଲରେନ୍ସଙ୍କ ପରେ ଲର୍ଡ ମେୟୋ ଭାରତର ଭାଇସରୟ ହେଲେ । ସେ ଅମ୍ବାଲାଠାରେ ଗୋଟିଏ ଦରବାର କରି ଅଫଗାନିସ୍ଥାନର ଅମୀର ଶେରଅଲିଙ୍କୁ ମହା ସମାରୋହରେ ଅଭ୍ୟର୍ଥନା ଓ ଯଥାବିଧି ସମ୍ମାନ ପ୍ରଦର୍ଶନ କରିଥିଲେ । ସେ ରାଜପୁତ୍ରମାନଙ୍କୁ ଆଧୁନିକ ଶିକ୍ଷା ପ୍ରଦାନ କରିବାପାଇଁ ଅଜମୀରରେ ମେୟୋ କଲେଜ ପ୍ରତିଷ୍ଠା କରିଥିଲେ । ଖ୍ରୀ: ଅ: ୧୮୬୯ରେ ସୁଏଜ୍ କେନାଲ ଖୋଦିତ ହେବାରୁ ଭାରତ ଓ ଇଂଲଣ୍ଡ ମଧ୍ୟରେ ନୌବାଣିଜ୍ୟ ପରିଚାଳନ ବିଶେଷ ସୁବିଧାଜନକ ହେଲା । ଉଭୟ ରାଜ୍ୟ ମଧ୍ୟରେ ଜଳପଥରେ ଦୂରତ୍ୱ ଯଥେଷ୍ଟ ହ୍ରାସଲାଭ କଲା । ସେହି ବର୍ଷ ମହାରାଣୀ ଭିକ୍ଟୋରିଆଙ୍କ ଦ୍ୱିତୀୟପୁତ୍ର ଡିଉକ ଅଫ ଏଡ଼ିନବରା ଭାରତକୁ ଭ୍ରମଣ କରିବାକୁ ଆସିଥିଲେ ।

ସେ ଅର୍ଥ ବିଭାଗର ବିଶେଷ ସଂସ୍କାର ସାଧନ କରିଥିଲେ । ସେ ଆୟ କର ଓ ଲବଣ କର ବଢ଼ାଇ ଦେଇଥିଲେ । ସେ ପ୍ରଥମେ କେନ୍ଦ୍ର-ରାଜସ୍ୱରୁ କିଛି କିଛି ଅଂଶ ବିଭିନ୍ନ ପ୍ରଦେଶକୁ ଦେବାର ବ୍ୟବସ୍ଥା କରିଥିଲେ । ସେ କୃଷିର ଉନ୍ନତି ପାଇଁ କୃଷି ବିଭାଗ ସୃଷ୍ଟି କରିଥିଲେ । ତାଙ୍କ ସମୟରେ ଅନେକ ସଡ଼କ, ରେଲରାସ୍ତା ଓ କେନାଲ ନିର୍ମିତ ହୋଇଥିଲା । ସେ ପ୍ରଥମେ ବଙ୍ଗଳାର ଜନସୁମାରି କରିଥିଲେ । ଖ୍ରୀ: ଅ: ୧୮୭୨ରେ ଆଣ୍ଡାମାନ ଦ୍ୱୀପସ୍ଥିତ ପୋର୍ଟବ୍ଲେୟାର ନଗର ପରିଦର୍ଶନ କଲାବେଳେ ସେ ଜଣେ ମୁସଲମାନ ବନ୍ଦୀଦ୍ୱାରା ଛୁରିକାଘାତରେ ଆହତ ହୋଇ ପ୍ରାଣତ୍ୟାଗ କରିଥିଲେ ।

**ଲର୍ଡ଼ ନର୍ଥବ୍ରୁକ୍** ( ଖ୍ରୀ: ଅ: ୧୮୭୨—୧୮୭୬ )—ଲର୍ଡ଼ ନର୍ଥବ୍ରୁକ୍‌ଙ୍କ ସମୟରେ ବିହାରରେ ଦୁର୍ଭିକ୍ଷ ପଡ଼ିଥିଲା । କିନ୍ତୁ ସରକାର ତତ୍ପରତାର ସହିତ ଏହାର ପ୍ରତିକାର କରିବାରୁ ବେଶୀ ଲୋକ ମରି ନ ଥିଲେ । ବରୋଦାର ରାଜା ମଲହର ରାଓ ବିଶୃଙ୍ଖଳ ଶାସନ ଯୋଗୁଁ ସିଂହାସନଚ୍ୟୁତ ହେଲେ ଓ ତାଙ୍କର ଜଣେ ଦୂରସମ୍ପର୍କୀୟ ସୟାଜୀ ରାଓ ନାମକ ବାଳକକୁ ସିଂହାସନ ପ୍ରଦତ୍ତ ହୋଇଥିଲା । ଖ୍ରୀ: ଅ: ୧୮୭୫ରେ ମହାରାଣୀଙ୍କ ଜ୍ୟେଷ୍ଠ ପୁତ୍ର ପ୍ରିନସ୍ ଅଫ ଓ୍ୱେଲସ (ସପ୍ତମ ଏଡ଼ଓ୍ୱାର୍ଡ଼) ଭାରତ ଭ୍ରମଣ କରିବାକୁ ଆସିଥିଲେ । ଭାରତୀୟ-ମାନେ ତାଙ୍କପ୍ରତି ଯଥେଷ୍ଟ ଭକ୍ତି ଓ ସମ୍ମାନ ପ୍ରଦର୍ଶନ କରିଥିଲେ । ଆସାମ ବଙ୍ଗପ୍ରଦେଶରୁ ପୃଥକ ହେଲା ଓ ଜଣେ ଚିଫ୍ କମିଶନରଙ୍କ ଦ୍ୱାରା ଶାସିତ ହେଲା । ସେ ଅବାଧ ବାଣିଜ୍ୟ (Free trade)ର ପକ୍ଷପାତୀ ଥିଲେ । ଅନେକ ପଦାର୍ଥ ଉପରୁ ଆମଦାନୀ ଓ ରପ୍ତାନୀ ଶୁଳ୍କ ଉଠାଇ ଦେଇଥିଲେ । ସେ ଆୟ କର କମାଇ ଦେଇଥିଲେ । କିନ୍ତୁ ଲବଣ କର କମାଇ ନ ଥିଲେ ।

**ଲର୍ଡ଼ ଲିଟନ୍** (ଖ୍ରୀ: ଅ: ୧୮୭୬—୧୮୮୦)—ଲର୍ଡ଼ ନର୍ଥବ୍ରୁକ୍‌ଙ୍କ ପରେ ଲର୍ଡ଼ ଲିଟନ ଭାରତର ଶାସନ-ଭାର ଗ୍ରହଣ କଲେ । ସେ

ଇଂରେଜ ସରକାରଙ୍କ ସାମ୍ରାଜ୍ୟବାଦ ନୀତିର ପ୍ରଧାନ ପକ୍ଷପାତୀ ଥିଲେ । ସେ ୧୮୭୭ ଖ୍ରୀଷ୍ଟାବ୍ଦର ଜାନୁୟାରୀ ପହିଲାରେ ଦିଲ୍ଲୀଠାରେ ଗୋଟିଏ ଦରବାର କରି ସେଠାରେ ଉପସ୍ଥିତ ଭାରତୀୟ ନୃପତି, ସର୍ଦ୍ଦାର ଓ ଭଦ୍ର ବ୍ୟକ୍ତିଙ୍କ ସମ୍ମୁଖରେ ମହାରାଣୀ ଭିକ୍ଟୋରିଆ ଭାରତର ସାମ୍ରାଜ୍ଞୀ ବୋଲି ଘୋଷଣା କରିଥିଲେ । ସେ ସମୟରେ ଦାକ୍ଷିଣାତ୍ୟରେ ଗୋଟିଏ ଭୀଷଣ ଦୁର୍ଭିକ୍ଷ ହୋଇଥିଲା । ଲର୍ଡ଼ ଲିଟନଙ୍କ ବହୁ ଚେଷ୍ଟା ସତ୍ତ୍ୱେ ଅନାହାରରେ ପ୍ରାୟ ୫୦ ଲକ୍ଷରୁ ଅଧିକ ଲୋକ ପ୍ରାଣତ୍ୟାଗ କରିଥିଲେ । ଭବିଷ୍ୟତରେ ଦୁର୍ଭିକ୍ଷ ନିବାରଣର ଉପାୟ ଉଦ୍ଭାବନ କରିବା ପାଇଁ ୧୮୭୮ରେ ଲର୍ଡ଼ ଲିଟନ ଗୋଟିଏ ଦୁର୍ଭିକ୍ଷ କମିସନ ନିଯୁକ୍ତ କରିଥିଲେ ।

ସେ ଅବାଧ ବାଣିଜ୍ୟ ନୀତିର ବିଶେଷ ପକ୍ଷପାତୀ ଥିଲେ । ସେ ଅନେକ ଆମଦାନୀ ଓ ରପ୍ତାନୀ ଶୁଳ୍କ ଉଠାଇ ଦେଇ ଭାରତକୁ ସମଗ୍ର ପୃଥିବୀର ବାଣିଜ୍ୟ ପାଇଁ ଉନ୍ମୁକ୍ତ କରିଦେଲେ । ସେ କେତେକ ବିଭାଗର ଆୟ ପ୍ରାଦେଶିକ ସରକାରମାନଙ୍କ ହସ୍ତରେ ଅର୍ପଣ କରିଥିଲେ ।

**ଛାପାଖାନା ଓ ଅସ୍ତ୍ର ଆଇନ**—ସମ୍ବାଦ-ପତ୍ରମାନଙ୍କର ସ୍ୱାଧୀନତା ଅପହରଣ କରିବା ନିମିତ୍ତ ଛାପାଖାନା ଆଇନ (Press Act) ଜାରି କରିଥିଲେ । ଏହାଦ୍ୱାରା କୌଣସି ବ୍ୟକ୍ତି ସରକାରଙ୍କ ବିରୁଦ୍ଧରେ ରାଜଦ୍ରୋହ ମୂଳକ ଲେଖା ପ୍ରକାଶ କଲେ ସେ ଦଣ୍ଡ ପାଇବା ସ୍ଥିର ହେଲା । ତାଙ୍କଦ୍ୱାରା ପ୍ରଚଳିତ ଅସ୍ତ୍ର ଆଇନ ( Arms Act ) ଦ୍ୱାରା କୌଣସି ଭାରତବାସୀ ସରକାରଙ୍କ ବିନାନୁମତିରେ ବନ୍ଧୁକ, ଖଣ୍ଡା ପ୍ରଭୃତି ଅସ୍ତ୍ର ଶସ୍ତ୍ର ରଖିବା ବା ବ୍ୟବହାର କରିବା ନିଷିଦ୍ଧ ହେଲା । ଏହି ଆଇନ ଫଳରେ ଭାରତବାସୀମାନେ ନିରସ୍ତ୍ର ହୋଇ ପଡ଼ିଲେ ।

**ଦ୍ୱିତୀୟ ଆଫଗାନ ସମର** (ଖ୍ରୀ:ଅ:୧୮୭୭—୧୮୭୯)—କାବୁଲର ଅମୀର ଶେର ଅଲ୍ଲି ଲର୍ଡ଼ ନର୍ଥବ୍ରୁକଙ୍କ ଉଦାସୀନତାରେ ବିରକ୍ତ ହୋଇ ରୁଷିୟା ପ୍ରତି ବିଶେଷ ଆକୃଷ୍ଟ ହୋଇଥିଲେ । ରୁଷିୟା

ଓ ଅଫଗାନ ମଧ୍ୟରେ ମିତ୍ରତା ସ୍ଥାପନ ଇଂରେଜ ସାମ୍ରାଜ୍ୟ ପ୍ରତି ବିପଦର କାରଣ ବୋଲି ଲର୍ଡ ଲିଟନ୍ ମନେ କଲେ । ତେଣୁ ସେ ସୈନ୍ୟ ପଠାଇ ୧୮୭୬ରେ କ୍ୱେଟା ଅଧିକାର କଲେ ଓ ଅଫଗାନସ୍ଥାନକୁ ଇଂରେଜ ରକ୍ଷିତ ରାଜ୍ୟରେ ପରିଣତ କରିବାକୁ ଚେଷ୍ଟା କଲେ । ଏଥିରେ ଉତ୍ୟକ୍ତ ହୋଇ କାବୁଲର ଅମୀର ୧୮୭୮ରେ ରୁଷିୟା ଦୂତଙ୍କୁ ସାଦରେ ନିଜ ଦରବାରରେ ଗ୍ରହଣ କଲେ ଓ ଇଂରେଜ ଦୂତଙ୍କୁ ରାଜ୍ୟ ମଧ୍ୟରେ ପ୍ରବେଶ କରିବାକୁ ଅନୁମତି ଦେଲେ ନାହିଁ । ତେଣୁ ତାଙ୍କ ବିରୁଦ୍ଧରେ ଯୁଦ୍ଧ ଘୋଷିତ ହେଲା । ଏହା ଦ୍ୱିତୀୟ ଅଫଗାନ ସମର ନାମରେ ଅଭିହିତ ହୁଏ ।

ଇଂରେଜ ସୈନ୍ୟ ତିନୋଟି ଗିରିପଥରେ ଅଫଗାନସ୍ଥାନରେ ପ୍ରବେଶ କରିବାରୁ ଶେର ଅଲ୍ଲି ତୁର୍କୀସ୍ଥାନକୁ ପଳାୟନ କଲେ ଓ ସେଠାରେ ଅଳ୍ପଦିନ ମଧ୍ୟରେ ତାଙ୍କର ମୃତ୍ୟୁ ହୋଇଥିଲା । ତାଙ୍କ ପୁତ୍ର ୟାକୁବ୍ ଖାଁଙ୍କ ସଙ୍ଗେ ଗାଣ୍ଡମାକଠାରେ ଗୋଟିଏ ସନ୍ଧି ହୋଇଥିଲା (୧୮୭୯) । ଏହି ସନ୍ଧି ଫଳରେ ଭାରତ ସରକାର ଅଫଗାନସ୍ଥାନରେ ବୈଦେଶିକ ନୀତି ନିୟନ୍ତ୍ରଣ କରିବା ସ୍ଥିର ହେଲା ଓ କାବୁଲରେ ଜଣେ ଇଂରେଜ ରେସିଡେଣ୍ଟ ରହିଲେ । ୟାକୁବ୍ ଖାଁ କାବୁଲର ଅମୀର ହେଲେ । କିନ୍ତୁ କେତେମାସ ପରେ ୟାକୁବ ବିଦ୍ରୋହୀ ହୋଇ ଇଂରେଜ ଦୂତଙ୍କୁ ହତ୍ୟା କରିଥିଲେ । ପୁଣି ଯୁଦ୍ଧ ଆରମ୍ଭ ହେଲା । ଅଫଗାନମାନେ ପରାସ୍ତ ହେଲେ । ୟାକୁବ ସିଂହାସନଚ୍ୟୁତ ହୋଇ ଭାରତକୁ ଅଣାଗଲେ । ଲିଟନ୍ ଅଫଗାନସ୍ଥାନକୁ ଦୁଇ ରାଜ୍ୟରେ ବିଭକ୍ତ କରିବା ପାଇଁ ଚେଷ୍ଟା କଲେ; କିନ୍ତୁ ସେ ସମୟରେ ଇଂଲଣ୍ଡ ମନ୍ତ୍ରୀ ସଭାର ପରିବର୍ତ୍ତନ ଘଟିଥିଲା । ନୂତନ ମନ୍ତ୍ରୀସଭା ତାଙ୍କ କାର୍ଯ୍ୟକୁ ସମର୍ଥନ ନ କରିବାରୁ ସେ କାର୍ଯ୍ୟ ଇସ୍ତଫା ଦେଇ ସ୍ୱଦେଶକୁ ଚାଲିଗଲେ (୧୮୮୦) ।

# ଅଷ୍ଟମ ଅଧ୍ୟାୟ

## ଭାରତରେ ଜାତୀୟ ଜାଗରଣ

**ଲର୍ଡ ରିପନ୍** (ଖ୍ରୀ: ଅ: ୧୮୮୦—୧୮୮୪)—ଲର୍ଡ ଲିଟନଙ୍କ ପରେ ରିପନ୍ ଭାରତର ଶାସନ ଭାର ଗ୍ରହଣ କଲେ । ଲର୍ଡ ଲିଟନ୍ ସାମ୍ରାଜ୍ୟବାଦ ନୀତିର ପକ୍ଷପାତୀ ଥିଲେ ; କିନ୍ତୁ ଲର୍ଡ ରିପନ ଉଦାର ହୃଦୟ ଓ ସଂସ୍କାରପ୍ରିୟ ଥିଲେ । ଲର୍ଡ ଲିଟନ୍ ଉତ୍ତରପଶ୍ଚିମରେ ଭାରତର ପ୍ରାକୃତିକ ସୀମା ପର୍ଯ୍ୟନ୍ତ ରାଜ୍ୟ ବିସ୍ତାର କରିବାକୁ ଚେଷ୍ଟା କରି ଅଫଗାନ ଯୁଦ୍ଧରେ ପ୍ରବୃତ୍ତ ହୋଇଥିଲେ । କିନ୍ତୁ ରିପନ୍ ଭାରତକୁ ଆସିବାକ୍ଷଣି ଏହି ଯୁଦ୍ଧ ଶେଷ କରିବା ପାଇଁ ଚେଷ୍ଟା କଲେ । ୟାକୁବ୍ ଖାଁଙ୍କ ନିର୍ବାସନପରେ ଦୋସ୍ତ ମହମ୍ମଦଙ୍କ ଜଣେ ବଂଶଧର ଅବଦୁର ରହମନ କାବୁଲର ସିଂହାସନ ଅଧିକାର କରିଥିଲେ । ରିପନ୍ ତାଙ୍କ ସହିତ ସନ୍ଧି କରି ତାଙ୍କୁ ଅମୀର ବୋଲି ସ୍ୱୀକାର କରିଥିଲେ । ଏହି ସନ୍ଧି ଫଳରେ ସେ ଇଂରେଜମାନଙ୍କ ବ୍ୟତୀତ ଅନ୍ୟ କୌଣସି ଜାତି ସହିତ ରାଜନୈତିକ ସମ୍ପର୍କ ନ ରଖିବାକୁ ସ୍ୱୀକୃତ ହେଲେ ଓ ଇଂରେଜମାନଙ୍କୁ ପିସିନ୍ ଜିଲ୍ଲା ଦେଇଥିଲେ । ଏଥିମଧ୍ୟରେ ୟାକୁବ ଖାଁଙ୍କ ଭାଇ ଅୟୁବ ଖାଁ କାବୁଲର ଅମୀର ହେବାପାଇଁ ବିଦ୍ରୋହ



ଲର୍ଡ ରିପନ୍

କଲେ । କିନ୍ତୁ ତାଙ୍କ ବିଦ୍ରୋହ ଅଳ୍ପକ୍ଷଣରେ ଦମିତ ହୋଇଥିଲା । ଲର୍ଡ଼ ରିପନ୍ ଅଫଗାନିସ୍ଥାନରୁ ସମସ୍ତ ଇଂରେଜ ସୈନ୍ୟ ଫେରାଇ ଆଣିଲେ ।

ଲର୍ଡ଼ ରିପନ୍ ସୀମାନ୍ତକୁ ନିରାପଦ ରଖିବା ପାଇଁ ବେଲୁଚିସ୍ଥାନ ପ୍ରଦେଶ ଗଠନ କରିଥିଲେ ଓ ବୋଲନ ଗିରିସଙ୍କଟକୁ ରକ୍ଷା କରିବା ପାଇଁ କୁଏଟାରେ ସ୍ଥାୟୀ ଭାବରେ ଅନେକ ଗୁଡ଼ିଏ ସୈନ୍ୟ ରଖିଥିଲେ ।

ଲର୍ଡ଼ ବେଣ୍ଟିକ୍ ମହୀଶୂରର ତତ୍କାଳୀନ ହିନ୍ଦୁରାଜା ଭଲ ଶାସନ ନ କରିବାରୁ ଏହି ରାଜ୍ୟର ଶାସନ କାର୍ଯ୍ୟ ଭାରତ ସରକାର ଅଧୀନରେ ପରିଚାଳିତ ହେବାର ବ୍ୟବସ୍ଥା କରିଥିଲେ ; କିନ୍ତୁ ଲର୍ଡ଼ ରିପନ ପୂର୍ବୋକ୍ତ ହିନ୍ଦୁରାଜାଙ୍କ ଜଣେ ବଂଶଧରଙ୍କୁ ୧୮୮୧ରେ ଏହି ରାଜ୍ୟ ଫେରାଇ ଦେଇଥିଲେ ।

**ସ୍ୱାୟତ୍ତ ଶାସନ**—ତାଙ୍କ ସମୟରୁ ଭାରତରେ ପାଶ୍ଚାତ୍ୟ ଶିକ୍ଷା କ୍ରମଶଃ ବିସ୍ତାର ଲାଭ କରୁଥିଲା । ସେ ସମୟରେ ପାଶ୍ଚାତ୍ୟ ଧରଣରେ ଶିକ୍ଷିତ କେତେକ ଭାରତୀୟ ନେତା ଭାରତୀୟମାନଙ୍କୁ ଶାସନ କାର୍ଯ୍ୟରେ ଅଧିକାର ଦେବାପାଇଁ ଆନ୍ଦୋଳନ ଚଳାଇ ଥିଲେ । ସେମାନଙ୍କର ସଂଖ୍ୟା ମୁଷ୍ଟିମେୟ ହେଲେ ମଧ୍ୟ ଦେଶରେ ସେମାନଙ୍କର ଯଥେଷ୍ଟ ପ୍ରତିପତ୍ତି ଓ ପ୍ରତିଷ୍ଠା ଥିଲା । ଲର୍ଡ଼ ରିପନ୍ ଶାସନ ସଂସ୍କାରର ପକ୍ଷପାତୀ ଥିଲେ । ତେଣୁ ସେ ଏହି ନେତାମାନଙ୍କର ଉଦ୍ୟମ ଓ ଆକାଂକ୍ଷାରେ ସହାନୁଭୂତି ପ୍ରକାଶ କଲେ । ସେ ପ୍ରଥମେ ଭାରତରେ ସ୍ୱାୟତ୍ତ ଶାସନର ମୂଳ ଭିତ୍ତି ପ୍ରତିଷ୍ଠା କରିଥିଲେ । ସେ ଭାରତୀୟମାନଙ୍କୁ ସ୍ୱାୟତ୍ତ ଶାସନ ସମ୍ବନ୍ଧରେ ଶିକ୍ଷା ଦେବାପାଇଁ ପ୍ରତ୍ୟେକ ଜିଲ୍ଲାରେ ଜିଲ୍ଲାବୋର୍ଡ଼ ପ୍ରତିଷ୍ଠା କରିଥିଲେ ଓ ମ୍ୟୁନିସିପାଲିଟିମାନଙ୍କର କ୍ଷମତା ବଢ଼ାଇ ଦେଇଥିଲେ । ଜିଲ୍ଲାର ଲୋକମାନେ ଜିଲ୍ଲା ବୋର୍ଡ଼କୁ ସଭ୍ୟ ନିର୍ବାଚନ କରିବାର ଅଧିକାର ପାଇଲେ । ଜିଲ୍ଲାବୋର୍ଡ଼ ଜିଲ୍ଲାର ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତା, ଘାଟ ସମ୍ବନ୍ଧରେ ବ୍ୟବସ୍ଥା କରିବାପାଇଁ କେତେକ କ୍ଷମତା ପାଇଲା । ମ୍ୟୁନିସିପାଲିଟି ହସ୍ତରେ ସହରର

ଉନ୍ନତ ଭାର କେତେକାଂଶରେ ନ୍ୟସ୍ତ ହେଲା । କିନ୍ତୁ ଭାରତବାସୀମାନେ ଏହି ଆଂଶିକ ସ୍ୱାୟତ୍ତ ଶାସନ ଲାଭରେ ସନ୍ତୁଷ୍ଟ ନ ହୋଇ କ୍ରମଶଃ ଅଧିକ ଅଧିକାର ଦାବି କଲେ । ତାର ଫଳରେ ପରବର୍ତ୍ତୀ କାଳରେ ଭାରତରେ ନୂତନ ଶାସନ ସଂସ୍କାରମାନ ପ୍ରବର୍ତ୍ତିତ ହୋଇଥିଲା । ଭାରତରେ ସ୍ୱାୟତ୍ତ ଶାସନ ପ୍ରବର୍ତ୍ତନ କରିଥିବାରୁ ରିପନ୍ ବଡ଼ ଲୋକପ୍ରିୟ ହୋଇଥିଲେ ।

**ରିପନ୍‌ଙ୍କ ଅନ୍ୟାନ୍ୟ ହିତକର କାର୍ଯ୍ୟ**—ଲର୍ଡ଼ ଲିଟନଙ୍କ ସମୟରେ ପ୍ରବର୍ତ୍ତିତ ଛାପାଖାନା ଆଇନକୁ ସେ ଉଠାଇ ଦେଇ-ଥିଲେ । ଦେଶର ଲୋକସଂଖ୍ୟା ଓ ଲୋକମାନଙ୍କର ଅବସ୍ଥା ସମ୍ବନ୍ଧରେ ବିଶେଷ ବିବରଣ ଜାଣିବାପାଇଁ ସେ ପ୍ରଥମେ ୧୮୮୧ ଖ୍ରୀଷ୍ଟାବ୍ଦରେ 'ସେନ୍‌ସସ୍' ବା 'ଜନସୁମାରି' ଆରମ୍ଭ କରିଥିଲେ । ସେହି ସମୟରୁ ପ୍ରତ୍ୟେକ ଦଶ ବର୍ଷରେ ଜନସୁମାରି ହେଉଅଛି । କାରଖାନାମାନଙ୍କରେ କାମ କରୁଥିବା ଛୋଟ ପିଲାମାନଙ୍କର ଅବସ୍ଥାର ଉନ୍ନତି କରିବାପାଇଁ ସେ 'ଫାକ୍ଟେରି ଆକ୍ଟ' ବା 'କାରଖାନା ଆଇନ' ଚଳାଇ ଥିଲେ । କୃଷକ-ମାନଙ୍କର ମଙ୍ଗଳପାଇଁ ସେ ରାଜସ୍ୱ ଓ କୃଷିବିଭାଗର ସଂସ୍କାର କରିଥିଲେ । ଦରିଦ୍ର ଲୋକମାନଙ୍କର ଉପକାରପାଇଁ ଲୁଣକର କମାଇ ଦେଇଥିଲେ । ସେ ତୁଳା ତିଆରି ଜିନିଷ ଓ ଅନ୍ୟାନ୍ୟ ଅନେକ ଜିନିଷ ଉପରୁ ଆମଦାନି ଶୁଳ୍କ ଉଠାଇ ଦେଇଥିଲେ । ତାଙ୍କ ସମୟରେ ଭାରତ ସରକାରଙ୍କ ଦ୍ୱାରା ଅବାଧ ବାଣିଜ୍ୟ ନୀତି ପୂର୍ଣ୍ଣ ମାତ୍ରାରେ ଅନୁସୃତ ହୋଇଥିଲା । ପ୍ରାଥମିକ ଶିକ୍ଷାର ପ୍ରସାର, ଅନୁନ୍ନତ ଶ୍ରେଣୀମାନଙ୍କ ମଧ୍ୟରେ ଶିକ୍ଷାର ବିସ୍ତାର ଓ ଦେଶୀୟ ବିଦ୍ୟାଳୟମାନଙ୍କୁ ଉତ୍ସାହ ଦାନ ସମ୍ବନ୍ଧରେ ତଦନ୍ତ କରି ରିପୋର୍ଟ ଦେବାପାଇଁ ସେ 'ହଣ୍ଟର କମିସନ' ନିଯୁକ୍ତ କରିଥିଲେ । ଏହି କମିଟିର ରିପୋର୍ଟ ଅନୁସାରେ ପରେ କେତେକ କାର୍ଯ୍ୟ ହୋଇଥିଲା । ସେ ଦେଶୀ ମାଜିଷ୍ଟ୍ରେଟମାନଙ୍କ ହସ୍ତରେ ଦେଶୀ ଓ ଗୋରା ସମସ୍ତଙ୍କର ବିଚାର ଭାର ଦେବାପାଇଁ ଗୋଟିଏ ଆଇନର ଖସଡ଼ା କରିଥିଲେ । କିନ୍ତୁ

ସାହେବମାନଙ୍କ ପ୍ରବଳ ପ୍ରତିରୋଧ ଯୋଗୁଁ ଏହି ଆଇନ କାର୍ଯ୍ୟରେ ପରିଣତ ହୋଇ ନ ଥିଲା ।

ଲର୍ଡ଼ ରିପନ୍ ପ୍ରତ୍ୟେକ ବିଭାଗର ଉନ୍ନତିପାଇଁ ବିଶେଷ ଦୃଷ୍ଟି ଦେଇଥିଲେ । ତେଣୁ ସେ ବିଶେଷ ଲୋକପ୍ରିୟ ହୋଇଥିଲେ । ସେ ଭାରତ ତ୍ୟାଗ କରି ସ୍ୱଦେଶକୁ ଯିବା ସମୟରେ ଭାରତବାସୀମାନେ ଗମ୍ଭୀର ଦୁଃଖ ପ୍ରକାଶ କରିଥିଲେ ।

**ଲର୍ଡ଼ ଡଫରିନ୍** ( ଖ୍ରୀ: ଅ: ୧୮୮୪—୧୮୮୮ )—ଲର୍ଡ଼ ରିପନଙ୍କ ପରେ ଲର୍ଡ଼ ଡଫରିନ ଭାରତର ଭାଇସରୟ ହେଲେ । ସେ ମଧ୍ୟଏସିଆରେ ରୁଷିଆର ରାଜ୍ୟ ବିସ୍ତାର ଓ କ୍ଷମତା ବୃଦ୍ଧିରେ ଆତଙ୍କିତ ହୋଇ ଅଫଗାନିସ୍ଥାନ ଓ ରୁଷିଆ ମଧ୍ୟରେ ସୀମା ନିର୍ଦ୍ଧାରଣ କରିବା ନିମନ୍ତେ ଗୋଟିଏ ସୀମା ନିର୍ଦ୍ଧାରଣ କମିଟି ବସାଇଥିଲେ ( ଖ୍ରୀ: ଅ: ୧୮୮୪ ) । ରୁଷିଆ, ଅଫଗାନିସ୍ଥାନ ଓ ବ୍ରିଟିଶ ଭାରତର କେତେକ ରାଜକର୍ମଚାରୀଙ୍କୁ ନେଇ ଏହି କମିଟି ଗଠିତ ହୋଇଥିଲା । ଏହାଦ୍ୱାରା ଅଫଗାନିସ୍ଥାନର ସୀମା ସ୍ଥିର ହେଲା । ସେ କାବୁଲର ଅମୀର ଅବଦୁର ରହମାନଙ୍କ ସହିତ ମିତ୍ରତା ସୁଦୃଢ଼ କରିବାପାଇଁ ରାୱଲପିଣ୍ଡିଠାରେ ଗୋଟିଏ ଦରବାର କରିଥିଲେ । ସେହି ଦରବାରରେ ଅମୀରଙ୍କୁ ବିଶେଷ ସମ୍ମାନର ସହିତ ଅଭ୍ୟର୍ଥନା କରାଯାଇଥିଲା ।

**ତୃତୀୟ ବ୍ରହ୍ମ ସମର**—ବ୍ରହ୍ମରାଜ ଥିବ୍ ଇଂରେଜ ବଣିକମାନଙ୍କ ପ୍ରତି ଅତ୍ୟାଚାର ଓ ଫରାସୀମାନଙ୍କ ସହିତ ଷଡ଼ଯନ୍ତ୍ର କରିବାରୁ ତାଙ୍କ ବିରୁଦ୍ଧରେ ଯୁଦ୍ଧ ଘୋଷିତ ହେଲା ( ୧୮୮୫ ) । ସାମାନ୍ୟ ଯୁଦ୍ଧ ପରେ ବ୍ରହ୍ମରାଜ ଆତ୍ମସମର୍ପଣ କରିଥିଲେ । ୧୮୮୬ରେ ରାଜଘୋଷଣାଦ୍ୱାରା ସମଗ୍ର ବ୍ରହ୍ମଦେଶ ଇଂରେଜ ରାଜ୍ୟଭୁକ୍ତ ହେଲା ।

ଇଂରେଜମାନଙ୍କଦ୍ୱାରା ଅଧିକୃତ ଗୋୟାଲିୟର ଦୁର୍ଗ ୧୮୮୬ରେ, ଲର୍ଡ଼ ଡଫରିନ୍ ସିନ୍ଧିୟାଙ୍କୁ ପ୍ରତ୍ୟର୍ପଣ କରିଥିଲେ । ୧୮୮୭ରେ ମହାରାଣୀ

ଭିକ୍ଟୋରିଆଙ୍କ ରାଜତ୍ୱର ପଚାଶବର୍ଷ ପୂର୍ଣ୍ଣ ହେବାରୁ ଭାରତର ସର୍ବତ୍ର ସୁବର୍ଣ୍ଣ ଜୁବୁଲି ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଥିଲା । ସେ ବଙ୍ଗ, ପଞ୍ଜାବ ଓ ଅଯୋଧ୍ୟାର ରୟତମାନଙ୍କୁ ଜମିରେ କେତେକ ଅଧିକାର ଦେବାପାଇଁ ଆଇନ ଚଳାଇ ଥିଲେ ।

**ଭାରତ ଜାତୀୟ ମହାସଭା**—ଖ୍ରୀ: ଅ: ୧୮୮୫ରେ ଲର୍ଡ଼ ଡଫରିନ୍‌ଙ୍କ ଶାସନ କାଳରେ ବମ୍ବେ ନଗରରେ ଭାରତ ଜାତୀୟ ମହାସଭା (Indian National Congress)ର ପ୍ରଥମ ଅଧିବେଶନ ହୋଇଥିଲା । ଏଠାରେ ଜାତିର ନେତାମାନେ ସମବେତ ହୋଇ ପ୍ରଜାମାନଙ୍କର ଦୁଃଖଦୁର୍ଦ୍ଦଶା ପ୍ରତି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ଓ ଭାରତରେ ସ୍ୱାୟତ୍ତଶାସନ ପ୍ରଚଳନ କରିବାପାଇଁ ସରକାରଙ୍କପାଖରେ ଦାବୀ କରିଥିଲେ । ସେହି ସମୟରୁ କଂଗ୍ରେସ ମହାସଭାର ବାର୍ଷିକ ଅଧିବେଶନମାନ ଭାରତର ବିଭିନ୍ନ ନଗରରେଅନୁଷ୍ଠିତ ହେଉଅଛି । ଏହା ଯୋଗୁଁ ଭାରତୀୟମାନଙ୍କ ମଧ୍ୟରେ ଅପୂର୍ବ ଜାଗରଣ ଓ ଚେତନା ଆସୁଛି ।

**ଲର୍ଡ଼ ଲାନ୍‌ସଡାଉନ୍** (ଖ୍ରୀ: ଅ: ୧୮୮୮—୧୮୯୪) —ଲର୍ଡ଼ ଡଫରିନ୍‌ଙ୍କ ପରେ ଲର୍ଡ଼ ଲାନ୍‌ସଡାଉନ୍ ଭାରତର ଭାଇସରୟ ହେଲେ । ଭାରତ ବାହାରେ ଇଂରେଜମାନଙ୍କର ଆଧିପତ୍ୟ ବିସ୍ତାର କରିବାପାଇଁ ସେ ସର୍ବଦା ସଚେଷ୍ଟ ଥିଲେ । ୧୮୯୦ ଖ୍ରୀଷ୍ଟାବ୍ଦରେ ସେ ସିକିମରାଜ୍ୟ ଅଧିକାର କରିଥିଲେ ଓ ତିବ୍ବତରାଜ ବାଧ୍ୟ ହୋଇ ସେଠାରେ ଇଂରେଜ ଆଧିପତ୍ୟ ସ୍ୱୀକାର କରିଥିଲେ । ସେ କାଶ୍ମୀର ସୀମାରେ ଗିଲଗିଟ୍ ଉପତ୍ୟକା, ଚିତ୍ରଲ ପ୍ରଭୃତି ଅଞ୍ଚଳ ଅଧିକାର କରିଥିଲେ । ସେ କାବୁଲର ଅମୀରଙ୍କ ସହିତ ସଦ୍ଭାବ ସ୍ଥାପନ କରିଥିଲେ ଓ ତାଙ୍କର ବୃତ୍ତି ୧୨ ଲକ୍ଷରୁ ୧୮ ଲକ୍ଷକୁ ବୃଦ୍ଧି କରିଥିଲେ ।

**ମଣିପୁର ଯୁଦ୍ଧ**—ମଣିପୁରର ରାଜା ଆସାମର ଚିଫ୍-କମିସନର ଓ କେତେକ ଇଂରେଜ କର୍ମଚାରୀଙ୍କୁ ମାରିଦେବାରୁ ତାଙ୍କ ସହିତ ଯୁଦ୍ଧ ହେଲା । ରାଜା ଦ୍ୱୀପାନ୍ତରିତ ହେଲେ ଓ ତାଙ୍କର ଜଣେ ବଂଶଧରଙ୍କୁ ସିଂହାସନ ପ୍ରଦତ୍ତ ହେଲା । ମଣିପୁରରେ ଜଣେ ପଲିଟିକାଲ ଏଜେଣ୍ଟ ରହିଲେ ।

ସେ ୧୮୯୨ ଖ୍ରୀଷ୍ଟାବ୍ଦରେ ଭାରତୀୟ ବ୍ୟବସ୍ଥାପକ ସଭା ଗଠନ ଆଇନ ( Councils Act ) ଚଳାଇଥିଲେ । ଏହି ବିଧାନ ଅନୁଯାୟୀ ବିଶ୍ୱବିଦ୍ୟାଳୟ ସମିତି, ଜିଲ୍ଲାବୋର୍ଡ଼, ମ୍ୟୁନିସିପାଲିଟି ଓ ଅନ୍ୟାନ୍ୟ ଲୋକପ୍ରତିନିଧି ଅନୁଷ୍ଠାନମାନ, ପ୍ରାଦେଶିକ ବ୍ୟବସ୍ଥାପକସଭାମାନଙ୍କୁ ପ୍ରତିନିଧି ନିର୍ବାଚନ କରିବାର କ୍ଷମତା ପାଇଲେ । ବ୍ୟବସ୍ଥାପକ ସଭା ବଜେଟ ବିଚାର ଓ ପ୍ରଶ୍ନ ଉତ୍ତର କରିବାର ଅଧିକାର ପାଇଲା ।

ସେ ରୁଷିଆ ଆକ୍ରମଣ ଭୟରେ ଭାରତୀୟ ସୈନ୍ୟବିଭାଗର ସଂସ୍କାର କରିଥିଲେ । ଦେଶୀୟ ରାଜାମାନେ ଯୁଦ୍ଧ ସମୟରେ ସରକାରଙ୍କୁ ସାହାଯ୍ୟ ଦେବାପାଇଁ ସାମ୍ରାଜ୍ୟ ସହାୟକ ବାହିନୀମାନ ( Imperial Service Troops ) ରଖିଲେ ।

**ଦ୍ୱିତୀୟ ଲର୍ଡ଼ ଏଲ୍‌ଗିନ୍** (ଖ୍ରୀ: ଅ: ୧୮୯୪-୧୮୯୯)—ଲର୍ଡ଼ ଲାନ୍‌ସଡାଉନ୍‌ଙ୍କ ପରେ ଦ୍ୱିତୀୟ ଲର୍ଡ଼ ଏଲ୍‌ଗିନ୍ ଭାଇସରୟ ହେଲେ । ଏହାଙ୍କ ସମୟରେ ୧୮୯୬ ଖ୍ରୀଷ୍ଟାବ୍ଦରେ ପ୍ରଥମେ ପ୍ଲେଗ ବ୍ୟାଧି ସମଗ୍ର ଭାରତରେ ବ୍ୟାପି ବହୁ ଲୋକ କ୍ଷୟ କରିଥିଲା । ୧୮୯୭ ଖ୍ରୀଷ୍ଟାବ୍ଦରେ ସମଗ୍ର ଉତ୍ତର ଭାରତରେ ଭୟଙ୍କର ଦୁର୍ଭିକ୍ଷ ଘଟିଥିଲା । ସେହି ବର୍ଷ ଉତ୍ତରପୂର୍ବ ଭାରତରେ ଭୂମିକମ୍ପ ହୋଇ ବହୁ ଲୋକଙ୍କର ପ୍ରାଣ ଓ ସମ୍ପତ୍ତି ନଷ୍ଟ ହୋଇଥିଲା ।

ଉତ୍ତରପଶ୍ଚିମ ସୀମାନ୍ତରେ ବ୍ରିଟିଶ ଆଧିପତ୍ୟ ବିସ୍ତାରରେ ଆତଙ୍କିତ ହୋଇ ୱଜିରି, ଅଫ୍ରିଦି ପ୍ରଭୃତି ପାର୍ବତ୍ୟ ଜାତିମାନେ ପ୍ରବଳ

ବିଦ୍ରୋହ ଚଳାଇଥିଲେ । ବିଦ୍ରୋହ ଦମନରେ ବହୁ ଅର୍ଥବ୍ୟୟ ଓ ବହୁ ଦକ୍ଷ କର୍ମଚାରୀଙ୍କର ମୃତ୍ୟୁ ଘଟିଥିଲା । ବହୁ କଷ୍ଟରେ ୧୮୯୮ ରେ ସୀମାନ୍ତ ଅଞ୍ଚଳରେ ଶାନ୍ତି ସ୍ଥାପିତ ହେଲା ।

ସେ ଅର୍ଥାଭାବ ଦୂର କରିବା ପାଇଁ ଅନେକ ଜିନିଷ ଉପରେ ଆମଦାନି ଶୁଳ୍କ ବସାଇଥିଲେ । ସେ ଭାରତୀୟ ଲୁଗାକଳମାନଙ୍କରେ ପ୍ରସ୍ତୁତ ଜିନିଷ ଗୁଡ଼ିକ ଉପରେ ଗୋଟିଏ କର ବସାଇ ଥିଲେ । ଏହାଦ୍ୱାରା ଭାରତୀୟ ବସ୍ତ୍ର ବ୍ୟବସାୟର ଘୋର ଅସୁବିଧା ହେଲା ।

୧୮୯୭ ଖ୍ରୀଷ୍ଟାବ୍ଦରେ ମହାରାଣୀ ଭିକ୍ଟୋରିୟାଙ୍କ ରାଜତ୍ୱର ୬୦ ବର୍ଷ ପୂର୍ଣ୍ଣ ହେବାରୁ ଭାରତର ସର୍ବତ୍ର ଘାରକ ଜୁବୁଲି ଉତ୍ସବ ଅନୁଷ୍ଠିତ ହୋଇଥିଲା ।

**ଲର୍ଡ଼ କର୍ଜନ** ( ଖ୍ରୀ: ଅ: ୧୮୯୯—ଖ୍ରୀ: ଅ: ୧୯୦୫ )—ଲର୍ଡ କର୍ଜନ ଭାରତର ଜଣେ ଶ୍ରେଷ୍ଠ ଶାସନକର୍ତ୍ତା । ସେ ବିଚକ୍ଷଣ ଓ ଦୂରଦର୍ଶୀ ରାଜନୀତିଜ୍ଞ ଥିଲେ । ସେ ତାହାଙ୍କର ଶାସନକାଳ ମଧ୍ୟରେ ପ୍ରତ୍ୟେକ ବିଭାଗର ସଂସ୍କାର ସାଧନ କରିଥିଲେ । ଖ୍ରୀ: ଅ: ୧୯୦୧ ରେ ମହାରାଣୀ ଭିକ୍ଟୋରିଆ ଦୀର୍ଘ ୬୩ ବର୍ଷକାଳ ରାଜତ୍ୱ କରି ପ୍ରାଣତ୍ୟାଗ କରିଥିଲେ । ତାଙ୍କ ପରେ ତାଙ୍କର ଜ୍ୟେଷ୍ଠପୁତ୍ର ସପ୍ତମ ଏଡ଼୍‌ଓ୍ୱାର୍ଡ଼ ସମ୍ରାଟ୍ ହେଲେ ।



ଲର୍ଡ଼ କର୍ଜନ

**କର୍ଜନଙ୍କ କାର୍ଯ୍ୟ କଳାପ**—ସେ ଭାରତର ସୀମାନ୍ତରେ ସୁଦୃଢ଼ ଶାସନ ପ୍ରତିଷ୍ଠା କରିବା ପାଇଁ ପଞ୍ଜାବର ପଶ୍ଚିମାଂଶକୁ ନେଇ

ଉତ୍ତର-ପଶ୍ଚିମ-ସୀମାନ୍ତ ପ୍ରଦେଶ ଗଠନ କରିଥିଲେ । ସେ ପାରସ୍ୟରେ ବ୍ରିଟିଶ୍ ପ୍ରଭାବ ଅକ୍ଷୁଣ୍ଣ ରଖିଥିଲେ । ତିବ୍ବତରେ ରୁଷିୟାର ପ୍ରଭାବ ବୃଦ୍ଧିରେ ଆତଙ୍କିତ ହୋଇ ସେ ସେଠାକୁ ଗୋଟିଏ ଅଭିଯାନ ପ୍ରେରଣ କରିଥିଲେ । ତିବ୍ବତର ରାଜଧାନୀ ଲାସା ଅଧିକୃତ ହେଲା ଓ ଦଲାଇ ଲାମା ପଦଚ୍ୟୁତ ହୋଇଥିଲେ । ଶେଷରେ ରୁଷିୟା ସହିତ ମୀମାଂସା ହେବାରୁ ସେ ତିବ୍ବତ ତ୍ୟାଗ କରିଥିଲେ । ସେ ଦେଶୀୟ ରାଜକୁମାରମାନଙ୍କୁ ପାଶ୍ଚାତ୍ୟ ରୀତି ଅନୁସାରେ ଯୁଦ୍ଧବିଦ୍ୟା ଶିକ୍ଷା ଦେବା ନିମିତ୍ତ ( Imperial Cadet Crops ) ଗଠନ କରିଥିଲେ । ସେ ୧୯୦୨



ସପ୍ତମ ଏଡ୍‌ୱାର୍ଡ

ଖ୍ରୀଷ୍ଟାବ୍ଦରେ ନିଜାମଙ୍କଠାରୁ ବେରାର ପ୍ରଦେଶ ଚିରକାଳପାଇଁ ପାଇଲେ । ସେ ଦୁର୍ଗ, ନଗର, ମନ୍ଦିର, ସ୍ତୂପ, ମଠ, ବିହାର, ଚୈତ୍ୟ, ମସଜିଦ ପ୍ରଭୃତି ପ୍ରାଚୀନ କୀର୍ତ୍ତିମାନଙ୍କର ରକ୍ଷା ଓ ଜୀର୍ଣ୍ଣସଂସ୍କାର ନିମିତ୍ତ 'ପ୍ରାଚୀନ କୀର୍ତ୍ତି ରକ୍ଷା ଆଇନ' ପ୍ରଚଳନ କରିଥିଲେ ଓ ପ୍ରତ୍ନତତ୍ତ୍ୱ ବିଭାଗ ସୃଷ୍ଟି କରି ଜଣେ ଅଧ୍ୟକ୍ଷ (Director General of Archaeology) ନିଯୁକ୍ତ କରିଥିଲେ । ଏହି ବିଭାଗଦ୍ୱାରା ଭାରତର ଅଶେଷ ଉପକାର ସାଧିତ

ହେଉଅଛି । ଗରିବ ଖାତକମାନଙ୍କୁ ମହାଜନମାନଙ୍କର ଅତ୍ୟାଚାରରୁ ରକ୍ଷା କରିବା ପାଇଁ ସେ ଖ୍ରୀ: ଅ: ୧୯୦୪ ରେ କୋ-ଅପରେଟିଭ୍ ( ସମବାୟ ) ବ୍ୟାଙ୍କ ଓ ସମିତିମାନ ସ୍ଥାପନ କରିଥିଲେ । ସେ ଭାରତୀୟ ବିଶ୍ୱବିଦ୍ୟାଳୟମାନଙ୍କରେ ପୂର୍ଣ୍ଣ ସରକାରୀ କର୍ତ୍ତୃତ୍ୱ ପ୍ରତିଷ୍ଠା କରିବା ପାଇଁ ଖ୍ରୀ: ଅ: ୧୯୦୪ ରେ ଗୋଟିଏ ବିଶ୍ୱବିଦ୍ୟାଳୟ ଆଇନ ପ୍ରଣୟନ କରିଥିଲେ । ଭାରତର ଶିକ୍ଷିତ ସମ୍ପ୍ରଦାୟ ଏଥିଯୋଗୁଁ ବିରକ୍ତି ପ୍ରକାଶ କରିଥିଲେ । ସେ ପୁଲିସ ବିଭାଗର ସଂସ୍କାର ସାଧନ କରିଥିଲେ । ସେ ବାଣିଜ୍ୟ ଓ ଶିଳ୍ପର ଉନ୍ନତି ପାଇଁ ବାଣିଜ୍ୟ ଓ ଶିଳ୍ପ ବିଭାଗ ସୃଷ୍ଟି କରିଥିଲେ । ସେ ଲବଣ ଟ୍ୟାକ୍ସର ହାର କମାଇ ଦେଇଥିଲେ । କଲିକତାର 'ପ୍ରସିଦ୍ଧ ଇମ୍ପିରିଏଲ ଲାଇବ୍ରେରୀ' ମଧ୍ୟ ସ୍ଥାପନ କରିଥିଲେ ।

**ବଙ୍ଗ ବିଚ୍ଛେଦ ଆନ୍ଦୋଳନ** – ସେ ସମୟରେ ବଙ୍ଗ, ବିହାର, ଓଡ଼ିଶା ଓ ଆସାମ ଏକ ପ୍ରଦେଶରୂପେ ଜଣେ ଲେଫ୍‌ଟେନାଣ୍ଟ ଗଭର୍ଣ୍ଣରଙ୍କ ଅଧୀନରେ ଶାସିତ ହେଉଥିଲା । କର୍ଜନ ଏପରି ବିଶାଳ ପ୍ରଦେଶର ଶାସନ ଭାର ଜଣଙ୍କ ହସ୍ତରେ ନ୍ୟସ୍ତ କରିବା ଅହିତକର ଓ ଅସୁବିଧାଜନକ ବୋଲି ସ୍ଥିର କରି ଏହି ପ୍ରଦେଶକୁ ଦୁଇ ଭାଗରେ ବିଭକ୍ତ କରିଥିଲେ । ପଶ୍ଚିମ ବଙ୍ଗ, ବିହାର ଓ ଓଡ଼ିଶା ମିଶି ଗୋଟିଏ ପ୍ରଦେଶ ଏବଂ ପୂର୍ବବଙ୍ଗ ଓ ଆସାମ ମିଳିତ ହୋଇ ଅନ୍ୟ ଏକ ପ୍ରଦେଶରୂପେ ଗଠିତ ହେଲା । କର୍ଜନଙ୍କ ଏହି କାର୍ଯ୍ୟଦ୍ୱାରା ଶିକ୍ଷିତ ବଙ୍ଗାଳୀମାନଙ୍କ ମନରେ ଅସନ୍ତୋଷ ଓ ବିଦ୍ରୋହଭାବ ପ୍ରବଳ ହେଲା । ବଙ୍ଗବିଚ୍ଛେଦଦ୍ୱାରା ବଙ୍ଗାଳି ଜାତିର ଜାତୀୟତା, ଏକତା ଓ ସଭ୍ୟତା ନଷ୍ଟ ହୋଇଯିବ ବୋଲି ସେମାନଙ୍କର ଦୃଢ଼ ଧାରଣା ଜାତ ହେଲା । ସେମାନେ ଏହି ବିଚ୍ଛେଦକୁ ରଦ୍ଦ କରିବାପାଇଁ ପ୍ରବଳ ଆନ୍ଦୋଳନ ଚଳାଇଲେ । ଏହି ଆନ୍ଦୋଳନ କ୍ରମଶଃ ସମଗ୍ର ଭାରତରେ ବ୍ୟାପିଯାଇ ବଙ୍ଗଦେଶରେ ଗୋଟିଏ ନୂତନ ଜାଗରଣ ଆସିଲା । ସୁରେନ୍ଦ୍ରନାଥ ବାନାର୍ଜି,

ଗୋପାଳକୃଷ୍ଣ ଗୋଖଲେ ଓ ବାଳଗଙ୍ଗାଧର ତିଳକ ଏହି ଆନ୍ଦୋଳନର ପ୍ରଧାନ ନେତା ଥିଲେ । ଖ୍ରୀ: ଅ: ୧୯୦୬ର କଂଗ୍ରେସ ଅଧିବେଶନ ଦାଦାଭାଇ ନାଓ୍ରୋଜୀଙ୍କ ସଭାପତିତ୍ୱରେ ସ୍ୱରାଜ ଭାରତର ଲକ୍ଷ୍ୟ ବୋଲି ସ୍ପଷ୍ଟରୂପେ ଘୋଷଣା କରିଥିଲା । ସେ ସମୟରେ ବିଲାତି ଜିନିଷମାନ ବର୍ଜନ କରି ସ୍ୱଦେଶୀ ଜିନିଷ ସବୁ କିଣିବାପାଇଁ 'ସ୍ୱଦେଶୀ ଆନ୍ଦୋଳନ' ମଧ୍ୟ ଚାଲିଲା । ଏହି ସମୟରେ ବଙ୍ଗଳାରେ ଆତଙ୍କବାଦ ଆନ୍ଦୋଳନର ମଧ୍ୟ ସୃଷ୍ଟି ହେଲା । ଆତଙ୍କବାଦୀମାନେ କେତେକ ବଶିଷ୍ଟ କର୍ମଚାରୀଙ୍କୁ ମାରି ଦେଲେ ଓ ନାନାପ୍ରକାର ଗୁପ୍ତସମିତିମାନ ଗଠନ କଲେ ।

ଲର୍ଡ଼ କର୍ଜନଙ୍କର ଉତ୍କଳୀୟମାନଙ୍କ ପ୍ରତି ବିଶେଷ ଶ୍ରଦ୍ଧା ଥିଲା । ସେ ଉତ୍କଳରେ ପଦାର୍ପଣ କରି ଖଣ୍ଡଗିରି, ଉଦୟଗିରି, ଭୁବନେଶ୍ୱର, ପୁରୀ ପ୍ରଭୃତିର ଜଗତପ୍ରସିଦ୍ଧ ଅପୂର୍ବ କାରୁକାର୍ଯ୍ୟଖଚିତ କୀର୍ତ୍ତିମାନ ପରିଦର୍ଶନ କରି ବିଶେଷ ଆନନ୍ଦ ଅନୁଭବ କରିଥିଲେ ଓ ଓଡ଼ିଆ ଜାତିକୁ ବିଶେଷ ପ୍ରଶଂସା କରିଥିଲେ । ତାଙ୍କରି ଇଙ୍ଗିତରେ ସ୍ୱର୍ଗୀୟ ମଧୁସୂଦନ ଦାସ ୧୯୦୩ ଖ୍ରୀଷ୍ଟାବ୍ଦରେ ବିଭିନ୍ନ ପ୍ରଦେଶରେ ଶାସିତ ବିଚ୍ଛିନ୍ନ ଓଡ଼ିଆଭାଷୀ ଅଞ୍ଚଳମାନଙ୍କର ମିଶ୍ରଣ ପାଇଁ 'ଉତ୍କଳ ସମ୍ମିଳନୀ' ପ୍ରତିଷ୍ଠା କରିଥିଲେ ଓ ଦେଶମିଶ୍ରଣ ଆନ୍ଦୋଳନ ଚଳାଇଥିଲେ । ଲର୍ଡ଼ କର୍ଜନ ସମଗ୍ର ଓଡ଼ିଆଭାଷୀ ଅଞ୍ଚଳକୁ ଏକଶାସନାଧୀନ କରିବାକୁ ଚେଷ୍ଟା କରିଥିଲେ । କିନ୍ତୁ ସେତେବେଳେ ମାନ୍ଦ୍ରାଜ ସରକାର ବାଧା ଦେବାରୁ ଓ ତାଙ୍କର କାର୍ଯ୍ୟକାଳ ପୂରିଯିବାରୁ ଏହି ଉଦ୍ଦେଶ୍ୟ ପୂର୍ଣ୍ଣ ହେଲା ନାହିଁ । ତଥାପି ସେ ସମ୍ବଲପୁର ଜିଲ୍ଲା ଓ ପାଟଣା, ସୋନପୁର, ବାମଣ୍ଡା, ଗାଙ୍ଗପୁର, କଳାହାଣ୍ଡି, ରେଢ଼ାଖୋଲ ନାମକ ୬ଟି ଦେଶୀୟ ରାଜ୍ୟ ମଧ୍ୟପ୍ରଦେଶରୁ ନେଇଆସି ଉତ୍କଳ ସହିତ ମିଶାଇ ଦେଇଥିଲେ । ଏହି ମହତ୍‌କାର୍ଯ୍ୟ ଯୋଗୁଁ ସେ ସମଗ୍ର ଓଡ଼ିଆ ଜାତିର ଚିରସ୍ମରଣୀୟ ହୋଇ ରହିବେ ।

ସୈନ୍ୟବିଭାଗର ସଂସ୍କାର ସମ୍ବନ୍ଧେ ସେନାପତି ଲର୍ଡ କିଚ୍‌ନରଙ୍କ ସଙ୍ଗେ ତାଙ୍କର ମତାନ୍ତର ହେବାରୁ ସେ ପଦତ୍ୟାଗ କରି ଖ୍ରୀ: ଅ: ୧୯୦୫ରେ ସ୍ୱଦେଶକୁ ଚାଲିଗଲେ ।

---

# ନବମ ଅଧ୍ୟାୟ

## ଭାରତରେ ସ୍ୱାୟତ୍ତ ଶାସନ ପ୍ରତିଷ୍ଠା

### ଦ୍ୱିତୀୟ ଲର୍ଡ଼ ମିଣ୍ଟୋ - ( ଖ୍ରୀ: ଅ: ୧୯୦୫—୧୯୧୦ )

ଲର୍ଡ କର୍ଜନଙ୍କ ପରେ ଲର୍ଡ ମିଣ୍ଟୋ ଭାରତର ଭାଇସରୟ ହେଲେ । ତାଙ୍କ ଶାସନ କାଳରେ ବଙ୍ଗଳାରେ ଆତଙ୍କବାଦ ଆନ୍ଦୋଳନ ପ୍ରବଳ ହେବାରୁ ସେ କଠୋର ଆଇନମାନଙ୍କଦ୍ୱାରା ଏହି ଆନ୍ଦୋଳନ ଦମନ କରିଥିଲେ । କେତେକ ଆତଙ୍କବାଦୀ ନେତା ଦ୍ୱୀପାନ୍ତରିତ ହେଲେ ଓ କେତେକ ଦୀର୍ଘ କାରାବାସ ଦଣ୍ଡ ପାଇଲେ ।

**ଇଣ୍ଡିଆନ୍ କାଉନ୍‌ସିଲ୍‌ସ୍ ଆକ୍ଟ**—ଲର୍ଡ଼ ମିଣ୍ଟୋ ଇଂଲଣ୍ଡସ୍ଥ ଭାରତସଚିବ ମର୍ଲେଙ୍କ ପରାମର୍ଶାନୁସାରେ ୧୯୦୯ ରେ ଭାରତରେ ଇଣ୍ଡିୟାନ କାଉନ୍‌ସିଲ୍‌ସ ଆକ୍ଟ ବା ଭାରତୀୟ ବ୍ୟବସ୍ଥା ସଭା ଆଇନ୍ ଜାରି କରିଥିଲେ । ଏହି ଆଇନଦ୍ୱାରା ପ୍ରବର୍ତ୍ତିତ ଶାସନବ୍ୟବସ୍ଥାକୁ ମିଣ୍ଟୋ ମର୍ଲେ ଶାସନସଂସ୍କାର ମଧ୍ୟ କହନ୍ତି । ଏହି ଆଇନ ଫଳରେ ପ୍ରାଦେଶିକ ବ୍ୟବସ୍ଥା ସଭା (Legislative Council) ର ସଭ୍ୟ-ମାନଙ୍କ ସଂଖ୍ୟା ଓ କ୍ଷମତା ବୃଦ୍ଧି ହେଲା । ଏହି ସଭାରେ ତିନପ୍ରକାର ସଭ୍ୟ ରହିଲେ । ସରକାରୀ କର୍ମଚାରୀ, ସରକାରଙ୍କ ମନୋନୀତ ସଭ୍ୟ ଓ ନିର୍ବାଚିତ ବେସରକାରୀ ସଭ୍ୟ । ସଭାରେ ଭିନ୍ନ ଗୋଷ୍ଠୀ ଓ ସମ୍ପ୍ରଦାୟ, ଜିଲ୍ଲାବୋର୍ଡ ଓ ମ୍ୟୁନିସିପାଲିଟିମାନଙ୍କ ଦ୍ୱାରା ନିର୍ବାଚିତ ବେସରକାରୀ ସଭ୍ୟଙ୍କ ସଂଖ୍ୟା ଅଧିକ ରହିଲା । ଏହି ସଭାରେ ଦେଶର ଆୟ ବ୍ୟୟ (ବଜେଟ) ବିଚାର

ଓ ଆଇନ ପ୍ରଣୟନ କରିବାର କ୍ଷମତା ରହିଲା । ସମଗ୍ର ଭାରତ ସକାଶେ ଗୋଟିଏ କେନ୍ଦ୍ର ବ୍ୟବସ୍ଥା ସଭା ( Imperial Legislative Council ) ରହିଲା । ଏହାର ସଭ୍ୟ ସଂଖ୍ୟା ଓ କ୍ଷମତା ମଧ୍ୟ ବୃଦ୍ଧିପ୍ରାପ୍ତ ହେଲା । ପ୍ରାଦେଶିକ ଓ କେନ୍ଦ୍ର କାର୍ଯ୍ୟକାରଣୀ ସଭା (Executive Council ) ମାନଙ୍କରେ ଜଣେ ଲେଖାଁଏ ଭାରତବାସୀ ସଭ୍ୟ ରହିବାର ବ୍ୟବସ୍ଥା ହେଲା । ସାର୍ ସତ୍ୟେନ୍ଦ୍ର ପ୍ରସନ୍ନ ସିଂହ ବଡ଼ଲାଟଙ୍କ କାର୍ଯ୍ୟକାରଣୀ ସଭାର ପ୍ରଥମ ଭାରତୀୟ ଆଇନ ସଦସ୍ୟ । ଲଣ୍ଡନସ୍ଥ ଭାରତ ସଚିବଙ୍କ ସଭାରେ ଦୁଇ ଜଣ ଭାରତବାସୀ (ଜଣେ ହିନ୍ଦୁ ଓ ଜଣେ ମୁସଲମାନ) ସଭ୍ୟ ରହିଲେ । ମିଣ୍ଟୋ-ମର୍ଲେ-ଶାସନ-ସଂସ୍କାର ପ୍ରବର୍ତ୍ତିତ ହେବା ଫଳରେ ଭାରତୀୟମାନେ କେତେକ ପରିମାଣରେ ସ୍ୱାୟତ୍ତ ଶାସନ ପାଇଥିଲେ ।

ଖ୍ରୀ: ଅ: ୧୯୧୦ରେ ସମ୍ରାଟ୍ ସପ୍ତମ ଏଡ୍‌ୱାର୍ଡ ପ୍ରାଣତ୍ୟାଗ କରିଥିଲେ । ତାଙ୍କ ପରେ ତାଙ୍କ ଜ୍ୟେଷ୍ଠପୁତ୍ର ପଞ୍ଚମ ଜର୍ଜ ଭାରତର ସମ୍ରାଟ୍ ହେଲେ ।

**ଦ୍ୱିତୀୟ ଲର୍ଡ଼ ହାର୍ଡିଞ୍ଜ୍** (ଖ୍ରୀ: ଅ: ୧୯୧୦—୧୯୧୬):— ଲର୍ଡ଼ ମିଣ୍ଟୋଙ୍କ ପରେ ଲର୍ଡ଼ ହାର୍ଡିଞ୍ଜ୍ ଭାରତର ଭାଇସରୟ ହେଲେ । ତାଙ୍କ ଶାସନର ପ୍ରାରମ୍ଭରେ ଆତଙ୍କବାଦ ଆନ୍ଦୋଳନ ପୂର୍ବପରି ପ୍ରବଳ ଥିଲା ଓ ଦିଲ୍ଲୀଠାରେ ବଡ଼ଲାଟଙ୍କୁ ବୋମା ପକାଇ ମାରିବା ପାଇଁ ବିପ୍ଳବୀମାନେ ଚେଷ୍ଟା କରିଥିଲେ । ବଡ଼ଲାଟ ଆହତ ହେଲେ ଓ ତାଙ୍କର ଜଣେ ଅନୁଚର ହତ ହୋଇଥିଲା । ତଥାପି ସେ ପ୍ରବଳ ଦମନ ନ ଚଳାଇ ଭାରତବାସୀମାନଙ୍କୁ ସନ୍ତୁଷ୍ଟ କରିବାପାଇଁ ଚେଷ୍ଟା କରିଥିଲେ ।

**ଦିଲ୍ଲୀ ଦରବାର**—୧୯୧୧ ଡିସେମ୍ବର ମାସ ବାର ତାରିଖରେ ଦିଲ୍ଲୀ ନଗରୀରେ ସମ୍ରାଟ୍ ପଞ୍ଚମ ଜର୍ଜ ଓ ସାମ୍ରାଜ୍ଞୀ ମେରିଙ୍କୁ

ସମ୍ମାନ ପ୍ରଦର୍ଶନ ନିମିତ୍ତ ଗୋଟିଏ ଦରବାର ମହା ସମାରୋହରେ ସମ୍ପନ୍ନ ହୋଇଥିଲା । ସମ୍ରାଟ୍ ସେଠାରେ ବଙ୍ଗବିଚ୍ଛେଦ ରଦ୍ଦ ହେଲା ବୋଲି ଘୋଷଣା କରିଥିଲେ । ତାହା ଫଳରେ ପୂର୍ବ ବଙ୍ଗ ଓ ପଶ୍ଚିମ ବଙ୍ଗ ମିଳିତ ହୋଇ ଏକ ପ୍ରଦେଶରୂପେ ଜଣେ ଗଭର୍ଣ୍ଣରଙ୍କ ଶାସନାଧୀନ ହେଲା । ବିହାର, ଛୋଟନାଗପୁର ଓ ଓଡ଼ିଶା ଗୋଟିଏ ପୃଥକ ପ୍ରଦେଶରେ ପରିଣତ ହେଲା ଏବଂ ଏହାର ଶାସନ କାର୍ଯ୍ୟ ଜଣେ ଲଫ୍‌ଟେନାଣ୍ଟ ଗଭର୍ଣ୍ଣରଙ୍କ ହସ୍ତରେ ଅର୍ପିତ ହେଲା । ଆସାମ ପୂର୍ବ ପରି ଜଣେ ଚିଫ୍ କମିସନରଙ୍କ ଅଧୀନରେ ରହିଲା । ସମ୍ରାଟ୍‌ଙ୍କ ଇଚ୍ଛାନୁସାରେ କଲିକତାରୁ ଭାରତର ପ୍ରାଚୀନ ଶାସନ କେନ୍ଦ୍ର ଦିଲ୍ଲୀକୁ ରାଜଧାନୀ ଉଠାଇ ନିଆ ଯାଇଥିଲା ।

**ଇଉରୋପୀୟ ମହାସମର** (ଖ୍ରୀ: ଅ: ୧୯୧୪—ଖ୍ରୀ: ଅ: ୧୯୧୮)—ଇଉରୋପୀୟ ମହାସମର ହାର୍ଡିଞ୍ଜଙ୍କ ଶାସନ କାଳର ପ୍ରସିଦ୍ଧ ଘଟଣା । ଇଉରୋପରେ ଜର୍ମାନ୍ ଗୋଟିଏ ଶକ୍ତିଶାଳୀ ଜାତି । ମହାଯୁଦ୍ଧର ପ୍ରାୟ ଅର୍ଦ୍ଧଶତାବ୍ଦୀ ପୂର୍ବରୁ ଜର୍ମାନ୍‌ମାନେ ବିଶାଳ ସାମ୍ରାଜ୍ୟ ପ୍ରତିଷ୍ଠା ଓ ପୃଥିବୀର ବାଣିଜ୍ୟ ବ୍ୟବସାୟରେ ଆଧିପତ୍ୟ ଲାଭ କରିବା ପାଇଁ ସର୍ବଦା ଚେଷ୍ଟା କରୁଥିଲେ । ନିଜର ଶକ୍ତି ବଢ଼ାଇବା ପାଇଁ ଜର୍ମାନମାନେ ଯୁଦ୍ଧର ବିପୁଳ ଆୟୋଜନ କରିଥିଲେ ଓ ସର୍ବଦା ଯୁଦ୍ଧର ସୁଯୋଗ ଖୋଜୁଥିଲେ । ଜର୍ମାନୀର ଶକ୍ତି ଓ ଆଧିପତ୍ୟ ବୃଦ୍ଧିରେ ଇଂରେଜ ଓ ଫରାସୀମାନେ ସର୍ବଦା ଆତଙ୍କିତ ଥିଲେ । ୧୯୧୪ ଖ୍ରୀଷ୍ଟାବ୍ଦରେ ଅଷ୍ଟ୍ରିୟା ରାଜ୍ୟର ଭାବୀ ସମ୍ରାଟ୍ ସର୍ବିୟା ରାଜ୍ୟରେ ନିହତ ହେଲେ । ତେଣୁ ଅଷ୍ଟ୍ରିୟା ଓ ସର୍ବିୟା ମଧ୍ୟରେ ଯୁଦ୍ଧ ଲାଗିଲା । ଇଉରୋପୀୟ ବିଭିନ୍ନ ଜାତି କ୍ରମଶଃ ନିଜ ନିଜର ସ୍ୱାର୍ଥ ରକ୍ଷା ପାଇଁ ଏହି ଯୁଦ୍ଧରେ ଯୋଗ ଦେଇଥିଲେ । ଗୋଟିଏ ପକ୍ଷରେ ଜର୍ମାନୀ, ଅଷ୍ଟ୍ରିୟା, ହଙ୍ଗେରି, ବୁଲ୍‌ଗେରିଆ, ତୁରସ୍କ ଓ ଇଟାଲି ରହିଲେ । ଅପର ପକ୍ଷରେ ଇଂଲଣ୍ଡ,

ଫ୍ରାନ୍ସ, ରୁଷିୟା, ସର୍ବିୟା, ବେଲଜିୟମ, ପ୍ରଭୃତି ରାଜ୍ୟ ରହିଲେ । ପରେ ଇଟାଲି ଜର୍ମାନୀ ପକ୍ଷ ତ୍ୟାଗ କରି ଇଂରେଜମାନଙ୍କ ପକ୍ଷ ଗ୍ରହଣ କଲା । ପରିଶେଷରେ ଆମେରିକାର ଯୁକ୍ତରାଷ୍ଟ୍ର ଇଂରେଜମାନଙ୍କ ପକ୍ଷ ଗ୍ରହଣ କରିବାରୁ ଜର୍ମାନମାନେ ପରାସ୍ତ ହେଲେ ଓ ଜର୍ମାନୀ ୧୯୧୯ ରେ ଭର୍ସାଇଲସ୍‌ଠାରେ ସନ୍ଧି କରିବାକୁ ବାଧ୍ୟ ହେଲା ।

ଏହି ମହା ଯୁଦ୍ଧରେ ପ୍ରାୟ ଦଶଲକ୍ଷ ଭାରତୀୟ ସୈନ୍ୟ ଫ୍ରାନ୍ସ, ଡାର୍ଡାନେଲସ୍, ସିରିୟା, ବୋସରା, ବାଗଦାଦ୍, ପୂର୍ବ ଆଫ୍ରିକା ପ୍ରଭୃତି ଯୁଦ୍ଧ କ୍ଷେତ୍ରରେ ଦକ୍ଷତା, ବୀରତ୍ୱ ଓ ସଫଳତାର ସହିତ ଇଂରେଜମାନଙ୍କ ପାଇଁ ଯୁଦ୍ଧ କରିଥିଲେ । ଏହି ଯୁଦ୍ଧରେ ୩୫,୬୯୬ ଜଣ ଭାରତୀୟ ମରିଥିଲେ ଓ ୬୯,୮୯୮ ଜଣ ଭାରତୀୟ ଆହତ ହୋଇଥିଲେ । ଭାରତୀୟମାନେ ଇଂରେଜମାନଙ୍କୁ ଦଶକୋଟି ପାଉଣ୍ଡ ବା ପ୍ରାୟ ୧୫୦ କୋଟି ଟଙ୍କା ସାହାଯ୍ୟ ଦେଇଥିଲେ । ଭାରତରୁ କୋଟି କୋଟି ଟଙ୍କାର ଖାଦ୍ୟ ପଦାର୍ଥ ଇଂରେଜମାନଙ୍କର ରଣଭଣ୍ଡାର ପୂର୍ଣ୍ଣ କରିଥିଲା । ଭାରତର ଏହି ବିପୁଳ ସାହାଯ୍ୟହିଁ ଇଂରେଜମାନଙ୍କର ବିଜୟର ଗୋଟିଏ ପ୍ରଧାନ କାରଣ ।

ଏହି ଯୁଦ୍ଧରେ ଇଉରୋପର ଅସଂଖ୍ୟ ଲୋକ ପ୍ରାଣତ୍ୟାଗ କରିଥିଲେ ଓ ବହୁ ଗ୍ରାମ,ନଗର ଧ୍ୱଂସପ୍ରାପ୍ତ ହୋଇଥିଲା । ଭବିଷ୍ୟତରେ ଏପରି ଭୀଷଣ ଓ ମାରାତ୍ମକ ଯୁଦ୍ଧ ବନ୍ଦ କରିବା ପାଇଁ ଜେନେଭାଠାରେ (League of Nations) ଜାତିସଙ୍ଘ' ପ୍ରତିଷ୍ଠିତ ହୋଇଥିଲା । ସାର ଏସ୍./ପି. ସିଂହ ଓ ବିକାନୀରର ମହାରାଜା ଗଙ୍ଗା ସିଂହ ଭାରତର ପ୍ରତିନିଧି ସ୍ୱରୂପ ସନ୍ଧିପତ୍ରରେ ସ୍ୱାକ୍ଷର କରିଥିଲେ ।

ହାର୍ଡିଞ୍ଜଙ୍କ ସମୟରେ ଖ୍ରୀ: ଅ: ୧୯୧୬ରେ ବନାରସର ପ୍ରସିଦ୍ଧ ହିନ୍ଦୁ ବିଶ୍ୱବିଦ୍ୟାଳୟ, ୧୯୧୮ ରେ ପାଟଣା ବିଶ୍ୱବିଦ୍ୟାଳୟ ଓ ହାଇକୋର୍ଟ ପ୍ରତିଷ୍ଠିତ ହୋଇଥିଲା ।

**ଲର୍ଡ ଚେମସ୍ ଫୋର୍ଡ** (ଖ୍ରୀ: ଅ: ୧୯୧୬—୧୯୨୧ )—ଲର୍ଡ ହାର୍ଡିଞ୍ଜଙ୍କ ପରେ ଲର୍ଡ ଚେମସ୍ ଫୋର୍ଡ ଭାରତରେ ଶାସନଭାର ଗ୍ରହଣ କଲେ । ଯୁଦ୍ଧ ସମୟରେ ଭାରତୀୟମାନଙ୍କ ବିପୁଳ ସାହାଯ୍ୟରେ ସନ୍ତୁଷ୍ଟ ହୋଇ ତତ୍କାଳୀନ ଭାରତ ସଚିବ ମଣ୍ଟେଗୁ ସାହେବ ୧୯୧୭ ଖ୍ରୀଷ୍ଟାବ୍ଦ ଅଗଷ୍ଟ ୨୦ ତାରିଖରେ ଭାରତକୁ କ୍ରମଶଃ ସ୍ୱାୟତ୍ତଶାସନ ପ୍ରଦାନ କରିବା ଇଂରେଜ ସରକାରଙ୍କ ଲକ୍ଷ୍ୟ ବୋଲି ଘୋଷଣା କରିଥିଲେ ମଣ୍ଟେଗୁ ସାହେବ ନିଜେ ଏ ଦେଶକୁ ଆସି ଭାରତର ଶାସନ ସମ୍ବନ୍ଧରେ ଲର୍ଡ ଚେମସ୍ ଫୋର୍ଡଙ୍କ ସହିତ ତଦନ୍ତ କରିଥିଲେ । ଏହା ଫଳରେ ୧୯୧୯ ର ଭାରତ ଶାସନ ଆଇନ ଅନୁଯାୟୀ 'ମଣ୍ଟେଗୁ ଚେମସ୍ ଫୋର୍ଡ ଶାସନ ସଂସ୍କାର' ବିଧିବଦ୍ଧ ହୋଇଥିଲା । ୧୯୨୧ ରେ ଏହା ଭାରତରେ ପ୍ରବର୍ତ୍ତିତ ହୋଇଥିଲା ।

**ମଣ୍ଟେଗୁ ଚେମସ୍ଫୋର୍ଡ ଶାସନ ସଂସ୍କାର**—ଏହି ଶାସନ ସଂସ୍କାର ପ୍ରବର୍ତ୍ତିତ ହେବା ଫଳରେ ଭାରତର ଶାସନ ପ୍ରଣାଳୀରେ କେତେକ ପରିବର୍ତ୍ତନ ଘଟିଥିଲା । ଭାରତ ଶାସନଭାର ବଡ଼ଲାଟଙ୍କ ହସ୍ତରେ ନ୍ୟସ୍ତ ହେଲା । ତାଙ୍କୁ ଶାସନ କାର୍ଯ୍ୟରେ ସାହାଯ୍ୟ କରିବାପାଇଁ ଗୋଟିଏ କାର୍ଯ୍ୟକାରିଣୀ ସଭା ( Executive Council ) କେନ୍ଦ୍ର ବ୍ୟବସ୍ଥା ସଭା (Legislative Assembly) ଓ ରାଷ୍ଟ୍ରସଭା (Council of State) ରହିଲା । କେନ୍ଦ୍ର ବ୍ୟବସ୍ଥା ସଭା ଓ ରାଷ୍ଟ୍ରସଭାରେ ମନୋନୀତ ପ୍ରତିନିଧିମାନଙ୍କ ଅପେକ୍ଷା ନିର୍ବାଚିତ ପ୍ରତିନିଧିମାନଙ୍କର ସଂଖ୍ୟା ଅଧିକ ରହିଲା । କେନ୍ଦ୍ର ବ୍ୟବସ୍ଥା ସଭାର ୧୪୫ ଜଣ ସଭ୍ୟଙ୍କ ମଧ୍ୟରୁ ୧୦୪ ଜଣ ନିର୍ବାଚିତ ସଭ୍ୟ ଓ ୪୧ ଜଣ ମନୋନୀତ ସଭ୍ୟ ଅଟନ୍ତି । ରାଷ୍ଟ୍ରସଭାର ୬୦ ଜଣ ସଭ୍ୟଙ୍କ ମଧ୍ୟରୁ ୩୩ ଜଣ ବିଭିନ୍ନ ପ୍ରଦେଶରୁ ନିର୍ବାଚିତ ହୁଅନ୍ତି ଓ ଅବଶିଷ୍ଟ ବଡ଼ଲାଟଙ୍କଦ୍ୱାରା ମନୋନୀତ ହୁଅନ୍ତି । ଏହା ଭାରତର ଉପର ବ୍ୟବସ୍ଥା ସଭାରୂପେ କାର୍ଯ୍ୟ କରେ । କେନ୍ଦ୍ର ବ୍ୟବସ୍ଥା

ସଭାରେ ଗୃହୀତ ପ୍ରସ୍ତାବ, ବିଲ୍ ଓ ବଜେଟ ପ୍ରଭୃତି ରାଷ୍ଟ୍ରସଭାରେ ପୁନର୍ବାର ବିଚାର ହୁଏ । କିନ୍ତୁ ଏହି ଦୁଇଟି ସଭାରେ ଗୃହୀତ ବିଲ୍ ପ୍ରସ୍ତାବ ବା ବଜେଟ ପ୍ରଭୃତି ବଡ଼ଲାଟଙ୍କ ମନୋମତ ନ ହେଲେ ସେ ତାହା ନିଜର ଅତିରିକ୍ତ କ୍ଷମତା (Veto) ବଳରେ ରଦ୍ଦ କରି ପାରନ୍ତି । ପୁନଶ୍ଚ ବଡ଼ଲାଟଙ୍କ କାର୍ଯ୍ୟକାରିଣୀ ସଭାରେ ତିନିଜଣ ଭାରତୀୟ ସଦସ୍ୟ ରଖିବାର ବ୍ୟବସ୍ଥା ହେଲା ।

ପ୍ରତ୍ୟେକ ପ୍ରଦେଶ ଜଣେ ଜଣେ ଗଭର୍ଣ୍ଣରଙ୍କ ଶାସନାଧୀନ ହେଲା । ତାଙ୍କୁ ଶାସନ କାର୍ଯ୍ୟରେ ସାହାଯ୍ୟ ଦେବାପାଇଁ ପ୍ରତ୍ୟେକ ପ୍ରଦେଶରେ ଗୋଟିଏ ଲେଖାଏଁ କାର୍ଯ୍ୟକାରିଣୀ ସଭା ( Executive Council) ଓ ବ୍ୟବସ୍ଥା ସଭା ( Legislative Council ) ରହିଲା । କାର୍ଯ୍ୟକାରିଣୀ ସଭାରେ ୨ ଠାରୁ ୪ ପର୍ଯ୍ୟନ୍ତ ସଭ୍ୟ ରହିବା ସ୍ଥିର ହେଲା ଏବଂ ସେମାନଙ୍କ ମଧ୍ୟରୁ ଅଧେ ଭାରତୀୟ ହେବାର ମଧ୍ୟ ବ୍ୟବସ୍ଥା ହେଲା । ଏହି ସଭା ହସ୍ତରେ ବିଚାର, ପୋଲିସ, ରାଜସ୍ୱ, ଅର୍ଥବିଭାଗ, ଜେଲ ବିଭାଗ ପ୍ରଭୃତି ରହିଲା । ଏଗୁଡ଼ିକର ନାମ ରକ୍ଷିତ ବିଭାଗ ( Reserved Departments ) ହେଲା । କାଉନ୍‌ସିଲ ବା ବ୍ୟବସ୍ଥାସଭାର ଶତକଡ଼ା ୭୦ ଜଣ ମେମ୍ବର ନିର୍ବାଚିତ ଓ ଅବଶିଷ୍ଟ ମନୋନୀତ ହେବାର ଧାର୍ଯ୍ୟ ହେଲା । ଏହି ସଭାର ନିର୍ବାଚିତ ସଭ୍ୟମାନଙ୍କ ମଧ୍ୟରୁ ଦୁଇ ବା ତିନିଜଣଙ୍କୁ ମନ୍ତ୍ରୀରୂପେ ନିଯୁକ୍ତ କରିବା ସ୍ଥିର ହେଲା । ମନ୍ତ୍ରୀମାନଙ୍କ ହସ୍ତରେ ସ୍ୱାୟତ୍ତ ଶାସନ ( ଜିଲ୍ଲାବୋର୍ଡ଼, ମ୍ୟୁନିସିପାଲିଟି ), ଶିକ୍ଷା, ସ୍ୱାସ୍ଥ୍ୟ, ପୂର୍ତ୍ତବିଭାଗ ଓ ଅବକାରୀ ବିଭାଗର ପରିଚାଳନ ଭାର ନ୍ୟସ୍ତ ହେଲା । ସେମାନଙ୍କଠାରେ ନ୍ୟସ୍ତ ବିଭାଗଗୁଡ଼ିକର ନାମ ହେଲା ହସ୍ତାନ୍ତରିତ ବିଭାଗ (Transfered Departments) । ପ୍ରଦେଶ ପାଇଁ ଆଇନ ପ୍ରଣୟନ, ଆୟବ୍ୟୟ ବିଚାର ଓ ନୂତନ କରଧାର୍ଯ୍ୟ କରିବାର କ୍ଷମତା କାଉନ୍‌ସିଲର ରହିଲା । କିନ୍ତୁ ଗଭର୍ଣ୍ଣରଙ୍କ ମନୋମତ ନ ହେଲେ ସେ କାଉନ୍‌ସିଲର ନିର୍ଦ୍ଧାରଣ ବା

ବଜେଟକୁ ଉନ୍ନ କରିବାର ବ୍ୟବସ୍ଥା ରହିଲା । ପ୍ରଦେଶମାନଙ୍କୁ ନିଜ ନିଜର ଆୟବ୍ୟୟର ଗଠା ବା ବଜେଟ କରିବାର ଅଧିକାର ମିଳିଲା । ଷ୍ଟାମ୍ପକର, ଭୂମିକର, ଅବକାରୀ ରାଜସ୍ୱ ପ୍ରଭୃତିରୁ ଆୟ ପ୍ରାଦେଶିକ ସରକାରମାନେ ପାଇଲେ ଓ ଅର୍ଥାଭାବ ହେଲେ ସେମାନେ ନୂତନ କରଧାର୍ଯ୍ୟ କରି ପାରିବେ ବୋଲି ସ୍ଥିର ହେଲା । ଏହି ବିଧାନ ଫଳରେ ପ୍ରାଦେଶିକ ବଜେଟ କେନ୍ଦ୍ର ବଜେଟଠାରୁ ପୃଥକ୍ ହୋଇଗଲା । ପ୍ରାଦେଶିକ ଶାସନ ଭାର ଦୁଇ ଭାଗରେ ବିଭକ୍ତ ହେବାରୁ ଏହାକୁ 'ଦ୍ୱୈତ ଶାସନ' (Diarchy) କହନ୍ତି ।

**ତୃତୀୟ ଆଫଗାନ ସମର**—୧୯୧୯ ଖ୍ରୀଷ୍ଟାବ୍ଦରେ ଅମାନୁଲ୍ଲା ଅଫଗାନସ୍ଥାନର ଅମୀର ହେଲେ । ସେ ବହୁ ଅଫଗାନ-ସୈନ୍ୟସହ ସୀମାନ୍ତ ଅଞ୍ଚଳ ଆକ୍ରମଣ କରିବାରୁ ତାଙ୍କ ସହିତ ଯୁଦ୍ଧ ହେଲା । ଯୁଦ୍ଧରେ ଭାରତ ସରକାରଙ୍କ ବହୁ କ୍ଷତି ହୋଇଥିଲା । ଶେଷରେ ରାୱଲପିଣ୍ଡିଠାରେ ସନ୍ଧି ହୋଇ ଯୁଦ୍ଧର ଅବସାନ ହେଲା ( ୧୯୧୯ ) । ଏହି ସନ୍ଧି ଫଳରେ ଅଫଗାନିସ୍ଥାନ ସ୍ୱାଧୀନ ରାଜ୍ୟ ବୋଲି ସ୍ୱୀକୃତ ହେଲା । ଅମୀରଙ୍କୁ ବାର୍ଷିକ ବୃତ୍ତି ଦାନ ପ୍ରଥା ବନ୍ଦ ହେଲା ଓ ଲଣ୍ଡନରେ ଅଫଗାନ ରାଜଦୂତ ରହିବାର ବ୍ୟବସ୍ଥା ହେଲା ।

**ଅସହଯୋଗ ଓ ଖିଲାଫତ୍ ଆନ୍ଦୋଳନ**—ମଣ୍ଟେଗୁ ଚେମସ୍ ଫୋର୍ଡ ଶାସନ ସଂସ୍କାରରେ କଂଗ୍ରେସ ତଥା ମାନ୍ଦାଦଳର ନେତାମାନେ ଆଦୌ ସନ୍ତୁଷ୍ଟ ହେଲେ ନାହିଁ । ଏହାଦ୍ୱାରା ଭାରତୀୟମାନେ ପ୍ରକୃତ ସ୍ୱାୟତ୍ତଶାସନ ନ ପାଇ ନିରାଶ ଓ କ୍ଷୁବ୍ଧ ହେଲେ । ସେହି ସମୟରେ ଭାରତ ସରକାର ଆନ୍ଦୋଳନର ଆଶଙ୍କା କରି ରୌଲଟ୍ କମିଟିଙ୍କ ପରାମର୍ଶରେ 'ରୌଲଟ ଆକ୍ଟ' ନାମକ ଦମନମୂଳକ ଆଇନ ଜାରି କଲେ । ଏହା ଫଳରେ ଦେଶରେ ଅସନ୍ତୋଷ ଓ ବିଦ୍ରୋହଭାବ ପ୍ରବଳ ହେଲା । ମହାତ୍ମା ଗାନ୍ଧି ଏହି ଆଇନ ବିରୁଦ୍ଧରେ ଗୋଟିଏ

ପ୍ରବଳ ଅନ୍ଦୋଳନ ଚଳାଇଲେ । ଦେଶର ସର୍ବତ୍ର ପ୍ରତିବାଦ ସଭାମାନ ଅନୁଷ୍ଠିତ ହେଲା । ପଞ୍ଜାବର ଅମୃତସହର ଜିଲ୍ଲାସ୍ଥ ଜାଲିୟାନ-ୱାଲାବାଗ୍ ନାମକ ସ୍ଥାନରେ ୧୯୧୯ ର ଏପ୍ରିଲମାସରେ ନିରସ୍ତ୍ର ପ୍ରଜାମାନେ ଗୋଟିଏ ପ୍ରତିବାଦ ସଭା କରୁଥିଲେ । ସେନାପତି ଡାୟାର ଏହି ସଭା ରାଜଦ୍ରୋହମୂଳକ ବୋଲି ଭାବି ବହୁ ସୈନ୍ୟସହ ସଭାସ୍ଥ ନିରୀହ ଲୋକମାନଙ୍କୁ ହଠାତ୍ ଆକ୍ରମଣ କଲେ । ସଭାରେ ଗୁଳି ଚଳିଲା ଓ ପ୍ରାୟ ସହସ୍ରାଧିକ ବ୍ୟକ୍ତି ଗୁଳିରେ ଅହତ ହୋଇଥିଲେ । ଏହି ହତ୍ୟାକାଣ୍ଡ ସମ୍ବାଦରେ ସମଗ୍ର ଦେଶ ମର୍ମାହତ ହେଲା । ମହାତ୍ମା


ମହାତ୍ମା ଗାନ୍ଧି

ଗାନ୍ଧି କଂଗ୍ରେସର କର୍ଣ୍ଣଧାରରୂପେ ଦେଶରେ ନନ୍‌କୋପରେଶନ୍ ବା ଅସହଯୋଗ ଅନ୍ଦୋଳନ ଅରମ୍ଭ କଲେ । ସେ ସର୍ବତ୍ର ପ୍ରଚାର କଲେ, "ସରକାରୀ ଚାକିରୀ ଛାଡ଼, ଓକିଲାତି ତ୍ୟାଗକର, ସରକାରୀ ସ୍କୁଲ, କଲେଜରେ ପାଠ ପଢ଼ା ବନ୍ଦକର, ବିଲାତି ଜିନିଷ ଓ ମାଦକ ଦ୍ରବ୍ୟ ବର୍ଜନ କର, କଚେରୀରେ ମାଲି ମୋକଦ୍ଦମା ନ କରି ଗ୍ରାମ ପଞ୍ଚାୟତମାନଙ୍କରେ ଯେଗୁଡ଼ିକର ନିଷ୍ପତ୍ତି କର ।" ସରକାରଙ୍କ ସଙ୍ଗେ ସମସ୍ତ ସମ୍ପର୍କ

ଉଠାଇ ତାକୁ ଅଚଳ କରି ଭାରତର ସ୍ୱାଧୀନତା ହାସଲ କରିବା ଏହି ଆନ୍ଦୋଳନର ମୁଖ୍ୟ ଉଦ୍ଦେଶ୍ୟ ଥିଲା ।

ଭାରତର ପ୍ରତ୍ୟେକ ପ୍ରଦେଶରେ ଏହି ଆନ୍ଦୋଳନ ବ୍ୟାପି ଯାଇଥିଲା । ପଣ୍ଡିତ ମୋତିଲାଲ ନେହେରୁ, ପଣ୍ଡିତ ଜହରଲାଲ ନେହେରୁ, ଦେଶବନ୍ଧୁ ଚିତ୍ତରଞ୍ଜନ ଦାଶ, ଲାଲା ଲଜପତ ରାୟ, ପଣ୍ଡିତ ମଦନମୋହନ ମାଲବ୍ୟ, ପଣ୍ଡିତ ଗୋପବନ୍ଧୁ ଦାଶ ପ୍ରଭୃତି ଭାରତର ପ୍ରସିଦ୍ଧ ନେତାମାନେ ଏହି ଆନ୍ଦୋଳନରେ ଯୋଗ ଦେଇଥିଲେ ।

ମହାଯୁଦ୍ଧ ପରେ ବିଶାଳ ତୁରସ୍କ ସାମ୍ରାଜ୍ୟ ଇଂରେଜମାନଙ୍କ ଦ୍ୱାରା ଧ୍ୱସ୍ତ ହୋଇଥିବାରୁ ଭାରତୀୟ ମୁସଲମାନମାନେ ଅସନ୍ତୁଷ୍ଟ ଥିଲେ । ମୌଲନା ମହମ୍ମଦ ଅଲ୍ଲି ଓ ସୌକତଅଲ୍ଲିଙ୍କ ନେତୃତ୍ୱରେ ମୁସଲମାନମାନେ ଖିଲାଫତ ଆନ୍ଦୋଳନ ଚଳାଇଲେ । ଏହି ସମୟରେ ହିନ୍ଦୁ ଓ ମୁସଲମାନମାନେ ମିଳିତ ହୋଇ ସରକାରଙ୍କ ବିରୁଦ୍ଧରେ ଆନ୍ଦୋଳନ ଚଳାଇଥିଲେ ଏବଂ ଏହା କ୍ରମଶଃ ଭୀଷଣାକାର ଧାରଣ କଲା । ତାଙ୍କ ସମୟରେ ବଙ୍ଗଳାର ଲର୍ଡ଼ ସତ୍ୟେନ୍ଦ୍ରପ୍ରସନ୍ନ ସିଂହ ବିହାର୍‌ଓଡ଼ିଶା ପ୍ରଦେଶର ପ୍ରଥମ ଭାରତୀୟ ଗଭର୍ଣ୍ଣରରୂପେ ନିଯୁକ୍ତ ହୋଇଥିଲେ ।

**ଲର୍ଡ଼ ରିଡିଙ୍ଗ୍** ( ଖ୍ରୀ: ଅ: ୧୯୨୧-୧୯୨୬ )—ଲର୍ଡ଼ ଚେମ୍‌ସ ଫୋର୍ଡ଼ଙ୍କ ପରେ ଲର୍ଡ଼ ରିଡ଼ିଙ୍ଗ୍ ଭାରତର ଶାସନଭାର ଗ୍ରହଣ କଲେ । ସେ ଭାରତକୁ ଆସିବା ସଙ୍ଗେ ସଙ୍ଗେ ଭୀଷଣ ଭାବରେ ଚାଲିଥିବା ଅସହଯୋଗ ଆନ୍ଦୋଳନ ଦମନ କରିବା ପାଇଁ ପ୍ରବଳ ପ୍ରୟାସ କଲେ । ୧୯୨୧ରେ ଯୁବରାଜ ଭାରତ ଭ୍ରମଣରେ ଆସିଥିଲେ, କିନ୍ତୁ ଜନସାଧାରଣ ତାଙ୍କୁ ଅଭ୍ୟର୍ଥନା ବା ସମ୍ମାନ ପ୍ରଦର୍ଶନ କରି ନ ଥିଲେ । କିନ୍ତୁ ମହାତ୍ମା ଗାନ୍ଧି, ଅନ୍ୟାନ୍ୟ ନେତା ଓ କର୍ମୀମାନେ ବନ୍ଦୀ ହେବାରୁ ଅସହଯୋଗ ଆନ୍ଦୋଳନ କ୍ରମଶଃ ଦବିଗଲା । ଏହି ସମୟରେ କଂଗ୍ରେସରେ ଦୁଇ ଦଳ ହୋଇଗଲେ । ଚିତ୍ତରଞ୍ଜନ ଦାଶ, ମୋତିଲାଲ ନେହେରୁ ପ୍ରଭୃତି

ନେତାମାନେ କାଉନ୍‌ସିଲରେ ପ୍ରବେଶ କରି ଶାସନକାର୍ଯ୍ୟକୁ ଅଚଳ କରିବାକୁ ସ୍ଥିର କରି ସ୍ୱରାଜ **ଦଳ** ନାମକ ଗୋଟିଏ ସ୍ୱତନ୍ତ୍ର ଦଳ ଗଠନ କରିଥିଲେ। ସେମାନେ ମହାତ୍ମା ଗାନ୍ଧୀଙ୍କ କାଉନ୍‌ସିଲ ବର୍ଜନ ନୀତିର ପକ୍ଷପାତୀ ନ ଥିଲେ। ୧୯୨୩ ବେଳକୁ ଅସହଯୋଗ ଆନ୍ଦୋଳନ ଲୁପ୍ତ ପ୍ରାୟ ହୋଇଗଲା।

ଲର୍ଡ ରିଡ଼ିଙ୍ଗ୍‌ଙ୍କ ସମୟରେ ଭାରତୀୟ ଦଣ୍ଡବିଧି ଆଇନର ସଂଶୋଧନ ହୋଇଗଲା। ଆନ୍ଦୋଳନ ଫଳରେ 'ରଉଲଟ ଆଇନ' ରହିତ ହୋଇଗଲା। ସେ କାର୍ପାସ ଶୁଳ୍କ ଉଠାଇ ଦେବାରୁ ଭାରତୀୟ ଲୁଗାକଳମାନ ବିଦେଶୀ ଲୁଗାକଳମାନଙ୍କ ସହିତ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ସମର୍ଥ ହୋଇଥିଲେ। ତାଙ୍କ ଅମଳରେ ଡେରାଡୁନ୍‌ଠାରେ ଗୋଟିଏ ମିଲିଟାରୀ (ସାମରିକ) କଲେଜ ସ୍ଥାପିତ ହୋଇଥିଲା।

**ଲର୍ଡ ଇରଉଇନ** (ଖ୍ରୀ: ଅ: ୧୯୨୬-୧୯୩୧)—ଲର୍ଡ ରିଡ଼ିଙ୍ଗଙ୍କ ପରେ ଲର୍ଡ ଇରଉଇନ ଭାରତର ଭାଇସରୟ ହେଲେ। ସେ ଜଣେ ଉଦାର ହୃଦୟ ଶାସକ ଥିଲେ।



ଲର୍ଡ ଇରଉଇନ

**ସାଇମନ କମିଶନ**—ଭାରତରେ ମଣ୍ଟେଗୁ-ଚେମସ୍‌ଫୋର୍ଡ ଶାସନ ସଂସ୍କାର କିପରି କାର୍ଯ୍ୟକାରୀ ହୋଇଛି ଓ ଭାରତୀୟମାନେ ଶାସନ ବିଷୟରେ ଅଧିକ କ୍ଷମତା ପାଇବାପାଇଁ କେତେଦୂର ଉପଯୁକ୍ତ ହେଲେଣି, ସେ ବିଷୟରେ ଅନୁସନ୍ଧାନ କରି ରିପୋର୍ଟ ଦେବା-ପାଇଁ ଇଂରେଜ ସରକାର ୧୯୨୮ ଖ୍ରୀଷ୍ଟାବ୍ଦରେ **ସାଇମନ କମିଶନ** ନିଯୁକ୍ତ କରିଥିଲେ। ଏହି କମିଶନ ବା ସମିତିରେ ସାତ ଜଣ ସଭ୍ୟ ଥିଲେ ଓ ସାର୍ ଜନ୍ ସାଇମନ୍ ନାମକ

ଜଣେ ବିଚକ୍ଷଣ ବ୍ୟକ୍ତି ଏହି କମିଶନର ସଭାପତି ଥିଲେ । ଏହି କମିଶନରେ କୌଣସି ଭାରତୀୟ ସଭ୍ୟ ନ ଥିବାରୁ ଭାରତୀୟମାନେ ନିରାଶ ଓ କ୍ଷୁବ୍ଧ ହୋଇଥିଲେ । କଂଗ୍ରେସ ଏହି କମିଶନକୁ ବର୍ଜନ କରିବା ପାଇଁ ଦେଶରେ ପ୍ରବଳ ଆନ୍ଦୋଳନ ଚଳାଇଲା । ତଥାପି ଏହି କମିଶନ ଭାରତର ନାନାସ୍ଥାନରେ ବୁଲି ସାକ୍ଷ୍ୟ ଗ୍ରହଣ କରିଥିଲେ ଓ ବିଲାତ ପାର୍ଲିଆମେଣ୍ଟରେ ଗୋଟିଏ ରିପୋର୍ଟ ଦାଖଲ କରିଥିଲେ ।

**ଆଇନ ଅମାନ୍ୟ ଆନ୍ଦୋଳନ**—୧୯୨୯ ରେ ପଣ୍ଡିତ ଜହରଲାଲଙ୍କ ସଭାପତିତ୍ୱରେ ଲାହୋର କଂଗ୍ରେସ ସ୍ୱାଧୀନତା ଭାରତର ଲକ୍ଷ୍ୟ ବୋଲି ଘୋଷଣା କରିଥିଲା । ୧୯୩୦ରେ ମାର୍ଚ୍ଚ ମାସରେ ମହାତ୍ମା ଗାନ୍ଧୀ 'ଆଇନ ଅମାନ୍ୟ' ଆନ୍ଦୋଳନ ଚଳାଇଲେ ଓ 'ଲବଣ-ସତ୍ୟାଗ୍ରହ' କରି ପ୍ରଥମେ ଲବଣ ଆଇନ ଅମାନ୍ୟ କରିଥିଲେ । ସାଧାରଣ ଲୋକଙ୍କର ଲୁଣ ମାରିବା ଅଧିକାର ନାହିଁ । କେହି ସରକାରଙ୍କ ବିନାନୁମତିରେ ଲୁଣ ମାରିଲେ ଦଣ୍ଡ ଭୋଗ କରନ୍ତି । ମହାତ୍ମା ଗାନ୍ଧୀଙ୍କ ଉପଦେଶାନୁସାରେ ସମୁଦ୍ର-କୂଳବାସୀ ଲୋକେ ଲବଣ ଆଇନ ଅମାନ୍ୟ କରି ଲୁଣ ମାରିଲେ । ଫଳରେ ସହସ୍ର ସହସ୍ର ଲୋକ ଜେଲ ଯାଇଥିଲେ ଓ ଜରିମାନା



ପଣ୍ଡିତ ଜହରଲାଲ

ଦେଇଥିଲେ । ସରକାରଙ୍କ ସହିତ ସମସ୍ତ ସମ୍ପର୍କ ଛିଣ୍ଡାଇ ଦେବାକୁ ମହାତ୍ମା ଗାନ୍ଧୀ ଓ କଂଗ୍ରେସ ନେତାମାନେ ସର୍ବତ୍ର ପ୍ରଚାର କଲେ । ସେମାନଙ୍କ କଥା ମାନି ଶତ ଶତ ଲୋକ ଆଇନ ଅମାନ୍ୟ, ଅବକାରୀ ଦୋକାନ ଓ ବିଲାତି ଲୁଗା ଦୋକାନମାନଙ୍କ ସମ୍ମୁଖରେ ପିକେଟିଙ୍ଗ୍, ଖଜଣା ବନ୍ଦ, ଖଜୁରି ଗଛ କାଟିବା, ସଭା ସମିତି ଓ ହରତାଳ ଇତ୍ୟାଦି କରିଥିଲେ । ଏହା ଫଳରେ ନାନା ସ୍ଥାନରେ ଲାଠି ମାଡ଼ ଚାଲିଲା । ନେତାମାନେ ଓ ପ୍ରାୟ ୬୦,୦୦୦ କର୍ମୀ ବନ୍ଦୀ ହୋଇଥିଲେ । କର୍ମୀ ଓ ଲୋକମାନଙ୍କଠାରୁ ବହୁତ ଜରିମାନା ଅସୁଲ ହୋଇଥିଲା । ଅନେକ ଲୋକଙ୍କର ସମ୍ପତ୍ତି ବାଜେୟାପ୍ତ ହୋଇଥିଲା । ଏହି ଭୀଷଣ ଆନ୍ଦୋଳନ ଦମନ କରିବା ପାଇଁ ସରକାର ଅନେକ ଗୁଡ଼ିଏ ଅର୍ଡ଼ିନାନ୍ସ୍ ବା ଦମନମୂଳକ ଅସ୍ଥାୟୀ ଆଇନ ଜାରି କରିଥିଲେ ।

ଭାରତୀୟ ଲୋକମାନଙ୍କୁ ଆଶ୍ୱସ୍ତ କରିବା ପାଇଁ ଲର୍ଡ଼ ଇରୱିନ୍ ଭାରତକୁ ଡୋମିନିୟନ୍‌ଷ୍ଟେଟସ ବା ଔପନିବେଶିକ ସ୍ୱାୟତ୍ତ ଶାସନ ପ୍ରଦାନ କରିବା ଇଂରେଜ ସରକାରଙ୍କ ଲକ୍ଷ୍ୟ ବୋଲି ଘୋଷଣା କରିଥିଲେ । ଭାରତର ଭବିଷ୍ୟତ୍ ଶାସନ ସମ୍ବନ୍ଧରେ ଆଲୋଚନା କରିବା ପାଇଁ ୧୯୩୦ ନଭେମ୍ବର ଓ ଡିସେମ୍ବର ମାସରେ ବିଲାତରେ ପ୍ରଥମ **ଗୋଲଟେବୁଲ୍ ବୈଠକ** ବସିଥିଲା । କଂଗ୍ରେସ ଏହି ବୈଠକରେ ଯୋଗଦାନ କରି ନ ଥିଲା । ମାତ୍ର ଭାରତର ମାନ୍ୟଗଣ୍ୟ ନେତା ଓ ବଡ଼ ବଡ଼ ରାଜାମାନେ ଏଥିରେ ଯୋଗ ଦେଇଥିଲେ । ଏହି ବୈଠକରେ ଭାରତରେ ରାଷ୍ଟ୍ରସଙ୍ଘ ପ୍ରତିଷ୍ଠା ଓ ବ୍ରହ୍ମ ଦେଶକୁ ଭାରତରୁ ପୃଥକ୍ କରିବା ସ୍ଥିର ହୋଇଥିଲା ।

ବହୁ ଆଲୋଚନା ପରେ ଲର୍ଡ଼ ଇରୱିନ୍ ୧୯୩୧ ଖ୍ରୀଷ୍ଟାବ୍ଦର ମାର୍ଚ୍ଚ ମାସରେ ମହାତ୍ମା ଗାନ୍ଧୀଙ୍କ ସହିତ ଚୁକ୍ତି କରିଥିଲେ । ଏହା **ଗାନ୍ଧୀ-ଇରୱିନ୍ ଚୁକ୍ତି** ନାମରେ ଅଭିହିତ । ଏହା ଫଳରେ ମହାତ୍ମା

ଗାନ୍ଧୀ ଅଇନ ଅମାନ୍ୟ ଆନ୍ଦୋଳନ ସ୍ଥଗିତ ରଖିଲେ ଓ ସମୁଦ୍ର କୂଳରେ ବାସ କରୁଥିବା ଲୋକମାନେ ନିଜ ନିଜର ବ୍ୟବହାର ପାଇଁ ଲୁଣ ମାରିବାର ଅଧିକାର ପାଇଲେ ; ରାଜନୈତିକ ବନ୍ଦୀମାନେ ଖଲାସ ହେଲେ । ମହାତ୍ମା ଗାନ୍ଧୀ କଂଗ୍ରେସର ପ୍ରତିନିଧି ସ୍ୱରୂପ ଦ୍ୱିତୀୟ ଗୋଲ ଟେବୁଲ ବୈଠକରେ ଯୋଗ ଦେବାର ସ୍ଥିର ହେଲା ।

୧୯୨୭ ଖ୍ରୀଷ୍ଟାବ୍ଦରେ ଅଫଗାନିସ୍ଥାନର ଅମୀର ଅମାନୁଲ୍ଲା ଭାରତ ଭ୍ରମଣ କରି ସମ୍ମାନର ସହିତ ଅଭ୍ୟର୍ଥିତ ହୋଇଥିଲେ । ଇରଉଇନଙ୍କ ସମୟରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ବ୍ୟୋମଯାନରେ ଡାକ ନେବା ଆଣିବାର ବ୍ୟବସ୍ଥା ହୋଇଥିଲା । ୧୯୨୯ ଖ୍ରୀଷ୍ଟାବ୍ଦରେ ବାଲ୍ୟ ବିବାହ ନିରୋଧ କରିବା ପାଇଁ ଶାରଦା ଅଇନ ପ୍ରଣୀତ ହୋଇଥିଲା ।

**ଲର୍ଡ଼ ଉଇଲିଙ୍ଗ୍‌ଡନ୍** ( ଖ୍ରୀ: ଅ: ୧୯୩୧—୧୯୩୬ )— ଲର୍ଡ ଇରଉଇନ୍‌ଙ୍କ ପରେ ଲର୍ଡ଼ ଉଇଲିଙ୍ଗ୍‌ଡନ୍ ଭାରତର ଭାଇସରୟ ହେଲେ । ଏଥି ପୂର୍ବରୁ ସେ ବମ୍ବେ ଓ ମାନ୍ଦ୍ରାଜ ପ୍ରଦେଶର ଗଭର୍ଣ୍ଣର ଥିଲେ । ସେ ଆସିବାର ଅଳ୍ପଦିନ ପରେ ୧୯୩୧ ସେପ୍ଟେମ୍ବର-ଠାରୁ ଡିସେମ୍ବର ପର୍ଯ୍ୟନ୍ତ ବିଲାତରେ **ଦ୍ୱିତୀୟ ଗୋଲଟେବୁଲ ବୈଠକ** ବସିଥିଲା । ମହାତ୍ମା ଗାନ୍ଧୀ କଂଗ୍ରେସର ପ୍ରତିନିଧି ସ୍ୱରୂପ ସେଥିରେ ଯୋଗ ଦେଇଥିଲେ । ସେଠାରେ ମହାତ୍ମା ଗାନ୍ଧୀଙ୍କ ପ୍ରବଳ ଚେଷ୍ଟା ସତ୍ତ୍ୱେ ସାମ୍ପ୍ରଦାୟିକ ସମସ୍ୟାର କୌଣସି ସମାଧାନ ହୋଇ ପାରିଲା ନାହିଁ । ତଥାପି ସେଠାରେ ପ୍ରଦେଶମାନଙ୍କୁ ସ୍ୱାତନ୍ତ୍ର୍ୟ ପ୍ରଦାନ ଓ ଭାରତରେ ରାଷ୍ଟ୍ରସଙ୍ଘ ଗଠନ କରିବା ସ୍ଥିର ହୋଇଥିଲା । ଏହାଦ୍ୱାରା ଭାରତର ପ୍ରକୃତ ଦାବୀ ପୂର୍ଣ୍ଣ ହେବାର ଆଶା ନ ଦେଖି ମହାତ୍ମା ଗାନ୍ଧୀ ଡିସେମ୍ବର ମାସରେ ଭାରତକୁ ଫେରି ପୁନର୍ବାର ଅଇନ ଅମାନ୍ୟ ଆନ୍ଦୋଳନ ଚଳାଇଲେ । ମହାତ୍ମା ଗାନ୍ଧୀ, ଭାରତର ଶତ ଶତ ନେତା

ଓ କର୍ମୀ ବନ୍ଦୀ ହେଲେ । ବଡ଼ଲାଟ ଏହି ଆନ୍ଦୋଳନ ଦବାଇବା ପାଇଁ ପୁଣି ଅର୍ଡିନାନ୍‌ସମାନ ଜାରି କଲେ ।

ଭାରତର ନାନା ସ୍ଥାନରେ ହିନ୍ଦୁ ମୁସଲମାନମାନଙ୍କ ମଧ୍ୟରେ ମାରପିଟ ଲାଗିଲା ଓ ସାମ୍ପ୍ରଦାୟିକ ବିଦ୍ୱେଷ ଭାବ ପ୍ରବଳ ହେଲା । ଅସ୍ପୃଶ୍ୟ ଜାତି ବା ହରିଜନମାନେ ଡାକ୍ତର ଅମ୍ବେଦକରଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ନିର୍ବାଚନ ଦାବୀ କଲେ । ୧୯୩୨ ନଭେମ୍ବର ମାସରେ ବିଲାତର ପ୍ରଧାନର ମନ୍ତ୍ରୀ ରାମସେ ମାକ୍‌ଡୋନାଲ୍‌ଡ଼ ଭାରତର ( Communal Award ) ବା ସାମ୍ପ୍ରଦାୟିକ ନିର୍ବାଚନ ପ୍ରଥା ପ୍ରଚଳନ କରିବାକୁ ସ୍ଥିର କଲେ । ଏହା ମୁସଲମାନଙ୍କ ଦ୍ୱାରା ଗୃହୀତ ହେଲା । କିନ୍ତୁ କଂଗ୍ରେସ ଓ ହିନ୍ଦୁମାନେ ଏଥିରେ ଘୋର ଅସନ୍ତୋଷ ପ୍ରକାଶ କଲେ । ଭାରତରେ ଏପରି ବିଦ୍ରୋହ ଓ ଅସନ୍ତୋଷ ଭାବ ଭୀଷଣାକାର ଧାରଣ କରିବା ସମୟରେ ୧୯୩୨ ନଭେମ୍ବର ମାସରେ ବିଲାତରେ **ତୃତୀୟ ଗୋଲଟେବୁଲ ବୈଠକ** ବସିଲା । ଏହା ପରେ ଇଂରେଜ ସରକାର **ହ୍ୱାଇଟ ପେପର** ବା 'ଧଳା କାଗଜ' ନାମକ ଶାସନ ଖସଡ଼ା ବାହାର କରିଥିଲେ । ଏଥିରେ ଓଡ଼ିଶା ଓ ସିନ୍ଧୁ ଦୁଇଟି ସ୍ୱତନ୍ତ୍ର ପ୍ରଦେଶ ହେବାର ଘୋଷିତ ହୋଇଥିଲା । କିନ୍ତୁ ଏହି ଶାସନ ଖସଡ଼ା ଭାରତୀୟମାନଙ୍କର ଆଦୌ ମନୋମତ ହୋଇ ନ ଥିଲା । ଏହା ପରେ ଇଂଲଣ୍ଡରେ ଭାରତଶାସନ ସମ୍ବନ୍ଧରେ ଆଲୋଚନା କରିବାପାଇଁ ଜଏଣ୍ଟ ପାର୍ଲିମେଣ୍ଟାରି କମିଟି ବସିଥିଲା । ବହୁ ଆଲୋଚନା ପରେ ଭାରତର ନୂତନ ଶାସନ ଖସଡ଼ା ୧୯୩୫ ଖ୍ରୀଷ୍ଟାବ୍ଦର 'ଭାରତ ଶାସନ ଆଇନ'ରେ ଲିପିବଦ୍ଧ ହେଲା । ୧୯୩୪ ରେ ବିହାରରେ ଓ ୧୯୩୫ ରେ କ୍ୱେଟାରେ ଭୂମିକମ୍ପ ଯୋଗୁଁ ବହୁ ଧନଜନ କ୍ଷୟ ହୋଇଥିଲା । ୧୯୩୫ ମେ ମାସ ୬ ତାରିଖରେ ସମ୍ରାଟ୍ ପଞ୍ଚମ ଜର୍ଜଙ୍କର ୨୫ ବର୍ଷ ରାଜତ୍ୱ ପୂର୍ଣ୍ଣ ହେବାରୁ ସମଗ୍ର ବ୍ରିଟିଶ ସାମ୍ରାଜ୍ୟରେ ରୌପ୍ୟ ଜୁବିଲି ଉତ୍ସବ ପାଳିତ

ହୋଇଥିଲା । କିନ୍ତୁ ଏହି ଉତ୍ସବର ଅଳ୍ପ କାଳ ପରେ ୧୯୩୬ ଜାନୁଆରୀ ମାସରେ ସମ୍ରାଟଙ୍କର ମୃତ୍ୟୁ ହୋଇଥିଲା । ତାଙ୍କ ପରେ ତାଙ୍କର ଜ୍ୟେଷ୍ଠ ପୁତ୍ର ଅଷ୍ଟମ ଏଡ୍‌ୱାର୍ଡ଼ ସମ୍ରାଟ୍ ହେବାର ସ୍ଥିର ହୋଇଥିଲା । କିନ୍ତୁ ସେ ୧୯୩୬ ଡିସେମ୍ବର ୧୦ ତାରିଖରେ ନାନା କାରଣ ବଶତଃ ସିଂହାସନ ତ୍ୟାଗ କରିବାରୁ ତାଙ୍କର କନିଷ୍ଠ ଭ୍ରାତା ଷଷ୍ଠ ଜର୍ଜ୍ଜ ବର୍ତ୍ତମାନ ଭାରତର ସମ୍ରାଟ୍ ହୋଇଅଛନ୍ତି । ୧୯୩୭ ମେ ୧୨ ତାରିଖରେ ସମ୍ରାଟ ଷଷ୍ଠଜର୍ଜ୍ଜଙ୍କ ଅଭିଷେକୋତ୍ସବ ସମଗ୍ର ଭାରତରେ ପାଳିତ ହୋଇଥିଲା ।



ସମ୍ରାଟ୍ ଷଷ୍ଠ ଜର୍ଜ୍ଜ

**ଲର୍ଡ଼ ଲିନ୍‌ଲିଥ୍‌ଗୋ**—ଲର୍ଡ଼ ଉଇଲିଙ୍ଗ୍‌ଡନଙ୍କ ପରେ (ଖ୍ରୀ: ଅ: ୧୯୩୬) ଲର୍ଡ଼ ଲିନ୍‌ଲିଥ ଗୋ ଭାରତର ଶାସନଭାର ଗ୍ରହଣ କରିଅଛନ୍ତି । ସେ ଭାରତୀୟ କୃଷି କମିସନର ସଭାପତି ଥିଲେ ଓ ଭାରତ ଶାସନ ସମ୍ବନ୍ଧରେ ତାଙ୍କର ପୂର୍ବରୁ ବିଶେଷ ଅଭିଜ୍ଞତା ଥିଲା । ସେ ବଡ଼ଲାଟ ହେବା ସଙ୍ଗେ ସଙ୍ଗେ ଭାରତର ୧୧ଟି ପ୍ରଦେଶରେ ପ୍ରାଦେଶିକ ସ୍ୱତନ୍ତ୍ରତା ଆରମ୍ଭ ହେଲା । ଓଡ଼ିଶା, ବିହାର, ଯୁକ୍ତପ୍ରଦେଶ, ମାନ୍ଦ୍ରାଜ,

ବମ୍ବେ ଓ ମଧ୍ୟପ୍ରଦେଶରେ କଂଗ୍ରେସଦଳର ସଭ୍ୟମାନେ Assembly ବା ପ୍ରାଦେଶିକ ବ୍ୟବସ୍ଥାସଭାମାନଙ୍କୁ ଅଧିକ ସଂଖ୍ୟାରେ ନିର୍ବାଚିତ ହେଲେ । ମହାତ୍ମା ଗାନ୍ଧୀଙ୍କ ଦାବୀ ଅନୁସାରେ ବଡ଼ଲାଟସାହେବ ପ୍ରାଦେଶିକ



ଲର୍ଡ଼ ଲିନ୍ଲିଥ୍ ଗୋ

ଲାଟମାନେ ମନ୍ତ୍ରୀମାନଙ୍କ ଦୈନନ୍ଦିନ ଶାସନକାର୍ଯ୍ୟରେ ହସ୍ତକ୍ଷେପ କରିବେ ନାହିଁ ବୋଲି ନିର୍ଭର ଜବାବ ଦେବାରୁ କଂଗ୍ରେସଦଳ ଉପରୋକ୍ତ ୬ଟି ପ୍ରଦେଶରେ ମନ୍ତ୍ରୀତ୍ୱ ଗ୍ରହଣ କଲେ । ଏହି ଘୋଷଣାରେ ବଡ଼ଲାଟ ବିଶେଷ ବିଚକ୍ଷଣତା ଓ ଦୂରଦର୍ଶିତାର ପରିଚୟ ଦେଇଥିଲେ । ଏହାପରେ ସୀମାନ୍ତ ପ୍ରଦେଶ ଓ ଆସାମରେ ମିଳିତ କଂଗ୍ରେସ ମନ୍ତ୍ରୀତ୍ୱ ପ୍ରତିଷ୍ଠିତ ହେଲା । ଫଳରେ ବଙ୍ଗ, ପଞ୍ଜାବ ଓ ସିନ୍ଧୁ ବ୍ୟତୀତ ଅନ୍ୟ ଆଠଟି ପ୍ରଦେଶରେ କଂଗ୍ରେସଦଳ ମନ୍ତ୍ରୀତ୍ୱ ଗ୍ରହଣ କରିଥିଲେ । ସେମାନେ ସେମାନଙ୍କର ସୀମାବଦ୍ଧ କ୍ଷମତା ମଧ୍ୟରେ ଲୋକମାନଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ ଯଥାସାଧ୍ୟ ଚେଷ୍ଟା କରିଥିଲେ । କିନ୍ତୁ ଇଉରୋପୀୟ ଯୁଦ୍ଧ ଯୋଗୁଁ ଭାରତର ରାଜନୈତିକ ପରିସ୍ଥିତି ଜଟିଳ ହେବାରୁ ଆଠଟି ପ୍ରଦେଶରେ କଂଗ୍ରେସ ମନ୍ତ୍ରୀମାନେ ଇସ୍ତଫା ଦେଲେ । ବର୍ତ୍ତମାନ ବଙ୍ଗ, ଆସାମ, ସିନ୍ଧୁ ଓ ପଞ୍ଜାବ ବ୍ୟତୀତ ଅନ୍ୟ ସାତଟି ପ୍ରଦେଶରେ ପ୍ରାଦେଶିକ ଲାଟମାନେ ଶାସନକାର୍ଯ୍ୟ ପରିଚାଳନ କରୁଛନ୍ତି ।

ଭାରତ ଶାସନ ଆଇନର ଅନ୍ୟଭାଗ ରାଷ୍ଟ୍ରସଙ୍ଘ ଏ ପର୍ଯ୍ୟନ୍ତ ପ୍ରତିଷ୍ଠିତ ହୋଇ ନାହିଁ । କଂଗ୍ରେସ, ମୁସଲମ୍ ଲିଗ୍ ପ୍ରଭୃତି ଭାରତର ସମସ୍ତ ଦଳ ରାଷ୍ଟ୍ରସଙ୍ଘ ପ୍ରଚଳନର ଘୋର ବିରୋଧୀ । କାରଣ ପ୍ରଦେଶମାନଙ୍କରୁ ନିର୍ବାଚିତ ସଭ୍ୟମାନଙ୍କ ସହିତ ଗଡ଼ଜାତ ରାଜାମାନଙ୍କ ଦ୍ୱାରା ମନୋନୀତ ସଭ୍ୟମାନଙ୍କର ଏକତ୍ର ସମାବେଶ କିମ୍ଭୂତକିମାକାର ବୋଲି ଜାତୀୟବାଦୀ ନେତାମାନେ ମତ ପ୍ରକାଶ କରୁଛନ୍ତି । ୧୯୩୯ ରେ ମହୀଶୂର, ତ୍ରାଭଙ୍କୋର, ହାଇଦ୍ରାବାଦ, ରାଜକୋଟ, ଜୟପୁର, ତାଳଚେର, ଢେଙ୍କାନାଳ, ନୀଳଗିରି, ରଣପୁର ପ୍ରଭୃତି କ୍ଷୁଦ୍ର ବୃହତ୍ ଅନେକ ଦେଶୀୟରାଜ୍ୟର ଅଧିବାସୀମାନେ ଶାସନ ଅଧିକାର ଲାଭକରିବାପାଇଁ ପ୍ରବଳ ଆନ୍ଦୋଳନ ଚଳାଇଥିଲେ । ଏହା ଫଳରେ ଅନେକ ଦେଶୀୟ ରାଜ୍ୟରେ ପ୍ରଜାମାନଙ୍କୁ ଶାସନ ସମ୍ବନ୍ଧରେ ସୀମାବଦ୍ଧ ଅଧିକାର ପ୍ରଦତ୍ତ ହେଲଣି । ବଡ଼ଲାଟ ସାହେବ ୧୯୩୯ ମାର୍ଚ୍ଚ ମାସରେ ଦେଶୀୟରାଜ୍ୟ ରାଜାମାନଙ୍କର ଗୋଟିଏ ସଭାରେ ସେମାନଙ୍କୁ ସମୟର ଗତିକୁ ଲକ୍ଷ୍ୟ କରି ସ୍ୱ ସ୍ୱ ରାଜ୍ୟରେ ସୀମାବଦ୍ଧ ଗଣତନ୍ତ୍ର ଶାସନ ଚଳାଇବାକୁ ଉପଦେଶ ଦେଇଥିଲେ । ଇଉରୋପୀୟ ଯୁଦ୍ଧଯୋଗୁଁ ବିଲାତ ସରକାରଙ୍କ ଘୋଷଣାଦ୍ୱାରା ବର୍ତ୍ତମାନ ରାଷ୍ଟ୍ରସଙ୍ଘ ସ୍ଥଗିତ ରଖାଯାଇଛି ।

———

## ଦଶମ ଅଧ୍ୟାୟ

## ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ

ମୋଗଲ ରାଜତ୍ୱ ଆରମ୍ଭରେ ଉତ୍କଳପ୍ରଦେଶ ଗଙ୍ଗାଠାରୁ ଗୋଦାବରୀ ଓ ସମୁଦ୍ରଠାରୁ ରାୟପୁରପର୍ଯ୍ୟନ୍ତ ବିସ୍ତୃତ ଥିଲା । ଓଡ଼ିଶାର ଶେଷସ୍ୱାଧୀନ ରାଜା ମୁକୁନ୍ଦଦେବଙ୍କ ରାଜତ୍ୱରେ (୧୫୫୧—୧୫୬୮) ଉତ୍କଳର ପତନ ଆରମ୍ଭ ହେଲା । ବଙ୍ଗନବାବଙ୍କ ସେନାପତି କଳାପାହାଡ଼ଙ୍କ

ଆକ୍ରମଣ ଫଳରେ ( ୧୫୬୮ ) ଓ ଉତ୍କଳର ଉତ୍ତରାଂଶ ( ହୁଗୁଳୀନଦୀଠାରୁ ଚିଲ୍କାପର୍ଯ୍ୟନ୍ତ ବିସ୍ତୃତ ଅଞ୍ଚଳ ) ବଙ୍ଗ ନବାବଙ୍କ ଅଧୀନ ହେଲା । କିନ୍ତୁ ଓଡ଼ିଶାର ଗଡ଼ଜାତମାନ ବଙ୍ଗ ନବାବଙ୍କ ଅଧୀନତା ସ୍ୱୀକାର କରି ନ ଥିଲେ । ଅକବରଙ୍କ ରାଜତ୍ୱରେ ୧୫୭୧ ରେ ଉତ୍କଳ ମୋଗଲ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ ହେଲା । ୧୫୮୨ ରେ ତୋଡ଼ରମଲ୍ଲ ରୂପନାରାୟଣ ନଦୀଠାରୁ ଗୋଦାବରୀ ନଦୀ ପର୍ଯ୍ୟନ୍ତ ବିସ୍ତୃତ ରାଜ୍ୟ ଅଧିକାର କରି ଏହାକୁ ପାଞ୍ଚଟି ସରକାରରେ ବିଭକ୍ତ କରିଥିଲେ । ଓଡ଼ିଶାର ଗଡ଼ଜାତଗୁଡ଼ିକ ମୋଗଲସମ୍ରାଟଙ୍କ କରଦ ରାଜ୍ୟରେ ପରିଣତ ହେଲେ । ଅକବରଙ୍କ ରାଜତ୍ୱରେ ଭୋଇବଂଶ ରାଜାଙ୍କୁ ଖୋରଧା ଓ ତାର ନିକଟବର୍ତ୍ତୀ ୧୪୦୦୦ ବର୍ଗ ମାଇଲର ଖଣ୍ଡିଏ ରାଜ୍ୟ ଦିଆଗଲା । ଭୋଇବଂଶର ରାଜାମାନେ ଇଂରେଜଙ୍କ ଆଗମନପର୍ଯ୍ୟନ୍ତ ସେଠାରେ ରାଜତ୍ୱ କରୁଥିଲେ । ଅକବରଙ୍କ ସମୟରୁ ମୋଗଲମାନଙ୍କ ଖାସ ଅଧୀନରେ ଥିବା ରାଜ୍ୟକୁ ମୋଗଲବନ୍ଦୀ କୁହାଗଲା । ମୋଗଲ ସାମ୍ରାଜ୍ୟର ପତନପରେ ବିଶାଳ-ଉତ୍କଳର ଅଙ୍ଗଚ୍ଛେଦ ଆରମ୍ଭ ହେଲା । ବଙ୍ଗ, ବିହାର ଓ ଓଡ଼ିଶାର ସୁବାଦାର ମୁର୍ଶିଦ୍ କୁଲିଖାଁ ( ୧୭୦୪-୧୭୨୫ ) ସୁବର୍ଣ୍ଣରେଖାର ଉତ୍ତରକୁ ଥିବା ଓଡ଼ିଆ ଅଞ୍ଚଳ ବଙ୍ଗ ପ୍ରଦେଶରେ ମିଶାଇ ଦେଲେ । ସେହିଦିନୁ ସୁବର୍ଣ୍ଣରେଖା ଓଡ଼ିଶା ଓ ବଙ୍ଗଦେଶର ସୀମା ରହିଲା । ଖ୍ରୀ: ଅ: ୧୭୨୩ରୁ ଆସଫଝା ( ନିଜାମ ଉଲ୍‌ମୁଲକ ) ହାଇଦ୍ରାବାଦରେ ଶକ୍ତିଶାଳୀ ହୋଇ ଖୋର୍ଧାର ଭୋଇବଂଶ ରାଜାଙ୍କୁ ପରାସ୍ତ କରି ଚିକାଲିଠାରୁ ଚିଲିକାପର୍ଯ୍ୟନ୍ତ ବିସ୍ତୃତ ରାଜ୍ୟ ଅଧିକାର କରିନେଲେ । ସମଗ୍ର ଚିକାକୋଲ ଓ ଗଞ୍ଜାମ ଜିଲ୍ଲା ମିଶି 'ଉତ୍ତର ସର୍କାର' ନାମରେ ପରିଚିତ ହେଲା । ଖ୍ରୀ: ଅ: ୧୭୩୦ ବେଳକୁ ଉତ୍କଳପ୍ରଦେଶ ସୁବର୍ଣ୍ଣରେଖା ଓ ଚିଲିକା ମଧ୍ୟରେ ଆବଦ୍ଧ ରହିଲା । ଏହି ସଙ୍କୁଚିତ ଉତ୍କଳ ପ୍ରଦେଶରେ

୧୭୫୧ ରେ ନାଗପୁରର ଭୋନ୍‌ସଲ ରାଜା ମରହଟ୍ଟା ରାଜତ୍ୱ ପ୍ରତିଷ୍ଠା କରିଥିଲେ ।

**ଇଂରେଜ ଅଧିକାର**—ଦେୱାନୀଯୁକ୍ତି ଫଳରେ ଇଂରେଜମାନେ ବଙ୍ଗପ୍ରଦେଶ ପାଇଲେ ଓ ମେଦିନୀପୁର ଅଞ୍ଚଳ ବଙ୍ଗରେ ଥିବାରୁ ଇଂରେଜ ଅଧିକାରଭୁକ୍ତ ହେଲା । ତଥାପି ମେଦିନୀପୁର ଅଞ୍ଚଳ ବହୁକାଳ କମ୍ପାନୀର ସନନ୍ଦ ଓ କାଗଜପତ୍ରରେ ଓଡ଼ିଶା ନାମରେ ଅଭିହିତ ହେଉଥିଲା । ପ୍ରାୟ ୨୦୦ ବର୍ଷର ବଙ୍ଗାଳୀ-ପ୍ରାଧାନ୍ୟ ଫଳରେ ମେଦିନୀପୁର ଅଞ୍ଚଳରୁ ଲକ୍ଷ ଲକ୍ଷ ଓଡ଼ିଆ କ୍ରମଶଃ ନିଜର ମାତୃଭାଷା ଓ ଜାତୀୟତା ଭୁଲି ଗଲେ । ୧୭୬୫ ରେ ଉତ୍ତରସରକାର ଇଂରେଜ ଅଧିକୃତ ହୋଇ ମାନ୍ଦ୍ରାଜ ପ୍ରଦେଶର ଅନ୍ତର୍ଭୁକ୍ତ ହେଲା । ଏହା ଫଳରେ ଗଞ୍ଜାମ ଓ ବିଶାଖାପାଟଣା ଅଞ୍ଚଳରେ ଆନ୍ଧ୍ରମାନଙ୍କର ଆଧିପତ୍ୟ ଓ ପ୍ରତିପତ୍ତି କ୍ରମଶଃ ବୃଦ୍ଧିଲାଭ କଲା ଏବଂ ଓଡ଼ିଆମାନଙ୍କର ଅସ୍ତିତ୍ୱ ଲୋପ କରିବାପାଇଁ ପ୍ରବଳ ଚେଷ୍ଟା ଚାଲିଲା । ଖ୍ରୀ: ଅ: ୧୮୦୩ ରେ ଇଂରେଜମାନେ ଦେବଗ୍ରାମସନ୍ଧି ଫଳରେ ନାଗପୁରର ଭୋନ୍‌ସଲଙ୍କଠାରୁ ପୁରୀ, କଟକ, ବାଲେଶ୍ୱର ତିନି ଜିଲ୍ଲା ପାଇଲେ । ସେତେବେଳେ ସରକାର ମେଦିନୀପୁର, ଗଞ୍ଜାମ, ବିଶାଖାପାଟଣା ପ୍ରଭୃତି ଓଡ଼ିଆ ଜିଲ୍ଲାମାନଙ୍କୁ ଓଡ଼ିଶା ସହିତ ମିଶାଇଲେ ନାହିଁ । ଓଡ଼ିଶାର ଗଡ଼ଜାତମାନଙ୍କୁ ମଧ୍ୟ ଖାସ୍ ଦଖଲରେ ଆଣିବାକୁ ସରକାର ବିଶେଷ ଚେଷ୍ଟା କରି ନ ଥିଲେ । ଗଡ଼ଜାତର ରାଜାମାନେ ସରକାରଙ୍କ କରଦ ରାଜାରୂପେ ରହିଲେ । କେବଳ ୧୮୪୦ରେ ବାଙ୍କୀ, ୧୮୪୭ରେ କନ୍ଧମାଳ ଓ ଅନୁଗୁଳ ବ୍ରିଟିଶ୍ ଓଡ଼ିଶା ସହିତ ମିଶିଲା । ଲର୍ଡ଼ ଡେଲ୍‌ହାଉସୀଙ୍କ ସମୟରେ ସମ୍ବଲପୁର ଇଂରେଜଶାସନାଧୀନ ହେଲା । କିନ୍ତୁ ୧୮୬୨ରେ ଭାରତସରକାର ସମ୍ବଲପୁର ଓ ତାହାର ଗଡ଼ଜାତଗୁଡ଼ିକୁ ଓଡ଼ିଶାରେ ନ ମିଶାଇ ମଧ୍ୟପ୍ରଦେଶରେ ଅନ୍ତର୍ଭୁକ୍ତ କଲେ । ସିଂହଭୂମିର ରାଜା ଓ ଜମିଦାରମାନେ ଏବଂ ଅଧିକାଂଶ

ଅଧିବାସୀ ଓଡ଼ିଆ । ଏହା ୧୮୪୮ରେ ଇଂରେଜଶାସନାଧୀନ ହେଲା । ସରକାର ପ୍ରଥମେ ଏହାକୁ ଛୋଟନାଗପୁର ଓ ୧୮୯୬ରେ ବଙ୍ଗପ୍ରଦେଶର ଅନ୍ତର୍ଭୁକ୍ତ କଲେ । ସରକାର ଓଡ଼ିଆଭାଷାକୁ ଉପେକ୍ଷା କରି ସିଂହଭୂମିରେ ହିନ୍ଦୀ ଓ ବଙ୍ଗଳା ଭାଷାକୁ କଚେରିଭାଷାରୂପେ ଚଳାଇଲେ । ଏହା ଫଳରେ ସେଠାରୁ ଓଡ଼ିଆ ପ୍ରାଧାନ୍ୟ କ୍ରମଶଃ ଲୁପ୍ତ ହେବାକୁ ବସିଲା । ପ୍ରାଚୀନ ଉତ୍କଳ ପ୍ରଦେଶର ବିଭିନ୍ନାଂଶ ଭିନ୍ନ ଭିନ୍ନ ସମୟରେ ଇଂରେଜ ଶାସନାଧୀନ ହେବାରୁ ଓଡ଼ିଆମାନେ ବଙ୍ଗ, ବିହାର, ମଧ୍ୟପ୍ରଦେଶ ଓ ମାନ୍ଦ୍ରାଜରେ ବାଣ୍ଟି ହୋଇଗଲେ ଏବଂ ପ୍ରାଦେଶିକ ସରକାରମାନଙ୍କର ସେମାନଙ୍କପ୍ରତି ଶୁଭଦୃଷ୍ଟି ନ ପଡ଼ିବାରୁ ସେମାନଙ୍କର ଅବସ୍ଥା କ୍ରମଶଃ ଶୋଚନୀୟ ହେଲା ।

ଓଡ଼ିଆଜାତିର ଏ ସମସ୍ତ ଅସୁବିଧା ଦୂର କରିବାପାଇଁ କେତେକ ବିଶିଷ୍ଟ ଇଂରେଜ କର୍ମଚାରୀ ଚେଷ୍ଟା କରିଥିଲେ । ଓଡ଼ିଶା ଓ ଆସାମକୁ ବଙ୍ଗଠାରୁ ପୃଥକ୍ କରିବା ପାଇଁ ୧୮୬୮ରେ ସାର୍ ଷ୍ଟାଫୋର୍ଡ଼ ନର୍ଥକୋର୍ଟ ପ୍ରସ୍ତାବ କରିଥିଲେ । ତଦନୁଯାୟୀ ୧୮୭୪ରେ ଆସାମ ସ୍ୱତନ୍ତ୍ର ପ୍ରଦେଶରୂପେ ଗଠିତ ହେଲା । କିନ୍ତୁ ଉତ୍କଳ ପୂର୍ବ ପରି ରହିଲା । ୧୮୯୫ରେ ଓଡ଼ିଶାର କମିସନର ମିଷ୍ଟର କୁକ୍ ଓଡ଼ିଶାରେ ଗଞ୍ଜାମ ଓ ସମ୍ବଲପୁରକୁ ମିଶାଇବାପାଇଁ ଚେଷ୍ଟା କରିଥିଲେ; କିନ୍ତୁ ତାଙ୍କର ଚେଷ୍ଟା ବିଫଳ ହେଲା । ମହାମନା ଲର୍ଡ଼ କର୍ଜନ୍ ସର୍ବପ୍ରଥମେ ଓଡ଼ିଆଭାଷୀ ଅଞ୍ଚଳମାନଙ୍କର ମିଶ୍ରଣପାଇଁ ଦାବୀ କରିଥିଲେ । ତାଙ୍କ ଚେଷ୍ଟାରେ ସମ୍ବଲପୁରଜିଲ୍ଲାର ଅଧିକାଂଶ ଓ ୬ଟି ଗଡ଼ଜାତ ୧୯୦୫ରେ ଉତ୍କଳସହିତ ମିଶିଲା । କିନ୍ତୁ ମାନ୍ଦ୍ରାଜ ସରକାରଙ୍କ ଘୋର ବିରୁଦ୍ଧାଚରଣ ଯୋଗୁଁ ଦକ୍ଷିଣରେ କୌଣସି ଅଂଶ ଓଡ଼ିଶା ସହିତ ମିଶିଲା ନାହିଁ । ତଥାପି ସମ୍ବଲପୁର ଅନ୍ତର୍ଗତ ଚନ୍ଦ୍ରପୁର, ପଦ୍ମପୁର ଓ ଫୁଲଝର ନାମକ ତିନୋଟି ଓଡ଼ିଆଜମିଦାରୀ ଏବଂ ରାୟପୁର ଅନ୍ତର୍ଗତ ଖଡ଼ିଆଲ ଓ ବିନ୍ଦ୍ରାନୂଆଗଡ଼ ନାମକ ଦୁଇଟି ଓଡ଼ିଆ

ମୂଳକ ଓଡ଼ିଶା ବାହାରେ ରହିଗଲା । ସେହି ପରିତ୍ୟକ୍ତ ଅଞ୍ଚଳରେ ଓଡ଼ିଆମାନଙ୍କ ସଂଖ୍ୟା ପୂର୍ବାପେକ୍ଷା କମିଯିବାରୁ ସେମାନଙ୍କର ଶକ୍ତି କ୍ରମଶଃ କ୍ଷୀଣ ହେଲା । ୧୯୦୫ରେ ପୁରୀ, କଟକ, ବାଲେଶ୍ୱର, ସମ୍ବଲପୁର, ଅନୁଗୁଳ ୫ଟି ଜିଲ୍ଲା ଓ ୨୪ଟି ଗଡ଼ଜାତକୁ ନେଇ ଓଡ଼ିଶା ବିଭାଗ ସୃଷ୍ଟି



ମଧୁସୂଦନ ଦାସ

ହେଲା । ୧୯୦୩ରେ ଲର୍ଡ କର୍ଜନଙ୍କ ଇଙ୍ଗିତରେ ଉତ୍କଳର ବରପୁତ୍ର ସ୍ୱର୍ଗୀୟ ମଧୁସୂଦନ ଦାସ ଦେଶମିଶ୍ରଣ ଆନ୍ଦୋଳନ ଚଳାଇବାପାଇଁ ଉତ୍କଳ ସମ୍ମିଳନୀ ସ୍ଥାପନ କରିଥିଲେ । ଏହା ଦେଶମିଶ୍ରଣ ଅର୍ଥାତ୍ ଓଡ଼ିଶା-ବାହାରେ ଥିବା ସିଂହଭୂମି, ମେଦିନୀପୁର, ଫୁଲଝର, ଖଡ଼ିଆଳ, ପଦ୍ମପୁର,

ଚନ୍ଦ୍ରପୁର, ବନ୍ଦ୍ରାନୁଆଗଡ଼, ଗଞ୍ଜାମ ଜିଲ୍ଲା ଓ ବିଶାଖାପାଟଣା ଜିଲ୍ଲାର ଅଧିକାଂଶ ଓଡ଼ିଶାସହିତ ମିଶାଇବାପାଇଁ ମଧୁବାବୁଙ୍କ ନେତୃତ୍ୱରେ ପ୍ରବଳ ଆନ୍ଦୋଳନ ଚଳାଇଲା । ସ୍ୱର୍ଗୀୟ ପଣ୍ଡିତ ଗୋପବନ୍ଧୁ ଦାସ ଓ ତାଙ୍କର ସହକର୍ମୀମାନଙ୍କ ଅକ୍ଳାନ୍ତ ପରିଶ୍ରମ ଫଳରେ ଗଞ୍ଜାମ ଅଞ୍ଚଳ ଓଡ଼ିଆମାନଙ୍କ ମଧ୍ୟରେ ଅଦ୍ଭୁତ ଜାଗରଣ ଦେଖାଗଲା । ଗୋପବନ୍ଧୁ ବାବୁ ସିଂହଭୂମିରେ ଓଡ଼ିଆ ଶିକ୍ଷାର ପ୍ରସାରପାଇଁ ବିଶେଷ ଚେଷ୍ଟା କରିଥିଲେ । ଭାରତ ସଚିବ ମଣ୍ଟେଗୁ ଓ ବଡ଼ଲାଟ ଲର୍ଡ଼ ଚେମ୍ସଫୋର୍ଡ଼ ଦେଶମିଶ୍ରଣର ଆବଶ୍ୟକତା ସ୍ୱୀକାର କରିଥିଲେ ମଧ୍ୟ ପ୍ରତିବେଶୀ ଜାତିମାନଙ୍କର ପ୍ରବଳ ପ୍ରତିରୋଧ ଯୋଗୁଁ ଉତ୍କଳକୁ ସ୍ୱତନ୍ତ୍ର ପ୍ରଦେଶ କରି ପାରିଲେ ନାହିଁ । ୧୯୨୪ରେ 'ଫିଲିପ୍ ଡଫ୍ କମିସନ' ମାନ୍ଦ୍ରାଜ ଓଡ଼ିଆ ଅଞ୍ଚଳମାନ ଓଡ଼ିଶା ସହିତ ମିଶାଇବାପାଇଁ ଦୃଢ଼ମତ ପ୍ରକାଶ କଲେ । ୧୯୨୯ରେ ସାଇମନ କମିସନ ଦେଶମିଶ୍ରଣ ଓ ସ୍ୱତନ୍ତ୍ର ପ୍ରଦେଶ ଗଠନପାଇଁ ନିଜର ସୁଚିନ୍ତିତ ମନ୍ତବ୍ୟ ପ୍ରକାଶ କରିଥିଲେ । ଏହା ଫଳରେ ଇଂରେଜ ସରକାରଙ୍କ ଦୃଷ୍ଟି ଉତ୍କଳ ପ୍ରତି ଆକୃଷ୍ଟ ହେଲା । ୧୯୩୦ରେ



ପଣ୍ଡିତ ଗୋପବନ୍ଧୁ ଦାସ

ପାରଳା ମହାରାଜା ପ୍ରଥମ ଗୋଲଟେବୁଲ ବୈଠକରେ ଦେଶମିଶ୍ରଣ ଓ ସ୍ୱତନ୍ତ୍ର ପ୍ରଦେଶ ଗଠନ ପାଇଁ ଦୃଢ଼ଭାବରେ ଦାବୀ କରିଥିଲେ । ଏହାପରେ ଭାରତସରକାର ଓଡ଼ିଆଭାଷୀ ଅଞ୍ଚଳର ସୀମା ନିର୍ଦ୍ଧାରଣ କରିବା ପାଇଁ 'ଓଡ଼ନେଲ୍ କମିଟି' ନିଯୁକ୍ତ କରିଥିଲେ । ଏହି କମିଟିର ରିପୋର୍ଟ ସ୍ୱୀକାର କରି ସରକାର ଗଞ୍ଜାମର କେତେକାଂଶ ଓଡ଼ିଶା ସହିତ ମିଶାଇ 'ହ୍ୱାଇଟ ପେପର' ଶାସନଖସଡ଼ାରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବାର ଘୋଷଣା କଲେ (୧୯୩୩) । ଏହି ଖସଡ଼ା ପ୍ରକାଶିତ ହେବାମାତ୍ରେ ଓଡ଼ିଆମାନଙ୍କ ମନରେ ବିଦ୍ରୋହ ଓ ଅସନ୍ତୋଷ ଭାବ ପ୍ରବଳ ହେଲା । ୧୯୩୩ରେ ପାରଳା ମହାରାଜା ଅନ୍ୟ କେତେକ ଓଡ଼ିଆ ନେତାଙ୍କ ସହିତ ପୁନର୍ବାର ବିଲାତ ଯାଇ 'ଜଏଣ୍ଟ ପାର୍ଲାମେଣ୍ଟାରୀ କମିଟି' ସମ୍ମୁଖରେ 'ହ୍ୱାଇଟ୍ ପେପର'ରେ ଘୋଷିତ ସୀମା ବିରୁଦ୍ଧରେ ଘୋର ପ୍ରତିବାଦ ଜଣାଇଲେ । ଏହା ଫଳରେ ମାନ୍ଦ୍ରାଜରୁ ଗଞ୍ଜାମର ଅଧିକାଂଶ, ସମଗ୍ର ଜୟପୁର ଜମିଦାରୀ ଏବଂ ମଧ୍ୟପ୍ରଦେଶରୁ ଖଡ଼ିଆଳ ଓ ପଦ୍ମପୁର ଓଡ଼ିଶା ସହିତ ମିଶିଲା । ୧୯୩୫ରେ 'ଭାରତ ଶାସନ ଆଇନ'ଦ୍ୱାରା ଓଡ଼ିଶା ନୂତନ ପ୍ରଦେଶରୂପେ ଗଠିତ ହେଲା । ପାରଳା ମହାରାଜାଙ୍କ ଚେଷ୍ଟାରେ ପ୍ରାୟ ୧୬୦୦୦ ବର୍ଗମାଇଲ ରାଜ୍ୟ ଓଡ଼ିଶାରେ ମିଶିଲା । ସେଥିଯୋଗୁଁ ସେ ସମଗ୍ର ଓଡ଼ିଆ ଜାତିର ଚିରସ୍ମରଣୀୟ ହେବେ । ତଥାପି ଓଡ଼ିଆମାନେ ଗୋଟିଏ ପୂର୍ଣ୍ଣାଙ୍ଗପ୍ରଦେଶ ପାଇଲେ ନାହିଁ । ଅଦ୍ୟାପି ଓଡ଼ିଶା ବାହାରେ ମେଦନୀପୁର, ସିଂହଭୂମି, ଫୁଲଝର, ଚନ୍ଦ୍ରପୁର, ବନ୍ଧ୍ରାନୁଆଗଡ଼, ତରଲା, ଟିକାଲି, ମଞ୍ଜୁଷା, ବୁଡ଼ାରସିଙ୍ଗ ପ୍ରଭୃତି ଓଡ଼ିଆଅଞ୍ଚଳମାନ ରହିଯାଇଛି । ବର୍ତ୍ତମାନ ପ୍ରତ୍ୟେକ ଅଞ୍ଚଳର ଓଡ଼ିଆମାନେ ପ୍ରାଦେଶିକ ସରକାର ଓ ପ୍ରତିବେଶୀ ଜାତିମାନଙ୍କ ଦ୍ୱାରା ନାନାଭାବରେ ଉତ୍ପୀଡ଼ିତ ଓ ଅତ୍ୟାଚାରିତ ହେଉଛନ୍ତି । ନୂତନ ଶାସନ ପ୍ରଣାଳୀ ଅନୁଯାୟୀ ଓଡ଼ିଶାର ଗଡ଼ଜାତଗୁଡ଼ିକ ବ୍ରିଟିଶ ଓଡ଼ିଶାଠାରୁ କ୍ରମଶଃ ବିଚ୍ଛିନ୍ନ ହୋଇ-

ଯିବାରୁ ଓଡ଼ିଆ ଜାତିର ଏକତା କ୍ରମଶଃ ନଷ୍ଟ ହୋଇଯାଉଛି । ସମଗ୍ର ଓଡ଼ିଆଭାଷୀ ଅଞ୍ଚଳ ଏକଶାସନାଧୀନ ନ ହେବାପର୍ଯ୍ୟନ୍ତ ଓଡ଼ିଆଜାତିର ଉନ୍ନତି ଓ ଅଗ୍ରଗତି ସୁଦୂରପରାହତ ।

**ଓଡ଼ିଶା ଶାସନ**—୧୯୩୬ ଏପ୍ରିଲ ପହିଲାଠାରୁ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶର ଶାସନ ଆରମ୍ଭ ହେଲା । ମାନ୍ୟବର ସାର୍ ଜନ୍ ଅଷ୍ଟିନ୍ ହବାକ୍ କେ.ସି.ଏସ୍. ଆଇ., ଆଇ. ସି. ଏସ୍. ଏହି ପ୍ରଦେଶର ପ୍ରଥମ ଗଭର୍ଣ୍ଣର-ରୂପେ ନିଯୁକ୍ତ ହେଲେ । ସେ ପ୍ରଥମ ବର୍ଷ 'ପରାମର୍ଶ-ଦାତା ବର୍ଗ' ସାହାଯ୍ୟରେ ଶାସନକାର୍ଯ୍ୟ ପରିଚାଳନ କଲେ । ୧୯୩୭ ଏପ୍ରିଲ ପହିଲାରୁ ନୂତନ ଓଡ଼ିଶା-ଆସେମ୍ବ୍ଲି ଗଠିତ ହେଲା । ଏହାର ୬୦ ଜଣ ସଭ୍ୟଙ୍କ ମଧ୍ୟରୁ ୫୬ ଜଣ ନିର୍ବାଚିତ ସଭ୍ୟ ଓ ୪ଜଣ ମନୋନୀତ ସଭ୍ୟ । ଏହାର ଅଧିକାଂଶ (୩୭ ଜଣ) ସଭ୍ୟ କଂଗ୍ରେସ ଦଳଭୁକ୍ତ ଥିବାରୁ ଓଡ଼ିଶାର ଶାସନ କଂଗ୍ରେସ ମନ୍ତ୍ରୀମାନଙ୍କ ଦ୍ୱାରା ପରିଚାଳିତ ହେଉଥିଲା । ମାନ୍ୟବର ଶ୍ରୀ ବିଶ୍ୱନାଥ ଦାସ, ମାନ୍ୟବର ଶ୍ରୀ ନିତ୍ୟାନନ୍ଦ କାନୁନ୍‌ଗୋ ଓ ମାନ୍ୟବର ଶ୍ରୀ ବୋଧରାମ ଦୁବେଙ୍କ ଦ୍ୱାରା



ମାନ୍ୟବର ସାର୍ ଜନ୍
ଅଷ୍ଟିନ୍ ହବାକ୍

ଓଡ଼ିଶାର ମନ୍ତ୍ରୀସଭା ଗଠିତ ହୋଇଥିଲା । ମନ୍ତ୍ରୀ ସଭାକୁ ଶାସନକାର୍ଯ୍ୟରେ ସାହାଯ୍ୟ ଦେବାପାଇଁ ତିନି ଜଣ ପାର୍ଲାମେଣ୍ଟାରି ସେକ୍ରେଟେରୀ ଥିଲେ ।



ମାନ୍ୟବର ବିଶ୍ୱନାଥ ଦାସ

ଓଡ଼ିଶାରେ ନାନାପ୍ରଦେଶର ଅଞ୍ଚଳମାନ ରହିଥିବାରୁ ସମଗ୍ର ପ୍ରଦେଶରେ ଏପର୍ଯ୍ୟନ୍ତ ଏକ ପ୍ରକାର ଶାସନପ୍ରଣାଳୀ ପ୍ରଚଳିତ ହୋଇପାରି ନାହିଁ । ପ୍ରଦେଶରେ ଅନେକଗୁଡ଼ିଏ ଚିରସ୍ଥାୟୀ



ମାନ୍ୟବର ନିତ୍ୟାନନ୍ଦ କାନୁନ୍‌ଗୋ

ଜମିଦାରୀ, ଅନୁନ୍ନତ ମାଳଅଞ୍ଚଳ ଓ ହସ୍ତମୁଦ୍ରା ମାହାଲ ଥିବାରୁ ରାଜସ୍ୱ ବୃଦ୍ଧିର ଆଶା ନାହିଁ । ବାରମ୍ବାର ବନ୍ୟା ହେବାଦ୍ୱାରା ପୁରୀ, କଟକ, ବାଲେଶ୍ୱର ଜିଲ୍ଲା ଛାରଖାର ହୋଇଗଲଣି । କେନ୍ଦ୍ର ସରକାର ଓଡ଼ିଶାକୁ ଉପଯୁକ୍ତ ଭାବରେ ସାହାଯ୍ୟ କରୁନାହାନ୍ତି । ଏହି ସମସ୍ତ କାରଣରୁ ଓଡ଼ିଶାସରକାର ଦେଶହିତକର କାର୍ଯ୍ୟରେ ଆଶାନୁରୂପ ବ୍ୟୟ କରିପାରୁ ନାହାନ୍ତି । ତଥାପି ନୂତନ ପ୍ରଦେଶ ସୃଷ୍ଟିପରେ ଓଡ଼ିଆମାନଙ୍କ ମଧ୍ୟରେ ଅପୂର୍ବ ଜାଗରଣ ଆସିଛି ଓ ଓଡ଼ିଶା ସମଗ୍ର ଭାରତରେ ଗୋଟିଏ ବିଶିଷ୍ଟସ୍ଥାନ ଅଧିକାର କରିବାକୁ ସମର୍ଥ ହୋଇଛି । କଂଗ୍ରେସ ମନ୍ତ୍ରୀମାନେ ଇସ୍ତଫା ଦେବା ପରେ ବର୍ତ୍ତମାନ ମାନ୍ୟବର ଲାଟସାହେବ ପ୍ରଦେଶର ଶାସନ କାର୍ଯ୍ୟ ଚଳାଉଛନ୍ତି ।



ମାନ୍ୟବର ବୋଧରାମ ଦୁବେ

# ପରିଶିଷ୍ଟ

## ଭାରତର ଶାସନପ୍ରଣାଳୀ

ଭାରତର ନୂତନ ଶାସନପ୍ରଣାଳୀ ୧୯୩୫ ର 'ଭାରତ ଶାସନ ଅଇନ' ଦ୍ୱାରା ନିର୍ଦ୍ଧାରିତ ହୋଇଅଛି । ଭାରତରେ ରାଷ୍ଟ୍ରସଂଘ ପ୍ରତିଷ୍ଠା ଓ ପ୍ରଦେଶମାନଙ୍କ ସ୍ୱତନ୍ତ୍ରତା ପ୍ରଦାନପାଇଁ ଏହି ଅଇନ ପ୍ରଣୀତ ହୋଇଥିଲା । 'ପ୍ରାଦେଶିକସ୍ୱତନ୍ତ୍ରତା' ୧୯୩୭ ଏପ୍ରିଲ ପହିଲାଠାରୁ ପ୍ରବର୍ତ୍ତିତ ହେଲାଣି । କିନ୍ତୁ ରାଷ୍ଟ୍ରସଂଘ ଏପର୍ଯ୍ୟନ୍ତ ପ୍ରତିଷ୍ଠିତ ହୋଇ ନାହିଁ । ତେଣୁ ପ୍ରାଦେଶିକ ଶାସନପ୍ରଣାଳୀ ପରିବର୍ତ୍ତିତ ହେଲେ ସୁଦ୍ଧା କେନ୍ଦ୍ରଶାସନରେ କୌଣସି ପରିବର୍ତ୍ତନ ଘଟି ନାହିଁ । ତଥାପି କେନ୍ଦ୍ରରେ ରାଷ୍ଟ୍ରସଂଘ ପ୍ରତିଷ୍ଠାକରିବା ଇଂରେଜସରକାରଙ୍କ ଲକ୍ଷ୍ୟ ଥିବାରୁ ଏ ବିଷୟରେ ଆଲୋଚନା ଆବଶ୍ୟକ ।

**ରାଷ୍ଟ୍ରସଂଘ**—ଏହି ଅଇନ ଅନୁଯାୟୀ ସ୍ୱୟଂ ସମ୍ରାଟ୍ 'ସେକ୍ରେଟେରୀ ଅଫ୍ ଷ୍ଟେଟ୍' ବା ଭାରତସଚିବଙ୍କ ପରାମର୍ଶରେ ଭାରତର ଶାସନକାର୍ଯ୍ୟର ତତ୍ତ୍ୱାବଧାନ କରିବେ । ଭାରତସଚିବଙ୍କୁ ସାହାଯ୍ୟ ଦେବାପାଇଁ ଗୋଟିଏ 'ପରାମର୍ଶଦାତା ସଭା' ରହିବ ଓ ସେଥିରେ ୩ଜଣରୁ ୬ ଜଣ ପର୍ଯ୍ୟନ୍ତ ସଭ୍ୟ ରହିବେ । ସେ ଏହି ସଭାର ମତ ସର୍ବଦା ଗ୍ରହଣ କରିବାକୁ ବାଧ୍ୟ ନୁହନ୍ତି ।

ରାଷ୍ଟ୍ରସଂଘ ୧୧ଟି ଗଭର୍ଣ୍ଣର-ଶାସିତ ପ୍ରଦେଶ, ୬ଟି ଚିଫ୍ କମିସନର ଶାସିତ ପ୍ରଦେଶ ଓ ଭାରତୀୟ ଦେଶୀୟରାଜ୍ୟଗୁଡ଼ିକର ପ୍ରତିନିଧିମାନଙ୍କ ସମାବେଶରେ ଗଠିତ ହେବ । ଗଭର୍ଣ୍ଣର ଜେନେରାଲ ବା ବଡ଼ଲାଟ ସମ୍ରାଟଙ୍କ ପ୍ରତିନିଧିସ୍ୱରୂପ ଏଥିରେ ରହିବେ । ସେ ରାଷ୍ଟ୍ରସଂଘର ସଭ୍ୟମାନଙ୍କ ମଧ୍ୟରୁ ଖୁବ୍ ବେଶି ଦଶ ଜଣ ସଭ୍ୟଙ୍କୁ ମନ୍ତ୍ରୀରୂପେ ମନୋନୟନ କରିବେ । ମନ୍ତ୍ରୀସଭାର ସ୍ଥାୟିତ୍ୱ ବଡ଼ଲାଟଙ୍କ ଇଚ୍ଛା ଉପରେ ନିର୍ଭର

କରେ । ଅଳ୍ପ କେତେକ ବିଷୟରେ ବଡ଼ଲାଟ ମନ୍ତ୍ରୀସଭାର ପରାମର୍ଶରେ କାର୍ଯ୍ୟ କରିବେ । ଦେଶରେ ଶାନ୍ତି ଶୃଙ୍ଖଳା ରକ୍ଷା, କର୍ମଚାରୀ ଗୋଷ୍ଠୀ ଓ ସଂଖ୍ୟାନ୍ୟୂନ ସମ୍ପ୍ରଦାୟମାନଙ୍କର ସ୍ୱାର୍ଥରକ୍ଷା, ଆର୍ଥିକ ସ୍ୱଚ୍ଛଳତା ବିଧାନ, ଦେଶୀୟ ରାଜାମାନଙ୍କର ସ୍ୱାର୍ଥରକ୍ଷା ପ୍ରଭୃତି ବିଷୟରେ ବଡ଼ଲାଟଙ୍କର 'ବିଶେଷ କ୍ଷମତା' ବା 'Special responsibility' ରହିଛି । ଏସମସ୍ତ ବିଷୟରେ ସେ ମନ୍ତ୍ରୀସଭାର ପରାମର୍ଶ ଲୋଡ଼ିବେ । କିନ୍ତୁ ଏହି ପରାମର୍ଶ ଅନୁଯାୟୀ କାର୍ଯ୍ୟ କରିବାକୁ ସେ ବାଧ୍ୟ ନୁହନ୍ତି । ଦେଶରକ୍ଷା, ବୈଦେଶିକ ନୀତି ନିୟନ୍ତ୍ରଣ, ଧର୍ମ ବ୍ୟବସ୍ଥା, ଅଧମ ଜାତିମାନଙ୍କର ସ୍ୱାର୍ଥରକ୍ଷା ପ୍ରଭୃତି ବିଷୟରେ ବଡ଼ଲାଟଙ୍କର ପୂର୍ଣ୍ଣକର୍ତ୍ତୃତ୍ୱ ରହିଛି । ଏଗୁଡ଼ିକ 'ରକ୍ଷିତ ବିଭାଗ' ବା 'Reserved subjects' । ଏ ସମସ୍ତ ବିଷୟରେ ସେ ମନ୍ତ୍ରୀସଭାର ପରାମର୍ଶ ଆଦୌ ଲୋଡ଼ିବେ ନାହିଁ । ରକ୍ଷିତ ବିଭାଗ-ସକଳର ଶାସନକାର୍ଯ୍ୟରେ ତାଙ୍କୁ ସାହାଯ୍ୟ କରିବାପାଇଁ ତିନି ଜଣ ପରାମର୍ଶଦାତା ରହିବେ । ସେମାନେ ରାଷ୍ଟ୍ରସଙ୍ଘ ବ୍ୟବସ୍ଥାପକ ସଭାଦ୍ୱୟର ଆଲୋଚନାରେ ଯୋଗଦେଇ ପାରିବେ; କିନ୍ତୁ ଭୋଟ ଦେଇ ପାରିବେ ନାହିଁ । ରାଷ୍ଟ୍ରସଙ୍ଘ ଶାସନ ପଦ୍ଧତି ପ୍ରଚଳିତ ହେଲେ କେନ୍ଦ୍ରରେ ପୂର୍ବପରି ଦ୍ୱୈତ ଶାସନ ବା 'Diarchy' ଅକ୍ଷୁଣ୍ଣ ରହିବ । ବଡ଼ଲାଟଙ୍କ ହାତରେ ଦେଶର ପ୍ରକୃତ ଶାସନ କ୍ଷମତା ରହିବ ଓ ମନ୍ତ୍ରୀମାନେ କେବଳ ପରାମର୍ଶଦାତା ରୂପେ କାର୍ଯ୍ୟ କରିବେ ।

**ରାଷ୍ଟ୍ରସଙ୍ଘ ବ୍ୟବସ୍ଥାପକ ସଭା**—ରାଷ୍ଟ୍ରସଙ୍ଘରେ କାଉନ୍ସିଲ ଅଫ୍ ଷ୍ଟେଟ୍ ଓ ଫେଡେରାଲ ଆସେମ୍ବ୍ଲି ନାମକ ଦୁଇଟି ବ୍ୟବସ୍ଥାପକ ସଭା ରହିବ । ପ୍ରଥମଟି ଉପର ଓ ଦ୍ୱିତୀୟଟି ତଳ ବ୍ୟବସ୍ଥାପକ ସଭାରୂପେ କାର୍ଯ୍ୟ କରିବେ । କାଉନ୍ସିଲ ଅଫ୍ ଷ୍ଟେଟ୍ ବା ରାଷ୍ଟ୍ରସଭାରେ ୨୬୦ ଜଣ ସଭ୍ୟ ରହିବେ । ସେଥିରୁ ୧୫୦ ଜଣ ବିଭିନ୍ନ ପ୍ରଦେଶରୁ ନିର୍ବାଚିତ ହେବେ । ୬ ଜଣ ବଡ଼ଲାଟଙ୍କଦ୍ୱାରା ମନୋନୀତ ହେବେ ଓ ଅବଶିଷ୍ଟ

୧୦୪ ଜଣ ଗଡ଼ଜାତ ରାଜାମାନଙ୍କ ଦ୍ୱାରା ମନୋନୀତ ହେବେ । ଫେଡ଼େରାଲ୍ ଅସେମ୍ବ୍ଲି ୩୭୫ ଜଣ ସଭ୍ୟଙ୍କଦ୍ୱାରା ଗଠିତ ହେବ । ସେଥିରୁ ୨୫୦ ଜଣ ବ୍ରିଟିଶ ଭାରତର ବିଭିନ୍ନ ପ୍ରଦେଶରୁ ନିର୍ବାଚିତ ହେବେ । ଅବଶିଷ୍ଟ ୧୨୫ ଜଣ ଗଡ଼ଜାତ ରାଜାମାନଙ୍କଦ୍ୱାରା ମନୋନୀତ ହେବେ । ଏହି ସଭାର କାର୍ଯ୍ୟକାଳ ପାଞ୍ଚବର୍ଷ । ରାଷ୍ଟ୍ରସଭାର କାର୍ଯ୍ୟକାଳ ୯ ବର୍ଷ । ଏହାର ଏକ ତୃତୀୟାଂଶ ସଭ୍ୟ ପ୍ରତି ତିନବର୍ଷରେ ପଦତ୍ୟାଗ କରିବେ ଓ ସେମାନଙ୍କର ସ୍ଥାନଗୁଡ଼ିକ ନୂତନ ସଭ୍ୟମାନଙ୍କଦ୍ୱାରା ପୂର୍ଣ୍ଣ ହେବ ।

କୌଣସି ବିଲ (Bill) ଆଇନ (Act) ହେବା ପୂର୍ବରୁ ଉଭୟ ସଭାରେ ଗୃହୀତ ହେବ । ତତ୍‌ପରେ ଏହା ବଡ଼ଲାଟଙ୍କ ହାତକୁ ଯିବ । ସେ ଉପଯୁକ୍ତ ବିବେଚନା କଲେ ଏଥିରେ ସମ୍ମତି ପ୍ରଦାନ କରି ପାରନ୍ତି, ଏହାକୁ ଖାରଜ କରି ପାରନ୍ତି; ନିଜର ଅଭିମତ ସହ ଏହାକୁ ଉଭୟ ସଭାରେ ପୁନର୍ବିଚାରପାଇଁ ଫେରାଇ ପାରନ୍ତି କିମ୍ବା ସମ୍ରାଟଙ୍କ ବିଚାରପାଇଁ ପଠାଇ ପାରନ୍ତି । ବଡ଼ଲାଟଙ୍କ ସମ୍ମତି ବିନା କୌଣସି ବିଲ ଉଭୟ ସଭାରେ ଗୃହୀତ ହୋଇଥିଲେ ମଧ୍ୟ ଆଇନ (Act) ରୂପେ ପରିଣତ ହୋଇ ପାରିବ ନାହିଁ । କେନ୍ଦ୍ର ସରକାରଙ୍କ ବଜେଟର ୭୫ ଭାଗ ବ୍ୟୟ ଉପରେ ଉଭୟ ସଭାର କୌଣସି ଅଧିକାର ରହିବ ନାହିଁ; ଅର୍ଥାତ୍ ବଡ଼ଲାଟଙ୍କଦ୍ୱାରା ନିର୍ଦ୍ଧାରିତ ବ୍ୟୟ ହାରକୁ ଉଭୟ ସଭାର ସଭ୍ୟମାନେ ଭୋଟବଳରେ ବଦଳାଇ ପାରିବେ ନାହିଁ । ବାକୀ ଏକଚତୁର୍ଥାଂଶ ବ୍ୟୟ ଉପରେ ଉଭୟ ସଭା ଭୋଟଦେଇ ପାରିବେ । ସଙ୍କଟ ସମୟରେ ବଡ଼ଲାଟ ଅର୍ଡ଼ିନାନ୍ସ ବା ଅସ୍ଥାୟୀ ଆଇନମାନ ପ୍ରଚଳନ କରି ପାରିବେ । ଆବଶ୍ୟକ ହେଲେ ସେ ନିଜ ଦାୟିତ୍ୱରେ ସ୍ଥାୟୀ ଆଇନ (Permaneut Act) ମଧ୍ୟ ପ୍ରଚଳନ କରି ପାରନ୍ତି ।

**କେନ୍ଦ୍ର ଓ ପ୍ରଦେଶମାନଙ୍କ ମଧ୍ୟରେ କ୍ଷମତା ବଣ୍ଟନ**—ଯେଉଁ ସମସ୍ତ ବିଭାଗରେ ସମସ୍ତ ଭାରତର ସ୍ୱାର୍ଥଜଡ଼ିତ ଅଛି ସେ ସମସ୍ତ ବିଭାଗର ଶାସନଭାର କେନ୍ଦ୍ରସରକାର ହସ୍ତରେ ନ୍ୟସ୍ତ ହେବ । ନୌ ବିଭାଗ, ସୈନ୍ୟ ବିଭାଗ, ବ୍ୟୋମ ସେନା, ବୈଦେଶିକ ନୀତି ଓ ମୁଦ୍ରାନୀତି; ରେଲ, ଡାକ ଓ ତାର ବିଭାଗ; ଶୁଳ୍କ ବିଭାଗ, ଆୟକର, ଜନସୁମାରି ପ୍ରଭୃତିର ନିୟନ୍ତ୍ରଣ ଓ ପରିଚାଳନ କେନ୍ଦ୍ର ସରକାର କରିବେ । ପ୍ରାଦେଶିକ ସରକାରମାନେ ନିଜ ନିଜ ପ୍ରଦେଶରେ ଶାନ୍ତି ଶୃଙ୍ଖଳା ରକ୍ଷାପାଇଁ ଦାୟୀ ରହିବେ । ପୁଲିସ, ଜେଲ, ସ୍ୱାୟତ୍ତଶାସନ, ଶିକ୍ଷା, ଭୂରାଜସ୍ୱ, ଷ୍ଟାମ୍ପକର, ସାଧାରଣ ସ୍ୱାସ୍ଥ୍ୟ, ପୂର୍ତ୍ତି, ଅବକାରୀ ପ୍ରଭୃତି ବିଭାଗମାନ ପ୍ରାଦେଶିକ ସରକାର ପରିଚାଳନ କରିବେ । କେନ୍ଦ୍ର ସରକାରଙ୍କ ପରି ପ୍ରାଦେଶିକ ସରକାରମାନେ ମଧ୍ୟ କେତେକ ନୂତନ କର ଧାର୍ଯ୍ୟ କରି ପାରିବେ । ଫୌଜଦାରୀ ଆଇନ ଓ ବିବାହ ପ୍ରଭୃତି ଆଉ କେତେକ ବିଷୟ ସମ୍ବନ୍ଧରେ କେନ୍ଦ୍ର ତଥା ପ୍ରାଦେଶିକ ସରକାର-ମାନଙ୍କର ଆଇନ କରିବାର କ୍ଷମତା ରହିଲା ।

୧୯୩୭ ନଭେମ୍ବର ମାସରେ ଫେଡେରାଲ କୋର୍ଟ ବା ରାଷ୍ଟ୍ରସଂଘ ଅଦାଲତ ପ୍ରତିଷ୍ଠିତ ହେଲା । ସେଥିରେ ଜଣେ ପ୍ରଧାନ ବିଚାରପତି ଓ ଦୁଇଜଣ ସହକାରୀ ବିଚାରପତି ଅଛନ୍ତି । ଏହା କେନ୍ଦ୍ର ସରକାର ଓ ପ୍ରଦେଶ ମଧ୍ୟରେ, ପ୍ରଦେଶ ଓ ଗଡ଼ଜାତ ମଧ୍ୟରେ ଚାଲିଥିବା ବିବାଦ ନିଷ୍ପତ୍ତି କରିବ । ପ୍ରାଦେଶିକ ହାଇକୋର୍ଟ ବିରୁଦ୍ଧରେ ଅପିଲ ମଧ୍ୟ ଏଠାରେ ବିଚାର ହେବ ।

**ପ୍ରାଦେଶିକ ସ୍ୱତନ୍ତ୍ରତା**—୧୯୩୫ ଖ୍ରୀଷ୍ଟାବ୍ଦର ଭାରତ ଶାସନ ଆଇନ ଅନୁଯାୟୀ ଆସାମ, ବଙ୍ଗ, ବିହାର, ଓଡ଼ିଶା, ଯୁକ୍ତପ୍ରଦେଶ, ପଞ୍ଜାବ, ସୀମାନ୍ତପ୍ରଦେଶ, ସିନ୍ଧୁ, ମଧ୍ୟପ୍ରଦେଶ, ବମ୍ବେ ଓ ମାନ୍ଦ୍ରାଜ ଏହି

ଏଗାରଟି ପ୍ରଦେଶ ପ୍ରାଦେଶିକ ସ୍ୱତନ୍ତ୍ରତା ପାଇଛନ୍ତି । ବ୍ରହ୍ମଦେଶ ଭାରତ-ଠାରୁ ବିଚ୍ଛିନ୍ନ ହୋଇଅଛି । ପୂର୍ବୋକ୍ତ ଏଗାରଟି ପ୍ରଦେଶରେ ସମ୍ରାଟଙ୍କ ପ୍ରତିନିଧି ସ୍ୱରୂପ ଜଣେ ଜଣେ ଗଭର୍ଣ୍ଣର ଅଛନ୍ତି । ଏଥିମଧ୍ୟରୁ ବମ୍ବେ, ବଙ୍ଗଳା, ମାନ୍ଦ୍ରାଜ, ଯୁକ୍ତପ୍ରଦେଶ, ବିହାର ଓ ଆସାମରେ ତଳ ଉପର ଦୁଇଟି ବ୍ୟବସ୍ଥାପକସଭା (Assembly ଓ Council) ରହିଛି । ଅନ୍ୟ ୫ଟି ପ୍ରଦେଶରେ ଗୋଟିଏ ଲେଖାଏଁ ବ୍ୟବସ୍ଥାପକ ସଭା (Assembly) ଅଛି । ପୂର୍ବପରି ଗଭର୍ଣ୍ଣରମାନଙ୍କର 'କାର୍ଯ୍ୟକାରଣୀ ସଭା' (Executive Council) ଆଉ ରହିଲା ନାହିଁ । ପ୍ରତ୍ୟେକ ପ୍ରାଦେଶିକ ଅସେମ୍ବ୍ଲି ନିର୍ବାଚିତ ସଭ୍ୟମାନଙ୍କ ଦ୍ୱାରା ଗଠିତ ହୋଇଛି । କେବଳ ଓଡ଼ିଶା ଅସେମ୍ବ୍ଲିକୁ ମାନ୍ୟବର ଲାଟ ଏଜେନ୍‌ସି ଅଞ୍ଚଳରୁ ୪ଜଣ ସଭ୍ୟ ମନୋନୀତ କରୁଛନ୍ତି । ଅସେମ୍ବ୍ଲିର କାର୍ଯ୍ୟ କାଳ ୫ ବର୍ଷ । କିନ୍ତୁ ଲାଟ ଇଚ୍ଛା କଲେ ଯେ କୌଣସି ସମୟରେ ଏହାକୁ ଭାଙ୍ଗି ଦେଇ ପାରନ୍ତି । କାଉନ୍‌ସିଲର କାର୍ଯ୍ୟକାଳ ୯ ବର୍ଷ । ଏହାର ଏକତୃତୀୟାଂଶ ସଭ୍ୟ ପ୍ରତି ତିନିବର୍ଷରେ ପଦତ୍ୟାଗ କରିବେ ଓ ଏହି ଶୂନ୍ୟସ୍ଥାନଗୁଡ଼ିକ ନୂତନ ସଭ୍ୟମାନଙ୍କ ଦ୍ୱାରା ପୂର୍ଣ୍ଣ ହେବ । ଗଭର୍ଣ୍ଣର ଇଚ୍ଛାକଲେ ବ୍ୟବସ୍ଥାପକସଭା ( ବା ଉଭୟସଭା )ରେ ଗୃହୀତ ବିଲ୍‌ରେ ସମ୍ମତି ପ୍ରଦାନ କରିପାରନ୍ତି, ଏହାକୁ ଖାରଜ କରି ପାରନ୍ତି, ବଡ଼ଲାଟଙ୍କ ସମ୍ମତିପାଇଁ ପଠାଇ ପାରନ୍ତି ବା ନିଜର ଅଭିମତସହିତ ଲାଟସଭାରେ ପୁନର୍ବିଚାର ପାଇଁ ଫେରାଇଦେଇ ପାରନ୍ତି । ଗଭର୍ଣ୍ଣରଙ୍କ ସମ୍ମତିବିନା କୌଣସି ବିଲ୍ ଆଇନରେ ପରିଣତ ହୋଇପାରିବ ନାହିଁ । ଗଭର୍ଣ୍ଣରଙ୍କ ଅନୁମତିବିନା କୌଣସି ପ୍ରସ୍ତାବ ଅସେମ୍ବ୍ଲି ବା କାଉନ୍‌ସିଲରେ ଆଗତ ହୋଇ ପାରିବ ନାହିଁ । ଗଭର୍ଣ୍ଣର ଇଚ୍ଛା କଲେ ମନ୍ତ୍ରୀସଭାର ପରାମର୍ଶରେ ଅର୍ଡିନାନ୍‌ସ ବା ଅସ୍ଥାୟୀଆଇନ ଜାରି କରିପାରନ୍ତି । ଲାଟଙ୍କର ବଡ଼ଲାଟଙ୍କ ପରି ମଧ୍ୟ ସ୍ଥାୟୀ ଆଇନ କରିବାର ଅଧିକାର ଅଛି ।

ଲାଟସଭାରେ ଯେଉଁଦଳର ଅଧିକସଂଖ୍ୟକ ସଭ୍ୟ ଥାନ୍ତି ସେହି ଦଳର ନିର୍ବାଚିତନେତାଙ୍କ ସହିତ ପରାମର୍ଶ କରି ଗଭର୍ଣ୍ଣର ମନ୍ତ୍ରୀସଭା ଗଠନ କରନ୍ତି । ବିଭିନ୍ନପ୍ରଦେଶରେ ବିଭିନ୍ନସଂଖ୍ୟକ ମନ୍ତ୍ରୀ ଅଛନ୍ତି । ପ୍ରଦେଶର ସାଧାରଣ ଶାସନ ଭାର ମନ୍ତ୍ରୀସଭା ହସ୍ତରେ ନ୍ୟସ୍ତ ଅଛି । କିନ୍ତୁ ପ୍ରଦେଶରେ ଶାନ୍ତି ଓ ଶୃଙ୍ଖଳା ରକ୍ଷା, ସଂଖ୍ୟାନ୍ୟୂନ ସମ୍ପ୍ରଦାୟମାନଙ୍କର ସ୍ୱାର୍ଥରକ୍ଷା, ପରିତ୍ୟକ୍ତ ଓ ହସ୍ତମୁକ୍ତ ମହାଲମାନଙ୍କର ତତ୍ତ୍ୱାବଧାନ, ଗଡ଼ଜାତମାନଙ୍କର ସ୍ୱାର୍ଥରକ୍ଷା ପ୍ରଭୃତି ବିଷୟରେ ଲାଟଙ୍କର ସ୍ୱତନ୍ତ୍ର କ୍ଷମତା ଅଛି । ଲାଟ ଏ ସମସ୍ତ ବିଷୟରେ ମନ୍ତ୍ରୀସଭାର ପରାମର୍ଶ ଲୋଡ଼ି ପାରନ୍ତି, କିନ୍ତୁ ଏହାର ପରାମର୍ଶ ଗ୍ରହଣକରିବାକୁ ବାଧ୍ୟ ନୁହନ୍ତି । ମନ୍ତ୍ରୀମାନେ ନିଜ ନିଜର କାର୍ଯ୍ୟକଳାପ ଓ ଶାସନନୀତି ପାଇଁ ବ୍ୟବସ୍ଥାପକ ସଭାଠାରେ ଦାୟୀ । ଏହାର ଅଧିକାଂଶ ସଭ୍ୟ ମନ୍ତ୍ରୀସଭା ବା କୌଣସି ମନ୍ତ୍ରୀଙ୍କ ବିରୁଦ୍ଧରେ ଅବିଶ୍ୱାସ ପ୍ରସ୍ତାବ ଗ୍ରହଣ କଲେ ସେମାନେ ବା ସେ ଇସ୍ତଫା ଦେବାକୁ ବାଧ୍ୟ । ତାହା ପରେ ଲାଟ ନୂତନ ମନ୍ତ୍ରୀସଭା ଗଠନ କରିବେ ।

**ସାଧାରଣ ଶାସନ**—ପ୍ରତ୍ୟେକ ପ୍ରଦେଶ କେତୋଟି ଡିଭିଜନ୍ ବା ବିଭାଗ ଓ ପ୍ରତ୍ୟେକବିଭାଗ କେତେଗୁଡ଼ିଏ ଜିଲାରେ, ଏବଂ ପ୍ରତ୍ୟେକ ଜିଲା କେତେଗୁଡ଼ିଏ ସବ୍‌ଡିଭିଜନରେ ବିଭକ୍ତ । ପ୍ରତ୍ୟେକ ବିଭାଗ ଜଣେ ଲେଖାଏଁ କମିସନର, ପ୍ରତ୍ୟେକଜିଲା ଜଣେ ଲେଖାଏଁ ମାଜିଷ୍ଟ୍ରେଟ ଓ କଲେକ୍ଟର ଏବଂ ପ୍ରତ୍ୟେକ ସବ୍‌ଡିଭିଜନ ଜଣେ ଲେଖାଏଁ ସବ୍‌ଡିଭିଜନାଲ ଅଫିସରଙ୍କ ଦ୍ୱାରା ଶାସିତ ହୁଏ । ମାଜିଷ୍ଟ୍ରେଟ ଜିଲାର ରାଜସ୍ୱ ଆଦାୟ, ଶାନ୍ତି ଶୃଙ୍ଖଳା ଓ ଲୋକମାନଙ୍କର ଅବସ୍ଥା ପାଇଁ ଦାୟୀ । ତାଙ୍କୁ ଶାସନକାର୍ଯ୍ୟରେ ସାହାଯ୍ୟ ଦେବାପାଇଁ ପ୍ରତିଜିଲାରେ କେତେକ ଡେପୁଟୀ ମାଜିଷ୍ଟ୍ରେଟ ଓ ସବ୍‌ଡେପୁଟୀ ମାଜିଷ୍ଟ୍ରେଟ ଥାନ୍ତି । ତାଙ୍କ ବ୍ୟତୀତ ପ୍ରତ୍ୟେକ ଜିଲାର ରାଜଧାନୀରେ ଜଣେ ଜଣେ ପୁଲିସ୍‌ସୁପରିଣ୍ଟେଣ୍ଡେଣ୍ଟ,

ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ, ସିଭିଲସର୍ଜନ, ଶିକ୍ଷାବିଭାଗୀୟ ଜିଲ୍ଲା ଇନ୍‌ସ-ପେକ୍ଟର ଥାନ୍ତି । ସେମାନଙ୍କ ଅଧୀନରେ ପ୍ରତ୍ୟେକ ବିଭାଗର ନିମ୍ନ କର୍ମଚାରୀମାନେ କାର୍ଯ୍ୟ କରନ୍ତି ।

ବିଚାରବିଭାଗରେ ସର୍ବଶ୍ରେଷ୍ଠ କ୍ଷମତା ବିଲାତର ପ୍ରିଭି କାଉନ୍‌ସିଲର ଜୁଡିସିୟାଲ କମିଟି ହସ୍ତରେ ନ୍ୟସ୍ତ ଅଛି । ୧୯୩୭ ରେ ସମଗ୍ରଭାରତର ବିଚାରବିଭାଗର କେନ୍ଦ୍ରସ୍ୱରୂପ ଦିଲ୍ଲୀରେ ଫେଡେରାଲ ଅଦାଲତ ପ୍ରତିଷ୍ଠିତ ହୋଇଛି । ଏହା ତଳକୁ କଲିକତା, ମାନ୍ଦ୍ରାଜ, ବମ୍ବେ, ଏଲାହାବାଦ, ପାଟଣା, ଲାହୋର, ନାଗପୁର ପ୍ରଭୃତିରେ ଗୋଟିଏ ଲେଖାଏଁ ହାଇକୋର୍ଟ, ଲକ୍ଷ୍ନୌରେ ଗୋଟିଏ ଚିଫ୍ କୋର୍ଟ ଏବଂ ସିନ୍ଧୁ ଓ ସୀମାନ୍ତପ୍ରଦେଶରେ ଗୋଟିଏ ଲେଖାଏଁ ଜୁଡିସିୟାଲ କମିସନର କୋର୍ଟ ରହିଛି । ଓଡ଼ିଶା ପାଟଣା ହାଇକୋର୍ଟ ଅଧୀନରେ ଏବଂ ଆସାମ କଲିକତା ହାଇକୋର୍ଟ ଅଧୀନରେ ରହିଛି । ହାଇକୋର୍ଟ ପ୍ରଦେଶର ଶେଷ ବିଚାରାଳୟ । ହାଇକୋର୍ଟ ଅଧୀନରେ ତିନିପ୍ରକାର ବିଚାରାଳୟ ଅଛି—ଯଥା, ଜିଲ୍ଲା ଜଜ୍‌ଙ୍କ କୋର୍ଟ, ସବ୍‌ଜଜଙ୍କ କୋର୍ଟ ଓ ମୁନସିଫଙ୍କ କୋର୍ଟ । ଏହାଛଡ଼ା ପ୍ରଥମଶ୍ରେଣୀ, ଦ୍ୱିତୀୟଶ୍ରେଣୀ ଓ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟମାନେ ମକଦ୍ଦମାମାନ ବିଚାର କରନ୍ତି । ଉପରୋକ୍ତ ତଳ କୋର୍ଟମାନଙ୍କ ବିରୁଦ୍ଧରେ ଅପିଲ ହାଇକୋର୍ଟରେ ଶୁଣାଯାଏ ।

ପ୍ରଦେଶରେ ଅବକାରୀ, ପୂର୍ତ୍ତ, ଜଙ୍ଗଲ, ଶିକ୍ଷା, ସ୍ୱାସ୍ଥ୍ୟ, ଜେଲ, ବାଣିଜ୍ୟ, କୃଷି, ପଶୁଚିକିତ୍ସା ପ୍ରଭୃତି ଅନ୍ୟାନ୍ୟ ବିଭାଗ ବିଭାଗୀୟ କର୍ତ୍ତା ଓ ଶ୍ରେଣୀ ନିବଦ୍ଧ ଅଧସ୍ତନ କର୍ମଚାରୀମାନଙ୍କ ଦ୍ୱାରା ପରିଚାଳିତ ହୁଏ ।

**ସ୍ୱାୟତ୍ତ ଶାସନ**—ବିଭିନ୍ନପ୍ରଦେଶରେ ବିଭିନ୍ନପ୍ରକାର ସ୍ୱାୟତ୍ତ ଶାସନପ୍ରଣାଳୀ ପ୍ରଚଳିତ ଅଛି । ସାଧାରଣତଃ ପ୍ରଦେଶର ସ୍ୱାୟତ୍ତଶାସନ ଇଉନିୟନ ବୋର୍ଡ, ଜିଲ୍ଲାବୋର୍ଡ, ମ୍ୟୁନିସିପାଲିଟି ପ୍ରଭୃତି ଦ୍ୱାରା ପରି-

ଗୃହୀତ ହୁଏ । ପାଞ୍ଚ ସାତଟି ଗ୍ରାମର ନିର୍ବାଚିତ ସଭ୍ୟ ଓ ଜିଲ୍ଲାବୋର୍ଡ଼ ଦ୍ୱାରା ମନୋନୀତ ସଭ୍ୟମାନଙ୍କୁ ନେଇ ଇଉନିୟନ ବୋର୍ଡ଼ ଗଠିତ ହୁଏ । ଏହା ଇଉନିୟନର ସ୍ୱାସ୍ଥ୍ୟ, ରାସ୍ତା, ଘାଟ, ଶିକ୍ଷା ପ୍ରଭୃତିର ତତ୍ତ୍ୱାବଧାନ କରେ । ସେହିପରି ପ୍ରତ୍ୟେକ ସବ୍‌ଡିଭିଜନରେ ଗୋଟିଏ ଲେଖାଏଁ ଲୋକାଲବୋର୍ଡ଼ ଓ ପ୍ରତ୍ୟେକ ତାଲୁକରେ ଗୋଟିଏ ଗୋଟିଏ ତାଲୁକ ବୋର୍ଡ଼ ଥାଏ ।

ଜିଲ୍ଲାବୋର୍ଡ଼ ଜିଲ୍ଲାର ଭିତ୍ତି ଥିବାରୁ ନିର୍ବାଚିତ ସଭ୍ୟ ଓ ସରକାରଙ୍କଦ୍ୱାରା ମନୋନୀତ ସଭ୍ୟମାନଙ୍କୁ ନେଇ ଗଠିତ ହୁଏ । ପଥକର, କାଞ୍ଜିଅହୋଦା (Pound) ଓ ଘାଟର ନିଲାମ ଟଙ୍କା ଓ ପ୍ରାଦେଶିକ ସରକାରଙ୍କ ଗ୍ରାଣ୍ଟ ଏହାର ଆୟର ପ୍ରଧାନପନ୍ଥା । ଜିଲ୍ଲାବୋର୍ଡ଼ ଜିଲ୍ଲାର ରାସ୍ତା, ଘାଟ, ପୋଲ, ଡାକ୍ତରଖାନା, ପ୍ରାଇମେରୀ, ମାଇନର ସ୍କୁଲର (ଗଞ୍ଜାମ ଅଞ୍ଚଳରେ ହାଇସ୍କୁଲ) ତତ୍ତ୍ୱାବଧାନ କରେ । ପ୍ରତ୍ୟେକ ବଡ଼ସହରରେ ଗୋଟିଏ ଗୋଟିଏ ମ୍ୟୁନିସିପାଲିଟି ଅଛି । ଏହା ସହରର ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତା, ଘାଟ ଓ ଶିକ୍ଷାର ତତ୍ତ୍ୱାବଧାନ କରେ । କଲିକତା, ବମ୍ବେ, ମାନ୍ଦ୍ରାଜ, କରାଚି ପ୍ରଭୃତିରେ ଥିବା ମ୍ୟୁନିସିପାଲିଟିକୁ କର୍ପୋରେସନ କହନ୍ତି । ପ୍ରାଦେଶିକ ସରକାରମାନେ ଉପରୋକ୍ତ ଲୋକପ୍ରତିନିଧି ଅନୁଷ୍ଠାନମାନଙ୍କ ଉପରେ ବିଶେଷକର୍ତ୍ତୃତ୍ୱ ଜାରି କରନ୍ତି । ଏମାନଙ୍କ କାର୍ଯ୍ୟରେ ବିଶୃଙ୍ଖଳା ଦେଖାଗଲେ ସରକାର ଏଗୁଡ଼ିକ ଅସ୍ଥାୟୀଭାବରେ ଉଠାଇ ଦେଇ ନିଜହସ୍ତରେ ଶାସନକାର୍ଯ୍ୟ ପରିଚାଳନ କରନ୍ତି ।

---

## ଭାରତର ବର୍ତ୍ତମାନ ଅବସ୍ଥା

ଇଂରେଜରାଜତ୍ୱରେ ଭାରତର ଅବସ୍ଥା ସମ୍ପୂର୍ଣ୍ଣରୂପେ ପରିବର୍ତ୍ତିତ ହୋଇ ଯାଇଛି । ଏହାପୂର୍ବରୁ ଭାରତ ଅସଂଖ୍ୟ କ୍ଷୁଦ୍ର କ୍ଷୁଦ୍ର

ରାଜ୍ୟରେ ବିଭକ୍ତ ଥିଲା ଓ ସେମାନଙ୍କ ମଧ୍ୟରେ ସର୍ବଦା ବିବାଦ ଓ ଯୁଦ୍ଧ ଲାଗିଥିଲା । ସମଗ୍ରଭାରତରେ ଏକଛତ୍ର ଇଂରେଜଶାସନ ପ୍ରତିଷ୍ଠା ; ଏକପ୍ରକାର ଶାସନପ୍ରଣାଳୀ, ଆଇନକାନୁନ୍ ଓ ଶିକ୍ଷା ପ୍ରଣାଳୀର ପ୍ରଚଳନ ଏବଂ ତାର, ଡାକଘର, ରେଲପଥ, ରାସ୍ତା, ବେତାର ଯନ୍ତ୍ର (ରେଡ଼ିଓ), ସଂବାଦପତ୍ର ପ୍ରଭୃତି ଦ୍ୱାରା ବିଭିନ୍ନ ପ୍ରଦେଶ ମଧ୍ୟରେ ଭାବର ଆଦାନପ୍ରଦାନ ହେବାରୁ ଭାରତର ରାଜନୈତିକ ଏକୀକରଣ କ୍ରମଶଃ ସମ୍ଭବପର ହେଉଛି । ଇଂରେଜଶାସନ ପୂର୍ବରୁ ଭାରତର ଧର୍ମ ଓ ସଭ୍ୟତା ସମ୍ବନ୍ଧୀୟ ଏକତା ଥିଲେ ମଧ୍ୟ ରାଜନୈତିକ ଏକତାର ଅଭାବ ପରିଲକ୍ଷିତ ହେଉଥିଲା ।

ବହୁଶତାବ୍ଦୀର ଅତ୍ୟାଚାର ଉତ୍ପୀଡ଼ନ ଓ ପରାଧୀନତା ଫଳରେ ଭାରତୀୟ ଧର୍ମ ଓ ସମାଜ କାଳକ୍ରମେ କୁସଂସ୍କାରପୂର୍ଣ୍ଣ, ରକ୍ଷଣଶୀଳ ଓ ପତିତ ହୋଇ ପଡ଼ିଥିଲା । ପ୍ରଥମେ ଲର୍ଡ଼ ବେଣ୍ଟିକ୍ ଓ ଲର୍ଡ଼ ଡେଲହାଉସୀ ଆଇନବଳରେ ହିନ୍ଦୁସମାଜରୁ ବହୁ କୁସଂସ୍କାର ଦୂର କରିଥିଲେ । ଗତ ଏକଶତାବ୍ଦୀ ମଧ୍ୟରେ ବ୍ରାହ୍ମ ସମାଜ ପ୍ରତିଷ୍ଠାତା ରାଜା ରାମମୋହନ ରାୟ, ଆର୍ଯ୍ୟସମାଜ ପ୍ରତିଷ୍ଠାତା ସ୍ୱାମୀ ଦୟାନନ୍ଦ, ଶ୍ରୀ ରାମକୃଷ୍ଣ ପରମହଂସ, ସ୍ୱାମୀ ବିବେକାନନ୍ଦ, ସ୍ୱାମୀଶ୍ରଦ୍ଧାନନ୍ଦ, ମହାତ୍ମା ଗାନ୍ଧୀ ପ୍ରଭୃତି ଧର୍ମ ସଂସ୍କାରକମାନଙ୍କ ପ୍ରଗାଢ଼ପରିଶ୍ରମ ଯୋଗୁଁ ହିନ୍ଦୁ ଧର୍ମ କ୍ରମଶଃ ସଂସ୍କୃତ ଓ ମାର୍ଜିତ ହେଉଛି । ମହାତ୍ମା ଗାନ୍ଧୀଙ୍କ ହରିଜନ ଆନ୍ଦୋଳନ ଫଳରେ ଅସ୍ପୃଶ୍ୟତାରୂପ ମହାବ୍ୟାଧି ହିନ୍ଦୁସମାଜରୁ କ୍ରମଶଃ ଅପସାରିତ ହେଉଅଛି । ସାର୍ ସୟଦ୍ ଅହମଦ୍ ଓ ଗୋଲାମ ଅହମଦ କ୍ୱାଦାନୀ ପ୍ରଭୃତି ସଂସ୍କାରକମାନଙ୍କ ଦ୍ୱାରା ମୁସଲମାନ ଧର୍ମର ସଂସ୍କାର ସାଧିତ ହୋଇଛି । ବର୍ତ୍ତମାନ ହିନ୍ଦୁ,ମୁସଲମାନ, ଶିଖ୍, ଜୈନ, ଖ୍ରୀଷ୍ଟାନ ପ୍ରଭୃତି ଧର୍ମାବଲମ୍ବୀମାନେ ଅନ୍ଧଧର୍ମବିଶ୍ୱାସ ଓ କୁସଂସ୍କାରମାନ ପରିତ୍ୟାଗ କରି ବସ୍ତୁରସିଦ୍ଧ ପ୍ରତ୍ୟକ୍ଷ ବୈଜ୍ଞାନିକଜ୍ଞାନରେ କ୍ରମଶଃ ବିଶ୍ୱାସ ସ୍ଥାପନ କରୁଛନ୍ତି । ସ୍ତ୍ରୀମାନେ କ୍ରମଶଃ

ପରଦା ତ୍ୟାଗ ଓ ସ୍କୁଲ କଲେଜରେ ଶିକ୍ଷାଲାଭ କରି ରାଜନୀତିକ୍ଷେତ୍ରରେ ପ୍ରବେଶ କଲେଣି । ଆଜିକାଲି ସ୍ତ୍ରୀମାନେ ନାନା ଆନ୍ଦୋଳନର ନେତୃତ୍ୱ ଗ୍ରହଣ କଲେଣି ଓ ବିଭିନ୍ନ ଲୋକପ୍ରତିନିଧି ଅନୁଷ୍ଠାନମାନଙ୍କରେ ସଭ୍ୟ-ରୂପେ କାର୍ଯ୍ୟ କରୁଛନ୍ତି । ଶ୍ରୀମତୀ ବିଜୟ ଲକ୍ଷ୍ମୀ ପଣ୍ଡିତ ଯୁକ୍ତ ପ୍ରଦେଶର ମନ୍ତ୍ରୀ ହୋଇ ଦକ୍ଷତା ଓ ପ୍ରଶଂସାର ସହିତ କାର୍ଯ୍ୟ ଚଳାଉଥିଲେ ।

ପୂର୍ବେ ହିନ୍ଦୀ, ବଙ୍ଗଳା, ଓଡ଼ିଆ, ଉର୍ଦ୍ଦୁ, ଗୁଜରାଟୀ, ମରହଟ୍ଟୀ ପ୍ରଭୃତି ଭାରତର ପ୍ରାଦେଶିକ ସାହିତ୍ୟମାନ ମୁଖ୍ୟତଃ ଧର୍ମର ବେଷ୍ଟନୀ ମଧ୍ୟରେ ଆବଦ୍ଧ ଥିଲା । କିନ୍ତୁ ବର୍ତ୍ତମାନ ସେଗୁଡ଼ିକ ପାଶ୍ଚାତ୍ୟ ଶିକ୍ଷା ସଭ୍ୟତା ଓ ସାହିତ୍ୟଦ୍ୱାରା ପ୍ରଭାବିତ ହୋଇ ଅସାଧାରଣ ଉନ୍ନତି କରୁଛନ୍ତି । ଏ ଯୁଗର କୌଣସି ପ୍ରାଦେଶିକ ସାହିତ୍ୟ ଧର୍ମ ସମ୍ବନ୍ଧୀୟ ପୁସ୍ତକମାନଙ୍କର ସମଷ୍ଟି ନୁହେଁ । ଆଜିକାଲି ପ୍ରତ୍ୟେକ ଭାଷାରେ ଶତ ଶତ ଗଳ୍ପ, ଉପନ୍ୟାସ, ନାଟକ, କାବ୍ୟ, ବ୍ୟାକରଣ, ଇତିହାସ, ଭୂଗୋଳ, ବିଜ୍ଞାନ ପୁସ୍ତକ ରଚିତ ହେଲାଣି । ଶ୍ରୀଯୁକ୍ତ ରବୀନ୍ଦ୍ର ନାଥ ଠାକୁର ପୃଥିବୀର ଜଣେ ଶ୍ରେଷ୍ଠ ସାହିତ୍ୟିକ ରୂପେ ପରିଚିତ । ସାର୍ ଚନ୍ଦ୍ରଶେଖର ଭେଙ୍କଟ-ରମଣ, ସାର୍ ଜଗଦୀଶ୍ ଚନ୍ଦ୍ର ବସୁ ପୃଥିବୀର ଦୁଇଜଣ ଶ୍ରେଷ୍ଠ ବୈଜ୍ଞାନିକ ବୋଲି ପରିଗଣିତ ହୁଅନ୍ତି । ଶିକ୍ଷାକ୍ଷେତ୍ରରେ ପଣ୍ଡିତ ମଦନ ମୋହନ ମାଳବ୍ୟ ସମଗ୍ର ଜଗତରେ ଖ୍ୟାତି ଅର୍ଜ୍ଜନ କରିଛନ୍ତି ।

ଭାରତ ବର୍ତ୍ତମାନ ପୃଥିବୀର ବିଭିନ୍ନରାଜ୍ୟ ସହିତ ବହୁ ଜଳପଥ, ସ୍ଥଳପଥ ଓ ବ୍ୟୋମପଥଦ୍ୱାରା ସଂଯୁକ୍ତ ହୋଇଅଛି । ପୃଥିବୀର ବିଭିନ୍ନ ଜାତି ସହିତ ଭାରତର ବାଣିଜ୍ୟବ୍ୟବସାୟଗତ, ଶିକ୍ଷା, ସଭ୍ୟତା ସମ୍ବନ୍ଧୀୟ ଏବଂ ରାଜନୈତିକ ଓ ଅର୍ଥନୈତିକ ସମ୍ପର୍କ କ୍ରମଶଃ ସୁଦୃଢ଼ ହେଉଅଛି । ବର୍ତ୍ତମାନ ଭାରତର ଭାଗ୍ୟ ଅନ୍ୟାନ୍ୟଦେଶର ଭାଗ୍ୟ ସହିତ ଘନିଷ୍ଠ ଭାବରେ ଜଡ଼ିତ ।

ପାଶ୍ଚାତ୍ୟଶିକ୍ଷାର ପ୍ରସାର, ଭାରତର ଗୌରବମୟ ପ୍ରାଚୀନ ଇତିହାସର ଆଲୋଚନା, ଭାରତର ନାନାସ୍ଥାନରେ ପ୍ରତିଷ୍ଠିତ ଅସଂଖ୍ୟ ମୁଦ୍ରାଯନ୍ତ୍ର ଦ୍ୱାରା ପ୍ରକାଶିତ ଶତ ଶତ ମାସିକ, ସାପ୍ତାହିକ, ଦୈନିକ ପତ୍ରପତ୍ରିକା ଏବଂ ପୁସ୍ତକର ପାଠ ଓ ଆଲୋଚନା ଫଳରେ ବହୁଶତାବ୍ଦୀର ଅବସାଦ ଓ ସୁଷୁପ୍ତି ପରେ ଭାରତୀୟମାନଙ୍କ ମଧ୍ୟରେ ନବ ଜାଗରଣ ଆସିଅଛି । ଭାରତୀୟ ଶିକ୍ଷିତସମ୍ପ୍ରଦାୟ ଯୁକ୍ତରାଷ୍ଟ୍ରର ସ୍ୱାଧୀନତା, ଫରାସୀରାଷ୍ଟ୍ର ବିପ୍ଳବ, ଋଷିୟାର ସାମ୍ୟବାଦ, ଜର୍ମାନୀର ନାଜୀବାଦ, ଇଟାଲୀର ଫାସିଷ୍ଟ-ବାଦ ପ୍ରଭୃତି ନାନାବିଧ ଆନ୍ଦୋଳନ ସମ୍ବନ୍ଧରେ ବିଶେଷ ଜ୍ଞାନ ଲାଭ କରି ଦେଶରେ ପ୍ରଚାର କରିବା ଫଳରେ ଭାରତରେ ସ୍ୱାଧୀନଚିନ୍ତା ଓ ସାମ୍ୟଭାବ ପ୍ରସାର ଲାଭ କରୁଅଛି । ସ୍ୱାଧୀନତାଭାବର ପ୍ରସାର, ସ୍ୱାଧୀନ ଚିନ୍ତାର ବିକାଶ ଯୋଗୁଁ ଜନସାଧାରଣ ସକଳଶ୍ରେଣୀର ଲୋକେ ନିଜ ନିଜର ଶକ୍ତି ଓ ଅଧିକାର ବୁଝି ପାରିଲେଣି । କଂଗ୍ରେସର ଧାରାବାହିକ, ଶାନ୍ତିପୂର୍ଣ୍ଣ ପ୍ରଚାର ଓ ସଂଗଠନ ଫଳରେ ଶିକ୍ଷିତ ତଥା ଅଶିକ୍ଷିତ ଭାରତୀୟମାନଙ୍କ ମଧ୍ୟରେ ସ୍ୱାୟତ୍ତଶାସନ ଲିପ୍ସା କ୍ରମଶଃ ବଳବତ୍ତର ହୋଇଅଛି । ମହାତ୍ମା ଗାନ୍ଧୀ, ପଣ୍ଡିତ ଜହରଲାଲ ନେହରୁ ପ୍ରମୁଖ ପୃଥିବୀ ପ୍ରସିଦ୍ଧ ଦେଶପୂଜ୍ୟ ନେତାମାନଙ୍କର ଜୀବନବ୍ୟାପୀ ଅକ୍ଳାନ୍ତ ପରିଶ୍ରମ ଓ ଅଧ୍ୟବସାୟ ଫଳରେ ଭାରତରେ ଗଣଆନ୍ଦୋଳନ କ୍ରମଶଃ ପ୍ରବଳ ହୋଇଅଛି । ଭାରତ କ୍ରମଶଃ ରାଜନୈତିକ ମୁକ୍ତି ବା ସ୍ୱରାଜ୍ୟ ଲାଭ ଦିଗରେ ଅଗ୍ରସର ହୋଇଅଛି ।

———

*Printd by C. Misra B. A., at N. B. Press. Cuttack—1940*